ଅକ୍ଟୋବର ୨୦୧୮ • ୩୦ ଟଙ୍କା

# ଭୈରବୀ

ଆମ ମାଟିର ସ୍ୱର



## ସନକ୍ଷତ୍ର ସଂଖ୍ୟା



New Product
HDPE Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
HDPE Pipes
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443



କଦାଚିତ୍ କାଳିନ୍ଦୀ ତଟ ବିପିନ ସଙ୍ଗୀତ କରବୋ
ମୁଦାଭୀରୀ ନାରୀ ବଦନ କମଳାସାଦ ମଧୁପଃ
ରମା ଶମ୍ଭୁ ବ୍ରହ୍ମାମର ପତି ଗଣେଶାର୍ଚିତ ପଦୋ
ଜଗନ୍ନାଥ ସ୍ୱାମୀ ନୟନ ପଥ ଗାମୀ ଭବତୁ ମେ



# ରେବତୀ କାହିଁକି ?

ସୃଜନଶୀଳ ଲେଖକଟିଏ ହୋଇ ନଥିଲେ ମଧ୍ୟ ମୋ ଭିତରେ ସୃଜନ-ସତ୍ତାଟିଏ ବରାବର ରହିଆସିଛି । ମୋ ଡାଏରୀରେ ଅନେକ ଗଳ୍ପ ଓ କବିତା ଜୀବନ୍ନ୍ୟାସ ଅପେକ୍ଷାରେ ଅଛନ୍ତି । କିନ୍ତୁ ସେ ସବୁର ପ୍ରକାଶନ ଦିଗରେ କେବେ ଭାବିନାହିଁ । ଲେଖାଲେଖି ଯଦିଓ ମୋର ପ୍ରବୃତ୍ତି ନୁହେଁ, ତଥାପି ଲେଖକଙ୍କ ପ୍ରତି ମୋର ସର୍ବଦା ଏକ ସମ୍ଭ୍ରମବୋଧ ରହିଆସିଛି । ଏଇ ସମ୍ଭ୍ରମବୋଧରୁ ହୁଏତ ମୋ ମନରେ ଏକ ଇଚ୍ଛା ଦାନା ବାନ୍ଧିବା ଆରମ୍ଭ କରିଥିଲା ଅନେକ ବର୍ଷ ତଳୁ । ସେ ଇଚ୍ଛାଟି ହେଲା, ବାଲେଶ୍ୱରରୁ ଏକ ସୁନ୍ଦର ରୁଚିଶୀଳ ରାଜ୍ୟସ୍ତରୀୟ ପତ୍ରିକା ପ୍ରକାଶ କରିବି ଆଉ ତାର ନାଁ ରଖିବି: **ରେବତୀ** । କହିପାରନ୍ତି, 'ରେବତୀ' ନାମରେ ପତ୍ରିକାଟିଏ ଫକୀରମୋହନଙ୍କ ମାଟି ବାଲେଶ୍ୱରରୁ ପ୍ରକାଶ ପାଇବା ବିଧିର ବିଧାନ । ମୋ ସ୍ୱପ୍ନର ଏ 'ରେବତୀ' ଆପଣମାନଙ୍କ ହାତକୁ ଟେକିଦେବା ବେଳେ ମୋର ଗୋଟିଏ ମାତ୍ର ଅନୁରୋଧ: ଏହା ଆଉ ମୋର ହୋଇ ରହିବ ନାହିଁ । ଏହା ଆପଣମାନଙ୍କର ପତ୍ରିକା ହେବ । ଆପଣମାନେ ହେବେ ଏହାର ହର୍ତ୍ତା-କର୍ତ୍ତା-ବିଧାତା । ସୁନ୍ଦର ପାଠକ-ସମାଜଟିଏ ଗଢ଼ି ତୋଳି ପାରିଲେ 'ରେବତୀ'ର ସଂସ୍ଥାପିକା ଭାବରେ ମୁଁ ଆତ୍ମସନ୍ତୋଷ ଲଭିବି ପ୍ରଥମେ ଆଉ ଆପଣମାନେ ହେବେ ସେ ଆତ୍ମ-ସନ୍ତୋଷର ଆଲୋକଛିଟା ।

ଜୀବନ ଓ ସାହିତ୍ୟ ଓତପ୍ରୋତ ଭାବେ ଜଡ଼ିତ । ଏ ପତ୍ରିକାରେ ତେଣୁ ରହିବ ଜୀବନର ନିଛକ କାହାଣୀ ସହ ସୃଜନ-ଧାରାର ଗାଥା । ଏସବୁକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଆପଣମାନଙ୍କର ଅତି ଆଦରଣୀୟ କୃଷ୍ଣ କୁମାର ମହାନ୍ତିଙ୍କୁ ମୁଁ ଦାୟିତ୍ୱ ନ୍ୟସ୍ତ କରି ଆଶ୍ୱସ୍ତ ଯେ, ସେ ତାଙ୍କର ବିଗତ ତିନି ଦଶନ୍ଧିର ସମ୍ପାଦନ-ସୃଜନ-ଲିଖନର ଅଭିଜ୍ଞତାକୁ ପୁଞ୍ଜି କରି ଆପଣମାନଙ୍କୁ ଆପଣମାନେ ଚାହୁଁଥିବା ପ୍ରକାରେ ଏକ ଭିନ୍ନ ସ୍ୱାଦର ରୁଚିପୂର୍ଣ୍ଣ ପତ୍ରିକା ପରଷି ଦେଇ ପାରିବେ ।

ମୁଁ ସକାଳୁ ସନ୍ଧ୍ୟା ଯାଏଁ ଲୋକମାନଙ୍କ ସହିତ ଯୁଝୁଥାଏ । ସେମାନଙ୍କ ଦୁଃଖକଷ୍ଟରେ ନିଜକୁ ସାମିଲ୍ କରି ମୁଁ ମୋର ସମୟ ଅତିବାହିତ କରେ । ବାପାଙ୍କ ଠାରୁ ଶିଖିଛି ଲୋକସେବାର ମନ୍ତ୍ର- ସାନବେଳୁ । ମୋ ବାପା ଥିଲେ ହୃଦୟ ଖୋଲା ମଣିଷ । ଆମ ଘର ଥିଲା ଲୋକ-ଘର । ସୁତରାଂ ଜନସେବାରେ ସିଧାସଳଖ ଜଡ଼ିତ ମୁଁ । ଏହାସହିତ ପ୍ରତ୍ୟକ୍ଷ ବା ପରୋକ୍ଷ ରାଜନୀତିରେ ଥାଇ ଲୋକଙ୍କ କଥା ବୁଝିବା ମଧ୍ୟ ମୋ ପାଇଁ ଏକ ଗୁରୁଦାୟିତ୍ୱ । ବାଲେଶ୍ୱର ସାଂସଦ ଇଞ୍ଜିନିୟର ରବୀନ୍ଦ୍ର କୁମାର ଜେନାଙ୍କ ସହଧର୍ମିଣୀ ଭାବରେ ପୁନଶ୍ଚ ରହିଛି ମୋର କର୍ତ୍ତବ୍ୟ । ଏସବୁ ପରେ ଏ ପତ୍ରିକାର କଥା ବୁଝିବା ମୋ ପାଇଁ ଆଉ ଏକ ଗୁରୁଦାୟିତ୍ୱ । ତେବେ ମୁଁ ଖୁସି ଯେ, କେବଳ ଜଣେ ସୁଯୋଗ୍ୟ ବ୍ୟକ୍ତି ଭାବରେ ନୁହେଁ, ଏ ପରିବାରର ଜଣେ ସଦସ୍ୟ ଭାବରେ କୃଷ୍ଣ କୁମାର ମହାନ୍ତି ପତ୍ରିକାର ଏ ଦାୟିତ୍ୱକୁ ତୁଲାଇବାରେ ସମ୍ପୂର୍ଣ୍ଣ ସହଯୋଗ କରିବେ ।



ପ୍ରଥମ ସଂଖ୍ୟାଟି ଏବେ ଆପଣମାନଙ୍କ ହାତରେ । ଆପଣମାନେ ହିଁ ଶ୍ରେଷ୍ଠ ବିଚାରକ । ପରବର୍ତ୍ତୀ ସଂଖ୍ୟାମାନଙ୍କରେ ଆଉ କ'ଣ ସବୁ ଯୋଡ଼ି ହେବ, ତାହା ଆପଣମାନେ କହି ପାରିବେ । ଆପଣମାନଙ୍କୁ ମୋର ଶୁଭେଚ୍ଛା ଓ ନମସ୍କାର ।

ସମ୍ପାଦିକା

# ରେବତୀ ର ନିୟମାବଳୀ

ଆମ ମାଟିର ସ୍ୱର

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହେବ ।
- 'ରେବତୀ' ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ହେବ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ 'ରେବତୀ' ସେଇମାନଙ୍କର ହେବ, ସବୁବେଳେ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ଅନୁରୋଧ କରାଯିବା ସହ ସେ ସମ୍ପର୍କିତ ସୂଚନା ଜଣାଇ ଦିଆଯିବ । ତେବେ ନୂଆ ଲେଖକଙ୍କ ଭଲ ଲେଖାକୁ ସବୁବେଳେ ଗ୍ରହଣ କରାଯିବ ।
- ଅନୁବାଦକମାନେ ଯେକୌଣସି ଲେଖାକୁ ଓଡ଼ିଆରେ ଅନୁବାଦ କରି ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚରରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ର ଏକ 'ଦ୍ୱିଟ୍' ପୃଷ୍ଠା ରହିବ ପାଠକଙ୍କ ପାଇଁ । ଏଥିରେ 'ରେବତୀ'ର ମତାମତ ଅପେକ୍ଷା ଆମେ ଗୁରୁତ୍ୱ ଦେବୁ ଯେକୌଣସି ସାମାଜିକ ପ୍ରସଙ୍ଗ ଉପରେ ସମୀକ୍ଷାଧର୍ମୀ କ୍ଷୁଦ୍ର ଅଭିମତ ସମ୍ବଳିତ ପତ୍ରକୁ । ହଁ, ନୂଆ ପ୍ରସ୍ତାବ ବା ଭଲ ପରାମର୍ଶ ପାଇଁ 'ରେବତୀ'ର ଦର୍ଜା ସବୁବେଳେ ମୁକୁଳା ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନ ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ପରବର୍ତ୍ତୀ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯାଇ ପାରିବ ।


ସମ୍ପର୍କ : ସମ୍ପାଦିକା : 'ରେବତୀ', ରେବତୀ ମିଡିଆ ହାଉସ୍ ପ୍ରା. ଲିଃ., ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧

ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦

ଇ-ମେଲ୍ : rebati.rebati2018@gmail.com

RNI Title Code : ODIODI 07916

# ରେବତୀ
## ଆମ ମାଟିର ସ୍ୱର

# REBATI AMA MATIRA SWARA

*(a family feature monthly odia magazine on life & literature)*

ପ୍ରଥମ ବର୍ଷ : ପ୍ରଥମ ସଂଖ୍ୟା, ଅକ୍ଟୋବର, ୨୦୧୮ ■ Vol-1, Issue-1, October, 2018



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

■

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

■

ଅଳଂକରଣ ବିଭାଗ

- ଚିତ୍ରକଳା : ଡ. ରଂଜନ ମଲ୍ଲିକ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଫଟୋଗ୍ରାଫର : ତାପସ ରାଉତ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

■

ସମ୍ପାଦକୀୟ କାର୍ଯ୍ୟାଳୟ | **Editorial Office**

ସମ୍ପାଦିକା : ରେବତୀ | Editor : Rebati Ama Matira Swara

ଓ.ଟି. ରୋଡ୍, ବାଲେଶ୍ୱର | O.T. Road, Balasore

ପିନ୍- ୭୫୬୦୦୧ | Pin - 756001, Odisha

ଫୋନ୍ : ୯୪୩୭୦୮୦୦୦୩ | Phone : 9437080003


୭୦୦୮୮୪୫୯୨୦ | 7008845920

E-mail : rebati.rebati2018@gmail.com

## ସୂ ଚୀ ପ ତ୍ର

୧ମ ବର୍ଷ  ୧ମ ସଂଖ୍ୟା । ଅକ୍ଟୋବର ୨୦୧୮ ।

# ରେବତୀ
ଆମ ମାଟିର ସ୍ୱର






ଜୀବନ-ଜୀବିକା ୬୩
**ପାନର ମହକ**

ଏଇ ମୋର ଗାଁ ୬୭
**ପୋଷଲର ପରିଭାଷା**

ଶିକ୍ଷାୟତନ ୭୭
**ବ୍ୟାସସ୍ମୃତି ବ୍ୟାସବିହାର**





ପ୍ରସଙ୍ଗ ୨୭
**ଚୁଡ଼ିର ଚମକ**





ରୋଷେଇଶାଳ ୯୪
**ପଶ୍ଚିମଓଡ଼ିଶାର ଖାଦ୍ୟ**

ରୂପ-ରାଗ ୯୬
**ତ୍ୱଚା ପରିଚର୍ଯ୍ୟା**

ଛାୟାଚିତ୍ର ୧୦୨
**ଲୋଭନୀୟ ଲେସ୍ଲି**





| | | | |
|---|---|---|---|
| • **ସଂପାଦିକୀୟ** | ସମ୍ପର୍କହୀନତାର ବୈକଲ୍ୟ.... | ସୁବାସିନୀ ଜେନା | ୦୭ |
| • **ଘଟଣା ଚରିତ୍ର** | ବାଙ୍କିର ବାଦ୍‌ଶା | ଅଜୟ ସ୍ୱାଇଁ | ୦୯ |
| • **ମାନନୀୟେଷୁ** | ବଗିଚାର ନାଁ ତିନିକଣିଆ | ଦୁର୍ଗା ପ୍ରସାଦ ପଣ୍ଡା | ୧୪ |
| • **ସ୍ଥାନ-କାଳ-ପାତ୍ର** | ଜମ୍ବୁଲୋକ | ଭୀମ ପୃଷ୍ଟି | ୨୧ |
| • **କଥାକଣିକା** | ଏବଂ ପୁନଶ୍ଚ ଏକ... | ପଲ୍ଲବୀ ନାୟକ | ୨୬ |
| • **ପ୍ରସଙ୍ଗ** | ଚୁଡ଼ିର ଚମକ | ଶ୍ୱେତା ରାଉତ | ୨୭ |
| • **ପଛ-ଝର୍କା** | ରାଜନୀତିର ରେଖାଚିତ୍ର | ନେତାଜୀ ଅଭିନନ୍ଦନ | ୩୧ |
| • **କଥା-କାହାଣୀ -୧** | ସବୁ ଜହ୍ନରାତି ସରିଯାଏ | ସଂଯୁକ୍ତା ମହାନ୍ତି | ୩୭ |
| • **କଥା-କାହାଣୀ -୨** | ମୃତ୍ୟୁଯେବେ ନିକଟରେ | ଅଞ୍ଜନ ଚାନ୍ଦ | ୪୩ |
| • **ନଦନଦୀ** | ବୁଢ଼ାବଳଙ୍ଗର ଯାତ୍ରା | ରଞ୍ଜନ ପ୍ରଧାନ | ୪୭ |
| • **ଅନୁଶୀଳନ** | ମନୋଜ୍ଞୀୟ କଥାକୁହୁକ | ହରିଶ୍ଚନ୍ଦ୍ର ବେହେରା | ୫୧ |
| • **କବି-କବିତା -୧** | ପୂରବୀ କିଏ ? | ରଂଜନ କୁମାର ଦାସ | ୫୪ |
| • **କବି-କବିତା -୨** | ଏ ସ୍ତ୍ରୀଲୋକଟି କିଏ ? | ପ୍ରତୀକ୍ଷା ଜେନା | ୫୬ |
| • **ସମକାଳ କବିତା** | ନିୟମଗିରି | ଗିରିଜା କୁମାର ବଳୀୟାରସିଂହ | ୫୮ |
| | ଇତିହାସ ବାହାରର ଶବ | ପାରମିତା ଶତପଥୀ | ୬୦ |
| | ବାନର କିମ୍ବୀରିଣୀ କଥା | ସୁନୀଲ କୁ. ପୃଷ୍ଟି | ୬୧ |
| | ଆତ୍ମଘାତୀ | ନିଖିଳେଶ ମିଶ୍ର | ୬୧ |
| | ଦେଖିବ, ନିମିଷକରେ... | ଅପର୍ଣ୍ଣା ମହାନ୍ତି | ୬୨ |
| | କୁହ ଚକ୍ରଧର | ରଂଜନ ବାଗ | ୬୨ |
| | ନଷ୍ଟ ଭାଗ୍ୟ | ପ୍ରୀତିଲେଖା ଦାସ | ୬୨ |
| • **ଜୀବନ-ଜୀବିକା** | ପାନର ମହକ | କବିତା ପାତ୍ର | ୬୩ |
| • **ଏଇ ମୋର ଗାଁ** | ପୋଷଲର ପରିଭାଷା | ବନଜ ଦେବୀ | ୬୭ |
| • **ସ୍ମୃତିର ସ୍ମାରକୀ** | ବିଜୁଙ୍କ ବସାଘର | ପ୍ରଣତି ପରିଡ଼ା | ୭୨ |
| • **ଶିକ୍ଷାୟତନ** | ବ୍ୟାସସ୍ମୃତି ବ୍ୟାସବିହାର | କୁଞ୍ଜବିହାରୀ ଧଳ | ୭୭ |
| • **ସୁର-ସଂଗୀତ** | ବାରିପଦାର ବୁଦ୍ଧ | ମନୋଜ ଦଳବେହେରା | ୮୩ |
| • **ସ୍ୱାସ୍ଥ୍ୟ-ଚର୍ଚ୍ଚା** | ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା | ସରୋଜିନୀ ଷଡ଼ଙ୍ଗୀ | ୮୭ |
| • **ବାଡ଼ି-ବଗିଚା** | ଉପକାରୀ ପୋଟଳ | ଦେବଯାନୀ ଦାସ | ୯୧ |
| • **ରୋଷେଇଶାଳ** | ପଶ୍ଚିମଓଡ଼ିଶାର ଖାଦ୍ୟ | ରଞ୍ଜିତା ପଣ୍ଡା | ୯୪ |
| • **ରୂପ-ରାଗ** | ତ୍ୱଚା ପରିଚର୍ଯ୍ୟା | ପ୍ରତ୍ୟାଶା ପ୍ରିୟମ୍ବଦା | ୯୬ |
| • **ଝିଅର ଝରକାରେ** | ଅନ୍ତହୀନ ଅନ୍ତରା | ମୋହିତ ଚକ୍ରବର୍ତ୍ତୀ | ୯୮ |
| • **ଛାୟାଚିତ୍ର** | ଲୋଭନୀୟ ଲେସ୍‌ଲି | କୃଷ୍ଣ କୁ. ମହାନ୍ତି | ୧୦୨ |




ମଲାଟ ଫଟୋ : **ତାପସ ରାଉତ**
ମଲାଟ ମଡେଲ : **ମଧୁସ୍ମିତା (ମାମା ସାମଲ)**
ଉଚ୍ଚତା : **୫ ଫୁଟ୍ ୪ଇଞ୍ଚ**
ବୃତ୍ତି : **ଅଭିନୟ, ମଡେଲିଂ ଓ ଆଙ୍କରିଂ, 'ବଧୂ' ଓ 'ରାଣୀ'ର ଅଭିନେତ୍ରୀ**
କଷ୍ଟ୍ୟୁମ୍ : **ସୁସ୍ମିତା ପରିଡ଼ା**
ମେକ୍‌ଅପ୍ : **ମାମା ସାମଲ**


ସମ୍ପାଦିକା : **ସୁବାସିନୀ ଜେନା**
Editor : **Subasini Jena**

Published, Owned and edited by :
**Mrs. Subasini Jena**, Mansingh Bazar, Motiganj, Balasore, Pin : 756003, Odisha and Printed on behalf of **Rebati Media House Pvt. Ltd.**, Balasore at Print-Tech Offset Press, Bhubaneswar

ମୂଲ୍ୟ : **୩୦ ଟଙ୍କା ମାତ୍ର** Price : INR **30/-** Only

# ସମ୍ପର୍କହୀନତାର ବୈକଲ୍ୟ ଓ ସାମାଜିକ ସଂକଟ

ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇତିହାସର ସବୁଠାରୁ ବିପଜ୍ଜନକ ସମୟ ଦେଇ ଆମେ ଗତି କରୁଥିବା ବେଳେ ଆଜି ଜନଜୀବନର ସବୁ ପର୍ଯ୍ୟାୟରେ ଭୟଙ୍କର ଅବ୍ୟବସ୍ଥା ଓ ସଙ୍କଟ ମାନବଜାତିର ଅଧୋଗତିକୁ ପାଛୋଟି ଆଣୁଛି କହିବା ଯୁକ୍ତିସଙ୍ଗତ ହେବ । କ୍ଷୀପ୍ର ଜୀବନଚର୍ଯ୍ୟା ଓ ଆତ୍ମ-ବିଳାସ ମଣିଷକୁ ବେଶିରୁ ବେଶି ପତନ ଆଡ଼କୁ ଟାଣି ନେଉଛି । ଆଜିର ସମୟରେ ସକାଳଠୁ ରାତିଯାଏଁ ମଣିଷ ଦୌଡୁଛି- କିଛିନା କିଛି ପ୍ରାପ୍ତିର ଚାବିକାଠି ଧରି । ଘର ତୋଳାହୁଏ ପ୍ରାସାଦୋପମ । ଅଥଚ ସମୟ ସବୁ ବିତେ ବାହାର ପରିବେଶରେ, ପ୍ରଦୂଷିତ ବାତାବରଣରେ ! ଘରେ ରହେ କିଏ ? ପରିବାର କହିଲେ ବୁଝୁ ଆମେ କାହାକୁ ? ଏପରି ଏକ ସଙ୍କଟମୟ ସମୟ ଭିତରେ ସବୁଠି ଅବକ୍ଷୟ ଓ ଅସଙ୍ଗତି । ସମାଜ, ରାଜନୀତି, ଅର୍ଥନୀତି ଠାରୁ ସାହିତ୍ୟ, ସଂସ୍କୃତି ଓ କଳା- କେଉଁଠି ନାହିଁ ହିଂସା, ଛଳନା, ନଗ୍ନତା, ଅନ୍ୟାୟ ଓ ନିର୍ଯ୍ୟାତନା ! ଏକ ପକ୍ଷରେ କୁହାଯାଉଛି ଅହିଂସାର କଥା, ଅନ୍ୟ ପକ୍ଷରେ ଚାଲିଛି ହିଂସାର ତାଣ୍ଡବ । ଜନଜୀବନକୁ ଗାଟେ ପ୍ରକାର ଅଦ୍ଭୁତ ବିକୃତି ଓ ବିଭତ୍ସତା ଆବୋରି ବସିଛି । ସମାଜତନ୍ତ୍ରର ଅସ୍ତିତ୍ୱ ଆଉ ନାହିଁ । ଏ ସାମାଜିକ ଅଧଃପତନ ଆମକୁ ବ୍ୟଥିତ କରୁଥିଲେ ହେଁ ଆଜିର ସମାଜ ଓ ବ୍ୟକ୍ତିସମଷ୍ଟିଙ୍କୁ ବ୍ୟାଧିମୁକ୍ତ କରେଇବା ଏକ ସମୂହ କାର୍ଯ୍ୟ ହେତୁ, ଏ ଦିଗରେ ବିଶେଷ ଅଗ୍ରଗତି ହେଉନାହିଁ । ଏପରି ଏକ ବିବଶତା ଭିତରେ ଆମର ସାମାଜିକ ଜୀବନ ବିପନ୍ନ । ହେଲେ ଉତ୍ତର-ଦାୟିତ୍ୱ କାହାର- ଏ ଏକ ବଡ଼ ପ୍ରଶ୍ନବାଚୀ ।



**ପରିବାର ସର୍ଜନା**

ସମାଜର ମୂଳ ଉତ୍ସ ହେଉଛି ପରିବାର । ଉତ୍ତମ ପରିବାର ଗଠନ ଓ ସଶକ୍ତ ଏକ ପାରିବାରିକ ବନ୍ଧନର ବଳୟ ତିଆରି କରିବା ଦିଗରେ ଭାବିବାର ପ୍ରକୃଷ୍ଟ ସମୟ ଆସିଛି । ପରିବାରର ପ୍ରତ୍ୟେକ ସଦସ୍ୟ ସଦସ୍ୟା ଭିତରେ ଯେଉଁ ଭାବଗତ ଏବଂ ଗୋଷ୍ଠୀଗତ ସମ୍ପର୍କ ଥିଲା, ତାହା ଉଭାନ୍ ହୋଇଯାଇଛି । ସେସବୁକୁ ଫେରାଇ ଆଣିବାକୁ ହେବ । ପ୍ରତ୍ୟେକ ପରିବାରର ମୁଖ୍ୟ ମାଆ ଓ ବାପା, ପରୋକ୍ଷରେ ଏକ ସମାଜ ନିର୍ମାଣର ଭାଗିଦାରି ନିଭାଉଛନ୍ତି ବୋଲି ଜାଣିବା ଦରକାର । ଏକ ସୁନ୍ଦର ପରିବାର ଗଠନର ପରିକଳ୍ପନା କରନ୍ତୁ ।

**ସମ୍ପର୍କର କେତେ ରଙ୍ଗ**

ସମୟ ବଦଳୁଛି, ଭଲକଥା । କିନ୍ତୁ ଏଇ ପରିବର୍ତ୍ତନ ଆମ ପାରିବାରିକ ସମ୍ପର୍କରେ ଆଣିନଦେଉ ଦୂରତା । ମନେ ପକାନ୍ତୁ କିଛି ବର୍ଷ ତଳର ସମୟକୁ । ସଂଯୁକ୍ତ ଯୌଥ ପରିବାରର ବିଶାଳତା ଭିତରେ ବି ଗୋଟେ ଆପଣାପଣ ବିରାଜୁଥିଲା । ଧୀରେ ଧୀରେ ସଂଯୁକ୍ତ ପରିବାରର ମୂଳଦୁଆ ବଦଳିଗଲା । ଏକକ ପରିବାର ବା ମାଇକ୍ରୋ ପରିବାର ଗଠନ ହେଲା । ହେଲେ ସବୁ ସତ୍ତ୍ୱେ ସମ୍ପର୍କର ସେଇ ଗାଢ଼ ରଙ୍ଗ ଫିକା ପଡ଼ିଗଲା । ମଉଳିଗଲା ଆତ୍ମୀୟତା । ସରିଗଲା ସମ୍ପର୍କ । ସବୁଥିରେ ଦେଖାଦେଲା ସଙ୍କଟ ।

**ଗୋଟିଏ କାହାଣୀ**

ଗୋଟେ ଭିଡ଼ ବସ୍‌ରେ କଣ୍ଡକ୍ଟର ଗୋଟେ ମନିପର୍ସ ପାଇଲେ । ପର୍ସଟି କାହାର ଜାଣିବା ପାଇଁ ସେ ଯାତ୍ରୀମାନଙ୍କୁ ବଡ଼ପାଟିରେ ପଚାରିଲେ: କାହାର ମନିପର୍ସ ହଜିଛି କି ? ସହସା ଜଣେ ଆପାତତଃ ପ୍ରୌଢ଼ ବ୍ୟକ୍ତି କହିଲେ: ବାପା ସେଇଟି ମୋର । "ପର୍ସଟି ଆପଣଙ୍କର ବୋଲି ପ୍ରମାଣ ଦିଅନ୍ତୁ" କହିଲେ କଣ୍ଡକ୍ଟର । ସେଇଠୁ ପ୍ରୌଢ଼ ବ୍ୟକ୍ତି ଜଣକ କହିଲେ, "ମୋ ପର୍ସରେ କେତେ ଟଙ୍କା ଥିଲା ଠିକ୍‌ରେ ମନେନାହିଁ, କିନ୍ତୁ ମୋ ପ୍ରିୟ ଶ୍ରୀକୃଷ୍ଣଙ୍କ ଫଟୋଟି ଥିଲା, ଏହା ମୁଁ ଜୋର୍ ଦେଇ କହିପାରିବି । ସେଇଠୁ କଣ୍ଡକ୍ଟର କହିଲା, "ଶ୍ରୀକୃଷ୍ଣଙ୍କ ଫଟୋ ତ ଯେକୌଣସି ବ୍ୟକ୍ତିର ପର୍ସରେ ଥାଇପାରେ । ଏଥିଣୁ କେମିତି ପ୍ରମାଣିତ ହେବ, ଏ ପର୍ସ ଆପଣଙ୍କର ବୋଲି !" ପ୍ରୌଢ଼ବ୍ୟକ୍ତି ଜଣକ ହସିହସି କହିଲେ, "ମୁଁ ଯେବେ ବୁଝିଲି ସଞ୍ଚୟ କ'ଣ, ପଇସା କ'ଣ ସେତେବେଳେ ମୋ ବାପା ମୋତେ ଏହି ପର୍ସଟି ଉପହାର ଦେଇଥିଲେ ଶ୍ରୀକୃଷ୍ଣଙ୍କ ଫଟୋ ସହିତ । ସେତେବେଳେ ମାଆବାପା ହିଁ ମୋର ସବୁକିଛି ଥିଲେ । ଲାଗୁଥିଲା ଏମାନେ ମୋର ପୃଥିବୀ । ଏଥିପାଇଁ ମୁଁ ମାଆବାପାଙ୍କ ଫଟୋ ସେଇ ଶ୍ରୀକୃଷ୍ଣଙ୍କ ଫଟୋ ଉପରେ ରଖି ଦେଇଥିଲି । ଧିରେ ଧିରେ ବଡ଼ ହେଲି, ବହୁତ କିଛି ହାସଲ୍ କଲି । ମୋତେ ଅନୁଭବ ହେଲା, ମୁଁ ବଡ଼ ହୋଇଗଲିଣି । ଅତଏବ୍ ମୋ ଫଟୋ ବାପାମାଆଙ୍କ ଫଟୋ ଉପରେ ଲଗେଇଦେଲି । ତା'ପରେ କଲେଜ ଗଲି, ଚାକିରି ପାଇଲି । ତା'ପରେ ଜୀବନରେ ଜଣେ ଝିଅ ସହ ଦେଖାହେଲା, ପ୍ରେମ ହେଲା, ବିବାହ ବି ହେଲା । ମୋ ଜୀବନର ଅଂଶ ହୋଇଗଲା ସେ । ଏବେ ଆମ ଦୁହିଁଙ୍କ ଫଟୋ ଲଗେଇଲି ପର୍ସରେ । ତା'ପରେ ଆମ ଭିତରକୁ ପୁଅଟେ ଆସିଲା । ସେତେବେଳେ ମୋ ଦୁନିଆ ବଦଳି ସାରିଥିଲା । ତା'ପରେ ପୁଅର ଫଟୋ ରଖିଲି ମୋ ସ୍ତ୍ରୀଙ୍କ ଫଟୋ ସହିତ । ହେଲେ ଫଟୋ ରଖିବା ଜାଗାରେ ସ୍ପେଶ୍ କମ୍ ଥିଲା ତ ବାପାମାଆଙ୍କ ଫଟୋକୁ ପର୍ସରୁ ବାହାର କରିଦେଲି । କିନ୍ତୁ ହାୟ, ସତକୁ ସତ ବାପା ମାଆବି ଦୁନିଆରୁ ବିଦାୟ ନେଇ ଚାଲିଗଲେ । ତା'ପରେ ପତ୍ନୀ ବି ଚାଲିଗଲେ । ପୁଅର ଚାକିରି, ପରିବାର ଥିଲା । ତାକୁ ଘର ଛୋଟ ଲାଗୁଥିଲା । ତେଣୁ ସେ ବି ଅନ୍ୟତ୍ର ଚାଲିଗଲା ନିଜ ପରିବାର ସହ । ମନେଅଛି, ଦିନେ ସିଡ଼ିରୁ ଖସିପଡ଼ି ଆଘାତ ପାଇଥିଲି । ପୁଅକୁ କହିଥିଲି, "ମୋ ପାଖରେ ରହିବୁ କିଛିଦିନ ?" ପୁଅ କହିଥିଲା, "ବାପା, ବି ଷ୍ଟ୍ରଙ୍ଗ୍ । ଆପଣଙ୍କୁ ଆପଣଙ୍କ ଯତ୍ନ ନେବାକୁ ପଡ଼ିବ । ମୋର ବି ତ ପରିବାର ଅଛି । ସେମାନଙ୍କର ଦାୟିତ୍ୱ ତ ମୋତେ ନେବାକୁ ହେବ ।" ସେଦିନ ପୁଅର ଫଟୋ ପର୍ସରୁ ବାହାର କରି ଶ୍ରୀକୃଷ୍ଣଙ୍କ ଫଟୋ ରଖିଲି । ସେଇଦିନ ଅନୁଭବ ହୋଇଥିଲା ପ୍ରୌଢ଼ଙ୍କର ଯେ, ଦୁନିଆରେ ସବୁ ସମ୍ପର୍କ ସ୍ୱାର୍ଥକୁ ନେଇ ହୋଇଥାଏ ।


**ଶେଷକଥା**

ବସ୍ତୁବାଦୀ ବଣିକ ସଭ୍ୟତାର ବ୍ୟାଧିରୁ ନିଜକୁ ମୁକ୍ତ ରଖି ଆଜିର ମଣିଷ, ଆଦର୍ଶଗତ ଲେଖନୀର ମାର୍ଗକୁ ଆପଣେଇବାର ଏ ଯେଉଁ ଆହ୍ୱାନ ଆମ ସାମ୍ନାରେ, ଆସନ୍ତୁ ତାକୁ ଜୀବନଚର୍ଯ୍ୟାରେ ଧାରଣ କରି ମହାଭାରତୀୟତାର ଗାଥା ରଚିବା ।

ସମ୍ପାଦିକା


Supporting
Public Health Engineering
since, last 50 years
REDEFINING EXCELLENCE
50 YEARS
FOR OVER 50 YEARS
Ori-Plast®
LIFE LINES... NOT JUST PIPE LINES
PVC ASTM D1785
uPVC IS 4985
HDPE IS 4984
cPVC IS 15778
White Push Pipes ASTM D1785
Water Tank
SWR IS 13592
O.T. Road, Balasore - 756001, Phone : 06782 264551/52/53, Fax : 06782 262551, Email : sales@oriplast.com, Web : www.oriplast.com

# ବାଙ୍କିର ବାଦ୍‌ଶା



ବାଙ୍କିର ବାଦ୍‌ଶା ଦେବ୍ରାଜ୍ ଲେଙ୍କା

# ମହାନଈ ଓ ଦୟାନଈର ମଝାମଝି ଶୂନ୍ୟତା ବା ପୂର୍ଣ୍ଣତାକୁ ନେଇ...

**ନିଜ ମର୍ଜିର ମାଲିକ ସେ । ନବପ୍ରଭାତର ନବାବ୍ । ଓଡ଼ିଆ ଗଦ୍ୟ-ସାହିତ୍ୟ ତାଙ୍କୁ ଆଖ୍ୟାୟିତ କରେ ଶୈଳୀ-ସମ୍ରାଟ । ହଁ, ଶୈଳୀକୁ ଭାଙ୍ଗିରୁଜି ଚକ୍‌ମାଚୁର୍ କରି ପାରୁଥିବା ଜଣେ ମାତ୍ର ଓଡ଼ିଆ ଲେଖକ ସେ : ଦେବ୍ରାଜ୍ ଲେଙ୍କା । ନଈ ପରି ନିଜର । କୁଣ୍ଢେଇ ପକେଇବେ ଦେଖାହେଲେ କୋଉଠି ବି । ଭଲ ପାଇବାର ଭଲ ମଣିଷଟେ ସେ । ସୁନୁସୁନିଆ ଶାଗର ସବୁଜ ହୃଦୟଟେ ଧରି ଦୟାନଈ ଆରପଟୁ ଡାକ ଛାଡ଼ନ୍ତି ଆମକୁ, ହୋଇ ହୋ, କିଏ ଅଛ ଆସ, ଖାଇବ ଭଲ ପାଇବାର ଖୁଦପଖାଳ ! କିଏ ଶୁଣେ ତାଙ୍କ ଡାକ, କିଏ ବା ଆସେ ? ଆସନ୍ତୁ, ଶୁଣିବା ଅଜୟଙ୍କ ଅର୍କେଷ୍ଟ୍ରା, ଦେବ୍ରାଜ୍‌ଙ୍କ ଧୂନ୍‌ରେ ।**

## ନବ ପ୍ରଭାତର ନବାବ୍



**ଅଜୟ ସ୍ୱାଇଁ**

ଫଟୋ ସୌଜନ୍ୟ : ଲେଖକ ଓ ସରୋଜ ବଳ

ଓଡ଼ିଶାର ପ୍ରାୟ ସବୁ ନଈ ମହାନଦୀରୁ ବାହାରିଛନ୍ତି ।

କେତେ ନଈ, କିଏ ହିସାବ କରୁଛି ?

ମହାନଦୀ ଉପରେ ବହୁ ଗୀତ...ବହୁ କବିତା ଲେଖା ହେଇଛି ଓଡ଼ିଆରେ । ହେଲେ ଦୟାନଦୀ ଉପରେ ଏତେ ବେଶୀ ଲେଖା ହେଇନି । ଇତିହାସରେ ଗୋଟେ ଖ୍ରୀଷ୍ଟପୂର୍ବ ମସିହାରେ କାଳେ ଏ ନଈ, ରକ୍ତର ନଈରେ ପରିଣତ ହୋଇଥିଲା । ବାସ୍ । ସେତିକି । ସେଇ ରକ୍ତର ନଈ କୂଳେ କୂଳେ ସୁନୁସୁନିଆ ଶାଗ ତୋଳୁଥିବା ରାଜଜେମା, ତୁଠ ପଥରର ଶିଉଳିରେ ଗୋଡ଼ ଖସିଯିବା କଥା, ମୋ ଗପରେ, କବିତାରେ କିଛି କିଛି ଥାଇପାରେ ।

ତେଣେ ମହାନଦୀକୂଳ ପଠାରେ ଆଖୁ ଫୁଲ ଉଡ଼େଇବା ବେଳେ...

ମହାନଦୀରେ ଅକ୍ଷୟ ମହାନ୍ତିଙ୍କ ନଉକା ଭାସିଗଲା ବେଳେ...

ଜହ୍ନରାତିରେ ମହାନଦୀ କୂଳ ଘାଟରେ ଅଶରିରୀ ସାଧବ ପୁଅମାନେ, କଥାକୁହା ଶାରୀ ଓ ପାରଦ ରଙ୍ଗର ହୀରା ଧରି ଓହ୍ଲେଇବା ବେଳେ...

ନଈପଠାରେ ମଲା ଗୋରୁର ପଞ୍ଜରା ଭିତରେ ପଶି ଚମଡ଼ା ରେକେଟୁଥିବା ବୁଲା କୁକୁର ଭାଲୁଆ ଭୁକିବା ବେଳେ...ତାଙ୍କର ନିଦ ଭାଙ୍ଗେ । ଯାତ ମୁଣ୍ଡିଆ ଆଡୁ ଲକ୍ଷେ ଶୁଆ ଦେବୀଘାଟ ଆଡ଼େ ଉଡ଼ି ଆସିବା ବଳେ, ତାଙ୍କର ନିଦ ଭାଙ୍ଗେ ।

ଯେତିକି ନିଦ, ସେତିକି ସ୍ୱପ୍ନ । ସେତିକି କଳ୍ପନା । ସେତିକି ରୋମାଞ୍ଚ ।

ଯିଏ କହିଥିଲେ, ବିନା କଳ୍ପନାରେ, ବିନା ସ୍ୱପ୍ନରେ କେବଳ ଗୋଟେ ଜାତି ବା ସମାଜ ମରେନାହିଁ, ବରଂ ଗୋଟେ ସଭ୍ୟତା ମରିଥାଏ, ତାଙ୍କୁ ହଜାରେ ପ୍ରଣାମ ।

ନିଦ ଭାଙ୍ଗିବା ବେଳକୁ ବାଳକୃଷ୍ଣ ସାର୍‌ଙ୍କ ଗୀତ ପବନରେ : ବିତିଲା ତ ଯାମିନୀ ମଉଳିଲା କାମିନୀ ।

କାମିନୀ ଗୋଟେ ଫୁଲର ନାଁ ?

– ନା କାମିନୀ, ନାରୀ । ଯିଏ ରାତି ମଉଳିବା ଯାଏ ଅପେକ୍ଷା କରି କରି ଶେଷରେ ମଉଳି ଯାଏ । ମଲାଜହ୍ନ ପରି ?

ଯଦିଓ ବାଳକୃଷ୍ଣ ସାର୍ ଭାର୍ଗବୀ, ଦୟା କୂଳର ଗାଁ ଲୋକ । ଯଦିଓ ସାର୍‌ଙ୍କ ସହ ମୋର କାଁଭାଁ ଦେଖା ହେଉଛି । ଯଦିଓ କେବେ କେବେ ରବୀନ୍ଦ୍ର ମଣ୍ଡପରେ ସାର୍‌ଙ୍କ କଣ୍ଠରେ କଦାଚିତ୍ କାଳନ୍ଦୀ ତଟ ....ବିତନେ ସଙ୍ଗୀତ... ଶୁଣିଛି । ତେବେ ତାଙ୍କ ଠୁ ମୋର ଦୂରତା ଗୋଟେ ଆଲୋକବର୍ଷ କି ତା ଠୁ ବେଶୀ ।

ହେଲେ ସେ ତ ରହୁଥିଲେ କଟକରେ । ମସ୍ତରାମ ମଠ ପାଖେ ତାଙ୍କର ଏକ ମସ୍ତବଡ଼ କୋଠା । ସେଇ କୋଠାର ଛାତ ଉପରେ ସେ ଉଡ଼ଉଥିଲେ ଲଟକ୍‌ମାଣି ଗୁଡ଼ି । ଯେତେବେଳେ ରାସ୍ତାର ବତୀଖୁଣ୍ଟରେ ନିଷ୍ପ୍ରଭ କିରୋସିନୀ ବତୀ ଜଳୁଥିବ, ସେଇବେଳେ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ ଗୀତ ଶୁଭୁଥିବ ତାଙ୍କ ରେଡ଼ିଓରେ... ଆକାଶରେ ସପନର ଜୋଛନା ।

ସେତେବେଳକୁ ସେ ବାଳକୃଷ୍ଣ ସାର୍‌ଙ୍କ ଶିଷ୍ୟ ହୋଇ ଗଲେଣି । କ'ଣ ନା ଗୀତ ଶିଖିବେ ।

ହର୍‌ଫନ୍ ମୌଲାର ଜୀବନ ।

ସେଦିନର କଥାସବୁ ସେ ତାଙ୍କ ଗପକି ଉପନ୍ୟାସରେ କୋଉଠି ନା କୋଉଠି ଲେଖିଛନ୍ତି । ଯାତ ମୁଣ୍ଡିଆ, ପାଣ୍ଡବଖରା, ମହାନଦୀ ତ ସବୁବେଳେ ଅଛି ତାଙ୍କ ପାଖେ ପାଖେ । ତାଙ୍କ ଶିରାରେ ବହୁଛି ରକ୍ତ ହୋଇ ।

ମୁଁ ତାଙ୍କୁ ଭେଟିବା ବେଳେ ମାର୍କେଟ ବିଲ୍‌ଡିଂର ଏକ୍‌ସେଲ୍ କର୍ପୋରେସନ୍‌ରେ ବାଜୁଥିଲା ଜାନେବାବୁ କୱାଲ୍ । ସେତେବେଳକୁ ମତେ ବାଇଶି କି ତେଇଶି । ଠିକ୍ କାନ୍ଧର ପଛପଟେ ଗଜୁରୁଛି ହଳେ ଧଳା ଧବ୍‌ଧବ୍ ଡେଣା ।

– ଏ ଜାନେବାବୁ କିଏ ?

– ଏ ଓଁକାର ନାଥ ଠାକୁର କିଏ ?

– ଏ ବଡ଼େ ଗୁଲାମ୍ ଅଲ୍ଲୀ କିଏ ?

– ଏ ଶଙ୍କର ଶମ୍ଭୁ କିଏ ?

ଡେଣା ଫଡ଼ଫଡ଼୍ କରି ଉଡ଼ିବା ବେଳକୁ କିଏ ଶୁଙ୍ଘଉଛି ସଙ୍ଗୀତର ଗନ୍ଧ ? କିଏ ଶୁଣୁଛି ମାଟିର ମହୁରୀ ?

ଏ କିଏ ?

ଅଦ୍ଭୁତ !

ଅଲଗା ।

କାହାକୁ ଖାତିର୍ ନାହିଁ ।

ହସ..ହସ..ଅତର..ଅତର...ଫୁଲ ଫୁଲ ଫୁଲ ଓ ଫୁଲ ।

ରାସ୍ତା ସାରା...ଆକାଶ ସାରା ଅତର ଓ ଫୁଲ ।

ସେଇଠୁ ଆରମ୍ଭ ହେଲା ପଢ଼ାପଢ଼ି କଥା ।

ସେ କହିଲେ: ବଲ୍‌ୱନ୍ତ ଗାର୍ଗୀ, ଷଷ୍ଠୀବ୍ରତ, ଉପମନ୍ୟୁ ଚାଟାର୍ଜୀଙ୍କୁ ପଢ଼ିଲୁଣି ? ବିକ୍ରମ ସେଠ୍ ?

ମୁଁ ସେଯାଏଁ ପଢ଼ାବହିରୁ ବାହାରିନି । ପାଠ ବାଦ୍ ନୀଳମଣି, ଶାନ୍ତନୁ, ବିଭୂତି, ଗୋପୀନାଥ, କାହ୍ନୁଚରଣଙ୍କୁ କିଛି କିଛି ପଢ଼ାପଢ଼ି । ଫକୀରମୋହନ ତ କୋର୍ସରେ ଥିଲେ । ମୁଁ ସେଯାଏଁ 'ଅମାବାସ୍ୟାର ଚନ୍ଦ୍ର'କୁ ଅତି ଆଧୁନିକ ଉପନ୍ୟାସ ଭାବୁଥିଲି ।

ସେ ଭ୍ରମ ଭଞ୍ଜନ କଲେ ।

ମୁଁ ଅନୁଭବ କଲି ମୋ ଭିତରର ବରଫ ତରଳିବାକୁ ଆରମ୍ଭ କରିଛି ଓ ସେଠି ଗୋଟେ ଛଳଛଳ ନଈଟେ ବି ତିଆରି ହୋଇ ସାରିଛି । ସେଇ ନଈରେ ରାଜକେମାର ଲୁହ ବୁନ୍ଦେ ବୁନ୍ଦେ, ଗୋଟେ ଗୋଟେ ଧଳା କଇଁ ହୋଇ ଭାସି ଯାଉଛି ।

ସତରେ ଅନେକ ବ୍ରହ୍ମାଣ୍ଡ ଅଛି । ତାକୁ ଦେଖେଇବା ପାଇଁ ଜଣେ ଦରକାର । ନିହାତି ଦରକାର ।

ମହାନଈ ପରି ଦୟାନଈ ବି ଶୁଖିବାରେ ଲାଗିଛି । ପାଣିକୁ ନେଇ ପଲିଟିକ୍ସ ଚାଲିଛି । ନଈ ଉପରେ ବ୍ରିଜ୍ ତିଆରି ଚାଲିଛି । ହେଲେ ନଈରେ ପାଣି ନାହିଁ, ନଈ ସବୁ ସେମାନଙ୍କ ଅସ୍ତିତ୍ୱ ହରେଇବା ଆଗରୁ ଆମକୁ କେହି ନଈକୂଳିଆ ଲୋକ କହୁ । ବାଙ୍କୀ, ଚର୍ଚିକେୟୀଙ୍କୁ ଛାଡ଼ ସେ ଭୁବନେଶ୍ୱରରେ ରହିଲେ ଭଡ଼ାଘର ନେଇ । (ଯଦିଓ ତାଙ୍କ ଭିଣୋଇଙ୍କର ଉଆସ ପରି ଘର ଭୁବନେଶ୍ୱରରେ ଅଛି) । ସେ ବହୁତ ସ୍ୱାଭିମାନୀ ମଣିଷ । ନିଜ ମର୍ଜିର ମାଲିକ ।

ଛନ୍ଦା ଆଚାର୍ଯ୍ୟ ମନେ ପଡୁଛି ? ପାଞ୍ଚଫୁଟ୍ ଛ'ଇଞ୍ଚର ଅଳ୍ପ ଦାଢୀ ଥିବା ଆର୍ଟିଷ୍ଟ୍ । ସେତେବେଳକୁ ସେ ରହସ୍ୟମୟୀ, ମାୟାବିନୀ ଗଛମାନଙ୍କୁ ଆଙ୍କୁଥାଏ । ଉଇଜାର୍ଡ଼ ଟ୍ରି । ଛନ୍ଦାକୁ, ଗଛ ଗୁଡ଼ା ଲାଗୁଥାନ୍ତି ନବ ଯଉବନୀ ସ୍ତ୍ରୀ ପରି, କେବେ ନଇଁ ପଡ଼ିଥିବା ବୁଢ଼ୀଟିଏ ପରି । ଯାହା ପିଠିରେ ବସିଥାଏ ଗୋଟେ ଶାଗୁଣା, ଆଉ ଦଳେ ଗଛ, ଦଳେ ଆଦିବାସୀ ସ୍ତ୍ରୀ ଲୋକ ମାତିଥାନ୍ତି 'ନାଚ' ଅପେକ୍ଷାରେ ।


ଛନ୍ଦା ଆଚାର୍ଯ୍ୟ ଆସେ । ସତ୍ୟବାଦୀ ରାଉତ ଆସନ୍ତି, ବଂଶୀଧର ରାଉତ, ସୁନୀଲ ପୃଷ୍ଟି, ରଜନୀରଂଜନ, ତାରକ ମହାନ୍ତି ଆସନ୍ତି । ଚା' ପିଆ, ଗୀତ ଶୁଣା ହୁଏ । ହସ ହୁଏ । ନୂଆ ଲେଖକ, ଆର୍ଟିଷ୍ଟ୍ ଡ୍ରାମାବାଜୀ, ଗୀତିକାର ସମସ୍ତେ ଆସନ୍ତି ତାଙ୍କର 'ନବ ପ୍ରଭାତ'କୁ ।

'ନବ ପ୍ରଭାତ' ଗୋଟେ ବହି ଦୋକାନର ନାଁ । ଗୋଟେ ସଂସ୍କୃତି ଖଟିର ନାଁ । (ଏବେ ସେଠି ହେଉଛି 'ବଡ଼ା ସାହେବ୍' ଟେଲର୍ ଦୋକାନ । ଏକ୍‌ସେଲ୍ କର୍ପୋରେସନ୍ ଜାଗାରେ 'ରସିଦ୍ ଏଣ୍ଡ୍ ବ୍ରଜ୍' । ତ ଏବେ ସେଇ ସଙ୍ଗୀତ ଜାଗାରେ ଗୋଟେ ଔଷଧ ଦୋକାନ)

ସେ ନାହାନ୍ତି । ବାଙ୍କୀରେ...ନହେଲେ କଟକ ମାନସିଂପାଟଣାରେ । ମୁଁ ଗାଁରେ ନହେଲେ କ୍ରମଶଃ ବଦଳୁଥିବା, ଗଛକଟା ହୋଇ ରାସ୍ତା ଓ କଂକ୍ରିଟ୍ ଆପାର୍ଟମେଣ୍ଟ୍ ତିଆରି ହେଉଥିବା ସହରରେ, ଚାଳିଶ ଡିଗ୍ରୀ ଖରାରେ, ବୁଲୁଥାଏ । 'ଗୀତ ଖୋଜୁଥାଏ' । ପବନ ଖୋଜୁଥାଏ । ବାସ୍ନା ଖୋଜୁଥାଏ । ତାଙ୍କୁ ଖୋଜୁଥାଏ ।

ସେ ନଥାନ୍ତି ।

ମୁଁ ବି ନଥାଏ ।



ଦେବ୍ରାଜ୍ ଲେଙ୍କା : ଶୈଳୀ ସମ୍ରାଟ୍



ଦେବ୍ରାଜ୍ ଦର୍ବାର : (ବାମରୁ ଡାହାଣ) ଦେବ୍ରାଜ୍ ଲେଙ୍କା, ବନୋଜ ତ୍ରିପାଠୀ ଓ ଅଜୟ ସ୍ୱାଇଁ ଚା’ କପ୍‌ରେ ରାତି

ସମୟ ବିତୁଥାଏ । ବିତୁଥାଏ... ବିତୁଥାଏ...

ଛନ୍ଦା ଆଚାର୍ଯ୍ୟ ଦିନେ ମରିଗଲା ହଠାତ୍ । ଆତ୍ମହତ୍ୟା କରିଦେଲା । ମରିବାର ବହୁତ ଦିନ ଆଗରୁ ସେ ଭୁବନେଶ୍ୱର ଛାଡ଼ି ଦେଇଥିଲା । ସ୍ୱପ୍ନ ଦେଖିବା, ଚିତ୍ର ଆଙ୍କିବା ବି ଛାଡ଼ି ଦେଇଥିଲା ।

ଛନ୍ଦାକୁ ନେଇ ସେ ଗୋଟେ ଉପନ୍ୟାସ ଲେଖିଥିଲେ ।

“ଠୋ ଫଟାସ୍ ଘୋଡ଼ା... ।”

ସେ ‘ନବପ୍ରଭାତ’ ବନ୍ଦ୍ କରି କୁଆଡ଼େ ଫେରାର୍ ହୋଇଗଲେ ।

ମୁଁ ବି ଡରରେ ତାଙ୍କୁ ଭେଟି ପାରିଲିନି । (କାଳେ ଛନ୍ଦା ମାଛିଟିଏ ହୋଇ, ଘରଚଟିଆ ଟିଏ ହୋଇ ବା ଦଲକାଏ ଶୁଖିଲା ପବନ ହୋଇ ଚାଲି ଆସିବ ସାମ୍ନାକୁ ।

ତାକୁ ସାମ୍ନା କରିହେବ ତ ?

ସତରେ, ଛନ୍ଦା ହାୱା ହେଇଗଲା ।

ତା’ପରେ କେତେଦିନ, କେତେ ମାସ ବା ବର୍ଷ ପରେ ‘ନବ ପ୍ରଭାତ’ ବନ୍ଦ୍ ହେଇଗଲା । (ତା’ମାନେ ଭୁବନେଶ୍ୱରରେ ଆଉ ନୂଆ ସକାଳଟେ ଆସିଲାନି ?)

ହେଃ !

ଜୀବନ ବାଟରେ ଜୀବନ...

ସପନ ବାଟରେ ସପନ...

ମରଣ ବାଟରେ ମରଣ...

ଖାଲି ଯା’ ଟିପେ ମହକ ହୋଇ ସମ୍ପର୍କ ଅଛି ପବନରେ ଲୁଚି ଲୁଚି ।

ଖରା, ବର୍ଷାରେ ଲୁଚି ଲୁଚି...

ବିସ୍ମିଲ୍ଲା ଖାଁର ସା’ନାଇରେ ଲୁଚି ଲୁଚି...

ଅଖ୍ତାର୍ ବାଈର କଣ୍ଠ ଓ ହ୍ୱିସ୍କିର ମାତାଲ୍ ନିଦରେ ଲୁଚି ଲୁଚି...

ସମୟ ବିତୁଛି...ବିତୁଛି...ବିତୁଛି... ।

ଓ ଗୋଟେ ଜହ୍ନରାତିରେ ମୁଁ ମରି ଯାଇପାରେ ହଠାତ୍ । ସେ ତ ମରିବାକୁ ଫୁଃ କରି ଉଡ଼େଇ ଦେବା ଲୋକ । ଦିନେ ମତେ କହିଲେ: ମୁଁ ମରିଗଲେ ତୁ ଦି’ଟା କାମ କରିବୁ ।

୧. ଗଙ୍ଗାଜଳ ଫଙ୍ଗାଜଳ ମୋ ଜୁଇରେ ଛିଞ୍ଚିବୁନି । ଘିଅ ଢାଳିବୁନି । ଢାଳିବୁ ହ୍ୱିସ୍କି । ତରଳ ଆଉଟା ସୁନାରଙ୍ଗରେ ମୁଁ ଜଳିଯିବିରେ... ଜଳିଯିବିରେ...

୨. ଗୀତା, ଭାଗବତ ପଢ଼ିବୁନି । ଗାଇବୁ, ମେରେ ହମ୍‌ନଫିସ୍...ମେରେ ହମ୍‌ନୱା...ତୁ ଦୋସ୍ତ୍ ବନ୍‌କେ ଜଗା ନାଦେ...

ନହେଲେ କୁନ୍ଦନ୍ ସାଏଗଲ୍, ତଲତ୍ ମେହେମୁଦ୍‌ର ଗୀତ... । ଯାହା ମାଟିରେ ଜଳୁଥିବା ଦୀପଟିଏ ପରି ଜଳୁଛି ଓ ଜଳୁଥିବ ସେଯାଏଁ ।

ଅଦ୍ଭୁତ !

ତାଙ୍କ ହାର୍ମୋନିୟମ୍ ଉପରେ ଅଳନ୍ଧୁ ଜମି ଗଲାଣି ।

ଏଚ୍.ଏମ୍.ଭି, ଓଡ଼େନ୍, ପଲିଡର୍ ଗ୍ରାମୋଫୋନ୍ ରେକର୍ଡ଼ର ଗାର ସନ୍ଧିରେ ଜମି ଗଲାଣି ଧୂଳି...

ରାଜା ଅମରେନ୍ଦ୍ର ମାନସିଂହଙ୍କର ଉଆସ ସନ୍ଧିରୁ ପତ୍ରେଇଲାଣି ଅଶ୍ୱତ୍ଥ ଗଛ । ହାତୀଶାଳ, ରାଣୀହଂସପୁରର କାନ୍ଥ ଫାଟି ଆଁ କଲାଣି । ସେ କିନ୍ତୁ ଅଛନ୍ତି ଗାଁରେ । ଖୋଜୁଛନ୍ତି ଚରିତ୍ର । ଅସଂଖ୍ୟ ଚରିତ୍ରମାନଙ୍କ ମେଳି ତାଙ୍କ ଚାରିକଡ଼େ । ଆଖୁବିଲରେ ଉଡୁଚି ଧଳାଫୁଲ ପବନରେ । ଧାନ ବିଲ ହିଡ଼ରେ ଘାସଫୁଲର ମଉଛବ ।

ସେ କେବେକେବେ ସେଇସବୁ ନେଳି ନେଳି (୧୦୦୮ନେଳି) ଭିତରୁ ଖସି ଆସନ୍ତି ଭୁବନେଶ୍ୱର । ମତେ ଖୋଜିବା ବେଳକୁ ମୁଁ ନଥାଏ । ତାଙ୍କ ପରି ମୁଁ ଟିକେ ବାଊରା, ଟିକେ ପାଗଳ । କୋଉଠି ଥୟ ହୋଇ ବସିବା ମୋ ଜାତକରେ ନାହିଁ । ସେ ସେମିତି ଭୁବନେଶ୍ୱରରେ ପହଁଚିଲେ ଗାଁକୁ ଫେରିବାକୁ ଅଥୟ । ଏଠି ମୋ ସହ ଦେଖା ହେଲେ ଗପ, ଗମାତ୍, ଗୀତ ଶୁଣା । ଏମିତିରେ ତାଙ୍କର ବହୁତ ଗୁଡ଼େ ଗୀତ ମୁଖସ୍ଥ । ସଏଗଲ୍, ତଲତ୍ ମେହେମୁଦ୍, ନୂରଜହାଁ, ବେଗମ୍ ଅଖ୍ତର୍‌ଙ୍କ ଗୀତ । ହେଲେ ଥରେ ତାଙ୍କୁ କିଏ ଜଣେ କହିଲା : ତୁମେ ଯଦି ଜଗନ୍ନାଥଙ୍କର ନିହାତି ପଚାଶଟା ଭଜନ ମୂଳରୁ ଶେଷଯାଏଁ ଗାଇପାରିବ, ତୁମ ଦୁଃଖ କୁଆଡ଼େ ଉଭେଇଯିବ । (ଯଦିଓ ତାଙ୍କର ଦୁଃଖ କ’ଣ ମୁଁ ଜାଣିନଥିଲି ।) ସେଇଠୁ ଆରମ୍ଭ ହେଲା ଗୀତ ଖୋଜା । ‘ଦୀନବନ୍ଧୁ ଦଇତାରୀ’ ହେଉ କି ‘ଆହେ ନୀଳ ଶଇଳ’, ‘ଥକାମନ ଚାଲଯିବା’ ହେଉ କି ‘ଚକାନୟନକୁ ପତିତ କେହି’...ସବୁ ଦୁଇ ତିନିପଦ । ତା’ପରେ..) ଆରମ୍ଭ ହେଲା ବହି ଖୋଜା ।

– ହଇରେ...ମୁଁ ଓଡ଼ିଆରେ ଲେଖୁଛି, ଅଥଚ ମହାନ ପାରମ୍ପରିକ ଜଗନ୍ନାଥ ଭଜନ ପଚାଶଟା ଜାଣିନି, କି ବାଳ ଲେଖକ ମୁଁ?

ଗୀତ ବହି ବହୁ କଷ୍ଟରେ ମିଳିଲା । ଶୁଦ୍ଧ ପାଠ ନୁହେଁ । ତଥାପି କାମ ଚଳିଲା ।

ମୁଁ ପଚାରିଲି, “ଦୁଃଖ ଗଲା ?”

ସେ ହସିଲେ । ଠୋ ଠୋ ହସ । (କଦବା କ୍ୱଚିତ୍ ଏମିତି ହସୁଥିବା ଓଡ଼ିଆ ଲେଖକ ମିଳନ୍ତି ଏଠି)

– ସୁଖ ଯେମିତି କାଳକାଳର ନୁହେଁ... ଦୁଃଖ ବି ସେମିତି । ସୁଖ ଯେମିତି ପାଣି ଫୋଟକା, ଦୁଃଖ ବି ସେମିତି ।

ତାଙ୍କ ବୋଉ ମରିଗଲା ବେଳେ, ସେ ତାଙ୍କ




ପକ୍ଷୀଘର ଉପନ୍ୟାସ ଗ୍ରହଣ ଅବସରରେ

ବୋଉଙ୍କୁ ଛାଡୁ ନଥିଲେ । ଗୋଟେ ପଟେ ଯମ ଆଉ ଗୋଟେ ପଟେ ସେ, ମଝିରେ ତାଙ୍କ ବୋଉ ।

ବୋଉ କହିଲେ: ମତେ ଛାଡ଼ିଦେ...ମୁଁ ଯାଏ.. ।

ଶେଷରେ ସେ ଛାଡ଼ିଦେଲେ । ମୁଁ ସେତେବେଳେ ତାଙ୍କ ସହ ମିଶି ନଥିଲି । ସେଯାଏଁ (ଏଯାଏଁ ବି) ଲେଖକମାନେ ଆମ ପାଇଁ ଠାକୁର କି ସିନେମା ଷ୍ଟାରଙ୍କ ଠୁ କମ୍ ନଥିଲେ । ଆମେ କେବଳ ତାଙ୍କୁ ଦୂରରୁ ଦେଖୁଥିଲୁ । ସେ ସେମିତି ଅପହଞ୍ଚ ଥିଲେ ମୋ ପାଇଁ । ମୋର ଏଯାଏଁ ବି ଧାରଣା, ଭଗବାନ ଚାହିଁଲେ ଜଣେ ଲେଖକ ହେଇପାରିବ । କେଜାଣି ?



ବୋଉ ମଲା ପରେ, ସେ ଲଣ୍ଡା ହୋଇ କେମିତି ଉଦାସ ଦିଶିଥିବେ । ମୁଁ ଦେଖିନାହିଁ । ବାପା ମଲା ପରେ, ଏକୋଇର ବଳା ବିଶିକେସନ କେମିତି ହେଠମାଥ ହୋଇ ବସିଥିବେ ? ମୁଁ ଦେଖିନାହିଁ ।

ଶୁଣିଚି କାଳେ ସେ ଆତ୍ମୀୟମାନଙ୍କ ଚକ୍ରାନ୍ତର ଶିକାର ହେଇଥିଲେ । ତାଙ୍କର ସମ୍ପତ୍ତି ବାଡ଼ି ହଡ଼ପ କରିବାକୁ ସେମାନେ ଚେଷ୍ଟା କରିଥିଲେ । ଏଇବେଳେ ସେ ଗୋଟେ ପୋଷ୍ଟକାର୍ଡ଼ ପାଇଲେ । ଯେଉଁଥିରେ ଜଣେ ଓକିଲ ସହ ପରାମର୍ଶ କରିବାକୁ ନିର୍ଦ୍ଦେଶ ଥିଲା । ପତ୍ର ପ୍ରେରକର ନାଁ ନଥିଲା । ସେଇ ଓକିଲଙ୍କ ପରାମର୍ଶରେ ସେ କେଶ୍ ଜିତିଲେ । ଅନେକ ଦିନ ଯାଏଁ ସେ ଚିଠି ଲେଖିବା ବାଲାକୁ ଜାଣି ପାରିଲେ ନାହିଁ । ପରେ ସେ ତାଙ୍କ ଦୀକ୍ଷା ନେଲେ । ସେ ନଥିଲେ ଅନେକ ଦିନରୁ । ହେଲେ ତାଙ୍କ ଅକ୍ଷରରୁ ସେ ଜଣାପଡ଼ିଲେ, ସେ କିଏ ? ତାଙ୍କର ଗୋଟେ ଉପନ୍ୟାସ ଅଛି 'ତୀରେ ତୀରେ – ତାରା ତାରା'... । ତାକୁ ପଢ଼ିବା ପରେ ଜାଣିଲି ସବୁ । ମୁଁ ବି କେମିତି କେଜାଣି ସେଇ ମହାପୁରୁଷଙ୍କ ଗୋଟେ ବଡ଼ ପୋଟ୍ରେଟ୍ ପାଇଥିଲି ବନ୍ଧୁ ଚିତ୍ରକର ବେଣୁ ପ୍ରତିହାରୀଙ୍କ ସୌଜନ୍ୟରୁ । (ସେତେବେଳେ ସେ ଧଉଳି ଆର୍ଟ କଲେଜ୍‌ର ଅଧ୍ୟକ୍ଷ ଥିଲେ ।)

ଆମ ଘରେ ତାଙ୍କ ପୋଟ୍ରେଟ୍ ଦେଖି ସେ ଆଶ୍ଚର୍ଯ୍ୟ ହେଲେ: "ତୋ'ର ବି ଏ ଗୁରୁ ?"

ମୁଁ ହସିଲି । କହିଲି: "ମୁଁ ତାଙ୍କର ଶିଷ୍ୟ । ଆପଣଙ୍କର ବି ।" ସେ କହିଲେ: "ମୁଁ ଯଦି କେବେ କୋଉ ବଡ଼ ପ୍ରାଇଜ୍ ପାଏ, ତେବେ ତୁ ଷ୍ଟେଜ୍‌କୁ ଯାଇ ମୋ ପ୍ରାଇଜ୍ ତୁ ଆଣିବୁ । (ଏଯାଏଁ ବୋଧେ ତାଙ୍କ ଇଚ୍ଛାର ବଡ଼ ପ୍ରାଇଜ୍ ସେ ପାଇନାହାନ୍ତି) ।

ସେ ସବୁବେଳେ କହୁଥିଲେ: ଏ ବହିଲେଖା ବଡ଼ ବିଜ୍ଜାର୍ କାମ । ମୋ ବାପା ସ୍ପେଶାଲ୍ କ୍ଲାସ୍ କଣ୍ଟ୍ରାକ୍ଟର୍ । ଯେତେବେଳେ ମୁଁ ବାଲୁବଜାରରେ ମୋ ବହିର ରୟାଲିଟି ତେତିଶ ଟଙ୍କା ଷାଠିଏ ପଇସା ପାଇଥିଲି, ମୋ ବାପା ଲକ୍ଷ ଲକ୍ଷ ଟଙ୍କାର ଚେକ୍ ଭଙ୍ଗଉଥିଲେ ବ୍ୟାଙ୍କ୍‌ରେ । ହାଃ ! ଏ ଶଳା ହାତରୁ ଖାଇ ଘୋଡ଼ା ଆଗରେ ଡେଇଁବା କାମ । ଭାକ୍ ।

ଅଥଚ, ଏଯାଏଁ ସେ ଲେଖୁଛନ୍ତି । ଥକି ପଡ଼ି ନାହାନ୍ତି ।

ଲେଖି ଲେଖି ତାଙ୍କ ବିଶି ଆଙ୍ଗୁଠି ଓ ମଝି ଆଙ୍ଗୁଠି ମଝିରେ ଗୋଟେ ବିଣ୍ଡି ହୋଇ ଯାଇଛି । କମ୍ପ୍ୟୁଟର୍‌ରେ ଲେଖିବା ସେ ଜାଣି ନାହାନ୍ତି । ମୁଁ ବି ଜାଣିନି । (ରସ୍କିନ୍ ବଣ୍ଡ୍ ବି ହାତରେ ଲେଖନ୍ତି, ଟାଇପ୍ ରାଇଟର୍ ତାଙ୍କର ନାହିଁ, ମାତ୍ର ତାଙ୍କ ଲେଖା-ଘରର ଝରକା ଖୋଲିଲେ ଦିଶେ ହିମାଳୟ)

ତାଙ୍କ ଲେଖା-ଘର ଝରକାରୁ ଦିଶେ ମହାନଦୀ ।

ମୋ ଲେଖା-ଘର ଝରକାରୁ ଦିଶେ ଦୟାନଦୀ ।

ତାଙ୍କ ଘର ପାଖେ ଜାତ ମୁଣ୍ଡିଆ । ମୋ ଘର ପାଖେ ଧଉଳି ମୁଣ୍ଡିଆ । ତାଙ୍କ ପାଖେ ବହୁତ ଗୀତ । ମୋ ପାଖେ ବହୁତ ଗୀତ ।

ସେ ପୁରୁଣା କ୍ରାଏସେଲର୍ କାର୍‌କୁ, ବୁଲାକୁକୁର ଭାଲୁଆକୁ ନେଇ ଉପନ୍ୟାସ ଲେଖି ପାରନ୍ତି ।

ମୁଁ ଘରେ ନାହିଁ ।

ସେ ହସ କି କାନ୍ଦକୁ ଲୁଚେଇ ପାରନ୍ତି ନାହିଁ ।

ମୁଁ ସେ ସବୁକୁ ଲୁଚେଇବାର କୌଶଳ ଜାଣେ ।

ଅଥଚ ଆମେ ଦୁହେଁ ସମୟକୁ ଠକିବାର କୌଶଳ ଜାଣିନାହୁଁ । ଏଣୁ ସମୟ ଗଡ଼ି ଚାଲିଛି ।

ମତେ ଯଦି କେହି ପଚାରନ୍ତା: "ତୁମେ କ'ଣ ଚାହୁଁଛ ?"

ମୁଁ କୁହନ୍ତି: "ମୁଁ ସମସ୍ତଙ୍କୁ ହାତ ପତେଇ ତାଙ୍କର ଆୟୁଷରୁ କିଛି କିଛି ମାଗନ୍ତି, ମୋ ପାଇଁ ନୁହେଁ, ତାଙ୍କ ପାଇଁ, ଅନ୍ତତଃ ସେ ଆହୁରି ବହୁତ ବର୍ଷ ବଞ୍ଚିବା ଦରକାର । (ଯେଯାଏଁ ମହାନଦୀ ଠୁଁ ଦୟାନଦୀ ଯାଏଁ କଂକ୍ରିଟ୍‌ରେ କିମ୍ବା ଜହ୍ନଆଲୁଅରେ 'ସେତୁ'ଟିଏ କେହି ତିଆରି କରିନାହିଁ, ସେଯାଏଁ ।)



**ଜୟପୁର, ଇଟିପୁର, ଭୁବନେଶ୍ୱର-୭୫୧୦୦୨**

**ଫୋନ୍ : ୯୪୩୯୦୪୭୫୭୦**



ନିଜ କବିତାରେ ନିଜ ମାଟିର ବାସ୍ନା ମିଶେଇ ସେ ଗଢ଼ିପାରନ୍ତି ରାଶି ରାଶି କବିତା । ନିଜ ବାଲ୍ୟସ୍ମୃତିକୁ କବିତାରେ ଫୁଟେଇବା ବେଳେ ସେ ବି ହୋଇପାରନ୍ତି ନଷ୍ଟାଲ୍‌ଜିକ୍ । ଭାରତୀୟ ଇଂଲିଶ୍ କବିତା ପରମ୍ପରାର ସେ ଜଣେ ସିଦ୍ଧ-ସ୍ରଷ୍ଟା । ଅର୍ଦ୍ଧଶତାବ୍ଦୀ ଧରି ସାହିତ୍ୟ ସାଧନାରେ ମଗ୍ନ ଥାଇ ସେ ରଚନା କରିଛନ୍ତି ବହୁ କାବ୍ୟକବିତା । ସେ ହେଲେ ପୂଜନୀୟ ଜୟନ୍ତ ସାର୍ । କବି ଜୟନ୍ତ ମହାପାତ୍ର । ସ୍ନେହ ଓ ଭଲ ପାଇବାର ନିଦା ଏକ ସକାଳ ପରି ସେ ଶିଶିରସ୍ନାତ । ତାଙ୍କ ସଂସ୍ପର୍ଶ ସତରେ ମହାର୍ଘ । ଯିଏ ଭେଟିଛି ସେ ହିଁ ଜାଣିଛି ସେ କ'ଣ । ପଢ଼ନ୍ତୁ ଅନ୍ତରଙ୍ଗ ଏ ଆଲେଖ୍ୟ ।

# ବଗିଚାର ନାଁ ତିନିକୋଣିଆ



କବିଙ୍କ କୋଳରେ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଝିଅ ଅନ୍ୱେଷା

# ଜୟନ୍ତ ସାର୍



ଦୁର୍ଗା ପ୍ରସାଦ ପଣ୍ଡା

ଫଟୋ ସୌଜନ୍ୟ : ଲେଖକ

ସାହିତ୍ୟର ତଥାକଥିତ କେନ୍ଦ୍ରରୁ ଦୂରରେ, ସାହିତ୍ୟକୁ ନେଇ ଚାଲିଥିବା ହଲ୍‌ଚଲ୍, ଆଲୋଡ଼ନ ଓ କୋଳାହଳ ଠୁ ନିଜକୁ ଦୂରେଇ ରଖି, ନିଜର ଅନ୍ତରଙ୍ଗ ସ୍ମୃତି ଓ ଭାବନାମାନଙ୍କ ସହ ବୁଡ଼ି ରହି, ପ୍ରାୟତଃ ଅନ୍ୟମନସ୍କ, କିଛିଟା ଆତ୍ମମନସ୍କ, ଗଭୀର ଭାବପ୍ରବଣତାରେ ଏବେ ଦିନ କାଟୁଛନ୍ତି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭାରତୀୟ-ଇଂରାଜୀ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ର । ଖୁବ୍ ଏକାକୀ, ଖୁବ୍ ନିଃସଙ୍ଗ, କିନ୍ତୁ ଖୁବ୍ ଜୀବନ୍ତ । ଶାନ୍ତ, ସରଳ ତଥା ଏକ ଶିଶୁସୁଲଭ ନିରୀହପଣର ମୂର୍ତ୍ତିମନ୍ତ ପ୍ରତୀକ କବି ଜୟନ୍ତ ମହାପାତ୍ର ।

ଫୋନ୍‌ରେ ଥରିଲା ଥରିଲା ସ୍ୱର: "ଦୁର୍ଗା, ଗୋଟେ ପୁରୁଣା ଭଙ୍ଗା ଘରେ ଏମ୍ତି ଏକାକୀ ପଡ଼ିଚି ।" ସ୍ୱରରେ ଏକ ଉଦାସୀନତା, ନିସ୍ପୃହତା ସ୍ପଷ୍ଟ ବାରି ହୋଇପଡ଼େ । ସଂକୀର୍ଣ୍ଣ, ଅଙ୍କାବଙ୍କା ଗଳିକନ୍ଦିମୟ ହଜାରେ ବର୍ଷର ପୁରୁଣା କଟକ ସହରର ତିନିକୋଣିଆ ବଜାର । ସେଠାରୁ ମାତ୍ର କେଇ ଗଜ ଦୂରରେ ଏକ ପୁରୁଣା ଦୁଇମହଲା କୋଠା । ଏହାହିଁ ଜୟନ୍ତ ମହାପାତ୍ରଙ୍କ ପୃଥିବୀ । ଘରସାରା ପ୍ରାୟ ସବୁ କୋଠରୀରେ ପ୍ରଚୁର ବହି ଥିଲା । ଏବେ ସବୁ ଖାଲି ଖାଲି । ସବୁ ବହି ଜୟନ୍ତ ସାର୍ ଦାନ କରିଛନ୍ତି ବାଲେଶ୍ୱରର ଫକୀରମୋହନ କଲେଜ୍ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାରକୁ ।

କବି ଜୟନ୍ତ ମହାପାତ୍ରଙ୍କ କାବ୍ୟ ପୃଥିବୀ ଓ ସଚରାଚର ପୃଥିବୀ ଉଭୟେ ଭୂମିଲଗ୍ନ । ଜୀବନକାଳ ଭିତରେ କବି କେବେ ବି ପ୍ରିୟ ସହର କଟକ ଠାରୁ ବା ଓଡ଼ିଶାରୁ ବେଶିଦିନ ଦୂରେଇ ରହି ପାରିନାହାନ୍ତି । କଟକ ସହର, ଯାହାକୁ ଜୟନ୍ତ ସାର୍ ସ୍ନେହରେ କହନ୍ତି: A small rural place, ଯଥାର୍ଥରେ ତାର ଗ୍ରାମ୍ୟ ପରିବେଶ ଓ ଅନ୍ତରଙ୍ଗତାର ନିବିଡ଼ ଆଶ୍ଲେଷରେ କୋଳେଇ ଧରିଚି ପ୍ରଖ୍ୟାତ କବି, ଏ ମାଟିର ଗର୍ବ ଓ ଗୌରବ ଜୟନ୍ତ ମହାପାତ୍ରଙ୍କୁ । ଏମିତି ଲାଗେ ଯେପରି କଟକ ସହର ଓ ଜୟନ୍ତ ମହାପାତ୍ର କେହି କାହାରିକୁ ଛାଡ଼ିବାକୁ ନାରାଜ୍ । ଏପରିକି କବିତା ପାଇଁ ପ୍ରାୟ ଅଧାପୃଥିବୀ ବୁଲିସାରିଥିବା ଜୟନ୍ତ ସାର୍ ବିଦେଶ ମାଟିରେ ବେଶିଦିନ ରହିନପାରି ଝୁରି ହୁଅନ୍ତି କଟକକୁ, ଓଡ଼ିଶାକୁ । ଏଇଠି ମନେ ପଡ଼ିଯାଏ ତାଙ୍କରି ଇଂରାଜୀ କବିତାର କେଇ ଧାଡ଼ି: Here, in the dusty malarial lanes/ of Cuttack where years have / slowly lost their secrets...

ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅନେକ ପୁରସ୍କାର ତଥା ସମ୍ମାନରେ ଭୂଷିତ ହୋଇ ସାରିଥିବା, ମର୍ଯ୍ୟାଦାବନ୍ତ ନାଗରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ ଜୟନ୍ତ ସାର୍, ମୋର ଅନୁରୋଧ ରକ୍ଷା କରି ଲେଖିଥିବା ଏକ ଛୋଟିଆ ଆଲେଖ୍ୟରେ ଥିବା ଧାଡ଼ିଟେ ଏଇପରି : "କୌଣସି ପୁରସ୍କାର ଓ ସମ୍ମାନର ଶିହରଣଟି ପରଦିନର ସକାଳ ଯାଏଁ ବି ରହେନାହିଁ ।"



ଆକାଶ ପରି ନିବିଡ଼ : ଜୟନ୍ତ ସାର୍‌ଙ୍କ ସହ କବି ଦୁର୍ଗା ପ୍ରସାଦ ପଣ୍ଡା

କେବେ କୌଣସି ପୁରସ୍କାର କି ସମ୍ମାନର ଦୌଡ଼ରେ ନଥିବା ଏ ନିରଳସ ସାହିତ୍ୟ ସାଧକ ଆଉ ଏକ ସ୍ୱଚ୍ଛ ହୃଦୟର ମଣିଷ ପାଇଁ ଏ କିଛି କମ ଗୁଡ଼ ଉପଲବ୍ଧି ନୁହେଁ; ଯାହା ତାଙ୍କ ଅପେକ୍ଷା ଅନ୍ୟମାନଙ୍କ ପାଇଁ ଅଧିକ ପ୍ରଯୁଜ୍ୟ ମନେହୁଏ । ପ୍ରାୟ ଆଢୁଆଳରେ ରହି ଏକ ପ୍ରକାର 'ଅଦୃଶ୍ୟ' ଭାବରେ ଶବ୍ଦସାଧନା କରୁଥିବା ଜୟନ୍ତ ସାର୍‌ଙ୍କୁ ଲେଖାଲେଖିରେ ରୁଚି ରଖୁଥିବା ଅନେକ ଲୋକ ଏବେ ବି ଜାଣନ୍ତି ନାହିଁ– ଆଉ ସେଥିପାଇଁ ତାଙ୍କର କୌଣସି କ୍ଷୋଭ ବା ଅନୁଶୋଚନା ନାହିଁ ।

ସାମାନ୍ୟ ସଂକୋଚର ସହ ସେ କହନ୍ତି, "ତୁମେ କଣ ମୋତେ ବହୁତ ବଡ଼ କବି ବୋଲି ଭାବୁଚ ? ବାହାର ଦେଶର ଅତି ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାମାନଙ୍କ ଦ୍ୱାରା ମୋ କବିତା ଏବେବି ପ୍ରତ୍ୟାଖ୍ୟାତ ହେଇ ଫେରିଆସେ ।"


▲ଦୁର୍ଗାପ୍ରସାଦ ପଣ୍ଡା ଓ ତାଙ୍କ ପତ୍ନୀ ସରୀତାଙ୍କ ମଝିରେ ଜୟନ୍ତ ସାର୍

ଜୟନ୍ତ ସାର୍‌ଙ୍କ ମାତୃଭାଷାଟି ଓଡ଼ିଆ ହେଲେ ବି ସର୍ଜନାର ଭାଷାଟି ମୁଖ୍ୟତଃ ଇଂରାଜୀ (ଓଡ଼ିଆରେ ବି ତାଙ୍କର ଅନେକ କବିତା ସଙ୍କଳନ ରହିଛି) । କିନ୍ତୁ ଆମ ପାଇଁ ସୁଖଦ ଆଶ୍ଚର୍ଯ୍ୟର କଥା ଏହା ଯେ ତାଙ୍କ ଇଂରାଜୀ କବିତାରେ ବି ଏ ଓଡ଼ିଆ ମାଟିରେ ବାସ୍ନା ଥାଏ ଭରପୁର– ନିଜ ଚାରିପାଖର ସଂସାର, ହଇଚଇ, ହଲ୍‌ଚଲ୍, ନିରବତା, କୋଳାହଳ, ପୁତିଗନ୍ଧମୟ ନାଳନର୍ଦ୍ଦମା, କଟକର ଗଳି, ବେଶ୍ୟା, ପୁରୀ, କୋଣାର୍କ, ଧାନକ୍ଷେତ, ଦୟାନଦୀ, ବଡ଼ଦାଣ୍ଡ, କୋରାପୁଟ, ରାଜୁ ସୁଇପର, ସାଇକେଲ୍ ସଜାଡୁଥିବା ମାମା ଭଳି ଅବହେଳିତ ଚରିତ୍ର, ଓଡ଼ିଶାର ରକ୍ତାକ୍ତ ଇତିହାସ, ଧଉଳି ପାହାଡ଼, ମହାନଦୀ ତଥା ଆହୁରି ଅନେକ ଚିତ୍ର ଯାହା ତାଙ୍କ କାବ୍ୟଭୂମିକୁ ସ୍ୱଷ୍ଟ ରୂପେ ତୋଳିଧରେ ପାଠକପାଠିକାଙ୍କ ସାମ୍ନାରେ । ଏଇ ମାଟିମନସ୍କତା ହିଁ ଜୟନ୍ତଙ୍କୁ ଅନ୍ୟାନ୍ୟ ଭାରତୀୟ ଇଂରାଜୀ କବିଙ୍କ ଠୁ ଅଲଗା କରି ଠିଆ କରାଏ ।

କେତେବେଳେ ପୂରାପୂରି ବୈରାଗୀ, ସନ୍ୟାସୀ, ପୁଣି କେତେବେଳେ ଗଭୀର ଭାବାନୁଭବରେ ପରିପକ୍ୱ ଦ୍ରଷ୍ଟା ଓ ସ୍ରଷ୍ଟାପୁରୁଷ ତ ଆଉ କେତେବେଳେ ଏକ ଶିଶୁସୁଲଭ ନିରୀହପଣରେ ତାଙ୍କ ବ୍ୟକ୍ତିତ୍ୱଟି ଭିନ୍ନ ଭିନ୍ନ ରଙ୍ଗରେ ସମୃଦ୍ଧ ଓ ଉଦ୍‌ଭାସିତ । ଚିଲି ଦେଶର ପ୍ରଖ୍ୟାତ କବି ପାବ୍ଲୋ ନେରୁଦାଙ୍କ କବିତା ସହ ଜୟନ୍ତଙ୍କ କବିତାର ତୁଳନା କରି ପାଠକ ଓ ସମାଲୋଚକମାନେ ଶ୍ରଦ୍ଧାରେ ତାଙ୍କୁ ଆମ ମାଟିର ପାବ୍ଲୋ ନେରୁଦା ବୋଲି ଯଥାର୍ଥରେ ଅଭିହିତ କରନ୍ତି । ତାଙ୍କ ସମ୍ପର୍କରେ ଆସିଥିବା ଅନେକ କବି, ଲେଖକ, କଳାକାର, ଚିତ୍ରକର, ସହକର୍ମୀ, ସାଧାରଣ ମଣିଷ ତାଙ୍କୁ ଖୁବ୍ ଶ୍ରଦ୍ଧା, ଭକ୍ତି ଆଉ ସମ୍ମାନର ସହ ମନେପକାନ୍ତି ।

ସ୍ୱଭାବରେ ବେଶ୍ ଲାଜକୁଳା ଜୟନ୍ତ ମହାପାତ୍ର ସବୁକଥାକୁ ଟିକେ ପଛେଇଯାନ୍ତି । ଜୀବନରେ ମାଡ଼ିଯିବାର ଆଗ୍ରହ ଓ ଉଦ୍ଦାମତା ତାଙ୍କ ଠାରେ ନାହିଁ । ଏକାକୀ ରହିବାକୁ ଭଲ ପାଆନ୍ତି । ଭିଡ଼, କୋଳାହଳ, ସାର୍ବଜନୀନ ସଭାମାନଙ୍କରେ ଟିକେ କରଛଡ଼ା ହେଇ ଆଢୁଆଳରେ ରହନ୍ତି । ଏପରିକି ଏଇ ସଙ୍କୋଚ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଆଣିବାକୁ ଦିଲ୍ଲୀ ଯାଇ ନଥିଲେ ।

କିନ୍ତୁ ଯେତେବେଳେ ସାହିତ୍ୟ, କବିତା, କଳା ଓ ସୌନ୍ଦର୍ଯ୍ୟବୋଧର କଥା ଉଠେ ସେତେବେଳେ ସେ ଦୃଢ଼, ସ୍ୱଷ୍ଟ ଓ ରୋକ୍‌ଠୋକ୍ ଭାବେ ମତବ୍ୟକ୍ତ କରନ୍ତି– ଅବଶ୍ୟ ନିଜର ମତକୁ କାହା ଉପରେ ଲଦି ଦେବାକୁ ଚାହାନ୍ତିନି । ଅନେକ ବର୍ଷ ତଳେ ମୁଁ ନୂଆ ନୂଆ ଲେଖା ଆରମ୍ଭ କରିବା ବେଳେ, ଥରେ ପ୍ରଖ୍ୟାତ କବୟିତ୍ରୀ କମଳା ଦାସ ମୋର କିଛି କବିତା

# ଅଲେଖା ସ୍ନେହର ଇତିହାସ

## ଅପର୍ଣ୍ଣା ମହାନ୍ତି



କବି ଜୟନ୍ତ ମହାପାତ୍ର– ଏହି ନାମଟି ନୀରବରେ ଉଚ୍ଚାରଣ କଲାମାତ୍ରେ ଏକ ସ୍ନିଗ୍ଧ ଆବେଗ ସଞ୍ଚରି ଯାଏ ପ୍ରାଣରେ । ମଧୁର ନିର୍ଜନତାର ଆବେଗରେ ଅନ୍ୟମନସ୍କ ହୋଇଯିବାକୁ ହୁଏ । ଯେମିତି କଟକ ତିନିକୋଣିଆ ବଗିଚାର ପ୍ରବଳ ଜନଗହଳି ଭିତରେ ବି ତାଙ୍କ ଘର କାନ୍ଥକୁ ଚୁପଚାପ୍ ଆଉଜି ଠିଆ ହୋଇଥିବା ବାଉଁଶବୁଦା । ପାଚେରୀ କୋଣକୁ ଢଳି ଯାଇଥିବା ସାହାଡ଼ା ଗଛ । ବାତ୍ୟାରେ ଶୋଇପଡ଼ି ତଥାପି କାହାକୁ ଅପେକ୍ଷା କରିଥିବା ଆମ୍ବଗଛର ଗଣ୍ଡି । ପାହୁଲ ଥାପି ଥାପି ଏପଟରୁ ସେପଟ ହେଉଥିବା ପୁଷି ବିଲେଇ । ଘରର ଏରୁଣ୍ଡିବନ୍ଧରେ ଝୁଲି ରହିଥିବା ଛୋଟ ଛୋଟ ଘଣ୍ଟିର ମାଳଟିଏ । ଟିକେ ଛୁଇଁଦେଲେ ବାଜିଉଠେ । ଦୁଆର ଫିଟେଇ ଛୋଟ ଶିଶୁର ବିମଳ ହସଟିଏ ମୁହଁରେ ଖେଳେଇ ଯିଏ ଘର ଭିତରକୁ ଆଦରରେ ପାଛୋଟି ନିଅନ୍ତି... ବିଶ୍ୱାସ କରି ହୁଏନା, ସେ ହିଁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି ଜୟନ୍ତ ମହାପାତ୍ର... ।

କଟକ ଆକାଶବାଣୀରେ ଗୋଟିଏ ରେକର୍ଡ଼ିଂ ସାରି ରିକ୍ସାକୁ ତିନିକୋଣିଆ ବଗିଚାକୁ ନେଇଯିବାକୁ କହିଥିଲି ସେଦିନ । ଛକରେ ପଚାରିବା ମାତ୍ରେ ଜଣେ କବିଙ୍କ ଘର ଦେଖେଇ ଦେଲେ । ଗେଟ୍ ଖୋଲି ହତାରେ ପାଦ ଦେଲାବେଳକୁ ମୁଁ କଟକର ଗହଳିକୁ ପାଶୋରି ପକେଇଥିଲି । ଗଛଛାଇମାନଙ୍କୁ ସତେ କି କେହି ସେଠି ବିଜନତାର ଶେଯରେ ଥାପୁଡ଼ି ଥାପୁଡ଼ି ଶୁଏଇ ପକେଇଛି । ଏପ୍ରିଲ୍ କି ମେ ମାସର ମଧ୍ୟାହ୍ନ । ଏତେ ଶାନ୍ତଶୀତଳ ଚୁପ୍‌ଚାପ୍ ପରିବେଶକୁ ଭାଙ୍ଗିବାକୁ ସଙ୍କୋଚ ଲାଗୁଥିଲା । ଭାବୁଥିଲି ଫେରି ଆସିବି । କବିଙ୍କୁ ଆଗରୁ ସଭାସମିତିରେ ଦୂରରୁ ଦେଖିଥିଲେ ବି ଘରକୁ ଯିବା ଥିଲା ସେଇ ପ୍ରଥମ । ସେ ବିଶେଷ ଭଲପାଆନ୍ତି ନାହିଁ ଫୋନ୍‌ଫାନ୍‌କୁ । ତେଣୁ ପୂର୍ବରୁ ଆସିବି ବୋଲି ଖବର ଦେଇନଥିଲି । ଡାକିବି କି ନ ଡାକିବି ଭାବୁ ଭାବୁ ଘର ଦୁଆରବନ୍ଧରେ ଛୋଟ ଘଣ୍ଟିର ଗୁଚ୍ଛକୁ କେତେବେଳେ ଛୁଇଁ ଦେଇଥିଲି, ସଙ୍ଗେ ସଙ୍ଗେ କବାଟ ଫିଟିଗଲା ଆଉ ସ୍ନେହବୋଳା ସମ୍ଭାଷଣଟିଏ– "ଆରେ ଅପର୍ଣ୍ଣା ଆ...ଆ... ।" ଘର ଭିତରେ ପାଦ ରଖିବା କ୍ଷଣି ପ୍ରଶ୍ନ: "କ'ଣ ଖାଇଚୁ ?" ସେତେବେଳକୁ ଦିନ ୨ଟା ବାଜିଲାଣି । କବିଙ୍କୁ ୫ ମିନିଟ୍ ସାକ୍ଷାତ୍ କରି କେଉଁଠି ଠେଲାବାଲା ପାଖରୁ ଦହିବରା ଆଳୁଦମ୍ ଖାଇଦେଇ କେନ୍ଦ୍ରାପଡ଼ା ଫେରିବାର ଯୋଜନା କରିଥାଏ । ମୁହଁଦେଖି ସେ ଠିକ୍ ଜାଣିଗଲେ ମତେ ପ୍ରବଳ ଭୋକ ହେଉଛି । ନାନୀ (ଶ୍ରୀମତୀ ମହାପାତ୍ର)ଙ୍କ ଦେହ ସେତେବେଳେ ଭୀଷଣ ଅସୁସ୍ଥ । ଘରେ ରୋଷେଇବାସ କରୁଥିବା ସ୍ତ୍ରୀ ଲୋକଟି କାମ ସାରି କେତେବେଳୁଁ ଚାଲିଗଲାଣି । ପଚାରି ବୁଝିଲି କବି କାଲି ବଳକା ଥିବା ବିରିଆନୀ ଓ ନାନୀ ତାଙ୍କ ପଥ୍ୟ ଖାଇ ସାରିଛନ୍ତି । ମୁଁ ଯେତେ ନାହିଁ କଲି ଶୁଣିଲେ ନାହିଁ । କବି ନିଜେ ପୁରୀ-ଆଳୁଦମ୍ ରାନ୍ଧିଲେ । ଖାଇବା ଟେବୁଲ୍‌ରେ ପୁଣି ଆମେ ତିନିହେଁ ଖାଇ ବସିଲୁ ।



▲ସହଧର୍ମିଣୀଙ୍କ ସହ କବି ଜୟନ୍ତ ମହାପାତ୍ର

ପ୍ରତ୍ୟାଖ୍ୟାନ କରି ଫେରେଇ ଦେଇଥିଲେ । ମୁଁ ଦୁଃଖିତ ହୋଇ ଜୟନ୍ତ ମହାପାତ୍ରଙ୍କୁ ଚିଠିରେ ଏକଥା ଜଣେଇଥିଲି । ମୋତେ ମୋ ଚିଠିର ପ୍ରତ୍ୟୁତ୍ତରରେ ସେ ଲେଖିଥିଲେ ଅତି ସ୍ପଷ୍ଟ ଭାବରେ, Durga, If you think poetry will bring you instant fame and success, then stop writing altogether. ତାଙ୍କ କଥାବାର୍ତ୍ତା ନମ୍ର, ସରଳ କିନ୍ତୁ ଶାଣିତ । ବୌଦ୍ଧିକତାର ଆଟୋପ ନଥାଏ । ଯଦି କେଉଁ ପ୍ରସଙ୍ଗରେ ସେ ସ୍ପଷ୍ଟ ନଥାନ୍ତି, ସେ ଜାଣନ୍ତି ନାହିଁ ବୋଲି ସ୍ୱୀକାର କରନ୍ତି । ଯେମିତି ସେ ନିଜ ଓଡ଼ିଆ କବିତାକୁ ନେଇ ସନ୍ଦିହାନ ଓ ଶଙ୍କାକୁଳ, ସେ ପ୍ରଥମରୁ ହିଁ ମାନିନିଅନ୍ତି ଯେ ଓଡ଼ିଆ କବିତାର idiomଟି ସେ ଏଯାଏଁ ଧରିପାରି ନାହାନ୍ତି ।

ପୃଥିବୀର ପ୍ରାୟ ଦେଶରେ, ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ମଞ୍ଚ, ସମ୍ମାନ, କର୍ମଶାଳାରେ ନିମନ୍ତ୍ରିତ ହୋଇ ସେ କବିତାପାଠ କରିଚନ୍ତି । ଆମେରିକାର ଆଇଓଆ ବିଶ୍ୱବିଦ୍ୟାଳୟର ଲେଖା କର୍ମଶାଳାରେ ଭାଗ ନେଇଛନ୍ତି । ପୋଏଟ୍ରି ଚିକାଗୋ ଆନୁକୂଲ୍ୟରେ ଜାକୋବ୍ ଗ୍ଲାଡ୍‌ଷ୍ଟେନ୍ ପୁରସ୍କାର ଠାରୁ ଭାରତ ସରକାରଙ୍କ ପ୍ରଦତ୍ତ ପଦ୍ମଶ୍ରୀ ସମ୍ମାନ ଯାଏଁ ତାଙ୍କ ସମ୍ମାନର ତାଲିକା ଖୁବ୍ ଲମ୍ବା । ଏଇ କିଛି ବର୍ଷ ତଳେ ବିପତ୍ନୀକ ହେଇ ଜୟନ୍ତ ଏବେ ଏକାକୀ ଜୀବନଯାପନ କରୁଛନ୍ତି କଟକରେ, ମଝିମଝିରେ ଲାଗି ରହିଥିବା ଅସୁସ୍ଥତା ସହିତ ।

ଜୟନ୍ତ ମହାପାତ୍ରଙ୍କ ଭଳି ଜଣେ ଉତ୍ତୁଙ୍ଗ ଶିଖରର ସାହିତ୍ୟସାଧକଙ୍କ ବିଷୟରେ ଏମିତି ଅନେକ କଥା କୁହାଯାଇପାରେ ଯାହା ସରିବ ନାହିଁ ।

ଏଠାରେ କହିବା ବାହୁଲ୍ୟ ଯେ ଜୟନ୍ତ ମହାପାତ୍ର ମୋର ପ୍ରିୟ କବି-ମଣିଷ । ସେ ମୋର କାହିଁକି ଓ କିପରି ପ୍ରିୟ ଏହା ଏଠାରେ ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ । କାହାକୁ ଭଲ ଲାଗିବାର ତଥା ଭଲପାଇବାର 'କାରଣ' ଖୋଜାଯିବା ଅନିବାର୍ଯ୍ୟ ନୁହଁ । ଯେଉଁ ମଣିଷଟିକୁ ଖୁବ୍ ଭଲପାଉଥିବ ତା ବିଷୟରେ ଲେଖିବା ବି ଅନ୍ୟ ଏକ ଦୂରୁହ ବ୍ୟାପାର । ଭଲ ପାଉଥିବାର ଲୋକଟି ବିଷୟରେ ଲେଖିବାକୁ ଗଲା ବେଳେ ସର୍ବପ୍ରଥମେ ଧୋକା ଦିଅନ୍ତି 'ଶବ୍ଦ'ମାନେ । ବିଚରା ଶବ୍ଦମାନେ ଭାବର ମାତ୍ରାଧିକ ଉଚ୍ଛ୍ୱାସ ଟିକକ ସମ୍ଭାଳି ପାରନ୍ତି ନାହିଁ ବୋଧେ । ଭାଷା ଓ ଶବ୍ଦକୁ ମାଧ୍ୟମ କରି ପ୍ରିୟ ମଣିଷର ସ୍ମୃତିଗୁଡ଼ିକୁ ଗୋଟି ଗୋଟି କରି ଉଖାରିଲା ବେଳେ, ତା ସହ ବିତିଥିବା ସମୟ ଓ ସମ୍ପର୍କର ଅବତାରଣା କଲା ବେଳେ ଆବେଗ ଆତିଶଯ୍ୟରେ 'ଶବ୍ଦ'ର ଅସାମାର୍ଥ୍ୟଟି ଜଳଜଳ ଦିଶିଯାଏ । ଗୋଟେ ଛଳଛଳ ତଥା ଭାବପ୍ରବଣତାରେ ପରିପୂର୍ଣ୍ଣ ଏକ ନିର୍ଭେଜାଲ ସମ୍ପର୍କକୁ ବଖାଣି ବସିଲା ବେଳେ ଏମିତି ଅନେକ ଅଦୃଶ୍ୟ ଅସହାୟତା ଆବୋରି ବସେ ।

ବିଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି, ମୋର ସମ୍ପର୍କ ଜୟନ୍ତ ସାର୍‌ଙ୍କ ସହିତ । କଲେଜ୍‌ରେ ପଢ଼ିବା ବେଳେ ଆମ ଘରକୁ The Telegraph ସମ୍ବାଦପତ୍ର ଆସୁଥାଏ । ରବିବାର ଦିନ ସେଇ ସମ୍ବାଦପତ୍ର ସହ ଆସୁଥାଏ ଏକ ରଙ୍ଗୀନ ପୁସ୍ତିକା Colour Magazine । ସେଇ ପୁସ୍ତିକାରେ ପ୍ରତିମାସ ଥରେ ଇଂରାଜୀରେ ଗପ ଆଉ ଥରେ ବଛାବଛା କିଛି ଇଂରାଜୀ କବିତା ଛପା ହେଉଥାଏ । ପ୍ରକାଶିତ ଗପଗୁଡ଼ିକୁ ନିର୍ବାଚିତ କରୁଥିଲେ ପ୍ରଖ୍ୟାତ ସ୍ତମ୍ଭକାର / ସାମ୍ବାଦିକ/ଗାଳ୍ପିକ ଖୁସ୍‌ୱନ୍ତ ସିଂହ ଆଉ କବିତାଗୁଡ଼ିକୁ ଚୟନ କରୁଥିଲେ କବି ଜୟନ୍ତ ମହାପାତ୍ର । ଜୟନ୍ତ ସାର୍‌ଙ୍କ ନାଁଟିକୁ ଏଇ ପତ୍ରିକାରେ ଦେଖିଲି ପ୍ରଥମେ । ପରେ ପରେ ଏଇ ନାଁଟିର ଗୁରୁତ୍ୱ ଓ ପ୍ରସିଦ୍ଧି ସହ ଧିରେ ଧିରେ ପରିଚିତ ହେଲି । ମନୋଜ ଦାସଙ୍କ The Heritage ବି ନୂଆ ନୂଆ ପ୍ରକାଶିତ ହେଇ ଆଲୋଡ଼ନ ସୃଷ୍ଟି କରୁଥାଏ ସେତେବେଳେ । ସେଠି ବି ଦେଖିଲି ଜୟନ୍ତ ସାର୍‌ଙ୍କ କବିତା ଓ ଆଲେଖ୍ୟ ପୃଷ୍ଠା ମଣ୍ଡନ କରୁଥାଏ । ଏଇ କ୍ରମରେ ମଝିରେ ମଝିରେ ପଢୁଥାଏ Illustrated Weekly of India, ଯାହା ସେ ସମୟରେ ସମ୍ପାଦିତ ହେଉଥିଲା ପ୍ରଖ୍ୟାତ କବି/ ସାମ୍ବାଦିକ ପ୍ରୀତିଶ୍ ନନ୍ଦୀଙ୍କ ଦ୍ୱାରା । ଖୁବ୍ ଭଲ ଲାଗୁଥାଏ ମୋତେ ନୂଆ ନୂଆ କବିତା ଓ ସାହିତ୍ୟର ପୃଥିବୀ – ମୋର ସାହିତ୍ୟକୁ ପ୍ରବେଶ ଇଂରାଜୀ ଭାଷାର ଦୁଆର ଦେଇ । Weeklyରେ ବି ଦେଖିଲି ଜୟନ୍ତ ସାର୍‌ଙ୍କ କବିତା । ଆଉ ବି ପରିଚୟ ହେଲା କେତେ ବଡ଼ବଡ଼ କବି ଓ ଲେଖକଙ୍କ ସହିତ, ଡମ୍ ମୋରେସ୍, ନିସିମ୍ ଏଜ୍‌କିଅଲ୍, କମଳା ଦାସ, କେକୀ ଦାରୁୱାଲା, ରାମାନୁଜନ୍, ଅରବିନ୍ଦ ମେହେରୋତ୍ରା ଆଦିଙ୍କ ମେଳରେ ଦେଖିଲି ଜୟନ୍ତ ସାର୍‌ଙ୍କ ଲେଖା । ଲୁଚିଲୁଚିDebonair ପତ୍ରିକା ଦେଖିବା ଓ ପଢ଼ିବା ଭିତରେ ସେଠି ବି ଦେଖିଲି ଅନେକ ଦିଗ୍‌ଗଜ ଲେଖକଙ୍କ ଭିତରେ ଜୟନ୍ତ ମହାପାତ୍ରଙ୍କୁ । ବୁଝିଲି ଜୟନ୍ତ ସାର୍ ବିଶ୍ୱବିଖ୍ୟାତ କବି, ଆମ ଦେଶ ଓ ରାଜ୍ୟ ପାଇଁ ଗୌରବ । ତା'ପରେ ତାଙ୍କୁ ଖୋଜି ଖୋଜି ପଢ଼ିଲି । ବିଭିନ୍ନ ସଂଭ୍ରାନ୍ତ କବିତା ସଂକଳନରେ ସ୍ଥାନୀତ ତାଙ୍କ କବିତା । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ଯାଇ ବିରାଟ ଲାଇବ୍ରେରୀରେ ଦେଖିଲି ଜୟନ୍ତ ସାର୍‌ଙ୍କ Viking / Penguin ଦ୍ୱାରା ସଦ୍ୟ ପ୍ରକାଶିତ କବିତା ସଂକଳନ A whiteness of Bone. ଗର୍ବରେ ମୋର ଛାତି ଚଉଡ଼ା ହେଇଗଲା । ସେଠାକାର ସାଙ୍ଗମାନଙ୍କୁ ଡାକି ଆଣି ଦେଖେଇଲି ମୋ ରାଜ୍ୟର କବିଙ୍କୁ । ବୁଝେଇଲି ଭାରତୀୟ- ଇଂରାଜୀ କବିତାର ସେ ଅନ୍ୟତମ ତାରକା ବୋଲି ।

ଜୟନ୍ତ ସାର୍‌ଙ୍କ କବିତାର ସେ ଧୂଆଁଳିଆ ପଣ, ରହସ୍ୟମୟତା, ଦୁଃଖର ଗଭୀରତା, ସମ୍ବେଦନା ଓ ଭାବପ୍ରବଣତା କାବ୍ୟିକ ଶବ୍ଦ ସଂଯୋଜନା ମୋତେ ନେଇ ଯାଇଥିଲା ଏକ ବିଚିତ୍ର ଓ ଅଦ୍ଭୁତ କଳ୍ପନାର ଇଲାକାକୁ । ମୋ ଭିତରେ ବି କଡ଼ ଲେଉଟାଉଥିଲା କବିତା, ନୂଆକରି ଗଢ଼ି ହେଉଥିଲା ଭିନ୍ନ ଏକ ସୌନ୍ଦର୍ଯ୍ୟବୋଧ, ଏକ ମାର୍ଜିତ ରୁଚିବୋଧ- ଖୁବ୍ ସୂକ୍ଷ୍ମତାର ସହ ।

ମୋ ଭିତରେ କବିପଣର ଅଙ୍କୁରୋଦ୍‌ଗମ କରେଇଥିବା ସେ କବି ମଣିଷଙ୍କୁ ଖୋଜି ଖୋଜି ଯାଇ ହଠାତ୍ ଦିନେ ଯାଇ ପହଞ୍ଚିଗଲି ତାଙ୍କ କଟକ ସ୍ଥିତ ତିନିକୋଣିଆ ବଗିଚାର ଘରେ । ସାହସ ଜୁଟାଇ ଗେଟ୍ ଖୋଲି ଜୟନ୍ତ ସାର୍‌ଙ୍କୁ ହିଁ ପଚାରିଦେଲି ଓ କହିଲି: "ମୁଁ ଟିକେ କବି ଜୟନ୍ତ ମହାପାତ୍ରଙ୍କୁ ଦେଖିବାକୁ ଚାହେଁ ।" ଜୟନ୍ତ ସାର୍ ସାମାନ୍ୟ କଠୋର ଦିଶିବାର ଅଭିନୟ କରି କହିଲେ, "ମୋ ପାଖରେ ତ ଦେଖିବା ଭଳି କିଛି ନାହିଁ, ମୁଁ



▲ଦୁର୍ଗାପ୍ରସାଦ ପଣ୍ଡା ଓ ତାଙ୍କ ପତ୍ନୀ ସରୀତାଙ୍କ ସହିତ ସପତ୍ନୀକ ଜୟନ୍ତ ସାର୍

# ହୃଦୟରୁ କଣିକାଏ...

## ଅମରେଶ ପଟ୍ଟନାୟକ



▶ ଅଙ୍କନ : ପଙ୍କଜ କୁମାର ଦାସ

କଟକର ଛାତିରେ କଳାଜାଇ ଭଳି ଥାନଟିଏ । ତିନିକୋଣିଆ ବଗିଚାରେ । ତା' ଭିତରେ ହୃଦୟଟିଏ । ତା'ରି ଭିତରେ ଥାଆନ୍ତି ସେ । ସେ କବି ପଦ୍ମଶ୍ରୀ ଡକ୍ଟର ଜୟନ୍ତ ମହାପାତ୍ର । ସାଆର୍କ (ଏକ୍ଷଣି ଏସୀୟ ଆଞ୍ଚଳିକ ସହଯୋଗ ସଂଘ) ୨୦୧୦ ପୁସ୍ତିକାର ଭାଷାରେ- "ଆଧୁନିକ ଯୁଗର ସବୁଠୁଁ ବଡ଼ ଭାରତୀୟ କବିଙ୍କ ମଧ୍ୟରୁ ଜଣେ ସେ ।" ୧୮୯୨ରୁ ନିୟମିତ ପ୍ରକାଶିତ ସୁବିଖ୍ୟାତ ଆମେରିକୀୟ ପତ୍ରିକା 'ଦ ସିଓ୍ୱାନୀ ରିଭ୍ୟୁ' ୨୦୦୯ର ସବୁଠୁ ବଳି ଭଲ କବିତାର କବି' ପୁରସ୍କାର ଲାଭ କରିବାରେ ସେ ଆମ ମାଟିର ପ୍ରଥମ କବି । ପଦ୍ମଶ୍ରୀ, କେନ୍ଦ୍ରୀୟ ସାହିତ୍ୟ ଏକାଡ଼େମୀ, ସାଆର୍କ ସାହିତ୍ୟ ପୁରସ୍କାର...ବହୁ ଆନ୍ତର୍ଜାତିକ ଓ ଅନ୍ତର୍ଜାତିକ ସମ୍ମାନରେ ସମ୍ମାନିତ ସେ ।

ଏଇ ଶରତରେ ୮୨ ବୟସରେ ପାଦଦେବେ ସେ ମହାଷ୍ଟମୀରେ । ଜିନ୍ ପ୍ୟାଣ୍ଟ୍ ବ୍ଲୁ ସାର୍ଟ....ଅଣ୍ଟା ୩୨ ଛାତି ୩୪...ପାଞ୍ଚଫୁଟ୍ ଛ' ଇଞ୍ଚ୍....ଚକ୍‌ଚକ୍ ଚେହେରା....ଲାଗନ୍ତି ୮୨ ନୁହେଁ ୨୮ ବର୍ଷ ବୟସରେ । ଅଥୟ, ତରତର, ଉଦ୍ଦାମ ତତ୍ପର । ସାଧାରଣଙ୍କ ମହଲରେ ନିହାତି ନିରୀହ ସରଳ ସାଧାରଣ ଅସାଧାରଣଙ୍କ ଗହଣରେ, ପରିବେଶରେ ଅତ୍ୟନ୍ତ ଅସାଧାରଣ । ଠିକ୍ ତାଙ୍କ କବିତା ଭଳି । ତାଙ୍କ ଜୀବନଯାତ୍ରା ଭଳି ।

୧୨ବର୍ଷ ତଳର କଥା । ମହିଳା ଜଣେ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ହସ୍‌ପିଟାଲ୍‌ରେ । ଫାଟି ରକ୍ତ ଜମାଟ ମୁଣ୍ଡ ଭିତରେ । ସଙ୍ଗେ ସଙ୍ଗେ ପ୍ରୟୋଜନ ଅପରେସନ୍ । ଅଚାନକ ସେଠି ଉଭା ଦରଦୀ ପ୍ରାଣର ନିଛକ ନିଦର୍ଶନ କବି ଜୟନ୍ତ ମହାପାତ୍ର । ଶୁଣି ଭାବିବା ଆଗରୁ ବୋଧେ ହାତ ତାଙ୍କ ପକେଟ୍‌ରେ । ସବୁତକ ଟଙ୍କା ବୋଧେ କାଢ଼ି ବଢ଼ାଇ ଦିଅନ୍ତି ସ୍ୱାମୀ ନାମକ ଚରିତ୍ରକୁ । ନେବା ନନେବା ପ୍ରଶ୍ନ କାହିଁ ! ଗୋଟିଏ ବାକ୍ୟ- "ତୁ କ'ଣ ମୋ ପୁଅ ଭଳିଆ ନୁହଁ, ନେ, ରଖ୍ ଦରକାର ।" (ବହୁ କଷ୍ଟରେ ପରେ ଯଦିଓ ଫେରା ହୋଇଥିଲା ଟଙ୍କା) ସେଇ ମୁହୂର୍ତ୍ତ ! ସେଇ ଅସହାୟ ଅନିଶ୍ଚୟ ସ୍ଥିତି । ସେଇ ଆତ୍ମୀୟତା, ସେଇ ହୃଦୟ ଆଲୋଡ଼ନ ! ହଁ, କବି ଜୟନ୍ତ ମହାପାତ୍ରଙ୍କ ଭାଷାରେ- "ସେଇ ହୃଦୟ, ଯାହାକୁ କେହି କେବେ ଦେଖିପାରି ନାହିଁ । ସେଇ ହୃଦୟ ଯାହା ଲୁଚି ରହିଥାଏ କେଉଁଠି କେଜାଣି, କେଉଁ ଗର୍ଭାଶୟ ଭିତରେ । କିନ୍ତୁ ଭଲ ପାଇବାର ନିରୀହତାରେ ଲୁଚି ନରହି ଲମ୍ବି ଆସେ ବାହାରକୁ, ଆଉ ଏତେ ଲମ୍ବା ହୋଇ ଯାଇପାରେ ଯେ ପୃଥିବୀକୁ ଗୁଡ଼େଇ ଦେଇପାରେ ଚାରି ପାଞ୍ଚ ଥର ।

ତ ସୁନ୍ଦର ନୁହଁ ଦେଖିବାକୁ, ବୁଢ଼ା ମଣିଷ, ଚନ୍ଦାମୁଣ୍ଡ, ହାଡୁଆ ଦେହ ଆଉ କଣ ଅଛି ମୋ'ଠି ଦେଖିଲା ଭଳି... ହଉ, ଭିତରକୁ ଆସ..." ବୋଲି କହି ଡାକିନେଲେ ଘର ଭିତରକୁ । ସେଇ ଦିନଠୁ ହିଁ ତାଙ୍କ କବିତ୍ୱ ଓ ବ୍ୟକ୍ତିତ୍ୱର ମୋହରୁ ମୁକ୍ତ ହୋଇପାରୁନି ।

ମୁଁ ସମ୍ବଲପୁରରୁ ତାଙ୍କୁ ଭେଟିବାକୁ ଆସିଛି ଜାଣି ସେ ଆହୁରି ଖୁସି ହେଇଥିଲେ ସେଦିନ । ତାଙ୍କ ସହ ଦେଖା ହେଲା ବେଳକୁ ସେ ମୋର ଦୁଇଟି ଇଂରାଜୀ କବିତା ପ୍ରକାଶିତ କରି ସାରିଥିଲେ ତାଙ୍କ ଦ୍ୱାରା ନିର୍ବାଚିତ The Telegraph Colour magazineରେ । ଅବଶ୍ୟ ତା ପୂର୍ବରୁ ମୋର ଆଉ ଏକ କବିତା ପ୍ରକାଶିତ ହେଇ ସାରିଥାଏ ସାମାନ୍ୟ ଅପଖ୍ୟାତ ପତ୍ରିକା Debonair ରେ । କିନ୍ତୁ କବିତାର ଖଣ୍ଡିଉଡ଼ା ସମୟରେ ଯେଉଁ ଉତ୍ସାହ ଓ ସମାଲୋଚନା ଜୟନ୍ତ ସାର୍‌ଙ୍କ ଠୁ ମିଳିଚି, ଖାଲି ମୋତେ ନୁହେଁ ଅନେକଙ୍କୁ, ତାର ପଟାନ୍ତର ନାହିଁ । ଜୟନ୍ତ ସାର୍ ନିଜକୁ Harshest Editor ବୋଲି କହୁଥିଲେ । କବିତା ଚୟନରେ ଖୁବ୍ ରୋକ୍‌ଠୋକ୍ । ଅନେକ ପ୍ରତିଷ୍ଠିତ କବିଙ୍କ କବିତା ବି ଫେରେଇ ଦଉଥିଲେ । ତାଙ୍କ ଦ୍ୱାରା ସମ୍ପାଦିତ ଇଂରାଜୀ ପତ୍ରିକା 'ଚନ୍ଦ୍ରଭାଗା' ଏକଦା ସାରା ଦେଶରେ ଚହଳ ସୃଷ୍ଟି କରିଥିଲା । ଯେଉଁଥିରେ ଛପା ହେବା ଏକ ବିରଳ ସୌଭାଗ୍ୟ ବୋଲି ଗଣା ଯାଉଥିଲା ।

'ସମ୍ବଲପୁର'- ଏଇ ନାଁଟି ଶୁଣିଲେ ଇ ଜୟନ୍ତ ସାର୍‌ଙ୍କ ମୁହଁ ଆଉ ଟିକେ ଉଜ୍ଜ୍ୱଳ ହେଇଉଠେ । ଆଖି ଟିକେ ବଡ଼ ହେଇଯାଏ । 'ସମ୍ବଲପୁର' ସହରର କଥା ପଡ଼ିଲେ ସ୍ମୃତଦଗ୍ଧ, ଭାବପ୍ରବଣ ହେଇଯାନ୍ତି ସାର୍ । ଜୟନ୍ତ ସାର୍ ଏକଦା ସମ୍ବଲପୁରର ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଥିଲେ । ସାର୍ ସ୍ମୃତି ରୋମନ୍ଥନ କରି କହନ୍ତି, "ଜାଣିଚ ଦୁର୍ଗା ! ବୁଢ଼ାରଜା ପାହାଡ଼ ପଟୁ ଆମେ ରହୁଥିବା କ୍ୱାର୍ଟର ପଛପଟକୁ ସନ୍ଧ୍ୟାରେ ଭାଲୁ ଆସୁଥିଲେ । ଫାଟକ ରେଳ ଷ୍ଟେସନରେ ସେତେବେଳ ଯାଏଁ ବିଜୁଳିବତୀ ଲାଗିନଥିଲା । ଜଣେ ଲୋକ ସନ୍ଧ୍ୟାରେ ଲମ୍ବା ଗୋଟେ ସିଢ଼ି ଆଉ ତେଲ ଟିଣ ଧରି ଆସେ, ବତୀରେ ତେଲ ଢାଳି ନିଆଁ ଧରେଇ ଚାଲିଯାଏ ।" ପଚାଶ ଦଶକର ସମ୍ବଲପୁର ରହଣୀକୁ ମନେପକେଇ ସେ ପ୍ରଗଲ୍‌ଭ ହେଇଉଠନ୍ତି ।

ସେଇ ସମୟରେ ସମ୍ବଲପୁର ସହରର ଓ ଆଖପାଖ ଇଲାକାରେ ପ୍ରସିଦ୍ଧ ଟାଉନ୍ ହୋଟେଲ୍‌ର ଗରମ ବରା ଓ ସାରସ୍ୱତ ପୁସ୍ତକ ଭଣ୍ଡାରକୁ ମନେ ପକାନ୍ତି । କହନ୍ତି, "ସେ ସମୟରେ ଆମେମାନେ ସପରିବାର ସାଇକେଲ୍‌ରେ ବୁର୍ଲା, ହୀରାକୁଦ ଆଡ଼େ ବୁଲି ଯାଉଥିଲୁ ପ୍ରତି ରବିବାର ଦିନ ।" ମୋତେ ଦେଖିଲେ ପଚାରନ୍ତି ରମା କେମିତି ଅଛି ? ଭୋଳା ସହ ଦେଖାହୁଏ କି ? ସେ ସମ୍ବଲପୁର ସହରର ବରିଷ୍ଠ ଚିତ୍ରଶିଳ୍ପୀ ଏକଦା ଶାନ୍ତିନିକେତନର ଛାତ୍ର ଭୋଳାନାଥ ନାୟକ ତଥା ବରିଷ୍ଠ ଡାକ୍ତର ରମାବଲ୍ଲଭ ମିଶ୍ରଙ୍କ କଥା କହୁଥାନ୍ତି । ଡାକ୍ତର ରମାବଲ୍ଲଭ ମିଶ୍ର କହନ୍ତି ଜୟନ୍ତ ସାର୍ କୁଆଡ଼େ ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲେ ।

ଭୋଳାନାଥ ନାୟକଙ୍କ ଦ୍ୱାରା ଅଙ୍କିତ ରୁନୁ ମାଉସୀଙ୍କ ଏକ ପ୍ରୋଟ୍ରେଟ୍ ଏବେ ବି ଯତ୍ନର ସହ ସାଇତା ହେଇ ଶୋଭାପାଏ ଜୟନ୍ତ ସାର୍‌ଙ୍କ ଶୟନ କକ୍ଷରେ ।


ଏଇ ସମ୍ବଲପୁର ସହରରେ ସାର୍‌ଙ୍କ ଅନେକ ଛାତ୍ର । ସବୁଛାତ୍ର ବୟସର ଅପରାହ୍ନରେ, ଜୀବନର ସାୟାହ୍ନରେ । ଜୟନ୍ତ ସାର୍‌ଙ୍କ ଖୁବ୍ ସମ୍ମାନ ଓ ଆଦରର ସହ ମନେପକେଇ କହନ୍ତି, "ଆମ ସମୟର ସବୁଠୁ Fashionable Sir ଥିଲେ ଜୟନ୍ତ ସାର୍ ।

ସମ୍ବଲପୁର ବର୍ଷାର ଟୋପାରେ କେମିତି ଗୋଟିଏ ଉଲ୍ଲାସ ଥାଏ । କହି ପାରିବିନି ସ୍ପଷ୍ଟ ଭାବରେ, କିନ୍ତୁ ମାଟିକୁ ପବନକୁ ଓଦା କରିବାର ଅଧୈର୍ଯ୍ୟ ଧରି ଥାଆନ୍ତି ଗୋଟିଏ ଗୋଟିଏ ଟୋପା । କଟକର ବର୍ଷା ପରି ଲୁହର ଆକାର ନଥାଏ ସେ ଟୋପାମାନଙ୍କର, ଆବେଗପୂର୍ଣ୍ଣ ଥାଆନ୍ତି ସତେ ଯେମିତି, ସମ୍ବଲପୁର ବର୍ଷା ଟୋପା । ଆଉ ଯଦି ସୂର୍ଯ୍ୟ କିରଣ କମ୍ପି ପଶିଯାଏ ଟୋପା ଭିତରକୁ, ଆଲୁଅ ନଇଁଯାଏ, ମୋଡ଼ିମାଡ଼ି ହେଇ ସେ ଆଲୁଅ ଭାଙ୍ଗିଯାଏ ରଙ୍ଗମାନଙ୍କୁ । କଟକରେ ମତେ ସେମିତି ଲାଗେ ନାଇଁ, ପ୍ରତ୍ୟେକ ଟୋପା ମନରେ ଏକ ପ୍ରକାର କ୍ଷୟ ଆଣିଦିଏ, କିଛି ଗୋଟେ ହଜିଗଲା ପରି, ଅଚିହ୍ନା ଲୋକ ପରି ହେଇଯାଆନ୍ତି ଟୋପାସବୁ । ଇଚ୍ଛା ହୁଏ ସେ ସମ୍ବଲପୁର ବର୍ଷାର ନିଆଁରେ ଛିଡ଼ା ହୋଇ କାନ୍ଦିବାକୁ । କବିତା କ'ଣ ଏମିତି ଆରମ୍ଭ ହୁଏ ? କିଏ ଜାଣେ ?(**ପାହିନି ରାତି**)

ଯେତେବେଳେ ସମ୍ବଲପୁର ସହରରେ ଗୋଟେ ପବ୍ଲିକ୍ ଲାଇବ୍ରେରୀ ଯାହା ସହରର ଅନେକ ବୁଦ୍ଧିଜୀବୀଙ୍କ ଉଦ୍ୟମରେ ଗଢ଼ି ଉଠିଥିଲା, ତାକୁ ଉଦ୍‌ଘାଟନ କରିବାର ସମୟ ଆସିଲା; ସମ୍ବଲପୁର ସହରରେ ରହୁଥିବା ତାଙ୍କର କିଛି ପ୍ରାକ୍ତନ ଛାତ୍ର ଓ ବୁଦ୍ଧିଜୀବୀ, ତଥା ଜୟନ୍ତ ସାର୍‌ଙ୍କୁ ନିକଟରୁ ଜାଣିଥିବା ଓ ଭଲପାଉଥିବା ସଚେତନ ନାଗରିକ ଇଚ୍ଛା କଲେ ଯେ, ସମ୍ବଲପୁର ସହରକୁ ମନଦେଇ

ଭଲପାଉଥିବା ବିଶିଷ୍ଟ କବି ଜୟନ୍ତ ମହାପାତ୍ରଙ୍କ ହାତରେ ହିଁ ଲାଇବ୍ରେରୀର ଉଦ୍‌ଘାଟନ ହେଉ । ଜୟନ୍ତ ସାର୍ ବି ଅତି ସହଜରେ ତାଙ୍କ ସମ୍ମତି ପ୍ରଦାନ କରିଥିଲେ । ଦୁର୍ବଳ ଓ ଭଗ୍ନ ସ୍ୱାସ୍ଥ୍ୟ ସତ୍ତ୍ୱେ, ଠିକ ଉଦ୍‌ଘାଟନ ଉତ୍ସବର ପୂର୍ବଦିନ ସନ୍ଧ୍ୟାରେ ପହଞ୍ଚିଗଲେ ।

ପହଞ୍ଚୁ ପହଞ୍ଚୁ ଆୟୋଜକମାନଙ୍କୁ କହିଲେ, "ଦୁର୍ଗାକୁ ଖବର ଦିଅ, ମୁଁ ଆସିଚି ବୋଲି ।" ଆୟୋଜକମାନେ ପରସ୍ପରର ମୁହଁ ଚାହାଁଚାହିଁ ହେଇଥିବେ ନିଶ୍ଚୟ । ପରେ ପରେ ଜାଣିବାକୁ ପାଇଥିଲି, ସେଠାରେ ଉପସ୍ଥିତ କିଛି ବରିଷ୍ଠ ନାଗରିକ ଆଶ୍ଚର୍ଯ୍ୟାନ୍ୱିତ ହେଇଥିଲେ ଏଇ କଥା ଭାବି ଯେ ଏତେ ବିଶିଷ୍ଟ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କବି ଜୟନ୍ତ ମହାପାତ୍ର ଦୁର୍ଗା ପ୍ରସାଦ ପଣ୍ଡାଙ୍କ ପରି ଜଣେ ଅର୍ବାଚୀନ ଯୁବକକିଙ୍କୁ ଏତେ ବ୍ୟସ୍ତ ହେଇ କାହିଁକି ଖୋଜୁଛନ୍ତି ! ପରେ ପରେ ଇଂଜିନିୟର ଶ୍ରୀ କରୁଣାକର ସୁପକାରଙ୍କ ଟେଲିଫୋନ୍ ନମ୍ବରରୁ ଫୋନ୍ ଆସିଲା ମୋ ପାଖକୁ । ସେ ପାଖେ ଜୟନ୍ତ ସାର୍‌ର କଣ୍ଠସ୍ୱର ଥରିଲା ଥରିଲା: "ଦୁର୍ଗା, ମୁଁ ତୁମ ସହରରେ...ମତେ ଦେଖିବାକୁ ଆସିବ ନାହିଁ?" ଫୋନ୍ ରଖି ମୁଁ ପରିବାର ସହ ଯାଇ ପହଞ୍ଚିଗଲି ସେ ରହୁଥିବା ହୋଟେଲ୍‌ରେ । ମୋ ସାଥିରେ ମୋର ଝିଅ ଓ ସ୍ତ୍ରୀ ଶିଉଳୁକୁ ଦେଖିଦେଇ ଯେଉଁ ଖୁସି ସେ ହେଲେ ତାକୁ ଶବ୍ଦରେ ପ୍ରକାଶ କରିବା ମୋ ସାଧ୍ୟର ବାହାରେ । କି ନିବିଡ଼ ଆଲିଙ୍ଗନ ଓ ପ୍ରାୟ କାନ୍ଦ କାନ୍ଦ ଭାବପ୍ରବଣତାରେ ଓଦା ଓଦା ସ୍ୱର । ଗତ କିଛିବର୍ଷ ତଳେ ରୁନୁ ମାଉସୀଙ୍କୁ ହରେଇ ସାରିଥାନ୍ତି ଜୟନ୍ତ ସାର୍ । ପରେ ପରେ ଅନେକ ଦିନ ଧରି ରୋଗାକ୍ରାନ୍ତ ହେଇ ସେଇ ମାତ୍ର ଟିକେ ଭଲ ହେଇଥାନ୍ତି । କେତେ ଅନାବିଳ ସ୍ନେହରେ ମୋ ଝିଅ ଅନ୍ୱେଷାକୁ ପାଖରେ ବସେଇଲେ, କେତେ କଥା ପଚାରିଲେ । ଦୀର୍ଘଦିନ ଧରି ଚାଲିଥିବା ଔଷଧର ପ୍ରଭାବରେ ସାର୍‌ଙ୍କ ଦେହମୁହଁ ଫୁଲି ଯାଇଥାଏ । ତଥାପି ସେଦିନ ସାର୍ ଥାନ୍ତି ହସହସ, ଚଳଚଞ୍ଚଳ, ଛୁଆଟିଏ ଭଳି ପୁରାପୁରି । ସମ୍ବଲପୁର ସହରର ଆକର୍ଷଣରେ ଟାଣି ହୋଇ ଆସିଥାନ୍ତି ସେ । ପରଦିନ ସଭାରେ ଭଗ୍ନ ସ୍ୱାସ୍ଥ୍ୟ ସତ୍ତ୍ୱେ ଅଣ୍ଟାରେ ଓସାରିଆ ସପୋର୍ଟ ବେଲ୍‌ଟ୍ ବାନ୍ଧି କଷ୍ଟରେ ଠିଆ ହେଇ କୋହଭର୍ତ୍ତି ସ୍ୱରରେ ସ୍ୱଳ୍ପ ଭାଷଣ ଦେଲାବେଳେ କରତାଳିରେ ସାର୍‌ଙ୍କ ପ୍ରେମପୂର୍ଣ୍ଣ ଶବ୍ଦମାନଙ୍କୁ ସ୍ୱାଗତ କରିଥିଲେ ଲୋକେ ।


ବାର୍ଦ୍ଧକ୍ୟର ବୁଲାଣିରେ ସ୍ୱପ୍ନଭୁକ୍ ଶିଶୁଟିଏ : ଜୟନ୍ତ ସାର୍

ସେଦିନ ରାତିରେ ଜୟନ୍ତ ସାର୍‌ଙ୍କ ବିଦାୟ ନେଲା ବେଳେ କଥା ଛଳରେ ମୋ ସ୍ତ୍ରୀ ଶିଉଳୁକୁ ଜୟନ୍ତ ସାର୍ ପଚାରିଦେଇ ଥିଲେ, "କବିମାନଙ୍କ ସହ ସଂସାର କରିବା ଖୁବ୍ କଷ୍ଟ ନାରେ?" ଶିଉଳୁ କିଛି କହି ପାରିନଥିଲା । ଜୀବନକୁ ଏତେ ଗଭୀର ଆଉ ଲମ୍ବା ସମୟ ଧରି ଭୋଗିଥିବା ଲୋକଟି ପାଖରେ କଣ କିଛି କହିବାକୁ ଜିଭ ଲେଉଟେ ! ସାର୍ ନିଜେଇ କହିଲେ, "ମୁଁ ଜାଣେ ।" ଜୟନ୍ତ ସାର୍‌ଙ୍କ ସାମଗ୍ରିକ କୃତି ଉପରେ ପ୍ରାୟ ପାଞ୍ଚଶହ ପୃଷ୍ଠା ସମ୍ବଳିତ ଏକ ପୁସ୍ତକର ସମ୍ପାଦନା କରିବା ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଠାରୁ ଅନୁରୋଧ ପତ୍ର ପାଇବା ପରେ ଯେତିକି ଖୁସି ହେଲି ତା'ଠୁ ଅଧିକ ଚିନ୍ତାଗ୍ରସ୍ତ ହେଲି । ମୋର ବ୍ୟସ୍ତ ହେବାର କାରଣ ଥିଲା କାଳେ ଏତେ ବଡ଼ କବିଙ୍କ କୃତିଗୁଡ଼ିକୁ ସଠିକ ନ୍ୟାୟ ଦେଇ ପାରିବି ? ଇଂରାଜୀ ବହି ପୃଥିବୀର ସବୁଆଡ଼େ ଯିବ, ଭୁଲ୍‌ଭାଲ୍ ହେଲେ ମୁଁ ଲୋକହସା ହେବିନି ତ ? ସାର୍‌ଙ୍କୁ ଫୋନ୍‌କରି ଏକଥା ଜଣାଇଲି । ସାର୍ ସେମିତି କିଛି ଉତ୍ସାହିତ ଲାଗିଲେ ନାହିଁ । ପଚାରିବାରୁ କହିଲେ ଯେ ଏଇ ବୟସରେ ଏକଥା ଆଉ ମୋତେ ଉଚ୍ଛାଟିତ କରିପାରୁ ନାହିଁ । ତାଙ୍କ ସ୍ୱରରେ ଥିଲା କିଛିଟା ଥକାପଣ, କିଛି କ୍ଷୋଭ, କିଛି ନିର୍ଲିପ୍ତତାର ମିଶ୍ରଣ । ସାର୍ କହିଲେ, "ମୁଁ ବୁଢ଼ା ହେଲିଣି, ମୋ ଉପରେ ପରିଶ୍ରମ କରି ସମୟର ଅପଚୟ କାହିଁକି ?" ମୁଁ ଟିକିଏ ଅଡ଼ି ବସିବାରୁ କହିଲେ, "ହଉ ତୁମର ଯଦି ବହୁତ ଆଗ୍ରହ ଅଛି ତେବେ ଆଗକୁ ବଢ଼ିପାର । ଯଦି ପ୍ରକୃତରେ ମୋ ଲେଖାକୁ ଭଲ ପାଉଥାଅ ତେବେ ଯାଇ କର, ନଚେତ୍ କରନାହିଁ । ମୋ ଉପରେ ବହି ନହେଲେ ବି ମୋର ଦୁଃଖ ହେବ ନାହିଁ । ତୁମମାନଙ୍କର ସ୍ନେହଶ୍ରଦ୍ଧା ଯଥେଷ୍ଟ ପାଇଚି, ସମ୍ମାନ ପ୍ରତିଷ୍ଠା ବି ଯଥେଷ୍ଟ ପାଇଚି, ମୋର ଆଉ କିଛି ବି ଅଭିଯୋଗ କି ଅବସୋସ ନାହିଁ ।"

ପରେ ପରେ ଏକ ପୁସ୍ତକ ସମ୍ପାଦନା କାମରେ ସବୁଠୁ ଅଧିକ ସହଯୋଗ ମିଳିଥିଲା ତାଙ୍କ ଠୁ । ମୋତେ ତାଙ୍କ ପାଖକୁ ଆସି ଦିନଟେ ବିତେଇବାକୁ ଅନୁରୋଧ କରି ଚିଠିଟେ ଲେଖିଥିଲେ ଜୟନ୍ତ ସାର୍ । ଏଇ କ୍ରମରେ ଗୋଟିଏ ଶୀତୁଆ ସକାଳର ମୁଁ ଯାଇ ପହଞ୍ଚିଲି ଜୟନ୍ତ ସାର୍‌ଙ୍କ ତିନିକୋଣିଆ ବଗିଚାର ପୁରୁଣା ଘରେ- ଘରଟି ବ୍ରିଟିଶ୍ ଅମଳର ପୁରୁଣା ଢାଞ୍ଚାରେ ତିଆରି କିନ୍ତୁ ଖୁବ୍ ସଫା ଆଉ ଛାତ ଅପେକ୍ଷାକୃତ ଉଚ୍ଚ । ଏବେ ସେ ଘରର ଅଗଣା ଖୁବ୍ ଖାଲିଖାଲି ଲାଗେ । ଚାରିଆଡ଼େ ହାତଗୋଡ଼ ପ୍ରସାରି ଆବୋରି ବସୁଥିବା ସେ ବୁଢ଼ା ଝଙ୍କାଳିଆ ଆମ୍ବଗଛଟି ଗତ ଅନେଶତ ବାତ୍ୟାରେ ଟଳି ପଡ଼ିଲା । ବାଉଁଶର ଛୋଟ ବୁଦାଟା ବି ଆଉ ନାହିଁ । ରୁନୁ ମାଉସୀଙ୍କ ଚାଲିଯିବା ପରେ ବେଶି ଶ୍ରୀହୀନ ଲାଗେ ଜୟନ୍ତ ସାର୍‌ଙ୍କ ସେଇ ଘର ଖଣ୍ଡିକ । ଏକଦା କେବଳ ବହିରେ ଭର୍ତ୍ତିଥିବା ସେ ଘରର କାନ୍ଥ ପ୍ରାୟ ଦିଶୁ ନଥିଲା । ତାଙ୍କର ଅର୍ଦ୍ଧଶତାବ୍ଦୀ ଧରି ଯତ୍ନରେ ସାଇତିଥିବା ଅନେକ ବହି ସେ ଦାନ କରି ଦେଇଛନ୍ତି ଫକୀରମୋହନ କଲେଜକୁ ଆଉ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ । ଅଳ୍ପକିଛି ବହିପତ୍ର ତଥାପି ଥାଏ ମୁଁ ପହଞ୍ଚିଲା ବେଳେ । ମୋ ପାଇଁ ଅନେକ କଷ୍ଟକରି ଧୂଳିମଳି ହେଇ ପୁରୁଣା ଟ୍ରଙ୍କ୍‌ରୁ ବାହାର କରି ମୋତେ ଅନେକ ଲେଖା ଚିଠିପତ୍ର ଦେଲେ କାମରେ ଲଗେଇବାକୁ । ସେସବୁ ମତେ ହସ୍ତାନ୍ତର କଲାବେଳେ କହିଲେ, "ଦୁର୍ଗା ଏସବୁ ମୋତେ ଆଉ ଫେରେଇବା ଦର୍କାର ନାହିଁ ।" ପୁରା ନିସ୍ପୃହ ଭାବରେ ଏତକ କହିଲେ- ପୁରୁଣା ଜିନିଷ, ଅତୀତ, ସେ ଯେତେ ଉଜ୍ଜ୍ୱଳ ଥାଉନା କାହିଁକି ତା ଉପର ମନ ଛାଡ଼ି ଯିବା ସ୍ୱରରେ କହିଲେ ଯେମିତି ।

ଜୟନ୍ତ ସାର୍‌ଙ୍କ ସହ ସେଦିନ ଭାତ ଖାଇଲି ସରୋଜିନୀ ଆମ ଦୁହିଁଙ୍କୁ ବାଢ଼ିଦେଲା । ମୁଁ ଦେଖୁଥିଲି ସରୋଜିନୀ କିପରି ମା'ଟେ ଛୁଆକୁ ଗେହ୍ଲା କରି ବଳେଇ ବଳେଇ ଖୁଆଇବା ପରି ଜୟନ୍ତ ସାର୍‌ଙ୍କୁ

କହୁଥାଏ, "ବାବୁ, ଏତେ କମ୍ ଖାଇଲୁ ଯେ...ଆଉ ଦି'ଟା ଖା, ମିଠା ଟିକେ ଖା, କିଛି ହବନି ।" ସରୋଜିନୀ ପ୍ରାୟ ଚାଳିଶ ବର୍ଷକୁ ଅଧିକ ସମୟ ଧରି ସାର୍‌ଙ୍କ ଘରର House-help. କିନ୍ତୁ ଘରର ଅଭିନ୍ନ ସଦସ୍ୟ । ରୁନୁ ମାଉସୀଙ୍କ ଯିବା ପରେ ସାରା ଘରକୁ ଆଉ ସାର୍‌ଙ୍କୁ ସେ ହିଁ ସମ୍ଭାଳିଛି– ସତେକି ସେ ଷାଠିଏ ବର୍ଷିଆ ମା' ଆଉ ସାର୍ ନବେ ବର୍ଷିଆ ପୁଅ ।

ସେଦିନ ଖାଇ ସାରିବା ପରେ ପରେ ସାର୍ ପାଖକୁ ଡାକିଲେ ଆଉ ପଢ଼ି ଶୁଣେଇଲେ ସେଇ ଚିଠିକୁ ଯାହା ସେ ଲେଖିଥିଲେ ରାଷ୍ଟ୍ରପତିଙ୍କ ପାଖକୁ 'ପଦ୍ମଶ୍ରୀ' ଫେରେଇ ଦେବାକୁ ଅନୁରୋଧ କରି । ମୁଁ ସେ ଚିଠିର ପ୍ରଥମ ପାଠକ ଥିଲି । ସାର୍ ସାଂପ୍ରତିକ ପରସ୍ଥିତିକୁ ନେଇ ଆଦୌ ସନ୍ତୁଷ୍ଟ ନଥିଲେ । ତାପରେ ସାର୍, ତାଙ୍କ ପ୍ରଶସ୍ତ ଗାଧୁଆଘରକୁ ଡାକିନେଲେ ଆଉ ଦେଖେଇଲେ ସବୁ କାନ୍ଥରେ ଝୁଲୁଥିବା ରୁନୁ ମାଉସୀଙ୍କ ବିଭିନ୍ନ ସମୟର ଫଟୋ । ରୁନୁ ମାଉସୀ ତାଙ୍କ ସମୟର ଅସାମାନ୍ୟା ସୁନ୍ଦରୀ ଏବଂ ବିଦୁଷୀ ନାରୀ ଥିଲେ– ବୟସରେ ସାର୍‌ଙ୍କ ଠାରୁ କେଇ ମାସ ବଡ଼ ବି ଥିଲେ । ଫଟୋ ଗୁଡ଼ିକ ମତେ ଦେଖେଇବା ବେଳେ ସାର୍‌ଙ୍କ ଉତ୍ସାହ, ମୁଖଭଙ୍ଗୀ, ଦେହଭାଷା ଓ ଆବେଗପୂର୍ଣ୍ଣ ଭାବ ବିହ୍ୱଳତା ଦେଖି କଳନା କରୁଥିଲି ସାର୍‌ଙ୍କ ରୁନୁ ମାଉସୀଙ୍କ ପ୍ରତି ଥିବା ଭଲପାଇବାର ଗଭୀରତାକୁ ।

ଏମିତି ହାଲୁକା ଭାବେ ପଚାରି ଦେଲି, "ସାର୍, ମାଉସୀ ମନେପଡ଼ନ୍ତି କି ବହୁତ ?"

ମୁଁ ଭାବିଥିଲି ଯେ ସାର୍ ବିଚଳିତ ହେଇଯିବେ, ଅପ୍ରତିଭ ଦିଶିବେ, ଭାବପ୍ରବଣ ହେଇଯିବେ ମୋର ଏଭଳି ସିଧାସଳଖ ଏ ସ୍ପର୍ଶକାତର ପ୍ରଶ୍ନରେ । କିନ୍ତୁ ସେଭଳି କିଛି ବି ଘଟିଲା ନାହିଁ । ଖୁବ୍ ସହଜ ଭାବରେ ଉତ୍ତର ଦେଲେ, "ନା ।"

ଏଥର ଆଶ୍ଚର୍ଯ୍ୟ ହେବାର ପାଳି ମୋର । ସାର୍ କହିଲେ, "ନା, ଆଦୌ ମନେ ପଡ଼େନାହିଁ ।" ମୁଁ ଆଚମ୍ବିତ ହେଲି ଏମିତି ରୋକ୍‌ଠୋକ୍ ଉତ୍ତରରେ । ସେ ବୁଝିପାରିଲେ ମୋ ମନର ଦ୍ୱନ୍ଦ୍ୱକୁ । କହିଲେ, "ନାରେ ସେମିତି ନୁହେଁ ଯେମିତି ତୁମେ ଭାବୁଚ, କଥା ହେଲା ଏବେ ବି ମୋତେ ଲାଗେ ଯେ ସେ ଏଇଠି କୋଉଠି ଅଛି, ଏଇ ରୁମ୍‌ରେ ଥିଲେ ଆର ରୁମ୍‌ରେ ଅଛି, ଲାଗେ ବାଥ୍‌ରୁମ୍ ଯାଇଚି, ଏଇ ଟିକେ ବାହାରକୁ ଯାଇଛି ଫେରି ଆସିବ । ଏମିତି ବି ହେଇଚି ଯେ ସକାଳୁ ନିଦ ଭାଙ୍ଗୁ ଭାଙ୍ଗୁ ମୁହଁରୁ ସ୍ୱତଃ ଭାବରେ 'ରୁନୁ' ଡାକ ବାହାରି ଯାଏ– ପରକ୍ଷଣରେ ପ୍ରକୃତିସ୍ଥ ହୁଏ । ମୋତେ ଲାଗେ ସବୁବେଳେ ଯେ' ସେ ମୋତେ ଛାଡ଼ିକି କୁଆଡ଼େ ଯାଇନି, ମୋର ଆଖପାଖରେ ହିଁ ଅଦୃଶ୍ୟ ଭାବରେ ଅଛି ।"

ସାର କହୁଥିଲେ, "ସେ ହିଁ ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି ମୋତେ ସମ୍ଭାଳିଥିଲା, ଯଥେଷ୍ଟ ସ୍ୱାଧୀନତା ଦେଇଥିଲା, ଭାଙ୍ଗି ପଡୁଥିବା ବେଳେ ମନୋବଳ ଦେଇଥିଲା, ମୋର 'ବାୟାପଣ'ର ଯତ୍ନ ନେଇଥିଲା, ମୋର ଅସଜଡ଼ା ଜୀବନକୁ ପୂର୍ଣ୍ଣତା ଦେଇଥିଲା । ଆଜିକାଲି ଏ ବୟସରେ ଆଉ ବେଶି କିଛି କରିହୁଏ ନାଇଁ । ଏବେ ଏଇ ସରୋଜିନୀ ହିଁ ମୋତେ ସମ୍ଭାଳି ରଖିଚି !"


ମଝିରେ ମଝିରେ ଶୁଣେ ସାର୍‌ଙ୍କ ଦେହ ଭଲ ରହୁନାହିଁ । ଶୁଣିଦେଲେ ଛାତିତଳେ ଅତଡ଼ା ଧସିଯାଏ । ଆତଙ୍କିତ ହେଇଯାଏ ମୁଁ । ମୁଁ ବ୍ୟସ୍ତ ହେଇପଡ଼େ ସାହିତ୍ୟ ଏକାଡ଼େମୀ ସାର୍‌ଙ୍କ ସାମଗ୍ରିକ କୃତିକୁ ନେଇ କରୁଥିବା ବହିଟି କାହିଁକି ଶୀଘ୍ର ପ୍ରକାଶ କରୁନାହିଁ । ଆଶଙ୍କାରେ କେଇଦିନ ଘାରି ହେବା ପରେ ଫୋନ୍ କରେ ସାର୍‌ଙ୍କୁ– ଫୋନ୍ ପ୍ରଥମେ ସରୋଜିନୀ ହିଁ ଧରେ । କହେ, "ବାବୁ ଏବେ ଟିକେ ଭଲ ଅଛି ।" ସାର୍‌ଙ୍କୁ ଫୋନ୍‌ରେ ପଚାରେ କେମିତି ଅଛନ୍ତି ବୋଲି । ସାର୍ କହନ୍ତି, "ଏ ବୟସରେ ମୋର ଆଉ ଭଲ କଣ, ଖରାପ କଣ ? ଖୁବ୍ ଏକ୍‌ଲା ଲାଗୁଚି । ଏତେ ବଡ଼ ଘରେ ଏକାକୀ ପଡ଼ିଚି । ତମେ ସବୁ ମଝିରେ ମଝିରେ ଫୋନ୍ କରୁଥିବରେ । ନବେ ବର୍ଷ ବୟସରେ ମୋର ଆଉ 'ଆସନ୍ତାକାଲି' ବୋଲି କିଛି ଥାଏ କି ?"

କିଛିବର୍ଷ ପୂର୍ବେ ସାର୍‌ଙ୍କୁ ପଚାରିଥିଲି, "ସାର୍, ମୃତ୍ୟୁ ଭୟ ହୁଏ କି ?" ସାର୍ ସ୍ମିତହସି କହିଲେ, "ବହୁତ ଗୁଡ଼ା ବର୍ଷ ବଞ୍ଚିଲିଣି, ସବୁ ସାଙ୍ଗ ପ୍ରିୟପରିଜନ ଛାଡ଼ି ଚାଲି ଗଲେଣି । ମୁଁ ଯଥେଷ୍ଟ ବଞ୍ଚିଲିଣି । ଜୀବନକୁ ମନଭରି ଭଲପାଇଚି– ବହୁତ ସମ୍ମାନ, ଶ୍ରଦ୍ଧା, ପ୍ରେମ ପାଇଚି ଜୀବନରେ ଆଉ କିଛି ଅବଶୋଷ ନାହିଁ । ଏବେ ମୁଁ ପ୍ରସ୍ତୁତ ଯେ' କୌଣସି କ୍ଷଣରେ ମୃତ୍ୟୁକୁ ଆଦରି ନେବା ପାଇଁ ।"

ଏଇ କିଛି ମାସ ତଳର କଥା । ବଡ଼ବାପାଙ୍କ ମୃତ୍ୟୁ ଖବର ପାଇ କଟକ ଯାଇଥାଏ । ସାର୍‌ଙ୍କୁ ଟିକେ ଦେଖି ଆସିବା ବୋଲି ଭାବି ସାର୍‌ଙ୍କ ପାଖକୁ ଗଲୁ । ସାର୍ ଗରମ ଆଳୁଚପ୍ ଖାଇବାକୁ ଭଲ ପାଆନ୍ତି ଜାଣି କିଛି ଆଳୁଚପ୍ ଓ ମିଠା ନେଇ ପହଞ୍ଚିଲୁ । ସାର୍ ବହୁତ ଖୁସ ହେଲେ ଆମ ଦୁହିଁଙ୍କୁ ଦେଖି । ଦୋସା ମଗେଇ ଖୁଆଇବାକୁ ଜିଦ୍ କରୁଥିଲେ । ଘଣ୍ଟାଏ କାଳ ଦୁଃଖସୁଖ ହେଇ ଆମେ ସାର୍‌ଙ୍କ ଠୁ ବିଦାୟ ନେଲୁ । କଟକରେ ବଡ଼ବାପାଙ୍କ ଘରକୁ ପହଞ୍ଚୁ ପହଞ୍ଚୁ ଆସିଲା ଜୟନ୍ତ ସାର୍‌ଙ୍କ ଫୋନ୍ । ସାର୍ ଟିକେ ଦୋଷୀ ଦୋଷୀ ସ୍ୱରରେ ପଚାରିଲେ, "ଦୁର୍ଗା, ଟିକେ କଷ୍ଟ କରି ଆସିପାରିବ କି ଏଇକ୍ଷଣି ମୋ ପାଖକୁ ? ତୁମ ପାଇଁ ଗୋଟେ ଜିନିଷ ରଖିଥିଲି, ଦବାକୁ ଭୁଲିଗଲି ।" ମୁଁ କହିଲି, "ସାର୍ ଏବେ ଯାଇ ପହଁଚୁଛି ।" ସାର କହିଲେ, "ଖରାପ ଭାବିବ ନାଇଁରେ ଦୁର୍ଗା, ଟିକେ କଷ୍ଟ ଦେଲି ତୁମକୁ !" ମୁଁ କହିଲି, "ଆପଣ ଏତେ କାହିଁ ଚିନ୍ତା କରୁଚନ୍ତି ।" ମୁଁ ଭାବିଲି ଏତେ ବଡ଼ କବି, ଏତେ ପ୍ରତିଷ୍ଠା ଓ ପ୍ରସିଦ୍ଧି କିନ୍ତୁ ସେଇ ଶିଶୁସୁଲଭ ନିରୀହପଣ–ଅହଂକାରର ଚିହ୍ନବର୍ଣ୍ଣ ନାହିଁ । ମୁଁ ପହଁଚିଲା ପରେ କହିଲେ, "ଖୁବ୍ ବୁଢ଼ା ହେଲିଣି ଆଉ ଭଲକରି କିଛି ମନେ ରହୁନାହିଁ ।"

ମୋ ହାତରେ ସାର୍ ଗୋଟେ ଛୋଟ ଡବା ଦେଲେ । ଉପରେ ମୋ ନାଁ ଲେଖିଲେ ଓ ନିଜେ ଜେଏମ୍ ବୋଲି ଲେଖିଲେ । କହିଲେ, "ଏ ଭିତରେ ଗୋଟେ କଫିମଗ୍ ଅଛି । ମୁଁ ଚାହେଁ ତୁମେ ଏଇ ମଗ୍‌ରେ ସକାଳୁ ସକାଳୁ ଚା' କି କଫି ପିଇବ ଆଉ ମୁଁ ନଥିବା ବେଳେ ମୋତେ ମନେ ପକେଇବ ।" ମୁଁ ଦେଖିଲି ସାର୍‌ଙ୍କ ଆଖି ଛଳ ଛଳ ଲୁହରେ ଆଉ କଣ୍ଠ ବାଷ୍ପାକୁଳ । ମୁଁ କଣ କହିବି ଭାବି ପାରିଲିନି । ଆସିଲା ବେଳେ ଗେଟ୍ ଯାଏଁ ଆସିଲେ ବଳେଇ ଦବାକୁ । ମୁଁ ନିଜର ଯତ୍ନ ନେବାକୁ କହିଲି । ଗାଡ଼ିରେ ବସି ଚିନ୍ତା କଲି, ସାର୍ ବୋଧହୁଏ ଆଜିକାଲି ତାଙ୍କର ସମୟ ସରି ଆସୁଥିବା କଥାଟି ଅଧିକ ଭାବୁଚନ୍ତି । ଅଦୃଷ୍ଟଙ୍କୁ ମାଜଣା କଲି ସାର୍‌ଙ୍କୁ ଭଲ ରଖିଥାନ୍ତୁ ଆଉ ନିଜକୁ ଧନ୍ୟ ମନେକଲି ଏଇଭଳି ଜଣେ ନମ୍ର, ଦେବତୁଲ୍ୟ, ବିଶିଷ୍ଟ କବି ଏ ଲେଖକଙ୍କ ସାନିଧ୍ୟ ମୋତେ ଦୁଇ ଦଶନ୍ଧି ଧରି ମିଳିଥିବାରୁ, ତାଙ୍କଠୁ ପ୍ରେରଣା ଓ ଆର୍ଶିବାଦ ମିଳିଥିବାରୁ ତଥା ତାଙ୍କ ସାମଗ୍ରିକ ଲେଖକୀୟ କୃତିଗୁଡ଼ିକୁ ସମ୍ପାଦନା କରିବାର ଗୌରବ ପ୍ରାପ୍ତ ହୋଇଥିବାରୁ ।


ଏମ୍.ଆର–୧୪, ଜଗନ୍ନାଥ କଲୋନୀ,
ବୁଢ଼ାରଜା, ସମ୍ବଲପୁର–୭୬୮୦୦୪
ଫୋନ୍ : ୯୪୩୮୦୭୪୪୧୪



ଜେ.ଏମ୍.ଙ୍କ ଜୀବନୀ ଗ୍ରନ୍ଥ



ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସମ୍ପାଦିତ ପୁସ୍ତକ : ଜୟନ୍ତ ମହାପାତ୍ର ଏ ରିଡର


ଚିତ୍ର ଓ ଚରିତ୍ର
Kaipara
Nuapara gram panchyata
Taradipal
Indupur
Brahmini River
Manipura Village
Goban River
JAMBOO
0-00 KM
ଜମ୍ବୁ
0.00 କି.ମି.
Patkura
Jambu
Natural Harbor
Hukitala
Jadupur
5 km

## ଗାଉଣ୍ଡ୍ ଜିରୋ ଜିଓଗ୍ରାଫି

# ଜମ୍ବୁର ଜୀବନ



▲ ବତିଘର : ଦିଶାର ବାରେଣୀ
ନିଜର ନିର୍ଜନତାରେ ଗାଉଥାଏ ଆଲୁଅର ଅପୂର୍ବ ରାଗିଣୀ




**ଭୀମ ପୃଷ୍ଟି**

ଫଟୋ ସୌଜନ୍ୟ : ଅତୁଲ ବଳ


କଥାଟା ବାବୁଭାଇଙ୍କ ତିହିଡ଼ି ସ’ମିଲ୍ ଖଟିରେ ଦିନେ ଉଠିଲା । ଗୋଟେ ଗୋଟେ କଥାରେ ଚକିତ କରିଦେବାରେ ବାବୁଭାଇ ମାହିର୍ । କେଉଁଠୁ ବୁଲି ଆସିଲେ, ସେ ଜାଗାଟାକୁ ରଙ୍ଗ ଦେଇ ଏମିତି କହିବେ, ତୁମେ ଆଁ କରି ତାଙ୍କ ଆଡ଼େ ଅନେଇଥିବ ।

ସେଦିନ ଖଟିରେ ‘ଦେଶ୍’ ପତ୍ରିକାରୁ ବଙ୍ଗଳା କବିତା ଉପରେ କଥା ପଡ଼ିଥିଲା । ଆମ ଆଲୋଚନା ଭିତରକୁ ସେ ଷଣ୍ଢ ପୂରେଇ ଦେଲେ- “ଆବେ ଜାଣିଛୁ, ଆମ ଆଖପାଖରେ ଗୋଟେ ମିନି ବାଂଲାଦେଶ୍ ଅଛି !”

ଆମେ ସବୁ ବଙ୍ଗଳା କବିତା ଛାଡ଼ି ବାବୁ ଭାଇଙ୍କ ବାଂଲାଦେଶ୍ ଆଡ଼େ ଘାଲେଇଲୁ । ଖଟିରେ କଥା ଉଠିଲା : ହୌ ହୌ କେବେ ସମସ୍ତେ ଯିବା, ଦେଖିବା, ଓଡ଼ିଶା ଭିତରେ ବାଂଲାଦେଶ୍ କେମିତି ।

ଏହି ବାଂଲାଦେଶ୍ କଥାଟା ମୋ ଭିତରେ ଅନେକ ବର୍ଷ ଧରି ରହିଲା । ଦିନେ ମୋର ମନ ହେଲା- ମୁଁ ଯିବି । ଦେଖିବି ବାବୁଭାଇଙ୍କ ମିନି ବାଂଲାଦେଶ୍ । ଆରମ୍ଭ ହେଲା ଯାତ୍ରା । ସେ ନୂଆ ଜାଗାରେ ପହଞ୍ଚି, ସେଇଠି ରହିବାର ବ୍ୟବସ୍ଥା କରିଦେବାକୁ କହି ବାହାରି ଆସିଲି । ଚାନ୍ଦବାଲିରୁ ବନ୍ଧୁ ରବି ତ୍ରିପାଠୀ ଓରଫ୍ ରବିନନା ଓ ମୁଁ ବାଇକ୍‌ରେ ଆସି ବୈତରଣୀ ପାର୍ ହେଲୁ । ତାପରେ ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ ବଦାରବନ୍ଦି ବାଁ ପାଖ ଘେରିବନ୍ଧ ରାସ୍ତା ଦେଇ ଜମ୍ବୁ ଘାଟରେ ପହଞ୍ଚିଲା ବେଳକୁ ମୁହଁ ସଞ୍ଜ ।

ଘାଟରେ ପଚାରିଲି- “କେଉଁଟା ଜମ୍ବୁ ?” ରବିନନା ଆଗ ପାଖକୁ ହାତ ଠାରି ଦେଲେ- ପତଳା ଅନ୍ଧାରର ଗଛପତ୍ର ଗହଳି ସେପାଖରେ କଳା କୁହୁଡ଼ିରେ ଜୁଳୁଜୁଳିଆ ଦିଶୁଥିଲା ଜମ୍ବୁ । ସେଠି ଆମର କାହାର ଚିହ୍ନା ନାହିଁ । ସୁତରାଂ ଆମକୁ ଘାଟ ପାରେଇ ଛପାଲି ଛକରେ ଖୋଜିବାକୁ ହେବ ବଉଳକଣୀର ହଳଧର ସ୍ୱାଇଁଙ୍କୁ । ରାଜନୀତିଆ ଲୋକ । ରବି ନନାଙ୍କ ଚିହ୍ନା । ଜମ୍ବୁ ପାଖରେ ପହଞ୍ଚି ଜମ୍ବୁ ଭିତରକୁ ଯିବାକୁ ମୋତେ ଆସନ୍ତାକାଲି ସକାଳୁ ଅପେକ୍ଷା କରିବାକୁ ହେବ ।

ଗୋବରୀ ନଈର ପହଲି ଘାଟିଆ ଘାଟ ଡଙ୍ଗାରେ ବାଇକ୍ ଲଦି ନଇ ପାର୍ ହେଲା ବେଳେ ଜମ୍ବୁ ଅନ୍ଧାରରେ ମୋ ଠୁ ଦୂରେଇ ଦୂରେଇ ମିଳେଇ ଯାଉଥିଲା ଯେପରି ହେନ୍ତାଳ ବଣ ସେପାଖର ବଙ୍ଗୋପସାଗରରେ ।

ଛପାଲି ଛକରେ ହଳଧର ବାବୁଙ୍କ ସହ ଦେଖା ହେଲା ।  ଆମର ରହଣିର ବ୍ୟବସ୍ଥା କରିବାକୁ ଶୁଣି ଆମକୁ ଜମ୍ବୁ ଘାଟ ପାଖକୁ ଫେରେଇ ଆଣିଲେ । ଇରିଗେସନ୍ ବାଲାଙ୍କ ଗୋଟେ ଟାଇଲ୍ ଛପର ଜଣିକିଆ ସର୍କାରୀ କ୍ୱାର୍ଟର୍, ରହୁଥିଲା ଜମୁନଟ୍‌ର ଖଲାସୀ ଗୋବିନ୍ଦ ସେନାପତି । ଡେଙ୍ଗା, କଳା, ନହନହକା ଚେକ୍ ଲୁଙ୍ଗି ଓ ଗଂଜି ପିନ୍ଧା ଗୋବିନ୍ଦ ହାତରେ ଲଣ୍ଠନଟିଏ ଧରି ଆମ ଆଗରେ ଛିଡ଼ା ହେଲା । ଆଜିର ରହଣି ପାଇଁ ଗୋବିନ୍ଦ ହିଁ ଭରସା ।

▼ ଉଦାସ ଅପରାହ୍ନ : ମନମୋହନ ଦାସ



ହଳଧର ବାବୁ କହିଲେ, “ଏ ବାବୁମାନଙ୍କୁ ଗୋଟେ ରାତି ବଙ୍ଗଳାରେ ରହିବାର ବ୍ୟବସ୍ଥା କର ।” ଗୋବିନ୍ଦ



▲ନ'ଅଙ୍କର ଚାଉଳ ଗୋଦାମ : ରିଫ୍ୟୁଜିଙ୍କ ପ୍ରଥମ ଆଶ୍ରୟ

ସେନାପତି ନାହିଁ ନାହିଁ ହେଲା । ବଙ୍ଗଳାରେ ଲାଇଟ୍ ନାହିଁ । ପାଣି ନାହିଁ । ପାଇଖାନା ନାହିଁ । ଉପର ମହଲାରେ ଗୋଟେ ରୁମ୍ । କେଉଁ ସର୍କାରୀ ବାବୁଙ୍କ ବର୍ଷ ବର୍ଷ ଧରି ରହିବାର ନାହିଁ । ମୂଷା ଅସରପାରେ ଭର୍ତ୍ତି ହୋଇ ରହିଛି ।

ଆମେ ଦେଖିଲୁ ବି ଜହ୍ନର ମଳିଛା ଆଲୁଅରେ ଗୋବରୀ ନଈ କୂଳରେ ଝାଉଁ ଗଛ ଗହଳିରେ ଛିଡ଼ା ହୋଇଥିଲା ସେ ଇରିଗେସନ୍ ଡିପାର୍ଟମେଣ୍ଟର ବଙ୍ଗଳାଟି, ବର୍ଷ ବର୍ଷର ପ୍ରତୀକ୍ଷାରେ ପଥର ପାଲଟିଥିବା କୋଉ ଏକ ଅଭିଶପ୍ତା ନାରୀ ପରି । ଠିକ୍ ଗୋଟେ ଭୂତକୋଠି । ମୁଁ ଭାବି ନେଇ ସାରିଥିଲି, ହୁଏତ ଏଠି ରହିବାର ବ୍ୟବସ୍ଥା କିଛି ହେବନି । ଯଦି ଆଜି ରାତିରେ ମୁଁ ଫେରିଯାଏ– ତେବେ ଆଉ କ'ଣ ଜମ୍ବୁକୁ ସତରେ ମୁଁ ଆସି ପାରିବି ? ଜମ୍ବୁକୁ ଆସି ଜମ୍ବୁ ଭିତରକୁ ନଯାଇ ଫେରିଯିବାର ମନକଷ୍ଟରେ ଯେତେବେଳ ମୁଁ ହତାଶ, ସେତିକିବେଳେ ହଳଧର ବାବୁ କହିଲେ– "ତା'ହେଲେ ତୁମର ଏ କ୍ୱାର୍ଟର୍ସ୍‌ରେ ଏ ବାବୁ ଦି' ଜଣଙ୍କ ରାତିରେ ରହିବାର ବ୍ୟବସ୍ଥା କର ।" ପୁଣି ଗୋବିନ୍ଦ ସେନାପତି କୁନ୍ଥୁ କୁନ୍ଥୁ ହେଲା– ଏ ତ ଲାଇଟ ନାହିଁ, ପାଣି ନାହିଁ । ବାହାର ଟିଉବ୍‌ୱେଲ୍‌ରୁ ଆଣିବାକୁ ହେବ । ଏଠି ଖଟ ନାହିଁ । ଚେୟାର୍ ନାହିଁ ।"

ଜମ୍ବୁରେ ରହିବାର ବ୍ୟାକୁଳତା ଓ ନଫେରିବାର ଉତ୍ତେଜନାରେ ମୁଁ ଥିଲି । କହିଲି– "ହଁ ଗୋଟେ ରାତି ଆମେ ଚଳେଇ ପାରିବୁ । ତଳେ ଶୋଇଯିବୁ । ବାହାର ଟିଉବ୍‌ୱେଲ୍‌ରେ ଗାଧୋଇବୁ ।" ସେଇଠି ହଳଧର ବାବୁ କଥା ଛଡ଼ାଇ ନେଲେ– "ତୁମେ ନିଜ ପାଇଁ ଯେଉଁ ରୋଷେଇ କରୁଛ, ଏ ବାବୁ ଦି'ଜଣଙ୍କ ପାଇଁ ବି ମିଶେଇକି ଖାଇବା କରିଦେବ । ତୁମ ଦୋକାନ ସଉଦା ଖର୍ଚ୍ଚ  ବାବୁମାନେ ଦେବେ । ଗୋଟେ ରାତି ବାସ୍ ।" ଗୋବିନ୍ଦ ସେନାପତି ଦେଖିଲା ନିଜ ଡିପାର୍ଟମେଣ୍ଟ୍‌ରେ କିଛି କାମ ନଥାଇ ଜମ୍ବୁନଟ୍‌ରେ ବସିଛି । ଏ ପାଖରେ ରାଜନୀତିଆ ଲୋକ ହଳଧର ବାବୁଙ୍କ କଥା ନରଖିଲେ ଡର । ଅତଏବ ସେଇଠି ଆମର ଜମ୍ବୁର ପ୍ରଥମ ରାତି କଟିଲା । ସେଦିନ ଭାତ ଡାଲ୍‌ମା ଆଳୁଚୋଖାର ବାସ୍ନାରେ ଗୋବିନ୍ଦ ସେନାପତି ହାତର ସୁଆଦ ଭରିଥିଲା । ସକାଳ ପାହିଲେ ଜମ୍ବୁ... ଏମିତି ଗୋଟେ ସ୍ୱପ୍ନ ଭିତରେ ଚଟାଣରେ ମଶାରୀ ଟାଙ୍ଗି ଶୋଉ ଶୋଉ ଭଲନିଦ ହେଇଗଲା । ତା'ପର ଦିନ ସକାଳ । ଗୋବରୀ ନଈରେ ଛଲ୍‌ଛଲ୍ କଅଁଳିଆ ଖରା । ଜମ୍ବୁକୁ ଘାଟପାରିର ଗହଳି ଲାଗି ରହିଥିଲା । ନଈ ଆରପାରିରେ ମୋ ସୁଖର ଜାଗା ଓ ସେଠିକାର ଶହ ଶହ ଅଚିହ୍ନା ମଣିଷଙ୍କୁ ଛୁଇଁବାକୁ ମୁଁ ବ୍ୟାକୁଳ । ଡଙ୍ଗାରେ ବାଇକ୍ ଚଢ଼ାଇ ରବିନନା ଓ ମୁଁ ଜମ୍ବୁ ଭିତରକୁ ବାହାରି ପଡ଼ିଲୁ ।

ଘାଟରାସ୍ତା ଯେଉଁଠି ଜମ୍ବୁ ବଜାର ରାସ୍ତାରେ ମିଶିଛି, ସେହି କୋଣରେ ଛିଡ଼ା ହୋଇଛି ପରିତ୍ୟକ୍ତ ବ୍ରିଟିଶ୍ ଅମଳର ଦ୍ୱିମହଲା ଘର, ନଅଙ୍କ ଦୁର୍ଭିକ୍ଷ ସମୟରେ ହୁକିଟୋଲା ବନ୍ଦର ଦେଇ ରେଂଗୁନ୍‌ରୁ ଯେଉଁ ଚାଉଳ ଆସୁଥିଲା । ଆମେ ରାସ୍ତାର ଦୁଇକଡ଼ରେ ଜମ୍ବୁର ଛୋଟ କୋଠାଘର, ଆଜ୍‌ବେଷ୍ଟସ୍ ଓ ଗୁମୁଟି ଦୋକାନଘର ସବୁ ପାରେଇଗଲୁ । ହୁକିଟୋଲା ବନ୍ଦରର କୁଲିସର୍ଦ୍ଦାର ଦୁଃଶାସନ ଓ ରାମପ୍ରସାଦ ନାଁରେ ହାଇସ୍କୁଲ୍ । ପଞ୍ଚାୟତ ଅଫିସ୍ । ସିଧା ରାସ୍ତା ପଡ଼ିଛି ଦକ୍ଷିଣପଡ଼ା । ରାସ୍ତାକଡ଼ରୁ ଭିତରକୁ ଧାଡ଼ି ଧାଡ଼ି ରାସ୍ତା । ରାସ୍ତା ଦି' କଡ଼ରେ ନୂଆଣିଆ ଟାଳଛପର ଘର, ଗଡ଼ିଆ । ହତାବାଡ଼ି । ବାଂଲାଦେଶୀଙ୍କ ବସ୍ତି । ସେଠୁ ପୁଣି ପଛକୁ ଫେରି ଆସିଲୁ । ପୁଣି ବଜାର ପାରେଇ ଉତ୍ତରପଡ଼ା ସାହି । ସେଠୁ ଦାସସାହି । ପୁଣି ନଈ ବନ୍ଧରେ ଚଢ଼ । ବନ୍ଧରେ ବନ୍ଧରେ ଡାହାଣ ପାଖକୁ ନେଇ ଛିଡ଼ା କରାଇଦେଲେ ବନ୍ଧ ସେପାଖର ହେନ୍ତାଳ ବଣ ପାଖରେ । ବଣର ସବୁଜିମା ଭିତରକୁ ହାତ ବଢ଼େଇ କହିଲେ, "ଓ ସେପାଖରେ ଟେକା । ସେଠି ମାଛ ଧରାଯାଏ । ସେ ପାଖରେ ପାରାଦ୍ୱୀପ ପଟେ ମହାନଦୀ ମୁହାଣ । ଫଲ୍‌ସ୍ ପଏଣ୍ଟ୍ । ଏପାଖରେ ସମୁଦ୍ର ମଝିରେ ଗୋଟେ ଟାପୁ । ସେଇଠି ହୁକିଟୋଲା ଓଡ଼ିଶାର ପ୍ରଥମ ବନ୍ଦର ।"

ଘେରିବନ୍ଧ ଦେଇ ଜମ୍ବୁଘାଟରେ ପହଞ୍ଚିବା ପରେ ପଚାରିଲି– "ରବିନନା ! ଆମେ ଜମ୍ବୁରେ କା'ସହ କଥାବାର୍ତ୍ତା କି ମିଳାମିଶା କ'ଣ କରିବା ନାହିଁ ?" ରବିନନା ଥିଲେ ଘରମୁହାଁ । ସେ କାରଣରୁ ବୁଝେଇଲେ, "ଏମାନେ ଅଲଗା ଟାଇପ୍‌ର ଲୋକ । ଏମାନଙ୍କ ଭାଷା ଅଲଗା । ଏମାନେ ଆଗ ଅଚିହ୍ନା ଲୋକଙ୍କୁ ସର୍କାରୀ ବାବୁ ବୋଲି ଭାବି ଡରିବେ । ଏଇ ତ ଜମ୍ବୁ ହୈ ମେରା ଜାନ୍ ।" ରବିନନା କଥା ତୁଟାଇ ଦେଲେ । ମୋର ଯେପରି ମନ ମାନୁନଥାଏ । ମୋ ମନରକ୍ଷା କରି କହିଲେ, "ଏବେ ଆମେ ଘାଟ ପାରେଇ ରାମନଗର ଯିବା । ଦେଖିବ ସେଇ ଜାଗା ବାଂଲାଦେଶର ଗୋଟେ ଛୋଟକାଟର ବଜାର ।"

ରାମନଗର ଗଲାବେଳେ ରାସ୍ତା କଡ଼ରେ ଆମ ବାଁ ପାଖର ମନ୍ଦିରକୁ ଦେଖାଇ ରବିନନା ଚିହ୍ନେଇ ଦେଲେ– "ଏଠିକାର ପ୍ରସିଦ୍ଧ ଦରିଆ ରାମଚଣ୍ଡୀ ମନ୍ଦିର । ଏଠିକା ଲୋକ ବୋଟ୍‌ରେ ମାଛ ଧରିବାକୁ ପ୍ରଥମେ ଏଇ ଦରିଆ ରାମଚଣ୍ଡୀଙ୍କୁ ସ୍ମରଣ କରି ଅନୁକୂଳ କରନ୍ତି । ରାମ ନଗର ହେଉଛି ଜମ୍ବୁର ବାଂଲାଦେଶୀଙ୍କ ସବୁଠୁ ବଡ଼ ବସତି ।" ଆମେ ଏବେ ରାମନଗର ବଜାରରେ । ସତରେ ଗୋଟେ ମିନି ବାଂଲାଦେଶର ସ୍ଥାୟୀ ହାଟ ଭଳି ରାମନଗର ବଜାର । ହାଟ ଚାରିପାଖରେ ଛୋଟବଡ଼ ଦୋକାନ । ଘର କରଣା, ଖାଇବା ଜିନିଷ ଛଡ଼ା ଦ୍ୱିମହଲାବାଲା ଶାଢ଼ି ସୋରୁମ୍ । ସବୁଠି ବଙ୍ଗଳା ବା ବାଂଲା କଥାବାର୍ତ୍ତା । ବୋହୂଦିମାନେ ବହୁ ଦୋକାନର ମାଲିକାଣୀ । ଚାଓମିନ୍‌ରୁ ମୁଢ଼ିଭଜା ଘୋ ଘୋ ବଜାର । ସେଦିନ ରାମନଗର ବଜାରର ମା

▼ ହୁକିଟୋଲା : ସ୍ୱପ୍ନ ଓ ସୃଜନର ମୂକସାକ୍ଷୀ



ରାମଚଣ୍ଡୀ ହୋଟେଲ୍‌ରେ ଖାଇ ରବିନନା ସହିତ ଫେରିଲା ବେଳେ ଜମ୍ବୁ ପାଇଁ କଥା ରହିଲା, ପୁଣି ଫେରିବି ।

ତା'ପରେ ଅନେକ ମାସ ବିତିଯାଏ । ଏକା ଏକା ଜମ୍ବୁ ଯିବା କଥା ଭାବିଲେ, ସେଠି ରହଣି, ଖାଇବା, ଲୋକଙ୍କ ସହ କମ୍ୟୁନିକେଟ୍ ହେବାର ବ୍ୟାପାର କଥା ଭାବି ହାଣ ମୁହଁକୁ ଗଲା ପରି ଲାଗେ । ପୁଣି ଭାବେ ଗୋଟେ ଅଞ୍ଚଳର ଗୋଟେ ନିର୍ଦ୍ଦିଷ୍ଟ ସ୍ଥାନଟା ହେଉଛି ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଚେସ୍‌ବୋର୍ଡ଼ । ଜନପଦକୁ ଫିକ୍‌ସନ୍‌ରେ 'ହିରୋ' କରିଦେଲେ ଆପଣାଛାଏଁ ଚରିତ୍ର ଘଟଣାସବୁ ଆସିଯିବେ ।

ବିଗତ ଛ'ସାତବର୍ଷ ଧରି ମୋ ଛାତିରେ ଜମ୍ବୁର ଡାକ ଛଡ଼ା କିଛି ନଥିଲା । ସେଆଡ଼କୁ ଏକାଏକା ବାଇକ୍‌ରେ ଅନେକ ଥର ଜମ୍ବୁ ଯାଇଛି । ସେଇ ଇରିଗେସନ୍ ଖଲାସୀ କ୍ୱାର୍ଟର୍‌ରେ ଗୋବିନ୍ଦ ସେନାପତି ସହ ପାଞ୍ଚ ଛ'ଥର ରହିଛି । ତା'ପରେ ଛପାଲିର ଟିଭି ସାମ୍ବାଦିକ ସମରେନ୍ଦ୍ର (ଏଠିକାର ଡାକ ନାଁ ବୁଇନ) ସହ ସାକ୍ଷାତ ବନ୍ଧୁତା ହୋଇଛି । କେତେବେଳେ ଫରେଷ୍ଟ ଆଇବିରେ ତ କେତେବେଳେ ବଡୀଘର ବଙ୍ଗଳାରେ, ବହୁଥର ନିଜ ଘରେ ମୋ ରହିବା ଖାଇବାର ବ୍ୟବସ୍ଥା କରିଛି ବୁଇନ । ଏଠିକାର ବହୁ ପେସାଦାର ସାମ୍ବାଦିକଙ୍କୁ ମୋ କଥା ବଖାଣିଛି । ବହୁ ବାଂଲାଦେଶୀ ପରିବାରର ବୁଢ଼ାବୁଢ଼ୀଙ୍କ ସହ ମିଶାଇଛି ବି । ସତରେ ଜମ୍ବୁଲୋକ ଭିତରକୁ ପ୍ରବେଶର ରାସ୍ତା ଖୋଲିଦେଲା ଏଇ ବୁଇନ ।

କେବଳ ଜାଗାଟାକୁ ମୁଁ ଆକଳନ କରୁଥିଲି – ଜମ୍ବୁରେ କେହିଜଣେ ବି ମଣିଷ ନଥିଲେ । ହେନ୍ତାଳ, ବନି, କଣ୍ଟା ଜଙ୍ଗଲ, ଖରାଫଟା ମଟାଳ ମାଟିବାଲିର ପରିତ୍ୟକ୍ତ ଜାଗା । ନଅଙ୍କ ଦୁର୍ଭିକ୍ଷରେ ହୁକିଟୋଲା ବନ୍ଦର ହେଲା । ରେଂଗୁନ୍‌ରୁ ଚାଉଳ ଆସି କଟକ ଯିବା ପାଇଁ ଗୋଦାମଘର ଦର୍କାର ହେଲା । ବ୍ରିଟିଶ୍ ଅମଳରେ ଏଠି ତିଆରି ହେଲା ଗୋଦାମଘର । ବଙ୍ଗଳାର ହଳଦିଆ, ଓଡ଼ିଶାର ବାଲେଶ୍ୱର ଜିଲ୍ଲାର କୁଲିମାନେ ଆସିଲେ । ଏମାନେ ଜମ୍ବୁର ପ୍ରଥମ ଅଧିବାସୀ । ତା'ପରେ ଭାରତରେ ଆରମ୍ଭ ହେଲା ସୂର୍ଯ୍ୟାସ୍ତ ଆଇନ । କର ନଦେବା ଯୋଗୁଁ ବହୁ ଜମିଦାରୀ ନିଲାମ ହୋଇଗଲେ । କୁଜଙ୍ଗ ଷ୍ଟେଟ୍‌ର ଏ ଜମ୍ବୁ ଅଞ୍ଚଳ କଲିକତାରେ ନିଲାମ ହୋଇଗଲା । ଜମ୍ବୁର ମାଲିକ ହେଲେ ବଙ୍ଗଳାର ବର୍ଦ୍ଧମାନ ରାଜା । ବର୍ଦ୍ଧମାନରୁ ବଙ୍ଗାଳିମାନେ କମ ପଇସାରେ ଏଠିକା ଜମି ବିକି କରାଇ କାଗଜପତ୍ର ଧରି ପହଂଚିଲେ । ବର୍ଦ୍ଧମାନ, କାନ୍ଥିର ବଙ୍ଗାଳିମାନେ ଏଠି ଘରଦ୍ୱାର ଓ ମାଛଧରା ବେପାର କରି ଅଧିବାସୀ ହୋଇଗଲେ । ୧୯୫୦-୫୨ ମସିହାରେ ବାଂଲାଦେଶୀମାନେ ପହଞ୍ଚିଲେ । ୧୯୫୮ରୁ ୬୪ ମସିହା ଭିତରେ ଶହ ଶହ ଆସିଗଲେ । ୧୯୭୧ ବାଂଲାଦେଶ ଯୁଦ୍ଧ ବେଳେ ବାଂଲାଦେଶୀ ହଜାର ହଜାର ମହାକାଳପଡ଼ା, ମାର୍ଶାଘାଇ, ରାମନଗର, ଜମ୍ବୁ, ଖର୍ନାସୀ ବଡୀଘର ସବୁଠି ଛାଇଗଲେ ।

ବାଂଲାଦେଶରେ କିଏ ଚାଷ କରୁଥିଲା, କିଏ ବେପାର କରୁଥିଲା । ଏଠି ପହଞ୍ଚି



▲ଗୋରା କବର : ଯେଉଁମାନେ ବଡୀଘର ପାଇଁ ଦେଲେ ଜୀବନ

ସେମାନେ ପାଣିରୁ ମାଛ ଛାଣିବାରେ ଜଣେ ଜଣେ ଦକ୍ଷ ମାଛୁଆ ହୋଇଗଲେ । ଯେଉଁ ବାଂଲାଦେଶ ପରିବାର ପିଛା ଏକ ଏକର ଜାଗା ପାଇଥିଲା, ସେ ଜାଗାରେ ବନିଗଛ, କେରୁଆ କଣ୍ଟା ଜଙ୍ଗଲ ସଫା କରି ଜମି ବନେଇ, ଗାଡ଼ିଆ ଖୋଳି, ଗାଡ଼ିଆରୁ ବାହାରିଥିବା ମାଟିରେ ମୋଟା ବାଙ୍ଗର କାନ୍ଥ କରି ଜମ୍ବୁ ଠୁ ପନ୍ଦର କୋଡ଼ିଏ କିଲୋମିଟର ପାଦରେ ଚାଲିଚାଲି ସଉଦା ଆଣିବାର ଦିନ ଗୁଡ଼ିକ ଗାଡ଼ି ମୋଟର ଚାଲିବା ପରେ ସହଜ ହେଲା । ସେଥିରେ ପ୍ରାକୃତିକ ବିପ୍ରାତ । ୧୯୭୧ ମସିହାର ସାଇକ୍ଲୋନ୍‌ରେ ଜମ୍ବୁର ୧୩୩୬ ଜଣ ବାଂଲାଦେଶୀ ମଲେ । ପୁଣି ୨୦୦୪ରେ ଗୃହ ବିଭାଗର ଗୋଟିଏ ଭାରତଛାଡ଼ ନୋଟିସ୍ । ଜମ୍ବୁରେ ୩୫୩ ଲୋକଙ୍କୁ ଏ ନୋଟିସ୍ ଲାଗିଲା । ରାମନଗରର ୨୫୧ ଜଣ ହେଲେ ନୋଟିସ୍ ବନ୍ଦୀ । ଏହି ନୋଟିସ୍ ପାଇ ଜମ୍ବୁ ଓ ରାମନଗର ଭିତରେ ହଇଚଇ ପଡ଼ିଗଲା । ସେ ଏକ ବିକୃତ ତଥ୍ୟ ଆଧାରିତ ନୋଟିସ୍ ଥିଲା । କେଉଁଠି ଜମ୍ବୁର ସୁଜିତ ମଣ୍ଡଳ୍ ଅନୁପ୍ରବେଶକାରୀ, ତା' ନ' ମାସର ଛୁଆ ଭାରତୀୟ । କାହାର ତିନୋଟି ଛୁଆ ଅନୁପ୍ରବେଶକାରୀ । କେଉଁ ସ୍ତ୍ରୀ ଅନୁପ୍ରବେଶକାରୀ ତା ସ୍ୱାମୀ ଭାରତୀୟ । ଏପରିକି ଖର୍ନାସୀ ଅଞ୍ଚଳରେ ଦୁଇଜଣ ଓଡ଼ିଆଙ୍କ ନାଁରେ ଏ ଭାରତଛାଡ଼ ନୋଟିସ୍ । ବାପ ପିଲା ଠୁ, ସ୍ୱାମୀ ସ୍ତ୍ରୀ ଠୁ, ମା' ପିଲାମାନଙ୍କ ଠୁ ଅଲଗା ହେବାର ଏ ସର୍କାରୀ ନୋଟିସ୍‌କୁ ନେଇ ମାସ ମାଧ ଧରି କାନ୍ଦବୋବାଳି ଓ କାଳ୍ପନିକ ଆକଳନରେ ଜମ୍ବୁ ହୁଲ୍‌ସ୍ଥୁଲ୍ । ପୁଣି ତା' ଥମ୍ବିଥାମ୍ବି ଗଲା ।

ବାଂଲାଦେଶରୁ ଆସି ଏଠି ରହିବା ଭିତରେ ତିନୋଟି ଜେନେରେସନ୍ ସେମାନଙ୍କର ଜମ୍ବୁ ଦେଖିଲାଣି । ତଥାପି ସେମାନେ ସେ ଦେଶରୁ ବୋହି ଆଣିଥିବା ଚଳଣିରେ ଲୁଚାଛପାରେ ପିଲା ବାହାଘର କରୁଥିଲେ । କିଏ କିଏ କଙ୍କଡ଼ା ବେପାରରେ ମାହିର୍ ହୋଇ ଯାଇଥିଲା । କାଉଣ୍ଟ୍ ମାପରେ ହିସାବ କରି ବମ୍ବେ କଲିକତା କଙ୍କଡ଼ା ବଜାରକୁ ତା' ବେପାର ଲମ୍ବେଇଥିଲା । ତଥାପି ଅଭାବ ଅନାଟନରେ ମାମୁନି, ଆରତୀ ଭଳି ଝିଅମାନେ ରାଜ୍ୟ ବାହାରେ ବାହା ହେବା ଲୋଭରେ ବିକ୍ରି ହୋଇ ଯାଆନ୍ତି । ସେ ବାହାଘରକୁ କୁହାଯାଏ– ପିଶାଚ ବାହାଘର । ବଡୀଘର ଓ ହୁକିଟୋଲାରେ ଗତକାଲିର ଇତିହାସ ଓ ଆଜିର ଚଳନ୍ତି ଜୀବନ ହାତ ଧରାଧରି ହୋଇ ଯେପରି ମୋ ଭିତରେ ଜାଗା ନେଇଗଲେ ।

ଯାତ୍ରା ପଥରେ ତୁମେ ଅନେକ ଲୋକଙ୍କ କଥା ନିଶ୍ଚେ ମନେ ପକେଇବ– ଯେଉଁମାନେ ତୁମ ଯାତ୍ରାକୁ ଆଗକୁ ବଢ଼େଇ ନେଇଥିଲେ । ଜମ୍ବୁର ବାଂଲାଦେଶ୍ ଅତ୍ୟାଚାର ଓ ଏଠି ସହାବସ୍ଥାନର କଥାରେ ବୁଢ଼ା ବିନୟ ଦାସ । ଜମ୍ବୁ ବଜାରରେ ଲୁଗା ଦୋକାନୀ, କଥାରେ କଥାରେ ଭାରତର ଦେଶପ୍ରେମୀ– ବକୁଲ୍ ତାଲୁକ୍‌ଦାର୍, ଦେଶାନ୍ତରୀମାନଙ୍କ ପାଇଁ ସମ୍ବେଦନଶୀଳ ଦାସ ସାହିର ନିମାଇଁ ସର୍ଜନ୍ । ବାଂଲାଦେଶ୍‌ର ଅତ୍ୟାଚାରର ନିଖୁଣ ଚକ୍ଷୁଦେଖା ଅନୁଭବର ବକ୍ତା– ତପନ୍ ସିକ୍‌ଦାର୍ । ଗୋଟେ ପାଦ ହରେଇ ନିଜେ ପାଇଥିବା ସର୍କାରୀ ଜାଗାକୁ ବିକ୍ରିବଟା କରି ନିଜ ପୁଅମାନଙ୍କ ଭରାତକୁ ଜଗିଥିବା– ମନମୋହନ ଦାସ । ଅନୁପ୍ରବେଶକାରୀ ନୋଟିସ୍‌ରେ ଏବେ ବି ଥରହର ମାଧାଇ ମଣ୍ଡଳର ପରିବାର । ରାମନଗରର ଭୂପତି ମଣ୍ଡଳ । ନ'ଦିନର ଝିଅ ଧରି ବାଂଲାଦେଶ୍ ଛାଡ଼ିଥିବା ବୁଢ଼ୀ କଦମ୍ବସାନା । ଖର୍ନାସୀ ଗାଁର ଜଟିଆ । ଛପାଲିର ୮୦ବର୍ଷର ପୁରଂଜନ୍ ମଣ୍ଡଲ୍ । ଜାଲିପଟାର ରାମପ୍ରସାଦ ଡାଲି । ବାଂଲାଦେଶର ପଦ୍ମାନଈ, କବତ୍‌କୀ ମେଘନା, ଧୂଲେଶ୍ୱରୀ, ବୁଢ଼ୀଗଙ୍ଗା, ଆଇଡଲ୍‌ଖାଁ, ମଧୁମତୀ ନଈକୂଳରୁ ଆସି ଜମ୍ବୁ ଅଞ୍ଚଳରେ ବସେରା ବସାଇଥିବା ଅନେକ ବାଂଲାଦେଶୀଙ୍କ ସହ ମୋର ବସାଉଠା । ସେମାନଙ୍କ ଜୀବନ ଓ ଜୀବିକା ନେଇ ନାନା କଥାବାର୍ତ୍ତା ।

ଗୋଟିଏ ଦେଶର ମୋହର ସେମାନଙ୍କ ରକ୍ତରେ ପ୍ରବାହିତ । ଏପରିକି ନିଜ ଜନ୍ମଜାଗାକୁ ନିଜ ଦେଶ କହିବାର କୁଣ୍ଠା ସେସବୁ ପରିବାରରେ କଣ୍ଟା ହୋଇ ଛାତିରେ ଅଟକିଛି– ଲୋକ ଚକ୍ଷୁରେ ସେମାନେ ରିଫ୍ୟୁଜି ।

ଯେବେଠୁ ଗୃହଯୁଦ୍ଧ, ଧର୍ମଯୁଦ୍ଧ କି ସୀମାଯୁଦ୍ଧ ଚାଲିଛି, ସେବେଠୁ ବହୁଦେଶର ମଣିଷ ରିଫ୍ୟୁଜି ହୋଇ ଦେଶର ସୀମା ଭାଙ୍ଗିଛି । ରିଫ୍ୟୁଜି ସାରା ଦୁନିଆଁରେ ଆନ୍ତର୍ଜାତିକ ଘଟଣା ଓ ସମସ୍ୟା ହୋଇ ଚାଲିଛି । ବିଶ୍ୱ ରିଫ୍ୟୁଜିଙ୍କ ବିସ୍ଥାପିତ ଜଗତରେ ଜମ୍ବୁ କେତେ ଛୋଟ । ପୁଣି ବିଶ୍ୱର ସବୁ ରିଫ୍ୟୁଜିଙ୍କ ଏକ ଦୃଷ୍ଟାନ୍ତମୂଳକ ମିନି ପ୍ରତିନିଧି ଜମ୍ବୁ ।

ଅନ୍ୟ ଦେଶରୁ ଆସି ଜମ୍ବୁରେ ନିଜକୁ ଠୁଳ କରି ବସାଇଥିବା ବସେରାରେ ହଜାର ହଜାର ଜମ୍ବୁ ଲୋକଙ୍କ ଭିତରେ ସେମାନଙ୍କ ଦେଶ କାହିଁ? ସେମାନେ କେଉଁ ଦେଶର ? ଛାଡ଼ି ଆସିଥିବା ଦେଶର ନା ମୁଣ୍ଡ ଗୁଞ୍ଜିଥିବା ଦେଶର ? ଗୋଟେ ଦେଶ ସେମାନଙ୍କୁ କୁହେ- ଦେଶାନ୍ତରୀ, ଆଉ ଗୋଟେ ଦେଶ ସେମାନଙ୍କୁ ଅଲଗା କରି ଥୁଏ । କୁହେ- ରିଫ୍ୟୁଜି ।

ଗୋଟେ ସ୍ଥାନ, ଜନବସତିରେ ଲୋକମାନଙ୍କ ସହ ମିଶାମିଶି ଓ ସମ୍ପର୍କରେ ଲେଖାଲେଖି ପାଇଁ ଛ, ସାତବର୍ଷ କେବେ ଯଥେଷ୍ଟ ନୁହେଁ । କୁହାଯାଏ ଗୋଟେ ମଣିଷକୁ ଅନୁଧ୍ୟାନ ପାଇଁ ସାରା ଜୀବନ କମ୍ ପଡ଼େ । ହେଲେ ସ୍ୱଳ୍ପାୟୁଷ ଲେଖକ, ତାର ସ୍ୱପ୍ନ ବି ତ ସୀମାବଦ୍ଧ । ୨୦୧୦ରୁ ୨୦୧୭ ମସିହା- ଏହି ସୀମିତ ଯାତ୍ରା ପରେ ସରିଛି 'ଜମ୍ବୁଲୋକ' ଉପନ୍ୟାସ । ଯେଉଁଠୁ ଛାଡ଼ି ଆସିଛି ଜମ୍ବୁ- ଯା' ଭିତରେ ଗୋବରୀ ନଈରେ ଅନେକ ପାଣି ବଙ୍ଗୋପସାଗରକୁ ବହି ଗଲାଣି, ବହି ଚାଲିଛି । ପ୍ରବାହମାନ ଜୀବନ ଯାପନକୁ ନେଇ ଲେଖା ହେଉଥିବା ଫିକ୍ସନ୍ ସବୁବେଳେ ଅଧା ଅଧୁରା । ଜୀବନ ଓ ଫିକ୍ସନ୍ ଭିତରେ ଏତିକି ତଫାତ୍ । ଏକଥା ଜାଣେ । ତଥାପି ଅଜଣା ବାଟୋଇ ଭଳି ଖୋଜେ ଆଉ ଗୋଟେ ଗ୍ରାଉଣ୍ଡ୍ ରୁ ଆଉ ଗୋଟେ ଫିକ୍ସନ୍ । ଆଉ ଗୋଟେ ଅକ୍ଷରେ-ଜୀବନ ।

କାଏମା, ଧର୍ମଶାଳା, ଯାଜପୁର-୭୫୫୦୦୮
ଫୋନ:୯୪୩୭୫୩୧୩୯୭



# ବହି ବିଚାର

- ପୁସ୍ତକର ନାମ: **ସାତ ଖୁଣ ମାଫ୍**
- ସ୍ରଷ୍ଟାଙ୍କ ନାମ : **ସନ୍ତୋଷ କୁମାର**
- ପ୍ରକାଶକଙ୍କ ନାମ : **ଡଟ୍ ପବ୍ଲିକେଶନ, ଭୁବନେଶ୍ୱର**
- ମୂଲ୍ୟ : ୮୮/-

ନିରବତାକୁ ବୁଝି ପାରୁ ନଥିବା ଲୋକ କାହା ମନକୁ କେମିତି ବୁଝିବ ? ଏପରି ଏକ ପ୍ରଶ୍ନବାଚୀର ପଶ୍ଚାତ୍‌ରେ ଥିବା କରୁଣତାକୁ ନେଇ 'ସାତ ଖୁଣ ମାଫ୍' ଗଳ୍ପ ପୁସ୍ତକର ଟାଇଟିଲ୍ ଗଳ୍ପକୁ ଗଢ଼ିଛନ୍ତି ଲେଖକ ସନ୍ତୋଷ କୁମାର । ଅଳକାକୁ ପ୍ରେମ କରୁଥିବା ଗଳ୍ପନାୟକ କ'ଣ ଜାଣିଥିଲା ଦେଖାହେଲେ ମୁରୁକି ହସି ଦେଇ ନିରବତା ଅବଲମ୍ବନ କରୁଥିବା ପ୍ରେମିକାଟି ଗୁଙ୍ଗୀ ବୋଲି ! ବାହାଘର ପାଇଁ ମୁଦି ପିନ୍ଧା ଯାଏଁ କଥା ଗଲା ପରେ ଜଣାପଡ଼ିଲା ଯେ, ଅଳକା କଥା କହିପାରେ ନାହିଁ । ହେଲେ ପ୍ରେମ କ'ଣ ଏଇଠି ଅଟକି ଯାଏ ! କିନ୍ତୁ ବାହାଘର ହୋଇପାରି ନଥିଲା । ଅଳକା ମାଫ୍ କରିଦେଇଥିଲା ଗଳ୍ପ ନାୟକକୁ । ସାତ ଖୁଣ ମାଫ୍ । ପ୍ରେମାନୁଭବ ଓ ସମ୍ପର୍କର ଭଙ୍ଗାଗଢ଼ା କଥାକୁ ନେଇ ସନ୍ତୋଷ କୁମାରଙ୍କ ଗପଲେଖା । ପ୍ରେମକୁ ମାନବୀୟତାରୁ ଉର୍ଦ୍ଧ୍ୱକୁ ନେଇ ଏକ ଈଶ୍ୱରୀୟ ପରିପ୍ରକାଶରେ ଉତ୍ତୀର୍ଣ୍ଣ କରେଇବାର କଳା ବେଶ୍ ଜଣା ଏ ଗାଳ୍ପିକଙ୍କୁ । ପୁସ୍ତକରେ ୧୫ଟି ଗଳ୍ପ ସ୍ଥାନିତ ହୋଇଛି । ପ୍ରତ୍ୟେକଟି ଗଳ୍ପରେ ରହିଛି ଏକ ନିଆରା। ଉପସ୍ଥାପନା ଶୈଳୀ । ସୁନ୍ଦର ପ୍ରଚ୍ଛଦ ଥିବା ଏ ପୁସ୍ତକଟି ସୁଖପାଠ୍ୟ ।



କଥା-କଣିକା ■

# ଏବଂ ପୁନଶ୍ଚ ଏକ ଦେବୀ ହୋଇ ପାରିନଥିବା ମୁଁ ଟିଏ

## ପଲ୍ଲବୀ ନାୟକ

ତୁମେ ହୁଏତ କାନ୍ଦୁଥିଲ । ବେଶ୍ ଭିଜା ଥିଲା ତୁମ ସ୍ୱର ଫୋନ୍‌ରେ । ଏବଂ ତା ପରେ ବାର୍ତ୍ତାସବୁ ଆସିବାକୁ ଲାଗିଲା ତୁମର ହ୍ୱାଟ୍‌ସ୍ଆପ୍, ମେସେଞ୍ଜର୍ ଓ ଫୋନ୍‌ର ମ୍ୟାସେଜ୍ ବକ୍ସରେ । ଯେକୌଣସି ସାଧାରଣ ନାରୀ ପରି ମୁଁ ତରଳି ଗଲି, ବତୁରି ଗଲି । ପୁରୁଷ ଆଖିର ଲୁହ, ଆଉ ଯଦି ସେ ଲୁହ ପ୍ରିୟ ପୁରୁଷର ହୁଏ, କୋଉ ନାରୀ ଭଲା ସହି ପାରିବ ! ଗୋଟେ ପଲକରେ ମୁଁ ସବୁ ଭୁଲିଗଲି ଆଉ ତୁମକୁ କ୍ଷମା କରିଦେଲି । ବାରମ୍ବାର ଏମିତି ହୁଏ ନା...ତମେ ଭୁଲ୍ କର, ମୋ ହୃଦୟକୁ କ୍ଷତବିକ୍ଷତ କର...ଆଉ ମୁଁ ତୁମ ଠୁ ଦୂରେଇବାକୁ ଚେଷ୍ଟା କଲା ବେଳେ କେବେ ନତଜାନୁ ହୋଇ କ୍ଷମା ଭିକ୍ଷା କର ତ କେବେ ପୁଣି ଅଶ୍ରୁପାତ କରି ମୋତେ ବାନ୍ଧିରଖ ତୁମର ସେ କଂଟକିତ ବନ୍ଧନରେ । ହଁ କଂଟକିତ ବଂଧନ... ଦଂଶନ ଛଡ଼ା କଣ ବା ମିଳିଚି ଯେ ଏ ସଂପର୍କରୁ ମୋତେ !

ଅତୀତକୁ ଅଣ୍ଡାଳିଲେ ଏବେ ସେଇ ମୁହୂର୍ତ୍ତ ସବୁ ମୋତେ ମିଳନ୍ତି ନାହିଁ ଯୋଉ ମୁହୂର୍ତ୍ତସବୁରେ ତୁମର ମୋର ପ୍ରଥମ ସାକ୍ଷାତ ହୋଇଥିଲା ଓ ମୁଁ ତୁମ ପ୍ରେମରେ ପଡ଼ିଥିଲି । କାହିଁକି, କେମିତି କିଛି ଜଣାନଥିଲା । ବାସ୍ ପ୍ରେମ ହୋଇଗଲା ତ ହୋଇଗଲା । ମୋର ଏଇ ଛାତି ତଳର ହୃଦୟ ତୁମର ହୋଇଗଲା ତ ହୋଇଗଲା...ମୋର ଅନାବନା କବିତା ଓ ଗପ ସବୁରୁ ନାୟକ ତୁମେ ହୋଇଗଲ ତ ହୋଇଗଲ । ଆଉ ତୁମେ... ତୁମେ ଏକନିଷ୍ଠ ଥିଲ କି ! ମୋ ପ୍ରୀତି ନୈବେଦ୍ୟ ଗ୍ରହଣ କରିଥିଲ ସତ...ହେଲେ ଘୁରି ବୁଲୁଥିଲ ଚପଳ ପ୍ରଜାପତିଟିଏ ପରି ସୁନ୍ଦରୀ ଫୁଲଙ୍କ ରୂପ ବଗିଚାରେ । ଏକଥା କଣ ଅସ୍ୱୀକାର କରି ପାରିବ କେବେ ! କିନ୍ତୁ ମୋତେ ଭଲପାଉଥିଲ, ହଁ ତୁମରି ଭାଷାରେ ମୋ ଭାଗର ଭଲପାଇବା ମୋତେ ଦେଉଥିଲ । ଭଲପାଇବା କଣ କେକ୍ ଯାହାକୁ ଖଣ୍ଡ ଖଣ୍ଡ କରି ବାଂଟି ଦିଆଯାଏ !

ମୁଁ କେତେବେଳେ ତୁମର ମନେ ପଡ଼େ ବେଶି... ତୁମର ଆବଶ୍ୟକତା ଥିବା ବେଳେ, ତୁମର ଦୁଃଖଦ ମୁହୂର୍ତ୍ତ ସବୁରେ, ତୁମର ଅଭାବ କାଳରେ ନା ? ଯେବେ ତୁମେ ସଫଳତାର ଶିଡ଼ି ଚଢୁଥାଅ, ଯେବେ ତୁମେ ସମାଜରୁ ପ୍ରଶଂସା ସାଉଁଟୁ ଥାଅ, ଯେବେ ତୁମେ ସର୍ବାନ୍ତକରଣରେ ଖୁସିଥାଅ, ସେତେବେଳେ ମୁଁ ତୁମର ମନେପଡ଼େ ନାହିଁ, ଯମାରୁ ବି ମନେ ପଡ଼େନାହିଁ । ସତ କହିଲି ନା ? ତୁମେ କୁହ ମୋତେ ବିଷାଦକାଳରେ ତୁମେ ମନେ ପକାଇବାର ଅର୍ଥ...ତୁମେ ମୋତେ ସବୁଠୁ ବେଶି ଭଲପାଅ । ମୁଁ ଶ୍ରେଷ୍ଠ । ତୁମର ସବୁ ପ୍ରେମିକାମାନଙ୍କ ଭିତରେ । ମୁଁ କାଳେ ଦେବୀଟିଏ ତୁମ ପାଇଁ ।

ଦେବୀ ! ଆଃ । ମୋତେ ଦେବୀଟିଏ ଯମା କରନାହିଁ ପ୍ଲିଜ୍, ପ୍ରେମ ଦିଅ କି ପ୍ରତାରଣା, ନାରୀଟିଏ ହିଁ କର । ଦେବୀତ୍ୱର ସଂଜ୍ଞା ମୁଁ ଜାଣେନା, ଜାଣିବାକୁ ବି ଚାହେଁନା । ମୁଁ ରକ୍ତ, ମାଂସ, ହାଡ଼, ଚର୍ମରେ ନିର୍ମିତ ଜଣେ ସାଧାରଣ ମର୍ତ୍ତ୍ୟ ମାନବୀ । ମୋର ବି ମନ୍ଦଗୁଣ ଅଛି ଭଲଗୁଣ ସହ । ଶୁଣିବ ? ମୋ ଭିତରେ ହୀନମନ୍ୟତା ଅଛି, ଅସୁରକ୍ଷା ବି ଅଛି । ଏସବୁ କେବଳ ତୁମକୁ ନେଇ ଆଉ ତୁମ ରୂପତୃଷ୍ଣାକୁ ନେଇ । ହଜାରେ ପ୍ରେମିକା ତୁମର ନା ? ତୁମେ ଅବଶ୍ୟ କୁହ ମୁଁ ତୁମର ଶ୍ରେଷ୍ଠ ପ୍ରେମିକା, ସର୍ବୋତ୍ତମା । ଅନେକଙ୍କ ଭିତରେ ଜଣେ ହେବା ଖୁବ୍ ଯନ୍ତ୍ରଣା ଜର୍ଜର ତୁମେ କଣ ଜାଣିନା ? ମୁଁ ସନ୍ଦେହ ଚକ୍ଷୁରେ ଦେଖେ ତୁମକୁ, ଜଳେ ବି ଈର୍ଷାର ନିଆଁରେ ଅନ୍ୟ ନାରୀଙ୍କ ସହ ତୁମ ଘନିଷ୍ଠତା ଦେଖିଲେ । ମୁଁ ରୁକ୍ଷା ହୁଏ, ନିଷ୍ଠୁରତମା ହୁଏ, ହିଂସ୍ର ହୁଏ । ତୁମେ କିନ୍ତୁ କୁହ ଏସବୁ ନାରୀକୁ ଶୋଭା ଦିଏନି । ନାରୀମାନେ ହିଁ କୋମଳ, ଶାନ୍ତ ଆଉ କ୍ଷମାମୟୀ । ଲକ୍ଷ୍ମୀଙ୍କ ଫଟୋକୁ ପୂଜା କରାଯାଏ, କାଳୀଙ୍କ ଫଟୋକୁ ନୁହେଁ । ଏକଥା ବି ତୁମେ କୁହ । ନାରୀକୁ କ୍ଷମାମୟୀରୁ ମୁକୁଟ ପିନ୍ଧାଇ ପୁରୁଷ କଣ ଅକ୍ଷମଣୀୟ ଅପରାଧ କରିବା ନିଜ ଅଧିକାରଭୁକ୍ତ କରିନିଏ ? ଦେବୀର ଆସନରେ ନାରୀକୁ ବସାଇ ପୁରୁଷ କଣ ଇତର ମାନବ ହେବା ପାଇଁ ନିଜ ବାଟ ପ୍ରଶସ୍ତ କରିନିଏ ? ଭାରି କଷ୍ଟ ହୁଏ ମୋତେ । ରାତିରାତି ମୁଁ ଶୋଇ ପାରିନି ଏ ପ୍ରେମ ଯନ୍ତ୍ରଣାରେ । କେତେ ମହଣ ବେଶି ଓଜନ ହୋଇଛି ତୁଳାର ଓଜନ ମୋ ଲୁହ ଶୋଷିଥିବା ସେ ତକିଆ ହିଁ କହିପାରିବ । ମୁଁ ସର୍ବାନ୍ତକରଣରେ ତୁମର ହେବି, ଅଥଚ ତୁମେ କେବେ ମୋର ହେବନି । ବରଂ ତୁମ ହୃଦୟକୁ ପାନ୍ଥଶାଳା କରିଦେବ ଯୋଉଠି ଲେଖା ଅନେକ ନାଁ, ତା ବି ଖୁବ୍ ଗାଢ଼ ଅକ୍ଷରରେ । ମୋର ବିଶ୍ୱାସର ବଂଧନଟେ ଦରକାର ଥିଲା, ଭରସାର ଘରଟେ ଦରକାର ଥିଲା । ଉଚ୍ଛୁଳା ପ୍ରେମ ସମୁଦ୍ରରେ ଆକ୍ତାମାକ୍ତା ହୋଇ ବୁଡ଼ି ଯିବାକୁ ମୁଁ ଯମାରୁ ଚାହୁଁନି ଆଉ । ବହୁତ ଭଲ ପାଇଲି, ବହୁତ କଷ୍ଟ ବି ପାଇଲି । ଆଉ ନୁହଁ ।




ଅନେକ ଥର ତୁମ ଠୁ ଦୂରେଇବାକୁ ଚେଷ୍ଟା କରିଚି ଆଉ ତୁମେ ତୁମ ସେ ଶତ ବିଭାଜିତ ପ୍ରେମକୁ ଯଥାସମ୍ଭବ ଏକତ୍ର କରି ମୋତେ ରୋକିନେବାକୁ ସଫଳ ହେଇଚ । ଏଇ ଯେମିତି ଆଜି । ତୁମ ଲୁହଭିଜା ସ୍ୱର ଆଉ ପ୍ରେମ ଭିଜା ବାର୍ତ୍ତା ସବୁ ଟାଣି ଧରୁଛନ୍ତି ମୋତେ ପଛରୁ । କାହିଁକି ଯିବାକୁ ଦେଉନ ମୋତେ ? ଅନେକ ଥର ପଚାରିଚି ତୁମକୁ ଆଉ ତୁମେ କହିଚ ମୋତେ ତୁମସହ ବାନ୍ଧି ରଖିବାର ବ୍ୟାକୁଳତା ହିଁ ତୁମର ମୋ ପ୍ରତି ଭଲପାଇବା ଅନ୍ୟମାନଙ୍କୁ ଭଲପାଇବା ସତ୍ତ୍ୱେ । ବାଃ କି ଯୁକ୍ତି ? ନିଜ ସ୍ୱାର୍ଥପରତା ଓ ଚରିତ୍ରହୀନତାକୁ ପ୍ରେମର ନାଁ ବେଶ୍ ଭଲ ଭାବେ ଦେଇପାର ଓ ମୋର ବିବଶ ପ୍ରେମିକାପଣକୁ ଦେବୀତ୍ୱ ନା !

ତେବେ ଏସବୁ ଆଉ ବେଶି ଦିନ ନୁହଁ । ଏକନିଷ୍ଠ ପ୍ରେମ ପ୍ରତିପ୍ରେମ ଲୋଡ଼େ । ଦିନେ ତୁମ ଲୁହ, ତୁମ ଦୀର୍ଘଶ୍ୱାସ, ତୁମ ଛଳନାମୟ ପ୍ରେମକୁ ନିଷ୍ଠୁରତା ସହ ନିଏଁ ଏଡ଼େଇ ଯିବି । କୋମଳତା, ସହିଷ୍ଣୁତା, କ୍ଷମାଶୀଳତା, ଗ୍ରହଣୀୟତା ଏସବୁକୁ ପ୍ରଶୟ ନଦେଇ ତୁମ ପୃଥିବୀରୁ ଏକ ଦୀପ୍ତ ବିଦାୟ ଘେନିବି । ମୁଁ ଜଣେ ନାରୀ, ଜଣେ ମାନବୀ...ନିହାତି ସାଧାରଣରୁ ସାଧାରଣ ମଣିଷ ଜଣେ, ତୁମ ଦେବୀତ୍ୱର ସିଂହାସନକୁ ମୁଁ ସଦର୍ପେ ପଦାଘାତ କରିବି ।

ତହସିଲ୍‌ଦାର୍, ଦେବଗଡ଼, ପିନ୍-୭୬୮୧୦୮
ଫୋନ : ୯୪୩୭୦୯୭୮୫୨



# ଚୁଡ଼ିର ଚମକ



**ନାରୀର ରୁଣୁଝୁଣୁ ଚୁଡ଼ିପିନ୍ଧା ହାତ କେବଳ ଯେ ସୁନ୍ଦର ଦିଶେ ତାହା ନୁହେଁ, ଚୁଡ଼ିର ମହତ୍ତ୍ୱ ତା'ଠୁ ବେଶୀ । ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ଚୁଡ଼ିପିନ୍ଧିବାର ଧାରା ବେଶ୍ ପ୍ରାଚୀନ । ଆଜିର ସମୟରେ ଚୁଡ଼ିର ନାନା ପ୍ରକାର ଭେଦ ଓ ରଙ୍ଗବେରଙ୍ଗ ସଂସ୍କରଣ ଚୁଡ଼ିକୁ କରିଛି ଅଧିକ ଆକର୍ଷକ ଓ ଲୋଭନୀୟ । ହାତରେ ଚୁଡ଼ି ପିନ୍ଧିଲେ ହିଁ ନାରୀଟେ ହୋଇଉଠେ ଭାରତୀୟ । ସେଇ ଚୁଡ଼ିକୁ ନେଇ ଆମର ପ୍ରସଙ୍ଗ ।**



# ଚୁଡ଼ି ନେବ ଚୁଡ଼ି





**ଶ୍ୱେତା ରାଉତ୍**

ଫଟୋ ସୌଜନ୍ୟ : ଗୁଗୁଲ୍

ଚୁଡି ନେବ ଚୁଡି... ଚୁଡ଼ି ନେବ... ଏବେ ଆଉ ଆଗଭଳି ଗାଁ ଗହଳିରେ ମନୋହରି ବାଲାର ଏ ଡାକ ଶୁଭୁନି । କେଉଁ ବୁଢା ଶଙ୍ଖାରିର ଡାକରେ ଆସ୍‌ମାନ୍ ତାରା ଶଂଖା ପିନ୍ଧିବାକୁ ବୋହୂମାନେ ଉନ୍ମାଦର ସହିତ ଦ୍ୱାର ଦେଶକୁ ଧାଇଁ ଆସିବାର ଦେଖା ଯାଉନି । ବୋହୂଟିଏ ନୂଆ ଚୁଡି ମୁଠେ ପିନ୍ଧି ଶାଶୁ, ଯାଆ କିମ୍ବା ଗୁରୁଜନମାନଙ୍କୁ ପ୍ରଣାମ କରି ସଦା ସୁହାଗିନୀର ଆଶୀର୍ବାଦ  ନେବାର ମଧ୍ୟ ଦେଖା ଯାଉନି । ତଥାପି ଚୁଡ଼ିର ଚାହିଦା ଏବେ ବି ପୂର୍ବବତ୍  ବେଶ୍ ରୁଚିପୂର୍ଣ୍ଣ ଓ ନାରୀ ଶୃଙ୍ଗାରର ଏକ ଅନନ୍ୟ ପରିପାଟୀ ହୋଇ ରହିଛି । ନାରୀ ସୌନ୍ଦର୍ଯ୍ୟର  ଷୋଳଶୃଙ୍ଗାର ଭିତରେ ଯେତେ ଆଭୁଷଣ ରହିଛି ତନ୍ମଧ୍ୟରୁ ଚୁଡ଼ି ଏମିତି ଏକ ଆକର୍ଷକ ଗହଣା ଯାହା ଆବାଳବୃଦ୍ଧାବନିତା ସମସ୍ତଙ୍କୁ ଆକୃଷ୍ଟ କରେ । ଛୋଟଝିଅଟିଏ ହେଉ କିମ୍ବା ବୟସ୍କ ବୃଦ୍ଧା ସମସ୍ତଙ୍କ  ପାଇଁ ଚୁଡ଼ି ପିନ୍ଧିବାର ପ୍ରଥା ଅଛି । ସର୍ବପ୍ରଥମେ  ଯଦି ଆମେ ଚୁଡିକୁ କାହା ସହିତ ଯୋଡ଼ିବା ତ ସେ ହେଉଛି ବିବାହିତା ମହିଳା । ଭାରତୀୟ ସଂସ୍କୃତିରେ ନାରୀମାନେ ରଙ୍ଗବେରଙ୍ଗ, ଚମକଦାର, କଳାତ୍ମକ ଚୁଡ଼ିଗୁଡ଼ିକୁ ରୁଚିପୂର୍ଣ୍ଣ ଭାବରେ ନିଜ ହାତରେ ପିନ୍ଧିଥାନ୍ତି । ସଧବା ସ୍ତ୍ରୀମାନେ ଚୁଡ଼ି ପିନ୍ଧିଲେ ସ୍ୱାମୀ ଓ ପୁତ୍ରର ଆୟୁଷ ବଢ଼େ ବୋଲି ବିଦିତ ଅଛି । ଚୁଡ଼ିର ଖନ୍ ଖନ୍ ଶବ୍ଦ କେବଳ ମନକୁ ଆନ୍ଦୋଳିତ କରେ ନାହିଁ, ପରିବାରରେ ସକରାତ୍ମକ ବାତାବରଣ ସୃଷ୍ଟି କରିବାର ବିଶ୍ୱାସ ଦେଇ ଆସିଛି ଚୁଡ଼ି । ଭାରତୀୟ ମହିଳାମାନେ ହାତରେ ବିଭିନ୍ନ ରଙ୍ଗବେରଙ୍ଗର ଚୁଡ଼ି ପିନ୍ଧିଥାନ୍ତି । ଏହାର ଦାର୍ଶନିକ ଦୃଷ୍ଟିକୋଣ ହେଲା, ବିଭିନ୍ନ ପ୍ରକାରର ଚୁଡ଼ି ଯେମିତି ଗୋଟିଏ ହାତରେ ସୁନ୍ଦର ଶବ୍ଦର ଝଙ୍କାର ସୃଷ୍ଟି କରେ, ଠିକ୍ ସେମିତି ବିଭିନ୍ନ ଚିନ୍ତାଧାରାର ବ୍ୟକ୍ତିବିଶେଷ ଗୋଟିଏ ଛାତ ତଳେ ଥାଇ ଯୌଥ ପରିବାର ଭାବରେ ଏକ ଯୁକ୍ତାତ୍ମକ ଭାବଧାରାର ସୁନ୍ଦର ଉଦାହରଣ ପ୍ରତିପାଦନ କରନ୍ତି ।

କୁହାଯାଏ ନବଜାତକ ଶିଶୁ (ପୁଅ କିମ୍ବା ଝିଅ)କୁ ରୂପାର ଚୁଡି କିମ୍ବା ବଳା ସଗୁନ୍ ବା ଆଶୀର୍ବାଦ ସ୍ୱରୂପ ଆତ୍ମୀୟମାନେ ଦେବାର ପ୍ରଥା ମଧ୍ୟ ରହିଛି । ଝିଅଟିଏ ସଦାସର୍ବଦା ହାତରେ ଚୁଡ଼ି ଦି'ପଟ ପିନ୍ଧିଥିବାର ଦେଖାଯାଏ । କାରଣ ପ୍ରବାଦ ଅଛି ଝିଅମାନେ ଚୁଡ଼ି ନପିନ୍ଧି ଖାଲି ହାତ ରହିଲେ ବାପା ମା'ଙ୍କର ଆୟୁଷ ହାନି ହୁଏ । ନିଜ ପୋଷାକର ରଙ୍ଗ  ଅନୁସାରେ ବିଭିନ୍ନ ପ୍ରକାରର ଚୁଡ଼ି ଝିଅମାନେ ପିନ୍ଧିବାକୁ ଆନନ୍ଦ ପାଇଥାନ୍ତି । ଯେତେବେଳେ ଝିଅଟିଏ ବିବାହ କରେ ଏହି ଚୁଡ଼ି ତା ସହିତ ଓତଃପ୍ରୋତ ଭାବେ ଜଡ଼ିତ ହୋଇଯାଏ । ଆମ ହିନ୍ଦୁମାନଙ୍କ ପରିବାରରେ ଏମିତି କୌଣସି ସ୍ତ୍ରୀ ଦେଖାଯାଏ ନାହିଁ ଯିଏ ସ୍ୱାମୀ ଥାଇ ତା' ହାତରେ ଚୁଡି ବା ଶଂଖା ନଥିବ । ଚୁଡି ବା ଶଂଖାକୁ ସ୍ୱାମୀ ବା ସଧବାର ପ୍ରତୀକ ଭାବେ ହିନ୍ଦୁ ନାରୀମାନେ ଅଳଙ୍କରଣ କରିଥାନ୍ତି । ସବୁଜ ରଙ୍ଗ ଚୁଡ଼ି କିନ୍ନର ମାନଙ୍କୁ ଦାନ କଲେ ଗ୍ରହ ଦଶା କଟିଥାଏ ବୋଲି କୁହାଯାଏ ।

ଚୁଡ଼ି ଯେ କେବଳ ନାରୀ ସୌନ୍ଦର୍ଯ୍ୟ ନିମିତ୍ତ ଏକ ଆକର୍ଷଣୀୟ ଗହଣା ତାହା ନୁହେଁ, ଏହାର ବୈଜ୍ଞାନିକ ଦୃଷ୍ଟିକୋଣ ମଧ୍ୟ ରହିଛି । ନାରୀମାନେ ଚୁଡ଼ି ପିନ୍ଧିବା ଦ୍ୱାରା ସ୍ୱାସ୍ଥ୍ୟଗତ ସମସ୍ୟା ଦିଗରୁ ବିଶେଷ ଲାଭ ମିଳିଥାଏ । ଶାରୀରିକ ଦୃଷ୍ଟିକୋଣରୁ ନାରୀମାନଙ୍କ ଶରୀର ବା ତ୍ୱଚା ପୁରୁଷମାନଙ୍କ ଠାରୁ କୋମଳ ଏବଂ ନାରୀମାନେ ପୁରୁଷମାନଙ୍କ ଠାରୁ ଅପେକ୍ଷାକୃତ କମ୍ ପରିଶ୍ରମ କରିଥାନ୍ତି, ଯାହା ଫଳରେ ଉଚ୍ଚ ରକ୍ତଚାପ, ମେଦବହୁଳ ଭଳି ରୋଗମାନ ବଢ଼ିବାରେ ଲାଗିଥାଏ । ସାଧାରଣତଃ ହାତର ଶିରାପ୍ରଶିରାରୁ ଆମେ ହୃଦୟର ଗତି ବା ସ୍ପନ୍ଦନର ତୀବ୍ରତା ଜାଣିଥାଉ । ନାରୀମାନେ ହାତର ସେହି ସ୍ଥାନରେ ଚୁଡି ପିନ୍ଧିବା ଦ୍ୱାରା ଚୁଡ଼ି ହାତରେ ବାରମ୍ବାର ଘଷି ହୁଏ । ଏହି ଘର୍ଷଣ ଫଳରେ ଚର୍ମ ଓ ହାଡକୁ ଶକ୍ତି ମିଳିବା ସହିତ ରକ୍ତ ସଞ୍ଚାଳନ ନିୟମିତ ହୋଇଥାଏ । ଆୟୁର୍ବେଦ ଚିକିତ୍ସା ଅନୁସାରେ ଧାତୁ ଦ୍ୱାରା ଅନେକ ରୋଗର ଦୁରୀକରଣ ହୋଇଥାଏ । ତେଣୁ ଶରୀର ପ୍ରତି ଧାତୁର ଉପଯୋଗ ପରିପ୍ରେକ୍ଷୀରେ ମହିଳାମାନେ ବିଭିନ୍ନ ଧାତୁ ଯଥା ସୁନା, ରୁପା, ତମ୍ବା ଲୁହାର ଚୁଡ଼ି ହାତରେ ପିନ୍ଧିଲେ ଏବଂ ଏହି ଧାତୁ ନିର୍ମିତ ଚୁଡି ବାରମ୍ବାର ହାତରେ ରଗଡି ହେବା ଦ୍ୱାରା ହାଡ଼କୁ ଶକ୍ତି ମିଳିଥାଏ ।

ଆଜିକାଲି ବଜାରରେ ବିଭିନ୍ନ ପ୍ରକାରର ଚୁଡ଼ି ଉପଲବ୍ଧ । ଏହି ଆକର୍ଷଣୀୟ ଚୁଡି କେବଳ ଦୋକାନ ମାନଙ୍କର ଶୋଭା ବଢାଇ ନଥାଏ । ଏହା ମନକୁ ମଧ୍ୟ ଆନ୍ଦୋଳିତ କରେ । ବିଭିନ୍ନ ନାମରେ ଆମେ ଏହି ଚୁଡ଼ିକୁ ପାଇପାରିବା, ଯଥା: ଚୁଡି, ଶଂଖା, ବାଲା, ବଟଫଳ, କତୁରି , ଝୁମ୍ପା, ତାବିଜ, ତାଡ୍, ଅନନ୍ତ, ବଳା, ହାତପଦ, ଚିଖା, ଅତୁଲ, କମଚୁଡି, କମଚୁଆ, ପଇଁରିଫୁଲ, ଖଡ୍ଡୁ, ଖଜୁରିଆ ଖଡ୍ଡୁ, ଗୋଟା ଖଡ୍ଡୁ, ଶଂଖା,

ରୁଲି, ବାହିଚୁଡି, ଶଙ୍ଖା କଣ୍ଟାଖଡ୍ଡୁ, ମଗର ମୁହାଁ, କଙ୍କଣ, ବାହୁଟି, ବାଲା, ଚୁଡ୍, ଶଙ୍ଖପୋଲା, ଗୁଞ୍ଜାର ଇତ୍ୟାଦି ।

ଏହା ସାଧାରଣତଃ ସୁନା, ରୂପା, କାଚ, ପ୍ଲାଷ୍ଟିକ୍, ପିତଳ, ଲାଖ, ବ୍ରୋଞ୍ଜ୍, ହାତୀଦାନ୍ତ, ଶଙ୍ଖ, ସିଲ୍‌ଭର୍ ଏବଂ ମାଟିରେ ମଧ୍ୟ ଉପଲବ୍ଧ ହୋଇଥାଏ । ଚୁଡିର ବିଭିନ୍ନ ରଙ୍ଗ ସହିତ ସେଥିରେ ଷ୍ଟୋନ୍ , ମାଳି, ଚୁମ୍‌କି, ରେଶମ ସୂତା, କୁନ୍ଦନ ଓ ମୋତି ସଜ୍ଜିତ ଡିଜାଇନ୍ ନାରୀମାନଙ୍କୁ ଅଧିକ ଆକୃଷ୍ଟ କରିଥାଏ । ଲୁହାରେ ତିଆରି ଚୁଡି ଝିଅମାନେ କ୍ୱଚିତ୍ ବ୍ୟବହାର କରିଥାନ୍ତି । କିନ୍ତୁ ବିବାହିତା ମହିଳାମାନେ ପଟେ ଲୁହାର ଚୁଡି ବା କତୁରି ପିନ୍ଧିବାର ପ୍ରଥା କେଉଁ କାଳରୁ ରହି ଆସିଛି ।

ଆମ ଭାରତୀୟ ହିନ୍ଦୁମାନଙ୍କର ଚୁଡ଼ି ପିନ୍ଧିବାର ପ୍ରଥା ଏତେ ପୁରୁଣା ଯେ ତାହା ଆମେ କଳ୍ପନା କରିପାରିବା ନାହିଁ । କୁହାଯାଏ ଯେ ଏହି ପରମ୍ପରା ଦେବୀ ଦେବତାଙ୍କ ଯୁଗରୁ ରହି ଆସିଛି, ଯେଉଁଥିପାଇଁ କି ଆମ ହିନ୍ଦୁଧର୍ମର ସମସ୍ତ ଦେବୀମାନଙ୍କ ମୂର୍ତ୍ତି କିମ୍ବା ଫଟୋଚିତ୍ରରେ ଚୁଡ଼ି ପିନ୍ଧିବାର ଦେଖିବାକୁ ପାଇବା । ପଞ୍ଜାବରେ ଚୁଡ଼ିକୁ ସୁହାଗ୍‌ର ପ୍ରତୀକ ଭାବରେ ବିବେଚନା କରାଯାଇ ଏକ ସ୍ୱତନ୍ତ୍ର ପ୍ରଥା ଅନୁସାରେ ନବବଧୂକୁ ଚୁଡ଼ି ବା ଜୁଡା ପିନ୍ଧାଇ ଦିଆଯାଏ ଏବଂ ୪୦ ଦିନ ପର୍ଯ୍ୟନ୍ତ ଏହାକୁ ହାତରୁ କଢା ଯାଇନଥାଏ । ଏବଂ ପରେ ବଧୂଟି ନିଜ ପସନ୍ଦ ଅନୁଯାୟୀ ଚୁଡି ଧାରଣ କରେ । ପଞ୍ଜାବର ଠିକ୍ ବିପରୀତ ଦିଗ ପଶ୍ଚିମବଙ୍ଗକୁ ଗଲେ ଚୁଡିର ଏକ ଭିନ୍ନ ରୂପ ଆମେ ଦେଖିବାକୁ ପାଇବା । ଏଠାରେ ଦୁଇ ପ୍ରକାରର ସ୍ୱତନ୍ତ୍ର ଚୁଡ଼ି ପିନ୍ଧାଯାଏ । ଯାହାକୁ ଶଂଖା ଓ ପୋଲା କୁହାଯାଏ ।

'ଶଂଖା' ଶଙ୍ଖରେ ତିଆରି ଯୋଗୁଁ ଧଳା ରଙ୍ଗ ଓ 'ପୋଲା' ଲାଖରେ ତିଆରି ହେଇଥିବାରୁ ଲାଲରଂଗର ହୋଇଥାଏ । ପଶ୍ଚିମବଙ୍ଗରେ ବିବାହିତ ନବବଧୂଙ୍କୁ ଶଙ୍ଖା-ପୋଲା ପିନ୍ଧାଇବାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଥା ରହି ଆସିଛି । ଓଡିଶାରେ ମହିଳାମାନେ ସାଧାରଣତଃ ଅଧିକ ମାତ୍ରାରେ କାଚଚୁଡି ପିନ୍ଧିବା ପସନ୍ଦ କରିଥାନ୍ତି । କାଚଚୁଡି ବିଭିନ୍ନ ରଂଗର ବଜାରରେ ମିଳିଥାଏ । ଏହା ସ୍ତ୍ରୀମାନଙ୍କ ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ଚୁଡିର ଝଙ୍କାର ମନରେ ଯୁକ୍ତାତ୍ମକ ଓ ଆବେଗପୂର୍ଣ୍ଣ ଭାବ ସଞ୍ଚରଣ କରି ମନକୁ ମନ୍ତ୍ରମୁଗ୍ଧ କରିଥାଏ । ଓଡ଼ିଶାରେ ଏକ ଭିନ୍ନ ପ୍ରକାର ଚୁଡି ନବବଧୂଙ୍କୁ ପ୍ରଥା ଅନୁସାରେ ପିନ୍ଧାଇ ଦିଆଯାଏ । ତାକୁ 'ମାଟିଶଙ୍ଖା' କୁହାଯାଏ । ଏହା କେବଳ ଲାଲ୍ ରଙ୍ଗର ହୋଇଥାଏ । ଏହି ଲାଲ୍ ରଙ୍ଗର ଶଂଖା ପିନ୍ଧିବା ଦ୍ୱାରା ସ୍ୱାମୀଙ୍କୁ ସୁଖ, ସମୃଦ୍ଧି ଓ ଦୀର୍ଘାୟୁ ପ୍ରାପ୍ତ ହୁଏ ବୋଲି ପ୍ରବାଦ ଅଛି । ବିଭିନ୍ନ ଦେବୀ ମନ୍ଦିରମାନଙ୍କରେ ଦେବୀଙ୍କୁ ଲାଲ୍ ମାଟି ଶଙ୍ଖା ପୂଜା ଲଗାଇ ଅୟୁଷଲକ୍ଷଣୀ ହେବାର ଆଶୀର୍ବାଦ ମାଗି ସ୍ତ୍ରୀମାନେ ସେହି ଶଙ୍ଖାକୁ ନିଜ ହାତରେ ପିନ୍ଧିଥାନ୍ତି ।

ଆମ ଧାର୍ମିକ ପରମ୍ପରା ଓ ଇତିହାସକୁ ନେଇ ଚୁଡି ଉପରେ ଅନେକ ଆଖ୍ୟାନ ରହିଛି । 'ରାମାୟଣ' ସମୟରେ ନାରୀମାନଙ୍କ ହସ୍ତାଭରଣ ମଣିମୁକ୍ତା ସଜ୍ଜିତ ଥିଲା । 'ମହାଭାରତ'ରେ ଶଂଖ ଚୁଡି ବ୍ୟବହାରର ଉଲ୍ଲେଖ ରହିଛି । 'ମେଘଦୂତ'ରେ ଯକ୍ଷପ୍ରିୟା ପାଳିତ ମୟୂରମାନଙ୍କୁ ନିଜ ଚୁଡିର ମଧୁର ମୂର୍ଚ୍ଛନା ଦ୍ୱାରା ନଚାଉଥିଲେ । 'କାଦମ୍ବରୀ'ରେ ସରସ୍ୱତୀ ଶଂଖଚୁଡି ପିନ୍ଧିବାର ବର୍ଣ୍ଣନା କରାଯାଇଛି । 'ଶିଶୁପାଳ ବଧ'ରେ ମଧ୍ୟ ଶଂଖଚୁଡିର ଉଲ୍ଲେଖ ରହିଛି । ମୁନିକନ୍ୟା ଶକୁନ୍ତଳା ବନସ୍ତରେ ରହି ମଧ୍ୟ ପଦ୍ମନାଡରେ ଚୁଡି କରି ନିଜ ହାତରେ ପିନ୍ଧିବାର କୁହା ଯାଇଛି । ଯାଜ୍ଞସେନୀ ବଣରେ ରହିବା ସମୟରେ ମଲ୍ଲିକଢିକୁ ଗୁନ୍ଥି ହାତରେ ଚୁଡି ଭାବରେ ଧାରଣ କରୁଥିବାର କୁହାଯାଇଛି । ରାଧା-କୃଷ୍ଣଙ୍କ ଅଗାଧ ପ୍ରେମକୁ ପ୍ରକଟ କରିବାକୁ ଯାଇ 'ମନୋହରୀଲୀଳା'ର ଉପାଖ୍ୟାନ ଅଛି । ଯେଉଁଥିରେ କୃଷ୍ଣ ରାଧାଙ୍କୁ ଭେଟିବା ଉଦ୍ଦେଶ୍ୟରେ ଜଣେ ମନୋହରୀ ବେଶରେ ଚୁଡି ବିକିବାକୁ ଯାଇ ଡାକିଥାନ୍ତି: "ଚୁଡି ନିଅ ଚୁଡ଼ି ।" ପରେ ରାଧାଙ୍କ ସାମ୍‌ନାରେ ତାଙ୍କର କୃଷ୍ଣରୂପ ପ୍ରକଟ ହୁଏ । ଆଧୁନିକ ସମୟର ରାଷ୍ଟ୍ରକବି ମୈଥିଲ୍ ଶରଣ ଗୁପ୍ତା ନିଜ କବିତାରେ ମଣିମୟ ଚୁଡି ଓ କବି ସୁଭଦ୍ରା କୁମାରୀ ଚୌହାନ୍ ନିଜର ପ୍ରସିଦ୍ଧ କବିତା 'ଝାନ୍‌ସି କି ରାନୀ'ରେ ଚୁଡିକୁ ନେଇ ସୁନ୍ଦର ଭାବଧାରା ପ୍ରକଟ କରିଛନ୍ତି । କେବଳ ଏତିକି ନୁହେଁ ଚୁଡିର ଇତିହାସ ଖୁବ୍ ପ୍ରଶସ୍ତ ଯାହା ଶତାବ୍ଦୀ ଶତାବ୍ଦୀ ଧରି ପ୍ରଥା ଭାବରେ ପ୍ରଚଳିତ ହୋଇ ଆସିଛି ।

ଦକ୍ଷିଣ ଏସିଆର ବହୁଚର୍ଚ୍ଚିତ ମୂର୍ତ୍ତି ମହେଞ୍ଜୋଦାରୋରେ ଚୁଡି ପିନ୍ଧିବାର ଦେଖାଯାଏ ।





ନାଗା ସମ୍ପ୍ରଦାୟର ମହିଳାମାନେ ସେମାନଙ୍କର ଏକ ପ୍ରସିଦ୍ଧ ପର୍ବ 'ମିଟ୍‌ମନିଓ'ରେ ଏକ ପ୍ରକାର ଚୁଡ଼ି ପିନ୍ଧି ନାଚିବାର ପ୍ରଥା ଅଛି । ଏହି ଚୁଡି ଏକ ପିତଳ ରଡ୍ ଚାରିକଡେ ପତଳା ତାର ଦ୍ୱାରା ଗୁଡା ଯାଇଥାଏ । ହାଇଦ୍ରାବଦ୍‌ରେ ଏକ ପ୍ରସିଦ୍ଧ ଚୁଡିବଜାର ବସେ ଯାହାକୁ 'ଲାଡ୍ ବଜାର' କୁହାଯାଏ । ଏଠାରେ କାଚ ଚୁଡିର ଚାହିଦା ଅଧିକ ଥାଏ ।

ଭାରତ ବାହାରେ ମଧ୍ୟ ଚୁଡିର ବ୍ୟବହାର ଆମେ ଫେସନ୍ ହିସାବରେ ହେଉ କିମ୍ବା ପରମ୍ପରା ହିସାବରେ ହେଉ ବିଭିନ୍ନ ସ୍ଥାନରେ ଦେଖିବାକୁ ପାଇବା । ଆମେରୀକିୟ ଫଟୋଚିତ୍ରରେ ବିଭିନ୍ନ ମଡେଲ୍‌ମାନଙ୍କୁ ଆମେ ଚୁଡ଼ି ପିନ୍ଧିବାର ଦେଖିବାକୁ ପାଇବା । ତାନ୍‌ଜାନିଆର ମହିଳାମାନେ ନେଡୋର୍‌ବା ନାମରେ ଏକ ପ୍ରକାର ଚୁଡି ପିନ୍ଧିଥାନ୍ତି । କାରବିଆନ୍ ମାନେ ଏକ ପ୍ରକାର ଧାତୁ ନିର୍ମିତ ଚୁଡି ଯାହା ସେମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ଉଦେଶ୍ୟରେ ପିନ୍ଧିଥାନ୍ତି । ଆଫ୍ରିକୀୟ ମାନେ ଘୋଡାନାଲ୍‌ରେ ନିର୍ମିତ ଚୁଡିକୁ ନିଜର ପାରମ୍ପରିକ ପରିଧାନ ଭାବେ ଧାରଣ କରିଥାନ୍ତି । ଦେଶର ଯେକୌଣସି ପ୍ରାନ୍ତକୁ ଗଲେ ଆମେ ସବୁଠି ଚୁଡ଼ିର ପାରମ୍ପରିକ ବ୍ୟବହାର ଓ ଗୁରୁତ୍ୱପୂର୍ଣ୍ଣତା ଉପଲବ୍ଧି କରିପାରିବା ।




କଳା ଜଗତରେ ବିଭିନ୍ନ ଚଳଚିତ୍ର ଗୀତ, କବିତା, ଗଳ୍ପ, ପ୍ରବନ୍ଧ ଏବଂ ଆଲେଖ୍ୟ ମାନଙ୍କରେ ଚୁଡିର ଗୁଣାତ୍ମକ, କଳାତ୍ମକ ଓ ସୃଜନାତ୍ମକ ମାନର ବ୍ୟବହାର ଦେଖିବାକୁ ପାଇବା, ଯଥା : ହିନ୍ଦି ଚଳଚିତ୍ର ଚାନ୍ଦିନି, ଦିଲ୍‌ନେ ଜିସେ ଅପ୍‌ନା କହା, ଦୋ-ରାସ୍ତେ, କଭି ଖୁସି କଭି ଗମ୍, ମିଲେଙ୍ଗେ ମିଲେଙ୍ଗେ, ପହେଲି, ତୁମ୍‌କୋ ନା ଭୂଲ୍ ପାଏଙ୍ଗେ ଏବଂ ଓଡିଆ ଚଳଚିତ୍ର 'ଆଖିରେ ଆଖିରେ', 'କେହିଜଣେ ଭଲ ଲାଗେରେ', 'ଶଙ୍ଖା ସିନ୍ଦୁର', 'କଳାମାଣିକ', 'ଟୋପାଏ ସିନ୍ଦୁର ଦି ପଟ ଶଙ୍ଖା' ଇତ୍ୟାଦିରେ ଚୁଡ଼ିକୁ ନେଇ ଖୁବ୍ ସୁନ୍ଦର ଲୋକପ୍ରିୟ ଗୀତମାନ ରହିଛି ।

ଭାରତୀୟ ସଂସ୍କୃତିରେ ନାରୀମାନଙ୍କର ଷୋଳଶୃଙ୍ଗାରର ମହତ୍ୱ, ଏହାର ବ୍ୟବହାରର ବର୍ଣ୍ଣନା କେବଳ ଆମକୁ ଆନନ୍ଦ ଦିଏ ନାହିଁ, ଏହା ଆମର ସଂସ୍କୃତି ପ୍ରତି ଯଥୋଚିତ ସମ୍ମାନ, ସଂସ୍କାର ପ୍ରତି ଯତ୍ନଶୀଳ ଏବଂ ମର୍ଯ୍ୟାଦା ପ୍ରତି ଆବେଗପୂର୍ଣ୍ଣ ହେବାକୁ ପ୍ରୋତ୍ସାହିତ କରିଥାଏ । ଭାରତର ପ୍ରାଗ୍-ଐତିହାସିକ ସମୟରୁ ଦେବୀମାନଙ୍କ ମୂର୍ତ୍ତିରେ ହସ୍ତାଭରଣ ଦୃଶ୍ୟମାନ ହେଉଥିବା ଚୁଡିର ପରିଧାନ ସମସ୍ତ ସ୍ତ୍ରୀ ମାନଙ୍କ ପାଇଁ ଶୁଭ ଓ ଫଳପ୍ରଦ ଅଳଙ୍କାର ଭାବରେ ଏଯାବତ୍ ବିଶେଷ ମହତ୍ୱ ପ୍ରତିପାଦନ କରିଆସିଛି । ଆଧୁନିକତା ଆଳରେ ଚୁଡିକୁ ହେୟ ମନେକରି ନାରୀମାନେ ଖାଲି ହାତରେ ରହିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ । କେବଳ ଧାର୍ମିକ ଭାବନା ନୁହେଁ ବୈଜ୍ଞାନିକ ମତ ଅନୁସାରେ ଚୁଡି ପରିଧାନ କରିବା ଶରୀର ପ୍ରତି ଲାଭଦାୟକ ହୋଇଥାଏ । ଆମ ସଂସ୍କୃତିର ଏ ସୁନ୍ଦର ଅଳଙ୍କାର ଚୁଡି ଏକ ମର୍ଯ୍ୟାଦାପୂର୍ଣ୍ଣ ଗହଣା ଭାବେ ଗୁରୁତ୍ୱ ବହନ କରୁ- ଏହା ହିଁ ଆମେ ଆଶା କରିବା ।

**ରାଉତ କମ୍ପ୍ଲେକ୍ସ, କଟକ ରୋଡ, ଭୁବନେଶ୍ୱର**

## ବହିବିଚାର




- ପୁସ୍ତକର ନାମ: **ପ୍ରେମିକାପଣ**
- ସ୍ରଷ୍ଟାଙ୍କ ନାମ : **ପଲ୍ଲବୀ ନାୟକ**
- ପ୍ରକାଶକଙ୍କ ନାମ : **ବନଫୁଲ, ରାଜନଗର, କେନ୍ଦ୍ରାପଡ଼ା**
- ମୂଲ୍ୟ : **୧୦୦/-**

**ଅପୂର୍ଣ୍ଣ ପୂର୍ଣ୍ଣତାରେ ଯିଏ ପ୍ରୀତି ପାଳୁଥାଏ, ତାକୁ ଅନୁଭବିବାର ସୁଯୋଗ କେବେ କେବେ ଜୁଟେ । ନିଜ ପ୍ରେମିକାପଣରେ ଝଟକୁଥିବା କାବ୍ୟନାୟିକା କ'ଣ ପରାଜିତ ହୁଏ ନା ହଜିଯାଇପାରେ ଭସାମେଘ ପରି କେବେ : ସକଳ ଘୃଣା ଭିତରେ ବି ସେ ସୃଷ୍ଟି କରିପାରେ ବଞ୍ଚିରହିବାର ପାଖୁଡାଏ ଗୋଲାପି ସ୍ୱର୍ଣ୍ଣ । ତାହା ହିଁ ତ 'ପ୍ରେମିକାପଣ', ପଲ୍ଲବୀଙ୍କର ।**






ଉତ୍କଳ ... ଆମ ମାଟିର ସ୍ୱର

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ?
କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଆସନ୍ତୁ ଝର୍କା ଖୋଲିବା ।



**ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫଉଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେବୁ ।**

# ରାଜନୀତିର ଓଡ଼ିଶା



**ନେତାଜୀ ଅଭିନନ୍ଦନ**

ଫଟୋ ସୌଜନ୍ୟ : ଗୁଗୁଲ୍

କଉଠୁ ଆରମ୍ଭ କରିବି ଏ ଆଖ୍ୟାନ ?

ଆରମ୍ଭରୁ ହିଁ ଆରମ୍ଭ ହବା କଥା ।

ହେଲେ, କିଏ ଜାଣିଛି, କଉଠୁ ଆରମ୍ଭ ଆଉ କେବେଠୁ ଆରମ୍ଭ !

ଖାରବେଳଙ୍କଠୁ ନା କଳିଙ୍ଗ ଯୁଦ୍ଧଠୁ । ନା ଆଉରି ପଛରୁ ।

ହଜାରେ ବର୍ଷ, ଦି' ହଜାର ବର୍ଷ, ନା ପାଞ୍ଚ ହଜାର ବର୍ଷ ?

ସମୟର ନଈରେ ପଛକୁ ପହଁରି ପହଁରି କ'ଣ ସତରେ ପହଞ୍ଚିହେବ ଆରମ୍ଭଠି ? ଆଙ୍କି ହେବ ଆଦିକାଳର ଚିତ୍ର; ଚିହ୍ନିହେବ ଓ ଚିହ୍ନେଇହେବ ବିସ୍ମୃତିର ଅତଳତଳରେ ନିକ୍ଷେପିତ ସେଇ ଚରିତ୍ରମାନଙ୍କୁ, ଯେଉଁମାନେ ଦିନେ ନାୟକ ସାଜିଥିଲେ, ଆଉ କାନ୍ଧରେ ବୋହିଥିଲେ ଗୋଟେ ଜାତିର ପରିଚୟକୁ ।

କେତେ ଘଟଣା-ଦୁର୍ଘଟଣା, କେତେ ସ୍ୱପ୍ନ-ସଂଘର୍ଷ-ସଂଘାତ, କେତେ ଲୁହ-ଲହୁ, କେତେ ରାତି, କେତେ ରକ୍ତ, କେତେ ଦୀର୍ଘଶ୍ୱାସ, ହାହାକାର, କେତେ ଆକ୍ରମଣ, କେତେ ବିଜୟ-ପରାଜୟ, କେତେ ଧର୍ମ-ପନ୍ଥା-ରୀତିନୀତି, କେତେ ଭାଷା, କେତେ ସଂସ୍କୃତି, କେତେ କଳା କାରିଗରି, କେତେ କୋଣାର୍କ, କେତେ ଭଙ୍ଗା-ଗଢ଼ାର ରାଜନୀତି, କେତେ ଆନ୍ଦୋଳନ-ପ୍ରତିରୋଧ, କେତେ ସାରଳା-ଫକୀରମୋହନ-ସୁରେନ୍ଦ୍ର, ଏମିତି କେତେ କ'ଣ । କିଏ ବା ରଖିଛି ତା'ର ହିସାବ ।

ସବା ଶେଷରେ ଆମେ ଓଡ଼ିଆ ।

ହେଲେ, କେବେଠୁ ଆମେ ଓଡ଼ିଆ ?

ଆମ ପ୍ରାଣରେ ସ୍ପନ୍ଦିତ ହେଉଛି ଯେଉଁ ଓଡ଼ିଆତ୍ୱ, ତା'ର ଅୟମାରମ୍ଭ କଉଠୁ ?

କିଏ ଦେଲା ଆମକୁ ଆମ ପରିଚୟ ?

କିଏ ଗଢ଼ିଲା ଆମ ପରିଚୟ ? ?

ଏ ପରିଚୟର ମୂଳଭିତ୍ତି କ'ଣ କେବଳ ଆମ ଭାଷା, ନା ଆଉ କିଛି ?

କେଉଁ ଭୂମି ଉପରେ ଠିଆ ହୋଇ ଆମେ ଭୂମିକା ବାନ୍ଧିଲୁ ?

କେଉଁ ଦମ୍ଭରେ ମାଟି ଉପରେ ପାଦ ଥାପି ଆମେ ଆକାଶକୁ ହାତ ବଢ଼େଇଲୁ; ସୂର୍ଯ୍ୟ-ସମୁଦ୍ରଙ୍କୁ ଆବାହନ କଲୁ ?

କିଏ ଆମ ଭିତରେ ଭରିଦେଲା ଏତେ କଳା-ନୈପୁଣ୍ୟ, କିଏ ଧରେଇଦେଲା ହାତରେ ନିହାଣ ?

ଶୀତ ସକାଳର କାକର ଟୋପା ଭଳି ଆମ ଅସରନ୍ତି ଯାତ୍ରାପଥରେ ଅସଂଖ୍ୟ ମୁହୂର୍ତ୍ତମାନେ ମିଳେଇ ଯାଇଛନ୍ତି ସମୟର ଗାସ ଗାଲିଚା ଉପରେ । ସେ ମୁହୂର୍ତ୍ତମାନଙ୍କୁ ଚିହ୍ନିବା ଓ ପୁଣିଥରେ ଜୀବନ୍ୟାସ ଦେବା ସମ୍ଭବ ନୁହେଁ । ହେଲେ, ସେଇ ମୁହୂର୍ତ୍ତମାନେ ହିଁ ଗଢ଼ିଛନ୍ତି ଆମକୁ,

ଆମ ଅସ୍ତିତ୍ୱ ଓ ପରିଚୟକୁ । ଓଡ଼ିଆମାନଙ୍କ ଜୀବନଧାରାର ଏମିତି କିଛି ଅପୋଛା, ଅଲିଭା, ଅନ୍ତରଙ୍ଗ ମୁହୂର୍ତ୍ତମାନଙ୍କୁ ଯାହା ଏବେ ବି ଆମକୁ ସ୍ପନ୍ଦିତ ଓ ଆଲୋଡ଼ିତ କରୁଛନ୍ତି – ମାନଙ୍କୁ ସାଉଁଟି ଆମେ ନିଶ୍ଚିତ କରିପାରିବା ଅନାଦି ଅତୀତରୁ ଅନନ୍ତ ଭବିଷ୍ୟତ ପର୍ଯ୍ୟନ୍ତ ଆମର ଯାତ୍ରାପଥ ।

••

ଓଡ଼ିଆ ଭାଷା କହୁଥିବାରୁ ଆମେ ଓଡ଼ିଆ । ଆମେ ରହୁଥିବା ଭୂଖଣ୍ଡର ନାମ ଓଡ଼ିଶା । କେବଳ ଓଡ଼ିଆ ଭାଷା କହୁଥିବା ଲୋକମାନଙ୍କୁ ଓଡ଼ିଆ କୁହାଯିବ ନା ଓଡ଼ିଶାରେ ରହୁଥିବା ଅନ୍ୟ ଭାଷାଭାଷୀମାନଙ୍କୁ ମଧ୍ୟ ଓଡ଼ିଆ ବୋଲି କୁହାଯାଇପାରିବ ? (ଚିତ୍ତରଞ୍ଜନ ଦାସ, 'ଓଡ଼ିଶା ଓ ଓଡ଼ିଆ', ପୃ-୮) ଓଡ଼ିଶାରେ ରହୁଥିବା ସମସ୍ତଙ୍କର ଭାଷା କେବେହେଲେ ଓଡ଼ିଆ ନଥିଲା କି ଏବେ ମଧ୍ୟ ନୁହେଁ । ଓଡ଼ିଶାରେ ରହନ୍ତି ପ୍ରାୟ ୬୨ ପ୍ରକାରର ଜନଜାତି, ଯେଉଁମାନେ ଓଡ଼ିଆ କହନ୍ତିନି । ସେମାନଙ୍କ ପାଇଁ ଓଡ଼ିଆ ମଧ୍ୟ ଏକ ବିଦେଶୀ ଭାଷା । ସେ ଦୃଷ୍ଟିରୁ ଭାଷା ଆମ ପରିଚୟର ଏକମାତ୍ର ପରିଚାୟକ ହୋଇପାରିବନି ।

ଓଡ଼ିଶା ସବୁ କାଳରେ ଓଡ଼ିଶା ନଥିଲା ।

କଳିଙ୍ଗ-ତ୍ରିକଳିଙ୍ଗ-ଉତ୍ କଳିଙ୍ଗ-ଉଡ୍ର-ଉତ୍ପଳ-ତୋଷଳ-କୋଶଳ ।

ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ନାମ ।

ଏପରିକି ଗୋଟିଏ ସମୟରେ ଏଇ ଗୋଟିଏ ଭୂଖଣ୍ଡର କେତେ କେତେ ନାମ ରହିଥିଲା ।

ଲୋକମାନେ ବି ଏକାଠି ନଥିଲେ । ଭାଷା ସେମାନଙ୍କୁ ଏକାଠି କରିପାରି ନଥିଲା । ଖଣ୍ଡ ବିଖଣ୍ଡିତ ହୋଇ ରହିଥିଲେ; ଧର୍ମ-ଧାରଣା, ରୀତି-ନୀତିକୁ ନେଇ ବିଭେଦରେ ମାତିଥିଲେ । ଏପରିକି ପରସ୍ପର ମଧ୍ୟରେ ଲଢୁଥିଲେ ।

ଓଡ଼ିଶା ନାମ ଆସିଲା କଉଠୁ ?

ଓରିଟିସ୍, ଉର୍ସିନ୍, ଉର୍ସଫିନ୍ ଶବ୍ଦରୁ ନା ସଂସ୍କୃତି ଶବ୍ଦ ଉଡ୍ରରୁ ?

କୁହାଯାଏ, ମହାଭାରତ ଯୁଦ୍ଧ କାଳରେ 'ଓଡ୍ର' ଶବ୍ଦର ପ୍ରଚଳନ ଥିଲା । ମହାଭାରତରେ 'କଳିଙ୍ଗ'ର ଉଲ୍ଲେଖ ମଧ୍ୟ ବହୁବାର ହୋଇଛି । ବନ ପର୍ବରେ ଲୋମଶ ଋଷି କଳିଙ୍ଗ ରାଜ୍ୟରେ ବୈତରଣୀ ନଦୀ ବହୁଥିବା କଥା କହିଛନ୍ତି । (ଓଡ଼ିଶା ଇତିହାସ, ସଂ-ପ୍ରୀତିଶ ଆଚାର୍ଯ୍ୟ, ପୃ-୨୦) ଗ୍ରୀକ୍ ଶବ୍ଦ 'ଓରିଟିସ୍' ହଉ ବା ସଂସ୍କୃତ ଶବ୍ଦ 'ଓଡ୍ର', ସେମାନଙ୍କ ଉତ୍ପତ୍ତି କୁଆଡ଼େ ଓଡ଼ିଆ ଶବ୍ଦ 'ଓର' ବା 'ଅରୁଆ'ରୁ, ଯାହାର ଅର୍ଥ ହେଲା ଚାଉଳ ବା ଭାତ । ତା' ମାନେ ଭାତ ଖାଉଥିବାରୁ ଆମେ ଓଡ଼ିଆ !

ଆମେ ଭାତୁଆ, ସେଥିପାଇଁ ଓଡ଼ିଆ ! !

ଚିନ୍ତକ ମଧୁ ମହାନ୍ତିଙ୍କ ଭାଷାରେ –

'ଓଡ଼ିଆର ଜାତୀୟ ଖାଦ୍ୟ ତବତ ନୁହେଁ, ପଖାଳ । ମାଛ, ଶୁଖୁଆ ହେଲେ, ଯେତିକି ଗନ୍ଧ ବଢ଼େ, ସେତିକି ସ୍ୱାଦ ବଢ଼େ । ବାସି, ଓଡ଼ିଆ ମନର ଏକ ବିଶେଷ ବିଳାସ । ବାସି ପଖାଳରେ ନିଶା ଥାଏ ସତ, ମାତ୍ର ପୁରୁଣା ତୋରାଣି ଆୟୁର୍ବେଦରେ, ବହୁ ବ୍ୟାଧିର ଔଷଧ । ସଢ଼ା ମାଛ, ମୂଳରେ ପୋତିଲେ ଅଫଳନ୍ତି ଗଛ ଫଳେ ।' (ମଧୁସୂଦନ ମହାନ୍ତି, 'ଛତିଶରୁ ଛପନ', ପୃ-୫)

ଉତ୍ସ ତା'ହେଲେ ଭାଷା ନୁହେଁ, ହାଣ୍ଡିଶାଳ !

••

ଆଉ ଆମ ଯାତ୍ରାପଥର ଆରମ୍ଭ ଏଇ କେତେ ଶହ ବର୍ଷ ତଳର ନୁହେଁ, କେତେ ହଜାର ବର୍ଷର ।

ନାଁ ଯାହା ବି ହଉନା କାହିଁକି, ସେଇ ଅନାଦି ଅତୀତରେ ଆମେ ବି ଥିଲୁ ଅନ୍ୟମାନଙ୍କ ସହ । ପରସ୍ପର ସହ ଆତ୍ମିକ-ଭାବଗତ-ସାଂସ୍କୃତିକ ସୂତ୍ରରେ ବନ୍ଧା ହୋଇ ଏକ 'ସ୍ୱତନ୍ତ୍ର' ସମୂହ ଭାବରେ ଆମର ଏକ ବିଶେଷ ପରିଚୟ ମଧ୍ୟ ରହିଥିଲା ବିଶ୍ୱରେ । ସାହିତ୍ୟରେ, ପୁରାଣ-କିମ୍ବଦନ୍ତୀରେ, ଭାରତକୁ ଆସିଥିବା ପରିବ୍ରାଜକମାନଙ୍କ ଡାଏରୀରେ, ପ୍ରାଚୀନ ଇତିହାସକାରମାନଙ୍କ ଉଲ୍ଲେଖରେ ଆମେ ଖୋଜି ପାଇପାରିବା ଆମକୁ । ସେଥିପାଇଁ ଫେରିବାକୁ ପଡ଼ିବ କାହିଁ କେତେ ଯୁଗ





ପଛକୁ । ଆଖି ଫେରେଇଲେ ଝାପ୍‌ସା ଦିଶିପାରେ; ହେଲେ, ଟିକେ ନିଘା କଲେ ଦେଖିହେବ, ଆମେ ଝଟକୁଥିଲୁ ନକ୍ଷତ୍ରଟେ ହୋଇ । ଦର୍ପରେ ଓ ସ୍ୱାଭିମାନରେ; ଆମ ପରିଚୟକୁ ନେଇ, ଆମ ସ୍ୱାତନ୍ତ୍ର୍ୟକୁ ନେଇ ।

ଗ୍ରୀକ୍ ପରିବ୍ରାଜକ ପ୍ଲିନି ପ୍ରଥମ ଶତାବ୍ଦୀରେ ପ୍ରକାଶିତ ତାଙ୍କ ନ୍ୟାଚୁରାଲ୍ ହିଷ୍ଟ୍ରି (ପ୍ରାକୃତିକ ଇତିହାସ) ବହିରେ 'ଓରିଟିସ୍' ଜାତି କଥା କହିଛନ୍ତି । ସପ୍ତମ ଶତାବ୍ଦୀରେ ଚୀନ୍‌ର ପ୍ରସିଦ୍ଧ ପରିବ୍ରାଜକ ହୁଏନ୍ ସାଂ ଉଡ୍ର ଦେଶ ବୁଲି ଏହାର ଅଧିବାସୀମାନଙ୍କ ଶାରୀରିକ ଗଠନ, ଜୀବନଚର୍ଯ୍ୟା, ସାମାଜିକ ବିଧି-ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ କରିଛନ୍ତି । (ପ୍ରବୋଧ କୁମାର ମିଶ୍ର, 'ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି', ପୃ-୩) ।

(ନବମ ଓ ଦଶମ ଶତାବ୍ଦୀରେ ମଧ୍ୟପ୍ରାଚ୍ୟର ଦୁଇ ଜଣ ଭୌଗୋଳିକ ଇବନ୍ ଖୁର୍ଦ୍ଦାଦତ୍ତି ଓ ହାଦୁଦ୍ ଅଲ୍ ଆଲାନ୍ ଓଡ଼ିଶାକୁ 'ଭର୍ସିନ୍' ବା 'ଉର୍ସଫିନ୍' ବୋଲି ଉଲ୍ଲେଖ କରିଛନ୍ତି । ଏକାଦଶ ଶତାବ୍ଦୀରେ ଆଲ୍‌ବେରୁନି ତାଙ୍କ ପ୍ରସିଦ୍ଧ ପୁସ୍ତକ 'ଇଣ୍ଡିଆ'ରେ ଓଡ଼ିଶାକୁ ଉର୍ଦ୍ଧାବିଶାର ବୋଲି ଲେଖିଛନ୍ତି, ଯାହାକୁ ସଂସ୍କୃତ 'ଓଡ୍ର ବିଷୟ' ବା ଓଡ୍ର ପ୍ରଦେଶର ଅପଭ୍ରଂଶ ଭାବରେ ଗ୍ରହଣ କରାଯାଏ । ପ୍ରଥମ ଥର ପାଇଁ ସ୍ୱଷ୍ଟ ଶବ୍ଦରେ ଚତୁର୍ଦ୍ଦଶ ଶତାବ୍ଦୀରେ ସାମ୍‌ସଇ ସିରାଜ ଅଫିପ୍ ନାମକ ଜଣେ ମୁସଲିମ୍ ଲେଖକ ଯାଜନଗର ଉଡ଼ିଶା କ୍ଷେତ୍ରର ନାମୋଲ୍ଲେଖ କରିଛନ୍ତି । ସେହି ସମୟରେ ସୀମାଚଳମ୍‌ର ଏକ ଶିଳାଲେଖରେ 'ଓଡ୍ୟାଦେଶ' ନାମର ଉଲ୍ଲେଖ ରହିଛି ।) (ଓଡ଼ିଶା ଇତିହାସ, ପୃ-୨୦)

ସେ ସମୟରେ ଲୋକଙ୍କ ଭିତରେ ହିଡ଼ ପଡ଼ିନଥିଲା । ବାଡ଼ ବୁଜା ହେଇ 'ଏଇଟା ଆମର, ସେଇଟା ତମର'ର ବିବାଦ ଆରମ୍ଭ ହୋଇନଥିଲା । ସାଂସ୍କୃତିକ ଅଚାର ବିଚାର, ଜୀବନ ଚଳଣି, ଲୋକ ପରମ୍ପରାକୁ ନେଇ ଗୋଟେ 'ସମୂହ' ବା ଜନଗୋଷ୍ଠୀ ଅନ୍ୟ ସମୂହଠୁ ଅଲଗା ରହୁଥିଲେ । ସଂସ୍କୃତି ହିଁ ସାମୂହିକତାକୁ ନିର୍ଣ୍ଣିତ କରୁଥିଲା, ଭୌଗୋଳିକ ସୀମାରେଖା ନୁହେଁ । ତେଣୁ ଯଦିଓ ଓଡ଼ିଆମାନଙ୍କ ଐତିହାସିକ ଅବସ୍ଥିତି ସମ୍ପର୍କରେ କୌଣସି ସନ୍ଦେହ ନାହିଁ, ଭୌଗୋଳିକ ଦୃଷ୍ଟିକୋଣରୁ ଉଡ୍ରଦେଶର ପରିସୀମା କେଉଁଠୁ କେଉଁଯାଏ ଲମ୍ବିଥିଲା, କହିବା କାଠିକର ।

ପଞ୍ଚଦଶ ଶତାବ୍ଦୀରେ ପ୍ରଥମ ଥର ପାଇଁ ସୂର୍ଯ୍ୟବଂଶୀ କପିଳେନ୍ଦ୍ର ଦେବ ନିଜ ରାଜ୍ୟକୁ 'ଓଡ଼ିଶା' ବୋଲି ଘୋଷଣା କଲେ । ପାଖାପାଖି ସେଇ ସମୟରେ ମହାକବି ସାରଳା ଦାସ ରଚିଲେ ମହାଭାରତ – ଓଡ଼ିଆଙ୍କର ପ୍ରଥମ ମହାଗ୍ରନ୍ଥ – ଯେଉଁଥିରେ ଓଡ଼ିଶା ବହୁବାର ଉଲ୍ଲିଖିତ ହେଲା ।

ଏଇଠୁ ହେଲା ନୂଆ ଆରମ୍ଭ ।

କପିଳେନ୍ଦ୍ର ଓ ସାରଳାଙ୍କ ଜରିଆରେ ଓଡ଼ିଆ ଭାଷା ଭୂମିଟିଏ ପାଇଲା, ଆଉ ଆମେ ଓଡ଼ିଆ ଭାବରେ ପାଇଲୁ ନୂଆ ପରିଚୟ ।

ନୂଆଲିପି ଓ ଭାଷା ପ୍ରବର୍ତ୍ତନ ହେଲା, ନୂଆ ସାହିତ୍ୟ ଲେଖା ହେଲା, ଯାହା ପରବର୍ତ୍ତୀ ସମୟରେ ପଞ୍ଚସଖାଙ୍କ କୃତି ବଳରେ ଘରେ ଘରେ ପହଞ୍ଚିଲା । ଭାଷା ଓ ସାହିତ୍ୟକୁ ନେଇ ଓଡ଼ିଆମାନଙ୍କର ଏକ ବଳିଷ୍ଠ ସାଂସ୍କୃତିକ ଅବବୋଧର ମୂଳଦୁଆ ପଡ଼ିଲା ଏଇ ସମୟରେ ।

••

ଏବେ ଆଉଟିକେ ପଛକୁ ଫେରିବା ।

ପାଖାପାଖି ଦି' ହଜାର ବର୍ଷ ତଳକୁ ।

ସେତେବେଳେ ଆମେ ଥିଲୁ କଳିଙ୍ଗ ।

ମଗଧର ପ୍ରତିଟି ସମ୍ରାଟ ହୃଦୟରେ କଳିଙ୍ଗ କଣ୍ଟା ହେଇ ଝୁଲୁଥିଲା ।

ଗିଳି ହଉ ନଥିଲା କି ଫିଙ୍ଗି ହଉନଥିଲା ।

କଳିଙ୍ଗ ଥିଲା ଈର୍ଷା ।

କଳିଙ୍ଗର ସମୃଦ୍ଧି ଓ ଐଶ୍ୱର୍ଯ୍ୟ ସତେ ଅବା ସେମାନଙ୍କୁ ଖତେଇ ହଉଥିଲା ।

କଳିଙ୍ଗ ଜୟ ନ କରିପାରିଲେ, ଧିକ୍ ସମ୍ରାଟପଣ !

ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ମଗଧ ସମ୍ରାଟ ମହାପଦ୍ମନନ୍ଦ କଳିଙ୍ଗ ଜୟ କରିଥିଲେ; ରାଜଧାନୀ ପିଥୁଣ୍ଡ (ହାତୀଗୁମ୍ଫା ଶିଳାଲେଖରେ ଅଭିଲିଖିତ)କୁ ଧ୍ୱଂସ କରି ମାଟିରେ ମିଶେଇ ଦେଇଥିଲେ, ତା'ପରେ ଆସିଲେ ଅଶୋକ ।

ଖ୍ରୀଷ୍ଟପୂର୍ବ ୨୬୧ ।

ପ୍ରାଚୀନ ଭାରତର ରାଜନୈତିକ ଇତିହାସରେ ଏକ ମୋଡ଼ ପରିବର୍ତ୍ତନକାରୀ ବର୍ଷ ।

ରକ୍ତମୁଖା ଅଶୋକଙ୍କ ପ୍ରଚଣ୍ଡ ଆକ୍ରମଣରେ ଭୂପତିତ ହୋଇଥିଲେ ଓଡ଼ିଆଏ ।

ଲକ୍ଷାଧିକ ଓଡ଼ିଆଙ୍କ ରକ୍ତରେ ଭିଜିଥିଲା ମାଟି, ରକ୍ତରେ ଗାଧେଇଥିଲା ଦୟାନଦୀ ।

ଏତେ ରକ୍ତ ଦେଖି, ରକ୍ତ ଓହ୍ଲେଇ ଆସିଥିଲା ଚଣ୍ଡାଶୋକଙ୍କ ଆଖିରୁ, ମୁଣ୍ଡରୁ ।

ଯୁଦ୍ଧ ଜିତିଥିଲେ ବି, ଶୋଚନୀୟ ଭାବେ ସେ ହାରି ଯାଇଥିଲେ ନିଜ ହୃଦୟ-ବିବେକ ଆଗରେ ।

ଗ୍ରହଣ କରିଥିଲେ ବୌଦ୍ଧଧର୍ମ ।

'ବୁଦ୍ଧଂ ଶରଣଂ ଗଚ୍ଛାମି' ଧ୍ୱନିରେ ଭାରତର ପୂର୍ବ ଭୂଖଣ୍ଡ ନିନାଦିତ ହୋଇ ଉଠିଥିଲା ।

କଳିଙ୍ଗର ଯୁଦ୍ଧ ଭୂଇଁରୁ ପ୍ରକମ୍ପିତ ହେଲା ଶାନ୍ତି ଓ ସଂହତିର ଓଁକାର ଧ୍ୱନି ।

ସେତେବେଳେ କିଏ ଥିଲେ କଳିଙ୍ଗର ସମ୍ରାଟ ବା ସାମ୍ରାଜ୍ଞୀ ?

ନା କଳିଙ୍ଗ ଥିଲା ଏକ ଆଦର୍ଶ ଗଣତନ୍ତ୍ର, ଯେଉଁଠି ଲୋକମାନେ ନିଜେ ନିଜକୁ ଶାସନ କରୁଥିଲେ । ନିଜେ ନିଜର ଭାଗ୍ୟ ନିର୍ଦ୍ଧାରଣ କରୁଥିଲେ ? କାହା ନେତୃତ୍ୱରେ କଳିଙ୍ଗବାସୀ ମହାପରାକ୍ରମୀ ଅଶୋକଙ୍କୁ ସାମ୍ନା କରିବାକୁ ଆଗେଇ ଆସିଲେ ?

ଉତ୍ତର ଏ ଯାଏଁ ମିଳିନି ।

କୁହାଯାଏ, କାରୁବାକୀ ଥିଲେ କଳିଙ୍ଗର ସର୍ବମୟ କର୍ତ୍ତ୍ରୀ, ଯାହାକୁ ପାଇବା ପାଇଁ ଅଶୋକ ରାଜ୍ୟ ଉପରେ ଆକ୍ରମଣ କରିଥିଲେ । ସତରେ କ'ଣ କଳିଙ୍ଗ ରାଜକୁମାର ବିବାହ କରିଥିବା ଧୀବର କନ୍ୟା କାରୁବାକୀଙ୍କୁ ହାସଲ କରିବା ପାଇଁ ଅଶୋକ ଲଢ଼ିଥିଲେ କଳିଙ୍ଗ ଯୁଦ୍ଧ ?

ସତରେ କ'ଣ କାରୁବାକୀ ବୋଲି କେହି ଜଣେ ଥିଲେ ? ଯାହାଙ୍କ ସୌନ୍ଦର୍ଯ୍ୟରେ ପାଗଳ ହୋଇ ଅଶୋକ ଲକ୍ଷାଧିକ ଲୋକଙ୍କ ମୃତ୍ୟୁର କାରଣ ସାଜିଥିଲେ ?

ଲୋକଶ୍ରୁତି ବା କିମ୍ବଦନ୍ତୀ ବେଳେବେଳେ ଧସେଇ ପଶିଆସେ ଇତିହାସ ଭିତରକୁ, ତିଆରି କରେ ଚରିତ୍ର ଓ ତାକୁ ବସେଇଦିଏ କେନ୍ଦ୍ରସ୍ଥଳରେ ।

କାରୁବାକୀ କାହାଣୀଟିଏ । ଯଦିଓ ଏ କାହାଣୀ ଜୀବନ୍ୟାସ ପାଇଛି ଅନେକ ଆଖ୍ୟାନରେ, ଏହାକୁ ଐତିହାସିକ ସତ୍ୟ ମଣିବା ସମୀଚିନ ହେବ ନାହିଁ ।

ପରାଜିତ ହେବା ପରେ କଳିଙ୍ଗ ମଗଧ ସାମ୍ରାଜ୍ୟ ଅଧୀନରେ ଏକ ପ୍ରଦେଶ ପାଲଟିଗଲା, ଯାହାର ରାଜଧାନୀ ହେଲା ତୋଷାଳୀ ।

ଯୁଦ୍ଧ ପରେ ଚଣ୍ଡାଶୋକରୁ ଧର୍ମାଶୋକ ପାଲଟି ଯାଇଥିବା ମଗଧ ସମ୍ରାଟ କଳିଙ୍ଗ

ଓ କଳିଙ୍ଗବାସୀଙ୍କୁ ଆପଣେଇ ନେଇଥିଲେ ନିଜ ପ୍ରଜା ଭାବରେ । ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନରେ ସେ ଘୋଷଣା କଲେ -

("ସମସ୍ତ ପ୍ରଜା ହେଲେ ମୋର ସନ୍ତାନ । ଯେପରି ମୁଁ ମୋର ସନ୍ତାନମାନଙ୍କର ଇହକାଳ ଓ ପରକାଳର ସୁଖ କାମନା କରେ, ସେହିପରି ସମସ୍ତ ମନୁଷ୍ୟଙ୍କ ନିମନ୍ତେ ତାହା ହିଁ ମୋର କାମ୍ୟ ।")

●●

ଅହଙ୍କାର-ଆସ୍ଫାଳନ-ଯୁଦ୍ଧ-ବିଜୟ-ପରାଜୟ-ପ୍ରତିଶୋଧ-ଯୁଦ୍ଧ ।

ଏହି କ୍ରମରେ ତ ଗତିଶୀଳ ଇତିହାସ ସବୁକାଳେ ।

କଳିଙ୍ଗ ଯୁଦ୍ଧ ପରେ ପଦାନତ, ରକ୍ତ ରଞ୍ଜିତ, ବଡ଼ିମା-ବିବର୍ଜିତ ଓଡ଼ିଆଙ୍କ ଭିତରେ ନୂଆ ପ୍ରାଣଶକ୍ତିର ସଞ୍ଚାର କରିଥିଲେ ସମ୍ରାଟ ଖାରବେଳ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ, ଯାହାଙ୍କୁ ଆମେ ଓଡ଼ିଆ ଅସ୍ମିତାର ଆଦ୍ୟ ମହାନାୟକର ଆଖ୍ୟା ଦେଇପାରିବା ।

ଉଦୟଗିରି ପାହାଡ଼ରେ ଖୋଦିତ ହାତୀଗୁମ୍ଫା ଶିଳାଲେଖ ଚେଦୀବଂଶର ତୃତୀୟ ରାଜା ଖାରବେଳଙ୍କ ଅନନ୍ୟ ଗାଥାର ବର୍ଣ୍ଣନା ଦିଏ ।

ଏକ ଅପ୍ରତିଦ୍ୱନ୍ଦ୍ୱୀ ସେନାବାହିନୀର ନେତୃତ୍ୱ ନେଇ ସେ ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଦିଗ୍‌ବିଜୟ କରିଥିଲେ ଓ ଗଢ଼ିଥିଲେ ଏକ ବିଶାଳ ସାମ୍ରାଜ୍ୟ । ଏକଦା ଅପରାଜେୟ ମଗଧ ମଧ୍ୟ ଥିଲା ଏହି ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ।

ଗଙ୍ଗାନଦୀ କୂଳରେ ଅଙ୍ଗ ଓ ମଗଧର ଶାସକ ବୃହସ୍ପତି ମିତ୍ର କଳିଙ୍ଗ ସମ୍ରାଟ ଖାରବେଳଙ୍କ ପାଦ ତଳେ ଲୋଟି ପଡ଼ିଥିଲେ । ବିନା ଯୁଦ୍ଧରେ ମଗଧ ସମର୍ପଣ କରିଥିଲା କଳିଙ୍ଗ ପାଖରେ । ଆତ୍ମସମର୍ପଣର ସେହି ଦୃଶ୍ୟ ରାଣୀଗୁମ୍ଫାରେ ଖୋଦିତ ହୋଇ ରହିଯାଇଛି ଅନନ୍ତ କାଳ ପାଇଁ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ମଗଧ ସମ୍ରାଟ ମହାପଦ୍ମନନ୍ଦ ନେଇଯାଇଥିବା ଜୀନ ପ୍ରତିମାକୁ ଖାରବେଳ ଫେରେଇ ଆଣିଥିଲେ । ପ୍ରତିମା ଆସିଥିଲା ମହା ଆଡ଼ମ୍ବରରେ ମହା ସମାରୋହରେ । 'କଳିଙ୍ଗ ଜୀନ' ପାଇଥିଲେ ରାଷ୍ଟ୍ରଦେବତାର ମର୍ଯ୍ୟାଦା । କେବଳ ପ୍ରତିମା ଫେରିନଥିଲା, ଫେରିଥିଲା କଳିଙ୍ଗର ହୃତ ଗୌରବ ।



ବିଜେତାର ଅହଙ୍କାର ନେଇ ଖାରବେଳ ଧଉଳି ପାହାଡ଼ରେ ଥିବା ଅଶୋକଙ୍କ ଶିଳାଲେଖକୁ ନଷ୍ଟ କରିନଥିଲେ । ବରଂ ବିନା ରକ୍ତପାତରେ ମଗଧକୁ ପଦାନତ କରି ସେ ଓଡ଼ିଆଙ୍କୁ ମହିମାମଣ୍ଡିତ କରେଇଥିଲେ ବିଶ୍ୱ ଦୃଷ୍ଟିରେ ।

ଖାରବେଳ କେବଳ ଜଣେ ଯୁଦ୍ଧଖୋର ଶାସକ ନଥିଲେ, ଥିଲେ ମଧ୍ୟ ଲୋକପ୍ରିୟ ଓ ଲୋକାଭିମୁଖୀ ପ୍ରଶାସକ । ତାଙ୍କ ସମୟରେ କେନାଲ୍ ଖୋଳା ହୋଇଥିଲା, କର କୋହଳ କରାଯାଇଥିଲା । ବାତ୍ୟା ବିଧ୍ୱସ୍ତଙ୍କୁ ଥଇଥାନ କରାଯାଇଥିଲା, ରାସ୍ତାଘାଟ ତିଆରି ହୋଇଥିଲା । ଭାରତର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଯତି, ଶ୍ରମଣ, ତପସ୍ୱୀ, ଋଷି ଓ ବୌଦ୍ଧ ଭିକ୍ଷୁଙ୍କ ବିଶ୍ରାମ ପାଇଁ ଆରାମଦାୟକ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିଲା । ଉଦୟଗିରି ପାହାଡ଼ରେ ଜୈନ ଭିକ୍ଷୁ ଓ ଶ୍ରମଣଙ୍କ ପାଇଁ ଶହେ ସତରଟି ଗୁମ୍ଫା ଖୋଳେଇଥିଲେ ଖାରବେଳ । ଜୈନ ଧର୍ମର ପୃଷ୍ଠପୋଷକ ହୋଇଥିଲେ ମଧ୍ୟ ଅନ୍ୟ ଧର୍ମ ପ୍ରତି ସେ ଆଦୌ ଅସହିଷ୍ଣୁ ନଥିଲେ । ଅଶୋକଙ୍କ ଭଳି ସେ ଜୈନଧର୍ମକୁ ଜୋର ଜବରଦସ୍ତ ଲୋକଙ୍କ ଉପରେ ଲଦି ଦେଇନଥିଲେ ।

ଯୁଦ୍ଧରେ ଅପରାଜେୟ, ଶାସନରେ ନିପୁଣ, ପ୍ରଶାସନରେ ଦକ୍ଷ, ଧର୍ମ ଧାରଣାରେ ସହିଷ୍ଣୁ ଓ ଉଦାର - ସବୁ ଦୃଷ୍ଟିରୁ ଖାରବେଳ ଥିଲେ ଜଣେ ସ୍ୱୟଂସମ୍ପୂର୍ଣ୍ଣ ସମ୍ରାଟ । ସେ କେବଳ ରାଜ୍ୟ ଜୟ କରିନଥିଲେ, ଲୋକଙ୍କ ହୃଦୟ ଜୟ କରିଥିଲେ । ସେଇଥିପାଇଁ ଆଜି ବି ତ ଆମେ ନିଜକୁ ଖାଲବେଳଙ୍କ ଦାୟାଦ ବୋଲି କହି ଗର୍ବ କରୁଛୁ, ଛାତି ଫୁଲଉଛୁ ।

ପାଖାପାଖି ଦି' ହଜାର ବର୍ଷ ତଳେ, ମାତ୍ର ତେର ବର୍ଷ ପାଇଁ ଶାସନ ଗାଦି ସମ୍ଭାଳିଥିଲେ ମଧ୍ୟ, ଖାରବେଳ ଆଜି ବି ଆମ ଛାତିରେ ଚକଡ଼ାଏ ଜାଗା ମାଡ଼ି ବସିଛନ୍ତି । ତାଙ୍କୁ ନେଇ ସାହିତ୍ୟ ଲେଖା ଚାଲିଛି, ସିନେମା ମଧ୍ୟ ତିଆରି ହଉଛି ।

ଭଲ ଭାବେ ପଢ଼ି ନ ପାରିଲେ ବି, କିଛି ବୁଝି ନ ପାରିଲେ ବି ହାତୀଗୁମ୍ଫା ଶିଳାଲେଖକୁ ଦେଖିଦେଲେ, ଆମ ହୃଦୟ ଆଜି ବି ଉଲୁସି ଉଠୁଛି ।

●●

ଖାରବେଳଙ୍କ ପରେ କ'ଣ ହେଲା କଳିଙ୍ଗର ? ଖାରବେଳଙ୍କ ପରବର୍ତ୍ତୀ ଆଠ ଶହ ବର୍ଷ ସମ୍ପର୍କରେ ଇତିହାସ ଏତେ ସ୍ପଷ୍ଟ ବା ମୁଖର ନୁହେଁ । ସମ୍ଭବତଃ ଆମେ ଗୋଟିଏ ଶାସନ ଅଧୀନରେ ନ ରହି ଛୋଟ ଛୋଟ ରାଜ୍ୟରେ ବିଭାଜିତ ହୋଇଯାଇଥିଲୁ ଓ ଭିନ୍ନ ଭିନ୍ନ ଶାସକଙ୍କ ଦ୍ୱାରା ଶାସିତ ହେଉଥିଲୁ ।

ଦ୍ୱାଦଶ ଶତାବ୍ଦୀରେ ପରାକ୍ରମଶାଳୀ ଗଙ୍ଗବଂଶର ଶାସନ କାଳରେ, ଓଡ଼ିଶା ପୁଣି ଏକ ଶାସନାଧୀନ ସାମ୍ରାଜ୍ୟର ମାର୍ଯ୍ୟାଦା ପାଇଲା, ଯାହା ବିସ୍ତାରିତ ହୋଇଥିଲା ଉତ୍ତରରେ ବଙ୍ଗଦେଶରୁ ପଶ୍ଚିମରେ ଛତିଶଗଡ଼ ପର୍ଯ୍ୟନ୍ତ । ଏଇ ସମୟରେ ହିଁ ଓଡ଼ିଶା ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଓ ରାଜନୀତିକ ପରିଧି ପାଇଲା ଯାହାକି ପରବର୍ତ୍ତୀ ସମୟରେ ଆମ ଜାତୀୟତାର ଉନ୍ମେଷ ପାଇଁ ଯଥେଷ୍ଟ ସହାୟକ ହୋଇଥିଲା ।

ଗଙ୍ଗମାନେ ଆସିଥିଲେ ଆନ୍ଧ୍ରରୁ । ହେଲେ, ସେଇମାନଙ୍କ ପ୍ରାୟ ଚାରିଶହ ବର୍ଷର ଶାସନ କାଳରେ ହିଁ ଓଡ଼ିଆ ସଂସ୍କୃତିର ମୂଳଦୁଆ ପଡ଼ିଥିଲା ।

ଗଙ୍ଗମାନେ ହିଁ ଜଗନ୍ନାଥଙ୍କୁ ରାଷ୍ଟ୍ରଦେବତାର ମର୍ଯ୍ୟାଦା ଦେଇଥିଲେ, ନିଜକୁ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିନିଧି ଭାବରେ ଅଭିହିତ କରି ଶାସନ କରୁଥିଲେ ।

ଜଗନ୍ନାଥଙ୍କୁ ଓପାସ ଓ ଅନିଦ୍ରା ରଖି, ଆଜି ଆମେ ଯେଉଁ ଜଗନ୍ନାଥ ସଂସ୍କୃତିର ଡିଣ୍ଡିମ ପିଟୁଛୁ, ତା'ର ଅୟମାରମ୍ଭ ସେଇ ସମୟରେ ।

ତାଙ୍କରି ସମୟରେ ହିଁ କୋଣାର୍କ, ପୁରୀର ଜଗନ୍ନାଥ ମନ୍ଦିର । ବି ତାଙ୍କରି

ସମୟରେ କଟକର ବାରବାଟୀ ଦୁର୍ଗ । ଗଙ୍ଗମାନେ ହିଁ ବାରାଣାସୀ କଟକରେ ଗଢ଼ିଥିଲେ ସେମାନଙ୍କ ରାଜଧାନୀ । ଓଡ଼ିଶାର ମହାନ୍ ଶିଳ୍ପୀ, କାରିଗର, ମୂର୍ତ୍ତିକାରମାନଙ୍କୁ ଗଙ୍ଗ ରାଜାମାନେ ଯେଉଁଭଳି ପ୍ରୋତ୍ସାହନ ଦେଇ ରାଶି ରାଶି ଅପରୂପ କୀର୍ତ୍ତିରାଜି ଓ ଭାସ୍କର୍ଯ୍ୟ ନିର୍ମାଣ କରେଇଥିଲେ, ତା'ର ତୁଳନା ନାହିଁ । ଆଜି ଯେଉଁ ସବୁ ମହାନ୍ କଳା-ଭାସ୍କର୍ଯ୍ୟକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରି ଆମେ ବାହାବା ସାଉଁଟୁଛୁ, ସେ ସବୁ ଗଢ଼ା ହୋଇଥିଲା ଗଙ୍ଗମାନଙ୍କ ଶାସନ କାଳରେ । ମନ୍ଦିର କଳାରେ ଆମେ ପହଞ୍ଚିଥିଲୁ ଶିଖରରେ ।

ସେମାନେ ଗଢ଼ି ଯାଇଥିଲେ, ଆମେ ଭାଙ୍ଗିବାରେ ବ୍ୟସ୍ତ !!

••

ଗଙ୍ଗଙ୍କ ପରେ ଆସିଲେ ସୂର୍ଯ୍ୟବଂଶୀ ଗଜପତି । ପଞ୍ଚଦଶ ଶତାବ୍ଦୀରେ ।

ଗଜପତି ଥିଲା ଏକ ଅନନ୍ୟ ଉପାଧି; ଯାହା ବୁଝେଇଲା ଜଗନ୍ନାଥଙ୍କ ସେବକଙ୍କୁ, ବି ଓଡ଼ିଶାର ଶାସକଙ୍କୁ ।

ଗଜପତିଙ୍କ ଶାସନକାଳ ଥିଲା ଓଡ଼ିଶାରେ ସାଂସ୍କୃତିକ ଜନ ଜାଗରଣର ପର୍ବ ।

ସୂର୍ଯ୍ୟବଂଶର ତିନିଜଣ ଯାକ ଶାସକ – କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ର ଦେବ – 'ପର୍ଶୁରାମ ବିଜୟ', 'ଅଭିନବ ଗୀତଗୋବିନ୍ଦ' ଓ 'ମୁକ୍ତି ଚିନ୍ତାମଣି' ଭଳି କାବ୍ୟ ରଚନା କରିଥିଲେ ବୋଲି କୁହାଯାଏ । (ଓଡ଼ିଶା ଇତିହାସ, ପୃ-୧୦୭) ।

ରାଜାମାନେ ଯେତେବେଳେ କବି ହୁଅନ୍ତି ବା କବି ହେବା ପାଇଁ ମନ ମଳାନ୍ତି, କ୍ଷମତା ସେତେବେଳେ ମାଟି-ମନସ୍କ ହୁଏ । ଏଇ ସମୟରେ ସାହିତ୍ୟ-ସମାଜ-ରାଜନୀତି-ସଂସ୍କୃତି ଉପରେ ବ୍ରାହ୍ମଣମାନଙ୍କର ଆଉ ଏକଚାଟିଆ ଅଧିକାର ରହିଲାନି । ସାଂସ୍କୃତିକ ନବୋଦୟ ଘଟିଲା, ଯାହାର ମୁଖ୍ୟ ବାହକ ହେଲା ସାହିତ୍ୟ । ସାରଳା ଦାସ ଓଡ଼ିଆରେ ମହାଭାରତ ଲେଖିଲେ, ତାଙ୍କ ପଛକୁ ଅନେକ ଶୂଦ୍ର ପୁରାଣ ରଚନା କଲେ । ବ୍ରାହ୍ମଣ-ନିୟନ୍ତ୍ରିତ ସଂସ୍କୃତ ଭାଷାର ଅର୍ଗଳି ଭିତରୁ ବାହାରି ସାହିତ୍ୟ ନିତିଦିନିଆ ଭାଷାରେ ଲେଖା ହେଲା ଓ ପ୍ରକୃତ ଅର୍ଥରେ ଗଣାଭିମୁଖୀ ହେଲା ।

ସାରଳାଙ୍କ ପରେ ପଞ୍ଚସଖା ଆସିଲେ ଓ ନିଜକୁ ଈଶ୍ୱରଙ୍କ ଦାସ ବୋଲି ଅଭିହିତ କରି ସାମାଜିକ ସମତାର ବାର୍ତ୍ତା ପ୍ରଚାର କଲେ । ସେମାନେ ସାହିତ୍ୟକୁ ସଖ୍ୟ ସ୍ଥାପନର ଜରିଆ କଲେ, କୁସଂସ୍କାରର ବିରୋଧ କଲେ ଏବଂ ଈଶ୍ୱରଙ୍କ ପାଖରେ ପହଞ୍ଚିବା ପାଇଁ ଭକ୍ତି ହିଁ ଅସଲ ମାର୍ଗ ବୋଲି ଲୋକଙ୍କୁ କହିଲେ । ପଞ୍ଚସଖା ସାହିତ୍ୟ ଓଡ଼ିଶାରେ ନୂଆ ସାମାଜିକ ଓ ଧର୍ମୀୟ ଆନ୍ଦୋଳନର ଅଗ୍ରଦୂତ ସାଜିଲା । ନୂଆ ରାସ୍ତାରେ, ନୂଆ ଢଙ୍ଗରେ ବାଟ ଚାଲିବା ପାଇଁ ପ୍ରଚୋଦନା ଦେଲା ।

ନୂଆ ଭାଷା, ନୂଆ ସମାଜ, ନୂଆ ସଂସ୍କୃତି, ନୂଆ ଶାସନ ପଦ୍ଧତି – ଗଜପତିଙ୍କ ସମୟରେ ଓଡ଼ିଶାରେ ସତକୁ ସତ ଏକ ନବଯୁଗର ଅଭ୍ୟୁଦୟ ହେଲା ।

ହେଲେ, ଏ ସ୍ୱର୍ଣ୍ଣିମ ଅଧ୍ୟାୟ ବେଶି ଦିନ ତିଷ୍ଠିଲା ନାହିଁ । ରାଜନୈତିକ ପରାଧୀନତା ଆମକୁ ଏକ ଅନ୍ଧମୁହାଣି ଆଡ଼କୁ ବାଟ କଢ଼େଇନେଲା ।

ସେ କଥା ଆରଥରକୁ ।

ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩
ମୋବାଇଲ୍ - ୯୦୪୦୦୦୩୧୨୩
netajeeabhinandan@gmail.com



କାହାଣୀ ପଛର କାହାଣୀ

ଦୁଃଖ ନ ଆସିଲେ ବୋଉକୁ ବୁଝିହୁଏନି । ସେ ଏକ ସ୍ପର୍ଶକାତର ଅନୁଭବ, ଜୀବନର । ଆମେ ମନଇଚ୍ଛା ସାଙ୍ଗସାଥୀ ହୋଇ ଘରଛାଡ଼ି ବୁଲୁ, ଗପୁ, ରାତିରେ ଡେରିରେ ଫେରୁ । ବୋଉ ତେଣେ ଚାହିଁ ବସିଥାଏ । ପିଲାଟାଏ ଘରେ ନଥିଲେ ଶୂନ୍ୟତାର ଅନୁଭବକୁ ନେଇ । ସେହି ସମୟରେ ବୋଉକଥା ଆମେ ମାନୁନା । କାରଣ ସେହି ସମୟଟା ସାଙ୍ଗ ଦର୍କାର ହୁଏ । ପରେ ଜୀବନ ଆଗେଇ ଚାଲେ । ସାଙ୍ଗସାଥୀ କେହି ରହନ୍ତିନି । ତୁମ ସୁଖ ଦୁଃଖରେ ଭାଗୀ ହେବାକୁ କାହାର ମନ ନଥାଏ । ବେଳ ନଥାଏ । ତୁମେ ହୋଇଯାଅ ଏକା । ସେତେବେଳେ ତୁମେ ବୋଉ ପାଖକୁ ହିଁ ଆସ । ମନେହୁଏ ଏକମାତ୍ର ଆଶ୍ରୟ ସିଏ । ସେ ଚାଲି ଯାଏନା ମାନରେ, ଅପମାନରେ, ଅବହେଳାରେ, ଦୁର୍ବ୍ୟବହାରରେ । ସେ ସବୁବେଳେ ଭଲ ପାଉଥାଏ । ସବୁଠୁ ଉର୍ଦ୍ଧ୍ୱରେ ଥାଏ । ଯଦିଓ ଏଇକଥା ବୁଝୁବୁଝୁ ସମୟ ଚାଲି ଯାଇଥାଏ । ବୟସ ବି ଆଗେଇ ଯାଇଥାଏ । ଏ କାହାଣୀରେ ମା'ଟିଏ ମନରେ ସେହି ଅନୁଭବ ରହିଯାଇଛି । ସାଙ୍ଗଟି ଦେଖିବାକୁ ଆସିଛି । ବହୁ ସମୟ ଧରି ନିଜ ଝିଅକୁ ନଦେଖି ମୃତ୍ୟୁ ଶଯ୍ୟାରେ ବି ଅନୁଭବ କରିଛି ସେ ସାଙ୍ଗ ସାଙ୍ଗରେ ତାକୁ ଛାଡ଼ି ଚାଲିଯାଇଛି ଯେମିତି ବୁଲିବାକୁ ପଳାଏ ଅଳ୍ପ ବୟସ ବେଳେ । ପଚାରିଛି- କୁଆଡ଼େ ଥିଲୁ ତୁ... ? ସାଙ୍ଗ ସାଙ୍ଗରେ ଚାଲିଗଲୁ ପରା ? ସେତେବେଳେ ତ ଅକୁହା ଯନ୍ତ୍ରଣାରେ, ଲୁହରେ ଫାଟି ପଡ଼ିବାର ବେଳା... । ବଡ଼ ମର୍ମାନ୍ତିକ ସ୍ପର୍ଶକାତର ଏକ ଅନୁଭବ ଏ, ଯାହା କାହାଣୀ ବ୍ୟକ୍ତ କରି ପାରେନି... ।




# ସବୁ ଜହ୍ନରାତି ସରିଯାଏ




**ସଂଯୁକ୍ତା ମହାନ୍ତି**

**ରାଜାବଗିଚା, କଟକ-୭୫୩୦୦୯**
**ଫୋନ-୯୪୩୭୬୭୨୫୮୫**


ସେତେବେଳକୁ ରାତି ଏଗାରଟା ।

ଏ ସମୟରେ ବା କେଉଁ ଡାକ୍ତର ଘରକୁ ଆସିବେ ?

ଦେଢ଼ ମାସ ହୋଇଗଲାଣି ବୋଉ ପଡ଼ିରହିଛି । କେଜାଣି ଟଳଟଳ ହୋଇ ଚାଲୁଥିଲା । ରାତିରେ କାହାକୁ ନ ଡ଼ାକି କାହିଁକି ଉଠୁଥିଲୁ ? ଦି ପାଦ ଯାଇଛି କି ନାହିଁ ନଥିକିନି ପଡ଼ିଲା । ଫିମର୍ ବୋନ୍‌ର ନେକ୍‌ଟା ଭାଙ୍ଗିଗଲ । ହିପ୍‌ବୋନ୍ । ଆଉ କି ଉଠିପାରେ ! ଏକେ ତ ଶ୍ୱାସରୋଗର ଯନ୍ତ୍ରଣା, ତା' ଉପରେ ଏ ଦଣ୍ଡ । ଏ ବୟସରେ ଅପରେସନ୍ ହେବା ବି ଭୟ । ସେଥିପାଇଁ ଆଣ୍ଠୁ ପାଖରେ କଣା କରି ଇଟା ଝୁଲେଇ ଦିଆଗଲା ଆଉ ସେ ଶୋଇ ରହିଲା ଦିନରାତି ଗୋଟାଏ ଶଯ୍ୟାରେ । କେତେବେଳେ ପେଟ ଫୁଲି ଯାଉଛି ତ କେତେବେଳେ ପରିସ୍ରା କମି ଯାଉଛି । ଜୀବନର ଚରମ ଯନ୍ତ୍ରଣା ସହ ସେ ଲଢ଼େଇ କରୁଛି ।

ହେଲେ ଆଜି ! ସବୁ ତ ଠିକ୍ ଥିଲା । କ'ଣ ହେଲା ହଠାତ୍ ? ସଞ୍ଜବେଳେ ଆସିଥିବା ପିଲାଟା ପରିସ୍ରାନଳୀ ବଦଳାଉଥିଲା । ଟାଣ ଟାଣ ପେଟ ଦେଖି ମୁହଁ ଶୁଖେଇ କହିଥିଲା : ଡାକ୍ତରକୁ ଡାକନ୍ତୁ । ଏ ପେସେଂଟ୍‌କୁ କେମିତି ନେବେ ମେଡ଼ିକାଲ୍ ? ଏତିକି ଇଶାରା ଦେଇ ସେ ଚାଲିଗଲ । ସେତିକି ବେଳଠୁ ମୁଁ ବିଚଳିତ ହୋଇ ପଡୁଥିଲି । କିଏ ଆସିବ ବୋଲି କିଛି ବି ଜାଣିପାରୁ ନଥିଲି । ଏମିତି ବି ଆଉଦିନେ ବୋଉର ପେଟ ବିନ୍ଧୁଥିଲା । ସେ ଯନ୍ତ୍ରଣାରେ ଓଃ...ଓଃ...ହେଉଥିଲା । ମୁଁ ବି ଶୁଣିଛି ସେହି ଓଃ...ଓଃ...ହେବା । କିନ୍ତୁ କ'ଣ ପାଇଁ ମୁଁ ବଡ଼ ଅସହାୟ ଆଖିରେ ତାକୁ ଦେଖୁଥିଲି । ଗୋଡ଼ରେ ବନ୍ଧା ହୋଇଥିବା ଇଟା, ତା'ର ଯନ୍ତ୍ରଣା ଆଚ୍ଛାଦିତ ମୁଖଭଙ୍ଗୀ । ଅନେକବାର ଆଗରୁ କହିଛି ତୁମେମାନେ ଅର୍ଥୋ ବା ମେଡ଼ିସିନ୍ ଡାକ୍ତର ଡାକି ଆଣ । ଥରେ ତ ଦେଖିବା ଦରକାର । ଯା' ଭିତରେ କ'ଣ ହେଲାଣି କିଏ ଜାଣେ !

ହେଲେ କାହା ପ୍ରତି ଥିଲା ମୋର ଏ ବକ୍ତବ୍ୟ ? କିଏ ଥିଲେ ବୋଉର ଘରଭିତରେ ! ଭରା ସଂସାର ତା'ର ! ତିନିପୁଅ, ତିନିବୋହୂ, ନାତି, ନାତୁଣୀ । କିଏ ନାହିଁ ? ଅଥଚ କେଉଁ ଅସହାୟ କଣ୍ଠରେ ବାରବାର ମୋତେ କହିବାକୁ ପଡୁଛି- ଡାକ୍ତର ଡାକ । ବୋଉର ଏ ଅବସ୍ଥାରେ ଅବହେଳା କରିବା ଉଚିତ୍ ନୁହେଁ ।

କେଜାଣି ! ସେମାନେ କ'ଣ ମନେ କରୁଥିଲେ ? ଭାବୁଥିଲେ ମୁଁ ଟିକିଏ ଟିକିଏ କଥାରେ ଅଧୈର୍ଯ୍ୟ ହୋଇପଡ଼େ । ଭାବ ପ୍ରବଣତାରେ, କଳ୍ପନାରେ ଗୁଡ଼ାଏ କଥା ଭାବି ଦୁଃଖ ପାଏ । କେବଳ ଗୋଟାକପରେ ଗୋଟାଏ ଯୁକ୍ତି ଦେଇ ଦେଖୁଥାଏ ଅବାସ୍ତବତାରେ । ତେଣୁ ମୋତେ ବଡ଼ପାଟି କରିବାକୁ ପଡ଼େ । ଗର୍ଜନ ତର୍ଜନ କରି ମେଦିନୀ କମ୍ପେଇବାକୁ ହୁଏ । ଯେମିତି ସେମାନଙ୍କ କାନରେ ସେ କମ୍ପନ କିଛି ତରଙ୍ଗ ତୋଳେ । କୁମ୍ଭକର୍ଣ୍ଣର ନିଦଭାଙ୍ଗି ସେମାନେ ଉଠି ବସନ୍ତି । ଦାୟପଡ଼େ ସେହିସବୁ ଦାୟଦାରଙ୍କ ଉପରେ । ଭାରି ହୋଇଯା'ନ୍ତି ସେମାନେ । ସାମାନ୍ୟ ହଲଚଲ୍ ହୋଇ ପୁଣି ଲୁଚିଯାଆନ୍ତି କଇଁଛର ଖୋଳପା ଭିତରେ ।

ଅତି ଗର୍ଜନ ତର୍ଜନ ପରେ ତୃତୀୟ ଭାଇଟି କେଉଁଠୁ ଖବର ନେଇଥିଲା, ଡାକ୍ତର କିଷନ୍ ଘରକୁ ଆସନ୍ତି । ସେ ଗୋଟାଏ ସପ୍ତାହ ତଳର କଥା । କିନ୍ତୁ ସେଇଦିନ ସାଙ୍ଗେ ସାଙ୍ଗେ ତାଙ୍କୁ ଡାକିଦେବା ଆଉ ବୋଉକୁ ଦେଖେଇବା ତା' ମୋର ନିର୍ଦ୍ଦେଶ ଥିଲା । ହେଲେ ଲହରୀକୁ ମୁଣ୍ଡପାତି ଦେଲେ ଯାଏ । ଗୋଟାଏ ଦିନ ଚାଲିଗଲେ ଆଉ ଗୋଟାଏ ଦିନ ଆସୁ ଯାହା ହେବ । ଖସିଯିବାର ମସୁଧା ନୁହେଁ ତ ଆଉ କ'ଣ ? ଯାହା ଘରେ ତୁମେ ରହୁଛ, ଯାହା ପାଇଁ ଏତେ ଭୋଗଭାଗ୍ୟ ତୁମର, ତା'ପାଇଁ ମନଟିକେ ହେଉନି ଦୌଡ଼ିଯିବାକୁ ? ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ ମଣିଷର ଏ ବେଇମାନି ପଣିଆ ।

ହେଲେ ଆଜି ? ଦୀର୍ଘ ସାତଦିନ କ'ଣ କିଛି କମ୍ ସମୟର ଗୁରୁତ୍ୱ ? କୁଆଡ଼େ ଯିବ ସେ ? ରାଗ, ଅଭିମାନ ତା' ଭିତରେ ଭିତରେ ଜରିଯାଏ । ସେହି ତୃତୀୟ ଭାଇଟି ନିଜ ଆଡୁ କହିଥିଲା ଅର୍ଥୋ ଡାକ୍ତର ତାକୁ ଚିହ୍ନେ । ଘରକୁ ଆସିଲେ, ପାଂଚଶହ ଜାଗାରେ ତା'ଠୁ ତିନିଶହ ନେବ । ସେଥିପାଇଁ ତ ସେ ସାତଦିନ ଆଗରୁ ତିନିଶହ ଟଙ୍କା ଘରେ ଦେଇକି ଯାଇଥିଲା । ପୁଣି କାହିଁକି ଡକା ହେଲାନି ?

ଧରିନିଆଯାଉ ବୋଉର ପେଟ କାଟୁଥିଲ ସୋମବାର, ତାରିଖ ୧୮.୭.୨୦୧୧ । ସାମାନ୍ୟ ଫୁଲି ଥିଲା । ଭାଇକୁ କହିଥିଲି । ଭାବିଥିଲି ମଙ୍ଗଳବାର ଗୋଟାଏ ବେଳକୁ ସେ ଡାକ୍ତର ଡାକି ଦେଖେଇ ଦେଇଥିବ । କିନ୍ତୁ ରାତି ଆଠଟାରେ ଅଫିସ୍‌ରୁ ଫେରି ଦେଖିଲି ଆଦୌ ଡାକ୍ତର ଡକା ହୋଇନି । ପିଇସୀ ପୁଅ ଭାଇ ଡାକ୍ତର । ସେ କହିଥିଲେ ଅଳ୍ପ ଖାଇବାକୁ । ନହେଲେ ଶୋଇରହି ଦେହର ଚଳନ ଘଟୁନି, ପେଟ ଫୁଲିଯିବ । ବୋଉ ବହୁତ ହୁସିଆର । ସେ ଅଳ୍ପ ଖାଉଥିଲା । ପଟେ ରୁଟି ଆଉ ସନ୍ତୁଳା । ଏବେ ବୋଉ ଦେଖାଯାଉଛି ଭୀଷଣ ଶୀର୍ଣ୍ଣ । ବେକ ପାଖର ହାଡ଼ ଖାଲ ହୋଇଗଲାଣି । ପିଠି ହାଡ଼ ବାହାରି ପଡ଼ିଛି । ତା'ର ଏଇ ରୂପରେ ବେଳକୁ ବେଳ ଭୟ ବଢୁଛି ମୋର । ବୟାଅଶୀ ବର୍ଷରେ ଫିମର୍ ହେଡ୍‌ଟି ଅପରେସନ୍ କଲେ କାଳେ କିଛି ହୋଇଯିବ ବୋଲି ଆମେ ରାଜି ହେଇନୁ । ଅପରେସନ୍ ଯଦି ଏକମାତ୍ର ଉପାୟ ଡାକ୍ତରଟା ଜୋର୍ ଦେଇ କହିବାର ଥିଲା । ଏବେ ପେଟ ଫୁଲି ଗଲାଣି । ହେ ଭଗବାନ୍ ! କେମିତି ଘର ଭିତରେ ବାଥ୍‌ରୁମ୍ ଯାଉ ଯାଉ ପଡ଼ିଗଲା !

ଉପର ମହଲାରେ ରୁହେ ମଝିଆଁ ଭାଇ ଅନିକେତ । ଅହରହ କେହି ଚିହ୍ନା ଡାକ୍ତରଙ୍କୁ ଫୋନ୍ କରି ବୁଝେ । କିନ୍ତୁ ଡାକ୍ତର ଡାକିବାର ଦାୟିତ୍ୱ, ଖୋଜିବାର ଦାୟିତ୍ୱ କିଏ ନେବ ? ପଇସାର ହିସାବ ହିଁ ପ୍ରାଣ । ପଇସା ବଢ଼ାଇ ଦେଲେ ସେ ଖୋଜି ଆଣିବ ସରଗର ଚାନ୍ଦ । କିନ୍ତୁ ଅହରହ କ୍ଷୁବ୍ଧ, କ୍ଷୁର୍ଣ୍ଣ, ଝଗଡ଼ାରେ ମୋର ମସ୍ତିଷ୍କ କିଛି ଚିନ୍ତା କରି ପାରୁନଥିଲା । ମୁଁ ବି ଅଯୋଗ୍ୟ ଏସବୁ କାମରେ । କୁଆଡ଼େ ଯିବା, କିଏ କେଉଁଠି ମିଳୁଛି, କାହାକୁ ଡାକିବା ମୁଁ ତା' କରି ପାରିବିନି । ପୁଣି ପିଠି ଉପରେ ବ୍ୟାଙ୍କ୍ ମ୍ୟାନେଜରୀର ବେତାଳ । ଜୀବନ ଝଂଜାରେ କଇଁଥା ପାଲଟି ଯାଉଥିବା ମୁଁ ଯେପରି ନିର୍ବାକ, ନିଃଶ୍ୱଳ । ବୋଉ କେମିତି ଜାଣିପାରେ ? କେମିତି ଧରା ପଡ଼ିଯାଏ ପିଲାର ଅଭିବ୍ୟକ୍ତି ? କୁହେ : "ବାହାରୁ ଫେରି କ'ଣ କାବା ପାଲଟି ଯାଇଛୁ ?" ତା'ର କାତ୍ରାକ୍ଷ ଆଖିରେ ସେ ପୁଣି ପଢ଼ିନେଇପାରେ ଏତେ କଥା ମୋ ମୁହଁରେ ? ଆଶ୍ଚର୍ଯ୍ୟ ! ପ୍ରକୃତରେ ବୋଉର ଏ ଅବସ୍ଥାରେ ମୁଁ ବଡ଼ ଭୟାଳୁ ପାଲଟି ଯାଇଥାଏ । କ'ଣ ହେବ ବୋଉର ! ଗୋଟାଏ ଅହେତୁକ ଶୂନ୍ୟତାବୋଧ ମୋତେ କାବୁ କରିନିଏ । ଯେମିତି ଏ ପୃଥିବୀରୁ ଅତି ମୂଲ୍ୟବାନ ଜିନିଷଟାଏ ହଜି ଯାଉଛି । ମୁଁ ଏକା ଅସହାୟ ହୋଇପଡୁଛି । ତେଣୁ ମୁଁ ନୀରବ, ନିର୍ବାକ ଭିତରେ ଭିତରେ । ଗୋଟାଏ ଭୟାଳୁ ମଣିଷ । ନିଃସଙ୍ଗତାର କେଉଁ ଶୂନ୍ୟ ପଡ଼ିଆରେ ଠିଆ ହୋଇଛି । ମୋ ଆଖି ପାଉନି ସେହି ଶୂନ୍ୟତା ଆଡ଼କୁ ! ଅଥଚ କେମିତି ବୋଉର ଗୋଟାଏ ଆଖି ଲିଭିଯାଇଛି ଗ୍ଲୁକୋମାରେ, ଅନ୍ୟେକ ଆଖିରେ ପରଳ । ସେ ବୁଝିନେଲା ଯେ କହୁଛ କାବା ପାଲଟି ଯାଇଛୁ ! କେମିତି ପଢ଼ିପାରେ ବୋଉ ମନର ଭାଷା ? ପୁଣି ମୋର ଏତେ ନୀରବତା ସତ୍ୱେ ? କିଛି ଜାଣି ପାରେନି ମୁଁ ।

ବୁଧବାର ଦିନ ମୁଁ ଚୁପ୍ ରୁହେ । ମୋ ଭିତରେ ଆସେ କ୍ରୋଧ, ଅଭିମାନ, କିଛି କାମ କହିଲେ ନ କରୁଥିବାର କ୍ଷୋଭ । ସାନଭାଇ ବି ଉସୁଆସିଆ ହୋଇଯାଏ । ଗୁରୁବାର ଯାଏ । ମୁଁ କିଛି ପଚାରେନି କ୍ରୋଧରେ । ସେ ବି କିଛି ଆଉ ଡାକ୍ତର ଡାକିବାର ନାଆଁ ଧରେନି । ମୁଁ ଚୁପ୍ ରହିଲେ ତା'ର ମୌକା । ଯାହାହେଉ ଗୋଟାଏ ଦିନ ଆଉ ଚାପ ସହିବାର ନାହିଁ । ଶୁକ୍ରବାର ବି ଯାଏ । ଶନିବାର ମୁଁ ବାହାରେ ଅଫିସ୍ । ଭାବେ ଦୁଇଟା ବେଳେ ଫେରି ବୋଉ ପାଖରେ ଟିକେ ବସିବି । ହେଲେ ହାୟ ! କେଉଁଠୁ ପହଂଚେ ରିକଭରି ଅଫିସର୍ ହେଡ୍ ଅଫିସରୁ । ସେ ସାରାଦିନ ବସେ । ଫାଇଲ୍ ଉପରେ ଫାଇଲ୍ ଖୋଲା ହୁଏ । ଘରବାଡ଼ି ବନ୍ଧା ଦେଇଥିବା କାଗଜପତ୍ରର ଜେରକ୍ସ ହୁଏ । ଭଳିକି

ଭଳି ଫର୍ମ ପୂରଣ କରେ । ସେତେବେଳକୁ ମୋ ଆଖିରୁ ଜୁଳୁଜୁଳିଆ ପୋକ ଉଡ଼ିଯାଏ । ମୋର ମନ ଚଂଚଳ ହୋଇଉଠେ । କ'ଣ ହେଲା ବୋଉର । ଏ ଲୋକ ଆଜି କାହିଁକି ଆସିଲା । ଅସୀମ ଧୈର୍ଯ୍ୟ ସହ ମୁଁ ବସିଥାଏ କ୍ଳାନ୍ତ, ଶ୍ରାନ୍ତ ହୋଇ । ଅଜଣା ଆଶଙ୍କାମାନ ଘରଠୁ ଦୂରରେ ରହିଲେ ବେଶୀ ଟାଣେ ।

ରାତି ଆଠ ଉପରେ ହେଲା । ସେ ଉଠିଲା । ତରତର ହୋଇ ଏବେ ଘରକୁ ଫେରିବାର ବେଳା । ରିକ୍ସାବାଲା ବର୍ଷା ରାତିରେ ବେଶୀ ବାହାରୁ ନାହାନ୍ତି । ଫେରିଲା ବେଳକୁ ତା' ନାତୁଣୀ ତାକୁ ଜଗି ବସିଥିଲା । କହିଲା– ମା' କିଛି ଖାଉନି କି ପାଣି ବି ପିଉନି । ତା' ପେଟ ଫୁଲିଗଲାଣି ।

ବୋଉ କିଛି କହୁନଥାଏ । ଅସହାୟ ହୋଇ ଚାହିଁ ରହିଥାଏ ଛାତ ଉପରକୁ । କେମିତି ଗୋଟାଏ ମୁହଁ କରି ।

ମୁଁ ବି କିଛି କହି ପାରୁନଥାଏ । କାରଣ ଡାକ୍ତର କେହି ଡାକିଲେ ଆସିବେନି । ଯେମିତି କୁଳକିନ୍ନାରା ନାହିଁ । କାହାକୁ ଧରିବି ? ଭାଇ ତ ଡାକିଲାନି । ଡାକିଥିଲେ ଅନ୍ତତଃ ମଙ୍ଗଳବାରରୁ ଦେଖି ପାରିଥାନ୍ତା । ଭଲମନ୍ଦ ଯାହାହେଉ କିଛି ତ ଜାଣିଥିବ । କ'ଣ ତ କହି ପାରିଥାନ୍ତା । ସମସ୍ୟାର ସମାଧାନ ମୋ ହାତରେ ନଥିଲା । ଏଇ ମାସ ଧରି ମୁଁ କହିହେଉଛି । ହେଇ, ସେଦିନ ଅଫିସ୍ ବାହାରୁଥାଏ । ବଡ଼ପୁଅ ବୋଉର ଯିଏ ଅତି ଯୋଗ୍ୟ ହୋଇ ଦୌଡ଼ାଧାପଡ଼ କରିବା କଥା, ବସି ରହିଥାଏ । ମୁଁ ଗାରୁଗାରୁ ହେଉଥାଏ । ମଣିଷଟାକୁ କେହି ଦେଖିଲେନି । ଏତେକରି କହିଲି ଡାକ୍ତର ଡାକ । ହେଲେ କିଏ ଶୁଣିଲା ? ବଡ଼ପୁଅ ବୋଉର ତଳକୁ ମୁହଁପୋତି ବଚନହୀନ ହୋଇ ଶୁଣିଲା ଏବଂ ଜଡ଼ଭୂତ ରହିଲା । ମୁଁ ଚାଲିଗଲି ଅଫିସ୍‌କୁ । କାହାକୁ କହିବି ? ଆଉ ଆଜି ଦେଖ କି ଆଶଙ୍କା ଆକୁଳ ଏ ମୁହୂର୍ତ୍ତ । ନାତୁଣୀ ଜଗିଛି ବୋଉକୁ । ତା' ମୁଣ୍ଡରେ ଅଛି କ'ଣ ? ଖାଲି ଖୁଆଇ ପିଆଇ ଦେଉଛି ।

ମୁଁ ଏସବୁ ଶୁଣି ଉପର ମହଲାକୁ ଗଲି । ଠିକ୍ ଅଧଘଂଟାଏ ପରେ ଆସିଲା ପରିସ୍ରା ନଳୀ ବଦଳାଉଥିବା ଯୁବକଟି । ସେ ଗାଡ଼ି ଷ୍ଟାର୍ଟ କରି ଚାଲିଯିବା ଆଗରୁ ବାଲ୍‌କୋନି ଉପରୁ ମୋତେ ଦେଖିଲା । ପେଟ ଭାରି ଟାଣ ଲାଗୁଛି । ମେଡ଼ିସିନ୍ ଡାକ୍ତରଙ୍କୁ ଦେଖାନ୍ତୁ । ତା' ମୁହଁରେ ଉଦ୍‌ବେଗ ଏବଂ ସମବେଦନା । ଯେମିତି କି ତା'ଘରଲୋକ କେହି ପଡ଼ିଛି । ତା'ର ଏଇ କଥାରେ ମୋର ଆଶଙ୍କା ବଢ଼ିଲା । ମୁଁ ତଳକୁ ଦୌଡ଼ିଗଲି । ଭାଇକୁ ଫୋନ୍ ଲଗାଇଲି । ସେ ଟି.ଭି. ସଜାଡେ । କେଉଁଠି ଦୂରରେ ଥିଲା । କହିଲା : "କାଲିକୁ ଦେଖିବା ।" ତା'ର ଏ ପ୍ରକାର ହାଲ୍‌କା କଥାରେ ମୁଁ ପୁଣି ଉତ୍ତେଜିତ, କ୍ଷତାକ୍ତ ହେଲି । ଡାକ୍ତରଟା ଆସେ ଘରକୁ କହୁଥିଲା ଅଥଚ ଏଯାଏ ଫୋନ୍ ନମ୍ବରଟା ବି ଆଣି ପାରିନି ? ପଚାରିବାରୁ କହୁଛି– ମୁଁ କେମିତି ନମ୍ବର ପାଇବି ? କେଜାଣି ଏଇ ବ୍ୟବହାର ଅମଣିଷ ପରି ବର୍ବରୋଚିତ ବୋଲି ମୋତେ ଲାଗିଲା । ମୁଁ ଜଣେ ସହକର୍ମୀଙ୍କୁ ପଚାରିଲି । ସେ କେଉଁଠୁ ଯୋଗାଡ଼ କରିଦେଲେ । ସେ ନମ୍ବର ନେଇ ଦୁଇ ନମ୍ବର ଭାଉଜକୁ କହିଲି– "ଫୋନ୍ ଲଗା ତ ।" ସେ ଫୋନ୍ ଲଗାଏ ତ ଡାକ୍ତର ଦୂରରେ ଥିଲେ । ଏଗାରଟାରେ ପହଂଚିବେ କହିଲେ ।

ଡାକ୍ତର ଆସିଲେ ଏଗାରଟାରେ । କହିଲେ, ବ୍ଲଡ୍‌ପ୍ରେସର୍ ତଳଘରଟା କମି ଆସିଲଣି । ଟାର୍କିକାଡ଼ିଆ, କିଛି ବି ହୋଇଯାଇପାରେ ଆଜି ରାତିରେ । ଶୀଘ୍ର ଆଇ.ସି.ୟୁ.ରେ ଆଡ୍‌ମିସନ କରାନ୍ତୁ ।" ସେ ବି ଅନୁରୋଧ କ୍ରମେ ଚାରିଆଡ଼କୁ ଫୋନ୍ କଲେ । ହେଲେ ରାତିରେ କେହି ନେଲେନି । ଅଗତ୍ୟା କହିଲେ, "ମୁଁ ଔଷଧ ଲେଖୁନି । ଆପଣମାନେ ଶୀଘ୍ର ନେଇଯା'ନ୍ତୁ ।"

କେଉଁଠିକୁ ନେବୁ ବୋଲି ମୁଁ ଡାକ୍ତରର ସାଙ୍ଗ ରୀନାକୁ ଫୋନ୍ ଲଗାଇଲି । ସେ ସ୍ୱାମୀ ସ୍ତ୍ରୀ ଡାକ୍ତର । ନିଶ୍ଚୟ କହି ପାରିବେ । ସେ କହିଲା, "ଆପୋଲୋରେ ମିଳିବ । ଏତେବାଟ ଭୁବନେଶ୍ୱର ନେବୁ ?" ବୋଉ ବି ଟିକେ କୁନ୍ଥୁକୁନ୍ଥୁ ହେଲା । ଚେନ୍ନାଇ ଆପୋଲୋର ଜଣେ ଡାକ୍ତରକୁ ପଚାରିବାରୁ କହିଲେ, "ଟାକିକାର୍ଡ଼ିଆରେ ଶୁଭ କେମିତି କରିବେ ? କାଜୁଆଲ୍‌ଟି ନେଇଯାଅ । କାଲି ସକାଳେ ଷ୍ଟେବଲ୍ ହେଲେ ଆଣିବ । ଏମିତି ବିଲୁଆ ବିଚାର କରୁକରୁ ଡେରି ହେଲା । ବୋଉ ତେଣେ ଚିଡ଼ି ଉଠିଲା । "କେଉଁଠୁ ଗୋଟାଏ ଡାକ୍ତରକୁ ଡାକି ଆଣିଲ । କ'ଣ କରିଦେଲା । ମୁଁ ଏବେ ମେଡ଼ିକାଲ ଯିବି ।"

କୁଆଡ଼େ ତାହେଲେ ଯିବା ? ହାତରେ ମୋର ପନ୍ଦର ହଜାର ଟଙ୍କା । ଆପୋଲୋ ଯିବାକୁ ଗାଡ଼ିକୁ କହିବାରୁ ପୁଣି ଚିନ୍ତା ହେଲା ଏତେ ବାଟ । କିଏ ନିଷ୍ପତ୍ତି ନେବ ? ବୋଉର ବଡ଼ପୁଅ ସୋଫା ଉପରେ ବସିଥାଏ ମୁଦ୍‌ଗର ହୋଇ । ସେ ଚାକିରି କରେନି । ତେଣୁ ମୁଣ୍ଡ ଖେଳେଇବାର ନାହିଁ । କଥା ନକହି ମୁଚୁମୁଚୁ ଚାହିଁଲା । ତା'ର ଅର୍ଥ ହେଲା ଯାହାର ପଇସା ଅଛି ଖର୍ଚ୍ଚ କରିବାକୁ ତା'ର ଦାୟିତ୍ୱ ।

ମୁଁ ବୋଉ ଶୋଇଥିବା ଘର ଭିତରକୁ ଦୌଡ଼ିଲି । ମୋ ମନରେ କ୍ଷୋଭ, ରାଗ ଚହଲି ଉଠୁଥିଲା । କହିଲି– "ଏମାନଙ୍କୁ ବହୁବାର କହିଲି ଆଗରୁ ଦେଖେଇବାକୁ । ଏମିତିକି ବଡ଼ଭାଇ ବସିଥିଲା ଅଫିସ୍ ଯିବା ବେଳେ, ମୁଁ କହିଲି– ସେ ଉତ୍ତର ଦେଲାନି ।" ବୋଉ ଚିହିଁକି ଉଠିଲା । "ଡାକିଲୁ ତାକୁ ମୁଁ ପଚାରେ ।" ସେହି ସ୍ୱାଭିମାନ, ସେହି ତେଜ, କାହା ପାଖରେ ମୁଣ୍ଡ ନୁଆଁଇବନି । ବଡ଼ପୁଅ ଉପରେ ଗାଢ଼ ବିଶ୍ୱାସ । ସେ ବିଶ୍ୱାସର ମୋହ ଖୁବ୍ ତୀବ୍ର । ସେ ତେଣୁ ଝାମ୍ପି ପଡ଼ିବାକୁ ଚାହେଁ । ସତ୍ୟକୁ ଦେଖେଇ ଦେବାକୁ ଚାହେଁ । ଏ ଦୁଃଖ ବେଳେ ବି । ତା'ର ଅଭିମାନ, ରାଗ ବଡ଼ ତୀବ୍ର । ହେଲେ ଗୋଟାଏ କୋଢ଼ିଆ ହୋଇ ସାରା ଜୀବନ ବସିଲା ପରେ ଆଉ ଏବେ ସେ କ'ଣ କରିବ ? କୋଢିଆ ତ ନୁହେଁ ଗୋଟାଏ ଇଡ଼ିଅଟ୍ । ଚାକିରି କଲେ ଜଣେ ପଇସା ଦେଇପାରେ । ନକଲେ ଦୌଡ଼ାଧାପଡ଼, ବୁଝାସୁଝା ତ କରିବ ? ଯଦି ପାରିବୁନି ଗାଁ ଛାଡ଼ି ଏଠି ଆସି ବସିଛୁ କାହିଁକି ? ସମସ୍ତଙ୍କ ନଜରରେ ପଡୁଛୁ । ଗାଁରେ ବସିଥିଲେ କେହି କହିବାର ନାହିଁ । ତୋ'ର ଭଡ଼ଭଡ଼ିଆ ସଙ୍ଗୁଟାଏ ନିତି ଆସେ, ତାକୁ ପଚାରିଲୁନି । ବାର ସାଙ୍ଗସାଥୀ ହୋଇ ବୁଲୁଥିଲୁ । ଏବେ ସିନା ବୁଢ଼ା ହେବାକୁ ଘରେ ବସିଛୁ । ମେଡ଼ିକାଲ୍‌ର ମେଡ଼ିସିନ୍ ଡିପାର୍ଟମେଂଟ୍ ସାଇନ୍‌ବୋର୍ଡ଼ ପଢ଼ି ଦେଖିଲୁନି କିଏ ଏଠି ଡାକ୍ତର । କେମିତି ଦେଖେଇ ହେବ । ଏଠି ଆସି କ'ଣ ପାଇଁ ବସି ଆହୁରି ଅନ୍ନ ଧ୍ୱଂସ କରୁଛୁ !

ବୋଉର ଏଇ ଅଭିମାନ ରାଗରେ ମନେହେଲା କେତେ ଲଢୁଆ ତା' ମନ । ଏବେ ବି ଅନ୍ୟାୟକୁ ବରଦାସ୍ତ କରି ପାରୁନି । କାହା ଆଗରେ ମୁଣ୍ଡ ନୁଆଁଇବ ନାହିଁ ।

ସେହିକଥା କହି ବୋଉ ପୁଣି ପ୍ରସ୍ତୁତ ହେଲା ତା'ର ଲଢ଼େଇ ପାଇଁ । ଏ ଲଢ଼େଇରେ ହାରିବ କି ଜିତିବ ତା' ଜାଣେନା । କହିଲା– "ଶୀଘ୍ର କେଉଁଠିକୁ ନେବାକଥା





ରାତି ବାରଟା । ସାରା କଟକ ସହର ନିଃଶବ୍ଦ । ସେହି ନୀରବ ରାସ୍ତାଘାଟର ନିଦ ଭାଙ୍ଗି ଆମ୍ବୁଲାନ୍ସ ଚାଲିଥିଲା । ତା'ର ସତର୍କ ଘଂଟି ଖାଲି ମୋ କାନରେ ବାଜୁଥିଲା । ମୁଁ ବୋଉ ପାଖରେ ବସିଥିଲି । ତୁ ଥିଲୁ ନିର୍ବାକ, ନୀରବ, ଆଶଙ୍କା ପୀଡ଼ିତ । ଖାଲି ଚାହିଁଥିଲୁ ଉପରକୁ । କ'ଣ ଭାବୁଛୁ କିଛି କହୁନଥିଲୁ । ସେଠି ପହଂଚି କାଜୁଆଲ୍‌ଟିରେ ସେ ଯେଉଁ ଦୃଶ୍ୟ । ତୋ' ବ୍ଲଡ଼ ପ୍ରେସର୍ ଅପ୍‌ଡାଉନ୍ ହେଉଥିଲା । ତୁ ଶ୍ୱାସ ଔଷଧ ବି ନେଇନପାରି ତୋ' ମନଖରାପ ହୋଇଯାଇଥିଲା । ଚିଡ଼ିଗଲୁ ତୁ । ମୁଁ ସେହି ରାତିରେ କାଜୁଆଲ୍‌ଟି ବାହାରେ ଠିଆ ହେଲି ।

ନିଅ ।"

ବୋଉ ଘରର କାନ୍ଥବାଡ଼ ଚାରିଆଡ଼କୁ ଅନେଇଲା । କଇଁ କଇଁ କାନ୍ଦିଲା ଭାବୁଥିଲା ମନେହୁଏ ଆଉ ଏ ଘରକୁ ଫେରିବ କି ନାହିଁ ।

ମୁଁ ଠିଆ ହୋଇଥିଲି ଦରଜା ବାହାରେ । ବିଚଳିତ ହୋଇ । ମୋ ନିଜର ଉଚ୍ଚ ରକ୍ତଚାପ । ଘରର ଧିମା ଲାଇଟ୍‌ଟାଏ ଜଳୁଥିଲା । ଉଜ୍ଜ୍ୱଳ ଆଲୁଅରେ ଜଣେ ମଣିଷର ମୁହଁ ଯେପରି ଦେଖାଯିବା କଥା ଦିଶୁ ନଥିଲା । ତେଣୁ ମୁଁ ବୋଉ ଆଖିର ଲୁହ ଦେଖିପାରି ନଥିଲି । ଦରିଦ୍ର ପଣିଆ ପରି ଜଳୁଥିବା ଡିମ୍ ଲାଇଟ୍ ଭିତରୁ ବୋଉର କଥା କହିବା ବେଳେ ସେହି ଦୁଃଖୀ ମୁହଁ ଦିଶୁ ନଥିଲା । ତା' ଭିତରୁ ବୋଉ କହି ଉଠିଲା- "ସୀମା ! ତୁ କାନ୍ଦୁଛୁ ?"

ମୁଁ ଦରଜା ପାଖାପାଖି ଠିଆ ହୋଇଥିଲି । କହିଲି, "ନା ତ ।"

- ମୁଁ ଯଦି ବଂଚିକରି ଆସେ, ତା'ହେଲେ ତୋ' ଭାଗ୍ୟ ।

କାହିଁକି ତୁ ଏତେବଡ଼ କଥା କହିଲୁ ବୋଉ ! କି ଭାଗ୍ୟ ବା ମୋର ଥିଲା କେବେ ? କ'ଣ ବା ମୁଁ ଏଯାଏଁ ପାଇଛି ଆଉ ତୋ'ର ଜୀବନ ମୃତ୍ୟୁର ସନ୍ଧିକ୍ଷଣରେ ତୋର ଜୀବନ ଫେରିପାଇବା ସେ ତ ବହୁତ ବଡ଼ ଭାଗ୍ୟର କଥା ବୋଉ ! ଏତେ ବଡ଼ ଭାଗ୍ୟ ମୋର କାହିଁ ?

ଆମ୍ବୁଲାନ୍ସ ଆସିଗଲା । ଚାରିଟା ଲୋକ ଆଉ କଥା କହିବା ଅପେକ୍ଷା କଲେନି । ସେମାନେ ଜୀବନ୍ତ ଯମଦୂତ ପରି ଫଟାଫଟ୍ ପଶିଗଲେ ତୋ' ଖଟ ପାଖକୁ । ତୋତେ ଟେକିନେଲେ ଗାଡ଼ିକୁ । ମୁଁ ଦୌଡ଼ି ଯାଇ ତୋ' ଆଗରେ ବସି ପଡ଼ିଲି । ଏଇ ସମୟରେ ମଣିଷ କୁଆଡ଼େ ଯାଏ ? କିଏ ଜାଣିଛି ସେହି ରାସ୍ତାର ଖବର !

ରାତି ବାରଟା । ସାରା କଟକ ସହର ନିଃଶବ୍ଦ । ସେହି ନୀରବ ରାସ୍ତାଘାଟର ନିଦ ଭାଙ୍ଗି ଆମ୍ବୁଲାନ୍ସ ଚାଲିଥିଲା । ତା'ର ସତର୍କ ଘଂଟି ଖାଲି ମୋ କାନରେ ବାଜୁଥିଲା । ମୁଁ ବୋଉ ପାଖରେ ବସିଥିଲି । ତୁ ଥିଲୁ ନିର୍ବାକ, ନୀରବ, ଆଶଙ୍କା ପୀଡ଼ିତ । ଖାଲି ଚାହିଁଥିଲୁ ଉପରକୁ । କ'ଣ ଭାବୁଛୁ କିଛି କହୁନଥିଲୁ । ସେଠି ପହଂଚି କାଜୁଆଲ୍‌ଟିରେ ସେ ଯେଉଁ ଦୃଶ୍ୟ । ତୋ' ବ୍ଲଡ଼ ପ୍ରେସର୍ ଅପ୍‌ଡାଉନ୍ ହେଉଥିଲା । ତୁ ଶ୍ୱାସ ଔଷଧ ବି ନେଇନପାରି ତୋ' ମନଖରାପ ହୋଇଯାଇଥିଲା । ଚିଡ଼ିଗଲୁ ତୁ । ମୁଁ ସେହି ରାତିରେ କାଜୁଆଲ୍‌ଟି ବାହାରେ ଠିଆ ହେଲି । ପୁରୁଣା ବଉଳ କୋଳି ଗଛର ପତ୍ର ଦୋହଲୁଥିଲା । ଫୁଲ ଫୁଟିଥିଲା କି ନାହିଁ ନଜର ନାହିଁ । ଝରାଫୁଲର ବ୍ୟଥା ଉପରେ ରୀନା ମୋତେ କେତେକଥା ଏଠି ପଢ଼ିଲା ବେଳେ କହିଥିଲା । ସେ କବିତା ଲେଖେ ବୋଲି ତ ମୋର ବହୁ ପାଖର ମଣିଷଟିଏ ହୋଇ ପାରିଥିଲା । ଏବେ ସେହି ଅତୀତ ମୃତ । ବର୍ତ୍ତମାନ ନିଚ୍ଛକ ରୂଢ଼ ସତ୍ୟ । ମୁଁ ବସିଲି- ଶୋକାକୁଳ, ସ୍ତବ୍ଧ, କିଂକର୍ତ୍ତବ୍ୟବିମୂଢ଼ ।

"ରାତି ଅନିଦ୍ରା ହୋଇ ବସିଲେ କ'ଣ ହେବ ? ଘରକୁ ଯାଅ" ଭାଇ କହିଲା, "ଚାଲ ଛାଡ଼ିଦେଇ ଆସେ । କାଲି ସକାଳୁ ଆସିବ । ଅନ୍ୟମାନେ ତ ଅଛନ୍ତି !" ମୁଁ ଫେରିଲି ଶୂନ୍ୟ ମନ ନେଇ, ଘୋର ଅସ୍ଥିରତା ଭିତରେ, ଆଶଙ୍କାରେ । କଟକ ସହରର ନୀରବ ପ୍ରହର ଯେପରି ପଶି ଆସୁଥିଲା ଆହୁରି ଚୁପ୍ ହୋଇ ମୋ ଭିତରେ ।

ଜୀବନର ଏ କେଉଁ ଗୋଟାଏ ଗୋଟାଏ ଲଗ୍ନ ! କେଜାଣି ସେ ରାତି କେମିତି ପାହିଥିବ । ଚିନ୍ତାରେ ନିଦ ହେଉନି । ଘଡ଼ିକୁ ଘଡ଼ି ମନଖରାପ ହୋଇ ଯାଉଛି । ଅନିଶ୍ଚିତ ସେହି ମୃତ୍ୟୁ କେଉଁଠି ଛକି ବସିଛି । ମୁଁ କ'ଣ ତାକୁ ଯା' କହିଲେ ଚାଲିଯିବ ।

ତା' ପରଦିନ ଉଠି ଯାଉ ଯାଉ ଦିନ ଏଗାରଟା । ସେତେବେଳକୁ ଅନ୍ୟମାନେ ଯାଇ ପହଂଚି ଯାଇଛନ୍ତି କାଜୁଆଲ୍‌ଟିରେ । ସେଠୁ ସେମାନେ ତାକୁ ସର୍ଜରୀ ପଠାଇ ଦେଇଛନ୍ତି । ସର୍ଜରୀରେ କି କାମ ? ଏ ବୟସରେ ତ ତାର ଆଉ ପେଟ ଅପରେସନ୍ ହେବନି । ସେଠି ସେ ତଳେ ଶୋଇଛି । ବେଡ୍ ନାହିଁ । ବିଛଣା ଚାଦର ଉପରେ ସେ ଶୋଇଛି । ତା' ପିଠି କାଟୁଛି । ମୁଣ୍ଡ ଉପରେ କେଉଁ ପୁରୁଣା କାଳିଆ ପଙ୍ଖା ଘୂରୁଛି । ପାଦେ ପାଦେ ଛିଡ଼ି ଯିବାର ଭୟ । ସେ କହିଲା- "ମୋତେ ଘରକୁ ନେଇଯା । ମୁଁ ସେଇଠି ମରିବି । ନହେଲେ ଆପୋଲୋ କହୁଥିଲୁ ସେଠିକୁ ନେଇଯା । ଭୁବନେଶ୍ୱରରେ ମୋର କ'ଣ କେହି ନାହିଁ !" ମାନେ ତା' ଡାକ୍ତର ଭଣଜାକୁ ଦେଖେଇ ସେ କହିଲା । ଅତି ନିଜର ଭାବିବା ସମସ୍ତଙ୍କୁ, ଅଭିମାନ କରିବା, ତାଙ୍କ ଉପରେ ରାଗିବା, ଏସବୁ ଗୁଣ ତା'ର ।

ସେହି ସମୟରେ ମୁଁ ରୀନାକୁ ଫୋନ୍ ଲଗେଇଲି । "ବୋଉକୁ ବେଡ୍ ମିଳୁନି । ତଳେ ଶୋଇଛି । ଏଯାଏଁ କେହି ଡାକ୍ତର ଦେଖିବାକୁ ଆସୁନାହାନ୍ତି । କ'ଣ କରିବୁ ଏବେ ?"

- ତୁମେ ମାଉସୀଙ୍କୁ ତଳେ ଶୁଆଅନି ପ୍ଲିଜ୍ । ଏ ବୟସରେ ଟିକେ କମ୍ଫୋର୍ଟ ଦରକାର । ତାଙ୍କୁ କୌଣସି ନର୍ସିଂହୋମ୍ ନେଇଯାଅ । ଭଲରେ ରଖ ତୁମେ ତାଙ୍କୁ, ନହେଲେ ତୁମ ଅନୁତାପର ସୀମା ରହିବନି । ଇନ୍‌ଫେକ୍‌ସନ୍ ବି ହୋଇଯିବ ।"

- କୁହ ତା'ହେଲେ କେଉଁ ନର୍ସିଂହୋମ୍‌କୁ ନେବୁ ?

- କେତେ ଅଛି । ଅନିକେତକୁ ପଠାଅ । ସେ ଦେଖି ଆସୁ ।

- ସେ ମୋ କଥା ମାନିବା ଉପରେ ନାହିଁ । କଥା କଥାକେ ଖଡ଼୍‌ଗର ଝଙ୍କାର । କଥା କଟାକଟି । ସମସ୍ତେ ଏବେ ଯୁଯୁଧାନ ।

- ସେସବୁ ଏବେ ରଖ । ଆଗ ଦେଖ ମାଉସୀ କେମିତି ଭଲରେ ଟ୍ରିଟ୍‌ମେଂଟ ହେବେ । ତାକୁ କୁହ ମୁଁ କହିଛି ।

- ନା, ମୁଁ ଆଉ ପାରିବିନି ଏସବୁ କଳିଗୋଳ । ତୁମେ ତାକୁ କୁହ କେଉଁଠୁ ଦେଖୁ ନର୍ସିଂହୋମ୍ । ତୁମକୁ ସେ ନିଶ୍ଚୟ ମାନିବ ।

ବଡ଼ କ୍ଲାନ୍ତ ଲାଗୁଥିଲା ମୋତେ । ବୋଉ ତ ସମସ୍ତଙ୍କର । ଖୁସିରେ ବୁଝିବା କଥା ସବୁ । ଅଥଚ କାହାର ଦାୟିତ୍ୱ ନାହିଁ । ମୁଁ ବଡ଼ ଅଯୋଗ୍ୟ । ପିଲାଦିନୁ ଘରକାମଟାଏ ମଧ୍ୟ କରିପାରେନି । କାହା ସାଙ୍ଗରେ କଥା କହି ମିଶି ବି ପାରେନି । ଆଉ ଆଜି କିଏ ଦୌଡ଼ାଧାପଡ଼ କରିବ । କିଏ ଭଲ ନର୍ସିଂହୋମ୍ ବୁଝିବ । ହରିବୁଲ୍, ମୁଁ ମୁହଁ ବୁଲାଇ ବୋଉକୁ କହିଲି, "ରୀନାକୁ ଫୋନ୍ କଲି । ସେ କହିପାରୁନି କେଉଁ ନର୍ସିଂହୋମ୍‌ଟା ଭଲ ।" ବୋଉ ଚିଡ଼ିଗଲା । କହିଲା, "ନିଜ ବାପାକୁ ନେଇ ଭଲ ନର୍ସିଂହୋମ୍‌ରେ ତ ରଖିଥିଲ ମାଉସୀ ବେଳକୁ କହିପାରୁନି ।"





ଦିନ ବାରଟା ହେଲାଣି । ବୋଉ କୌଣସି ଔଷଧ ଖାଇନି । କେହି ଡାକ୍ତର ଦେଖା ନାହାନ୍ତି । ଚିହ୍ନା ଡାକ୍ତରଟାଏ ମୁରୁକା ହସ ମାରି ଆସିଲା। ଦୂରରୁ ଅନେଇ ଦେଲା । ତା' ଭିତରେ କିଛି ସିରିୟସ୍‌ନେସ୍ ନଥିଲା । କ'ଣ ପାଇଁ କ'ଣ ହୋଇଛି ଟିକେ ଦେଖିବା । ସେ ତା' ବାଟରେ ଚାଲିଗଲା କ'ଣ ଚାବୁରୁ ଚାବୁରୁକହି । ଦେହ ଥିଲେ ବାତ ଅଛି । ପୀତ ଅଛି, ପାଣି ଅଛି କହି । ଧନ୍ୟ ଡାକ୍ତର ତୁ ।

ଅନିକେତ ଆସି ନର୍ସିଂହୋମ୍ ନେବାର ବ୍ୟବସ୍ଥା କଲା । ସେତେବେଳକୁ ଦିନ ଗୋଟାଏ । ଶେଷରେ ସେହି ଆଇସିୟୁରେ ବୋଉକୁ ରଖିବା ହେଲା ।

– ସେ ତ କଟକରେ ରହୁନି । କେମିତି ଜାଣିବ ?

– ତୋ ସାଙ୍ଗ ପାଇଁ ଆବୋର ପଡୁଛୁ । ଡାକ୍ତର ସେମାନେ । ତା' ବୋଉକୁ ଦେଖିବାକୁ ସବୁବେଳେ କଟକ ଆସୁଛି । ଜାଣିନି ପୁଣି ।"

ଅଗତ୍ୟା ସେ ଚୁପ୍ ରହିଲା । ପ୍ରକୃତରେ ସାଙ୍ଗ ଆଉ ବା କ'ଣ ଥିଲା ? ସେ କେଉଁ ଆସୁଥିଲା ଆମ ଘରକୁ । ନା ଆସି ଦେଖୁଥିଲା ବୋଉକୁ ଟିକେ । ନା ମନର ସାହସ ଦେବାକୁ ବ୍ଲଡ୍‌ପ୍ରେସର୍ ଟିକେ ମାପିଦେବା କି ଭଲମନ୍ଦ ଟିକେ କହି ଚାଲିଯିବା କ'ଣ ବା ସେ କରୁଥିଲା ? କଟକ ସହରରେ ଗୋଟାଏ ଜାଗାରୁ ଆଉ ଗୋଟାଏ ଜାଗାରେ ପହଂଚିବାକୁ ଦଶ ମିନିଟ୍ ଲାଗୁ, ସେହି ସମୟ କ'ଣ ସେ ପାଉନଥିଲା । ସବୁଥିଲା ମନର ଅଭାବ । ଜୀବନ ରାସ୍ତା ବଡ଼ ଅଦ୍ଭୁତ । ବଡ଼ ଅଦ୍ଭୁତ ବି ମଣିଷ ଚରିତ୍ର । ହେଇଟି ଅଛ ହେଇଟି ନାହିଁର ଖେଳ । ସେସବୁ ସମୟର ଦାବି । ପାଠପଢ଼ା ବେଳେ ସାଙ୍ଗଟାଏ ଦରକାର ବୁଲିବାକୁ, ଗପିବାକୁ, ଖେଳିବାକୁ । ନହେଲେ ଯେମିତି ଜୀବନ ଶୂନ୍ୟ । ତେଣୁ ସେ ନିଶା ଅଲଗା । ସେଠି ସାଙ୍ଗଟି ସବୁଠୁ ନିଜର ମଣିଷ । ଯେମିତି କି ସଂପର୍କ ଚିରଦିନର । ହେଲେ ଜୀବନ

ଚାଲିଯାଏ । ସେଠୁ ଏତେ ଫୋନ୍‌ରେ କିଏ କଥା ହେବ । ଛୁଟି ନେଲେ ହୋଇ ନ'ଥାନ୍ତା !

ଦିନ ବାରଟା ହେଲାଣି । ବୋଉ କୌଣସି ଔଷଧ ଖାଇନି । କେହି ଡାକ୍ତର ଦେଖା ନାହାନ୍ତି । ଚିହ୍ନା ଡାକ୍ତରଟାଏ ମୁରୁକା ହସ ମାରି ଆସିଲା । ଦୂରରୁ ଅନେଇ ଦେଲା । ତା' ଭିତରେ କିଛି ସିରିୟସ୍‌ନେସ୍ ନଥିଲା । କ'ଣ ପାଇଁ କ'ଣ ହୋଇଛି ଟିକେ ଦେଖିବା । ସେ ତା' ବାଟରେ ଚାଲିଗଲା କ'ଣ ଚାବୁରୁ ଚାବୁରୁ କହି । ଦେହ ଥିଲେ ବାତ ଅଛି । ପୀତ ଅଛି, ପାଣି ଅଛି କହି । ଧନ୍ୟ ଡାକ୍ତର ତୁ ।

ଅନିକେତ ଆସି ନର୍ସିଂହୋମ୍ ନେବାର ବ୍ୟବସ୍ଥା କଲା । ସେତେବେଳକୁ ଦିନ ଗୋଟାଏ । ଶେଷରେ ସେହି ଆଇସିୟୁରେ ବୋଉକୁ ରଖିବା ହେଲା ।

ଆଇସିୟୁରେ ରଖି ମେଡ଼ିସିନ୍‌ର ଟ୍ରିଟ୍‌ମେଂଟ୍ ହେଲା । ଏତେ ଥଣ୍ଡା ଯେ ବୋଉ ଥରୁଥିଲା । ତା'ର ଶ୍ୱାସ ଦେହ । ସେ ଫ୍ୟାନ୍ ତଳେ ବି ଶୋଇ ପାରେନି । ତାକୁ ଭୟ ଲାଗୁଥିଲା କାଳେ ବଢ଼ିଯିବ ଶ୍ୱାସ ।

ରୀନା ରହୁଥିଲା ସମ୍ବଲପୁରରେ । ସେଦିନ କ'ଣ ପାଇଁ ଆସୁଥିଲା



ବୋଉ ! ତୋ' ପରି ଭାବପ୍ରବଣ, ମଣିଷର ସ୍ନେହର ନିଗଡ଼କୁ ଗୋଟାପଣେ ଆପଣାର ଭାବି ମାଡ଼ିବସି ବଂଚୁଥିବା ମଣିଷ ଆଖିରୁ ଏହା କ'ଣ ବାଦ୍ ଯାଇଥିବ ? କାହିଁକି ତୁ ସବୁବେଳେ ଡାକ୍ତରଟିଏ ପାଇଁ କାଙ୍ଗାଳ ? ତୋ' ଝିଅ ଡାକ୍ତର ନହେଲା ନାହିଁ ଅନ୍ୟମାନେ ତୋତେ କାହିଁକି ଦେଖିବେ ? କାହିଁକି ପଚାରିବାର ଆଶା ତୋ' ଭିତରେ ଥାଏ ?

ସେଇଆ ନୁହେଁ । ରାସ୍ତା ସେଇଆ ନୁହେଁ । ଜୀବନର ସବୁ ଜହ୍ନରାତି ସରିଯାଏ, ଜୀବନ ନିତି ମୁହାଁମୁହିଁ ହେଉଥାଏ ଚରମ ବାସ୍ତବତାର । ଯିଏ ଯୁଆଡ଼େ ଚାଲିଯାନ୍ତି । ଚାଲି ପାରୁନଥିବା ଲୋକ ଏକା ପାଲଟି ଯାଏ । ଅଲଗା ରାସ୍ତାରେ ଦୌଡ଼ି ଆନନ୍ଦ ପାଇବା ଲୋକମାନେ ବଂଚିଯା'ନ୍ତି । ପୁଣି ଆସେ ନୂଆ ସାଙ୍ଗ, ନୂଆ ସାଥୀ, ପରିବେଶ । ସେମାନେ ପୁଣି ମହିମାନ୍ୱିତ ହୋଇ ଉଠନ୍ତି ସେ ବ୍ୟକ୍ତି ପାଇଁ । ଅତୀତ ଲୁଚିଯାଏ । ବହୁ ପଛରେ ଥାଏ । ସେମାନେ ହଠାତ୍ ସବୁ ଲୀଳାଖେଳା ଶେଷ କରି ଅଲଗା ପଥରେ ଚାଲନ୍ତି । କାହିଁ ଏବେ ତା' ସହ ତା'ର ମନର ସଂଯୋଗ ?

ବୋଉ ! ତୋ' ପରି ଭାବପ୍ରବଣ, ମଣିଷର ସ୍ନେହର ନିଗଡ଼କୁ ଗୋଟାପଣେ ଆପଣାର ଭାବି ମାଡ଼ିବସି ବଂଚୁଥିବା ମଣିଷ ଆଖିରୁ ଏହା କ'ଣ ବାଦ୍ ଯାଇଥିବ ? କାହିଁକି ତୁ ସବୁବେଳେ ଡାକ୍ତରଟିଏ ପାଇଁ କାଙ୍ଗାଳ ? ତୋ' ଝିଅ ଡାକ୍ତର ନହେଲା ନାହିଁ ଅନ୍ୟମାନେ ତୋତେ କାହିଁକି ଦେଖିବେ ? କାହିଁକି ପଚାରିବାର ଆଶା ତୋ' ଭିତରେ ଥାଏ ? କାହିଁକି ଜବରଦସ୍ତ ଇଚ୍ଛାଟାଏ ପଶି ଆସେ ? ପରଲୋକ ସେମାନେ ବୋଉ । ସେମାନେ କେବେ ନିଜର ହୋଇ ପାରିବେ ନାହିଁ । ତୋ'ର ଅଭିମାନ ତାଙ୍କ ଉପରେ କାହିଁକି ? ଏସବୁ ଅମୂଳକ । ନିରର୍ଥକ ବୋଉ । ଆଉ ତୁ ଏସବୁ ଭାବି ଅଭିମାନ କରନା ।

ଫୋନ୍ ବାଜି ଉଠିଲା ଅନିକେତର ।

– ରୀନା ଅପା କହିଲେ ବୋଉକୁ ନର୍ସିଂହୋମ୍ ନେବାକୁ । ମୁଁ ପହଂଚୁଛି । ରାଣୀହାଟ ପାଖରେ ଗୋଟାଏ ଅର୍ଥୋର ନର୍ସିଂହୋମ୍ ଅଛି । ମେଡ଼ିସିନ୍‌ର ଗୋଟାଏ ଡାକ୍ତର ଆସେ । ସେ ଆଇସିୟୁରେ ଦେଖେ । ସେଠିକୁ ନେବା ।

ଓଃ ହୋ ! କାହିଁକି ଯେ ବୋଉର ଏ ଅବସ୍ଥାରେ ସେ ଅଫିସ୍

କଟକ । ତାକୁ କହିଲି, "ଆସ ବୋଉକୁ ଟିକେ ଦେଖିଯିବ ।" ଯଦିଓ ସେ କେବେ ତାକୁ ଡାକେ ନାହିଁ । ନିଜ ଆଡୁ ଯଦି ସେ ବୋଉକୁ ନଦେଖିବାକୁ ନଆସିଲା କି ଦରକାର ଥିଲା ମୋର ତାକୁ ଡାକିବା ! ଆଜି କନ୍ତୁ ଅନ୍ୟ ସମୟ । ଅନ୍ୟ କଥା । ଯାହା ହେଉ ସେ ଆସିଲା ରାତି ଆଠଟା ବେଳକୁ । ତାକୁ ଦେଖି ନର୍ସିଂହୋମ୍‌ର ଆଇସିୟୁରେ ବସିଥିବା ଟୋକା ବତିଶି ବର୍ଷିଆ ଡାକ୍ତରଟା ଠିଆ ହୋଇଗଲା । ଦଣ୍ଡବତ କଲା ।

ମୁଁ ପଚାରିଲି, "ଏ ଥଣ୍ଡା ଘରେ ପଶେଇ ଦେଲେ । ଶ୍ୱାସ ତା'ର । କେମିତି ରହିବ ? ଦେଖ ତ କେମିତି ଥରୁଛି ।"

ରୀନା କହିଲା, "ଶ୍ୱାସ ତ ଗୋଟାଏ ଆଲର୍ଜି । ଥଣ୍ଡା ଠି କ'ଣ ଅଛି ?"

ସେହି କାତରତା ଭିତରୁ, ଯନ୍ତ୍ରଣା ଭିତରୁ ତଥାପି ବୋଉର ଦରଦୀ ଭାବଟିଏ, ମଣିଷକୁ ଭଲ ପାଇବାର ଭାବଟିଏ ଉଚ୍ଛୁଳି ଉଠିଥିଲା । ଭଲମନ୍ଦ ନିଶ୍ଚୟ ପଚାରିବ । "ରୀନା ତୋ' ବୋଉ ଭଲ ଅଛିଟି ? ମାଉସୀ କଥା ଟିକେ ମନେ ପଡୁନି । ହଉ ଆସିଲୁ ଭଲ କଲୁ ।" ଆଉ କ'ଣ କହିବ କଣ୍ଠ ତା'ର ନରମି ଆସୁଥିଲା ଯନ୍ତ୍ରଣାରେ । ସେ ଚୁପ୍ ହୋଇଆସିଲା ।

ରୀନା ପ୍ରେସ୍‌କ୍ରିପ୍‌ସନ୍ ଇତ୍ୟାଦି ଦେଖି ବାହାରକୁ ଆସିଲା । ମୁଁ ତା' ସାଙ୍ଗରେ ତଳକୁ ଓହ୍ଲେଇଲି । ମେଘ ଡାକ୍ଟ ଆହୁରି ଅଂଧାର ଦିଶୁଥିଲା । ମୁଁ ତାକୁ ରାସ୍ତା ଉପରେ ଛାଡ଼ିଦେଇ ଫେରି ଆସିଲି । ଆଇ.ସି.ୟୁ ସାମ୍‌ନାରେ ଜଗୁଆଳୀ ବସିଥିଲା । ସେ କାହାକୁ ଛାଡୁନଥିଲା । କଣ ଗୋଟାଏ ଦୁଃଖ ଯାହାକୁ କେହି କାହାକୁ ବୁଝେଇ ପାରିବନି ସେହି ଦୁଃଖ ମୋ ଭିତରକୁ ଅବତରଣ କରୁଥିଲା । ମୁଁ ବସି ରହିଲି । ସ୍ତବ୍ଧ ମୌନ ।

ଇସ୍ ! ବୋଉ କ'ଣ ଭାବିଥିବ ! ମୋ ଝିଅ ଆସିବ । ଆଉ କିଛି

ଦୁଃଖ ରହିବନି । ମଣିଷ ସବୁବେଳେ ନିଜର ସମ୍ମାନ ଟିକକ ପାଇଁ ସଂଘର୍ଷ କରେ । ସବୁ ଦୁଃଖ ଯେମିତି ତା'ର ଦୂର ହୋଇଯିବ । ତାକୁ ଦେଖିବ । ଆଉ ତାର ଡର ନାହିଁ କିଏ ଦେଖିଲା କି ନଦେଖିଲା । ସମସ୍ତଙ୍କୁ କହିଛି ହେଇଟି ଜୁନ୍ ୧୪ରେ ସୀମା ପହଂଚିଯିବ । ନିଜ ଚାରିପାଖରେ ମଣିଷ କଳ୍ପନା କରେ ଗୋଟାଏ ସୁରକ୍ଷା ବଳୟ । ସେଇଟି ଯିଏ ଦେଇ ପାରିଲା ତା' ଉପରେ ବିଶ୍ୱାସ ଜାତ ହୁଏ । ଗତ ଏପ୍ରିଲରେ ମୁଁ ଚେନ୍ନାଇ ଛୁଟିରେ ଆସିଥିଲି । ସେ ବହୁତ ପୀଡ଼ିତ ଥିଲା । ଫେରିବା ଆଗରୁ ଆଦୌ ଛାଡୁନଥିଲା । "ତୁ ଆଉ ଯା'ନା । ମୋତେ ଟିକେ ଦେଖିବୁ ।" ହେଲେ କ'ଣ ବା ମୁଁ ଦେଖିବି ! ଚାରିଆଡୁ ମୁଁ ଅଯୋଗ୍ୟ, ଅପଦାର୍ଥ । କାହାର କିଛି କରିପାରେନି । ବରଂ କରିଧରି ମୋତେ ସମସ୍ତେ ଦିଅନ୍ତି । ମୁଁ ସେଥିପାଇଁ ସମସ୍ତଙ୍କ ପାଖରେ କୃତଜ୍ଞ । ସେଭଳି ଅଯୋଗ୍ୟ ଲୋକ ବୋଉର କ'ଣ କରିପାରେ ? ତା' ନାତୁଣୀ ସବୁ । ସକାଳୁ ଗରମ ପାଣି କରିବା, ଔଷଧ ଦେବା, ଜଳଖିଆ କରିଦେବା, ଧରିଧରି ନେବା, ଖରାବେଳ ଠୁ ରାତିଯାଏ ଯାହା କାମ ସବୁ କରେ । ବରଂ ସେମାନେ ତା'ର କୋଳରେ ଶୋଇ ବୋଉର ମମତା ଅନୁଭବିଛନ୍ତି । ବୋଉ ସେମାନଙ୍କ ସହ କଥାବାର୍ତ୍ତା ହୋଇ ସମୟ ବିତାଏ । ହସେ, କାନ୍ଦେ । ଅଭିମାନରେ ରାଗେ । ତା' ବଡ଼ ନାତୁଣୀ ବାହା ହେବା ପରେ କହିଥିଲା, ମୋ ପାଖରେ କେହି ନାହିଁ । ତୁ ଗଲୁ ଚେନ୍ନାଇ, ସେ ବାହା ହୋଇଗଲା । ମୁଁ ଏକା । ତା' ମନରେ କବିତ୍ୱର ଉଦୟ ହେଲା । ସେ ଦୁଃଖରେ କୁଆଡ଼େ ସାନ ନାତୁଣୀକୁ କହିଲା, ଲେଖ୍ କବିତା ମୁଁ ଯାହା ଡାକୁଛି । ସେସବୁ ଦୁଃଖ ଜର୍ଜରିତ ଜୀବନର ଅନୁଭୂତି କେବଳ ସେହି ଦୁଇ ନାତୁଣୀ ହିଁ ଜାଣନ୍ତି । ସେ ବା କାହାର କ'ଣ କରିପାରିବ ! ଖାଲି ଅଫିସ୍ ଜଗିବା ଛଡ଼ା । ଏବେ ବୋଉର ସେହି କଷ୍ଟକର ରାସ୍ତା ସରି ଆସୁଛି । ଜୀବନର ସବୁ ସୁଖଦୁଃଖର ହିସାବ ଚାଲିଛି । ଆଉ ଗୋଟାଏ ବର୍ଷ ପରେ ଭଲ ହୋଇଥା'ନ୍ତା, ମୁଁ ଆସି ପହଂଚିବା ଆଗରୁ ଏ ଦଶା ଆରମ୍ଭ ହୋଇ ଯାଇଛି । ତୁ ଆ ନ ଆ, ମୁଁ ହେଇଟି ଚାଲିଲି । ଆସିବା ଆଗରୁ ଟିକେଟ୍ ବୁକିଂ । ମୋ ସାଙ୍ଗରେ ଟିକେ କଥା ବି କହିବାକୁ ସମୟ ପାଇନି ।

ରାତି ଦଶଟା ହେଲା । ଏଥର ସେ ଆଇ.ସି.ୟୁ.କୁ ଯିବ । ବୋଉ ପାଖରେ ସେ ଠିଆ ହେଲା । ତା'ର ସ୍ମରଣ ଶକ୍ତି ପ୍ରଖର । ପରିଷ୍କାର କଥା । ପ୍ରକାଶ ଭଙ୍ଗୀ । ସେ ମୋତେ ବହୁ ସମୟରୁ ଅପେକ୍ଷା କରୁଥିଲା । ନିବୁଜ କୋଠରୀ । ସେଠି ଆଉ ତିନିଟା ଯନ୍ତ୍ରଣା କାତର ରୋଗୀ । ସେମାନଙ୍କ ଚିତ୍କାର ତାକୁ ବିରକ୍ତିକର ଲାଗୁଥିଲା । ସେ ଚିଡ଼ିଯାଇ କହିଲା– "କିଏ ଘଡ଼ଘଡ଼ ସେଠି ହେଉଛି !" ମୁଁ କହିଲି, "ସେସବୁ ଦେଖେନା । ଯିଏ ହୋଇଥାଉ ।" ଦିନଯାକ ବନ୍ଦୀ ହୋଇ ତାକୁ ସେଠି ଭଲ ଲାଗୁନଥିଲା । କାହାକୁ ନଦେଖି ଚିଡ଼ିଚିଡ଼ା ହେଉଥିଲା । ଶୋଷିଲା ହୋଇ ଚାହିଁ ବସିଥିଲା । ମୁଁ ଯିବାରୁ କହିଲା, "ଏତେବେଳ ଯାଏଁ କୁଆଡ଼େ ଥିଲୁ ତୁ ! ସାଙ୍ଗସାଙ୍ଗରେ ବୁଲୁଥିଲୁ ପରା !"

ସେତେବେଳେ ମୋ ଛାତି ଭିତରେ କ'ଣ ଗୋଟାଏ ଲାଗିଗଲା । ମନେହେଲା ମୁଁ ଭୋ ଭୋ କାନ୍ଦନ୍ତି... କୁହନ୍ତି, "ବୋଉ ମୁଁ ତୋତେ ଛାଡ଼ି କୁଆଡ଼େ ଯାଇନି । ମୁଁ ଏଇଠି ଥିଲି ।"


ବୋଉର ଏଇ ଶେଷବେଳାରେ ତଥାପି ତା' ମନରୁ ଯାଇନି ମୋର ଅମାନିଆ ଗୁଣ । ତାକୁ ଛାଡ଼ିଦେଇ ସାଙ୍ଗ ସାଙ୍ଗରେ ବୁଲିବା । ତା' ମନା କରିବା ସତ୍ତ୍ୱେ ଘରୁ ବାହାରକୁ ଚାଲିଯିବା । ଘଂଟା ଘଂଟା ଗପି ରାତି ନ'ଟାରେ ଫେରିବା । ତା'ର ଅବଚେତନରେ ସେ ସବୁ ସକ୍ରିୟ ରହିଛି । ଏବେ ଭାବୁଛି ସେହି ଚାଲିଯିବା ବେଳେ ସେ କେତେ କଷ୍ଟ ପାଇଥିବ । କେତେ ଶୂନ୍ୟ ସମୟକୁ ନେଇ ଚାହିଁ ବସିଥିବ ମୋର ବାଟ । କି ଯନ୍ତ୍ରଣା ପାଇଥିବ ! ବାପା, ମା'ଙ୍କ କଥା ନମାନି, ସମୟ ନଷ୍ଟ କରି ସେ କ'ଣ ପାଇଲା ? ସେମାନଙ୍କ ଅପେକ୍ଷା, ଆଶା ଏବୁ ପାଦରେ ଠେଲି ନିଜ ଇଚ୍ଛାର ମାଲିକ ହୋଇଛି । ସେହି ଚାଲିଯିବା, ବୁଲିବା, କଥା ନମାନିବା ବୋଉ ଛାତି ତଳେ ଏତେ କଷ୍ଟ ହୋଇ ଲାଗି ରହିଛି ତା' ଏବେ ବି ଯାଉନି ମୃତ୍ୟୁ ଶଯ୍ୟାରେ । ମୋର ଛାତି ଫଟାଇ ସେଠି ରୋଦନ କରିବାକୁ ଇଚ୍ଛା ହେଲା । ବୋଉ ତୋତେ ମୁଁ ବହୁତ କଷ୍ଟ ଦେଲି । ଅମାନିଆ ହୋଇ, ମନମୋଟିଆ ହୋଇ । ବୋଉ... ବୋଉ.... ସେ କିଛି କହି ପାରିଲାନି । ଶେଷକୁ କହିଲା, "ବୋଉ... ମୁଁ ଏଇଠି ଥିଲି । ତୋତେ ଛାଡ଼ି କୁଆଡ଼େ ଯାଇନଥିଲି ବୋଉ.... ।" ବୋଉର ଗୋଟାଏ କରୁଣ କାନ୍ଦ ଆସୁଥିବା ସ୍ୱର ଭାସି ଆସିଲା, "...ତୁ ଏଇଠି ଥିଲୁ... । ତୁ...ଏଇଠି ଥିଲୁ... ।" ସେ ଆଉ ଠିଆ ହୋଇ ପାରିଲାନି । ସେହି ଗହିରିଆ ଶବ୍ଦ ତା' କାନକୁ ଝଂକୃତ କଲା...ତୁ ଏଇଠି ଥିଲୁ.... ।

ସେ କାନ୍ଦି କାନ୍ଦି ବାହାରକୁ ବାହାରି ତଳକୁ ଓହ୍ଲାଇଗଲା । ରାସ୍ତାରେ ଠିଆ ହେଲା । ବୋଉ ତୋତେ ଛାଡ଼ି ଦେଇ ଚାଲି ଯାଉଥିଲି ବୋଲି ତୁ ତାହେଲେ କେତେ କଷ୍ଟ ପାଇଥିବୁ ଅତୀତରେ । ହେଲେ କିଏ ବା ଜାଣିଥାଏ ସବୁ ଜହ୍ନରାତି ସରିଯାଏ । ଜୀବନ ପାରିହେଉଥାଏ ଆବଡ଼ାଖାବଡ଼ା ରାସ୍ତା । ସାଙ୍ଗ ବି ରହେନି । ସେସବୁ ଜହ୍ନ ରାତିରେ ଆମେ ତୋତେ ପଚାରିନୁ । ଭୁଲିଯାଉ । କିଛି କହିଲେ ଗାଳିଦେଉ । ତୁ ନୀରବରେ ସହୁ ଚୁପ୍‌ଚାପ୍ । ଅନୁଚ୍ଚାରିତ ତୋ'ର ଓଠ, ସ୍ଥିର ତୋ'ର ଆଖି ନେଇ । ଅସୀମ ଧୈର୍ଯ୍ୟର ମୂର୍ତ୍ତି ହୋଇ । ଚାପି ରଖୁ ହତାଶାକୁ । ସେତେବେଳେ ସେକଥା ମୁଁ କି ବୁଝିଥିଲି । ତୋ' ପାଖରୁ ଦୂରେଇଗଲେ ଯେଉଁ ହତାଶା ନିରାଶା ତୋ' ଭିତରେ ଆସେ, ଅସ୍ୱସ୍ତିବୋଧ ଆସେ ମୁଁ ବା କିପରି ବୁଝିଥା'ନ୍ତି ! ସବୁ ସାଙ୍ଗସାଥୀ ଯେବେ ସରିଯାଏ ବୋଉ, ସେତେବେଳେ ପିଲା ଫେରିଆସେ ମା'ର ଅଭୟକାନିକୁ । ତୋତେ ଖୋଜେ । ସେତେବେଳେ ତୁ ହିଁ ଠିଆ ହୋଇ ପୋଛିଦେଉ ସେହି ଦୁଃଖରେ ଖସି ପଡୁଥିବା ଝାଳ । କିଛି ଚିନ୍ତା ନାହିଁ । ଆଃ ! ମୁଁ ତ ଅଛି । ବଂଚିଛି । ଭୟ କାହାକୁ ! ସେହି ପଣତକାନିର ମଧୁରତା କେବଳ ତୁ ! ବୋଉ ! ଆଜି ଏଇ ମୁହୂର୍ତ୍ତରେ ତୁ ବୁଝି ପାରୁଥିବୁ କି କ'ଣ କେତେ ମେଘ ଅନ୍ଧାର ରାତି ମୁଁ ପାରିହୋଇ ଆସିଲିଣି । ସାଙ୍ଗସାଥି କାହିଁ ? ମୁଁ ଏକୁଟିଆ ଚାଲିବାର ନିଶାରେ ଚାଲିଛି, କୁଆଡ଼େ ଯାଇନି ମୁଁ । ତୋ'ରି ପାଖରେ ବସିଛି । ତୁ ବୋଉ ବଂଚି ଯା । ଆଉ ଘଡ଼ିଏ । ଜୀବନର ଆଉ କିଛି ରାସ୍ତା ମୋର ସୁନ୍ଦର ହେଉ, ଆନନ୍ଦମୟ ହେଉ, ଚଂଚଳ ହେଉ ବୋଉ । ମୁଁ କୁଆଡ଼େ ଯାଇନି । ଏଇଠି ଥିଲି । ତୋ' ପାଖରେ । ଆଇସିୟୁ ସାମ୍‌ନାରେ । ତୋ' ପାଖେ ପାଖେ ରହିଛି ।

କିନ୍ତୁ ଏଇ ନିଃଶବ୍ଦ ଭାଷା କାହାକୁ ଆଉ ଶୁଣା ଯାଏନି । ଜୀବନ ସରି ଆସିଥାଏ । ବୋଉକୁ ଆଉ ଶୁଣା ଯାଇନଥିବ ସେହିକଥା । ସବୁ ଏମିତି ଘଡ଼ିକୁ ଘଡ଼ି ବଦଳି ଯାଉଥାଏ ରୂପକଥା ପରି । ହେଲେ.... ? ମଣିଷ କ'ଣ ଜାଣିଥାଏ ବୋଉ ? ସେହି ସମୟଟା ତା' ପାଇଁ ଯେମିତି ସବୁ ବର୍ଣ୍ଣମୟ, ସ୍ୱପ୍ନମୟ । ହେଲେ ଘଡ଼ିକୁ ଘଡ଼ି ସବୁ ବାସ୍ତବତା ଦିନେ ଭାଙ୍ଗି ଯାଉଥାଏ ।

ରାସ୍ତାରେ ଠିଆ ହୋଇଥିଲି । ମେଘ ଘୋଡ଼େଇ ଥିଲା । ଶ୍ରାବଣର ଆକାଶ । ହେଲେ ମୋ ଆଖିର ଶ୍ରାବଣର ଧାରାରେ, ଛାତିର କୋହରେ ଯେମିତି ଭିଜିଯିବ ଏଇ ରାସ୍ତା ଉପରର ମାଟି !





# ମୃତ୍ୟୁ ଯେବେ ନିକଟରେ

କାହାଣୀ ପଛର କାହାଣୀ

ଆଇନାକୁ ଚାହିଁ ମୁଁ ଆଶ୍ଚର୍ଯ୍ୟ ହେଲି । ମୋ ମୁଣ୍ଡରେ ମୋତିମାଣିକ୍ୟର ଗୋଟେ ବଡ଼ ମୁକୁଟ । ଖୁସିରେ ଭାବିଲି ଏବେ ଯାଇ ଦୁନିଆ ଯାକ ବୁଲି ଆସିବି । ସମସ୍ତଙ୍କୁ ଦେଖାଇବି ମୋର ବି ଗୋଟେ ମୁକୁଟ ଅଛି । ସେତେବେଳେ ଘଟିଯାଏ ରହସ୍ୟ । ମୁକୁଟ ତଳେ ମୁଁ ବଦଳରେ ଦିଶେ ଆଉଗୋଟେ ଅପରିଚିତ ମୁହଁ । ତା'ପରେ ପୁଣି ଗୋଟେ । ମୁକୁଟ ତାର ଯେମିତି ସେମିତି ଥାଏ । ତା' ତଳର ମୁହଁଟି ବରାବର ବଦଳିଯାଏ । ଏମିତି ଗୋଟେ ସ୍ୱପ୍ନ ମୁଁ ବାରମ୍ବାର ଦେଖେ । ରାମାୟଣର ଦୃଶ୍ୟଟିଏ ମନେପଡ଼ି ମୁଁ ଆଚମ୍ବିତ ହୁଏ । ନିବିଡ଼ ଅରଣ୍ୟ ଭିତରେ ସୁନା ମୃଗ । ମୃଗକୁ ମାୟା ବୋଲି ଜାଣି ବି ଜଣେ ଧାଉଁଥାନ୍ତି ତା' ପଛରେ । ଏବଂ କି ବିଡ଼ମ୍ବନା, ସେ ପରା ଅବତାରୀ ପୁରୁଷ ! ଏ ଦୁଇଟି କଥା ଗପଟିଏ ଲେଖିବାକୁ ବେଳକାଳରେ ମୋତେ ଟିହାଉଥାଏ । ଦିନେ ସକାଳରେ କେହି ନଥାନ୍ତି, ହଠାତ୍ ବାବା ବ୍ରହ୍ମାନନ୍ଦ ଦରଜା ବାଡ଼େଇ ଭିତରକୁ ପଶି ଆସିଲେ । ସେ ମୋତେ ଖୋଜୁଥିଲେ । ନା, ମୁଁ ତାଙ୍କୁ ଖୋଜୁଥିଲି । ସାମ୍ନାରେ ଦେଖିଲି ଯେତେବେଳେ ପାଖରେ ବସାଇ ଗପର ନିଅଁ ତୋଳିବା ଆରମ୍ଭ କରିଦେଲି ।

*Dr. Ranjan Mallick*




## ଅଞ୍ଜନ ଚାନ୍ଦ

**ଚାନ୍ଦକୁଟୀର, ବିକାଶନଗର**
**ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ଫୋନ:୯୪୩୭୨୯୬୮୬**


ବାହାର ଦରଜାରେ କେତେବେଳୁ ହେଲା କିଏ ଠକ୍ ଠକ୍ କରୁଛି । ମନେପଡ଼ିଲା ଘରେ ମୁଁ ଏକୁଟିଆ । ମୋତେ ଇ କବାଟ ଖୋଲିବାକୁ ହେବ ।

ବାହାରେ ସୁଟ୍‌କୋଟ୍ ପିନ୍ଧିଥିବା ଜଣେ ସମ୍ଭ୍ରାନ୍ତ ଲୋକ । କବାଟ ଖୋଲିବା ମାତ୍ରେ ଭିତରକୁ ପଶି ଆସିଲେ । ବୈଠକ ଘର ସୋଫାରେ ଆରାମ୍‌ରେ ବସି ପଚାରିଲେ, "ମୋତେ ଚିହ୍ନି ପାରୁଛ ?"

- ନା ।

- କାଲି ବାବା ବ୍ରହ୍ମାନନ୍ଦଙ୍କ ପ୍ରବଚନ ସଭାକୁ ଯାଇଥିଲ ?

- ହଁ ।

- ମୁଁ ବାବା ବ୍ରହ୍ମାନନ୍ଦ ।

ଆଶ୍ଚର୍ଯ୍ୟ ହେଇ ପଚାରିଲି- ଆପଣଙ୍କର ଏ ବେଶ ?

ସେ କହିଲେ- ମଣିଷର ସେଇ ଗୋଟିଏ ଭୁଲ୍ । ସେମାନେ ସବୁବେଳେ ବେଶପୋଷାକ ଦେଖନ୍ତି । ମୁଁ ଦେବତା ନୁହେଁ ଯେ, ସବୁବେଳେ ଗୋଟେ କଷ୍ଟ୍ୟୁମ୍‌ରେ ରହିବି ।

ମୋ ଘରକୁ କାହିଁକି ଆସିଛନ୍ତି ?

- କାଲି ଆପଣ ସଭାରେ ଆଗଧାଡ଼ିରେ ଠିକ୍ ମୋ ସାମ୍ନାରେ ବସିଥିଲେ ।

- ହଁ ।

- ଧଳା ସାର୍ଟ ଉପରେ ବାଦାମୀ ସ୍ୱେଟର୍ ପିନ୍ଧିଥିଲେ ।

- ହଁ ।

- ମୁଁ ତୁମକୁ ବାରମ୍ବାର ଚାହୁଁଥିଲି ।

- କାହିଁକି ?

- ତୁମ ମୁହଁରେ ମୁଁ ମୃତ୍ୟୁର ଛାଇ ଦେଖି ପାରୁଥିଲି ।

- ମୃତ୍ୟୁର ଛାଇ !

- ହଁ । ସେଇକଥା ଜଣାଇବାକୁ ଏଠାକୁ ଆସିଛି । ଯାହା କାମ କରିବାର ଅଛି ଶୀଘ୍ର ଶେଷ କର । ଆଜି ତୁମ ଜୀବନର ଶେଷଦିନ ।

ମୁଁ ଡରିଗଲି ।

ପୁଣି ଭାବିଲି ଏଇଟା ଗୋଟେ ଭଣ୍ଡ । ମୋତେ ଡରାଇ କିଛି ଟଙ୍କା ହଡ଼ପ୍ କରିବାକୁ ଆସିଛି ।

- ନା ସେକଥା ନୁହେଁ ।

ମୋ ଭାବନାକୁ ବୁଝିବା ପରି ସେ କହିଲେ । ମୁଁ ବିନା ଅର୍ଥରେ ପ୍ରବଚନ ଦିଏ । ପିତୃ ପୁରୁଷମାନେ ଅକଳନ ଧନ ସମ୍ପତ୍ତି ମୋ ପାଇଁ ରଖି ଯାଇଛନ୍ତି ।

ତାଙ୍କୁ ପରୀକ୍ଷା କରିବାକୁ ପଚାରିଲି- ମୋ ଜୀବନର ଗୋଟେ ଗୋପନ କଥା କୁହନ୍ତୁ ତ, ଯାହା ମୁଁ କାହାକୁ କହିନାହିଁ ।

ସେ କିଛି ସମୟ ଆଖି ବନ୍ଦ୍ କଲେ । ତାଙ୍କ ଓଠରେ ଧାରେ ହସ ଖେଳିଗଲା । ସେ କହିଲେ- ହଁ, ସେଇକଥା । ତୁମେ ଏବେ ଯାହା ଭାବୁଛ । କଥାଟି ସାଙ୍ଗମାନଙ୍କୁ କହିଥିଲେ ବି କିଛି ଅସୁବିଧା ହୋଇନଥାନ୍ତା । ବରଂ ତୁମ କାମ ପାଇଁ ସେମାନେ ହସିଥାନ୍ତେ ।

- ସେମିତି ଠାସକ କୁହନ୍ତୁନି ।

- ହଉ, ତେବେ ଅସଲ କଥାଟି ଶୁଣ । ତା' ଆଗରୁ ପ୍ରଶ୍ନଟିଏ ପଚାରୁଛି । ପୋଖରୀରେ ଗାଧୋଇବା ବେଳେ କେଉଁ ଦିଗକୁ ଚାହିଁବ ?

- ସେମିତି କିଛି ନିୟମ ନାହିଁ ।

- ତଥାପି ବୁଝିଲ ନାହିଁ । ଉତ୍ତର ହେଉଛି, ଯେଉଁ ଦିଗରେ ତୁମର ଏକମାତ୍ର ଲୁଗାଟିକୁ ଖୋଲିରଖିଥିବ ।

ମୁଁ ଚମକି ପଡ଼ିଲି ।

- ସେଦିନ ଦେଖିଥିଲେ ବି ତୁମେ କିଛି କରିପାରି ନଥାନ୍ତ । ଚୋରଟି ଯେଉଁ ଫୁର୍ତ୍ତିରେ ଆସି ତୁମ ପେଣ୍ଟିଟି ନେଇ ଗଛକୁ ଚଢ଼ିଗଲା ।

- କିଏ ସେ ଚୋର ? ଗୋଟେ ଛୋଟ ପିଲାର ପୁରୁଣା ପେଣ୍ଟକୁ କାହିଁକି ଚୋରି କଲା ?

ପ୍ରତିଶୋଧ । ବୁଝିଲ, ତୁମ ବାଟୁଳି ମାଡ଼ର ପ୍ରତିଶୋଧ । ମନେପଡୁଛି ରାମ ପ୍ରସାଦ ? ତୁମ ବାଡ଼ିକୁ ପଶି କେତେ ପରିବା ଖାଇଛି ।

ମୋର ମନେ ପଡ଼ିଲେ ବାଇନଦାଦା ।

ସେ ପାଳିଥିଲେ ଗୋଟେ ପାତିମାଙ୍କଡ଼ । ନାମ ଦେଇଥିଲେ ରାମପ୍ରସାଦ । କାନ୍ଧରେ ବସାଇ ଗାଁକୁ ଗାଁ ବୁଲୁଥିଲେ । ଖେଳ ଦେଖାଇ ଚାଉଳ, ଆଳୁ, ପଇସା ଯିଏ ଯାହା ଦେଲା ନେଉଥିଲେ । ଯେଉଁଦିନ କେଣେ ଯାଉନଥିଲେ ସେଦିନ ରାମପ୍ରସାଦର ଛୁଟି । ଗାଁରେ ବୁଲେ । ବାଡ଼ିରେ ପଶି ପରିବା ଖାଏ ।

ବଡ଼ଲୋକମାନେ ତାକୁ ଭଲପାଆନ୍ତି ।

ରାମଙ୍କ ଭକ୍ତ କହି ବୁଢ଼ାବୁଢ଼ୀମାନେ ଜୁହାର ହୁଅନ୍ତି ।

ତା'ର ଡର କେବଳ ପିଲାମାନଙ୍କୁ ।

ମୋର ପୁଣି ଥାଏ ଗୋଟେ ବାଟୁଳିଖଡ଼ା । ଖଣ୍ଡେ ଦୂରରୁ ମୁଁ ଲାଖ ବିନ୍ଧିପାରେ । ରାମପ୍ରସାଦ କେତେଥର ମୋ ବାଟୁଳିମାଡ଼ ଖାଇଛି ।

ସେଦିନ ପୋଖରୀରେ ଗାଧୋଇବା ବେଳେ ସେଇ ରାଗରେ ସେ ମୋ ପେଣ୍ଟିଟିକୁ ନେଇଯାଇଛି ।

ବାବା କହିଲେ- "ତୁମେ କିନ୍ତୁ ସେ ପାଗଳକୁ ଚକିତ କରିଦେଲ ।"

ମୋର ମନେ ପଡ଼ିଲା ଗୁଲୁମିଆଁ ।

ମୁଣ୍ଡରେ ବୁଜୁଳି ମୁଣ୍ଡାଇ ଅନବରତ କୁହାଟ ଛାଡ଼ି ସେ ଘୁରିବୁଲେ ।

ବିଚରା ଭାବିନଥିଲା ସଂସାରରେ କିଏ ଜଣେ ଅଛି ଯିଏ ତା' ବୁଜୁଳିକୁ ଏମିତି ଖିନ୍‌ଭିନ୍ କରିଦେବ ।

ମୋ ପାଗଳାମି ଦେଖି ସେଦିନ ସେ ଚୁପ୍ ହେଇଗଲା । ସର୍ବସ୍ୱ ଦାନ କରିଦେବାର ଅଙ୍ଗଭଙ୍ଗୀ କରି ଧାଇଁ ପଳାଇଲା ବନସ୍ତ ଆଡ଼କୁ । ତା' ବୁଜୁଳିରେ ଥିବା ଗାମୁଛା ଖଣ୍ଡେ ଅଣ୍ଟାରେ ଗୁଡ଼ାଇ ମୁଁ ସେଦିନ ଘରକୁ ଫେରିଲି । ସେ ନିଛାଟିଆ ବେଳରେ କେହି ମୋତେ ଦେଖିନଥିଲେ । ମୁଁ ବି ଲଜ୍ଜାରେ କାହାକୁ କିଛି କହିନି ।

ଅଥଚ ଆଜି ଏତେ ବର୍ଷ ପରେ ଏ ଲୋକଟି ସେକଥା ଜାଣିଲା କେମିତି ?

ସତରେ କ'ଣ ଯେ ସିଦ୍ଧପୁରୁଷ ! ଦେଖିପାରନ୍ତି ତିନିକାଳ !

ଅତୀତରୁ ଫେରି ବାବା ମନସ୍କ ହେବା ବେଳକୁ ଦେଖିଲି ସେ ନାହାନ୍ତି । କୁଆଡ଼େ ଗଲେ ବାବା ? କେତେବେଳେ ?

ମୋତେ ଏମିତି ସୂତାଖିଅରେ ଝୁଲାଇ ଦେଇ ଗଲେ । କହିଲେ ନାହିଁ କେତେବେଳେ ମରିବି ? କେଉଁଠି, କେମିତି ମରିବି ? କିଛି ପ୍ରତିକାର ଅଛି କି ?

ମୋ ଚାରିପଟେ ଏତେ ମନ୍ଦିର । ଏତେ ଠାକୁର ଦେବତା । ମୋ ଠାରୁ କେତେ ଭୋଗ ଖାଇଛନ୍ତି । କେତେ ଧୂପ, ଦୀପ ପାଇଛନ୍ତି । ସେମାନେ କ'ଣ ମୋ ପାଇଁ କିଛି କରିବେ ନାହିଁ ?

ମୁଁ ଦୁଃଖରେ କିଛି ସମୟ ନୀରବରେ ବସି ରହିଲି ।

ମନେ ପକାଇଲି ବାବା ବ୍ରହ୍ମାନନ୍ଦଙ୍କ କଥା । ସେ କହିଥିଲେ, "ଆଜି ତୁମର ଶେଷଦିନ । ଯାହା କରିବାର ଅଛି ଶୀଘ୍ର ଶେଷ କର ।"

ତେବେ ମୋ ହାତରେ କିଛି ସମୟ ଅଛି ।

ବୋଧହୁଏ ସଞ୍ଜ ଆଗରୁ ମୁଁ ମରିବି ନାହିଁ ।

ଏବେ ସକାଳ ଛ'ଟା ବାଜିଛି ।

ମୋ ହାତରେ ସମୟ ମାତ୍ର ବାରଘଣ୍ଟା । ସାତଶହ କୋଡ଼ିଏ ମିନିଟ୍ । ତେୟାଳିଶ ହଜାର ଦୁଇଶହ ସେକେଣ୍ଡ୍ । ଯାହା ପ୍ରତିକ୍ଷଣରେ କମି ଯାଉଛି । ଆଞ୍ଜୁଳା ଭିତରୁ ପାଣି ପରି ଟୋପାଟୋପା ଝରି ପଡୁଛି ଜୀବନ । ମୋର ସର୍ବସ୍ୱ ପ୍ରତିବଦଳରେ ଯାହାକୁ ମୁଁ ରୋକି ପାରିବି ନାହିଁ । ଏମିତି ନିରନ୍ତର ଖସି ପଳାଉଥିବା ସମୟ ଭିତରେ କ'ଣ ବା କରିବି ?

କାମ ତ ଅନେକ ବାକି ଅଛି ।

ଭୁବନେଶ୍ୱରରେ ଜାଗା ଖଣ୍ଡେ ପାଚେରୀ ଘେରା ହେଇନି । ଏଠି ଗୋଲେଇ ଛକ ଘରଟିର ତିନିତାଲା କାମ ଚାଲିଛି ।

ବଡ଼ ପାହିରେ ଚିଙ୍ଗୁଡ଼ି ଚାଷ, ନଅରପାଟଣାରେ

ଫାର୍ମହାଉସ, ଫାଣ୍ଡିଛକରେ ଦୋକାନଘର ପାଇଁ ଆଡ୍‌ଭାନ୍ସ ଦେଇଛି ।

ଗୋଟେ ଦିନରେ କ'ଣ ସବୁ କାମ ସରିବ ?

ଯଦି ବି ସରିଯାଏ ତା'ପରେ କ'ଣ ହେବ ? କଉଁଠୁ କିଏ ଜଣେ ପଚାରିଲା ।

ଯେତେ ଧନସମ୍ପତ୍ତି ଥାଉ ମରିଯିବା ପରେ ତୁ ତ ଭୂତଟିଏ ହେବୁ । ତୋ ସ୍ତ୍ରୀପିଲାମାନେ ତୋ ଛାଇ ଦେଖି ଡରିବେ । ଘରବାଡ଼ିରେ ନପଶିବା ପାଇଁ ଗୁଣିଆ ଡାକି କିଳି ଦେବେ । ତୁ ବାହାରେ ବାହାରେ ବୁଲିବୁ ।

ଶୁଣିବୁ ତୋ ବିଷୟରେ କିଏ କ'ଣ କହୁଛନ୍ତି ।

ସକାଳ ଚା'ଖଟିରେ ଦେଶଦୁନିଆ ଛାଡ଼ି ତୋ କଥା ଆଲୋଚନା ହେବ ।

ତୁ କେମିତି ଭଙ୍ଗା ସାଇକେଲ୍‌ଟିଏ ଚଢ଼ି ଗାଁରୁ ସହରକୁ ଆସିଲୁ । ଗଙ୍ଗୁ ମହାଜନ ଘରେ ରହି ବୋଲହାକ କଲୁ । ତୋତେ ଘର ଜଗାଇ ସେମାନେ ଗୋଟେ ବାହାଘର ଭୋଜିକୁ ଗଲେ । ସେଇ ରାତିରେ ଚୋରମାନେ ପଶିଲେ । ତୋତେ ବାନ୍ଧି ପକେଇ ସୁନାଗହଣା, ଟଙ୍କା ଲୁଟିନେଇ ପଳାଇଲେ ।

ସକାଳେ ପୋଲିସ୍ ଆସିଲା । ସନ୍ଦେହରେ ତୋତେ ବାନ୍ଧିଲା । ହାଜତକୁ ନେଇ ଯାହା କରିବା କଥା କଲା । ଶେଷରେ କିଛି ନପାଇ ଛାଡ଼ିଦେଲା ।

ତୁ ଅଭିମାନରେ ସେଠାରୁ ଚାଲି ଆସିଲୁ ।

ଷ୍ଟେସନଛକରେ ଗୁମୁଟି ମାରି ଚା' ଦୋକାନ କଲୁ ।

କେତେ ଚା'ତୁ ବିକିଲୁ ? କେତେ ଲାଭ ପାଇଲୁ ? ବର୍ଷ ଶେଷକୁ ସହରରେ ଚାରିଟା ପ୍ଲଟ୍ କିଣି ପକାଇଲୁ ।

ତା'ପରେ ଜମି ଦଲାଲି, ଟଙ୍କା ବେପାର, କେତେଟା ଦିନ ଭିତରେ ତୁ ପାତାଳରୁ ଆକାଶକୁ କୁଦି ପଡ଼ିଲୁ ।

କେମିତି କୁଦିଲୁ ?

ନିଜ ଗୋଡ଼ରେ କିଏ ଏତେ ଉପରକୁ କୁଦିପାରେ ?

ସେଥିପାଇଁ କାହାର କାନ୍ଧରେ, ମୁଣ୍ଡରେ ପାଦ ଥୋଇବାକୁ ହୁଏ ।

ତୁ କାହା ମୁଣ୍ଡରେ ପାଦ ଥୋଇଥିଲୁ ?

ବିଚରା ଗଙ୍ଗୁ ମହାଜନ, ସେଇ ଚୋରି ପର ଠାରୁ ଅଣ୍ଟା ସଳଖି ଠିଆ ହୋଇ ପାରିଲା ନାହିଁ । ଏବେ ନୂଆ ବଜାରରେ ଗୋଟେ ଲୁଗା ଦୋକାନ କରିଛି । ଝଲମଲ କରୁଥିବା ମଲ୍ ଆଗରେ ସେଇଟା ମଲାଜହ୍ନ ପରି ଫିକା ଦିଶୁଛି ।

ଆଉ ସେ ଗୁନେଇବୁଢ଼ୀ । ବିଚାରୀର କେହି ନଥିଲେ । ତୋତେ ସେ ପୁଅ ବନେଇଥିଲା । ସହରରେ ଯେଉଁ ଜାଗାଖଣ୍ଡିକ ଥିଲା ତାର ସବୁ କାଗଜପତ୍ର ବିଶ୍ୱାସରେ ତୋତେ ଦେଇ ଦେଲା । ତୁ ତାକୁ ମପାମପି କରି ପ୍ଲଟ୍ ତିଆରି କଲୁ । କେଉଁ କୂଟକପଟରେ ବିକିଦେଲୁ ଯେ, ବୁଢ଼ୀ ଜାଣି ପାରିଲା ନାହିଁ । ଯେତେବେଳେ ଜାଣିଲା କେତେହଜାର ଟଙ୍କା ଫିଙ୍ଗିଦେଇ ଚାଲି ଆସିଲୁ । ସେ ମଲା କି ବଞ୍ଚିଲା ଦେଖିଲୁ ନାହିଁ ।

କେଉଁ ବେଳାରେ ତୁ ଜନ୍ମ ହୋଇଥିଲୁ ?



ତୋ' ମିଛକଥାକୁ ସମସ୍ତେ ବିଶ୍ୱାସ କରୁଥିଲେ ।

କେତେ ସହଜରେ ତୁ ସେମାନଙ୍କୁ ପାଲରେ ପକାଉଥିଲୁ ।

ଯିଏ ପାଲରେ ପଡ଼ିଲା ତା'ଠାରୁ ପୁଳାଏ ଲୁଟି ନେଉଥିଲୁ ।

ତୁ ଯେମିତି ଗୋଟେ ବ୍ଲାକ୍‌ହୋଲ୍ ।

ଯାହା ତୋ ହାତକୁ ଯିବ ଆଉ ଫେରିବ ନାହିଁ ।

ଏତେ ଧନ ନେଇ ତୁ କରିଛୁ କ'ଣ ?

ନିଜେ ଖାଇଛୁ ନା ସ୍ତ୍ରୀ ପିଲାଙ୍କୁ ଖୁଆଇଛୁ ?

ଗାଁରେ ତୋର ବୁଢ଼ା ବାପା, ମା' । ଦିନେ ତାଙ୍କ କଥା ବୁଝିଛୁ ?

ସ୍ତ୍ରୀ ସାଙ୍ଗରେ ସବୁବେଳେ ଝଗଡ଼ା କଲୁ ଯେ, ସେ ପିଲାଙ୍କୁ ନେଇ ଗାଁକୁ ଚାଲିଗଲା ।

ଏବେ ତୁ ଏକା । ସାରା ସହରରେ ନିଜର ବୋଲି କେହି ନାହିଁ । ଯେଉଁମାନଙ୍କୁ ଲୁଟିଛୁ ସେମାନଙ୍କ ଦୀର୍ଘଶ୍ୱାସ ଓ ଅଭିଶାପ କେବଳ ତୋ ଚାରିପଟେ ଘୁରି ବୁଲୁଛି । ଅପଘାତରେ ତୁ ମରିବୁ ନାହିଁ ତ କିଏ ମରିବ ? ସତରେ ମୁଁ ମରିଯିବି ।

କେଜାଣି କେତେବର୍ଷ ପରେ ଦି'ଟୋପା ଲୁହ ମୋ ଆଖିରୁ ଝରିପଡ଼ିଲା ।

ସେଦିନ ଯାକ ମୁଁ ନିରବରେ ବସିଲି ଓ ଭାବିଲି ।

କ'ଣ ଭାବିଲି ତା'ର କିଛି ଆଦି ଅନ୍ତ ନାହିଁ ।

ଭାବୁ ଭାବୁ କେତେବେଳେ ଦିନ ସରି ସଞ୍ଜ ନଇଁ ଆସିଲା । ମୋ ଜୀବନର ସଞ୍ଜ ।

ଏବଂ ମୁଁ ମରିବା ପାଇଁ ପ୍ରସ୍ତୁତ ହେଲି ।

ମରିବି ଯଦି କେଉଁଠି ? କେଉଁ ଜାଗାରେ ମରିଲେ ଭଲ ହେବ ?

ପିଲାଦିନେ ଶୁଣିଥିବା କୌତୁକ ଗପଟିଏ ମୋର ମନେପଡ଼ିଲା ।

ଗୋଟେ ଲୋକକୁ ଜ୍ୟୋତିଷ କହିଥିଲା, ଯେଉଁଦିନ ଦୁଇଟି ଜହ୍ନ ଦେଖିବୁ ସେଇଦିନ ତୁ ମରିବୁ । ଦିନେ ରାତିରେ ସେ ଘରଭିତରେ ଶୋଇଛି, ଉପରେ କଣା ହୋଇଥିବା ଚାଳରେ ଦେଖିଲା ଗୋଟେ ଜହ୍ନ । ବାହାରକୁ ଆସି ଦେଖିଲା ଆକାଶରେ ଗୋଟେ ଜହ୍ନ । ସେ ଭାବିଲା ଦୁଇଟି ଜହ୍ନ ଦେଖିଲି, ଆଜି ମୁଁ ମରିବି । ମରିବା ପାଇଁ ଘରଛାଡ଼ି ଶ୍ମଶାନକୁ ଗଲା । ଗାତ ଖୋଳି ଭିତରେ ବସିଲା । ରାମନାମ ଜପି ମରଣକୁ ଅପେକ୍ଷା କଲା ।

ଏବେ ଆଉ ଶ୍ମଶାନକୁ ଯାଇହେବନି ।

ସେଠି ଚାରିପଟେ ଉଚ୍ଚ ପାଚେରୀ । ଗେଟ୍‌ରେ ତାଲା । ଜଗୁଆଳ ଜଗିଛି । ଶବ ନହେଲେ ଭିତରକୁ ଛାଡ଼ିବନି ।

ମୁଁ କେଉଠିକି ଯିବି ? ମନ୍ଦିରକୁ !

କିଛି ଦୂରରେ ଶିବମନ୍ଦିର । ମନ୍ଦିର ଅଗଣାରେ ବସିବି । ଶିବଙ୍କୁ ଧ୍ୟାନ କରି କେତେବେଳେ କେମିତି ମରିଯିବି ।

ପାଦ ଘୋଷାରି ମନ୍ଦିର ଆଡ଼କୁ ଚାଲିଲି ।

ରାସ୍ତାରେ ଗାଡ଼ିମୋଟର, ଦୋକାନ ବଜାର, ଗହଳଚହଳ, ତଥାପି ମୁଁ ଏକୁଟିଆ ।

ଏ ଦୁନିଆ ଜୀବନଥିବା ଲୋକଙ୍କର । ଗୋଟେ ଭୂତ ହେବାକୁ ଯାଉଥିବା ଲୋକର ଏଠାରେ କି କାମ ?

ଛାତି ଭିତରେ କିଛି ଗୋଟେ ରୁଗ୍‌ରୁଗ୍ ହେଲା ।

ଏଇ କ'ଣ ମୃତ୍ୟୁର ଘଣ୍ଟି ? ଏବେ ବାଜିବାକୁ ଆରମ୍ଭ କରିଛି ।

ମନ୍ଦିର ଯେ ଆହୁରି ଦୂରରେ ।

ମୁଁ ହଠାତ୍ ତରତର ହୋଇପଡ଼ିଲି ଏବଂ ସେଇ ମୁହୂର୍ତ୍ତରେ ଯନ୍ତ୍ରଣାର ବିନ୍ଦୁଟି ଛାତିଭିତରେ ବିସ୍ଫୋରିତ ହେଲା ।

ଛାତିକୁ ଚାପି ଧରି ମୁଁ ତଳେ ପଡ଼ିଗଲି ।

ଚାରିପଟେ କୋଳାହଳମୟ ପୃଥିବୀ କ୍ରମଶଃ ନିସ୍ତବ୍ଧ ହୋଇ ଆସିଲା ।

ସେଇ ନିସ୍ତବ୍ଧତା ଭିତରେ ଦୂରରେ କେଉଁଠି ଘଣ୍ଟିଶବ୍ଦ ଶୁଭିଲା । ଆସୁଛନ୍ତି କି ଯମରାଜ ?

ତାଙ୍କ ମଇଁଷି ବେକରେ ବନ୍ଧା ଯାଇଥିବା ଘଣ୍ଟି ଝୁଲି ଝୁଲି ବାଜି ଉଠୁଛି ।

ବେଳକୁ ବେଳ ତାହା ତୀବ୍ର ହେଉଛି ଓ ସେଇ ଶବ୍ଦରେ ମୁଁ ଚେତା ପାଇ ଉଠି ପଡୁଛି । ଓଃ ମୋର ସ୍ୱେଦମୟ ଶରୀର ଭୟରେ କମ୍ପି ଉଠୁଛି ।

କେଉଁଠି ଅଛି ମୁଁ ? ଇହଲୋକରେ ନା ପରଲୋକରେ ?

ମଳିନ ଆଲୋକରେ ଦେଖୁଛି ମୁଁ ମୋ ବିଛଣାରେ ବସିଛି ।


ମୁଣ୍ଡପାଖରେ ଥିବା ଲେଣ୍ଡଫୋନ୍‌ଟି ରିଂ ହେଉଛି ।

ସେପଟରେ ମୋ ସ୍ତ୍ରୀ । କହୁଛନ୍ତି: "ବାପାଙ୍କ ଦେହ ଖରାପ । ଶୀଘ୍ର ଘରକୁ ଆସ ।"

କହିଲି- "କେମିତି ଯିବି ? ମୋର ଯେ ଏଠି ଅନେକ କାମ ବାକି ଅଛି । ତୁମେ ଗାଡ଼ିକରି ବାପା, ମା' ଦୁହିଁଙ୍କୁ ନେଇ ଆସ । ସେମାନେ ଏଇଠି ରହିବେ ।"

କିଛି ସମୟ ନିରବ ରହି ସେ ପଚାରିଲେ- "ତୁମ ଦେହ ଭଲ ଅଛି ତ ?"

ମୁଁ କହିଲି- "କେତେଦିନରୁ ଖରାପ ଥିଲା । କେବେ ପୁଣି ଭଲ ହେବ କେଜାଣି ?"


We save NATURE
we march ahead
emami
EMAMI PAPER MILLS LTD.
BALASORE, ODISHA



# ବୁଢ଼ାବଳଙ୍ଗର ଯାତ୍ରା

**ସଭ୍ୟତାର ଆରମ୍ଭରୁ ନଦୀ ରହିଆସିଛି ଜନଜୀବନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ । ମଣିଷର ଜୀବନଧାରା ସହିତ ଅଙ୍ଗାଙ୍ଗିଭାବେ ଜଡ଼ିତ ନଦନଦୀ ଓ ମହାନଦୀମାନଙ୍କ ପଛରେ ଥିବା କାହାଣୀକୁ ଆମେ ଖୋଜିଛୁ । ପ୍ରତିଥର ଗୋଟିଏ ନଦୀର ସତ କାହାଣୀ ପରଷିଦେବୁ । ଏଥର ପଢ଼ନ୍ତୁ ବୁଢ଼ାବଳଙ୍ଗ ନଦୀର କାହାଣୀ ।**

## ବୁଢ଼ାବଳଙ୍ଗର ମାଝୀ



ରଂଜନ ପ୍ରଧାନ

ଫଟୋ ସୌଜନ୍ୟ : ଲେଖକ

"ବଳଙ୍ଗକୁ ଖୋଜି ବୁଢ଼ା ଯାଇଛି ଯେ ଯାଇଛି, ଆଉ ଫେରିନି । ଆମେ ସବୁ ଚାହିଁ ବସିଛୁ ବୁଢ଼ାର ଫେରିବା ବାଟକୁ ।"

ବାଲେଶ୍ୱର ସହର ଓଲନ୍ଦାଜ୍‌ସାହିର ନିରଞ୍ଜନ ମାଝି କାହାଣୀଟି କହିବା ବେଳେ ମୋର ଉତ୍ସାହ ବଢ଼ି ବଢ଼ି ଯାଉଥାଏ । ପ୍ରକୃତରେ କିଏ ସେ ବୁଢ଼ା, ବଳଙ୍ଗ ନଈକୁ ଖୋଜି ଖୋଜି ଯାଇ ଆଉ ଫେରିନାହିଁ । ସେ ବୁଢ଼ା କ'ଣ ବଳରାମଗଡ଼ିରୁ ତାର ଯାତ୍ରା ଆରମ୍ଭ କରିଥିଲା ? ନା ଫରାସୀଡିଙ୍ଗାରୁ ନା ବାଲିଘାଟ ଓଲନ୍ଦାଜ୍‌ସାହିରୁ ? କେଉଁଠୁ ବୁଢ଼ା ତା' ଯାତ୍ରା ଆରମ୍ଭ କରିଥିଲା ? କୁହାଯାଏ, ବଳଙ୍ଗକୁ ଖୋଜି ଖୋଜି ବୁଢ଼ା ମୟୂରଭଞ୍ଜର ଶିମିଳିପାଳ ଜଙ୍ଗଲକୁ ଚାଲି ଯାଇଥିଲା । ଆଉ ଶିମିଳିପାଳରୁ ହିଁ ବୁଢ଼ା ଲାପତା ହୋଇ ଯାଇଥିଲା । ସେହି ବୁଢ଼ାକୁ ବାଲେଶ୍ୱର ସହରର ବୁଢ଼ାବଳଙ୍ଗ ନଦୀଘାଟମାନଙ୍କରେ ଏଯାଏଁ ବି ମାଝୀମାନେ ବୁଢ଼ାକୁ ଅନେଇ ବସିଛନ୍ତି । ସତରେ କ'ଣ ବୁଢ଼ା ଫେରିବ ?

ବଳଙ୍ଗ ନଈର ଉତ୍ସ କେଉଁଠି, ଏହା ଜାଣିବାକୁ ବୁଢ଼ା ସେଦିନ ମନକରି ନିଜର ନଉକା ବାହିଥିଲା ।  କିଏ ଜାଣିଥିଲା ବୁଢ଼ା ଆଉ ଫେରିବନି ବୋଲି ? କହିବାର ଅର୍ଥ ଏଯାଏଁ ବୁଢ଼ାବଳଙ୍ଗର ଉତ୍ସ ସମ୍ପର୍କରେ ନାନା ମୁନିଙ୍କର ନାନା ମତ ରହିଛି । କିଏ କହେ, ବୁଢ଼ାବଳଙ୍ଗ ନଦୀଟି ଶିମିଳିପାଳ ଜୈବ ମଣ୍ଡଳର ନଓ୍ୱାଣା ସାଉଥ୍ (ଧୁଡୁଚମ୍ପା) ରେଞ୍ଜ୍ ଅନ୍ତର୍ଗତ ଥିବା ବୁଢ଼ାବଳଙ୍ଗ ଗାଁର ଉପର ମୁଣ୍ଡରେ ଥିବା ବନ୍ଦରଗୋଡ଼ା ନାଳରୁ ଉତ୍ପତ୍ତି ଲାଭ କରିଛି ତ କିଏ କହେ ବରେହିପାଣିରୁ ବୁଢ଼ାବଳଙ୍ଗ ନଦୀ ବାହାରିଛି । ପୁଣି ବି ବୁଢ଼ାବଳଙ୍ଗ ବଦରଗୋଡ଼ାର ଆହୁରି ଉପରୁ ଉତ୍ପତ୍ତି ଲାଭ

କରିଛି ବୋଲି ବୁଢ଼ାବଳଙ୍ଗ ଗାଁ ଲୋକେ କୁହନ୍ତି । ବୁଢ଼ାବଳଙ୍ଗର ଧାର କୁହା ଯାଉଥିବା ଶିମିଳିପାଳର ପ୍ରସିଦ୍ଧ ବରେହିପାଣି ଜଳପ୍ରପାତ ସତରେ କେତେ ମନୋରମ! ଏହାପରେ ପୁଣି ବୁଢ଼ାବଳଙ୍ଗ 'ବଳଙ୍ଗା ହୁଡ଼ି' (ବାଙ୍ଗିରିପୋଷି ବ୍ଲକ୍)ରୁ ଭୂ-ପତିତ ହୋଇ ମୟୂରଭଞ୍ଜ ଜିଲ୍ଲାର ସମତଳ ଭୂମିକୁ ସ୍ପର୍ଶ କରିଛି ।

ବୁଢ଼ାବଳଙ୍ଗ ନଦୀକୁ ନେଇ ରାଶିରାଶି ସାହିତ୍ୟ ସୃଷ୍ଟି ହୋଇଛି । ରାଧାନାଥଙ୍କ ଠାରୁ ମାୟାଧର ମାନସିଂହ ପର୍ଯ୍ୟନ୍ତ ସମସ୍ତେ ତା' ପ୍ରେମରେ ପଡ଼ିଛନ୍ତି । ବୁଢ଼ାବଳଙ୍ଗକୁ କିଏ ପୁରୁଷ ନଦୀ ତ କିଏ ନାରୀ ଭାବେ ବର୍ଣ୍ଣନା କରିଛନ୍ତି । ସମଗ୍ର ବିଶ୍ୱରେ ବ୍ରହ୍ମପୁତ୍ର ହେଉଛି ଏକମାତ୍ର ନଦୀ ଯାହା ପୁରୁଷ ନଦୀ ଭାବେ ପରିଚିତ । ଭାରତୀୟ ପୁରାଣ ମତରେ 'ବ୍ରହ୍ମପୁତ୍ର'ର ଅର୍ଥ ହେଉଛି ଭଗବାନ ବ୍ରହ୍ମାଙ୍କର ପୁତ୍ର ଅର୍ଥାତ୍ 'Son of Brahma' । ତେବେ ବୁଢ଼ାବଳଙ୍ଗକୁ କିଛି ପଣ୍ଡିତ ପୁରୁଷ ନଦୀ ଭାବେ ଦାବି କରନ୍ତି । ବୈତରଣୀ ନଦୀ ଗଙ୍ଗା ନଦୀ ଠାରୁ ବୟସରେ ବଡ଼ ଏବଂ ଏହାର ପ୍ରାଚୀନତା କାରଣରୁ ଏହି ନଦୀକୁ 'ବୁଢ଼ା ବୈତରଣୀ' ବୋଲି କୁହାଯାଏ । ସେହିଭଳି ମୟୂରଭଞ୍ଜ ଜିଲ୍ଲାରେ ପ୍ରବାହିତ ବଳଙ୍ଗ ନଦୀକୁ 'ବୁଢ଼ା ବଳଙ୍ଗ' ବୋଲି କୁହା ଯାଇଥାଏ । ହୁଏତ ବଳଙ୍ଗ ନଦୀର ପ୍ରାଚୀନତା କାରଣରୁ ଏଭଳି ନାମକରଣ ହୋଇଥାଇପାରେ । ମାତ୍ର ଜଣେ ବୁଢ଼ା ବଳଙ୍ଗ ନଦୀକୁ ଖୋଜି ଖୋଜି ଶେଷରେ ଶିମିଳିପାଳର ବୁଢାବଳଙ୍ଗ ଗାଁରେ ନିଖୋଜ୍ ହୋଇ ଯାଇଥିଲେ କିମ୍ବା ତାଙ୍କର ମୃତ୍ୟୁ ହୋଇ ଯାଇଥିଲା; ଏଭଳି ଏକ କିମ୍ବଦନ୍ତୀ ରହିଛି । ବୁଢ଼ାଟି ବଳଙ୍ଗ ନଦୀର ଅନ୍ୱେଷଣରେ ବାହାରି ମୃତ୍ୟୁବରଣ କରିଥିବାରୁ ହୁଏତ ଏହାର ନାମ ବୁଢ଼ାବଳଙ୍ଗ ହୋଇଛି ବୋଲି ପଣ୍ଡିତମାନେ ମତ ଦିଅନ୍ତି ।

ବୁଢ଼ାବଳଙ୍ଗ ନଦୀକୁ ନେଇ ଓଡ଼ିଆ ଭାଷାରେ ଅନେକ ସାହିତ୍ୟ ରଚନା ସମ୍ଭବ ହୋଇଛି । କବିବର ରାଧାନାଥ ରାୟଙ୍କ ପ୍ରସିଦ୍ଧ କାବ୍ୟ 'ଉଷା'ରେ ବୁଢ଼ାବଳଙ୍ଗ ନଦୀକୁ ନେଇ ବ୍ୟାପକ ବର୍ଣ୍ଣନା ରହିଛି ।


କବିବର ରାଧାନାଥ ରାୟ ତାଙ୍କର 'ଉଷା' କାବ୍ୟରେ ବୁଢ଼ାବଳଙ୍ଗ ନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ରୂପ ଅତି ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି । ବୁଢ଼ାବଳଙ୍ଗ 'ଶାଲ୍ମଳୀଶଇଳ' (ଶିମିଳିପାଳ)ରୁ ନିର୍ଗତ ହୋଇଛି ବୋଲି କବି କହିଛନ୍ତି । 'ଶାଲ୍ମଳୀଶଇଳ' ସ୍ଥାନୀୟ ଲୋକମୁଖରେ 'ଶିମୁଳିପାଳ' ଅଥବା 'ଶିମୁଳିପାହାଡ଼' ନାମରେ ପରିଚିତ ବୋଲି ରାଧାନାଥ 'ଉଷା' କାବ୍ୟରେ ଉଲ୍ଲେଖ କରିଛନ୍ତି । ରାଧାନାଥ ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ (ଣ) ନଦୀର ମିଳନସ୍ଥଳକୁ 'ତେମୁହାଣୀ' ଭାବେ ବର୍ଣ୍ଣନା କରିଛନ୍ତି । 'ଉଷା' କାବ୍ୟରେ ବର୍ଣ୍ଣିତ ଏହି 'ତେମୁହାଣୀ' ହିଁ ପ୍ରକୃତରେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକର ନହରପାଟଣା, କାଠସିଙ୍ଗଡ଼ା ଏବଂ ମିର୍ଜାପୁର-ମରେଇଗାଁର କେନ୍ଦ୍ରସ୍ଥଳରେ ଏହି ତିନୋଟି ନଦୀର ସଙ୍ଗମର ସ୍ଥଳ 'ତ୍ରିବେଣୀ ସଙ୍ଗମ' । ସେହିଭଳି ବାଲେଶ୍ୱର ସହରର ଅଂଶବିଶେଷ 'ନୁରୁପୁର'କୁ କବି ଏହି କାବ୍ୟରେ 'ନୁରୁ' ଭାବେ ବର୍ଣ୍ଣନା କରିଛନ୍ତି । 'ଉଷା' କାବ୍ୟରେ ବର୍ଣ୍ଣିତ ଶ୍ୟାମା ହିଁ ବାଲେଶ୍ୱର ସହରର ବୁଢ଼ାବଳଙ୍ଗ ନଦୀ କୂଳରେ ଦିନାମାରଡ଼ିଙ୍ଗା ନିକଟସ୍ଥ ମାଣିଖମ୍ବ ନିକଟସ୍ଥ ଶ୍ୟାମାକାଳୀ ।

ବୁଢ଼ାବଳଙ୍ଗ ନଦୀକୁ ମୟୂରଭଞ୍ଜ ଜିଲ୍ଲାର 'ଲାଇଫ୍ ଲାଇନ୍' କୁହା ଯାଇଥାଏ । ଏହି ନଦୀ ମେଘାସନ ପାହାଡ଼ରୁ ଉତ୍ପତ୍ତି ଲାଭ କରିଛି । ପଳପଳା, କାତ୍ରା, ମାଙ୍କଡ଼କେନ୍ଦା, ବେଣାଯୋଡ଼ି, ବେତନା, ଜରାଳି-ସରାଳି, ମାଧବୀ, ଗଙ୍ଗାହାର, କୁଣ୍ଡି, ସୋନ (ସୁନେଇ), ପୁରୁଣାପାଣି, ଯୋଡ଼ାବଣି, ଅରିକୁଳ, ନାଲୁଆ, ସଞ୍ଜ, ଦିଅଁ (ଦେଓ), କାଳ, କୁଶଭଦ୍ରା, ଠକ୍‌ଠକି ପନାସିଆ(ଯୋରନ୍ଦା ଜଳପ୍ରପାତ), କଣ୍ଡାଳ, ଶଙ୍କରେଇ, ଶଙ୍କରମରା, ହଣ୍ଟୁରେଇ, କଇଲା, ସାପରେଇ, ଘୁଣ୍ଟୁରୁଖାଳ ଆଦି ଅନେକ ଛୋଟବଡ଼ ଉପନଦୀ ଶିମିଳିପାଳ ଜଙ୍ଗଲରୁ ବାହାରି ମୟୂରଭଞ୍ଜ ଜିଲ୍ଲା ଦେଇ ପ୍ରବାହିତ ହେବା ପରେ ବୁଢ଼ାବଳଙ୍ଗରେ ମିଶିଛନ୍ତି ।

ବୁଢ଼ାବଳଙ୍ଗ ନଦୀଟି ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାର୍ବତ୍ୟାଞ୍ଚଳରୁ ଉତ୍ପତ୍ତି ଲାଭ କରି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ଦେଇ ମୋଟ ୧୯୯ କିଲୋମିଟର ପଥ ପ୍ରବାହିତ ହେବା ପରେ ବାଲେଶ୍ୱର ଜିଲ୍ଲା ବଳରାମଗଡ଼ି ମୁହାଁଣରେ ବଙ୍ଗୋପସାଗରରେ ମିଳିତ ହୋଇଛି । ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି, କୁଳିଅଣା, ବାରିପଦା, ଶ୍ୟାମାଖୁଣ୍ଟା, ବଡ଼ସାହି, ବେତନଟୀ ଆଦି ବ୍ଲକ ଦେଇ ପ୍ରବାହିତ ହେବା ପରେ ବାଲେଶ୍ୱର ଜିଲ୍ଲାକୁ ପ୍ରବେଶ କରିଛି । ଏହା ବାଲେଶ୍ୱର ଜିଲ୍ଲାର ରେମୁଣା, ବାଲେଶ୍ୱର ସଦର ବ୍ଲକ ଦେଇ ଅତିକ୍ରମ କରିବା ପରେ ଶେଷରେ ବାଲେଶ୍ୱର ଜିଲ୍ଲାର ବଳରାମଗଡ଼ି ମୁହାଁଣ ନିକଟରେ ବଙ୍ଗୋପସାରରେ ମିଶିଛି ।

ବୁଢ଼ାବଳଙ୍ଗ ନଦୀଟି ଶିମିଳିପାଳ ଜୈବମଣ୍ଡଳର ନଓ୍ୱାଣା ସାଉଥ୍ (ଧୁଡୁଚମ୍ପା) ରେଞ୍ଜ୍ ଅନ୍ତର୍ଗତ ଥିବା ବୁଢ଼ାବଳଙ୍ଗ ଗାଁର ଉପରମୁଣ୍ଡରେ ଥିବା ବନ୍ଦରଗୋଡ଼ା ନାଳରୁ ଉତ୍ପତ୍ତି ଲାଭ କରିଛି । ବୁଢ଼ାବଳଙ୍ଗ ନଦୀ ମେଘାସନ ପାହାଡ଼ରୁ ଭୂପତିତ ହୋଇ ଶିମିଳିପାଳର ପ୍ରସିଦ୍ଧ ବରେହିପାଣି ଜଳପ୍ରପାତ ସୃଷ୍ଟି କରିଛି । ଏହାପରେ ପୁଣି 'ବଳଙ୍ଗ ହୁଡ଼ି' (ବାଙ୍ଗିରିପୋଷି ବ୍ଲକ୍)ରୁ ଭୂ-ପତିତ ହୋଇ ମୟୂରଭଞ୍ଜ ଜିଲ୍ଲାର ସମତଳ ଭୂମିକୁ ସ୍ପର୍ଶ କରିଛି ।

ବୁଢ଼ାବଳଙ୍ଗ ନଦୀଟି ମୟୂରଭଞ୍ଜ ବାସୀଙ୍କ ମୁହଁରେ 'ବଳଙ୍ଗ' ନାମରେ ପରିଚିତ । କବିବର ରାଧାନାଥ ରାୟ ଏହି ନଦୀକୁ ତାଙ୍କ କାବ୍ୟ ମାଧ୍ୟମରେ 'ବଳାଙ୍ଗୀ' ବୋଲି ସମ୍ବୋଧନ କରିଛନ୍ତି । ନଦୀଟି ଶିମିଳିପାଳରୁ ବାହାରି ବାଙ୍ଗିରିପୋଷି ଦେଇ ଉତ୍ତର-ପୂର୍ବ ଦିଗକୁ ଗତି କରିଛି । ପରେ ଦକ୍ଷିଣ ଦିଗକୁ କିଛି ବାଟ ଗତିକରି ଝଙ୍କାପାହାଡ଼ିକୁ ଅତିକ୍ରମ କରିଛି । ଶିମିଳିପାରୁ ବାହାରିଥିବା ବୁଢ଼ାବଳଙ୍ଗର ଅନ୍ୟ ଦୁଇଟି ଉପନଦୀ



ପଳପଳା ଓ ଚିପଟ୍ ବାରିପଦା ସହର ନିକଟରେ ମିଶିଛନ୍ତି । ସେହିଭଳି ବାରିପଦା ସହର ମଧ୍ୟ ଦେଇ ପ୍ରବାହିତ ଅନ୍ୟ ଦୁଇଟି କ୍ଷୁଦ୍ର ନଦୀ ଜରାଳି ଓ ସରାଳି ମଧ୍ୟ ବାରିପଦା ସହର ଉପକଣ୍ଠରେ ବୁଢ଼ାବଳଙ୍ଗ ସହ ମିଶିଛନ୍ତି । ମୟୂରଭଞ୍ଜର ପୂର୍ବତନ ରାଜଧାନୀ ହରିପୁର ଗଡ଼ ମଧ୍ୟ ବୁଢ଼ାବଳଙ୍ଗ ନଦୀ କୂଳରେ ଅବସ୍ଥିତ ।

## ବୁଢ଼ାବଳଙ୍ଗର ପ୍ରମୁଖ ଉପନଦୀ

ଚିପଟ୍: ଚିପଟ୍ ନଦୀଟି ବୁଢ଼ାବଳଙ୍ଗର ଅନ୍ୟତମ ପ୍ରମୁଖ ଉପନଦୀ । ଚିପଟ୍ ନଦୀ ବାରିପଦା ସହର ଉପକଣ୍ଠସ୍ଥ ବୁଢ଼ାରାଉଳ ମଠ ନିକଟରେ ବୁଢ଼ାବଳଙ୍ଗ ସହ ମିଳିତ ହୋଇଛି । ଏଠାରେ ବୁଢ଼ାବଳଙ୍ଗ ସହ ଚିପଟ୍ ଓ ଇଟାଯୋଡ଼ି ନଦୀ ମିଳିତ ହୋଇ ଏକ ତ୍ରିବେଣୀ ସଙ୍ଗମ ସୃଷ୍ଟି କରିଛନ୍ତି । ବାରିପଦା ସହରର ଅଳ୍ପ କିଛି ଦୂରରେ ଅବସ୍ଥିତ ମୁନ୍‌ସିବନ୍ଧରୁ ବାହାରିଥିବା ଆଉ ଏକ ଛୋଟ ନଈ ବେଣାଯୋଡ଼ି ଏବଂ କୁଳିଅଣା ବ୍ଲକର ବେତନା ପାଟରୁ ବାହାରିଥିବା ବେତନା ନଈ ବାରିପଦା ସହର ଉପକଣ୍ଠସ୍ଥ ଦାମୋଦରପୁରର ଟିକେ ଆଗକୁ ଚିପଟ୍ ନଦୀ ସହ ମିଳିତ ହୋଇଛନ୍ତି । ଚିପଟ୍ ଏହି ଦୁଇ ନଦୀକୁ ସାଥୀରେ ଧରି ବୁଢ଼ାରାଉଳ ମଠ ନିକଟରେ ବୁଢ଼ାବଳଙ୍ଗ ସହ ମିଶିଛି ।

**ମାଙ୍କଡ଼କେନ୍ଦା:** ମାଙ୍କଡ଼କେନ୍ଦା ମଧ୍ୟ ଚିପଟ୍‌ର ଅନ୍ୟ ଏକ ଉପନଦୀ । ଇଟାଯୋଡ଼ି ଶ୍ୟାମାଖୁଣ୍ଟା ବ୍ଲକ ସଦର ମହକୁମା ଶ୍ୟାମାଖୁଣ୍ଟା ଗ୍ରାମର ଭୂୟାଁସାହି ନିକଟ ପାଟ ଜମିରୁ ନଦୀ ବାହାରି ବୁଢ଼ାରାଉଳ ମଠ ନିକଟରେ ବୁଢ଼ାବଳଙ୍ଗ ନଦୀରେ ମିଶିଛି । କାଞ୍ଚିଖାଳ ଭୋଳଗଡ଼ିଆ ନିକଟରୁ ବାହାରି ବାହାଦୂରପୁର ନିକଟରେ ବୁଢ଼ାବଳଙ୍ଗ ନଦୀରେ ମିଶିଛି । କାଳିଆଖାଳ ପାଲବଣି-ମଞ୍ଜବନ୍ଧା ନିକଟରୁ ବାହାରି ଶ୍ୟାମାଖୁଣ୍ଟା ବ୍ଲକ ଇଟାମୁଣ୍ଡିଆ ଗ୍ରାମ ନିକଟରେ  ବୁଢ଼ାବଳଙ୍ଗରେ ମିଶିଛି ।

**ଗଙ୍ଗାହାର** : ଗଙ୍ଗାହାର ନଦୀଟି ବୁଢ଼ାବଳଙ୍ଗର ଏକ ପ୍ରମୁଖ ଉପନଦୀ । ଏହା ଶିମିଳିପାଳର ମେଘାସନ ପର୍ବତରୁ ନିର୍ଗତ ହୋଇ ଦକ୍ଷିଣ-ପୂର୍ବ ଦିଗକୁ ଗତି କରି ଶେଷରେ ବୁଢ଼ାବଳଙ୍ଗରେ ମିଶିଛି । ଗଙ୍ଗାହାରର ଉପନଦୀ ନାଲୁଆ ମଧ୍ୟ ଶିମିଳିପାଳରୁ ବାହାରି କପ୍ତିପଦା ଉପଖଣ୍ଡର ମାଣିତ୍ରୀ ନିକଟରେ ଗଙ୍ଗାହାର ସହ ମିଶିଛି । ଗଙ୍ଗାହାର ନଦୀଟି ବାରିପଦା ଓ କପ୍ତିପଦା ଉପଖଣ୍ଡ ଅଞ୍ଚଳରେ ପ୍ରବାହିତ ହୋଇ ବାଲେଶ୍ୱର



▲ଜଗନ୍ନାଥ ସଡ଼କର ଫୁଲାଡ଼ି ଛକଠାରେ ବୁଢ଼ାବଳଙ୍ଗ ନଦୀ



▲ବୁଢ଼ାବଳଙ୍ଗ ନଦୀ ସମୁଦ୍ରଠାରେ ମିଶିଥିବାର ସ୍ଥାନ : ବଳରାମଗଡ଼ି ମୁହାଣର ଦୃଶ୍ୟ



▲ବଳରାମଗଡ଼ି ଠାରେ ନଦୀଘାଟର ଦୃଶ୍ୟ



ଜିଲ୍ଲାର ରେମୁଣା ନିକଟବର୍ତ୍ତୀ ଫୁଲାରି (ଫୁଲାଡ଼ି) ଘାଟ ଠାରେ ବୁଢ଼ାବଳଙ୍ଗ ସହ ମିଶିଛି । ଏହିଠାରେ ବୁଢ଼ାବଳଙ୍ଗ, ଗଙ୍ଗାହାର ଏବଂ ସୋନ ନଦୀ ମିଳିତ ହୋଇ ଏକ ତ୍ରିବେଣୀ ସଙ୍ଗମ ସୃଷ୍ଟି କରିଛନ୍ତି । ସେହିଭଳି କୁଣ୍ଡି ନଦୀଟି ଗଙ୍ଗାହାରର ଅନ୍ୟତମ ପ୍ରମୁଖ ଉପନଦୀ ।

**ସୋନ(ସୋଣ)**: ସୋନ (ସୋଣ) ନଦୀ ବୁଢ଼ାବଳଙ୍ଗର ଏକ ପ୍ରମୁଖ ଉପନଦୀ । ଏହି ନଦୀ ଶିମିଳିପାଳରୁ ବାହାରି କପ୍ତିପଦା ଉପଖଣ୍ଡର ଶରତ ଦେଇ ପ୍ରବାହିତ ହୋଇ ବାଲେଶ୍ୱର ପୂର୍ବରୁ ରେମୁଣା ବ୍ଲକର ଫୁଲାରି (ଫୁଲାଡ଼ି) ଘାଟରେ ବୁଢ଼ାବଳଙ୍ଗ ସହ ମିଶିଛି । ଅନ୍ୟ ଏକ ଉପନଦୀ କାଳ ଶିମିଳିପାଳ ଜଙ୍ଗଲରୁ ବାହାରି ପେଡ଼ାଗଡ଼ି ଠାରେ ସୋନ ନଦୀ ସହ ମିଳିତ ହୋଇଛି । ଏହା ପୂର୍ବରୁ ଠକ୍‌ଠକି ଓ କୁଶଭଦ୍ରା ନଦୀ ଦୁହେଁ ଶିମିଳିପାଳରୁ ବାହାରି ପୂର୍ବ ଦିଗକୁ ପ୍ରବାହିତ ହେବା ପରେ କପ୍ତିପଦାର ଶମୀବୃକ୍ଷ ନିକଟରେ କାଳନଦୀ ସହ ମିଶିଛନ୍ତି । କଣ୍ଠାଳ ନଦୀଟି ଶିମିଳିପାଳରୁ ବାହାରି କପ୍ତିପଦାର ଜାରଡ଼ା ଠାରେ ସୋନ ସହ ମିଳିତ ହୋଇଛି । କପ୍ତିପଦା ବ୍ଲକର ଜାରଡ଼ା ଗାଁଟିକୁ କାଳ, କଣ୍ଠାଳ ଓ ସୋନ ନଦୀ ଘେରି ରହିଛନ୍ତି । ଏହିଠାରେ ହିଁ କାଳ ଓ କଣ୍ଠାଳ ନଦୀର ମିଶ୍ରଣ ଘଟି ଉଭୟ ଟିକେ ଆଗକୁ ସୋନ ନଦୀରେ ପଡ଼ିଛନ୍ତି ।

ପ୍ରତିବର୍ଷ ବର୍ଷା ଋତୁରେ ଏହି ତିନି ନଦୀରେ ପାଣିରେ ଉବୁଟୁବୁ ହୋଇଉଠେ ଜାରଡ଼ା ଗାଁ । ଏଣୁ ସ୍ଥାନୀୟ ଅଞ୍ଚଳରେ ଏକ ପ୍ରବାଦ ରହିଛି : "କାଳ କଣ୍ଠାଳ ସୋନ ମିତ / ବାଣ୍ଟି ଖାଆନ୍ତି ଜାରଡ଼ା ଚିଡ଼ ।"

ସୋନନଦୀର ଅନ୍ୟ ଦୁଇଟି ଉପନଦୀ ଦେଓ ଏବଂ ସଞ୍ଜ ନଦୀ ଶିମିଳିପାଳରୁ ବାହାରି କପ୍ତିପଦା ଉପଖଣ୍ଡର ହାତୀସାହି ଠାରେ ଉଭୟ ମିଳିତ ହୋଇ ଶେଷରେ କଇଁସାରୀ ନିକଟରେ ସୋନ ନଦୀରେ ପତିତ ହୋଇଛନ୍ତି । ଦେଓ ଶିମିଳିପାଳ ଜଙ୍ଗଲରୁ ଉତ୍ପତ୍ତି ଲାଭ କରି ଦେବକୁଣ୍ଡ ନିକଟରେ ନିମ୍ନଗାମୀ ହୋଇ ଏକ ମନୋରମ ଜଳପ୍ରପାତ ସୃଷ୍ଟି କରିଛି । ଏହାକୁ ଦେବକୁଣ୍ଡ ଜଳପ୍ରପାତ କୁହାଯାଇଥାଏ । କଇଁସାରୀ ନିକଟରେ ସୋନ ସହିତ ଦେଓ ଓ ସଂଜ ନଦୀର ଏକ ତ୍ରିବେଣୀ ସଂଗମ ସୃଷ୍ଟି ହୋଇଛି । ସଂଜ ନଦୀ ଶିମିଳିପାଳ ଜଙ୍ଗଲରୁ ବାହାରି ବଣିଆବସା, ଘୋଷପାଳ, ନିଝାରିବଡ଼ାମ ମନ୍ଦିର ଦେଇ କିଛିବାଟ ପ୍ରବାହିତ ହେଲା ପରେ ହାତୀସାହି ଠାରେ ଦେଓ ନଦୀ ସହିତ ମିଳିତ ହୋଇଛି ।

**କାତ୍ରା (କତରା)**: ବିଜାତଳା ବ୍ଲକରେ ଅବସ୍ଥିତ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ବିନ୍ଦର୍ହର ଉପରମୁଣ୍ଡରେ ରାଇରଙ୍ଗପୁର ବ୍ଲକର ଛତ୍ରମଣ୍ଡଳ ହୁଡ଼ି ଏବଂ କଲ୍‌ସୀଭଙ୍ଗା ପାହାଡ଼ରୁ କାତ୍ରା ନଦୀ ଉତ୍ପତ୍ତି ଲାଭ କରିଛି । କାତ୍ରା ନଦୀଟି ଏଠାରୁ ଉତ୍ପତ୍ତି ଲାଭ କରିବା ପରେ ବିନ୍ଦର୍ହରୁ କିଛି ପଥ ଅତିକ୍ରମ କରି ସାରସକଣା ବ୍ଲକର କାଣ୍ଡିଆ ପାହାଡ଼ର ଉପରମୁଣ୍ଡରୁ ତଳକୁ ଖସି ଏକ ଆକର୍ଷଣୀୟ ଜଳପ୍ରପାତ ସୃଷ୍ଟି କରିଛି । ଏହି ଜଳପ୍ରପାତର ନାଁ କାଣ୍ଡିଆଲୁକା । କାତ୍ରା ନଦୀଟି ରାଇରଙ୍ଗପୁର, ବିଜାତଳା, ସାରସକଣା, ବାଙ୍ଗିରିପୋଷି ବ୍ଲକ ଦେଇ ପ୍ରବାହିତ ହେବା ପରେ ବାଙ୍ଗିରିପୋଷି ବ୍ଲକ କଳାବାଡ଼ିଆ ପଞ୍ଚାୟତର ବ୍ରାହ୍ମଣଗାଁ ନିକଟ (କୁଳିଅଣା ବ୍ଲକର ଡେରାର ଉପରମୁଣ୍ଡ)ରେ ବୁଢ଼ାବଳଙ୍ଗ ନଦୀ ସହ ମିଳିତ ହୋଇଛି । ପଥୁରିଆ ଶଯ୍ୟା ଉପରେ ବୁଢ଼ାବଳଙ୍ଗ ଓ ଉପନଦୀ କାତ୍ରାର ମିଳନ ଫଳରେ ଏଠାରେ ଏକ ମୁହାଁଣ ସୃଷ୍ଟି ହୋଇଛି ଯାହାକୁ ସ୍ଥାନୀୟ ଅଞ୍ଚଳରେ ଦୋମୁହାଁଣୀ କହନ୍ତି ।


**ଶଙ୍କରେଇ (ଶଂକ୍ରାଇ)** : ଶଙ୍କରେଇ ନଦୀଟି ଶିମିଳିପାଳରୁ ଉତ୍ପତ୍ତି ଲାଭ କରି ବାଙ୍ଗିରିପୋଷି, କୁଳିଅଣା ବ୍ଲକର ଆଂଶିକ ଅଞ୍ଚଳ ଦେଇ ପ୍ରବାହିତ ହେବା ପରେ ବାଙ୍ଗିରିପୋଷି ବ୍ଲକ ବଣକାଟି ପଞ୍ଚାୟତର କାଳିଆମି-ଡାହିସାହି (ସୁନାମୁହିଁ ଘାଟ) ନିକଟରେ ବୁଢ଼ାବଳଙ୍ଗରେ ମିଶିଛି । ସୁନାମୁହିଁ ଘାଟରେ ପ୍ରତିବର୍ଷ ଶୀତ ଋତୁରେ ସ୍ଥାନୀୟ ପର୍ଯ୍ୟଟକଙ୍କ ଗହଳି ଲାଗିଥାଏ । ସେହିଭଳି ଶଙ୍କରେଇ ନଦୀ ସହିତ ବାଙ୍ଗିରିପୋଷି ଓ ବିଶୋଇର ଉପରମୁଣ୍ଡରେ ହଣ୍ଟୁରେଇ, କଇଲା, ସାପରେଇ ଆଦି ନଦୀ ମିଳିତ ହୋଇଛନ୍ତି । ସେହିଭଳି ବାଙ୍ଗିରିପୋଷି ବ୍ଲକର କେନ୍ଦୁଡିହା ପାଟବିଲରୁ ଘୁଣ୍ଟୁରୁ ଖାଲ ନାମରେ ଏକ ଛୋଟ ନାଳ ଉତ୍ପତ୍ତି ଲାଭ କରି କଳାବାଡ଼ିଆରେ କୋଷେ ଦୂରରେ ବୁଢ଼ାବଳଙ୍ଗ ସହିତ ମିଶିଛି ।

ବୁଢ଼ାବଳଙ୍ଗ ନଦୀ ପ୍ରତି ଏବେ ବିଭିନ୍ନ ଦିଗରୁ ବିପଦ ଘନେଇବାରେ ଲାଗିଛି । ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ ଶିଳ୍ପାୟନ ଓ ନଦୀ ଅବବାହିକାରୁ ଜଙ୍ଗଲ ସମ୍ପଦ ହ୍ରାସ ପାଇବା ବୁଢ଼ାବଳଙ୍ଗ ପାଇଁ ଆହ୍ୱାନ ପାଲଟିଛି । ଫକୀରମୋହନ ସେନାପତିଙ୍କ ସ୍ୱପ୍ନର ଓଲନ୍ଦା ନଳା ବୁଢ଼ାବଳଙ୍ଗର ଏକ ଉପନଦୀ । ଏହା ଏବେ ବାଲେଶ୍ୱର ସହରର ଏକ ପ୍ରମୁଖ ଡ୍ରେନ୍ ପାଲଟିଛି । ଦିନେ ଓଲନ୍ଦା ନଳାର ମାଛ ସମଗ୍ର ବାଲେଶ୍ୱର ବଜାରରେ ନିଜର ଆଧିପତ୍ୟ ଜାହିର କରିଥିଲା । ଆଜି ଏହି ଓଲନ୍ଦା ନଳାର ବିଷାକ୍ତ କଳାରଙ୍ଗର ପାଣିରେ ମାଛ ତ ଦୂରର କଥା ସାପ କି ବେଙ୍ଗ ମଧ୍ୟ ବଞ୍ଚିବା ମୁସ୍କିଲ୍ ହୋଇପଡ଼ିଛି । ଶିଳ୍ପ ପ୍ରଦୂଷଣ ଏବେ ବୁଢ଼ାବଳଙ୍ଗ ପ୍ରତି ଆହ୍ୱାନ ପାଲଟିଛି ।

**ବରିଷ୍ଠ ସାମ୍ବାଦିକ, ସମ୍ବାଦ, ମୟୂରଭଂଜ,**
**ଫୋନ:୯୪୩୭୨୧୩୮୫୪**


## ବହି-ବିଚାର

- ପୁସ୍ତକର ନାମ: **Burning Mountains**
- ସ୍ରଷ୍ଟାଙ୍କ ନାମ : **ଗାୟତ୍ରୀ ସରାଫ୍**
- ସମ୍ପାଦନା : **ସୁପ୍ରିୟା କର**
- ପ୍ରକାଶକଙ୍କ ନାମ : **ଧଉଳି ବୁକ୍ସ, ୮୧୮/୨୫୦୨, ଓଲ୍ଡ୍ ଟାଉନ, ଭୁବନେଶ୍ୱର**
- ମୂଲ୍ୟ : **୩୫୦/-**




ଯନ୍ତ୍ରଣାମାନେ ଜଳି ଯାଉଥିବାର ବ୍ୟଥାକୁ ଗାଳ୍ପିକା ଗାୟତ୍ରୀ ସରାଫ୍ ନିଜେ ଆତ୍ମାର କ୍ଷତ ପରି ଖୋଦେଇ କରିନଥିଲେ ହୁଏତ ପର୍ବତମାଳାରେ ଲାଗନ୍ତା ନାହିଁ ବହ୍ନିର ବିଭୀଷିକା । ପୋଡ଼ି ଯାଆନ୍ତେ ନାହିଁ ପୀଡ଼ାମାନେ, ଏତେ ସଅଳ । ନିଆଁର ନଈପଠାରେ ନିଇତି ଘଷନ୍ତେ ନାହିଁ ଘାସମାନେ ତାଙ୍କ କୋମଳ ଦେହ । ଗରିବୀରେ ଗେରୁଆ ଦିଶନ୍ତା ନାହିଁ ଦିଗ୍‌ବଳୟର ମୁହଁ । ସବୁପରେ ତିଆରି ହୁଅନ୍ତା କି **'Burning Mountains'** ! ଗାୟତ୍ରୀ ସରାଫ୍‌ଙ୍କ ଗଳ୍ପମାନଙ୍କର ଏ ଇଂରାଜି ସଂକଳନ ! ନା, ହୁଏତ ହୁଅନ୍ତା ନାହିଁ । ସୁତରାଂ ନିଜ ଗଳ୍ପର ଚରିତ୍ରମାନଙ୍କ ବ୍ୟଥା ଓ ବେଦନାକୁ ଗାୟତ୍ରୀ ତାଙ୍କ ଶିରାପ୍ରଶିରାରେ ପ୍ରବାହିତ ରକ୍ତ ସହ ମିଶେଇ ଏକ ଲାଲ୍ ରଙ୍ଗ ତିଆରି କରିଛନ୍ତି । ଆପଣ 'ବର୍ନିଂ ମାଉଣ୍ଟେନ' ବହିରେ ଥିବା ୧୪ଟି ଗଳ୍ପ ଓଡ଼ିଆରେ ପଢ଼ିଥିବେ ଓ ଗଳ୍ପର କାହାଣୀରେ ଥିବା ବାସ୍ତବତା ସହ ପରଖିଥିବେ । ବିଗତ ଦୁଇ ଦଶନ୍ଧି ଧରି ଲେଖିଥିବା ବଛା ବାଛ କିଛି ଗଳ୍ପର ଇଂରାଜୀ ଅନୁବାଦ କରିଛନ୍ତି ଅନୀଲ କୁମାର ଦାସ, ଚିତ୍ତରଂଜନ ମିଶ୍ର, ଜ୍ୟୋତ୍ସ୍ନା ମହାପାତ୍ର, ଖୁସି ପଟ୍ଟନାୟକ, ମଧୁମିତା ଚାନ୍ଦ, ମନୋଜ କୁମାର ପଣ୍ଡା, ସୌମିତା ମହାନ୍ତି, ସ୍ନେହପ୍ରଭା ଦାସ ଏବଂ ସୁପ୍ରିୟା କର । ଭିନ୍ନ ଭିନ୍ନ ଅନୁବାଦକ ଗଳ୍ପଗୁଡ଼ିକୁ ଭାଷାନ୍ତରିତ କରିଥିବା କାରଣରୁ ଅଣ-ଓଡ଼ିଆ ପାଠକମାନେ ଅନୁବାଦର ଭିନ୍ନ ଭିନ୍ନ ସ୍ୱାଦ ପାଇ ପାରିବେ ଏହି ବହିଟି ପଢ଼ିବା ବେଳେ ।

ଦାରିଦ୍ର୍ୟ ଭିତରେ ସଢ଼ୁଥିବା କିଛି ମଣିଷଙ୍କ ଦୁଃଖ ଓ ଦୁର୍ଦ୍ଦଶା, ଦାଦନର ଦୟନୀୟତାରେ ଭାଙ୍ଗି ପଡ଼ୁଥିବା ଜୀବନ-ସଂଗ୍ରାମରେ ଲୀନ କିଛି ମଣିଷ- ଗାୟତ୍ରୀଙ୍କ ଗଳ୍ପରେ ତିଆରି କରିଛନ୍ତି କାରୁଣ୍ୟର କଟାକ୍ଷ । ସେ ଇଟାଭାଟିର ଶ୍ରମିକଟେ ହେଇପାରେ କି ପଶ୍ଚିମ ଓଡ଼ିଶାର କେହିବି ଦାଦନ-ଯୋଗ୍ୟ ଅଭାବୀ ମଣିଷ, ସଭିଏଁ କିନ୍ତୁ ଗାୟତ୍ରୀ ସରାଫ୍‌ଙ୍କ ଗଳ୍ପ କୁଟୀରରେ ଜଳି ଯାଇନାହାନ୍ତି, ନ୍ୟାୟ ପାଇଛନ୍ତି, ନ୍ୟାୟ । ଗପର କାହାଣୀରେ ଜୀବନ ଭରି ଦେଉଥିବା ଏ ଗାଳ୍ପିକାଙ୍କ ଗପସବୁ ବିଶ୍ୱ ଦରବାରରେ ଚରିଯାଉ ।



# ମନୋଜୀୟ କଥା-କୁହୁକ

ବିଖ୍ୟାତ ବାଗ୍ମୀ, କଥାପୁରୁଷ ମନୋଜ ଦାସଙ୍କ ଗଳ୍ପସମୂହରେ ଥିବା କୁହୁକ-ବାସ୍ତବତାକୁ ନେଇ ଏକ ସୁଗମ ଆଲୋଚନା ବାଢ଼ନ୍ତି ଡ. ହରିଶ୍ଚନ୍ଦ୍ର ବେହେରା ।

# ମନୋଜ ଦାସଙ୍କ କଥାକୁହା ପାହାଡ଼



**ଡକ୍ଟର ହରିଶ୍ଚନ୍ଦ୍ର ବେହେରା**
କଲ୍ୟାଣନଗର, ବାଲେଶ୍ୱର-୧
ଫୋନ:୯୪୩୭୮୧୩୭୦୮

ଆପଣଙ୍କୁ ବୋଧହୁଏ ଆଶ୍ଚର୍ଯ୍ୟ ଲାଗୁଥିବ, ପାହାଡ଼ କ'ଣ କଥା କହେ! ମଣିଷ ପରି ପାହାଡ଼ର କ'ଣ ବାକ୍ ଯନ୍ତ୍ରଟିଏ ଅଛି ଯେ କଥା କହିବ!

କାହିଁ ପୁରାଣ ପଢ଼ିବା ବେଳେ, ବୁଢ଼ୀମା' ପାଖରୁ ଗଳ୍ପ ଶୁଣୁଥିବା ବେଳେ ଆପଣ କ'ଣ କଥା କହୁଥିବା ପାହାଡ଼କୁ ଭେଟି ନଥିଲେ! ଗିରିରାଜ ହିମାଳୟର କଥା, କିମ୍ବା ଗନ୍ଧମାର୍ଦ୍ଦନ ପର୍ବତର କଥା କ'ଣ ଆପଣ ଶୁଣି ନଥିଲେ! ହିମାଳୟରେ ଶିବ ଘୋର ତପସ୍ୟାରତ ଥିବା ବେଳେ ତାଙ୍କର ପରିଚର୍ଯ୍ୟା କରିବା ଲାଗି ହିମାଳୟ ନିଜ କନ୍ୟା ପାର୍ବତୀକୁ କ'ଣ କହି ନଥିଲେ? ଆମ ମହାଭାରତରେ 'କୋଳାହଳ' ପାହାଡ଼ କଥା ଶୁଣି ନାହାନ୍ତି! ପାଖରେ ବହି ଯାଉଥିବା ଶକ୍ତିମତୀ ନଦୀକୁ ପ୍ରେମଭିକ୍ଷା କରିବା ପୁଣି ସେଇ ନଦୀ ଗର୍ଭରୁ ପାହାଡ଼ ଏକ ପୁତ୍ର ଓ କନ୍ୟା ଜାତ କରେଇବା କଥା ଆପଣ ଶୁଣିଛନ୍ତି। ଆଜି ମନୋଜଙ୍କ ପାହାଡ଼ କଥା କହିଲା ବେଳେ ଆପଣ କାହିଁକି ଆଶ୍ଚର୍ଯ୍ୟ ହେଉଛନ୍ତି! ପୁଣି ଭାବୁଥିବେ ମନୋଜଙ୍କ କେଉଁ ପାହାଡ଼ କଥା କହୁଛନ୍ତି ଆପଣ! ସେଇ ପାହାଡ଼ କଥା କହୁଛି, ଶୁଣନ୍ତୁ।

ଜଣେ ରାଜା ଥିଲେ, ତାଙ୍କର ଥିଲା ଏକମାତ୍ର ସୁନାନାକୀ ଝିଅଟିଏ। ରାଜ ପ୍ରାସାଦ ପଶ୍ଚାତ୍‌ରେ ଥାଏ ଲୁଲୁଭା ନାମକ ଏକ ବିରାଟ ପାହାଡ଼। ସୁନ୍ଦରୀ ରାଜକନ୍ୟା ଘୋଡ଼ାରେ ଚଢ଼ି ସକାଳେ ସେଇ ପାହାଡ଼ ପାଦଦେଶରେ ବହୁକୋଶ ଯାଏଁ କଦମ୍ ଛୁଟାଇ ଦିଏ। କେବେ କେବେ ଶିକାରୀ ବେଶରେ ଏକା ଏକା ଏହି ପାହାଡ଼ରେ ଘୂରିବୁଲେ ଝିଅଟି। ନଗରବାସୀ ଅପଲକ ତା'ର ସୌନ୍ଦର୍ଯ୍ୟକୁ ଅନେଇ ରହନ୍ତି। ଅନେକ ପ୍ରଶଂସା କରନ୍ତି ତା'ର ବୀରତ୍ୱକୁ। ଦିନେ ହଠାତ୍ ଝିଅଟି ଆଉ ବିଛଣାରୁ ଉଠିଲା ନାହିଁ। ଆହାର, ନିଦ୍ରା, ବିହାର ସବୁ ବନ୍ଦ ହୋଇଗଲା। ଏ ପ୍ରକାର ଅଜଣା ଅଦ୍ଭୁତ ରୋଗର ପ୍ରତିକାର ଲାଗି ରାଜା ଶତାଧିକ ବୈଦ୍ୟରାଜଙ୍କୁ ଡକାଇ ଝିଅକୁ ପରୀକ୍ଷା କଲେ। ମାତ୍ର କିଛି ଲାଭ ହେଲା ନାହିଁ, ରାଜାରାଣୀ ଦୁଃଖରେ ଭାଙ୍ଗି ପଡ଼ିଲେ। କେହି ବୈଦ୍ୟ, ତିନିଜଣ ପ୍ରାପ୍ତ ବୟସ୍କଙ୍କୁ ଆହାର କରିଥିବା ବାଘର ନଖ, ନିଶ ଏବଂ ସୂର୍ଯ୍ୟପରାଗ ସମୟରେ ପିଲାଜନ୍ମ କରିଥିବା ସିଂହିଣୀର କ୍ଷୀରକୁ ନେଇ ଔଷଧ ପ୍ରସ୍ତୁତ କରୁଥିଲେ କନ୍ୟାର ଆରୋଗ୍ୟ ଲାଗି। ଏମିତି ଅବସ୍ଥାରେ ହଠାତ୍ ରାଜ ଦରବାରରେ ପହଞ୍ଚିଲେ ଦୂରାନ୍ତରରୁ ଆଗତ ଜଣେ ସିଦ୍ଧ ସନ୍ନ୍ୟାସୀ। ରାଜାଙ୍କ ଦୁଃଖ ଦେଖି ସେ କିଛି ସମୟ ଧ୍ୟାନମଗ୍ନ ହେଲେ ଏବଂ ଧ୍ୟାନ ଭାଙ୍ଗି ରାଜାଙ୍କୁ କହିଲେ, "ହେ ରାଜନ୍! ଆପଣଙ୍କ ପ୍ରାସାଦ ପଶ୍ଚାତ୍‌ରେ ଯେଉଁ ବିରାଟ ପାହାଡ଼, ତାରି ତଳେ ଏକ ପ୍ରକାର ମାଟି ଅଛି। ସେଇ ମାଟି ଝିଅର ଦେହରେ ବୋଳି ଦେଲେ ସେ ଆରୋଗ୍ୟ ଲାଭ କରିବ।"

ରାଜା କିନ୍ତୁ ଖୁସି ହେଇ ପାରିଲେନି। ଯେଉଁ କାମଟା ସମ୍ପୂର୍ଣ୍ଣ ଅସମ୍ଭବ, ସେ କାର୍ଯ୍ୟବା କରିବ କିଏ? ସିଦ୍ଧ ସାଧକ କହିଲେ, "ତଥାପି ଚେଷ୍ଟା କରନ୍ତୁ, ମହାରାଜ।" ରାଜା ମହାମନ୍ତ୍ରୀଙ୍କୁ ଡାକି ସାରା ରାଜ୍ୟରେ ଢେଙ୍ଗୁରାଦିଆ କରେଇଲେ ଏବଂ ଯିଏ ପାହାଡ଼ ତଳୁ ମାଟି ଆଣିପାରିବ, ତାକୁ ଲକ୍ଷେ ସ୍ୱର୍ଣ୍ଣମୁଦ୍ରା ଦିଆଯିବ ବୋଲି ଡଗର ଘୋଷଣା କଲା। ଏ ଘୋଷଣା ଶୁଣି ଡମ୍ବରୁ ନାମକ ମଧ୍ୟବୟସ୍କ ଚୋରଟିଏ ଯିଏ ଏଇ ପାହାଡ଼କୁ ଲାଗି କୁଡ଼ିଆଟି ଭିତରେ ରହେ, ସେ ତା'ର କୁଜା ପିଠିରେ ପାହାଡ଼କୁ ଠେଲିବାକୁ ଚେଷ୍ଟା କଲା। ଏମିତି ଠେଲୁଥିବା ସମୟରେ ପାହାଡ଼ଟିର ଅଭ୍ୟନ୍ତରରୁ ପ୍ରବଳ ହସ ଭାସି ଆସିଲା। ତା'ପରେ ଶୁଭିଲା ଏକ ଗମ୍ଭୀର ଅଥଚ ସହାନୁଭୂତି ଶୀଳ କଣ୍ଠସ୍ୱର, "ମୁଁ ପର୍ବତର ଆତ୍ମ ପୁରୁଷ କହୁଛି, ତୁ ବହୁବର୍ଷ ଧରି ମୋ ପାଦଦେଶରେ ରହିଲୁଣି। କଟୁଆଳ ଠୁ ମାଡ଼ ଖାଇ କେତେଥର ମୋ ପଥର ଦେହରେ ଲୁହ ଢାଳିଛୁ। ତୋ ସ୍ୱଭାବ ଉପରେ ଅବଶ୍ୟ ମୋର ଆସ୍ଥା ନାହିଁ। କିନ୍ତୁ ତୋ ଉପରେ ବର୍ତ୍ତମାନ ମୋର ପ୍ରବଳ ଅନୁକମ୍ପା ଜାତ ହେଉଛି- ବିଶେଷତଃ ବିରୁଡ଼ି ଦଂଶନ ଜନିତ ତୋର ବିକଳ ବଦନକୁ ଦେଖି। ଅତଏବ ଶୁଣ୍। ଆଗାମୀ କାଲି ସୂର୍ଯ୍ୟାସ୍ତ ବେଳେ ମୁଁ ଘଣ୍ଟାକ ସକାଶେ ନିଜକୁ ମଲ୍ଲୀଫୁଲଟାଏ ପରି ହାଲ୍‌କା କରିଦେବି। ସେଇ ସମୟ ଭିତରେ ମୋତେ ଟେକି ନେଇ କିଛି ଦୂରରେ ଥୋଇଦେବୁ ଏବଂ ପୂର୍ବ ସ୍ଥାନରୁ ନିର୍ଦ୍ଦିଷ୍ଟ ମାଟି ନେଇ ରାଜାଙ୍କୁ ଦେବୁ, ରାଜ କୁମାରୀ ଆରୋଗ୍ୟ ହେବେ, ତୁ ଲକ୍ଷେ ସ୍ୱର୍ଣ୍ଣମୁଦ୍ରା ପାଇ ଆନନ୍ଦରେ ଚଳିବୁ।" ଏତକ କହିସାରି ପାହାଡ଼ ନିରବିଗଲା। ଅବଶ୍ୟ ଲକ୍ଷେ ସ୍ୱର୍ଣ୍ଣମୁଦ୍ରା ପାଇଲେ ଆଉ କେବେ ଚୋରି କରିବ ନାହିଁ ବୋଲି ପାହାଡ଼ର ସର୍ତ୍ତରେ ଡମ୍ବରୁ ରାଜି ହୋଇଥିଲା। କେବଳ ସେତିକି ନୁହେଁ, ପାହାଡ଼ରେ ଆଶ୍ରିତ ପଶୁପକ୍ଷୀଙ୍କୁ ମଧ୍ୟ କେବେ ଶିକାର କରିବ ନାହିଁ ବୋଲି ମଧ୍ୟ ପାହାଡ଼ର ସର୍ତ୍ତରେ ସେ ଅଙ୍ଗୀକାର କରିଥିଲା।

ଆନନ୍ଦରେ ଡମ୍ବରୁ ରାତିରେ ଶୋଇପାରିନି। ସୂର୍ଯ୍ୟୋଦୟ ପୂର୍ବରୁ ସେ ଯାଇ ନଅରରେ ପହଞ୍ଚି ଦ୍ୱାରରକ୍ଷୀଙ୍କ ପ୍ରତିରୋଧ ସତ୍ତ୍ୱେ ଚିତ୍କାର କରି ରାଜାଙ୍କୁ ନିଦରୁ ଉଠେଇ ସେଦିନ ସୂର୍ଯ୍ୟାସ୍ତ ବେଳକୁ ପାହାଡ଼ ଟେକିବାର ଅଲୌକିକ କାଣ୍ଡ ଦେଖେଇବ ଏବଂ ମାଟି ଆଣି ରାଜକନ୍ୟାଙ୍କୁ ଆରୋଗ୍ୟ ଲାଭ କରାଇବା କଥା ଘୋଷଣା କଲା। ରାଜା ଅବଶ୍ୟ ଚୋର ଡମ୍ବରୁକୁ ଚିହ୍ନିଥିଲେ। ତା' କଥାକୁ ବିଶ୍ୱାସ ହେଉ ନଥିଲେ ମଧ୍ୟ କନ୍ୟା ଦାୟରେ ସେ ବିଶ୍ୱାସ କରିବାକୁ ବାଧ୍ୟ ହେଲେ। ସେ ଦିନଟି ଥିଲା ରାଜ୍ୟର ଇତିହାସରେ ସବୁଠୁଁ ଉତ୍ତେଜନା ପୂର୍ଣ୍ଣ ଦିବସ। ସନ୍ଧ୍ୟା ପୂର୍ବରୁ ନଗରର ହଜାର ହଜାର ଆବାଳବୃଦ୍ଧ ବନିତା ସେଇ ଲୁଲୁଭା ପର୍ବତ ଆଖପାଖରେ ରୁଣ୍ଡ ହେବାକୁ ଲାଗିଲେ। ସୂର୍ଯ୍ୟାସ୍ତର ଅବ୍ୟବହିତ ପୂର୍ବରୁ ରାଜାରାଣୀ, ଅମାତ୍ୟବର୍ଗ ଗହଣରେ ଡମ୍ବରୁ ପାଟବସ୍ତ୍ର ଓ ଫୁଲଚନ୍ଦନ ବିଭୂଷିତ ହୋଇ ପାହାଡ଼ ପାଖରେ ପହଞ୍ଚିଲା। ରତ୍ନଦୋଳିରେ ଶାୟିତା ଅବସ୍ଥାରେ ରୁଗ୍‌ଣା ରାଜକନ୍ୟା ମଧ୍ୟ ସେ ସ୍ଥଳକୁ ଆନୀତା ହେଲେ।

ସୂର୍ଯ୍ୟ ପାହାଡ଼ ସେପଟକୁ ଯାଉଛନ୍ତି ଅସ୍ତଗାମୀ ହେବାକୁ। ଡମ୍ବରୁ ଧୀରେ ଧୀରେ ପାହାଡ଼ ନିକଟକୁ ଆଗେଇଗଲା ଏବଂ ପାହାଡ଼ ଦେହରେ ଦୁଇହାତ ଲଗେଇ ଉପାଡ଼ିବାକୁ ଚେଷ୍ଟା କଲା। ହଠାତ୍ ତା'ଗୋଡ଼ ଖସିଗଲା, ସେ ତଳେ କଚାଡ଼ି ହୋଇ ପଡ଼ିଲା। ଏହା ଦେଖି ଲୋକେ ଠୋ ଠୋ ହୋଇ ହସିଲେ। ପ୍ରଚଣ୍ଡ ଅପମାନ ଏବଂ ଆତ୍ମଗ୍ଲାନିରେ ଡମ୍ବରୁ ତଳୁ ଉଠି ପର୍ବତ ଦେହରେ ମୁଣ୍ଡ ପିଟିଦେବାକୁ ଯାଉଛି, ବେଲୁନ୍‌ଟିଏ ପରି ତା' ମୁଣ୍ଡ ଉପରକୁ ଉଠି ଆସିଲା ପାହାଡ଼ଟି। ଡମ୍ବରୁ ତା' ଦୁଇ ହାତରେ ମୁଣ୍ଡ ଉପରେ ଥିବା ପାହାଡ଼କୁ ଧରି ଚାଲିବାକୁ ଆରମ୍ଭ କରନ୍ତେ ଡମ୍ବରୁର ବିପୁଳ ଜୟଗାନରେ ଆକାଶ ମେଦିନୀ ପ୍ରକମ୍ପିତ ହୋଇଉଠିଲା। ଡମ୍ବରୁ ମୁହଁରେ ଦେଖାଦେଲା ସ୍ମିତହାସ୍ୟ, ତାପରେ ମୃଦୁ ହାସ୍ୟ, ତା'ପରେ କଣ୍ଠ ଫଟେଇ ସେ କଲା ଅଟ୍ଟହାସ୍ୟ। ସେ ହାସ୍ୟ ଯେପରିକି ଦେବଗଣଙ୍କ କ୍ଷମତାକୁ ଉପହାସ କରୁଥିଲା। ଡମ୍ବରୁ ପର୍ବତକୁ ଅନ୍ୟତ୍ର ଥୋଇବା ନିମନ୍ତେ ପ୍ରାନ୍ତର ଭିତର ଦେଇ ଅଗ୍ରସର ହେବାକୁ ଲାଗିଲା। ବିଶାଳ ଜନତା

ତାକୁ ଅନୁସରଣ କଲା ।

ପାହାଡ଼ଟି ପ୍ରାନ୍ତରରେ ଥୋଇବା ପୂର୍ବରୁ ଡମ୍ବରୁର ଯେଉଁମାନଙ୍କ ଉପରେ ରାଗ ଥିଲା, ସେମାନଙ୍କୁ ପାହାଡ଼ ତଳକୁ ଆସିବାକୁ ରାଜାଙ୍କୁ ନିର୍ଦ୍ଦେଶ ଦେଲା । ରାଜା ଅବିଳମ୍ବେ ନିର୍ଦ୍ଦେଶ ପାଳନ କଲେ । ତା'ପରେ ଡମ୍ବରୁ ଭୟଙ୍କର ପ୍ରସ୍ତାବଟିଏ ଦେଲା ରାଜାଙ୍କୁ – "ମୋରି ଯୋଗୁଁ ତମ କନ୍ୟା ଆରୋଗ୍ୟ ଲାଭ କରିବ । ଆରୋଗ୍ୟ ପରେ କନ୍ୟାଟିକୁ ମୋତେ ବିବାହ ଦେଇ ଜାମାତା ପଦରେ ବରଣ କର ଏବଂ ତମେ ବୁଢ଼ା ହେଲଣି, ମୋତେ ରାଜପଦ ଦେବା ପାଇଁ, ଅନ୍ୟମାନଙ୍କ ସହ ଏ ପାହାଡ଼ ତଳେ ଠିଆ ହୋଇ ମୃତ୍ୟୁକୁ ସ୍ୱାଗତ ଜଣାଅ ।" ଏ ନିର୍ଦ୍ଦେଶ ଶୁଣି ବିଶାଳ ଜନତା କାନ୍ଦିବାକୁ ଲାଗିଲେ । ଡମ୍ବରୁ ଧମକ ଦେବାରୁ କାନ୍ଦ ବନ୍ଦ ହୋଇଗଲା । ରାଜା ପାହାଡ଼ ତଳକୁ ଯିବା ଲାଗି ସଜ ହେଉଥିବା ବେଳେ ପର୍ବତ ଦେଇଥିବା ସମୟ ଅତିକ୍ରାନ୍ତ ହୋଇ ଯାଇଛି ଏବଂ ପାହାଡ଼ ମାଟିରେ ବସି ଯାଇଛି, ତା'ରି ତଳେ ଡମ୍ବରୁ ସବୁଦିନ ଲାଗି ପେଶି ହୋଇଯାଇଛି ।" ଏଇଟି ଗଳ୍ପଟି ସରିଯାଇଛି ।

ଏଇଠି ମନରେ ପ୍ରଶ୍ନ ଉଠେ, ଗାଳ୍ପିକ ମନୋଜ ଦାସ ଏ ପ୍ରକାର ଅଲୌକିକତାର ଆଖ୍ୟାନକୁ ନେଇ ଗଳ୍ପ ଲେଖିବାର କାରଣ କ'ଣ ? ଉତ୍ତରରେ କୁହାଯାଇପାରେ ଯେ ଅଗଣିତ ପାଠକଙ୍କୁ ଗଳ୍ପମନସ୍କ କରିବା ପାଇଁ । ଆମ ପ୍ରାଚୀନ କାହାଣୀ ପରମ୍ପରାର ପୁନଃନିର୍ମାଣ କରି ବାସ୍ତବତାକୁ ଅଧିକ ତୀବ୍ର କରିବା ପାଇଁ କୁହୁକ ବାସ୍ତବତାକୁ ମନୋଜ ଦାସ ଏ ଗଳ୍ପରେ ପ୍ରୟୋଗ କରିଛନ୍ତି । ମଣିଷର ଅତ୍ୟଧିକ ଲୋଭର ପରିଣାମ କ'ଣ ହୋଇପାରେ, ଏଇ ଲୋକଶିକ୍ଷା ଲାଗି ଗଳ୍ପଟି ରଚିତ । ଯାଦୁବାସ୍ତବ ବା କୁହୁକ ବାସ୍ତବଧର୍ମୀ ଲେଖାରେ ଥାଏ– ବାସ୍ତବ, ଫାଣ୍ଟାସି ଓ ଉଦ୍‌ଭଟ୍ଟ ଘଟଣାର ମିଶ୍ରଣ ଅଥବା ପାଖାପାଖି ଅବସ୍ଥାନ । ସ୍ୱପ୍ନ, ମିଥ୍, ରୂପକଥାର ବ୍ୟବହାର, ପ୍ରକାଶବାଦୀ ଓ ପରାବାସ୍ତବବାଦୀ ବା surrealism ବର୍ଣ୍ଣନା; ଆତଙ୍କମୟ ଘଟଣା ବା ଦୃଶ୍ୟର ଉପସ୍ଥାପନା, ପାରିପାର୍ଶ୍ୱିକ ବାସ୍ତବତାକୁ ଅନୁସରଣ ନକରି ତା'ର ଆଢୁଆଳରେ ଥିବା ରହସ୍ୟମୟତାକୁ ଧରି ରଖିବା । ଏ ପ୍ରକାର ଲେଖାରେ ବୈପରୀତ୍ୟର ବିଚିତ୍ର ସହାବସ୍ଥାନ ଯୋଗୁଁ ପାଠକକୁ ଅଧିକ ମନଯୋଗୀ କରେ ଏବଂ ପାଠ (Text) ଭିତରେ ବାନ୍ଧି ରଖେ । ଗୋଟିଏ ପଟେ ବସ୍ତୁ ଜଗତ ଏବଂ ଅନ୍ୟପଟେ ତା' ମଧ୍ୟରେ ଅସ୍ତିତ୍ୱଶୀଳ କାଳ୍ପନିକ ଉପାଦାନର ସୁନ୍ଦର ସହାବସ୍ଥାନରେ ଯାଦୁ ବାସ୍ତବର ଭିତ୍ତି ଓ ଆବହ ଗଢ଼ିଉଠେ । ଯେମିତି ନୋବେଲ୍ ପୁରସ୍କାର ବିଜେତା ଲାଟିନ୍ ଆମେରିକାର ଲେଖିକା ଗାବ୍ରିଏଲ୍ ଗ୍ରାସିୟା ମାର୍କୁଇଜ୍(Gabriel Gavcia Marquez)ଙ୍କ 'ଏକଶତ ବର୍ଷର ନିଃସଙ୍ଗତା' (One hundred years of Solitude) ରେ ବାସ୍ତବଅବାସ୍ତବ, ପାର୍ଥିବ ଅପାର୍ଥିବ– ଏ ଦୁଇ ବିପରୀତ ଜଗତ ଏକାକାର ହୋଇ ଗଢ଼ି ତୋଳିଛି ଏକ ଅନନ୍ୟ ଯାଦୁ ବିଶ୍ୱ । ସମାଜର ବିଶିଷ୍ଟ ବ୍ୟକ୍ତିବିଶେଷ ଓ ରାଜନୀତିଜ୍ଞ ବ୍ୟକ୍ତି ବିଶେଷଙ୍କର ତ୍ରୁଟି ବିଚ୍ୟୁତିର ସମାଲୋଚନା, ପ୍ରାନ୍ତିକ ମଣିଷର ଜୀବନଚର୍ଯ୍ୟା, ଗଭୀର ରହସ୍ୟସମୟ ଉପଲବ୍ଧି ଏ ପ୍ରକାର ଲେଖାରେ ଲକ୍ଷ୍ୟ କରିହୁଏ । ମାର୍କୁଏଜ୍ ସ୍ୱୀକାର କରିଥିଲେ–"My most important problem was destroying the line of demarcation that separates what seems real from what seems fantastic." ପ୍ରତ୍ୟେକ ଯାଦୁ ବାସ୍ତବବାଦୀ ଲେଖକ ଫାଣ୍ଟାସି ଓ ବାସ୍ତବ ଭିତରେ ଥିବା ବିଭାଜନ ରେଖାକୁ ଭାଙ୍ଗିଛନ୍ତି ସେମାନଙ୍କ ଲେଖାରେ ।

ଇଙ୍ଗ୍–ଭାରତୀୟ କଥାକାର 'ସଲ୍‌ମାନ୍ ରୁଶ୍‌ଦୀ', ଆଫ୍ରୋ–ଆମେରିକାନ୍ କଥାକାର ଟୋନି ମୋରିସନ୍, ଗ୍ଲୋରିଆ ନେଲର୍, ଆନା କାଷ୍ଟିଲୋ, ରୁଡ଼୍‌ଲଫ୍‌ନାୟା, ମାରିଆ ଭିରାମୋନେଲ୍, ଆମେରିକାନ ଲେଖକ ଲୁଇସା ଏର୍‌ଡ଼ିଡ, ସର୍‌ମ୍ୟାନ ଅଲେକ୍ସ, ଇଂରାଜୀ ଲେଖକ ଲୁଇସ୍ ଡେ ବେମିୟର ସାଣ୍ଡ, ଆଞ୍ଜେଲା କାର୍‌ଟାର୍, ନରୱେର ସାହିତ୍ୟିକ ଏରିକ୍ ଫୋନେସ୍ ହାଁସେନ୍, ଏ ଜାଁ ଜାରସାଦ୍, ରୁନେ ସାଲ୍‌ଭେସେନ୍, ଭାରତୀୟ ଲେଖକ ମନୋଜ ଦାସ, ଶାନ୍ତନୁ ଆଚାର୍ଯ୍ୟ, ସ୍ୱପ୍ନମୟ ଚକ୍ରବର୍ତ୍ତୀ, ମୋହିତଲାଲ୍ ଚକ୍ରବର୍ତ୍ତୀ ପ୍ରମୁଖ ଯାଦୁବାସ୍ତବବାଦୀ ଲେଖକ ଭାବେ ଚର୍ଚ୍ଚାର ପରିସରକୁ ଆସିଛନ୍ତି ।

ଗୋଟିଏ ସମୟରେ ସାହିତ୍ୟରେ ଯେଉଁ ବାସ୍ତବତା ଓ ରୋମାଣ୍ଟିକତାର ଦ୍ୱନ୍ଦ୍ୱ ଥିଲା, ସେ ଦ୍ୱନ୍ଦ୍ୱକୁ ପରାହତ କରିଥିଲେ ପରାବାସ୍ତବ (Sur-realism) ବାଦୀ ସାହିତ୍ୟିକମାନେ । ଫରାସି ଶିଳ୍ପ ଆନ୍ଦୋଳନର ପ୍ରତିଭୂ ଆଁନ୍ଦ୍ରେ ବ୍ରେତଁ ଓ ଅନ୍ୟମାନେ ପରାବାସ୍ତବକୁ ସ୍ଥାୟୀ ମୂଲ୍ୟ ପ୍ରଦାନ କରିଥିଲେ । ପରାବାସ୍ତବର ପରବର୍ତ୍ତୀ ରୂପାନ୍ତର ଯାଦୁ ବାସ୍ତବ magic-realism ପରାବାସ୍ତବ ବାସ୍ତବର ସଂପୂର୍ଣ୍ଣ ବିରୋଧୀ ଥିବା ବେଳେ, ଯାଦୁ–ବାସ୍ତବ କିନ୍ତୁ ବାସ୍ତବକୁ ବିରୋଧ କରେନି । ଯାଦୁ–ବାସ୍ତବ ବାଦୀ ସାହିତ୍ୟ ଆନ୍ଦୋଳନ ପ୍ରଥମେ ମୁଣ୍ଡ ଟେକିଥିଲା ଲାଟିନ୍ ଆମେରିକାରେ, ଯେଉଁଠି ଦୀର୍ଘକାଳ ପ୍ରବଞ୍ଚନା, ପରାଧୀନତା, ଲାଞ୍ଛନା, ଶୋଷଣ କାରଣରୁ ମୁକ୍ତିଲାଗି ଲେଖକମାନେ ବାଛି ନେଇଥିଲେ ଏକ ନୂତନ ସ୍ୱରୂପ, ଯା'ର ନାମ ଯାଦୁ ବାସ୍ତବତା । ଲାଟିନ୍ ଆମେରିକାର ଅନ୍ୟଜଣେ ବଳିଷ୍ଠ ଯାଦୁ ବାସ୍ତବବାଦୀ କଥାକାର ଆଲେହ କାର୍ପେଣ୍ଟିଅର୍ (Allejo Carpentier) ତାଙ୍କ ଏଇ 'ମର୍ତ୍ତ୍ୟର ରାଜତ୍ୱ' ଉପନ୍ୟାସର ଭୂମିକାରେ ଲେଖିଛନ୍ତି– "ଲାଟିନ୍ ଆମେରିକା ହେଲା ଏପରି ଏକ ମହାଦେଶ, ଯେଉଁଠି ବାସ୍ତବ ଓ କଳ୍ପନାର ସୀମାରେଖା ଚିରଦିନ ଝାପ୍‌ସା । ବାସ୍ତବ ଭିତରେ ହଠାତ୍ ମୁହଁ ଦିଶେ ଅବାସ୍ତବ, ଅତିପ୍ରାକୃତ ଓ ଅଲୌକିକତାର । ତଥାକଥିତ କାର୍ଯ୍ୟ–କାରଣ ଶୃଙ୍ଖଳାକୁ ଭାଙ୍ଗିଦେଇ ସେଠି ଅତର୍କିତ ହାଜର ହୋଇଯାଏ ପରାବାସ୍ତବ, ଅତିବାସ୍ତବ, ଯେଉଁଠି ସବୁକିଛି ସମ୍ଭବ ।"

ଯାଦୁ–ବାସ୍ତବତାର ମୂଳ ଉତ୍ସ ରହିଛି ବିଶ୍ୱ ଲୋକସାହିତ୍ୟ ଭିତରେ, ପ୍ରାଚୀନ ପୁରାଣ ଓ କାହାଣୀମାଳା ଭିତରେ । ଭାରତୀୟ ପ୍ରାଚୀନ ସାହିତ୍ୟରେ ଏ ସବୁର ପ୍ରଚୁର ନମୁନା ମିଳିପାରିବ । ଆମର ପଞ୍ଚତନ୍ତ୍ର, ବେତାଳ ପଞ୍ଚବିଂଶତି, କଥାସରିତ ସାଗର, ବତ୍ରିଶ ସିଂହାସନ ଉପାଖ୍ୟାନ, ପୁରାଣ କାହାଣୀ, ବୌଦ୍ଧ ଜାତକ କାହାଣୀରେ ଭୂତପ୍ରେତ, ଡାହାଣୀ ଚିର୍‌ଗୁଣୀ, ଗନ୍ଧର୍ବ କିନ୍ନର, ଅପସରା ଅପସରୀ, ନାଗନାଗୁଣୀ, ଯୋଗିନୀ, ଯକ୍ଷିଣୀ, ବ୍ରହ୍ମରାକ୍ଷସ, ରାକ୍ଷସୀ, ବେତାଳ ସମେତ ମଣିଷ ଭାଷାରେ କଥା କହୁଥିବା ପାହାଡ଼ ପର୍ବତ, ବୃକ୍ଷଲତା, ନଦୀ, ଝରଣା, ପଶୁପକ୍ଷୀ ଚରିତ୍ରଙ୍କୁ ପାଠକ ଭେଟେ । ମନୋଜ ଦାସ ଆମ କାହାଣୀ ପରମ୍ପରାରୁ ଅନେକ ଉପାଦାନ ଆଣି ତାଙ୍କର ଯାଦୁବାସ୍ତବଧର୍ମୀ କଥା–ସାହିତ୍ୟ ସର୍ଜନ କରିଛନ୍ତି । ତାଙ୍କର ଆଲୋଚ୍ୟ 'ଲୁଲୁର୍ଭା ପର୍ବତରେ ଏକ ଦ୍ୱି–ପ୍ରହର', 'ଅନ୍ତରଙ୍ଗ ଦାନବ', 'ତରୁଣଗିରିର ତପସ୍ୱୀ' ଓ 'ସାତଜଣ ପ୍ରବୀଣ', 'ସେମାନଙ୍କ ସମ୍ପର୍କରେ ଶେଷ ଖବର', 'ଭୂତକୋଠିରେ ଏକ ରାତ୍ରି', 'ନାଗଲୋକ ପ୍ରତ୍ୟାଗତ', 'ମନୁଷ୍ୟ–ମର୍କଟ ସମ୍ବାଦ', 'ଶଶକର ମନସ୍ତତ୍ତ୍ୱ', 'ବାଘ ବାଘୁଣୀ', 'ଜହ୍ନରାତିର ଗଳ୍ପ', 'ରାକ୍ଷସୀ କନ୍ୟା', 'ସୁନା ପାହାଡ଼ର ଠିକଣା', 'ରତ୍ନବର୍ଷା', 'ଆଶ୍ଚର୍ଯ୍ୟ ପ୍ରଦୀପର ଶେଷକଥା', 'ଇନ୍ଦ୍ରଧନୁର ରାଜପଥ', 'ସିଂହସଂଳାପ', 'ସୁବର୍ଣ୍ଣ କଳସ', 'ସିଂହ ଶତକ ଉପାଖ୍ୟାନ', 'ବକ–କର୍କଟ ଉପାଖ୍ୟାନ', 'ବାନର କୁମ୍ଭୀର କାହାଣୀ', 'ବିଲୁପ୍ତ ଲାଙ୍ଗୁଡ଼ର ସନ୍ଧାନରେ', 'ବ୍ୟାଘ୍ରାରୋହଣ', 'ଜହ୍ନରାତିର ସେତୁ', 'ଜହ୍ନ ଓ ହାଓ୍ୱାର ସନ୍ଧ୍ୟା', 'ଆକାଶ କଇଁଚ', 'ଭୂତୁଣୀ ଏକ ବିଦାୟ', 'କିମ୍ଭୀରିଣୀ', 'ପର୍ବତ', 'ଶୃଗାଳ', 'ମଧୁବନର ମେୟର', 'ଆବୁପୁରୁଷ', 'ମଗ୍ନ ଉପତ୍ୟକା', 'ଉତ୍ତର ଉପତ୍ୟକାର କାହାଣୀ', 'ବାକ୍‌ପଟୁ ହଂସ', 'ସୁନା ମଡ଼େଲ', 'ଡାହାଣୀ ଆଳୁଅ', 'ଛାୟା', 'କୁହୁଡ଼ି', 'ବୃକ୍ଷ', 'ରାଜକନ୍ୟା', 'ବ୍ୟାଘ୍ର ଓ କଙ୍କଣ', 'ଲୋଭୀ ପଥଚାରୀ', 'ମୃତ ଭୃତ୍ୟ ଉପାଖ୍ୟାନ' ପ୍ରଭୃତି ଗଳ୍ପ ଏବଂ 'ଚନ୍ଦ୍ରାଲୋକର ପ୍ରହରୀ', 'ପ୍ରଭଂଜନ', 'କନକ ଉପତ୍ୟକାର କାହାଣୀ', 'ବୁଲ୍‌ଡୋଜର୍ସ', 'ଆକାଶର ଇଶାରା', 'ଗୋଧୂଳିର ବାଘ' ପ୍ରଭୃତି ଉପନ୍ୟାସରେ ଯାଦୁବାସ୍ତବତାର ସଫଳ ପ୍ରୟୋଗକୁ ପାଠକେ ଲକ୍ଷ୍ୟ କରିପାରିବେ ।

ଏ ସମ୍ପର୍କରେ ତାଙ୍କ ମନ୍ତବ୍ୟଟି ଉଦ୍ଧାର କରି ଲେଖାଟିକୁ ସଂପୂର୍ଣ୍ଣ କରୁଛି– "Fantasyକୁ ମୁଁ ସମସାମୟିକ ଓ ବାସ୍ତବ ସମସ୍ୟା ଉପରେ ଆଲୋକପାତ କରିବାର ଏକ ମାଧ୍ୟମ ରୂପେ ବ୍ୟବହାର କରିଥାଏଁ । ଉଦାହାରଣ ସ୍ୱରୂପ Sharma and the wonderful Lump (ଆବୁପୁରୁଷ) । ଜଣେ ଲୋକ ତା' ମୁଣ୍ଡରେ ବଢ଼ିଥିବା ଆବୁ ଯୋଗୁଁ ରାତାରାତି ବିଖ୍ୟାତ ହେଉଛି– ଏ ଅଜବ ଅବସ୍ଥାର ଚିତ୍ରଣ ଭିତର ଦେଇ ମୁଁ ଆଜିର ଚାଞ୍ଚଲ୍ୟ ସର୍ବସ୍ୱ ସମ୍ବାଦ–ମାଧ୍ୟମ ସବୁକୁ ବିଦ୍ରୂପ କରିଛି ।" **(ସାକ୍ଷାତକାର : ଶ୍ରୀମତୀ ମିନୁ ଥାରୁର୍–ଜି ଷ୍ଟ୍ରେଟ୍‌ସ ଟାଇମସ, ସିଙ୍ଗାପୁର, ୫ ଡିସେମ୍ବର, ୧୯୮୧)**

ମନୋଜ ଦାସଙ୍କ ପରି ଓଡ଼ିଆ କଥାଶିଳ୍ପରେ ଯାଦୁ–ବାସ୍ତବତାର ଏପରି ସଫଳ ପ୍ରୟୋଗ ଅନ୍ୟ କୌଣସି କଥାକାର କରିପାରିନାହାନ୍ତି ।

# ପୂରବୀ କିଏ ?

**ପୂରବୀକୁ ମୁଁ ଚିହ୍ନିନାହିଁ । ଜାଣିନାହିଁ ସେ କୋଉଁଠି ରହେ । ସେ ଅସୂର୍ଯ୍ୟପଶ୍ୟା, ସେ ଗୋଟେ ଅଜାଗା ଘା, ସେ ଦୂରରୁ ଶୁଭୁଥିବା ଏକ ମଧୁର ସ୍ୱର, ସେ ସ୍ୱପ୍ନରେ ଆସୁଥିବା ଏକ 'ଛାୟାମୂର୍ତ୍ତି', କେଇ ମୁହୂର୍ତ୍ତର ଆଶ୍ୱାସନା ଦଉଥିବା କେବଳ ଏକ ଅନୁଭବ ସେ !**

ସତ କହୁଚି ମୁଁ ଜାଣିନାହିଁ ରକ୍ତମାଂସର ପୂରବୀ ଏ ପୃଥିବୀରେ କୋଉଠି ଅଛି କି ନାହିଁ । ମାତ୍ର ପୂରବୀ ବିଷୟରେ ଲେଖି ସତେ ଯେମିତି ମୁଁ ଘୋର ବିପଦରେ ପଡି ଯାଇଚି । ମୋ ଉପରେ ବହୁ ଲୋକଙ୍କର ସନ୍ଦେହ ବଢିଯାଇଚି । ମୋର ସମବୟସ୍କ ବଂଧୁ ବାଂଧବୀମାନେ ଆଖି ନଚେଇ, ଦୁଷ୍ଟାମୀର ହସ ହସି ପଚାରୁଛନ୍ତି ସତକୁହ ପୂରବୀ କିଏ ? ସିଏ କୋଉଠି ରହେ ? ? ବୟସ୍କମାନେ ହୁଏତ ମୁହଁ ଖୋଲି ପଚାରି ପାରୁନାହାନ୍ତି । ମାତ୍ର ସେମାନଙ୍କ ଆଖିରେ ମୁଁ ସନ୍ଦେହଭରା ଚାହାଣୀକୁ ସ୍ପଷ୍ଟ ବାରିପାରୁଚି ? ବେଳେବେଳେ ମୁଁ ଯେବେ ସଫେଇ ଦେବାକୁ ଚେଷ୍ଟା କରୁଚି ସେସବୁ ବିଫଳ ବୋଲି ମତେ ଲାଗୁଚି । କାରଣ ପ୍ରଶ୍ନ ପଚାରି ସାରି ଉତ୍ତର ଶୁଣିଲା ବେଳକୁ ସମସ୍ତେ ମୁହଁ ମୋଡି ଦଉଛନ୍ତି । ସତେ ଯେମିତି ସେମାନେ ମତେ କହୁଛନ୍ତି, ମିଛୁଆ ! ଗାଲୁଆ !

ଦୁଇ ହଜାର ଦଶ ଏଗାର ବେଳର କଥା । ମୁଁ କେନ୍ଦ୍ରାପଡାର ଉପ-ଜିଲ୍ଲାପାଳ ଥାଏ । ଦିନେ ହାଇକୋର୍ଟ



◀ କବି ରଂଜନ କୁମାର ଦାସ

## ପାର୍ବଣ ଋତୁରେ ପୂରବୀ

**ରଂଜନ କୁମାର ଦାସ**

ପୂରବୀ ସହ
ଏମିତି ଅଚାନକ ଦେଖା ହେବ ବୋଲି
କିଏ ବା ଜାଣିଥିଲା !

ଯା ଭିତରେ କେତେ ଦଶହରା ଗଲାଣି
ଗଲାଣି କେତେ ବାଲିଯାତ୍ରା
ଯା ଭିତରେ କାଠଯୋଡିରେ ବହିଗଲାଣି
କେତେ ନା କେତେ ପାଣି ।

ନଈର ଯୋଉ ଧାରରେ ସେଦିନ
ପାଦ ବୁଡାଇ ପାଣି ଚବଚବ କରୁଥିଲା ପୂରବୀ
ଆଜି ଯାଏ କ'ଣ ସେ ପାଣି
ସ୍ଥିର ରହିଥିବ ସେଠି ?
ସେ ପାଣି ବହି ବହି ଯାଇ
ମିଶି ଯିବଣି ସମୁଦ୍ର ଦେହରେ
ଯା' ଭିତରେ ତା' ଆଖିର ଲୁହରେ
ଆହୁରି ଆହୁରି ଲବଣାକ୍ତ ହେଇଥିବ ସିନା
ସମୁଦ୍ରର ପାଣି !

ସତରେ କିଏ ଜାଣିଥିଲା
ଆଜି ପୁଣି ପୂରବୀ ସହ ଦେଖା ହେଇଯିବ
ଏତେ ବର୍ଷ ପରେ ?

କିଏ ଜାଣିଥିଲା ଦେବୀ ମେଢ ପାଖରେ
ଠିଆ ହେଇଥିବ ପୂରବୀ
ଦେବୀଟିଏ ପରି
ଚାରିଆଡକୁ ଚାହୁଁଥିବ କ୍ଷଣକୁ କ୍ଷଣ
କାହାକୁ ଖୋଜିଲା ଖୋଜିଲା ଆଖିରେ !

ଭିଡ଼ ଭିତରେ
ମତେ ଆଉ ଖୋଜୁଥିଲା କି ପୂରବୀ
ଏତେଦିନ ହେଲା ତ ଦେଖା ହେଇନି
କେମିତି ଜାଣିଥାନ୍ତି ତା' ମନକଥା ?

ହେଲେ ଶୁଣିଚି କାହା କାହାଠୁ
ଏବେ ବି ସେ ମଝିରେ ମଝିରେ
ଖୁବ୍ ମନେପକାଏ ମତେ
ଉଦାସ ହେଇ କାଠଯୋଡି କୂଳରେ
ବସେ କେବେକେବେ
ଦୀର୍ଘଶ୍ୱାସ ଛାଡେ
ନଈ ପାଣିରେ ଚହଲୁଥିବା ଜହ୍ନକୁ ଦେଖି !

ଆସିଥାଏ ଗୋଟେ ସରକାରୀ କାମରେ । କାମ ସରିବା ବେଳକୁ ପ୍ରାୟ ଚାରିଟା । ଦିନସାରା ଏତେ ବ୍ୟସ୍ତ ରହିଲୁ ଯେ ମଧ୍ୟାହ୍ନ ଭୋଜନ କରି ହେଲା ନାହିଁ । ଆପାତତଃ ଏତେ ଡେରିରେ ଜଳଖିଆ ଛଡା ଆଉ କିଛି ଖାଇବାକୁ ମିଳିବ ନାହିଁ ଭାବି ଫେରୁଥାଉ । କାଠଯୋଡିର ପଥର ବନ୍ଧରେ ଯାଉ ଯାଉ ଗୋଟେ ଦହିବରା ବାଲାକୁ ଦେଖି ଓହ୍ଲେଇଲୁ ଦହିବରା ଆଳୁଦମ୍ ଖାଇବାକୁ । ଦହିବରା ବାଲା ଠୋଲା ପ୍ରସ୍ତୁତ କଲାବେଳକୁ ମୁଁ ଦେଖିଲି ନଈବନ୍ଧର ଭିତର ପଟେ ନଈକୁ ମୁହଁକରି ଝିଅଟିଏ ବସିଚି । ମୋର ସନ୍ଦେହ ହେଲା ଏ ସମୟରେ ନଈକୂଳରେ କ'ଣ କିଏ ବସେ ? ସନ୍ଦେହ ମୋଚନ କରିବା ପାଇଁ କଣ ଗୋଟେ ବାହାନା ଖୋଜି ନଈ ଭିତରକୁ ଗଲି । ଉଦ୍ଦେଶ୍ୟ ଥିଲା ଫେରିଲା ବେଳକୁ ତା ମୁହଁ ଦେଖି ଜାଣି ପାରିବି ସେ କଣ କରୁଚି । ବାସ୍ତବରେ ଦେଖିଲି ସେ କାନ୍ଦୁଥିଲା । କଣ ପାଇଁ ଗୋଟେ ଝିଅ ଏ ଖରାବେଳେ ନଈବନ୍ଧରେ ବସି କାନ୍ଦିପାରେ– ଏ ପ୍ରଶ୍ନ ମତେ ଆନ୍ଦୋଳିତ କଲା । ଫେରିଲା ବେଳକୁ ବାଟସାରା ତା'ରି କଥା ଭାବୁଥାଏ । ଝିଅଟି ପ୍ରେମରେ ବିଫଳ ହେଇଥିବ କି ? ତା' ପ୍ରେମିକ ତାକୁ ଛାଡି ଚାଲି ଯାଇଥିବ କି ? ଘରେ ତା'ର କିଛି ସମସ୍ୟା ଥିବ କି– ଏମିତି ଅନେକ ପ୍ରଶ୍ନ ମନକୁ ଆସୁଥାଏ ।

ଏଇ ସମୟରେ ବଂଧୁ ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ଠାରୁ ଫୋନ୍ ପାଇଲି କଟକର ସ୍ମୃତି ବିଜଡିତ କବିତାଟିଏ 'କଟକ' ନାମକ ଏକ ସଂକଳନ ପାଇଁ ପଠାଇବାକୁ । ମତେ ଲାଗିଲା ଏଇ ତ ଏକ କାହାଣୀ ହାତ ପାହାନ୍ତରେ । ତା'ରି କଳ୍ପିତ କାହାଣୀକୁ ଆଙ୍କିବାକୁ ଚେଷ୍ଟା କଲି ମନ ଭିତରେ । ତାକୁ ଗୋଟେ ପ୍ରେମିକାର ଚରିତ୍ରରେ ଅବତୀର୍ଣ୍ଣ କରାଇ, ମୁଁ ତା'ର ଇପ୍‌ସିତ ପ୍ରେମିକର ଭୂମିକାରେ ନିଜକୁ ରଖି କଳ୍ପନାର ପାଖୁଡା ପରେ ପାଖୁଡା ଖୋଲିବାକୁ ଚେଷ୍ଟା କଲି । ମୋର 'ସ୍ୱପ୍ନ ପାଇଁ ସନ୍ଧିକାଳ' ବହିର ଶେଷ କବିତା ଥିଲା ଏଇ 'ପୂରବୀ' । ଉଦ୍‌ଘାଟକ ଶ୍ରୀଯୁକ୍ତ ରମାକାନ୍ତ ରଥଙ୍କୁ ଅନୁରୋଧ ଥିଲା ବହି ଭିତରୁ ତାଙ୍କୁ ଭଲ ଲାଗିଥିବା କବିତାଟିଏ ସେ ନିଜ ସ୍ୱରରେ ଆବୃତ୍ତି କରିବେ । ସେ ସେଇ 'ପୂରବୀ'କୁ ହିଁ ବାଛି ଆବୃତ୍ତି କରିଥିଲେ । ରମାକାନ୍ତ ରଥଙ୍କ ସ୍ୱରର କୋମଳ ଗମ୍ଭୀର ତଥା ଦରଦଭରା ଉଚ୍ଚାରଣରେ କବିତାଟି ପ୍ରାଣବନ୍ତ ହେଇଥିଲା । ମୋର ସବୁ କବିତା ବହିରେ ପ୍ରଚ୍ଛଦରେ ସ୍ୱାଭାବିକ ଭାବେ ନାରୀ ଚିତ୍ରଟିଏ ଥାଏ । ପ୍ରଚ୍ଛଦ କରିବାର ଅନୁରୋଧ କଲେ, କାହିଁକି ପ୍ରଚ୍ଛଦଶିଳ୍ପୀମାନେ ନାରୀଚିତ୍ର ସ୍ଥାନିତ କରନ୍ତି, ସେକଥା ସେମାନେ ବୋଧହୁଏ କହିପାରିବେ । ସ୍ୱପ୍ନ ପାଇଁ ସନ୍ଧିକାଳ ବହିରେ ମଧ୍ୟ ନିହାତି ସାଧାରଣ ନାରୀଟିଏ ପ୍ରଚ୍ଛଦପଟରେ ଥିଲା । ମାତ୍ର ତା'ର ଆଖି ଥିଲା ଖୁବ୍ କଥାକୁହା । ମଂଚରୁ ଓହ୍ଲେଇଲା ପରେ ବିଶିଷ୍ଟ ଗାଳ୍ପିକ ତଥା ଔପନ୍ୟାସିକ ତତ୍‌କାଳୀନ ସାହିତ୍ୟ ଏକାଡେମୀ ସଭାପତି ଡକ୍ଟର ରାମଚନ୍ଦ୍ର ବେହେରା ସେ ଚିତ୍ରଟି ଦେଖେଇ ହସି ହସି ପଚାରିଲେ, "ରଂଜନ ବାବୁ ଇଏ କଣ ତା'ହାଲେ ସେଇ ପୂରବୀ ?" ମୋ 'ନାହିଁ'ରେ ସେ ବୋଧେ ସନ୍ତୁଷ୍ଟ ହେଲେ ନାହିଁ । ପ୍ରଚ୍ଛଦଶିଳ୍ପୀ ଅତୁଲ୍ ବଳଙ୍କୁ ପଚାରିଲେ, "ଅତୁଲ ତୁ ସତ କହ, ଇଏ ପୂରବୀ ନା ନାହିଁ ?" ଅତୁଲ ବି କହିଲା, "ଭାଇ ମତେ ବି ଚିହ୍ନେଇ ନାହାନ୍ତି ଏଯାଏ ପୂରବୀ କିଏ ! ମୁଁ କେବଳ କବିତାରୁ କଳ୍ପନା କରିକରି ଆଙ୍କିଚି ଏ ଚିତ୍ର !"

ସତରେ ସେଦିନ ଠାରୁ ଏ ଯାଏଁ ମୁଁ ଅନେକ ପ୍ରଶ୍ନର ସାମ୍ନା କରିଚି ବିଭିନ୍ନ ସାକ୍ଷାତ୍‌କାରରେ । ମୁଁ ସମସ୍ତଙ୍କୁ କହିଚି ପୂରବୀକୁ ମୁଁ ଚିହ୍ନିନାହିଁ । ଜାଣିନାହିଁ ସେ କୋଉଁଠି ରହେ । ସେ ଅସୂର୍ଯ୍ୟମ୍ପଶ୍ୟା, ସେ ଗୋଟେ ଅଜାଗା ଘା, ସେ ଦୂରରୁ ଶୁଭୁଥିବା ଏକ ମଧୁର ସ୍ୱର, ସେ ସ୍ୱପ୍ନରେ ଆସୁଥିବା ଏକ 'ଛାୟାମୂର୍ତ୍ତି', କେଇ ମୁହୂର୍ତ୍ତର ଆଶ୍ୱାସନା ଦଉଥିବା କେବଳ ଏକ ଅନୁଭବ ସେ ! ମାତ୍ର ଅନେକ ଭାବିଚି ତା' କଥା, ଭାବିଚି ଜହ୍ନରାତିରେ କଣ କରୁଥିବ ସେ ! କେମିତି କାଟୁଥିବ ସେ ତା'ର ଏକୁଟିଆ ଶୀତରାତି, ବର୍ଷାରାତି ! ରଙ୍ଗଣୀ ଫୁଲକୁ ଆଉ ସମୁଦ୍ର ଲହଡିକୁ ଦେଖି କି ଭାବାନ୍ତର ଆସୁଥିବ ତାର ? କେମିତି ଥିବ ପୂରବୀ, ସାଥୀହୀନ ସନ୍ୟାସିନୀ ପରି ନା ପ୍ରଜାପତିର ପ୍ରମତ୍ତ ଗୁଞ୍ଜରେ ବିଭୋର ହେଉଥିବ ସେ ? ତା' ସହ କେବେ ଦେଖାହେଲେ ପୋଛିଦେଇ ପାରିବି କି ତା'ର ଲୁହଧାର, ଆଶ୍ୱାସନାରେ ଥାପୁଡେଇ ଦେଇ ପାରିବି କି ତା'ର ପିଠି ? ମାତ୍ର ଏସବୁ କେବଳ ସ୍ୱପ୍ନରେ ଭାବି ହୁଏ ସିନା ବାସ୍ତବରେ କିଛି ହୁଏନା । ତାକୁ ଦେଖି ହୁଏନା କି ଛୁଇଁ ହୁଏନା । ଅଥଚ ସେ ଥାଏ ମୋ ପାଖେପାଖେ । ନିଃଶବ୍ଦରେ ମୋ ହାତ ଧରି ଧରି ଚାଲୁଥାଏ ତା' ବାଟ । କେବେକେବେ ତା'ର ବାସ୍ନାରେ ପୁଲକିତ ହୁଏ ମୁଁ । କେବଳ ଏତିକି ତାର ପରିଚୟ ! ମୁଁ ଚେଷ୍ଟା କରିଚି ତା'ରି ଚରିତ୍ର ଭିତରେ ପୃଥିବୀର ସବୁ ପ୍ରେମିକାପଣ ଖଂଜିବା ପାଇଁ ଯେମିତି ପୂରବୀ ବିଷୟରେ ପଢିଲା ବେଳେ ପୃଥିବୀର ପ୍ରତ୍ୟେକ ପ୍ରେମିକ ଭେଟିବ ନିଜ ପ୍ରେମିକାକୁ !

ସତରେ ମୋ ଅନ୍ତରଙ୍ଗ ଜୀବନରେ ପୂରବୀ ବୋଲି କେହି କେବେ ନଥିଲା କି ଏବେ ମଧ୍ୟ ନାହିଁ । ଯଦି କେହି ପୂରବୀ ସତରେ ଥାଆନ୍ତା ମୁଁ ଏକୁଟିଆ ତାକୁ ନିରୋଳାରେ ଅନୁଭବ କରିବା ପାଇଁ ଲୁଚେଇ ନରଖି କଣ ଛାଡିଥାନ୍ତି ତା' ଭିତରେ ପୃଥିବୀର ସବୁ ପ୍ରେମିକ ନିଜ ନିଜ ପ୍ରେମିକାଙ୍କୁ ଅନୁଭବ କରିବା ପାଇଁ ? ଏତେ କଥା କହିଲା ପରେ ମଧ୍ୟ କେହି କେହି ଭାବୁଥିବେ, ମିଛ କହିଲ ବଂଧୁ, ଠକିଦେଲ ! ମାତ୍ର ପୂରବୀ ଥାଉ ବା ନଥାଉ ତାକୁ ନେଇ ଯେତେ ପ୍ରଶ୍ନବାଚୀ, ଯେତେ ଅନୁସନ୍ଧିତ୍ସା, ଯେତେ ସନ୍ଦେହ, ଯେତେ କୁହେଳି ସେସବୁ ତାକୁ କରିଛି ଆହୁରି ରହସ୍ୟମୟୀ । ପୂରବୀ ଚିରକାଳ ଏମିତି କୁହୁଡିଘେରା, ଏମିତି ଅସୂର୍ଯ୍ୟମ୍ପଶ୍ୟା ହେଇ ରହିଥାଉ । ତାକୁ ଖୋଜିବାରେ ବିତିଯାଉ ଜନ୍ମ ଜନ୍ମାନ୍ତର । ହୁଏତ ତାକୁ ଖୋଜିବାର ଏ ଅସରନ୍ତି ମୃଗତୃଷ୍ଣା ହିଁ ତାକୁ କରି ପାରିଚି ଏତେ ନିବିଡ, ଏତେ ସ୍ମୃତି ବିଜଡିତ !

୨୮୮/୨୬୮୩, ବଜରଙ୍ଗ ନଗର, ଝାରପଡା, ଭୁବନେଶ୍ୱର,
ଫୋନ୍ : ୯୪୩୭୨୮୬୫୧୨

ଏ ଗହଳି ଭିତରେ
ଯିବି କି ଭିଡ କାଟିକାଟି
ହଠାତ୍ ଉଭା ହେବି ପୂରବୀ ଆଗରେ ?

ହୁଏତ ସେ ଚମକି ପଡିବ
ମତେ ଦେଖୁ ଦେଖୁ
ହୁଏତ ଆଶ୍ଚର୍ଯ୍ୟ ଚକିତ ହେବ
କାକୁସ୍ଥ ଭାବ ତାର କଟିଯିବ ଧୀରେ ଧୀରେ !

ପ୍ରଗଲ୍‌ଭ ପ୍ରେମିକାଟେ ପରି
ପୁଣି ଧାଇଁବ ସେ ଛୁଆପିଲା ସ୍ୱାମୀସଂସାର ଛାଡି
କଟକର ଅଙ୍କାବଙ୍କା ଗଳିକନ୍ଦିରେ
ଜିଦ୍ କରିବ ଖାଇବାକୁ ଦହିବରା ଆଳୁଦମ୍
ଗୁପ୍‌ଚୁପ୍, ଆଇସ୍‌କ୍ରିମ୍
ଅନର୍ଗଳ ଗପି ଚାଲିବ ଶେଷହୀନ ଗଳ୍ପ ଯେତେ ।

ଭୁଲି ବସିବ ଯେ
କଟକର ପରିଚିତ ଲୋକେ
ଯୋଉମାନେ ଜାଣନ୍ତି ଆମ ପ୍ରେମ କାହାଣୀ
ଚାହିଁ ରହିଛନ୍ତି ଆମକୁ
ଏତେଦିନ ପରେ ଏକାଠି ଦେଖି ।

ନା, କ'ଣ ମିଳିବ ଆଉ
ଏ ବୃଥା ଅପଚେଷ୍ଟାରୁ ?
ଯେନତେନ ପ୍ରକାରେଣ ଚାଲୁଥିବା
ପୂରବୀର ମଧ୍ୟବିତ୍ତ ଜୀବନରେ
କାହିଁକି ସୃଷ୍ଟି କରିବି ଏ ମିଛ ଉଦ୍‌ବେଳନ ?

ବରଂ ସେ ଯେମିତି ଅଛି ସେମିତି ଥାଉ
କୋଉଠି କେମିତି ବିଜୁଳି ଆଲୁଅ ଭଳି
ଦୂର ଆକାଶର ମେଘ ଉହାଡରୁ ।
ମଝିରେ ମଝିରେ ଦିଶି ଯାଉଥାଉ ପୂରବୀର ମୁହଁ
ଏବଂ ମୁଁ ଧାଇଁ ଯାଉଥାଏ
କେଉଁ ଅଦୃଶ୍ୟ ଉଚ୍ଚାଟନରେ
ତାକୁ ଛୁଇଁବା ପାଇଁ !

ପ୍ରତିଥର ପୁଣି ଫେରି ଆସୁଥାଏ ମୁଁ
ତାକୁ ଜମାରୁ ନଛୁଇଁ
ମୂଳରୁ ତାକୁ ଦେଖା ହିଁ ନଦେଇ ! ♥



# ଏ ସ୍ତ୍ରୀଲୋକଟି କିଏ ?

କେବେ କେବେ ସେ ଅନ୍ଧାରରେ ମୁହଁଯାକି ବସିଥାଏ । ଅରମା ଅରଣ୍ୟରେ ବାଟବଣା ହୁଏ । ପୁଣି କେବେ କେବେ ମହାନଦୀର ପାଣିରେ ନିଜକୁ ଭସେଇ ଦେଇ କହେ, ଏଥର ମତେ କିଏ ନେଇଯିବରେ, ନେଇଯା... । କେବେକେବେ ଜଳନ୍ତା ଅଙ୍ଗାରରେ ବାଟ ଚାଲୁଚାଲୁ ଜୀବନଗୀତ ଗାଉଥିବା ତା' ମହୁକଣ୍ଠ ସତରେ କେତେ ସୁନ୍ଦର ।

ଯେଉଁ ନିଆଁ ସେ ନିଜେ ଲଗାଏ, ସେଇ ନିଆଁରେ ସେ ଜଳେ । ଜଳିଜଳି ପାଉଁଶ ହୁଏ । ପାଉଁଶ ଗଦାରୁ ପୁଣି ଆଶ୍ଚର୍ଯ୍ୟ କୋମଳ ହୋଇ ଜନ୍ମ ନିଏ । ତା'ର ଜୀବନ ଜିଇଁବାର ଏ ବାଗ ମୁଁ ବୁଝି ପାରେନି । ସୁଶୀତଳ ଝରଣାର ଥଣ୍ଡା ପାଣି ପରି ସ୍ପର୍ଶ ତା'ର । ଅଥଚ ଛୁଇଁ ଦେଖିଲେ ପୁରୁଣା ଆଗ୍ନେୟଗିରିର ଅଥୟପଣ ତା' ଭିତରେ । ବେଳେବେଳେ ଲାଗେ ଯେମିତି ମୁଁ ବୁଝିପାରେନି; ତାକୁ କେହି ବି ବୁଝି ପାରନ୍ତିନି ।

ତାକୁ ପ୍ରଥମଥର ଭେଟିଥିଲି, ଯେତେବେଳେ ସେ ଘଣ୍ଟା ଘଣ୍ଟା ଧରି ଜହ୍ନକୁ ଅନ୍ୟମନସ୍କ ହେଇ ଦେଖୁଥିଲା । ଅନେକଥର, ଅନେକ ବାଗରେ ତା'ର ଏଇ ଅନ୍ୟମନସ୍କତାକୁ ଭେଟିଚି । ପଚାରିଲେ ସବୁଥର ଚୁପ୍ ରହେ । ଏଇ ଚୁପ୍ ରହିବା ବି ଗୋଟେ କୌଶଳ । ସେ ଭଲ କରି ଶିଖିଥାଏ । କେଉଁ ଗୋଟେ ମନ୍ଦିର ଭିତରେ ଆଠ ବର୍ଷର ଝିଅକୁ ଗଣ ଦୁଷ୍କର୍ମର ଖବର ଆଜି ସାରା ଦେଶରେ । ସରକାର ପରି ଠାକୁର ବି ନିରବ । ହୁଏତ ସେଦିନ



କବି ପ୍ରତୀକ୍ଷା ଜେନା ▶

## ସ୍ତ୍ରୀଲୋକର ଶବ୍ଦାର୍ଥ-୧୧

**ପ୍ରତୀକ୍ଷା ଜେନା**

ନଖରା ଆଗକୁ
ଓଭରବ୍ରିଜ୍ ପାଖରେ ଦେଖିଲି ହୋର୍ଡ଼ିଂରେ
ମା' ସହ ମୁଁ ବସିଚି ।
ଖରାଫୁଲିଆ ହସ ଆମ ମୁହଁରେ ।
ବାସ୍ ସେଇଠୁ ଭୁଲ୍ ସବୁ ସଂଖ୍ୟା ଓ ସମୀକରଣ ।
କେଉଁ ବର୍ଷ, କେଉଁ ତାରିଖ
କେଇ ଘଣ୍ଟା, କେଇ ମିନିଟ୍‌ରେ ମୁଁ ଓ ମା'
ସାଥୀ ହେଇ ଆଲୁଅ ଦେଖିଲୁ ।

ସେ ଆଲୁଅ ଦେଖିବାର ବାଗ ଯଦିଓ
ଅଲଗା ଅଲଗା ଥିଲା
ପୋଥିଆଳ କହିଲେ, ସରକାର କହିଲା,
ଦେଶ ଆଗେଇବ, ହୁସିଆର୍...

ଗୁହାଳ ମୁକୁଳା ରଖ
ଦେଶରେ ନାରୀ ଜାଗରଣ ଆଣ ।

ମୁଁ ମା'କୁ ଦରଦୀ କଣ୍ଠରେ ପଚାରିଲି
ଉଚ୍ଛନ୍ନ କରୁଥିବା ଏଇ ଝକ୍‌ମକି ପଥର ସବୁ ପରି
ମୁଁ ବି ଚମକିବି କି ଆକାଶରେ ଦିନେ !

ପଦ୍ମ କେଶୁର ପରି
ପାଣିରେ ପବନର ଭଉଁରୀ ଖେଳ ପରି
କେବେକେବେ ଗହନରାତିରେ ଟେଁଟେଇ
ଚଢ଼େଇର
ଡାକ ପରି,
ମା, ସେ ଲୋକର କୁହୁକ ସ୍ୱପ୍ନ ପରି
କନିଅର ଫୁଲ ପରି
କହ ମା' କହ
ବଣରେ ହରିଣଛୁଆ ପରି ମୁଁ ଜିଇଁପାରିବି ସତେ !

ପୁରୁଣା ଲୁଗାକୁ ଖଣ୍ଡ ଖଣ୍ଡ ଚିରି
କେଉଁଥିରେ ମୋର ଗହଳ ନିଦ

କେଉଁଥିରେ ମୋ ନରମ ଛାତିର ବାଦାମି ରଂଗ
କେଉଁଥିରେ ମୋର ଆଜାନୁଲମ୍ବିତ କେଶ
କେଉଁଥିରେ ହୃତ୍‌ପିଣ୍ଡ,
କେଉଁଥିରେ ମୋ ଜଙ୍ଘସନ୍ଧିର ଅନ୍ଧାର ସାଇତି
ଦେଲା ।

ଗୋଟିଏ ପୃଥିବୀରେ ମୁଁ ଓ ମା’ ମିଶି
ଦୁଇଟି ବୃତ୍ତ ଆଙ୍କିଲୁ ।

ସେ ବୃତ୍ତକୁ ନିଜ ନିଜ ଦେହରେ ବେଢ଼େଇ
କେବେ ତା’ ଆଖିରେ ମୁଁ
କେବେ ମୋ ଆଖିରେ ସେ
ଲୁହ ଝରେଇବାର ଦେଖିଲୁ ।

ମୁଁ ନିଷ୍ଚୟ କଲି ଓ
ବୃତ୍ତ ଭାଙ୍ଗି ଦିନେ ବାହାରି ଆସିଲି
ବୃତ୍ତ ବାହାର ଲୋକଙ୍କୁ ଦେଖେଇ ଦେଖେଇ
ମାସର ନିର୍ଦ୍ଦିଷ୍ଟ ତାରିଖରେ ମନପସନ୍ଦର
ସୁଗନ୍ଧିତ ନାପ୍‌କିନ୍ କିଣି ଫେରିଲି ।

ଖୁସି ମନରେ ସେଦିନ କବିତା ଲେଖିଲି
ପ୍ରଧାନମନ୍ତ୍ରୀଙ୍କୁ ଟ୍ୱିଟ୍ କଲି

ମୋର ନୁଖୁରା ମୁହଁରେ ହସ ଝରେଇ ଯେଉଁ
ବହିଟି ଧରେଇ ଦେଇଚ ମୋ ହାତରେ
ସେଥିରେ ମୋର ଇତିହାସ କାହିଁ !
ମୋ ମା’ର ପରିଚୟ କହିଁ
ଆପଣଙ୍କ ଯୋଜନାରେ
ମୁଁ ସୁରକ୍ଷିତଟି ! ♥



ଧୃତରାଷ୍ଟ୍ର, ଦ୍ରୋଣ ଓ ଭୀଷ୍ମଙ୍କ ପରି ପୁରୁଷଶ୍ରେଷ୍ଠମାନେ କୁରୁସଭାରେ ଦ୍ରୌପଦୀର ବସ୍ତ୍ର ହରଣରେ ସହଭାଗୀ ହେଲା ପରି, ଠାକୁର ବି ନିରୁପାୟ, ଅସହାୟ ।

ତାକୁ ଠାକୁରଙ୍କ କଥା ପଚାରିଲେ, ହାଃ...ଠାକୁର ନା ଫାକୁର । ବଡ଼ ବେପରୁଆ ଢଙ୍ଗରେ କହେ । ନିଜ ଇଚ୍ଛାରେ ଈଶ୍ୱରୀ ସେ । ଏଇ ଇଚ୍ଛା ହେଲା, ଲେଉଟିଆ କିଆରୀରୁ ଦି’ମୁଠା ଶାଗ ତୋଳି ଆଣି, ଫୁଟନ୍ତା ରସୁଣ ଛୁଙ୍କ ଦେଇ ପରଷି ଦେଲା ଖାଇବା ଥାଳିରେ । ଘଣ୍ଟା ଘଣ୍ଟା ଧରି ଅନ୍‌ଲାଇନ୍‌ରେ ମନପସନ୍ଦର ଶାଢ଼ି ଖୋଜିଲା, ପସନ୍ଦ ହେଲାନି ବୋଲି ଛୁଆଙ୍କ ପରି ଲୁହ ଗଡ଼େଇଲା । ରାତିରାତି ଅନିଦ୍ରା ରହି, ଅନ୍ଧାର ସହ ଆକାଶ ସହ, ଅନ୍ତରୀକ୍ଷ ସହ କଥା ହେଲା ।

ଦଶବର୍ଷ ତଳୁ ମରି ସାରିଥିବା ତା’ ବାପାଙ୍କ ସହ ବେଳେବେଳେ ସେ କଥା ହୁଏ । ଦେହର ଶୃଙ୍ଗାର ଓ ସମ୍ପର୍କ ସବୁ ଓହ୍ଲେଇ ଦେଇ ଶିଶୁ ପାଲଟି ଯାଏ । ଯଦିଓ ସେ ଜାଣିଥାଏ, ବାପାମାନେ ସବୁଦିନ ଆକାଶର ତାରା । ଦୂରରୁ ନିରେଖି ଦେଖୁଥିଲେ ବି ଆହା ପଦେ କହି ପାରନ୍ତିନି ।

ଲାଲ୍ ଟହଟହ କୃଷ୍ଣଚୂଡ଼ା ଗଛର ଶାଖାରେ ଗୁଡ଼େଇ ହୋଇଥିବା ତା’ ହାତ ଗୋଡ଼କୁ ଟାଣି ବାହାର କରି ସଳଖେଇ ସେ ସରକାରକୁ ପ୍ରଶ୍ନ କରେ : ମହେଞ୍ଜୋଦାରର ମାଟିପିଣ୍ଡରେ ଏଯାଏଁ ଅନ୍ଧାର ଭୋଗୁଥିବା ତା’ର ଅସ୍ତିତ୍ୱକୁ ଖୋଜି ଆଣିବାକୁ ଦାବି କରେ । ସଭାରେ ସଗର୍ବରେ ଠିଆ ହେଇ କବିତା ପଢ଼େ, ଫୁଲ ଓ ପ୍ରଜାପତିମାନଙ୍କ ସହ, ଘରଚଟିଆ ଚଢ଼େଇମାନଙ୍କ ସହ ଓ ତା’ର ପୁରୁଷ ବନ୍ଧୁମାନଙ୍କ ସହ ହସି ହସି କଥା ହୁଏ ।

ତା’ର ଖାତିର୍ ନଥାଏ ସରକାରର ସହାନୁଭୂତିକୁ । ଖାତିର୍ ନଥାଏ ସାଇକେଲ୍ କି ସାନିଟାରୀ ନାପ୍‌କିନ୍‌ର ଅନୁଦାନକୁ । ଏପରିକି ତାକୁ ଧର୍ଷଣ କରିଥିବା ଅଣପୁରୁଷଙ୍କୁ ବି ପାଦରେ ଏଡ଼େଇ ଦେଇ ଆଗକୁ ମାଡ଼ିଚାଲେ । ସ୍ୱାମୀ ସହ ସହବାସରୁ ଉଠିପଡ଼ି ଯୋଗିନୀ ପରି ଏକତାନ୍ ଧୂନ୍‌ରେ ନାଚିନାଚି ବାୟାଣୀ ପାଲଟେ ।

ଅନେକଥର ସେ ନିଜେ ନିଜକୁ ଭାଗଭାଗ କରେ । ପୁଣି ପ୍ରତି ଭାଗକୁ ଏକାଠି କରି ସେଥିରେ ମନ୍ତୁରା ପାଣି ସିଞ୍ଚେ । ସେ ଜାଣିଥାଏ ଖଣ୍ଡାଧାରରେ ଚାଲିଚାଲି ତାକୁଇ ପାଦରୁ ରକ୍ତ ଝରେଇବାର ଥାଏ ଓ ପରିଶେଷରେ ବ୍ୟାସାର୍ଦ୍ଧର ମଧ୍ୟବିନ୍ଦୁରେ ତାକୁ ଇ ପହଞ୍ଚିବାର ଥାଏ । ସେ ବି ଏକମାତ୍ର ତାକୁ । କାହାର ଛାଇ ସୁଦ୍ଧା ସାଥିରେ ନଥାଏ ।

ସେ ଅନେକଥର ନିଜ ନିଜକୁ ପ୍ରଶ୍ନ କରେ ଓ ଉତ୍ତର ଫେରେଇବାର ଆବଶ୍ୟକତା ଅନୁଭବ କରି ପାରେନା । ନିରବ ରୁହେ । ଦର୍ପଣରେ ନିଜକୁ ଦେଖେ । ବାପା ମା’ଙ୍କୁ ଆକୁଳ ହେଇ ଚାହେଁ । ସ୍ୱାମୀଙ୍କ ଆଲିଙ୍ଗନରେ ନିଜର ଆକାର ଖୋଜେ । ସନ୍ତାନମାନଙ୍କୁ ସ୍ନେହରେ ଆବୋରି ନେଲା ପରେ ବି ନିଜକୁ ନିଃସ୍ୱ ପାଏ ।

ସେ ଲୁହର ପୁରୁଣା ନଈଧାରରେ ବାଟ ଚାଲୁଚାଲୁ ଆକାଶ-ମୁହାଁ ହୁଏ । ଶବ୍ଦମାନଙ୍କୁ କ୍ଷୁରର ତୀକ୍ଷ୍ଣ ଧାରରେ ସଜେଇ ନିଜ ପାଇଁ ନିୟମ ଲେଖେ । କେଉଁ ନିୟମରେ ସେ ନିଜକୁ ଖାପଖୁଏଇ ପାରେନି । ପବନ ପରି, ନଈ ପରି, ପ୍ରଜାପତି ପରି, ଫୁଲର ସୁଗନ୍ଧ ପରି ସ୍ୱଚ୍ଛନ୍ଦ, ମୁକ୍ତ । ତାକୁ ବାନ୍ଧି ରଖୁଥିବା ତା ଘରର ଚାରିକାନ୍ଥ ଓ ପ୍ରେମିକର ଛାତିକୁ ବିଦାରି ପକେଇ ସେ ରାସ୍ତାକୁ ବାହାରି ଆସେ । ପୃଥିବୀର ସବୁ ସ୍ତ୍ରୀଲୋକଙ୍କୁ ଆଉଟିକେ ଅଧିକ ସ୍ତ୍ରୀଲୋକ ହେବା ପାଇଁ ଆହ୍ୱାନ କରେ ।

ମୁଁ ତାକୁ ଶେଷଥର ଭେଟିଲା ବେଳକୁ ସେ ପୃଥିବୀ ବିରୁଦ୍ଧରେ ତୃତୀୟ ବିଶ୍ୱଯୁଦ୍ଧର ପ୍ରସ୍ତୁତିରେ ଥାଏ । ସ୍ତ୍ରୀଲୋକ ନିଜ ହାତରେ ନିଜର ଶବ୍ଦାର୍ଥ ଲେଖୁଥାଏ- ଲେଖିସାରି ସେ କାଗଜକୁ ଟୁକୁରା କରି ଉଡ଼େଇ ଦେଉଥାଏ । ଏଇ ଆଶାରେ, ହୁଏତ ସେ କାଗଜ ଟୁକୁରା ଦିନେ ନିଜେ ନିଜର କାହାଣୀ କହିବା ବନ୍ଦ୍ କରି ଦେଇଥିବ ଓ ଧଳା ରଙ୍ଗର ଅକ୍ଷତ ଫୁଲ ହେଇ ମହକୁଥିବ ପୃଥିବୀରେ ।

କ୍ୱାର୍ଟର ନଂ ବି/୨୧୨୭, ନାଲ୍‌କୋ ନଗର, ଅନୁଗୁଳ
ଫୋନ୍ : ୮୮୯୫୩୬୫୩୮୪

# ନିୟମଗିରି

## ଗିରିଜାକୁମାର ବଳୀୟାରସିଂହ

୧

ଯେଉଁ ନିଆଁ ଜଳେ ଚକମକି ନୁହେଁ, ଚଉହଦି ଛାତି ଚିରି
କହ ତାକୁ ଛୁଇଁ କରିବିରେ ମୁଇଁ – କି ନିୟମ ଆଜି ଗିରି ?
ଫି ପଥରକୁ ଫତଓ୍ୱାଜାରି ତୋ ପତ୍ରଫୁଲକୁ ମନା
ମାମୁଲି ମୁଁ ମହୁମାଛି ମୋ ମୁହଁକୁ – ଯେ ମୂଳାମୁଳକୁ ଅନା !

ଯେଉଁ ନିଆଁ ଜଳେ, ସେ ନିଆଁ ତୋ ଆଡ଼େ ବାହାବାହୁ ବଢ଼ାଏଟି
ଅନୁତାପ କେଉଁ ଅନୁଶାସନର ଅକ୍ଷର ନୁହେଁ ଏଠି ।
ଆଖି ଏବେ ପାଏ ଯେତେ ଦୂରଯାଏଁ ହେବ କି ତା ହତଶିରୀ ?
ଅଗ୍ନି ତୋ ଚୂଡ଼ା ଚଢୁଚି ସିନା ତୁ ନୋହୁଁ ଆଗ୍ନେୟଗିରି ।

ଡେଣାଫାଂକର ଆକାଶଟା ମହୁଫେଣାଠୁ ଫେରାର୍ ମୋର
ବନୌଷଧିର ବାସ୍ନା ବାଉଳା...ଚେର ତୋ ଛିଡ଼ାଏ ଡୋର ।
ଅଦୂରର ଉଇହୁଂକା ଉପରେ ସାପର ସୁନେଲି ଫଣା...
ଦୂର ଦକ୍ଷିଣାପବନ ଯେ ବନପକ୍ଷିବସାରେ ବଣା ।

ଡାଳକୁ ଫୁକାରେ ଫୁଟାଡିଂବର ଡହଳବିକଳ ଡାକ
ଫାଶୀଦିଆ ବରଗଛର ମୋ ଏଣେ ବାହୁନେ ଓହଳଯାକ ।

୨

କାଟ୍ କାଟ୍ ବୋଲି କାହାର ଆଜ୍ଞା ଗଛକୁ ତୋ କରେ କାଠ ?
ଫାଟ୍ ଫାଟ୍ ବୋଲି କାହା ଫଜିତ୍‌ରେ ପଥରରେ ପଡ଼େ ଫାଟ ?
ବାଟ୍ ବାଟ୍ ବୋଲି କାହା ବଚନରେ ବନହଳଦୀ ତୋ ବଟା ?
ଚାଟ୍ ଚାଟ୍ ବୋଲି କାହା ଚାଟୁରେ ତୋ ଚଟୁ ବି ଆଇଁଷଚଟା ?

ବେଂଟ ନିଜର ନିରାମିଷ କହି ବୁଲାଏ କେ ତତେ ହଳ ?
ଲୁଟୁଚି ତୁଟୁକା ତଂଡୁଳ କେଉଁ ତୀର୍ଥକାକର ଦଳ ?
କୁହୁକୁ କୁବୁଲ୍ କରୁ କରୁ କିରେ କୁହୁଳିଉଠେ ତୋ କୁଇ ?
ମୁଇଁ ବାଂଧିଲେ ତତଲାପାଣିରେ ପଦ କି ପଡ଼ିବୁ ତୁଇ ?


ଡଗର ନାଇଁ କେ । ଡଂଗର ଡାକେ : ଛାତିରୁ ତୁ ଡର ଛଡ଼ା
ଫୁଟିକାକୁଡ଼ିରେ ଫୁଆରିଉଠୁଚି ପୂରା ତୋ ପାହାଡ଼ଗଡ଼ା ।
ଧାନ ପାଚିଗଲେ ଧାଂଗଡ଼ୀ ତୁଲେ ଧାଂଗଡ଼ାଗାନ ଗାଆ,
କି ସୁନା ସୁବା ତୁ ସାମିଲ୍ ହେଲେ ତୋ ଶହେ ସାନସାନ ଗାଆଁ !

ଘଟାଟୋପ ନାଇଁ । ଘାଉଁରିଆ ଘାଟି ଘଂଚକୁହୁଡ଼ିଘେରା
ଡରିମରି ଏଠୁ ଡଂଗରିଆ ତୁ ଉଠାଇନବୁ କି ଡେରା ?

୩

ଉଂଚାପାହାଡ଼ ଉପରୁ ଉପୁଚି ଝର ତୋ ଦଉଚି ଝାସ
ତଳେ ଫୁଟି ଘାସଫୁଲ ବି କହୁଚି ଦୂବକୁ : ଘୁଂଚିଆସ !
ମାତ୍ର ଆମର ଦୂରତାକୁ ଆମ ମିନିଟିଏ ମନ ନାଇଁ
ତୁ ବଢୁ ବନର ଦେବଦାରୁ ଆଉ ଆମେ ବନୁ ବନ୍‌ସାଇ !

ସଳପପତ୍ର-ତଳପରେ ତୋର ଅଳପ ଅସ୍ଥାବର
ଅଶୋକବନରେ ଫୁଲ ତୁ ଫୁଟାଉ – କି ଶୋକପ୍ରସ୍ତାବର ?
ଆଡ଼ି ଉହାଡ଼ିଚି କୁଆଡ଼ିକାର ଯେ ଜୁଆଡ଼ି ଜହ୍ନରାତି ?
ଏବେ ବି ମୃଗୟା ମୃତ୍ୟୁ ମଝିରେ ଉଠୁଚି ଜୀବନ ମାତି ।



କବି ଗିରିଜାକୁମାର ବଳୀୟାରସିଂହ



ବନହଂସୀର ଅଂଶୀଦାର୍ ତୋ ଘନ ସେ ବାଂଶନୀଡ଼
ଦଂଶିଚି ଦୂରୁ ବଂଶୀଧ୍ୱନି ଯେ ଯଦୁବଂଶୀର ଭିଡ଼ ।
କୁରେଇ/କୁଡ଼େଇ କୁଡ଼େଇ କୁଟିରୁ କୁଂଦକଳିର କଳା
ଚିତାକଟା ଯେତେ ଯୋଜନାର ଚିଠା ଜଳା ତୋ ହୁଳାରେ ଜଳା !

ନାଇଁ ଆମ କାହା ଆଖିକାନ ଆହା ! ଅଛି ପେଟ ଅଛି ପାଟି
ବାମନପାଦ ଯେ ଦାନ ମାଗୁଚି ତୋ ମାଂଗାନିଜ୍‌ର ମାଟି !

୪

ଗହନ ଗପର ଗୁହାରେ ଗାଉଁଲୀ ଗୀତଗୁଡ଼ା ଗଜାବତୀ
ଜନ ଓ ଜାତିର ଜେତବନରେ କି ପ୍ରଜାତି ତୁ ପ୍ରଜାପତି ?
ପଥରର ଫୁଲପାଖୁଡ଼ା ପାଖରେ ଧରା ଦିଏ ଧରତିନି
ଦିଏ ଦାନାକନା କୁଡ଼ିଆ ସେ ବନଦେବତୀଟି ବର ତିନି !

ମୂଳପୁରୁଷରୁ କୁଳପୁରୁଷକୁ ପଶୁ-ପରଚରେ କଷ୍ଣୁ
ପଶୁରାଜବଳ ପେଶୀରେ ପେଶୀରେ ପାଂଚପାହାଣ ଚଷୁ ।
ଯାଉ ତୁ ଝରଣା କୂଳେକୂଳେ ଖୋଜି କଂଧଜାତିର ଝିଅ
କୁଟୁଂବରୁ ତୋ କୁଳ ମାନିଚି ଯେ ନିୟମଗିରିକୁ ନିଅଁ ।

ପରଜା ପାଳୁଚି ନିୟମରଜା ତୋ ଦରଜା ସାହାଣମେଳା
ପଶୁ ହଉଥା କି ପକ୍ଷୀ ହଉଥା – ବାଦୁଡ଼ି ନହେଲେ ହେଲା !
ବନବାସ ବୁଝେ ଜୀବନଟା ଯୁଝେ ପକ୍ଷୀ ତୋ ଡାଳେ ଥାଇ
ଦରକାର ନାଇଁ ଝରକାର ଖରା ପରଦାର ଫାଳେ ଛାଇ ।

ଛଅହାତିଆ ତୁ ଛତିଶ୍‌ପାଟୁଆ, ପାଦ ପିଟିପିଟି ଚାଲ୍,
ଜାଲଜାଲୁଆ ସେ ଛାଇଆଲୁଅରେ ଆକାଶ କେଉଁଠି ଲାଲ୍ ?

୫

ନୂଆପତ୍ରରେ କାକରପାଣିତ ଧୂଆଁପତ୍ରରେ ନିଆଁ
ଶାଳପତ୍ରର ସର୍ତସବୁ ତୋ ସ୍ୱପ୍ନରେ ସରେ ସିଆଁ ।
ହଉଆ ହଉଆ ମହୁଆମହୁଆ ହାଉଆରେ ହଜୁ ମନ
ମନ ନ ହଜିଲେ ମହୁଲଫୁଲରେ ଜଳୁଥିବ ଯଉବନ ।

ନିୟତ ରଖିବି ମନରେ ତତେ ମୁଁ ନିୟମ କଲିରେ ଗିରି,
ମୁଂଡାମାଟିକୁ ମକୁଟାଉଥାଉ ମାଂଡିଆ ମୁଗବିରି !
ଡଂଗର୍‌ରାନୀ ଡାଲିଆଡୋଲିରେ କାଂଗୁଚାଉଳ ସୁଆଁ
ଭୁଲାବାଟୋଇକୁ ବୁଲାଇନାଇଁରେ ଭୂଦେଇ ଭୂଇଁ ତୋ ଭୁଆଁ ।

କୋଳଥ କିଆରି କଡ଼େ କଡ଼େ କୋଉ କୁଣିଆଟିଏ କି କଣା
ଚାଲ୍‌ବାଜିମାନ ମାଲୁମ୍ ଥିଲେ ବି ଚାଲି ଟିକେ ନାଇଁ ଜଣା ।
ଅନା ତୁ ଅନାରେ ଜନାପଦା ପାରେ ଅଳସୀ/ସୋରିଷକ୍ଷେତ
ଲାଗୁଚି ଯେମିତି ଅହଲ୍ୟାର ସେ ଆଖିନୁଆଁ ଲାଜ ଏ ତ !
ପାଳୁଅ ପାଳୁଚି ପଥୁରିଆ ପୃଥୁ ପଥିର ପଧାନପଦା
ଆଂବକଷିଆ ଅଦାପତ୍ରରେ ଆଶା ରହିଗଲା ଅଧା !

୬

ପଣସଗଛର ଛାଇରେ ପଥିକବଂଧୁ ମୋ ବସିପଡ଼,
କେଂଦୁ ପାଚିଲେ କାଂଦେ କାହିଁକି କାଂଦୁଲ କଷିକଡ଼ ?
ଝୁଂଟ ପଛକେ ପଡ଼ିଉଠି ଚାଲ । ଯିବା ଯେ ଝରଣାକୂଳ –
ଝୁଲେ ଆଠସୁରା ଚଂପେଇତି ସେ ଠୁରିଆଂବର ଠୁଳ ।

ଖଂଦା କେଉଁଠି ଲାଗିଚି ନା କିଏ ଖୁଦରେ ଲଂଦା କରେ ?
ତାଳଖଜୁରିରେ ତାଡ଼ି ନା ଗୁଡ଼ରେ ମଦର ରଂଧା ସରେ ?
ହଅନି ଚାଉଳି ହାଂଡିଆ ପିଇ ବାଉଳିଚାଉଳି ବହେ
ସଲପ୍ ନବନି ହଲପ୍ କରୁଚ ମହୁଲିରେ ମୁହଁ ମହେ !

ଛୋଟମାଛ ଆଣି ଡଂଗରିଆଣୀ ଦେଇଚି ଧୂଆଁ ନା ନିଆଁ
ନୁହଁ ମ ନାକରା ଶୁଖିଲାମାଛକୁ 'ଶୁକ୍‌ସି' ସେ ନାଆଁଦିଆ ।
ପୋଡ଼ୁଘୁଷୁରିରେ ସୁରୁ ସୁସୁରିରେ ଡଂଗରିଆର ଭୋଜି
ପିଆରା ତା ପୋଡ଼ାମାଂସ ବୋଲି ସେ ସାପମୂଷା ଖାଏ ଖୋଜି ।

କେବେ ପାଆଚାରି ପାହାଡ଼ ଉପରେ କେବେ ଗଛତଳେ ଠିଆ
ପଛପଟୁ ପିକା ପାଟିରେ ପଶିଚି – ଯେଉଁ ପଟେ ଜଳେ ନିଆଁ !

୭

ପାଂଚହଜାର ଫୁଟକୁ ଛୁଉଁଚି ଦୂରପର୍ବତଚୂଡ଼ା
ଡଂଗରିଆର ଲଂବଚୂଳରେ ଗଂଠିଗୋଟା କି ଗୁଡ଼ା !
କଳାମୁଗୁନିଆ ବଲୁଆମର୍ଦ୍ଦ ବଳିଲାବଳିଲା ବପୁ
ଲାଗିଆସିବ ତ ଗୀତ ଗାଉଗାଉ ରାଗିଯିବ ଗପୁଗପୁ !

ଦେଖରେ କୁଟିଆ କଂଧଯୁବାର ବେକରେ ବେଜାଏ ମାଳି
ହାତରେ ଯାହାର ରୁପାବଳା ତାର କେଜାଣି କେଜାଏ ଆଳୀ !
ନୁହଁ ତ ଗୁଆଁରୀ କଂଧକୁଆଁରୀ ଗଭାରେ ଗହଳକେଶ
ଗେଲରେ ମଥାର ବଂଧା କି ତାର ତେଲଗିନାକରେ ଶେଷ ?

ଚିକଣା ଚୂଳରେ ଚିପ୍‌ନାଟାଏ ତ ଠିକଣାବେଳକୁ ନାଇଁ
ଏତେ ଫୁଲ ଥାଇ କଂଧୁଣୀ ବୁଲେ ପ୍ଲାଷ୍ଟିକ୍ ଫୁଲ ନାଇ !
ନାକଦଂଡିରେ ପୁଡ଼ାଦିଓଟିରେ ପିଂଧା ତିନୋଟି ନୋଳି
ହଜିଲାନୋଥକୁ ଖୋଜୁଖୋଜୁ ଏଣେ ଗଲାଣି ଗୋଟିଏ ଓଳି !

ତୁନିଗଲେ କୁନି କୋଇଲୀ କୋଉଠି କଂଧୁଣୀ ସୁର ତୋଳେ
ଯେଉଁ ସୁର ଗିରି-ସଂକଟ ଚିରି – ବ୍ୟଥା ବହୁଦୂର ବୋଳେ ।

୮

ଗୀତ ଗାଇବାକୁ ମନା ନାଇଁ କିଛି କଥା କହିବାକୁ ମନା
ଅଇଁଠାପତର ପଡ଼ିବ ଉଠା ହୋ ଶିଆଳିପତ୍ର ଦନା !
ଚୋକିପରବକୁ ରୋକିବାର ନାଇଁ ରୋକିବାକୁ ଅଛି ଭିଡ଼
ଏକାଠି ହବାର କସମ୍ ଝୁଟା ହୋ ଏକଲା ରକ୍ତ ଇଡ଼ !

ଡାଂପମଇରି ମନା ନାଇଁ ବାବା ପିଟିବାକୁ ମନା ଢୋଲ୍
କଳର ଫୁଂଗା ବାଜିବ ଛୁଟା ହୋ କଂପାନୀବନା ବୋଲ୍ !
ନାଚିବାକୁ ନାଇଁ ନାସ୍ତି କେବଳ ଚିଡ଼ିମାଡ଼େ ଛିଡ଼ାହବା
ଫ୍ୟାକ୍ଟ୍ରୀ ଫାଟକ ଫିଟିବ ଫୁଟା ହୋ ଆଂଗୁଠି, ଗୋଡ଼ ଦବା !

ମୂଲିଆ ହବାକୁ ମନା ନାଇଁ ମୋଟେ ପୋଡ଼ଚାଷୀ ହବା ମନା

ପାହାଡ଼ରୁ ମାୟାମମତା ତୁଟା ହୋ ଆଲୁମିନାଆଡ଼େ ଅନା !
ଡୁଡୁଂଗାରୁ କି ଡୁଂଗ୍‌ଡୁଂଗାଟା ? ଚୁଇଁବାଜା ଚିଡ଼ିବିଡ଼ି
ଟାଂକିରଖିଲେ ଟାଣୁଆମୁଠା ହୋ ତାର ଯିବ ଛିଡ଼ିଛିଡ଼ି !

ଢେମ୍‌ସା, ଧାଉଁଚି – ନାଚ ଯାହା କିଛି । ଡିଅଁନି । ଡେଇଁଲେ – ପଶୁ
ବଣିକ ବୋଇଲା : ଏଇ ବନଗିରି ବାହାରେ ବସତି ବସୁ !

୯

ପୋଡୁଚାଷ ପାଇଁ କୋଡୁଚୁ କୁଦକୁ ଲୋଡୁଚୁ ତୁ ଲାଖରାଜି
ଧନୁ ଧରୁନାଉଁ ତୀରରେ କି ଆଉ ବିଂଧିବୁ ଲାଖ ଆଜି ?
ବର୍ଛା ଉଠାଏ ବାଆଁହାତ ଫେର୍ ଫାର୍ଶା ଡାହାଣହାତ
ବନେ କି ଶିକାରୀ ଭିଟାର ଭିକାରି ? ଖୋଜେ କି ପାହାଡ଼ଖାତ ?

ପାଗିଲା ପାଟ କି ପାଉରେ ପାଗଳା, ପୋଡୁଚାଷ ଏଠୁ ସାରି ?
ପଦର ପଦର ପାଦରେ ପାଦରେ ପଡୁଚି ହବାକୁ ପାରି !
ଆଜି ଚାଳନଡ଼ାଛପର ତ କାଲି ତାଳପତ୍ରର ଘର...
ଜଂଗଲିଆ ତୋ ଜଖମୀ ଜମିର ଜଂଗି ତୁ ଯାଯାବର !

ନାଉକଖାରୁରେ ମଂଜି କେଇଟା ନିୟମରଜାକୁ ଜଣା
ଦୁଃଖ ତୋ ଏତେ ଅପ୍ରମିତ ଯେ ଦେଖୁଦେଖୁ ଦରଗଣା ।
ବୋଲେଁ ମୁଁ : ବହୁଥା ବଂଶଧାରା ମୋ, ନଶୁଖ୍ ନାଗର୍‌ବାଲୀ,
ଲାଗୁ ଲାଂବାରୁ ଲାଂଜିଗଡ଼କୁ ନିୟମଗିରିଟା ନାଲି !

ରାୟଫାୟ ନାଇଁ ମେରି ରାୟ ପାଇଁ । ନ୍ୟାୟ ଲୋଡ଼େ ରାୟଗଡ଼ା
ହାତ ଯୋଡ଼ିଲେ କି ପାଦେ ପୃଥ୍ୱୀକି – ହାୟ ବେଡ଼ି, ହାୟ କଡ଼ା !

୧୦

ନିସାନ୍ ବାଜିଲେ ଭୂଇଁ ଛାଡ଼େ କି ତୋ ନିଦମାଟିବୋଳା ନିଶା ?
ପଡ଼ାପଦରର ପହଡ଼ଟା ପୁଣି ପାଣି ନା ପବନମିଶା ?
ହାଡ଼ରେ ତିଆରି ହଳଦୀକିଆରି । ହୁଡ଼ାରେ ହୁଡ଼ାରେ ତିନି-
ପହର ତୋ ଚାରିପାହାର ଖାଏ କି ଖୋଲ ହେଲେ ଖୁଡ଼୍‌କିନି !

ତିନ୍‌ଦିଅଁର ତୁ ଦେଶ ତୋ ପାହାଡ଼ଶିଖପରେ ସାରୁପେନୁ
ସୂର୍ଯକୁ ମାନି ସାକ୍ଷୀ ତାକୁଇ ଧରମପେନୁ ତୁ ଘେନୁଁ ।
ତାରିପେନୁ ଭୂଇଁଦଇବକୁ ଦେଖେ ଚାରିଦିଗୁଁ ବନଦେବୀ
ହାୟ ତୋ ହାତର ହୁଳାକନାରେ ମୁଁ କେବେ ହୁତାଶନ ହେବି ?

ନକ୍‌ସାଟା ନାଲି କାଦୁଅ ଘାଂଟେ ବକ୍‌ସାଇଟ୍‌କୁ ନେଇ
ଉଠେ ଉଆଁସକୁ ଉଜଳାଇ ଆଠ ହଜାରଟା ହୁଳା ହେଇ !
ଜହର ହବ କି ଝର୍ଣାର ଜଳ ? ଜଗିଚି ସେ ଝରନିଆ
କାନୁନୀ କୂଟରେ କଂପମାନ ତା କାନନକୁ କର କିଆଁ ?

କେଡ଼େ ଶୋଷ କାହା କାଠଘୋଡ଼ାକୁ ହୋ ପାଟଯୋଡ଼ ପାଣି ପାଇଁ
ନିଆଁ ଜଳେ ଏଠି – ଯେଉଁ ନିଆଁ ଜମା ନିଭିବାଟା ଜାଣିନାଇଁ ।

❤ କଲ୍ୟାଣୀ ନଗର, କଟକ-୭୫୩୦୧୩
ଫୋନ : ୯୪୩୮୨୮୦୪୪୭

# ଇତିହାସ ବାହାରର ଶବ

## ପାରମିତା ଶତପଥୀ



ସେମାନେ ମୋ ଆଲମାରିରେ
ମାଟିଆ, ମଳିଚିଆ ପୃଷ୍ଠା
ରୂପା-ମାଛ-ପୋକ କାଟିଦେଲା ପରି
ତାଙ୍କ ଶରୀର ।

ନିଜକୁ ପୋଛାପୋଛି କରି
ସଫା କରିଦେବା ପାଇଁ, ଇତିହାସ
ସେମାନଙ୍କୁ ଫୋପାଡ଼ି ଦେଇଛି ସମୁଦ୍ରରେ
ସେମାନେ ପୁଣି ଭାସି ଆସି
କୂଳରେ ଲାଗନ୍ତି, ରୂପେଲି ମାଛ
ଖୁଣ୍ଟିଖୁଣ୍ଟି ଖାଇଥିବା ମଲା
ଧଳା, ନାଲି, କଳା ପ୍ରବାଳ ପରି ।

କେମିତି ଦିଶୁଥିଲେ ସେମାନେ ମଲା ପରେ
ଯାହାର ବର୍ଣ୍ଣନା ନାହିଁ ଇତିହାସରେ ?

ଛୋଟ ପୁଅକୁ ପିଠିରେ ବାନ୍ଧି
ମୃତ ସ୍ୱାମୀର ଘୋଡ଼ା ଚଢ଼ି
ଶର ବିଦ୍ଧ ହୋଇ

ଯୁଦ୍ଧ କ୍ଷେତ୍ରରେ ମରିବା ଦେହର
ଚିତ୍ର ନାହିଁ ।

ଚିତ୍ର ବି ନାହିଁ, ଦୁର୍ଗ ପତନ ପରେ
ଶତ୍ରୁ ହାତରେ ପଡ଼ିବା ଠାରୁ
ନିଆଁରେ ଝାସ ଦେଇ
ନିଜକୁ ଜାଳି ଦେଇଥିବା
ପୋଡ଼ା ମୁର୍ଦ୍ଦାରର ।

କୃଷ୍ଣ-ପ୍ରେମ-ବିଟପୀ
କାହ୍ନୁସାରା କବିତା ଲେଖିଥିବା
ବିଷପାତ୍ର ଢୋକିଲା ପରେ
ନେଳି ପଡ଼ିଯାଇ

ରକ୍ତ ଫେଣ ବାହାରିଥିବା
ନାରୀର ବି କାହିଁ ଚିତ୍ର ?

ସେସବୁ ଚିତ୍ର ବି କାହିଁ ?
ଦେଶ ବିଭାଜନ ଛୁରିରେ
ଆତ୍ମାକୁ କାଟିବା ପୂର୍ବରୁ
ଦୁଲ୍‌ଦାଲ୍ କୂଅକୁ ଡେଇଁ
ସାତତାଳ ପଙ୍କ ପାଣିରେ
ପବନ ସରିସରି ଯାଉଥିବା
ଫୁସ୍‌ଫୁସ୍ ସହ ଶେଷ ଲଢ଼େଇର ?

ସେଇସବୁ ଚିତ୍ର ନାହିଁ, କାରଣ
ଇତିହାସ ସେତେ ଅମାନବିକ
ନୁହେଁ ଯେ ଅବିକଳ ଆଙ୍କିଦେବ
ବୀଭତ୍ସ ଚିତ୍ରସବୁ
ବ୍ୟାଖ୍ୟା କରିଦେବ
କାହିଁକି ରାଜାଙ୍କ ଖିଆଲରୁ
ପ୍ରଜାଙ୍କ ଆକ୍ରୋଶରୁ କି
ରାଜନୈତିକ କନ୍ଦଳରୁ
ତିଆରି ହୁଏ
ଆଖିକାନ ନଥିବା ନାରୀ-ଶବ ।

❤ paramita 345@yahoo.co.in

# ବାନର କିମ୍ପୀରିଣୀ କଥା

## ସୁନୀଲ୍ କୁମାର ପୃଷ୍ଟି

ଆସିଲ ଆସିଲ ଝଡ଼ାଫୁଙ୍କା କରିଦିଏ
ଜାମୁକୋଳି ଗଛଆଡ଼େ ଯାଇଥିଲ ବୋଧେ ।

ଗୋଟେ ନଈ ଥାଏ ।
ମଝିରେ ମଝିରେ ଆସୁଥାଏ ବଢ଼ି ।
ଜାମୁକୋଳି ଫଳୁଥାଏ ବର୍ଷସାରା
ବାନରର ବାରଣ ନମାନି ।

ତା ଭିତରେ ରିତିମତ
ସ୍ୱପ୍ନଦେଖା ଚାଲିଥାଏ ।
ଷଡ଼ଯନ୍ତ୍ର, ଯୁଦ୍ଧର ସୁଡ଼ଙ୍ଗ
ଖୋଳା ହୁଏ ହୃଦୟ ଭିତରେ
ଯେତେ ମନାକଲେ ।

ବେଳେବେଳେ ନିଦରେ ରକ୍ତସ୍ରାବ ହୁଏ ।
ରାତିହେଲେ ।

ମୁଁ ଜିଦ୍ ଧରେ । ସେ ମନାକରେ ।
ମୁଁ ମାଗେ । ସେ ଖାଲି ପ୍ରତିଶ୍ରୁତିର
କେବେ ଦେଖି ନଥିବା ଗୋଟେ
କୋଳିଭର୍ତ୍ତି ରତୁକଥା କହେ ।

ପ୍ରେମ କୋଉଟା, ପ୍ରତାରଣା କୋଉଟା,
ପ୍ରବଂଚନା କୋଉଟା
କିଛି ବୁଝିହୁଏ ନାହିଁ ।

ଟିକେ ମନ ଦୁଃଖ ।
ତାପରେ ଯୋଉକଥାକୁ ସେଇକଥା
ଏଥର ଲଗାଲଗି ହୋଇ ଗୋଟେ
ତକିଆରେ ଶୁଅ ।

କେବେକେବେ ମୁଁ ଚିହ୍ନି ନଥିବା ଜଙ୍ଗଲରୁ
ସେ ଜାଳ ଆଣେ
ମୁଁ ଚୁଲୀରେ ସଂସାର ରାନ୍ଧେ ।

: ଜାମୁକୋଳି ପରି ମିଠା ଲାଗୁଛି ନା
ଅଧାଖିଆରେ ମୁଁ ପଚାରେ !

କଥା ବାଁରେଇ କହେ–
ଧରାଯାଉ ମୋର ମାଗିବାକୁ
ହେୟ କରି ତମେ
ମୋ ଚାହିଁବା ପୂରଣ କଲ ।
କ'ଣଟା ବା ବେଶୀ ଦେଇଦେଲ ?
ତମ କଲିଜା ତ !

ହୃଦୟ କହିଲେ
ଆଞ୍ଜୁଳାଏ ଜମାଟବନ୍ଧା ରକ୍ତ
ନେବାମାନେ କିଛି ନାହିଁ
ଦେବାମାନେ ତ କଥା ସଇଲା !

ପୁଣି କୋଉ ଜନ୍ମରେ ଭେଟ କେଜାଣି !

ଆଉଥରେ ଏଠିକି ଆସିଲେ
ନା ତମେ ବାନର
ନା ମୁଁ କିମ୍ପୀର ?

♥ ପ୍ଲଟ୍ ନଂ- ୭୩୪/ ୩୨୨୯
ସା: ଲିଙ୍ଗିପୁର, ପୋ: ଶିଶୁପାଳଗଡ଼
ଭୁବନେଶ୍ୱର- ୭୫୧୦୦୨
ଫୋନ: ୯୪୩୭୨୯୨୦୧୮



▶ କବି ସୁନୀଲ୍ କୁମାର ପୃଷ୍ଟି



# ଆତ୍ମଘାତୀ

## ନିଖିଳେଶ ମିଶ୍ର

ବେଳେବେଳେ ସେ ମୋ' ସ୍ୱପ୍ନରେ ଆସେ ।
କୁହୁଡ଼ି ରଙ୍ଗର ଡ୍ରେସ୍ ପିନ୍ଧି
ମୁହଁ ସାରା ପବିତ୍ରତା ମାଖିହୋଇ ସେ ଆସେ ।
କିଛି କହେ ନାହିଁ ।
କବିମାନଙ୍କ ପ୍ରେମିକା ପରି
ତା'ର କଥାକୁହା ଆଖି ବି ନଥାଏ,
ଦି' ଆଖିରେ ଖାଲି ନୀରବତା, ଛଳଛଳ
ବହିଯିବାକୁ ଅଥୟ ନୀରବତା ।

କେହି ଯେମିତି ନ ଭାବନ୍ତି ଯେ
ସେ ଆସେ, ଚୁପଚାପ୍ ବସେ ଆଉ
ଚାଲିଯାଏ କିଛି ସମୟ ପରେ,
ବାସ୍ତବରେ ଏଇଆ ହୁଏ
ସେ ଆସେ, ଚୁପ୍‌ଚାପ୍ ବସେ,
ଚୁପ୍‌ଚାପ କଥା କୁହେ ଆଉ...
ଆଉ ଚାଲିଯାଏ କିଛି ସମୟ ପରେ
(କେତେ ସମୟ ପରେ ?)
ସେ ଆସେ ଭୋର୍‌ବେଳେ,
ଯେତେବେଳେ କୁହୁଡ଼ି ଉଙ୍କି ମାରୁଥାଏ
ଝରକା ସେପଟେ ମୋର
(ସ୍ୱପ୍ନରେ ବି ଝରକାଟେ ଥାଏ ମୋ'ର)
ଆସି ବସେ ସାମ୍ନା ଚଉକିରେ,
ମତେ ଡର ଲାଗେ
ତା' ମୁହଁରେ ଏତେ ପବିତ୍ରତା ଦେଖି
କିନ୍ତୁ କିଛି କହିପାରେ ନାହିଁ ମୁଁ
କହିପାରେ ନାହିଁ,
ଏ କୁହୁଡ଼ି ରଙ୍ଗର ଡ୍ରେସ୍ ଭଲ ମାନୁଚି ତମକୁ'

ସବୁଥର ଏଇମିତି ହୁଏ ।
ସିଏ ଫେରିଯାଏ
ଝରକା ସେପଟେ ଉଙ୍କି ମାରୁଥିବା କୁହୁଡ଼ି
ସକାଳର ଖରାରେ ମିଳେଇ ଯିବା ପୂର୍ବରୁ ।
ଆଉ ଦିନସାରା ମୋତେ ଦୋଷୀ ଦୋଷୀ ଲାଗେ ।

ଦିନସାରା ଦି' ପକେଟ୍ ମୋ'ର
ଭର୍ତ୍ତି ହୋଇଥାଏ
କୁହୁଡ଼ିର ଛିଣ୍ଡା ଛିଣ୍ଡା ଟୁକୁଡ଼ାରେ ।

ସେ ମୋ ସ୍ୱପ୍ନରେ ଆସେ ।
ବେଳେବେଳେ ।

♥ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩
ଫୋନ : ୮୯୧୭୫୮୭୯୬୮

# ଦେଖିବ, ନିମିଷକରେ କେମିତି...



## ଅପର୍ଣ୍ଣା ମହାନ୍ତି

ଏ ଆଁରେ ରଖନାଇଁ
ଆତ୍ମାରେ ରଖ
ସୁରକ୍ଷିତ ରହୁ ନାରୀ ।

ପ୍ରାପ୍ତିରେ ରଖନାଇଁ
ପ୍ରୀତିରେ ରଖ
ଆହ୍ଳାଦିତ ରହୁ ନାରୀ ।

ପଣ୍ୟରେ ରଖନାଇଁ
ପୁଣ୍ୟରେ ରଖ
ଉତ୍ତରିତ ରହୁ ନାରୀ ।

ଏଇ ଏତିକି ମାତ୍ର
ସୁରକ୍ଷା, ଆହ୍ଲାଦ ଓ
ଉତ୍ତରଣରେ ଲୁଚି ରହିଛି
ହିଂସା-ଆତଙ୍କରୁ ମୁକ୍ତି

ଗୋଟିଏ ସ୍ନେହ-ପ୍ରେମ
କରୁଣାର ବିଶାଳ ପୃଥିବୀ,

ମହାମାନବମାନଙ୍କୁ ଜନ୍ମ ଦେବାର
ଗର୍ଭ ଅପେକ୍ଷା କରିଛି,
ସୁସ୍ଥ, ସୁନ୍ଦର, ବିକଶିତ
ଭବିଷ୍ୟତ ଅଛି.,

ଅଛି, ମମତା-ମଧୁର
କୋଟି ହୃଦୟର ଛବି
ଥରେ ତ
ନାରୀଦେହକୁ ତୁମ
ଉପଭୋଗର ଅର୍ଗଳିରୁ
ଫିଟାଇଦେଇ
ଉପାସନାରେ ରଖ ।

ଦେଖିବ,
ନିମିଷକରେ କେମିତି
ଅର୍ଦ୍ଧେକ ବିଶ୍ୱରେ
ପ୍ରେମର ମନ୍ଦିରମାଳା
ହେଉଛି ତିଆରି ।

♥ କପାଳେଶ୍ୱର, ଠାକୁରପାଟଣା
କେନ୍ଦ୍ରାପଡ଼ା-୭୫୪୨୫୦
ଫୋନ : ୯୪୩୭୧୨୮୩୧୬



# ନଷ୍ଟଭାଗ୍ୟ

## ପ୍ରୀତିଲେଖା ଦାସ

ରାତି ପାହିଲେ
ସକାଳଟେ ଆସିବ ।
ମୋ ମାଟିଘୋଡ଼ା ମାନେ
ଆରମ୍ଭ କରିବେ ଦୌଡ଼ିବା
ଏଇ ଆଶାରେ ତ
ଆଜିଯାଏଁ
ଅନ୍ଧକାରକୁ ଫିଙ୍ଗି ଚାଲିଛି
ମୁଠାଭର୍ତ୍ତି ଆୟୁଷ ।
ଅଥଚ
ଅଜଗରର କୁଣ୍ଡଳିରୁ
ଯେତେଯେତେ ଖସୁଛି ଅନ୍ଧାର
ମୋ ଶବ ଦେହରୁ ଖସୁଛି
ସେତେସେତେ ପଚାମାଂସ ।

ଫାଟି ପଡୁଛି ନାକ ଦୁର୍ଗନ୍ଧରେ
ମାଛିମାନଙ୍କ ଭିଡ଼ରେ
ଅବିକଳ ଭଗବାନଙ୍କ ଭଳି
ଦିଶୁଥିବା କେହିଜଣେ
ହାତ ବଢ଼ାଇ ସାଉଁଟି ନେଉଛି
ବାରମ୍ବାର
କପାଳ ପାଖରୁ ମୋର
ମଶାଣି, ମଡ଼ା, ଶିଆଳ, ଶାଗୁଣା
ଥୋଇ ଦେଉଛି ଥରକୁ ଥର
ନୂଆ ସକାଳଟେ ।

ଯାହାର ସୂର୍ଯ୍ୟ ଉଇଁବା ଆଗରୁ
ଛାଇ ଯାଉଛି ମୋ ଭିତରେ
ଅଦ୍ଭୁତ ନୀରବତା ।
ଆଉ ଗୋଟେ ନଷ୍ଟଭାଗ୍ୟକୁ
ଭୋଗ କରିବାକୁ ଯାଇ
ପାଲଟି ଯାଉଛି ମୁଁ ତା' ଭିତରେ
ପ୍ରତିଥର
ଅନ୍ଧାର ଟେଳାଟିଏ ।

♥ ମାର୍ଫତ : ହିମାଂଶୁ ଶେଖର ଦାସ,
ଭୋଇସାହି, ବାଲେଶ୍ୱର
ଫୋନ:୯୮୫୩୩୪୪୬୮୮

# କୁହ ଚକ୍ରଧର

## ରଞ୍ଜନ ବାଗ



କାହାକୁ ବିଶ୍ୱାସ କରିବ
କୁହ ଚକ୍ରଧର !
ବିଶ୍ୱାସ ତ ବିଷ ଏଠି ।
ତଥାପି ବଞ୍ଚିବାକୁ ହୁଏ
କାହାକୁ ନା କାହାକୁ
ଆପଣାର ଭାବି ।

ସମ୍ପର୍କର ସେତୁ ଭୁଷୁଡ଼ି ଯାଉଛି,
ଜଳ ଉପରିରେ
ଜୀବନ ଉବୁଟୁବୁ ଆଜି
ହାତ ଟେକି କିଏ ଜଣେ ଚିତ୍କାର କରୁଛି
ଉଦ୍ଧାର କର ଉଦ୍ଧାର କର ।

କୁନି ପ୍ରଜାପତି
ଫୁଲକୁ ପାରୁନି ଛୁଇଁ
ସେଠି ଗରଳ ଭରିଲା କିଏ... ?

ଚାରିଆଡ଼େ ଆଚ୍ଛାଦିତ ପରସ୍ତ ପରସ୍ତ
ସନ୍ଦେହର କୁହେଳି

ତା ଭିତରେ କିଏ କାହାକୁ ଚିହ୍ନୁଛି ।
ଶୁଭୁଛି ଖାଲି
ଭାଙ୍ଗି ପଡ଼ିବାର ବିକଟ ଶବ୍ଦ ।

ବତାସର ତୀବ୍ରତା ଭେଦି
କେମିତି ଉଡ଼ିବ କୁହ
ସେ ଯେ କ୍ଷତାକ୍ତ କୁନି ପ୍ରଜାପତି ।

କାକ ପକ୍ଷୀ ପରି
ଦୁନିଆକୁ ଦେଖି
ଏବେ ବାଟ ଚାଲ ଚକ୍ରଧର !

ଯଦୁବଂଶ ଧ୍ୱଂସ ପରି
ସବୁ ତ ହେବ ଶେଷ,
ଚିରକାଳ ଅସହାୟ ଭଗବାନ ବି

କେଉଁ ଜଙ୍ଗଲରେ ଲୁଚି
ମହାକାଳ ଅପେକ୍ଷାରେ ଥିବେ ।

ତା' ପୂର୍ବରୁ ମୋତେ
ଶେଷ ପ୍ରାତଃ ଭ୍ରମଣରେ ଯିବାକୁ ହେବ,
କିଛି ବନ୍ଧୁଙ୍କୁ କହିବାକୁ ହେବ
ବାକିଥିବା କଥା ।

ଅସମ୍ପୂର୍ଣ୍ଣ କବିତାର
ଶେଷ ଧାଡ଼ି ଲେଖି
କେଉଁ ଦୁର୍ଗମ ଗିରି ଗହ୍ୱର
ସୁରକ୍ଷିତ ରଖିବାକୁ ହେବ,
ପିରାମିଡ଼ ଗର୍ଭରେ
ଯୁଗ ଯୁଗ ଧରି ଶୋଇଥିବା
ଶବଟିଏ ପରି ।

ପୁଣି ଏକ ନୂଆ ଅଙ୍କୁରୋଦ୍‌ଗମ
କେବେ ହେବ
କୁହ ଚକ୍ରଧର ?

♥ ମଲ୍ଲିକାଶପୁର, ବାଲେଶ୍ୱର-
୭୫୬୦୦୧
ଫୋନ: ୯୪୩୭୨୬୪୩୩୬



# ବାଲିଆପାଳର ବନ୍ଧନ

ବାହାଘର ହେଉ କି ବ୍ରତଘର, ଶୁଦ୍ଧିଘର ଅବା ପୂଜାପାର୍ବଣ- ସବୁଠି ପାନର ଆବଶ୍ୟକତା ରହିଆସିଛି । ପୁଣି ପାନରେ ରହିଛି ପଞ୍ଚରସ, ଯାହାକି ମଣିଷର ପାଚନ ଶକ୍ତିକୁ ବୃଦ୍ଧି କରିବାରେ ହୋଇଥାଏ ସହାୟକ । ପାନ ଏପରି ଏକ ଲତା ଯାହାର ଫୁଲ କିମ୍ୱା ଫଳ ହିଁ ନାହିଁ । କେଉଁ ଅନାଦି କାଳରୁ ବାଲେଶ୍ୱର ଜିଲ୍ଲାରେ ପାନ ଚାଷ ହୋଇ ଆସୁଛି । ବିଶେଷକରି ବାଲିଆପାଳ, ଭୋଗରାଇ ବ୍ଲକ୍‌ରେ ଏହି ଚାଷ ପୁରୁଷ ପୁରୁଷ ଧରି ହୋଇ ଆସୁଛି । ପାନର ବିଭିନ୍ନ ପ୍ରକାର ଭେଦ ରହିଛି । ଆଉ ଏହି ପ୍ରକାର ଭେଦକୁ ନେଇ ପାନର ଦାମ୍ ମଧ୍ୟ ଭିନ୍ନ ଭିନ୍ନ । ସମଗ୍ର ଦେଶରେ ବାଲେଶ୍ୱରୀ ପାନର ମର୍ଯ୍ୟାଦା ଅଖଣ୍ଡ । ଉତ୍ତର ବାଲେଶ୍ୱରରୁ ଫେରି ଆସି ଆଲେଖ୍ୟ ବାଢନ୍ତି କବିତା ପାତ୍ର ।



# ପାନର ମହକ



**କବିତା ପାତ୍ର**

ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

## ପାନର ଆବଶ୍ୟକତା

ଧାନ, ପାନ, ମୀନ ଓ ଜ୍ଞାନର ମାଟି ହେଉଛି ବାଲେଶ୍ୱର ଜିଲ୍ଲା । ଜିଲ୍ଲାର ଅର୍ଥନୀତିରେ ପାନ ରଖି ଆସିଛି ମହତ୍ୱପୂର୍ଣ୍ଣ ଯୋଗଦାନ । ସେହିପରି ଓଡ଼ିଶା ତଥା ଭାରତର ଜନଜୀବନରେ ପାନ ବା ତାମ୍ବୁଳର ଆଦର ଯୁଗେ ଯୁଗେ ରହି ଆସିଛି । ସାଧାରଣ ମଣିଷର ମୁଖ ସୁଆଦ ଠାରୁ ଆରମ୍ଭ କରି ଠାକୁରଙ୍କ ନୈବେଦ୍ୟ ପର୍ଯ୍ୟନ୍ତ, ସବୁଠି ରହିଛି ପାନର ଗୁରୁତ୍ୱପୂର୍ଣ୍ଣ ଭୂମିକା । ଏମିତିକି ପାନକୁ ନେଇ ଅଲିଉଡ୍ ଠାରୁ ବଲିଉଡ୍ ଯାଏ ଏହାର ଗୁରୁତ୍ୱ ରହିଆସିଛି । 'ପାନ ପତରକୁ ଓସ୍ତ ପତର...' ବା 'ଡନ୍' ସିନେମାର 'ଖାଇକେ ପାନ୍ ବନାରସ୍‌ୱାଲା,' ଗୀତ ସମସ୍ତଙ୍କୁ ପାନର ମହତ୍ୱକୁ ମନେ ପକେଇଦିଏ । ହେଲେ ବର୍ତ୍ତମାନ ସ୍ଥିତିରେ ଧୀରେ ଧୀରେ ଏହି ପାନ ଚାଷ ଡୁବିବାକୁ ବସିଲାଣି । ପୂର୍ବରୁ ଚାଷୀ ପାନ ଚାଷକୁ ନିଜର ଜୀବନଜୀବିକା ଭାବେ ଗ୍ରହଣ କରି ବଞ୍ଚୁଥିଲେ । ହେଲେ ଆଜି ପାନ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ କମି କମି ଆସିଲାଣି ।

ବାହାଘର ହେଉ କି ବ୍ରତଘର, ଶୁଦ୍ଧିଘର କିମ୍ବା ପୂଜାପାର୍ବଣ- ଏସବୁ ପାଇଁ ପାନର ଏକାନ୍ତ ଆବଶ୍ୟକତା ରହିଆସିଛି । ପୁଣି ପାନରେ ରହିଛି ପଞ୍ଚରସ ଯାହାକି ମଣିଷର ପାଚନ ଶକ୍ତିକୁ ବୃଦ୍ଧି କରିବାରେ ସହାୟତା କରେ । ପାନ ଏପରି ଏକ ଲତା ଯାହାର ଫୁଲ କିମ୍ବା ଫଳ ହିଁ ନାହିଁ । କେଉଁ ଅନାଦି କାଳରୁ ବାଲେଶ୍ୱର ଜିଲ୍ଲାରେ ପାନ ଚାଷ ହୋଇ ଆସୁଛି । ଖାସ୍ କରି ବାଲିଆପାଳ, ଭୋଗରାଇ ବ୍ଲକ୍‌ରେ ଏହି ଚାଷ ପୁରୁଷ ପୁରୁଷ ଧରି ହୋଇ ଆସୁଛି । ପାନର ବିଭିନ୍ନ ପ୍ରକାରଭେଦ ରହିଛି । ଆଉ ଏହି ପ୍ରକାର ଭେଦକୁ ନେଇ ପାନର ଦାମ୍ ମଧ୍ୟ ରହିଥାଏ । ସମଗ୍ର ଦେଶରେ ବାଲେଶ୍ୱରୀ ପାନର ଭିନ୍ନ ଏକ ମର୍ଯ୍ୟାଦା ରହିଛି । ବିଶେଷକରି ଏହି ଅଞ୍ଚଳର ବିରକୁଳି, ଜଗନ୍ନାଥ ଓ ଚନ୍ଦ୍ରକଣା ପାନର ଚାହିଦା ରହି ଆସିଛି । ଜାତୀୟ ତଥା ଆନ୍ତର୍ଜାତୀୟ ବଜାରରେ ମଧ୍ୟ ଏହାର ଆଦର ରହିଛି ।

## ଚାଷର ପ୍ରଣାଳୀ

ପାନ ଚାଷ ପାଇଁ ଆଲୋକ, ଉତ୍ତାପ, ଲୁଣା ପରିବେଶ ସାଙ୍ଗକୁ ମଧୁର ଜଳ ବେଶ୍ ଉପାଦେୟ ହୋଇଥାଏ । ସମୁଦ୍ର ବେଳାଭୂମିର ୧୫ରୁ ୨୦ କି.ମି. ଅଞ୍ଚଳ ମଧ୍ୟରେ ଏହି ଚାଷ କରାଯାଇଥାଏ । ୬ ରୁ ୪୦ ଡେସିମିଲ୍ ଯାଏ ବାଲୁକା(ବାଲିଆ) ଯୁକ୍ତ ଉଚ୍ଚ ଜମିରେ ପାନଚାଷ ହୋଇଥାଏ । ପ୍ରତି ୫ ଡେସିମିଲ୍ ଜମିରେ ପାନଚାଷ ପାଇଁ ଚାଷୀଙ୍କୁ ୩୦ରୁ ୩୫ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ । ପାନଚାଷ କରିବା ପାଇଁ ହେଲେ ଜମିର ଚାରିପାଖେ ତାଟରା (ଏକ ପ୍ରକାରର ବାଡ଼) କରି ଘେରିବାକୁ ପଡ଼ିଥାଏ । ଲୁହା ତାର ଉପରେ ଛଞ୍ଚା(ଏକ ପ୍ରକାର ଗଛ)ରେ ପତଳା ଛାଉଣି କରିବାକୁ ହୁଏ । ଯେଉଁଥିରେ ପବନ ଚଳାଚଳ ସହିତ ସୂର୍ଯ୍ୟକିରଣର ଅଳ୍ପ ଉତ୍ତାପ ଯେପରି ପାନ ଗଛ ଉପରେ ପଡ଼ିବ ସେହିପରି ଭାବରେ ଛାଉଣି କରାଯାଇଥାଏ । ଯାହାକୁ 'ବରଜ' କୁହାଯାଏ ।

ପାନ ଗଛକୁ କାଟି ପ୍ରଥମେ ପୋତାଯାଏ, ତାପରେ ଯେତେବେଳେ ପାନ ଗଛ ବଡ଼ ଟିକେ ହୁଏ, ଏହାକୁ ସାହାରା ଦେବା ପାଇଁ ଖଡ଼ିକୁ ଗଛ ମୂଳରେ ପୋତାଯାଏ । ଧିରେ ଧିରେ ପାନ ଗଛ ଏହି ଖଡ଼ି ସାହାଯ୍ୟରେ ଉପରକୁ ମାଡ଼ି ଚାଲେ । ଗଛକୁ ସୁସ୍ଥ ତଥା ସୁଦୃଢ଼ କରିବା ପାଇଁ ଠିକ୍ ସମୟରେ ସାର, ଔଷଧ, ପିଡ଼ିଆ, ପାଣି ମଡ଼ା କରିବାକୁ ପଡ଼ିଥାଏ । ଗଛ ମାଡ଼ି ଚାଲିବା ସହିତ ଗଛରେ ବଢିଥିବା ପାନପତ୍ରକୁ ଉପର ପତ୍ରକୁ ଛାଡ଼ି ଦେଇ ତଳ ଆଡୁ ପତ୍ର ତୋଳି ଚାଷୀ ବିକ୍ରି କରିଥାଏ । ଯେତେବେଳେ ପାନ ଗଛ ବଢି ଛାଉଁଣି ପାଖାପାଖି ଛୁଏଁ, ସେତେବେଳେ ଗଛର ଲଟାକୁ ଛୋଟ କରି ମାଟି ତଳେ ପୋତି ଦିଆଯାଏ । ଜୁଣ (ଏକ ପ୍ରକାର ସରୁ ଗଛ) ସାହାଯ୍ୟରେ



## ପାନପତ୍ରରୁ ତେଲ ବାହାର କରାଗଲେ ଚାଷୀ ଲାଭବାନ ହୁଅନ୍ତେ

■ **ଅନନ୍ତ ରାଉତ, ପାନ ଚାଷୀ, ଡଗରା**



ପାନ ଚାଷକୁ ଠିକ୍ ଭାବରେ ପ୍ରୋତ୍ସାହନ ଦିଆଯାଉ ନାହିଁ । ଯଦି ସରକାର ଏଥିପ୍ରତି ଗୁରୁତ୍ୱ ଦିଅନ୍ତେ ତେବେ ଏଥିରୁ ବହୁତ୍ ଲାଭ ମିଳନ୍ତା ସରକାରଙ୍କୁ ଏବଂ ଚାଷୀକୁ । ବାହାର ଦେଶମାନଙ୍କରେ ପାନରୁ ତେଲ ବାହାର କରି ଲକ୍ଷାଧିକ ଟଙ୍କା ଆୟ କରାଯାଉଛି । ପାନ ତେଲ ୧ କେଜିକୁ ୧ ଲକ୍ଷ ୨୦ ହଜାର ଟଙ୍କାରେ ବିକ୍ରି ହେଉଛି ବାହାର ଦେଶରେ । ହେଲେ ଆମ ରାଜ୍ୟରେ ଏହି ପାନ ପତ୍ରକୁ ଠିକ୍ ଭାବେ ବ୍ୟବହାର ହେଉ ନାହିଁ । ଯେତେବେଳେ ପାନ ଦାମ୍ କମ୍ ରହୁଛି ସେତେବେଳେ ଯଦି ପାନକୁ ତେଲ କରିବା ପାଇଁ ବ୍ୟବହାର କରାଯାଆନ୍ତା ତେବେ ଚାଷୀଙ୍କୁ ପ୍ରଚୁର ଲାଭ ମିଳନ୍ତା । ଏଥିପାଇଁ ସରକାରଙ୍କ ପକ୍ଷରୁ କାରଖାନା କରାଯିବା ଉଚିତ୍ । ସେହିପରି ଆମ ରାଜ୍ୟରେ ମିଠା ପାନ ଚାଷ ହେଉନାହିଁ । ସାଧାରଣ ପାନ ଠାରୁ ମିଠା ପାନର ଚାହିଦା ବାହାର ରାଜ୍ୟରେ ବହୁତ ଅଧିକ । ହେଲେ ଆମ ରାଜ୍ୟରେ ଏହି ଚାଷ ହେଉନାହିଁ । କାରଣ ଚାଷୀ ଏହି ଚାଷ ଉପରେ ଏତେ ସଜାଗ୍ ନୁହଁନ୍ତି । ସରକାର ବି ଗୁରୁତ୍ୱ ଦେଉନାହାନ୍ତି ।

## ପାନଚାଷୀକୁ ସବୁବେଳେ କ୍ଷତି ସହିବାକୁ ପଡୁଛି

■ **ପ୍ରମଥ ଦେ, ପାନ ଚାଷୀ, ଚୌମୁଖ**



ବିକ୍ରିବଟା ଯଦି ବଜାରରେ ଠିକ୍ ରହିବ ତାହାଲେ ପାନ ଚାଷ କରି ଚାଷୀ ନିଜର ଜୀବନ ଜୀବିକା ନିର୍ବାହ କରିପାରିବ । କିନ୍ତୁ ଏହା ହେଉନାହିଁ । ବ୍ୟବସାୟୀ ମାଲାମାଲ୍ ହେଉଛି କିନ୍ତୁ ଚାଷୀକୁ ତାର ଉଚିତ୍ ଲାଭ ମିଳୁନାହିଁ । ବରଂ ଅଧିକ ଖର୍ଚ୍ଚାନ୍ତ ହେଉଛି ଏହି ଚାଷ କରି । ଅଧିକାଂଶ ସମୟରେ ଚାଷୀ ଯେତିକି ଟଙ୍କା କରୁଛି ତାର ମୂଳ ଟଙ୍କା ବି ଫେରିପାଉନି । ଚାଷୀକୁ ସବୁବେଳେ କ୍ଷତି ସହିବାକୁ ପଡୁଛି । କେତେବେଳେ ପ୍ରାକୃତିକ ଦୁର୍ବିପାକ ତ କେତେବେଳେ ଦଲାଲଙ୍କ ଆଗରେ ବିକ୍ରି ହୋଇଯାଉଛି । ତେଣୁ ଏହି ସମସ୍ୟା ଯୋଗୁଁ ପୂର୍ବ ଅପେକ୍ଷା ଏହି ଚାଷ ଜିଲ୍ଲାରେ କମିବାକୁ ଲାଗିଲାଣି ।

## ପାନପତ୍ରକୁ ଔଷଧୀୟ କ୍ଷେତ୍ରରେ ଉପଯୋଗ କରାଗଲେ ଏହାର ଗୁରୁତ୍ୱ ବଢ଼ନ୍ତା

■ **ମନ୍ମଥ ପାତ୍ର, ବଡ଼ାଣ, ପାନ ଚାଷୀ**



ପାନ ଚାଷ ହେଉଛି ଏକ ଲାଭଜନିତ ଚାଷ । ପୁରୁଷ ପୁରୁଷ ଧରି ଏହି ଚାଷ ହୋଇ ଆସୁଥିବା ବେଳେ ବିଭିନ୍ନ କାରଣ ଯୋଗୁଁ ଆଜି ପଛରେ ପଡ଼ିଯାଇଛି । କାରଣ ଚାଷୀ ଏହି ଚାଷରେ ଯେତିକି ଟଙ୍କା ଖର୍ଚ୍ଚ କରୁଛି ସେତିକି ଲାଭ ପାଉନାହିଁ । ଚାଷରେ ବ୍ୟବହାର ହେଉଥିବା ଖଡ଼ି, ଜୁଣ, ଛଞ୍ଚା, ଔଷଧ, ମଜୁରି ଆଦି ଦାମ୍ ଦିନକୁ ଦିନ ବଢ଼ି ଚାଲିଛି । ସେହି ଅନୁସାରେ ଚାଷୀକୁ ପାନରୁ ଲାଭ ମିଳୁନାହିଁ । ଅନ୍ୟ ଚାଷରେ ଯେପରି ସରକାରୀ ପ୍ରୋତ୍ସାହନ ମିଳୁଛି ପାନ ଚାଷରେ କିନ୍ତୁ ସେମିତି କିଛି ସୁବିଧା ଚାଷୀଙ୍କୁ ମିଳୁନାହିଁ । ଫଳରେ ଚାଷୀ ଏହି ଚାଷକୁ କରିବାକୁ ଆଗ୍ରହ ହେଉନାହିଁ । ପାନ ଚାଷରେ ବହୁ ଔଷଧୀୟ ଗୁଣ ରହିଛି । ଯଦି ସରକାରଙ୍କ ପକ୍ଷରୁ ଏହାର ପତ୍ରକୁ ଔଷଧୀୟ କ୍ଷେତ୍ରରେ ଉପଯୋଗ କରାଯାଆନ୍ତା ତେବେ ବାହାର ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ଏହାର ଗୁରୁତ୍ୱ ବଢ଼ିବା ସହିତ ଚାଷୀକୁ ତାର ଲାଭ ମିଳନ୍ତା । ରାଜ୍ୟର ଅର୍ଥନୀତି ଆହୁରି ଆଗକୁ ଯାଇପାରନ୍ତା । କିନ୍ତୁ ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ।

ଖଡ଼ିରେ ପାନ ଗଛକୁ ବାନ୍ଧି ଦିଆ ଯାଇଥାଏ । ପାନ ଗଛ ପବନ କିମ୍ବା ପାଣି ଦେବା ସମୟରେ ଖଡ଼ିରୁ ଛାଡ଼ିଯାଇ ଝୁଲି ପଡ଼ି ଗଛ ଭାଙ୍ଗି ଯାଏ । ମଝିରେ ମଝିରେ ଏହାକୁ ଦେଖି ଜୁଣରେ ବାନ୍ଧି ଦିଆଯାଏ । ଏଭଳି ଭାବରେ ପାନ ଗଛ ଛୋଟରୁ ବଡ଼, ପୁଣି ବଡ଼ରୁ ଛୋଟ କରାଯାଇ ଚାଷ କରାଯାଇଥାଏ ।

### ଯତ୍ନ ମାଗେ ପାନ

ଏହା ଏକ ଏଭଳି ଚାଷ ଯାହା ଯତ୍ନଶୀଳ ସହକାରେ କରିବାକୁ ପଡ଼ିଥାଏ । ଟିକିଏ ଭୁଲ୍ ହେଲେ ଚାଷୀକୁ ଅନେକ କିଛି କ୍ଷତି ସହିବାକୁ ପଡ଼ିଥାଏ । ଖାସ୍ ଏଥି ପାଇଁ ପାନଚାଷୀଙ୍କ ସାରା ପରିବାର ଅର୍ଥାତ୍ ପିଲା ଠାରୁ ବୁଢ଼ା, ଏପରି କି ଘରର ମହିଳା ମାନେ ମଧ୍ୟ ଏହି ଚାଷ କାର୍ଯ୍ୟରେ ଲାଗିଥାନ୍ତି । ପାନ ଉତ୍ପାଦନ ହେବା ପରେ ତାକୁ ସୁନ୍ଦର ଭାବରେ ଲାଛି(ବଡ଼ସାନ କରି ସଜେଇ) ରଖା ଯାଇଥାଏ । ପରେ ଏହାକୁ ସ୍ଥାନୀୟ ବଜାରରେ ବିକ୍ରି କରାଯାଇଥାଏ । ଯଦି ଏହି ପାନ ବାହାରକୁ ପଠେଇବାକୁ ପଡ଼େ ତେବେ ଏହାକୁ ଅଲଗା ଭାବେ ଉପଚାର କରିବାକୁ ପଡ଼ିଥାଏ । କାରଣ ବାହାର ରାଜ୍ୟରେ ସବୁଜ ପାନ ପତ୍ରକୁ ଖାଇବାକୁ ପସନ୍ଦ କରନ୍ତି ନାହିଁ । ତେଣୁ ପାନ ଲାଛିବା ପରେ ଏହାକୁ ଭାଟି(ଏକ ପ୍ରକାର ହାଲୁକା ଉତ୍ତାପ ଘର)ରେ ରଖାଯାଏ । ଯେତେବେଳେ ପାଗର ଉଷ୍ମତା ନଥାଏ ସେତେବେଳେ ଭାଟି ଦ୍ୱାରା ପାନକୁ ଉଷ୍ମତା କରିବାକୁ ପଡ଼ିଥାଏ । ଏହି ଭାଟିରେ କୋଇଲା ସାହାଯ୍ୟରେ ହାଲୁକା ଗରମ କରାଯାଏ । ଭାଟିରେ ୮ ରୁ ୧୦ ଘଣ୍ଟା ପାନକୁ ରଖିଲା ପରେ ପାନର ସବୁଜ ରଙ୍ଗ ବଦଳି ଧଳା ରଙ୍ଗ ଆସିଥାଏ । ଏହା ପରେ ଏହି ପାନକୁ ବାହାରେ ଫାଙ୍କା ସ୍ଥାନରେ ଥଣ୍ଡା କରାଯାଏ । ସାଧାରଣତଃ ଏହା ଶୀତଦିନରେ କରା ଯାଇଥାଏ । ଗରମ ଦିନମାନଙ୍କରେ ପାନକୁ ଭାଟିରେ ପୁରା ନଯାଇ ଝୁଡ଼ି ବା ଟୁକୁରି(ବାଉଁଶରେ ତିଆରି ଏକ ପ୍ରକାର ପାଛିଆ)ରେ ସଜେଇ ଥାକ ଥାକ କରି ଟୁକୁରି ବସା ଯାଇଥାଏ । ଟୁକୁରି ଭିତରେ ଗରମ ସୃଷ୍ଟି ହୋଇ ଧିରେ ଧିରେ ପାନ ଧଳା ରଙ୍ଗ ଆସିଥାଏ । ଏହା ପରେ ଏହି ପାନକୁ ବିଭିନ୍ନ ସ୍ଥାନକୁ ପଠାଯାଏ ।

ଏହି ଚାଷ ଏକ ବଂଶାନୁକ୍ରମିକ କୌଳିକ ବୃତ୍ତି । କାରଣ ଚାଷ ପାଇଁ ପାଣିପାଗ, ରୋଗପୋକର ନିରାକରଣ, ମାଟିର ଆଦ୍ରତା, ପାଣି ଦେବା ଆଦି କାର୍ଯ୍ୟ ଯଥେଷ୍ଟ ସତର୍କତା ମୂଳକ ଓ ଅନୁଭବି ଚାଷୀ ହିଁ ଏହା କରି ପାରିବ । ଜିଲ୍ଲାରେ ପ୍ରାୟ ୨୫ ହଜାରରୁ ଅଧିକ ପରିବାର ଏହି ଚାଷ ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭର କରୁଥିବା ବେଳେ ପରୋକ୍ଷ ଭାବେ କିନ୍ତୁ ଢେର୍ ଅଧିକ ଏହା ଉପରେ ପ୍ରତିପୋଷଣ ହୋଇଥାନ୍ତି ।

### ପାନର ଆଦର ଓଡ଼ିଶା ବାହାରେ

ବାଲେଶ୍ୱର ଜିଲ୍ଲାରେ ୪୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ପାନ ଚାଷ କରି ଚାଷୀ ଜୀବିକା ନିର୍ବାହ କରୁଛନ୍ତି । ପାଖାପାଖି ୮୦୦ ହେକ୍ଟର ଜାଗାରେ ଏହି ପାନ ଚାଷ

ହେଉଛି । ପୂର୍ବେ ୧୬ ହଜାର ୫୪୫ଟି ପାନ ବରଜ ରହିଥିବା ବେଳେ ଏବେ ବରଜ ସଂଖ୍ୟା କମିବାରେ ଲାଗିଛି । ବର୍ତ୍ତମାନ ୧୧,୩୦୦ଟି ପାନ ବରଜ ରହିଥିବା ଜଣା ପଡ଼ିଛି । ଜିଲ୍ଲାରେ ଉତ୍ପାଦିତ ହେଉଥିବା ପାନକୁ ଦିଲ୍ଲୀ, ସୁରଟ୍, ମୁମ୍ବାଇ, ହାଇଦ୍ରାବାଦ, ଲକ୍ଷ୍ନୌ, ଆହ୍ଲାବାଦ୍, ଚେନ୍ନାଇ, ବନାରସ, ଆଗ୍ରା ଓ କଲିକତା ଆଦି ସ୍ଥାନକୁ ରପ୍ତାନୀ କରାଯାଉଛି । ହେଲେ ବିଡ଼ମ୍ବନା ଯେ ଚାଷୀକୁ କିନ୍ତୁ ତାର ଉପଯୁକ୍ତ ମୂଲ୍ୟ ମିଳୁନାହିଁ । ଯାହାଫଳରେ ଚାଷୀ ପାନ ଚାଷ ପ୍ରତି ବିମୁଖ ହେଉଛନ୍ତି । ପୂର୍ବ ଅପେକ୍ଷା ପାନ ଚାଷ ୫୦ ପ୍ରତିଶତ କମି ଗଲାଣି । ଏହା ଏକ ଲାଭକାରୀ ବ୍ୟବସାୟ ହୋଇଥିଲେ ବି ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ଚାଷୀ ଏହି ଚାଷ ଠୁ ଦୂରେଇ ଯାଉଛନ୍ତି ।



## ପାନଚାଷ : ଅଭାବ ଅସୁବିଧା

ଚାଷୀ ମତରେ, ଶ୍ରମିକ ଅଭାବ, ମଜୁରୀ ବୃଦ୍ଧି, ପାନର ସଂରକ୍ଷଣ, ଖଡ଼ିର ମୂଲ୍ୟ ବୃଦ୍ଧି, ଚାଷ ସମ୍ପର୍କିତ ପ୍ରଶିକ୍ଷଣ, ଉନ୍ନତ ମାନର ପାନ ପତ୍ର ତଥା ଅଧିକ ପାନ ପତ୍ର ସୃଷ୍ଟି ନିମନ୍ତେ ଗବେଷଣା, ଋଣର ବ୍ୟବସ୍ଥା ଓ ବୀମାକରଣର ଅଭାବ ଯୋଗୁଁ ପାନ ଚାଷ ଲୋପ ପାଇବାକୁ ବସିଛି । ଧାନଚାଷ ଉପରେ ଯେପରି ବିଭିନ୍ନ ପ୍ରକାର ଗବେଷଣା କରାଯାଇ ଚାଷୀକୁ ପ୍ରଶିକ୍ଷଣ ଦିଆଯାଉଛି ଏବଂ ଚାଷୀ ତାର ଲାଭ ପାଉଛି, ପାନ ଚାଷ ଉପରେ ସେପରି କୌଣସି ନୂତନ ପ୍ରଶିକ୍ଷଣ ଦିଆଯାଉ ନ ଥିବାରୁ ଚାଷୀ ସେହି ପୁରୁଣା ଢାଞ୍ଚାରେ ଚାଷ କରି ଆସୁଛନ୍ତି । ସେହିପରି ଧାନ, ଗହମ, ଅନ୍ୟ ଫସଲ ଉପରେ ଯେମିତି ନିରନ୍ତର ଗବେଷଣା କରାଯାଇ ଅଧିକ ଅମଳକ୍ଷମ ବିହନ ସୃଷ୍ଟି କରାଯାଉଛି, ଅଧିକ ଗୁଣାତ୍ମକ ମାନ ଥିବା ପାନ ସୃଷ୍ଟି ପାଇଁ କୌଣସି ଗବେଷଣା କରାଯାଉନି । ଚାଷୀମାନେ ପାନର ରୋଗ ନିରାକରଣ ଉପରେ ଜାଣିନପାରି ବିଭିନ୍ନ ପ୍ରକାର ଔଷଧ ପ୍ରୟୋଗ କରୁଛନ୍ତି । ଫଳରେ ପାନର ମାନ କମିବା ସହ ପାନ ଗଛ ମଧ୍ୟ ମରି ଯାଉଛି । ଏଥିପାଇଁ ଚାଷୀ ଅଧିକାଂଶ ସମୟରେ ନିଜ ଭାଗ୍ୟକୁ ଦାୟୀ କରି ଚୁପ୍ ହୋଇ ବସି ଯାଉଛି । ଉପଯୁକ୍ତ ଜ୍ଞାନକୌଶଳର ଅଭାବରୁ ଚାଷୀ ଭୁଲ୍ ଔଷଧ କିମ୍ବା ପ୍ରଣାଳୀକୁ ଅନୁସରଣ କରୁଥିବାରୁ ପାନର ମାନକୁ ହରେଇ ଦେଉଛି । ଯାହାଫଳରେ ଯେଉଁ ପାନ ବାହାରକୁ ପଠାଯାଉଛି, ତାହା ବେଶି ଦିନ ପର୍ଯ୍ୟନ୍ତ ନ ରହି ପାରି ପଚି ଯାଉଛି । ଫଳରେ ପାନର ଚାହିଦା ମଧ୍ୟ କମୁଛି । ଆଉ ଚାଷୀକୁ ତାର ଉଚିତ ମୂଲ୍ୟ ମିଳୁ ନାହିଁ । ସେହିପରି ଋଣ କ୍ଷେତ୍ରରେ ମଧ୍ୟ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କୃଷି ଋଣରେ ଚାଷୀ ୨ ପ୍ରତିଶତ ସୁଧ ଦେଉଥିବା ବେଳେ ପାନ ଚାଷ ପାଇଁ କରାଯାଇଥିବା ଋଣ ଉପରେ ଚାଷୀଙ୍କୁ ୧୧ ପ୍ରତିଶତରୁ ଅଧିକ ସୁଧ ଦେବାକୁ ପଡୁଛି । ଫଳରେ ଚାଷୀ ଏହି ଚାଷକୁ ଗୁରୁତ୍ୱ ନଦେଇ ଅନ୍ୟ ଚାଷକୁ ଆପଣାଉଛନ୍ତି । ସେହିପରି ପାନ ବଦଳରେ ବଜାରକୁ ଆସୁଥିବା ବିଭିନ୍ନ ପ୍ରକାରର ଗୁଟ୍‌ଖା ମସଲା ବିକ୍ରି ପାଇଁ ମଧ୍ୟ ପାନର ଚାହିଦା କମୁଛି । ପାନ ବିକ୍ରି ନେଇ ଲାଭାଂଶର ସୁଷମ ବଣ୍ଟନ କ୍ଷେତ୍ରରେ ପରୋକ୍ଷରେ ଚାଷୀର ତଣ୍ଟି ଚିପି ଦିଆଯାଉଛି । ବେପାରୀମାନେ ଦଲାଲି କରି ଚାଷୀଙ୍କ ଠାରୁ ଶସ୍ତାରେ ପାନ କିଣି ବାହାରେ ଅଧିକ ଦରରେ ବିକ୍ରି କରୁଛନ୍ତି । ଯେପରି ବେପାରୀ ଚାଷୀ ଠାରୁ ଗୋଟିଏ କଡ଼ା(୫୦ଟି ପାନ) ପାନକୁ ୧୫ରୁ ୩୦ ଟଙ୍କା ଭିତରେ କିଣି ବାହାରେ ତାକୁ ଦୁଇ ଗୁଣା ଦର ଯଥା ୫୦ ଓ ୬୦ ଟଙ୍କାରେ ବିକ୍ରି କରୁଛନ୍ତି । ସେହିପରି ଗୋଟିଏ ପଣ(୮୦ କଡ଼ା) ପାନକୁ ୪୦୦୦ ଟଙ୍କାରେ ଚାଷୀଙ୍କ ଠାରୁ କିଣି ବାହାର ରାଜ୍ୟରେ ତାକୁ ୭୦୦୦ ରୁ ୮୦୦୦ ଟଙ୍କାରେ ବିକ୍ରି କରୁଛନ୍ତି । ଫଳରେ ଚାଷୀ ତାର ପ୍ରକୃତ ଲାଭାଂଶ ପାଇବାରୁ ବଞ୍ଚିତ ହେଉଛନ୍ତି । ଏଭଳି ବହୁ କାରଣ ଯୋଗୁଁ ଚାଷୀ ପାନ ଚାଷ ପ୍ରତି ବିମୁଖ ହେଉଛନ୍ତି । ଧୀରେ ଧୀରେ ଏବେ ପାନ ଚାଷୀମାନେ ଏହି ଚାଷ ଛାଡ଼ି ଅନ୍ୟାନ୍ୟ ବୃତ୍ତି ଆପଣେଇ ନେଲେଣି । ସେହିପରି ଖଡ଼ି ପାନ ଚାଷ ପାଇଁ ଅପରିହାର୍ଯ୍ୟ ହୋଇଥିବା ବେଳେ ଖଡ଼ି ଚାଷରେ ବିଭିନ୍ନ ସମସ୍ୟା ଯୋଗୁଁ ଏହାର ଦର ବୃଦ୍ଧି ହୋଇ ପାନ ଚାଷୀକୁ ଖର୍ଚ୍ଚାନ୍ତ କରାଉଛି । ଚୂଣର ଦାମ୍ ବି କିଛି କମ୍ ନାହିଁ । ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏମିତି ପାନ ଚାଷୀଙ୍କ ଅବସ୍ଥା ଦୟନୀୟ ହେବାକୁ ବସିଲାଣି ବୋଲି ନୂଆଗାଁ, ରତେଇ, ଆମଚୁଆକୁ ପ୍ରତିଦିନ ପାନ ଆଣି ବିକ୍ରି କରୁଥିବା ଚାଷୀମାନେ କହିଛନ୍ତି । ଯଦି ଏହି ପରିସ୍ଥିତି ଜାରି ରହେ, ତେବେ ଉଭୟ ପାନ ଚାଷ ଓ ଚାଷୀଙ୍କ ଭବିଷ୍ୟତ ଯେ ସୁରକ୍ଷିତ ନୁହେଁ, ତାହା ସୁସ୍ପଷ୍ଟ ହୋଇଗଲାଣି । ସରକାର ଯଦି ଏଥି ପ୍ରତି ଦୃଷ୍ଟି ଦେଇ ଉପଯୁକ୍ତ ପ୍ରୋତ୍ସାହନ ଦିଅନ୍ତେ ତେବେ ପାନକୁ ନେଇ ସମୃଦ୍ଧ ବାଲେଶ୍ୱର ଜିଲ୍ଲା ଅର୍ଥନୀତି କ୍ଷେତ୍ରରେ ଆଗାମୀ ଦିନରେ ସୁଦୃଢ଼ ହୋଇପାରନ୍ତା ।



## ପାନ ଚାଷ ଉପରେ ଚାଷୀକୁ ପ୍ରଶିକ୍ଷଣ ଦିଆଯାଉ

■ **ପ୍ରଫୁଲ୍ଲ ସାହୁ, ପାନଚାଷୀ, ବଡ଼ାଣ**



ପରିଶ୍ରମ, ଖର୍ଚ୍ଚ ଏବଂ ବିକ୍ରିକୁ ଯଦି ଦେଖାଯିବ ତାହାଲେ ଚାଷୀକୁ କିଛି ମିଳୁନାହିଁ । ଏହି ଚାଷରୁ ବ୍ୟବସାୟୀକୁ ଅଧିକ ଫାଇଦା ମିଳୁଛି । ସରକାରଙ୍କ ପକ୍ଷରୁ ବି ସେମିତି କିଛି ଆଖିଦୃଶିଆ ସୁବିଧା ମିଳୁନାହିଁ । ପାନ ଚାଷ ଉପରେ ସେମିତି ଚାଷୀକୁ କିଛି ପ୍ରଶିକ୍ଷଣ ଦିଆ ଯାଉନାହିଁ । ଯେପରି ବଂଶ ପରମ୍ପରା ଅନୁଯାୟୀ ଚାଷ ହେଉଥିଲା ସେମିତି ଚାଷ ହେଉଛି । ଓଡ଼ିଶାର ପାନକୁ ନେଇ ବାହାର ରାଜ୍ୟ ମାଲାମାଲ୍ ହେଉଛନ୍ତି ହେଲେ ଆମ ରାଜ୍ୟରେ ସେମିତି ଗୁରୁତ୍ୱ ଦିଆଯାଉ ନାହିଁ । ଅନ୍ୟ ଚାଷ ପରି ସରକାର ଯଦି ଏହି ଚାଷକୁ ଗୁରୁତ୍ୱ ଦିଅନ୍ତେ ତାହାଲେ ପାନ ଚାଷୀଙ୍କ ସଂଖ୍ୟା ଆଗାମୀ ଦିନରେ ଆହୁରି ବଢ଼ନ୍ତା ।



# ପୋଷଲର ପରିଭାଷା

## ଛୋଟ ମୋର ଗାଁ
## ପୋଷଲ



**ବନଜ ଦେବୀ**

ଫଟୋ ସୌଜନ୍ୟ : ଲେଖିକା

'ବୋଉ' ବୋଲି ମନେମନେ ଡାକି ଦେଲେ, ଯେମିତି ଅମୃତ ହାତର କଅଁଳ ପରଶଟିଏ ସତ୍ତାର ରନ୍ଧ୍ରେ ରନ୍ଧ୍ରେ ଖେଳିଯାଏ, କୋମଳ ଦୀପାଲୋକର ଆଲୁଅ ଚେନାଏ ବିଞ୍ଛିଯାଏ ଅନ୍ତଃକରଣ ସାରା । କେଉଁ ଅପୂର୍ବ ପୁଲକରେ ଅଭିଭୂତ ହୋଇଯାଏ ମନପ୍ରାଣ, ଠିକ୍ ସେମିତି ଆମ ଗାଁହାତର କଅଁଳ ପରଶଟିଏ, ସତ୍ତାର ଚନ୍ଧ୍ରେ ରନ୍ଧ୍ରେ ଖେଳିଯାଏ, କୋମଳ ଦୀପାଲୋକରେ ମନପ୍ରାଣ, ଠିକ ସେମିତି ଆମ ଗାଁ ବୋଲି ଭାବିଦେଲା ମାତ୍ରେ ଅନୁରୂପ ଭାବନାର ସ୍ନିଗ୍ଧ, ଶ୍ୟାମଳ ଛାୟାଟିଏ ବିଞ୍ଛିଯାଏ, ମୋ ଚେତନାରେ । ବୋଉ ଓ ଆମ ଗାଁ ଦୁଇଟି ଭିନ୍ନ ଶବ୍ଦ, ହେଲେ ଭାବିବାକୁ ହୁଏ ଦୁହେଁ କେତେ ଅଭିନ୍ନ ।

ଆମ ଗାଁ ଛୋଟ ଗାଁଟିଏ । ମହାକବି ସଚ୍ଚି ରାଉତରାୟଙ୍କର କବିତା ଭଳି 'ଛୋଟ ମୋର ଗାଁଟି, ଭୂଗୋଳ ପୋଥିପତରେ ପଛେ ନଥାଉ ତାର ନାଆଁଟି', ହେଲେ ମହାକବିଙ୍କର ଗାଁ ଗୁରୁଜଙ୍ଗ ଜମା ଛୋଟ ଗାଁ ନୁହେଁ । ଆମ ଗାଁ ସେ ଗାଁ ଠାରୁ ଆହୁରି ଛୋଟ, 'ମାଟିର ମଣିଷ'ର ଲେଖକ କହିଲା ପରି ଆଙ୍ଗୁଠି ପବ ପରି ଅଖ୍ୟାତ ଗାଆଁଟିଏ । ତାର ପ୍ରସିଦ୍ଧି ନାହିଁ । ମାମୁଲି ମଣିଷମାନଙ୍କର ହସକାନ୍ଦ ଜୀବନଲୀଳାକୁ ନେଇ ସେଇ ଗାଁ । ମୋ ଗାଆଁ ।

ଆମ ଗାଁ ନାଆଁ 'ପୋଷଲ', ଭୌଗୋଳିକ ଅବସ୍ଥିତିକୁ ନେଇ ଏହା ବେଶ୍ ସୁଗମ୍ୟ । ପୁରୀକୁ ଯାଇଥିବା ରେଳପଥ କଡ଼ରେ କିନା, ଡେଲାଙ୍ଗ ଓ ବୀରପୁରୁଷୋତ୍ତମପୁର ରେଳ ଷ୍ଟେସନ ମଝିରେ ଥିବା ପବ୍ଲିକ୍ ହଲ୍ଟ୍ ଷ୍ଟେସନ 'ଜେନାପୁର ରୋଡ୍' ହିଁ ଆମ ଗାଁ । ଆମ ଗାଁ ମୁଣ୍ଡେ ଷ୍ଟେସନ ହୋଇ ତା ନାଁ 'ପୋଷଲ' ନହୋଇ କାହିଁକି ଜେନାପୁର ରୋଡ଼ ହେଲା ଏବେ ବି ମୁଁ ବୁଝି ପାରେନାହିଁ । ଜେନାପୁର ଆମ ଗାଆଁ ଠାରୁ ଆହୁରି ଦୂର ଓ ଅଭ୍ୟନ୍ତରରେ ଅବସ୍ଥିତ ।

ମୁଁ ଆମ ଗାଁରେ ଜନ୍ମ ହୋଇନାହିଁ, କି ବଢ଼ି ନାହିଁ ମଧ୍ୟ, ତଥାପି ଆମେ ଗାଁ ସହିତ ମୋର ଅଛି ଏକ ଭାବମୟ ଅନ୍ତରଙ୍ଗତା । ସହରରେ ରହିଲେ ମଧ୍ୟ ବର୍ଷକୁ ଚାରି ପାଞ୍ଚ ଥର ଆମେ ନିଶ୍ଚୟ ଆସୁ । ଦଶରା ଛୁଟି, ଖରା ଛୁଟି, ଦୋଳଛୁଟି ଛଡ଼ା, ମାଣବସା ଓ ବାହାବ୍ରତ ପାଇଁ ଆମେ ଗାଁକୁ ଆସୁ । ଦୂରରେ ରହିଲେ ମଧ୍ୟ ଗାଁ ସହ ଥାଏ ଆମର ଅନ୍ତଃସଂପୃକ୍ତି । ଆମ ଗାଁର ଘଞ୍ଚ ନଡ଼ିଆ ବଣ, ପରିପୂର୍ଣ୍ଣ ଝଙ୍କାଳିଆ ବଉଳଗଛ, ନୟନଜୋରିର ନାଳି ଓ ଧଳା କଇଁଫୁଲ, ଆମ ଗାଁର ଅସଂଖ୍ୟ ରଙ୍ଗବେରଙ୍ଗ ଚଢ଼େଇ ମଧ୍ୟରେ ଶଙ୍ଖଚିଲ, ଭଦଭଦଳିଆ, କଜଳପାତୀ, କୁମ୍ଭାଟୁଆ ଓ ମାଛରଙ୍କା ପକ୍ଷୀ, ଏବେ ବି ମୋ ବୟସ୍କ ମନ ଭିତରେ ଅବିକଳ ରହିଛନ୍ତି । ପୋଖରୀରେ ସୋଲବିଡ଼ା ଧରି ପହଁରା ଶିଖିବାର ପ୍ରବଳ ଅନୁରାଗ ଓ ବିଫଳତା, ମତେ ଫେରାଇ ନିଏ ସେଇ ଛବିଳ ମଧୁର ଗାଁ ସ୍ମୃତି ଭିତରକୁ ।

ଆମ ଗାଆଁ ସମ୍ପର୍କରେ କୌଣସି ଐତିହାସିକ ତଥ୍ୟ ମିଳେ ନାହିଁ । କିମ୍ବଦନ୍ତୀ ମୂଳକ କିଛି କଥା ମୁଁ ଜାଣିଥିଲି ଏକ ଅପ୍ରକାଶିତ କ୍ଷୁଦ୍ର ପାଣ୍ଡୁଲିପିରୁ । ମୋର ବାପାଙ୍କର ଘନିଷ୍ଠ ବନ୍ଧୁ ପଣ୍ଡିତ ମହେଶ୍ୱର କର ଏକ କ୍ଷୁଦ୍ର କାବ୍ୟ ଲେଖିଥିଲେ । ସେ କାବ୍ୟଟି ଅନେକ ଦିନ ଧରି ବାପାଙ୍କ ପଢ଼ା ଟେବୁଲ୍‌ରେ ରହିଥିଲା । ନୂଆ ନୂଆ କବିତା ଲେଖିଲା ବେଳେ ମୁଁ ତାହା ପଢ଼ି ଦେଇଥିଲି । ସେଥିରେ ଲେଖାଥିଲା ଆମ ଗାଁର ଜନୈକ ବ୍ୟକ୍ତି ଗାଁ ମୁଣ୍ଡେ ଥିବା ରତ୍ନଚୀରା ନଦୀରେ ବୋଇତ ନେଇ ବଣିଜ କରିବାକୁ ଯାଇଥିଲେ । ବୋଇତ ବୁଡ଼ିଗଲା ବେଳେ ତାଙ୍କୁ ଉଦ୍ଧାର କରିଥିଲେ ମାଆ ମଙ୍ଗଳା । ପରବର୍ତ୍ତୀ ସମୟରେ ଏହି ମା' ମଙ୍ଗଳା ଏକ ବଉଳଗଛରେ ଆବିର୍ଭୂତ ହୋଇଥିଲେ ଓ ଏବେ ମଧ୍ୟ ଅଛନ୍ତି । ଏହା ସତ୍ୟ କି କଳ୍ପନା ମୁଁ ଜାଣେ ନାହିଁ । ତେବେ ଆମ ଗାଁ ମୁଣ୍ଡେ ରତ୍ନଚୀରା ନଦୀ ସିନା ନାହିଁ ହେଲେ ସଡ଼କ ପଥରେ ଏକ ଅତି ପୁରୁଣା ପୋଲ ଅଛି । ଯାହାର ନାମ ନାଲିଶଙ୍ଖ । ରେଳ ପଥରେ ମଧ୍ୟ ଏହି ଦୀର୍ଘାୟତନ ପୋଲଟି ବାସ୍ତରି ଶଙ୍ଖ ଭାବେ ଜନମୁଖରେ ପ୍ରଚଳିତ । ସେ ପୋଲରେ ବାସ୍ତରୀଟି ଖୋପ ଅଛି । ରେଳପଥ ଓ ସଡ଼କ ପଥର ଏହି ପୁରୁଣା ପୋଲ ଅବଶ୍ୟ ପ୍ରମାଣିତ କରେ ଯେ ଏକଦା ଏଠି ନଦୀଟିଏ ପ୍ରବାହିତ ହୋଇଥିଲା । ବଉଳଗଛରେ ସେଇ ମଙ୍ଗଳା ଠାକୁରାଣୀ ଅଦ୍ୟାପି ଆମ କରଣ ସାହିରେ ପୂଜା ପାଇ ଆସୁଛନ୍ତି ।

ଆମ ଗାଁ କଡ଼ରେ କିନା ଯେମିତି ଯାଇଚି ପୁରୀ ରେଳପଥ ଗାଁ ମଝିରେ ସେମିତି ଯାଇଛି ପୁରୀ କଣାସ ସଡ଼କପଥ । ସଡ଼କ ପଥର ଏକ ପାର୍ଶ୍ୱରେ, କରଣ ସାହି, ନାହାକ ସାହି, ଅପର ପାର୍ଶ୍ୱରେ ପଧାନ ସାହି ଓ ଚୌଧୁରୀ ସାହି । ଏହି ସାହିଗୁଡ଼ିକର ପରିବାର ସଂଖ୍ୟା ମଧ୍ୟ ଖୁବ୍ କମ୍ । ଗାଁର ଅଧିକାଂଶ ଲୋକ, ଚାଷବାସ ଓ ମୂଲମଜୁର କରି ଚଳନ୍ତି ।

ଆମ ଗାଁର ଇଷ୍ଟ ଦେବ ଶ୍ରୀ ଶ୍ରୀ ଚନ୍ଦ୍ର ଶେଖର ମହାଦେବ । ଏହି ମହାଦେବ ମନ୍ଦିରରେ ବର୍ଷ ସାରା ଛୋଟ ବଡ଼ ଉତ୍ସବ ଚାଲିଥାଏ । ମନ୍ଦିର ପାର୍ଶ୍ୱରେ ଅଛି ଚନ୍ଦନ ପୋଖରୀ । ଅପରପାର୍ଶ୍ୱରେ ମେଳଣ ପଡ଼ିଆ ଓ ଦୋଳବେଦୀ । ଏହି ମେଳଣ ପଡ଼ିଆରେ ଅଛି ଏକ କୁଳବୃଦ୍ଧ ବିରାଟ ବରଗଛ । ଯାର ଓହଳ ସୋରା ସୋରା ହୋଇ ଓହଳି ଥାଏ । ପିଲାମାନେ ଏହି ଓହଳକୁ ଛନ୍ଦି ଦୋଳି ଖେଳନ୍ତି । ମୁଁ ମଧ୍ୟ ପିଲାଦିନେ ଏ ଓହଳରେ କେତେ ଖେଳିଛି । ଦୋଳ ବେଦୀରେ ଦୋଳ ପୂର୍ଣ୍ଣିମାକୁ ଚନ୍ଦ୍ରଶେଖରଙ୍କ ଚଳନ୍ତି ପ୍ରତିମା ବିଜେ ହୁଅନ୍ତି ଓ ତାଙ୍କ ସାମ୍ନାରେ ନୂଆ ପାଞ୍ଜି ପଢ଼ା ହୋଇ ମୁକୁଳିତ ହୁଏ । ଫଗୁ ଦଶମୀ ଦିନ ରାତିରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଦେବ ଚାଚେରୀ ଭୋଗ ଖାଇବା ପାଇଁ ବିମାନରେ ବସି ଦୁଆର ଦୁଆର ବୁଲନ୍ତି । ଢୋଲ ମହୁରୀର ବାଦ୍ୟରେ ପ୍ରକମ୍ପିତ ହୁଏ ଚତୁପାର୍ଶ୍ୱ । ସଂକୀର୍ତ୍ତନ ମଣ୍ଡଳୀର ଆବେଗାୟିତ ସଂକୀର୍ତ୍ତନ ସମସ୍ତଙ୍କୁ ଭାବ ବିଭୋର କରିଦିଏ । ଆମ ଦୁଆରେ ବିମାନ ଭିଡ଼ା ହୁଏ । ପୂର୍ବରୁ ଗୋବରରେ ଲିପା ଯାଇଥାଏ ସେ ଦାଣ୍ଡ । ବୋଉ ଚିତା ପକାଇଥାଏ । ବଡ଼ ତାଟରେ ବଡ଼ବଡ଼ ଚିନି ସାକର, ଗୁଡ଼ଫେଣି, ରାଶିଲଡୁ, ନଡ଼ିଆଲଡୁ, ବୁଟଲଡୁ, ମୁଗଲଡୁ ଓ ଚୂଡ଼ାଘଷା ବଢ଼ା ଯାଇଥାଏ । ଅନ୍ୟ ଏକ ରେକାବୀରେ ଥାଏ ପର୍ଯ୍ୟାପ୍ତ ଫଗୁ । ସେ ଫଗୁ ବିଞ୍ଚାଯାଏ । ସଂକୀର୍ତ୍ତନ ମଣ୍ଡଳୀର ମୂର୍ଚ୍ଛାଳିଆ କୀର୍ତ୍ତନରେ କାହା କାହା ଆଖିରୁ ଲୁହ ଝରିବା ଦେଖି ମୁଁ ଆଶ୍ଚର୍ଯ୍ୟ ହୁଏ । କେତେଜଣ ସଂକୀର୍ତ୍ତନିଆ, ଭାବ ବିଭୋର ହୋଇ ଡେଇଁ ଡେଇଁ ନାଚନ୍ତି ମଧ୍ୟ । ସେଦିନ ସେ ଲୁହକୁ ବୁଝି ପାରୁନଥିବା ଅବୋଧ ବାଳିକାଟି ଆଜି ନିଜେ ଏପରି କୀର୍ତ୍ତନରେ କାନ୍ଦି ପକାଏ ।

▼ ଲେଖିକାଙ୍କ ପ୍ରିୟ ବଉଳଗଛ ମୂଳରେ ମା' ମଙ୍ଗଳା



ଦୋଳପୂର୍ଣ୍ଣିମା ଦିନ ଭୋରୁ ଭୋରୁ ପୁଣିଥରେ ଠାକୁର ବିମାନରେ ଆସନ୍ତି । ଏଥର ଏକା ନୁହେଁ, ତାଙ୍କର ଦୁଇ ଭାଇ, ବାଲୁକେଶ୍ୱର, ନୀଳକଣ୍ଠେଶ୍ୱରଙ୍କ ସହ ତିନିଟି ବିମାନରେ ତିନିଭାଇ ଗ୍ରାମ ପରିକ୍ରମା କରନ୍ତି ଓ ଭୋଗ ଖାଆନ୍ତି । ଆମ ଗାଁକୁ ଲାଗିଥିବା ସାଧପଡ଼ା ଓ ହାକପଡ଼ାର ଇଷ୍ଟଦେବ ହିଁ ଏହି ବାଲୁକେଶ୍ୱର ଓ ନୀଳକଣ୍ଠେଶ୍ୱର ମହାଦେବ, ଆମ ଚନ୍ଦ୍ରଶେଖର ମଧ୍ୟ ତାଙ୍କ ଗାଁକୁ ଭୋଗ ଖାଇବାକୁ ଯା'ନ୍ତି । ଏ ପରମ୍ପରା ରହିଚି ପ୍ରାଚୀନ କାଳରୁ ।

ପୂର୍ଣ୍ଣିମା ଯିବା ପାଞ୍ଚଦିନରେ, ପଞ୍ଚମୀ ତିଥିରେ ଆମ ଗାଁ ମେଳଣ । ସେହିଦିନ ମଧ୍ୟ ପ୍ରସିଦ୍ଧ ହରିରାଜପୁର ମେଳଣ, ବଳଙ୍ଗା ମେଳଣ, ଆମ ଗାଁ ମେଳଣ । ଦିନେ ଜମେ ଓ ଦିନେ ମେଳଣ ହୁଏ । ତିରିଶ୍ ସରିକି ଦୋଳ ବିମାନ ଆସି ଏ ମେଳଣରେ ଯୋଗ ଦିଅନ୍ତି । ଏଠି ଠାକୁରମାନଙ୍କର ନୀତି, ନୈବେଦ୍ୟ, ଉପଚାର, ସବୁ ସମ୍ପନ୍ନ ହୁଏ ଗାଁ ପାଣ୍ଠିରୁ । ବିମାନ ସହିତ ଆସିଥିବା ଲୋକମାନଙ୍କୁ ଆନ୍ତରିକ ଆତିଥ୍ୟ ଦିଆଯାଏ । ମେଳଣ ପଡ଼ିଆ ଭର୍ତ୍ତି ହୋଇଯାଏ ଦୋକାନ ବଜାରରେ । ଘରେଘରେ ଥାଆନ୍ତି କୁଣିଆ ମେଳଣ ଦେଖିବା ପାଇଁ । ରାତିରେ ପାଲା, ଦାସ କାଠିଆ, କିମ୍ବା ଯାତ୍ରା ହୁଏ ନିଶ୍ଚୟ ।

ଆମ ଗାଁର ଆଉ ଏକ ପର୍ବ ହେଲା ରଥଯାତ୍ରା । ଏ ଯାତ୍ରା ପ୍ରାଚୀନ କାଳରୁ ହୋଇନାହିଁ । ୧୯୬୦ରୁ ଆରମ୍ଭ ହୋଇଛି । ଏ ରଥଯାତ୍ରା ଆରମ୍ଭ ହୋଇଛି ଜଗନ୍ନାଥଙ୍କ ସ୍ୱପ୍ନାଦେଶରୁ । ସାଧପଡ଼ା ଗାଁର ଜଣେ ବଣିଆ ତାଙ୍କ ନାଁ ଅଇନା ପୃଷ୍ଟି, ସେ ନିଜ ଘରେ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ରଖି ପୂଜା କରୁଥିଲେ । ତାଙ୍କୁ ସ୍ୱପ୍ନାଦେଶ ହେଲା ରଥଯାତ୍ରା କରିବା ପାଇଁ । ବୁଢ଼ା ଅଇନା ବଡ଼ ଭକ୍ତ । ସେ ରଥ ନିର୍ମାଣ କରି ଯାତ୍ରା ଆରମ୍ଭ କଲେ । ବିଧି ଅନୁସାରେ ସବୁ କାର୍ଯ୍ୟ ନୀତି ସମ୍ପନ୍ନ ହେଲା । ତିନିଠାକୁର ରଥରେ ବସି ଗୁଣ୍ଡିଚା ଘରକୁ ଆସିଲେ । ଆମ ଗାଁ ମୁଣ୍ଡେ ଥିବା ପରିତ୍ୟକ୍ତ ସ୍କୁଲ୍‌ଘର (ସ୍କୁଲ୍ ବନ୍ଦ ହୋଇ ଯାଇଥିଲା), ହେଲା ଗୁଣ୍ଡିଚା ଘର । ସ୍ଥାନୀୟ ଲୋକଙ୍କ ପ୍ରବଳ ଉତ୍ସାହ ଓ ଉନ୍ମାଦନାରେ ସାଧପଡ଼ା ଗାଁରୁ ରଥ ଗଡ଼ି ଗଡ଼ି ଆମ ଗାଁ ମୁଣ୍ଡେ ପହଞ୍ଚେ । ପ୍ରବଳ ଜନସମାଗମ ହୁଏ । ଦୂରଦୂରାନ୍ତରୁ ଲୋକ ଆସନ୍ତି । ନଅଦିନ ରହନ୍ତି ଠାକୁର । ତାଙ୍କର ନୈବେଦ୍ୟ ପାଇଁ ଅବଢ଼ା ରନ୍ଧା ହୁଏ । ଅନ୍ନ ଓ ଡାଲମା ସେ ପ୍ରସାଦ ପାଇଛି ମୁଁ । ଅବଢ଼ାର ବାସ୍ନା

ପରି ଅବିକଳ ତାର ବାସ୍ନା । ସେ ଅରୁଆ ଅନ୍ନ, ଡାଲ୍ମାର ସ୍ୱାଦ ସତରେ ଅପୂର୍ବ । ସେହିଦିନ ଠାରୁ ରଥଯାତ୍ରା ହେଉଛି ପ୍ରତିବର୍ଷ । ପୋଷଲ ରଥଯାତ୍ରା ପ୍ରସିଦ୍ଧି ଲାଭ କରିଛି ।

ଆମ ଗାଁର ଗ୍ରାମ ଦେବତୀ ବିନ୍ଧ୍ୟବାସିନୀ । ସେ ଆମ କରଣ ସାହିର ଇଷ୍ଟ ଦେବୀ । ଆମ ସାହିର ଅଳ୍ପ ଦୂରରେ ତାଙ୍କର ଅବସ୍ଥିତି । ତାଙ୍କର ମନ୍ଦିର ନଥିଲା । ଏକ ଚାଳଘରେ ସେ ପୂଜା ପାଉଥିଲେ । ତାଙ୍କର କିଛି ମୂର୍ତ୍ତି ନଥିଲା । କେବଳ ପଥର ଦୁଇଖଣ୍ଡ । ସେବକ ପୂଜାରୀ ଚୁଆ ହଳଦୀ ଲଗାଇ ତାଙ୍କୁ ଚିକ୍କଣ କରିଦେଇଥିଲେ । ଚନ୍ଦନ ସିନ୍ଦୂରରେ ଆଖି ନାକ ପାଟି କରିଥିଲେ । ହେଲେ ସେ ଠାକୁରାଣୀଙ୍କ ମହିମା ଅପାର । ସେ ପଥର କ୍ରମଶଃ ବଢୁଥିଲା । ପୂଜାରୀ ନୀତି ସକାଳେ ତାଙ୍କର ପୂଜାର୍ଚ୍ଚନା କରୁଥିଲେ । ସଞ୍ଜରେ ଆମ ଘରମାନଙ୍କରୁ ସଞ୍ଜଦିଆ ଯାଉଥିଲା, କେଉଁ ପ୍ରାଚୀନ କାଳରୁ ନିୟମ ଥିଲା ପ୍ରତି ଗୁରୁବାର ଠାକୁରାଣୀଙ୍କ ଠାରେ ଅନ୍ନବ୍ୟଞ୍ଜନ ଭୋଗ ଦିଆଯିବ । ତେଣୁ ଆମ ସାହିର ପ୍ରତିଘରୁ ଗୁରୁବାର ଦିନ ରନ୍ଧା ଯାଇଥିବା ଅନ୍ନବ୍ୟଞ୍ଜନ ଠାକୁରାଣୀଙ୍କ ପାଇଁ ଯାଉଥିଲା । ଠାକୁରାଣୀଙ୍କୁ ଦିଆଗଲା ପରେ ହିଁ ଅନ୍ୟ ଲୋକ ଖାଉଥିଲେ । ଦିନେ ମୋ ବୋଉ ଭୁଲ୍‌ବଶତଃ ଅନ୍ନବ୍ୟଞ୍ଜନ ରଖି ନପାରି ଘରେ କାହାକୁ ଖାଇବାକୁ ଦେଇ ସାରିଥିଲା । ସେଦିନ ଅଗତ୍ୟା ଠାକୁରାଣୀଙ୍କ ପାଇଁ ଚୂଡ଼ା କଦଳୀ ଗୁଡ଼ ପଠାଇଲା । ସେହି ଦିନରାତିରେ ସେ ସ୍ୱପ୍ନ ଦେଖିଲା ନାଲି ସିନ୍ଦୂର ଟୋପାଟାଏ ପିନ୍ଧି ସ୍ତ୍ରୀ ଲୋକଟିଏ ତାକୁ ଆସି କହୁଛି, "ତୋ' ପିଲାଛୁଆଙ୍କୁ ଜଗି ବସିଛି ମୁଁ ବୁଢ଼ୀ ମାଇପିଟା, ମତେ ଆଜି ଓପାସ ରଖିଲୁ ?" ଆଜି ଏକଥା ଶୁଣି ସମସ୍ତେ ହସରେ ଉଡ଼ାଇଦେବେ । ହେଲେ ଏହା ଥିଲା ସତ୍ୟ ଓ ଏହି ସତ୍ୟକୁ ଆମେ ବିଶ୍ୱାସ କରୁଥିଲୁ । ପ୍ରକୃତରେ ଏହି ଠାକୁରାଣୀଙ୍କର ମହିମା ଥିଲା, କିଛି ଭକ୍ତଙ୍କର ମନସ୍କାମନା ପୂରଣ ହୋଇଥିବାରୁ ସେମାନେ ଠାକୁରାଣୀଙ୍କ ଚାଳଘରକୁ ପକ୍କା କରି ଦେଇଥିଲେ । ଏହି ଠାକୁରାଣୀଙ୍କର ଷୋଳପୂଜା ହୁଏ । ଦିନେ ଏଣ୍ଡୁରୀ ପିଠା ଓ ଦିନେ ଖିରୀ ଖେଚେଡ଼ି ଭୋଗ ଦିଆ ହୁଏ । ସେହି ପରମ୍ପରା ଏବେବି ଜାରି ଅଛି ।

ଆମ ଗାଁରେ ଅନ୍ୟ ଏକ ଠାକୁରାଣୀ ଥିଲେ ମା' ମଙ୍ଗଳା । ଏହି ମଙ୍ଗଳା କରଣ ସାହିର ମଝିରେ ଥିବା ବଉଳଗଛରେ ଅବସ୍ଥାନ କରୁଥିଲେ । କାହିଁ କେଉଁ କାଳରୁ ଥିଲା ଏହି ପ୍ରବୃଦ୍ଧ ବଉଳଗଛ ଓ ତହିଁରେ ପୂଜା ପାଉଥିଲେ ମା' ମଙ୍ଗଳା । ପ୍ରତିଦିନ ସକାଳେ ପୂଜାରୀ ଆସି ପୂଜା କରିଯାଏ । ସନ୍ଧ୍ୟାରେ କରଣ ସାହିର ପ୍ରତିଘର ସଞ୍ଜବତୀ ଦିଅନ୍ତି । ଅଧରାତିରେ ନିଦ ଭାଙ୍ଗିଲେ, ଦାଣ୍ଡରେ ଚୁଡ଼ି ପାଉଁଜିର ରୁଣୁଝୁଣୁ ଶବ୍ଦ ଶୁଣାଯାଏ । ବଉଳଗଛଟା ଥିଲା ଝଙ୍କାଳିଆ ଓ ଭାରି ସୁନ୍ଦର । ସେଠି ପୂଜା ପାଉଛନ୍ତି ମା' ମଙ୍ଗଳା ।



▲ ମେଳଣ ପଡ଼ିଆର କୁଳବୃଦ୍ଧ ବରଗଛ

ଆମ ଛୋଟ ଗାଁଟିର ଲୋକମାନେ ଗରୀବ, ଅଶିକ୍ଷିତ, ସରଳ, ଅତ୍ୟନ୍ତ ଧର୍ମଭୀରୁ, କିନ୍ତୁ ତାଙ୍କ ମଧ୍ୟରେ ଥିଲା ଏକ ଧର୍ମୀୟ ଭାବନା ଓ ସାଂସ୍କୃତିକ ଚେତନା । ସେମାନେ ଗୀତନାଟକ, ଯାତ୍ରାସଂକୀର୍ତ୍ତନ ଆଦି କରିବାକୁ ସୁଖ ପାଉଥିଲେ । ଦେଖିବାକୁ ମଧ୍ୟ । ଆମ ଗାଁରେ ଦି'ଜଣ ଶିକ୍ଷିତ ଲୋକ ଥିଲେ ଓ ସରକାରୀ ଚାକିରୀ କରିଥିଲେ । ଜଣେ ମୋ ବଡ଼ବାପା ଲୋକନାଥ ପଟ୍ଟନାୟକ, ଯିଏ କି ଆମ ଗାଁର ପ୍ରଥମ ଗ୍ରାଜୁଏଟ୍ ଥିଲେ ଓ ବ୍ରିଟିଶ୍ ଅଧିନରେ ଡେପୁଟି କଲେକ୍ଟର ଚାକିରୀ କରି ରାୟସାହେବ ଉପାଧି ପାଇଥିଲେ । ଅନ୍ୟ ଜଣକ ଚୌଧୁରୀ ସାହିର କାଶୀନାଥ ଚୌଧୁରୀ, ସେ ସ୍କୁଲ୍ ଶିକ୍ଷକ ଥିଲେ । ଏହି ଦୁଇଜଣ ହିଁ ଗାଁରେ ପ୍ୟାଣ୍ଟ୍ ପିନ୍ଧୁଥିଲେ । ଗାଁ ଲୋକେ ତାଙ୍କୁ ଖୁବ୍ ମାନୁଥିଲେ ।

ଆମ ଗାଁରେ ଆଉ ଏକ ଅନୁଷ୍ଠାନ ବରାବର ହେଉଥିଲା, ତାହା ହେଉଛି 'ଅନନ୍ତମୁଖୀ ଭାଗବତ' । ଏହା ଚାନ୍ଦାଭେଦାରେ ଖୁବ୍ କମ୍‌ଥର ହେଉଥିଲା କିନ୍ତୁ ଆମଘର ତରଫରୁ ବର୍ଷକୁ ଚାରି ପାଞ୍ଚଥର ନିଶ୍ଚୟ ହେଉଥିଲା । କଥାକଥାକେ ବାପା ମାନସିକ କରୁଥିଲେ ଓ 'ଅନନ୍ତମୁଖୀ ଭାଗବତ' ଅନୁଷ୍ଠିତ ହେଉଥିଲା । ଅନନ୍ତମୁଖୀ ଭାଗବତ ଅର୍ଥ ସମୂହ ଭାଗବତ ପାଠ । ଆମ ଦାଣ୍ଡ ଦୁଆରେ ସେହି କୁଳବୃଦ୍ଧ ବଉଳ ଗଛର ଛାଇ ତଳେ, ଚଟାଣ ଗୋବରରେ ଲିପା ଯାଉଥିଲା । ତା ଉପରେ ବଡ଼ ଗୋଟେ ସତରଞ୍ଜି ବିଛା ଯାଉଥିଲା । ପୂର୍ବ ମୁହାଁ ଖଟୁଲିରେ ସାଲ୍‌କନା ଗୁଡ଼ା ହୋଇ ବିଜେ ହେଉଥିଲେ ଭାଗବତ ଗୋସେଇଁ । ଅଗୁରୁ ଚନ୍ଦନ ଫୁଲ ସମ୍ଭାରରେ ତାଙ୍କୁ ସଜା ଯାଉଥିଲା । ଜଳୁଥିଲା ଅଖଣ୍ଡ ଦୀପ । ଧୂପଦୀପ ପରେ ବାଲଭୋଗରେ ଦିଆ ଯାଉଥିଲା ଚୂଡ଼ାଘସା, ସୁଜିଖିରି, କଦଳୀଚକଟା ଓ ଆମ୍ବୁଲରାଇ । ସେତେବେଳେ ପୁରୀ ଜିଲ୍ଲାର ଶାସନୀ ଗାଁମାନଙ୍କରେ ଚୂଡ଼ାଘସାର ପ୍ରଚଳନ ପ୍ରଧାନ ଥିଲା । ଏହି ସମ୍ପର୍କରେ କଥାଟିଏ ମନେ ପଡୁଛି । ଓଡ଼ିଶାର ରାଜ୍ୟପାଳ ଥିଲେ ମାନ୍ୟବର ଭୀମସେନ ସାଗର । ସେ ଥରେ ବୀର ପୁରୁଷୋତ୍ତମପୁର ଗାଁର ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ । ତାଙ୍କୁ ଯାହା ଜଳଖିଆ ପରଶା ଯାଇଥିଲା, ଚୂଡ଼ାଘସା ଥିଲା ତହିଁରୁ ଅନ୍ୟତମ । ସେ ଚୂଡ଼ାଘସା ଥିଲା ସ୍ୱତନ୍ତ୍ର । ଗୁଣ୍ଡ ଚୂଡ଼ା ପୁଣି କନାରେ ଛଣା ଯାଇଥିଲା । ସରୁ ସରୁ କୋରା ନଡ଼ିଆରେ ଦଳା ଯାଇ ତହିଁରେ ଚିନି, ଗୁଜୁରାତି ଓ ଗୋଲମରିଚ ଗୁଣ୍ଡ ଟିକେ କମଳାରସ, ଗୁଆଘିଅରେ ସେ ଗୁଣ୍ଡଚୂଡ଼ା, ଚୂଡ଼ାଘସା ହେଲା । ରାଜ୍ୟପାଳ ମହାଶୟ ତାକୁ ଖାଇ ଆନନ୍ଦ ପ୍ରକଟ କଲେ ଓ କେଉଁଥିରେ ତିଆରି ହେଇଛି ବୋଲି ଜାଣିବାକୁ ଚାହିଁଥିଲେ । ଏକଥା ବାପାଙ୍କ ମୁହଁରୁ ଶୁଣିଛି ମୁଁ । ଚୂଡ଼ାଘସା ନୈବେଦ୍ୟ ପରେ ଆରମ୍ଭ ହୁଏ ଭାଗବତ ପାଠ । ତେର ଖଣ୍ଡ ଯାକ ବହି ପଢ଼ା ହୁଏ । ବିଭିନ୍ନ ସ୍ୱର ଦେଇ ଭାଗବତକୁ ଗାଆନ୍ତି


▼ ଗାଁର ଇଷ୍ଟଦେବ ଶ୍ରୀଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର



ପାଠକମାନେ । ଶ୍ରୋତାମାନେ ବିହ୍ୱଳ ହୋଇ ପାଳି ଧରନ୍ତି । ଚତୁର୍ଦ୍ଦିଗରେ ଛାଇ ହୋଇଯାଉଥିଲା ସେଇ ଚେତନାର ଧାରା । ଅପରାହ୍ନ ପାଞ୍ଚଟା ସୁଦ୍ଧା ପାଠ ସରୁଥିଲା । ଭାଗବତ ଗୋସେଇଁଙ୍କ ପାଖେ ସଙ୍ଖୁଡ଼ି ଭୋଗ ଲାଗୁଥିଲା । ଅରୁଆ ଅନ୍ନ, ଡାଲ୍ମା, ଖଟା ଓ ଖିରୀ । ଗାଁର ସବୁ ଲୋକ ଏହି ଅନୁଷ୍ଠାନକୁ ଚାହିଁଥାନ୍ତି ଓ ପଙ୍‌କ୍ତି ଭୋଜନରେ ପ୍ରସାଦ ପାଆନ୍ତି । ସେଇ ସମୂହ ସଙ୍ଗୀତମୟ ଭାଗବତ ପାଠର ସ୍ମୃତି ମୋ ମନରେ ଅଦ୍ୟାପି ଉଜ୍ଜ୍ୱଳ ରହିଚି ।

ଆମ ଗାଁରେ ଥିଲା ତିନୋଟି ପୋଖରୀ । ସେ ପୋଖରୀର ଅଦ୍ଭୁତ ନାମ କରଣ ଥିଲା । ଆମ କରଣ ସାହିର ଦୁଇପଟେ ଥିଲା ଦୁଇଟି ପୋଖରୀ । ଗୋଟିକ ନାମ 'ବିଲଗାଡ଼ିଆ' ଓ ଅନ୍ୟଟିର ନାମ 'ନାକଚେଣିଆ' । ଏ ପୋଖରୀ ଦିଟା ମଧ୍ୟ ବହୁ ପୁରୁଣା ସମୟରୁ ରହିଆସିଛି ବୋଲି ଲୋକେ କହନ୍ତି । ତୃତୀୟ ପୋଖରୀଟି ମୋ ବଡ଼ବାପା ଖୋଳେଇଥିଲେ । ତାକୁ ସମସ୍ତେ ନୂଆ ପୋଖରୀ କହନ୍ତି । ଚନ୍ଦନ ପୋଖରୀ ଛଡ଼ା ଏହି ତିନି ପୋଖରୀରେ ପ୍ରଚୁର ମାଛ । ନୂଆ ପୋଖରୀରେ ମାଛ ଜାଆଁଳ ଛଡ଼ା ଯାଇଥାଏ । ଖରାଦିନେ ଯେତେବେଳେ ସବୁ କୂଅ ପୋଖରୀ ଶୁଖି ଯାଇଥାଏ ଆମ ନୂଆ ପୋଖରୀରେ ଥାଏ ପ୍ରଚୁର ପାଣି । ତିନି ଖଣ୍ଡ ଗାଁର ଲୋକ ଗରାମାଠିଆ ଧରି ଗାଧୋଇବାକୁ ଆସି ପାଣି ନେଇଯାନ୍ତି । ଏ ପୋଖରୀ ବଞ୍ଚାଇ ଦିଏ ସମସ୍ତଙ୍କୁ । ବର୍ଷକୁ ଥରେ ଏହି ତିନି ପୋଖରୀ ଗୋଳି ହୁଏ । ସକାଳୁ ସକାଳୁ ସମସ୍ତେ ଆସି ମାଛ ଧରନ୍ତି । କିଏ ଘୋଲୁହରେ, କିଏ ଖେପା ଜାଲରେ, କିଏ କାନିଖିଅ ଦେଇ ମାଛ ଧରନ୍ତି । ଦ୍ୱିପ୍ରହର ପର୍ଯ୍ୟନ୍ତ ଏ ମାଛଧରା ଚାଲେ । ଏତିକି ବେଳେ ପୋଖରୀ ଉପରେ ମାଟିଆ ଚିଲ, ମାଛରଙ୍କା ସହ ତିନି ଚାରିଟା ଶଙ୍ଖଚିଲ ମଧ୍ୟ ଉଡ଼ନ୍ତି । ଆମ ଗାଁରେ ବେଶ୍ କିଛି ଶଙ୍ଖଚିଲ ଥିଲେ ।

ଆମ ଗାଁରେ ଥିଲା ଦୁଇଟା ଶହ ଶହ ବର୍ଷ ତଳର ପୁରୁଣା ଗଛ । ମୁଁ ତାକୁ କୁଳବୃଦ୍ଧ କହେ । ଗୋଟାଏ ମେଳଣ ପଡ଼ିଆର ବରଗଛ । ଯାହାର ପ୍ରଚୁର ଓହଳ ଝୁଲି ରହିଥାଏ । ଆଉ ଗୋଟେ ଆମ ଘର ସାମ୍ନାରେ ଥିବା ବଉଳଗଛ । ଯେଉଁ ଗଛର ଠାକୁରାଣୀ ମା' ମଙ୍ଗଳା ଥାନ୍ତି । ଏହି ବଉଳଗଛ ଓ ବଉଳଫୁଲ ସହ ମୋର ଅନୁଭବ ଓ ସମ୍ପୃକ୍ତି ବଡ଼ ନିବିଡ଼ । ଗଛଟା ଏତେ ମୋଟା ଯେ ଦଶଟା ଲୋକର କୁଣ୍ଢ ପାଇବ ନାହିଁ । କୁଞ୍ଚୁକୁଞ୍ଚିଆ ପତ୍ର ଧରି ଗଛଟା ବଡ଼ ଝଙ୍କାଳିଆ ଓ ବଡ଼ ସୁନ୍ଦର । ଟିକିଟିକି ଫୁଲ ଫୁଟି ବାସ ଚହଟାଉ ଥାଏ । ଏହି ବଉଳ ଗଛରେ ଗୋଟେ ହଳଦୀବସନ୍ତ ବସା କରିଥାଏ । ପିଲାଦିନେ ଗାଁକୁ ଆସିଲେ ମୋର ଖେଳ ହୁଏ, ହଳଦୀ ବସନ୍ତକୁ ଠାବ କରିବା, ତା ପଛେ ପଛେ ଧାଇଁବା, ଅଣ୍ଟିଭରି ବଉଳଫୁଲ ଗୋଟାଇ, ବିଲଗାଡ଼ିଆ ପାହାଚ ଉପରେ ବସି ମୁଠା ମୁଠା ଫୁଲ ପୋଖରୀ ପାଣିକୁ ଫିଙ୍ଗିବା । ଆମ ଗାଁରେ ଭର୍ତ୍ତି ଥିଲେ ଶଙ୍ଖଚିଲ, କଜଳପାତୀ, ମାଛରଙ୍କା, ଭଦଭଦଳିଆ, ବଣି ଓ ଗୋବରା ଚଢ଼େଇ । ଏଇମାନେ ଥିଲେ ମୋର ସାଙ୍ଗ । ଏବେ ମୁଁ ସେମାନଙ୍କୁ ଖୁବ୍ ଝୁରୁଛି । ବଉଳ ଗଛକୁ ନେଇ ମୋର ଅନେକ ସ୍ମୃତି, ସଞ୍ଜ ଗଡ଼ିଗଲେ, ବାପା ତାଙ୍କର ପଖୌଜ ଧରି ଦାଣ୍ଡ ପିଣ୍ଡାରେ ବସନ୍ତି, ବାପା ସଙ୍ଗୀତ କରୁଥିଲେ । ତବଲା, ହାରମୋନିୟମ, ପଖୌଜ, ଖଞ୍ଜଣୀ, ବଂଶୀ, ଏସବୁ ବାଦ୍ୟ ଆମ ଘରେ ଥିଲା ଓ ଏଥିରେ ବାପା ଥିଲେ ପୋଖତ । ତାଙ୍କ ପାଖରେ ମଧ୍ୟ ଥିଲା ବହି, ବନମାଳୀ ପଦ୍ୟାବଳୀ, ଗୋପାଳକୃଷ୍ଣ ପଦ୍ୟାବଳୀ, କବିସୂର୍ଯ୍ୟ ଗ୍ରନ୍ଥାବଳୀ, ବିଦଗ୍ଧ ଚିନ୍ତାମଣି ଓ ଲାବଣ୍ୟବତୀ । କବିସୂର୍ଯ୍ୟ ଥିଲେ ମୋ ବାପାଙ୍କର ପ୍ରିୟ କବି । ତାଙ୍କର ଅନେକ ଚମ୍ପୂ ବାପା ଗାଆନ୍ତି । ନିତି ସଞ୍ଜରେ ପଖୌଜର ବୋଲ ସହ, କବିସୂର୍ଯ୍ୟଙ୍କ ଚମ୍ପୂ ସେ ଶାନ୍ତ ବାତାବରଣକୁ ଆହୁରି ପ୍ରାଣମୟ କରି ଦଉଥାଏ । ଶ୍ରୋତା ଥାଏ ମୁଁ । ଆଉ



ମନ୍ଦିର ସମ୍ମୁଖ ଭାଗର ବୃଷଭ

ଗ୍ରାମବାସୀ କେତେଜଣ ! ମୁଁ ବସି ଭାବୁଥାଏ କେମିତି ବାପାଙ୍କ ଗୀତ ସବୁ ବଉଳଗଛର ପତ୍ର ଗହଳରେ କେରା କେରା ହେଇ ଖେଳି ଯାଉଚି, ଏ ଗୀତ ଚାଲେ ଅନେକ ବେଳ । ବଉଳଗଛ ସତେକି ପିଇ ଯାଉଥାଏ ଏ ଗୀତର ମାଧୁର୍ଯ୍ୟ । ମୁଁ ବଉଳଗଛ ଓ ଗୀତର ମାଧୁର୍ଯ୍ୟରେ ଥାଏ ବିଭୋର । ବୋଉ ମାଟି ପଲମରେ ସରୁଚକୁଳି କରି ସାରି ଗୋଡ଼ ଲମ୍ୱେଇ ବସିଥାଏ ବାପାଙ୍କୁ ଅପେକ୍ଷା କରି । ବାପା କିନ୍ତୁ ଥାନ୍ତି କବିସୂର୍ଯ୍ୟରେ ମାତାଲ୍ ।

ଆମ ଗାଁର ପ୍ରାକୃତିକ ଦୃଶ୍ୟ ଅତି ମନୋରମ । ଘଞ୍ଚ ନଡ଼ିଆ ବଣ, ଆମ୍ୱ, ଲଙ୍କାଆମ୍ବର ବହଳ ବେଢ଼ଣ ଭିତରେ ମାଟିଘରଗୁଡ଼ିକ ଲୁଚିଥାଏ ନୂଆବୋହୂ ପରି । ଋତୁ ପର୍ଯ୍ୟାୟରେ ଏହାର ରୂପ ବଦଳୁଥାଏ । ଏବେବି ମତେ ଆଚ୍ଛନ୍ନ କରେ ଆମ ଗାଁର ଶରତ ଋତୁ । ରେଳ ଲାଇନ୍ କଡ଼ରେ ନୟନ ଜୋରୀରେ ଧାଡ଼ି ଧାଡ଼ି ନାଲି ଓ ଧଳା କଇଁଫୁଲର ମେଳଣ, ରାସ୍ତା ଦି'ପାଖରେ ସବୁଜ ସବୁଜ ଧାନବିଲ, ତୋଟା ତଳ ବେଣାବଣରେ କାଶତଣ୍ଡୀର ଜୟପତାକା, ଅସୁମାରି ଚିତ୍ରିତ ପକ୍ଷୀମାନଙ୍କର ଉଡ଼ାଣ, ସବୁ ଚମତ୍କାର । ଏଇସବୁ ମୁଗ୍ଧ ଭାବେ ଦେଖି ଦେଖି ମୁଁ ମୋର ଶୈଶବ ଓ କୈଶୋର ଅତିକ୍ରମ କରିଚି । ଏଇସବୁ ଚିତ୍ର ମୋ ଭିତରେ ଏକ ଭାବଭୂମି ନିର୍ମାଣ କରି ଦେଇଛି । ଆମ ଗାଁର ଶରତ ଋତୁ ମତେ ବାରମ୍ୱାର କୁହାଇଚି ଯେ ଶରତ ଋତୁ ଏକ ଅନାସକ୍ତ ପ୍ରେମର ଋତୁ, ଅଶିଣ ଜହ୍ନ ଏକ ଅନାସକ୍ତ ପ୍ରେମର ଚିହ୍ନ !

ଆମ ଛୋଟ ଗାଁଟିର ଲୋକମାନଙ୍କର ଜୀବନଚର୍ଯ୍ୟା ସହଜରେ ଅନୁମେୟ । ସରଳ ଗରୀବ ଲୋକ, ସାଧାସିଧା ଚଳଣି, ଅଧିକାଂଶ ଚାଷବାସ କରି ଚଳନ୍ତି । ସେମାନେ ଆମ ଘରକୁ ଖୁବ୍ ମାନ୍ୟତା ଦିଅନ୍ତି ବାବୁଘର ବୋଲି । ସେମାନେ କେବେ ଧୋତି ପିନ୍ଧିବା ମୁଁ ଦେଖିନାହିଁ । ଗାମୁଛାରେ ତାଙ୍କର ଚଳେ । ଆମେ ଗାଁର ଅନେକ ଲୋକ, ପୁରସ୍ତମ ଓ ସାକ୍ଷୀଗୋପାଳ ଯା'ନ୍ତି ଚାଲିଚାଲି, ଏକାଦଶୀରେ ଗୋପାଳଜୀଉ ଓ ଜଗନ୍ନାଥଙ୍କୁ ତୁଳସୀ ଲାଗି କରିବାକୁ । ପୁରସ୍ତମକୁ ରେଳଭଡ଼ା ସେତେବେଳେ ଛଅଣା ପଇସା ଥିଲେ ମଧ୍ୟ, ସେତିକି ପଇସା ନଥାଏ ବୋଲି ସେମାନେ ଚାଲିଚାଲି ଯା'ନ୍ତି । ଗାମୁଛା ଖଣ୍ଡିଏ ପିନ୍ଧିଥାନ୍ତି, ଫତେଇଟିଏ କାନ୍ଧରେ ପକେଇ ଯାଆନ୍ତି, ପିନ୍ଧନ୍ତି ନାହିଁ । ବୈଶାଖ ସୋମବାରକୁ ଚୂଡ଼ାଘଷା ଭୋଗ କରିବାକୁ ଲୋକନାଥଙ୍କ ପାଖକୁ ଯା'ନ୍ତି ଓ ବାଟଯାକ ମୁଠାଏ ମୁଠାଏ ଭୋଗ ବାଣ୍ଟି ବାଣ୍ଟି ଆସନ୍ତି ।

ଯେଉଁକଥାଟି ନଲେଖିଲେ ଏ ଲେଖା ସଂପୂର୍ଣ୍ଣ ହେବ ନାହିଁ, ତାହା ଏକ ଐତିହାସିକ ସ୍ମୃତିର କଥା । ସେହି ଐତିହାସିକ ସ୍ମୃତି ସହ ଆମ ଗାଁ ମଧ୍ୟ ଭାଗୀଦାର । ସେତେବେଳେ ମୁଁ ଜନ୍ମ ହୋଇନଥିଲି, ବାପା ବୋଉଙ୍କ ଠାରୁ ଶୁଣିଛି ଏକଥା । ବେରବୋଇ ଆମ ଗାଁଠୁ କୋଶେ ବାଟ । ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖରେ

ଗାନ୍ଧୀସେବା ସଂଘର ଅଧିବେଶନ ଏଇଠି ବସିଥିଲା । ମହାତ୍ମାଗାନ୍ଧୀ, କସ୍ତୁରବା, ନେହେରୁ, ରାଜେନ୍ଦ୍ର ପ୍ରସାଦ ଆଦି ତୁଙ୍ଗ ନେତାମାନେ ବେରବୋଇରେ ସାତଦିନ ଥିଲେ । ବିଜୁଳିବତୀ ନଥିବା ମାଟିକୁଡ଼ିଆରେ ରହଣି, ପୋଖରୀ ପାଣିରେ ଗାଧୁଆ, କଦଳୀ ପତ୍ରରେ ଭାତ ଡାଲ୍‌ମା ଖାଇ ଏ ନେତାମାନେ ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନଉଥିଲେ । ବାପାଙ୍କ ଠାରୁ ଶୁଣିଛି, ସେ ସମୟ କି ରୋମାଞ୍ଚକର ସମୟ । ମୂର୍ଖ, ଜଡ଼ପ୍ରାୟ ଜନସାଧାରଣ, ସ୍ୱାଧୀନତା କଣ ବୁଝନ୍ତି ନାହିଁ ସେମାନେ ଗାନ୍ଧୀ ଦେଖିବାକୁ ପାଗଳ ହୋଇଗଲେ । ସାତଦିନ କାଳ ପାଞ୍ଚଖଣ୍ଡ ଗାଁର ଘରେ ଘରେ ଯାତ୍ରା ଦେଖିଲା ପରି କୁଣିଆ ଭର୍ତ୍ତି । ସେମାନେ ଗାନ୍ଧୀ ଦେଖିବେ, ତାଙ୍କ କଥା ଶୁଣିବେ । ବୋଉ କହୁଥିଲା, ଆମ ଘରେ ଏତେ କୁଣିଆ ହେଲେ ଯେ ଖଳାଶାଳରେ ରୋଷେଇ ହେଲା । ସକାଳୁ ସକାଳୁ ସବୁ ଶଗଡ଼ରେ ଯିବେ, ଗାନ୍ଧୀ ଦେଖି, ତାଙ୍କ କଥାଶୁଣି ପୁଣି ଖରାବେଳେ ଫେରିବେ । ଖାଇସାରି ପୁଣି ଯିବେ ଯେ ଆସିବେ ରାତିକୁ । ଅଖ୍ୟାତ ପଲ୍ଲୀର ମୂର୍ଖ ଏଇ ଜନସାଧାରଣ ତାଙ୍କ ହୃଦୟର ସମର୍ଥନ ଜଣାଉଥିଲେ ଉଚ୍ଛ୍ୱସିତ ଭାବରେ, ଏମିତି ଚାଲିଥିଲା ସାତଦିନ । ସେଇ ମହାନ ସ୍ମୃତି ସହ ଯୋଡ଼ି ହେଇ ରହିଚି ଆମ ଗାଁ ପୋଷଲି ।

ଆମ ଗାଁ ବିଷୟରେ ଯାହା ମୁଁ ଲେଖିଲି ତାହା ଆଜିର ଚିତ୍ର ନୁହେଁ । ତାହା ଷାଠିଏ ଦଶକର ଗାଁର ଚିତ୍ର ଓ ଚରିତ୍ର । ଏ ଭିତରେ ପ୍ରାୟ ଷାଠିଏ ବର୍ଷରୁ ଅଧିକ ସମୟ ବିତି ଯାଇଛି । ଏଇ ଦୀର୍ଘ ସମୟ ଗାଁର ରୂପ ଭେକ ବଦଳାଇ ଦେବା କିଛି ଅସ୍ୱାଭାବିକ ନୁହେଁ । ସମୟର ସୁଅ ଆଗକୁ ଧାଉଁଚି । ଲୋକମାନେ ତା ସାଙ୍ଗେ ଧାଉଁଚନ୍ତି । ଏବେ ଗାଁରେ ଏତେ ବେଶୀ ଗରିବୀ ନାହିଁ । ଗାଁ ପାଖ, ସାକ୍ଷୀଗୋପାଳ, ଡେଲାଙ୍ଗରେ କଲେଜ ହେଇଥିବାରୁ ସମସ୍ତେ ପଢ଼ି ପାରୁଛନ୍ତି । ଏବେ ଆମ ଗାଁର ଘରେ ଘରେ ବିଜୁଳୀବତୀ, ଗ୍ୟାସ୍ ଚୁଲ୍ଲା, ମୋବାଇଲ ଫୋନ୍ । ଗାଁ ମେଲଣ ପଡ଼ିଆରେ ଏବେ ପିଲାଏ କ୍ରିକେଟ୍ ଖେଳୁଚନ୍ତି । ଗାଁ ଦୋକାନରେ ମରାଯାଇଚି ସିନେମା ପୋଷ୍ଟର୍ । ସବୁ ବଦଳି ଯାଉଚି । ସରଳ ମଣିଷ କେମିତି ଜଟିଳ ହେଇ ଯାଉଛି । ଗାଁର ଯାନି, ଯାତ, ଦିଅଁଙ୍କ ଭୋଗଖିଆ ଆଗେ କେତେ ସୁରୁଖୁରୁରେ ହେଇ ଯାଉଥିଲା । ଏବେ ସବୁଥିରେ କେଁ, ସବୁଥିରେ ରାଜନୀତି, ଘଡ଼ିଘଡ଼ି ନିଶାପ ବସୁଚି । ଏବେ କେବେ ଖବର କାଗଜରୁ ପଢ଼ିଥିଲି, ଡେଲାଙ୍ଗରେ ବୋମାମାଡ଼ । ମୋର ପ୍ରିୟ ବଉଳଗଛ ଯାହା ଦଶଟା ଲୋକର କୁଣ୍ଢ ପାଉ ନଥିଲା, ସେ ଏବେ ଜୀର୍ଣ୍ଣଶୀର୍ଣ୍ଣ । ୧୯୮୯ରେ ଘର ପୋଡ଼ି ବେଳେ ଏ ଗଛଟା ଅଧା ଜଳିଗଲା । ବର୍ତ୍ତମାନ ତାହା ପୋକ ଖାଇ ପୋଲା ହେଇ ଯାଉଛି । ତଥାପି ତା ଛାତିରେ ବିଜେ ଅଛନ୍ତି ମା' ମଙ୍ଗଳା, ପୂଜାର୍ଚ୍ଚନା ଚାଲିଛି । ମତେ କାହାକୁ ପଚାରିବାକୁ ଇଚ୍ଛା ହେଉଚି, ବଉଳଗଛରେ ବସା କରିଥିଲା ଯେଉଁ ହଳଦୀ ବସନ୍ତ, ତାକୁ ତମେ କିଏ ଦେଖିଛ କି ? କହି ପାରିବ କି ତା'ର ଠିକଣା ?

ଆମ ଗାଁରେ ଏବେ ବି ଋତୁ ପର୍ଯ୍ୟାୟର ମେଳା ଚାଲିଥିବ । ଏବେ ମଧ୍ୟ ଆସୁଥିବ କମନୀୟ ଶରତଋତୁ । ନୟନଜୋରୀରେ ଫୁଟୁଥିବ ନାଲି ଓ ଧଳା କଇଁ । ସତରେ କଣ ଏସବୁ ଦେଖିବାକୁ କାହାର ମନର ଝରକାଟିଏ ଖୋଲା ଥିବ ? କେହି କଣ ବ୍ୟସ୍ତ ବହୁଳ ଜୀବନଧାରାରୁ ମୁହୂର୍ତ୍ତେ ମୁକୁଳି ଆସି ଡାକୁଥିବ, "ହେ ଶଙ୍ଖଚିଲ, ହଳଦୀବସନ୍ତ, କଜଳପାତୀମାନେ, ତମେ ସବୁ କୁଆଡ଼େ ଚାଲିଗଲ ? କୁଆଡ଼େ ? ଅଭିମାନର ନା ଅପମାନରେ ?"

ଏହାର ଉତ୍ତର ମିଳିବ କି ?

ଶିବଛାୟା, ରଥରୋଡ଼, ଭୁବନେଶ୍ୱର-୨
ଫୋନ୍ : ୯୨୩୮୬୩୨୧୨୮



## ବହି ବିଚାର



- ପୁସ୍ତକର ନାମ: **ମାୟାଲଗ୍ନ** • ସ୍ରଷ୍ଟାଙ୍କ ନାମ : **ମୁକୁଲ୍ ମିଶ୍ର**
- ପ୍ରକାଶକଙ୍କ ନାମ : **ପଶ୍ଚିମା ପବ୍ଲିକେସନ୍ସ୍, ୧୮୮୨ ନୟାପଲ୍ଲୀ, ଭୁବନେଶ୍ୱର**
- ମୂଲ୍ୟ : **୯୦/-**

**ପ୍ରେମର ଭୋଗଡାଲାରେ ସମ୍ଭୋଗର ସୁଖକୁ ନେଇ ଶ୍ମଶାନ ବାଟରୁ ଫେରି ଆସୁଥିବା ମାୟାଲଗ୍ନ କ'ଣ ପହଞ୍ଚି ପାରେ ପ୍ରେମିକ ପାଖରେ ? ନା । ପ୍ରେମିକ, ଗୋଟେ ଅଭିଶାପରୁ ଖସି ପଡୁଥିବା ଅଗ୍ନିକଣିକାର ଶେଯ ଉପରେ ଶୋଇପଡ଼େ । ମାୟାଲଗ୍ନ ମେଘମୟ ହୋଇ ଉଭେଇ ଯାଏ କୁଆଡ଼େ । ଗୋଟେ ଖଇର ରଙ୍ଗର ଭୋଅର୍, ସୁଖମାନଙ୍କୁ ଓହ୍ଲେଇ ଦେଇ ଚାଲିଯାଏ । ଏଇ 'ସୁଖ' ହିଁ ନବପିଢ଼ି କବି ମୁକୁଳ ମିଶ୍ରଙ୍କ କାବ୍ୟ-ଅନ୍ୱେଷା । ୪୧ଟି କବିତାର ଏ ପୁସ୍ତକ ମୁକୁଳଙ୍କ କ୍ଷତ ଓ କ୍ଷୋଭର ଉପଚାର ।**



## ବହି ବିଚାର



- ପୁସ୍ତକର ନାମ: **ଛୋଟ ଗପ** • ସ୍ରଷ୍ଟାଙ୍କ ନାମ : **ଅଞ୍ଜନ ଚାନ୍ଦ**
- ପ୍ରକାଶକଙ୍କ ନାମ : **ଟୁପୁର କ୍ରିଏସନ୍ସ, ବାଲେଶ୍ୱର** • ମୂଲ୍ୟ : **୬୫/-**

**ଛୋଟ ଛୋଟ ଗପରେ ସୁନ୍ଦର ଏକ ସ୍ମରଣୀୟ ପରିଣତି ଆଣି ଶେଷ କରିବାରେ ମାହିର୍ ଆମ ସମୟର ଗାଳ୍ପିକ ଅଞ୍ଜନ ଚାନ୍ଦ । ବେଶ୍ ନାଟକୀୟ ଶୈଳୀରେ ଆରମ୍ଭ ହୋଇ ଚମକି ପଡ଼ିବା ପରି ପରିଣତିରେ ପହଞ୍ଚିବା ବେଳକୁ ପାଠକ ବେଦମ୍ । ତୀର୍ଯ୍ୟକ୍ ହାସ୍ୟରସର କୁଣ୍ଡାଝାଡ଼ିଲା ପରି ବର୍ଷା କରେଇ ଏକ ସିରିୟସ୍ କଥାର ଅଗ୍ରଭାଗରେ ପହଞ୍ଚାଇବାର ମନ୍ତ୍ର ଅଞ୍ଜନଙ୍କୁ ଜଣା । ଏ ପୁସ୍ତକର ଶେଷ ଗପ 'ଏକ ଶୀତ ସଂଜରେ'ର ଦିଗମ୍ବର କଥା ଭାବନ୍ତୁ ଦେଖି ! ନ ହସି କ'ଣ ରହିହେବ ? ୪୦ଟି ଛୋଟ ଛୋଟ ଗଳ୍ପର ଏ ସଂକଳନଟି ଆପଣମାନଙ୍କୁ ଭଲ ଲାଗିବ । ପ୍ରତ୍ୟେକଟି ଗପ ଭିତରେ ଅଛି ମହୌଷଧି । ପଢ଼ନ୍ତୁ ନା । ଜାଣିବେ ।**



# ବିଜୁଙ୍କ ବସାଘର



**ଅଦମ୍ୟ ସାହସୀ ବୈମାନିକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଜାତୀୟ ରାଜନୀତିର ଜଣାଶୁଣା ବ୍ୟକ୍ତିତ୍ୱ ତଥା ଆଧୁନିକ ଓଡ଼ିଶାର ପ୍ରମୁଖ ବିନ୍ଧାଣି ବିଜୁ ପଟ୍ଟନାୟକ । ତାଙ୍କରି ସ୍ମୃତିର ଜୀବନ୍ତ ସ୍ମାରକୀ ପାଲଟିଛି ହଜାର ବର୍ଷର ସହର କଟକରେ ଥିବା ବିଜୁଙ୍କ ପୈତୃକ ଘର 'ଆନନ୍ଦ ଭବନ' । ଏଠାରେ ପ୍ରତିଷ୍ଠା ହୋଇଛି ଆନନ୍ଦ ଭବନ ସଂଗ୍ରହାଳୟ ଓ ଅଧ୍ୟୟନ କେନ୍ଦ୍ର । ବର୍ତ୍ତମାନ ତଥା ଆଗାମୀ ପିଢ଼ି ପାଇଁ ଏହା ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ଓ ସଂକଳ୍ପର ଏକ ସ୍ମୃତିଚିହ୍ନ ହୋଇ ରହିବ ।**

# ବିଜୁ ପଟ୍ଟନାୟକଙ୍କ
# ଆନନ୍ଦ ଭବନ



**ପ୍ରଣତି ପରିଡ଼ା**

ଫଟୋ ସୌଜନ୍ୟ : ଲେଖିକା ଓ ଓଡ଼ିଶାଲାଇଭ୍

କଟକର ତୁଳସୀପୁର ଅଞ୍ଚଳରେ ରହିଛି ଆନନ୍ଦ ଭବନ । ଏହାକୁ ନିର୍ମାଣ କରିଥିଲେ ବିଜୁ ପଟ୍ଟନାୟକଙ୍କ ବାପା ଲକ୍ଷ୍ମୀନାରାୟଣ ପଟ୍ଟନାୟକ । ବିଜୁଙ୍କ ପରିବାର ସେହି ସ୍ଥାନରେ ପୂର୍ବରୁ ବେଶ୍ କିଛି ବର୍ଷ ଧରି ରହି ଆସୁଥିଲେ । ତେବେ ଆଜି ଆମେ ଯେଉଁ ଆନନ୍ଦ ଭବନ କୋଠା ଦେଖିବାକୁ ପାଉ, ତାହା ୧୯୩୧ ମସିହାରେ ନିର୍ମାଣ ହୋଇଥିଲା । ଏହି ଆନନ୍ଦ ଭବନ ଆଗାମୀ ପିଢ଼ି ପାଇଁ ଏବେ ଏକ ଦର୍ଶନୀୟ ଏବଂ ସ୍ମୃତିପୀଠ ଭାବେ ପ୍ରସ୍ତୁତ । ଓଡ଼ିଶା ସଂସ୍କୃତି ବିଭାଗ ପକ୍ଷରୁ ଏହାକୁ ଏକ ଜାତୀୟ ସ୍ତରର ସଂଗ୍ରହାଳୟ ଭାବେ ପ୍ରସ୍ତୁତ କରା ଯାଇଛି । ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହାର ଶୁଭ ଉଦ୍‌ଘାଟନ କଲା ପରେ ଆନନ୍ଦ ଭବନ ସର୍ବସାଧାରଣଙ୍କ ପାଇଁ ନିୟମିତ ଖୋଲା ରହିଛି ।

## ଆନନ୍ଦ ଭବନର ପ୍ରମୁଖ ଆକର୍ଷଣ

ବର୍ତ୍ତମାନ ଆନନ୍ଦ ଭବନର ଚାରୋଟି ବଖରାକୁ ସର୍ବସାଧାରଣଙ୍କ ପରିଦର୍ଶନ ଲାଗି ପ୍ରସ୍ତୁତ କରାଯାଇଛି । ପ୍ରବେଶ ପ୍ରକୋଷ୍ଠରେ ରହିଛି ବିଜୁବାବୁଙ୍କ ବ୍ୟକ୍ତିଗତ ବ୍ୟବହାର୍ଯ୍ୟ ସାମଗ୍ରୀ । ତା' ମଧ୍ୟରେ ରହିଛି ଏୟାର୍‌ଗନ୍, ଷ୍ଟାମ୍ପ୍ ଷ୍ଟାଣ୍ଡ୍ ବା ହୋଲ୍‌ଡର୍ ଏବଂ ୧୯୯୨ କଳିଙ୍ଗ ବାଲିଯାତ୍ରା ସମୟରେ ସେ ବ୍ୟବହାର କରୁଥିବା ବଡ଼ ଟୋପି ବା ହ୍ୟାଟ୍ ଇତ୍ୟାଦି ।

ଏହି ପ୍ରଥମ ବଖରା ପ୍ରବେଶ କଲା ମାତ୍ରେ ଦର୍ଶକମାନଙ୍କ ଆଖିରେ ପଡ଼ିବ ବିଜୁବାବୁଙ୍କ ଓଡ଼ିଆ ଏବଂ ଇଂଲିସ୍ ଦସ୍ତଖତ । ଏହାକୁ ଏକ ଇଜେଲ୍ ଉପରେ ସଜାଇ ରଖାଯାଇଛି । ସେହିପରି ବିଜୁବାବୁ ବ୍ୟବହାର କରୁଥିବା ଆଲମାରୀ, ହ୍ୟାଟ୍ ଷ୍ଟାଣ୍ଡ୍ ଏବଂ ଲମ୍ବା ଆର୍ମ ଚେୟାର୍ ଏହି ରୁମ୍‌ରେ ସଜା ହୋଇ ରହିଛି ।

ଆନନ୍ଦ ଭବନର ତା' ପାଖ ରୁମ୍‌ରେ ସୁନ୍ଦର ଭାବେ ରଖାଯାଇଛି ବିଜୁବାବୁ ବ୍ୟବହାର କରୁଥିବା ଡାଇନିଂ ସେଟ୍ ଏବଂ କଟ୍‌ଲେରୀ ଷ୍ଟାଣ୍ଡ୍ । ପୁଣି ଗୋଟିଏ କଡ଼ରେ ରହିଛି ଏକ ପୁରୁଣା ଆଲ୍‌ମାରୀ ।

ଆନନ୍ଦ ଭବନର ତୃତୀୟ ବଖରାକୁ ବିଜୁବାବୁଙ୍କ ଶୟନ କକ୍ଷ ହିସାବରେ ଉପସ୍ଥାପନ କରାଯାଇଛି । ଏଇଠି ରହିଛି ସେ ବ୍ୟବହାର କରୁଥିବା ଖଟ ଓ ଆଲ୍‌ମାରୀ । ବିଜୁ ପଟ୍ଟନାୟକ ଥିଲେ ଜଣେ ଦ୍ରୁତ ପାଠକ । ସେ ତାଙ୍କ ରୁଚିର ଅନେକ ବହି ପଢୁଥିଲେ । ଶୋଇବା ଆଗରୁ ପଢ଼ିବା ତାଙ୍କର ଥିଲା ଏକ ନିଶା । ଏଥିପାଇଁ ତାଙ୍କ ଖଟର ଦି' ପାଖରେ ରହିଥିଲା ବୁକ୍ ଟ୍ରେ । ବିଜୁବାବୁ ମନ ହେଲେ ବୁକ୍ ଟ୍ରେରୁ ବହିଟିଏ ଉଠାଇ ଆଣି ପଢ଼ିବାକୁ ବସୁଥିଲେ ।

ଏହି ରୁମ୍‌ରେ ମଧ୍ୟ ରଖା ଯାଇଛି ବିଜୁବାବୁ ବ୍ୟବହାର କରୁଥିବା ଇନ୍‌ହେଲର୍ । ସେହିପରି ତାଙ୍କ ପାଇଁ ଶେଷ ସମୟରେ ବ୍ୟବହାର ହୋଇଥିବା ଅକ୍‌ସିଜେନ୍ ସିଲିଣ୍ଡର୍ ମଧ୍ୟ ସଂରକ୍ଷିତ କରି ରଖା ଯାଇଛି । ବିଜୁ ପଟ୍ଟନାୟକ ବ୍ୟବହାର କରୁଥିବା ପୋଷାକ ମଧ୍ୟରେ ଫତେଇ ଏବଂ ବ୍ଲେଜର୍ ଏଠାରେ ଟଙ୍ଗା ହୋଇଛି । ସେହିପରି ତାଙ୍କ ପୋଷାକର ଦରଜି ରଖୁଥିବା ମାପ ମଧ୍ୟ ସ୍ଥାନ ପାଇଛି ।

ଏବେ ଆସିବା ବିଜୁବାବୁଙ୍କୁ ଡ୍ରଇଁ ରୁମ୍‌କୁ । ଆନନ୍ଦ ଭବନରେ ବିଜୁ ସ୍ମାରକୀର ଏହା ଏକ ଅଂଶ । ଏଠାରେ ସଜା ହୋଇ ରହିଛି ସେ ବ୍ୟବହାର କରୁଥିବା ପେନ୍ ଷ୍ଟାଣ୍ଡ୍, ଚମଡ଼ା ବ୍ରିଫ୍‌କେସ୍ ଏବଂ ତାଙ୍କ ପରିବାରର ପୁରୁଣା ସୋଫା ସେଟ୍ ।

ବିଜୁ ପଟ୍ଟନାୟକ ପ୍ରତିଷ୍ଠା କରିଥିଲେ 'କଳିଙ୍ଗ' ଖବରକାଗଜ । ୧୯୬୦ ମସିହା ଅକ୍ଟୋବର ୨ ତାରିଖରେ ଜନ୍ମ ନେଇଥିବା ଏହି ସମ୍ବାଦପତ୍ର ୧୯୭୧ ମସିହା ପର୍ଯ୍ୟନ୍ତ ପ୍ରକାଶ ପାଉଥିଲା । ଆନନ୍ଦ ଭବନ ଥିଲା କଳିଙ୍ଗ ଖବରକାଗଜର ସମ୍ପାଦକୀୟ କାର୍ଯ୍ୟାଳୟ । ବିଶିଷ୍ଟ କବି ଓ ସ୍ୱାଧୀନତା ସଂଗ୍ରାମୀ ମନମୋହନ ମିଶ୍ର ଥିଲେ ଏହାର ପ୍ରଥମ ସମ୍ପାଦକ । ପରେ ବିଶିଷ୍ଟ ଲେଖକ ସୁରେନ୍ଦ୍ର ମହାନ୍ତି ଦୀର୍ଘଦିନ ଧରି ଏହି ଦାୟିତ୍ୱ ତୁଲାଇଥିଲେ । ତେଣୁ ବିଜୁଙ୍କ ଏହି ମାନସସନ୍ତାନ 'କଳିଙ୍ଗ' ସମ୍ବାଦପତ୍ରକୁ ତାଙ୍କ ଶୟନ କକ୍ଷରେ ରଖାଯାଉଛି । ବିଜୁବାବୁଙ୍କ ଜୀବନ ଉପରେ ଆଧାରିତ ସଚିତ୍ର ଇଂଲିସ୍ ପୁସ୍ତକ 'ଦ ଟଲ୍ ମ୍ୟାନ୍ ବିଜୁ ପଟ୍ଟନାୟକ'ର ବିଭିନ୍ନ ପୃଷ୍ଠାକୁ ଏଠାରେ ପ୍ରଦର୍ଶନ କରାଯାଇଛି । ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନର ବହୁ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟକୁ ଏହି ପୁସ୍ତକ ମାଧ୍ୟମରେ ଉପସ୍ଥାପନ କରାଯାଇଛି । କିଛିଦିନ ତଳେ ଭୁବନେଶ୍ୱର ଠାରେ ଏହାର ଉନ୍ମୋଚନ ଉତ୍ସବ ହୋଇଥିଲା ।

ସେହିପରି ଆନନ୍ଦ ଭବନ ପ୍ରବେଶ ଦ୍ୱାରର ବାମ ପାଖ ବାରଣ୍ଡା କଳିଙ୍ଗ

ଫାଉଣ୍ଡେସନ୍ ଟ୍ରଷ୍ଟ ପାଇଁ ସଂରକ୍ଷିତ ରଖାଯାଇଛି । ଏଠାରେ ବିଜୁବାବୁ କରିଥିବା ୟୁନେସ୍କୋ କଳିଙ୍ଗ ପୁରସ୍କାର ସମ୍ପର୍କିତ ବିଭିନ୍ନ ବିଷୟ ଓ ଫଟୋଚିତ୍ର ସ୍ଥାନ ପାଇଛି । ତା' ମଧ୍ୟରେ ରହିଛି ବିଜ୍ଞାନ ପାଇଁ ବିଶ୍ୱରେ ପରିଚିତ, କଳିଙ୍ଗ ପୁରସ୍କାର ପାଇଥିବା ବିଜେତାମାନଙ୍କ ଫଟୋ ଓ ପ୍ରୋଫାଇଲ୍ ଏବଂ ଟ୍ରଷ୍ଟ ପକ୍ଷରୁ ପ୍ରକାଶିତ ବିଭିନ୍ନ ପୁସ୍ତକ । ସେହିପରି କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟର ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ମଧ୍ୟ ଏଠାରେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ ହୋଇଛି ।

୨୦୧୮ ମସିହା ମାର୍ଚ୍ଚ ୧୭ ତାରିଖରେ ଆନନ୍ଦ ଭବନ ସଂଗ୍ରହାଳୟ ସର୍ବସାଧାରଣଙ୍କ ପାଇଁ ଉଦ୍‌ଘାଟିତ ହୋଇଥିଲା । ଏହି ସଂଗ୍ରହାଳୟ ଓ ଅଧ୍ୟୟନ କେନ୍ଦ୍ରର ଆଉ ଏକ ଆକର୍ଷଣ ହେଲା ବରିଷ୍ଠ ଚିତ୍ରଶିଳ୍ପୀ ରବି ରଥଙ୍କ ପ୍ରସ୍ତୁତ କୋଲାଜ୍ । ବିଜୁବାବୁଙ୍କ ବିଭିନ୍ନ ମୁଡ୍‌କୁ ଆଧାର କରି ଶିଳ୍ପୀ ଶ୍ରୀଯୁକ୍ତ ରଥ ଏହି ବିଶେଷ ଚିତ୍ରକଳା ପ୍ରସ୍ତୁତ କରିଛନ୍ତି ।

## ଅଧ୍ୟୟନ କେନ୍ଦ୍ର

ଆନନ୍ଦ ଭବନର ଆଉ ଏକ ଆକର୍ଷଣ ହେଉଛି ଏହାର ଅଧ୍ୟୟନ କେନ୍ଦ୍ର ବା ପାଠାଗାର । ଆନନ୍ଦ ଭବନର ଉପର ମହଲାରେ ଏଥିପାଇଁ ଦୁଇଟି ପ୍ରକୋଷ୍ଠ ପ୍ରସ୍ତୁତ କରାଯାଇଛି । ଏଠାରେ ବିଜୁବାବୁଙ୍କ ଜୀବନୀ ସମ୍ପର୍କିତ ବିଭିନ୍ନ ପୁସ୍ତକ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ରହିଛି । ସେହିପରି ଅନ୍ୟ ବିଷୟ ଉପରେ ମଧ୍ୟ ପୁସ୍ତକ ଏହି ପାଠାଗାରର ଆକର୍ଷଣ ହେବ ।

ବିଜୁବାବୁ ନିୟମିତ ପଢୁଥିଲେ । ତାଙ୍କ ପଢ଼ିବା କୌଣସି ନିର୍ଦ୍ଦିଷ୍ଟ ବିଷୟ ଉପରେ ସୀମିତ ହୋଇ ରହିନଥିଲା । ସାହିତ୍ୟ ଠାରୁ ଆରମ୍ଭ କରି ବୈଜ୍ଞାନିକ ଗବେଷଣାର ଉପଲବ୍ଧି, ହାତ ପାଆନ୍ତାରେ ତାଙ୍କୁ ଯେତେବେଳେ ଲୋଭନୀୟ ବହିଟିଏ ମିଳି ଯାଉଥିଲା ସେ ତା'କୁ ଶେଷ କରି ଦେଉଥିଲେ । ବିଜୁବାବୁଙ୍କ ଏହି ପଠନ ଅଭ୍ୟାସକୁ ଆଧାର କରି ଆନନ୍ଦ ଭବନ ପାଠାଗାରର ପରିକଳ୍ପନା କରାଯାଇଛି । ତେଣୁ ଆଗାମୀ ଦିନରେ ଏହା ସାଧାରଣ ପାଠକମାନଙ୍କ ପାଇଁ ଏକ ଆକର୍ଷଣ ହେବ । ଏଠାରେ ଥିବା ଇ-ଲାଇବ୍ରେରି ମଧ୍ୟ ପାଠକମାନଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିବ ।

ଆନନ୍ଦ ଭବନ ସଂଗ୍ରହାଳୟ ଓ ଅଧ୍ୟୟନ କେନ୍ଦ୍ର ସର୍ବସାଧାରଣଙ୍କ ପାଇଁ ମଙ୍ଗଳବାରରୁ ରବିବାର ପର୍ଯ୍ୟନ୍ତ ଖୋଲା ରହେ । ସୋମବାରଟି ସାପ୍ତାହିକ ଛୁଟି । ସେହିପରି ସରକାରୀ ଛୁଟି ଦିନ ଗୁଡ଼ିକରେ ସଂଗ୍ରହାଳୟ ବନ୍ଦ ରହେ ।

## ବିଜୁଙ୍କ ବିରଳ ଫଟୋଗ୍ରାଫ୍

କଟକସ୍ଥ ଆନନ୍ଦ ଭବନର ଆଉ ଏକ ଆକର୍ଷଣ ହେଉଛି ବିଜୁବାବୁଙ୍କ ବିରଳ ଫଟୋଚିତ୍ର । ଏଠାରେ ପ୍ରାୟ ୪୦ରୁ ୫୦ଟି ଫଟୋ ସ୍ଥାନ ପାଇଛି । ସଂସ୍କୃତି ବିଭାଗ ଏହି ମର୍ମରେ ଫଟୋଗୁଡ଼ିକୁ ସଜାଇଲା ବେଳେ ଚାରି ଭାଗରେ ବିଭକ୍ତ କରିଛନ୍ତି । ତାହା ହେଉଛି ବ୍ୟକ୍ତିଗତ, ଶିଳ୍ପଭିତ୍ତିକ, ରାଜନୈତିକ ଏବଂ ସାମାଜିକ-ସାଂସ୍କୃତିକ । ଏହି ଫଟୋ ଗୁଡ଼ିକ ଆନନ୍ଦ ଭବନର ବିଭିନ୍ନ






▲ ଆନନ୍ଦ ଭବନସ୍ଥ ଇ-ଲାଇବ୍ରେରୀ



▲ ବିଜୁ ବାବୁ ବସୁଥିବା ଆରାମ୍ ଚୌକି




▲ ବିଜୁ ବାବୁଙ୍କ ଉପରେ ହୋଇଥିବା ଡାକ ଟିକଟ



▲ ଆନନ୍ଦ ଭବନର ଅଧ୍ୟୟନ କେନ୍ଦ୍ର



▲ ବିଜୁ ବ୍ୟବହୃତ ଟୋପି



▲ ଆନନ୍ଦ ଭବନର ସମ୍ମୁଖଭାଗ




▲ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ




▲ ବିଜୁ ବାବୁଙ୍କ ଉପରେ ରଚିତ ପୁସ୍ତକର ଫଟୋଚିତ୍ର

କୋଠରୀରେ ସ୍ଥାନ ପାଇଛି । ଆରମ୍ଭରୁ କିଛି ଫଟୋକୁ ଇଜେଲ୍ ଉପରେ ସଜାଇ ରଖା ଯାଇଛି । ଏହାକୁ ନିର୍ଦ୍ଦିଷ୍ଟ ଗ୍ୟାଲେରୀରେ ପ୍ରଦର୍ଶନ କରାଯାଇଛି ।

ଏହି ଫଟୋଗୁଡ଼ିକ ମଧ୍ୟରେ ରହିଛି ବିଜୁବାବୁଙ୍କ କର୍ମମୟ ଜୀବନ ସମ୍ପର୍କିତ ଫଟୋ, ତାଙ୍କର ପାରିବାରିକ ଫଟୋ ଏବଂ ଆନନ୍ଦ ଭବନରେ ମୂଳରୁ ରହିଥିବା ଅନ୍ୟ ଫଟୋ । ଆନନ୍ଦ ଭବନ ବୁଲି ଆସୁଥିବା ଦର୍ଶକମାନେ ଏହି ଫଟୋ ଗୁଡ଼ିକ ଭିତରେ ଦେଖିବାକୁ ପାଇବେ ବିଜୁଙ୍କ ପିଲାଦିନ, କଲେଜ୍ ଜୀବନ, ପେସାୱାର୍‌କୁ ସାଇକେଲ୍ ଯାତ୍ରା, ଦୁଃସାହସିକ ପାଇଲଟ୍ ଜୀବନ, ସ୍ୱାଧୀନତା ସଂଗ୍ରାମ, ଜାତୀୟ ରାଜନୀତିରେ ନେତୃତ୍ୱ, ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ, ଓଡ଼ିଶାରେ ଶିଳ୍ପ ବିକାଶର ନବପର୍ବ ଏବଂ ସାଧାରଣ ଜୀବନ ସହିତ ବିଜୁଙ୍କ ଅସାଧାରଣ ସଂଯୋଗ ।


## ବିଜୁଙ୍କ ଉପରେ ଭିଡିଓ

ଓଡ଼ିଶାର ସଂସ୍କୃତି ବିଭାଗ ପକ୍ଷରୁ ବିଜୁବାବୁଙ୍କ ଭିଡିଓକୁ ନେଇ ଏକ କ୍ଷୁଦ୍ର ଉପସ୍ଥାପନ ପ୍ରସ୍ତୁତ କରାଯାଇଛି । ଏଥିରେ ଅନ୍ୟତମ ଆକର୍ଷଣ ହେଉଛି ବିଜୁଙ୍କ ସାକ୍ଷାତକାର । ଏହି ଭିଡିଓ ଆନନ୍ଦ ଭବନ ସଂଗ୍ରହାଳୟ ପରିସରରେ ଚାଲିବା ଫଳରେ ଯେଉଁ ଦର୍ଶକମାନେ ବିଜୁ ପଟ୍ଟନାୟକଙ୍କ ସ୍ମୃତିକୁ ଅନୁଭବ କରିବା ପାଇଁ ଆନନ୍ଦ ଭବନ ବୁଲି ଆସିବେ ଏହି ଭିଡିଓ ସେମାନଙ୍କ ଅନୁଭୂତିକୁ ଅଧିକ ଆତ୍ମୀୟ କରିପାରିବ ।

ସାଧାରଣତଃ କୌଣସି ସଂଗ୍ରହାଳୟ ପ୍ରସ୍ତୁତି ବେଳେ ଆବଶ୍ୟକ ଅନୁଯାୟୀ ନିର୍ମାଣ କାର୍ଯ୍ୟ କରା ଯାଇଥାଏ । କୌଣସି ପୁରୁଣା କୋଠା ହୋଇଥିଲେ ତାହାରା ନବୀକରଣ ବେଳେ ମଧ୍ୟ ଆବଶ୍ୟକ ଅଦଳବଦଳ କରାଯାଇଥାଏ । ତେବେ ଆନନ୍ଦ ଭବନ ଏକ ହେରିଟେଜ୍ ବିଲ୍ଡିଂ ହୋଇଥିବାରୁ ଏହାର ମୂଳ ଢାଞ୍ଚାରେ କୌଣସି ପରିବର୍ତ୍ତନ ନ କରି ଏହାକୁ ଏକ ସଂଗ୍ରହାଳୟର ରୂପରେଖ ଦେବା ପାଇଁ ବେଶ୍ ସଫଳ ଉଦ୍ୟମ କରିପାରିଛନ୍ତି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ।

ଆନନ୍ଦ ଭବନ ସଂଗ୍ରହାଳୟରେ ରଖାଯାଇଥିବା ବିଜୁବାବୁ ଓ ତାଙ୍କ ପରିବାରର ବ୍ୟବହୃତ ବିଭିନ୍ନ ଜିନିଷ ବିଭିନ୍ନ ସ୍ଥାନରୁ ଅଣା ଯାଇଛି । ଆଗାମୀ ଦିନରେ ବିଜୁ ସ୍ମୃତିକୁ ନେଇ ଆଉ ଯାହା ଯାହା ଜିନିଷ ମିଳିବ ତା'କୁ ବାଛି ଏଠାରେ ସ୍ଥାନ ଦେବାକୁ ବିଭାଗ ଚିନ୍ତା କରୁଛି । ତେଣୁ ବିଜୁ ପଟ୍ଟନାୟକଙ୍କ ନିଜ ପରିବାର ବାହାରେ ଯେକୌଣସି ବିଜୁପ୍ରେମୀ ଏ ଦିଗରେ ସହଯୋଗ ଦେବାକୁ ଆଗେଇ ଆସିବେ ବୋଲି ବିଭାଗ ଆଶା କରୁଛି ।

## ବିଜୁଙ୍କ ବାଲ୍ୟବେଳ



ବିଜୁ ପଟ୍ଟନାୟକ ୧୯୧୬ ମସିହାରେ କଟକର ଏହି ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ବାପା ଲକ୍ଷ୍ମୀନାରାୟଣ ଓ ମାଆ ଆଶାଲତା ଦେବୀ ତାଙ୍କର ଅନ୍ୟ ପିଲାମାନଙ୍କ ପରି ବିଜୟାନନ୍ଦଙ୍କୁ ପିଲାବେଳୁ ସ୍ୱାଧୀନଚେତା ଭାବେ ଗଢ଼ି ତୋଳିଥିଲେ । ତେବେ ବିଜୁ ପରିବାରର ଆଦର୍ଶ ସହ ନିଜର ସ୍ୱକୀୟ ଗୁଣକୁ ଆଧାର କରି ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ବିଜୟାନନ୍ଦରୁ ସେ ପାଲଟିଥିଲେ ବିଜୁ ପଟ୍ଟନାୟକ ।

ବିଜୁ ପଟ୍ଟନାୟକ ତାଙ୍କ କୈଶୋର ଓ ଛାତ୍ର ଜୀବନ କଟକରେ କାଟିବା ବେଳେ ଏହି ଆନନ୍ଦ ଭବନ ଥିଲା ତାଙ୍କ ଜୀବନର ବଡ଼ ସାଥୀ । ସେହି ଆନନ୍ଦ ଭବନରେ ସ୍ଥାନ ପାଇଛି ବିଜୁବାବୁ ଓ ତାଙ୍କ ପରିବାର ବ୍ୟବହାର କରୁଥିବା ବିଭିନ୍ନ ସାମଗ୍ରୀ, ବିଶେଷକରି ବିଜୁଙ୍କ ବ୍ୟକ୍ତିଗତ ଜିନିଷ ।



▲ ଏକ ପାରିବାରିକ ଉତ୍ସବରେ ବିଜୁ ଓ ଜ୍ଞାନ ପଟ୍ଟନାୟକ

ଏଠାରେ ପ୍ରଦର୍ଶିତ ବିଭିନ୍ନ ଜିନିଷ ଏବଂ ସୂଚନା ମାଧ୍ୟମରେ ଜଣେ ଦର୍ଶକ ବା ପର୍ଯ୍ୟଟକ ବିଜୁବାବୁଙ୍କ ସମ୍ପର୍କରେ ଜାଣିବା ପାଇଁ ସୁଯୋଗ ପାଇବେ । ତା' ସାଙ୍ଗକୁ ଆନନ୍ଦ ଭବନ ସଂଗ୍ରହାଳୟ ଓ ଅଧ୍ୟୟନ କେନ୍ଦ୍ରରେ ଥିବା ନିୟମିତ ପାଠାଗାର ଅନ୍ୟାନ୍ୟ ବିଷୟ ସହିତ ବିଜୁବାବୁଙ୍କ ଜୀବନୀ ଅଧ୍ୟୟନ ପାଇଁ ଅଧିକ ଖୋରାକ ଯୋଗାଇବ ।ଏହି ଆନନ୍ଦ ଭବନରେ ବିଜୁବାବୁଙ୍କ ତିନି ସନ୍ତାନ ପ୍ରେମ୍, ଗୀତା ଏବଂ ନବୀନ୍ ଜନ୍ମଗ୍ରହଣ କରିଥିଲେ ।

ବିଜୁବାବୁଙ୍କ ଏହି ସ୍ମୃତିସ୍ଥଳକୁ ଏକ ଜାତୀୟ ସ୍ମାରକୀରେ ପରିଣତ କରିବା ପାଇଁ ଚିନ୍ତା କରି ୨୦୦୬ ମସିହାରେ ସଂସ୍କୃତି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଅନୁରୋଧ କରାଯାଇଥିଲା । ତାଙ୍କର ଏହି ପୈତୃକ ସମ୍ପତ୍ତିକୁ ସରକାରକୁ ହସ୍ତାନ୍ତର କଲେ ସେହି ସ୍ଥାନରେ ବିଜୁବାବୁଙ୍କ ନାଁରେ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ କଳ୍ପନା କରାଯାଇଥିଲା । ସେହି କଳ୍ପନା ଏବେ ବାସ୍ତବ ରୂପ ନେଇଛି । ସଂସ୍କୃତି ବିଭାଗର ଅନୁରୋଧ ରକ୍ଷା କରି ନବୀନ ବାବୁ ଓ ତାଙ୍କ ପରିବାର ୨୦୧୫ ମସିହାରେ ଆନନ୍ଦ ଭବନକୁ ରାଜ୍ୟ ସରକାରଙ୍କୁ ଟେକି ଦେଇଥିଲେ । ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ଆବଶ୍ୟକ ନବୀକରଣ ପରେ ପରେ ପ୍ରାୟ ଏକ ବର୍ଷ ଧରି କାମ କରି ସଂସ୍କୃତି ବିଭାଗ ପକ୍ଷରୁ ଏହି ଦର୍ଶନୀୟ ସ୍ମାରକୀକୁ ପ୍ରସ୍ତୁତ କରାଯାଇଛି ।

## ବିଜୁଙ୍କ କର୍ମମୟ ଜୀବନର ସ୍ମାରକୀ

କେବଳ ବିଜୁବାବୁଙ୍କ ପିଲାଦିନ ନୁହେଁ କଟକର ଆନନ୍ଦ ଭବନ ଥିଲା ତାଙ୍କ ସ୍ୱପ୍ନ, ସଂକଳ୍ପ ଏବଂ କର୍ମମୟ ଜୀବନର ସାଥୀ । ବିଜୁ ପଟ୍ଟନାୟକ ବ୍ରିଟିଶ୍ ସରକାରଙ୍କ ଏୟାର୍‌ଫୋର୍ସରେ ପାଇଲଟ୍ ଥିବା ବେଳେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସାହାଯ୍ୟ କରିବା ଅଭିଯୋଗରେ ଜେଲ୍ ଯାଇଥିଲେ ।

ଜେଲ୍‌ରୁ ପାରୋଲ୍‌ରେ ଆସିବା ପରେ ବିଜୁ ତାଙ୍କ କଟକ ଆନନ୍ଦ ଭବନରେ ରହୁଥିଲେ । ହେଲେ ବ୍ରିଟିଶ୍ ପୋଲିସ ତାଙ୍କୁ ଏକ ପ୍ରକାର ନଜର ବନ୍ଦୀ ଅବସ୍ଥାରେ ରଖିଥିଲେ । କଟକରୁ ବାହାରକୁ ଯିବା ଉପରେ ଥିଲା ବଡ଼ କଟକଣା । ଯୁବକ ବିଜୟାନନ୍ଦ ନିଜ ଭିତରର ସ୍ୱପ୍ନ ଓ ଶକ୍ତିକୁ ଚାପି ପାରୁନଥିଲେ । ଏହି ପୈତୃକ ବାସଭବନରେ ଦିନ ଦିନ କାଟି ସେ କରିଥିଲେ ଆଧୁନିକ ଓଡ଼ିଶାର ପରିକଳ୍ପନା । ସେହିଠୁ ସୃଷ୍ଟି ହୋଇଥିଲା ଚୌଦ୍ୱାର ଶିଳ୍ପ ସମୂହ ପାଇଁ ବିଜୁଙ୍କ ମାନସିକ ସ୍କେଚ୍ । କେବଳ ଓଡ଼ିଶା ନୁହେଁ ଆଧୁନିକ ଭାରତର ଆଦ୍ୟ ନିର୍ମାଣର ଯେଉଁ ପର୍ବ ଜବାହାରଲାଲ ନେହେରୁଙ୍କ ନେତୃତ୍ୱରେ ହୋଇଥିଲା ସେଥିରେ ବିଜୁଙ୍କର ଥିଲା ବଡ଼ ଅବଦାନ । ବିଜୁ ପଟ୍ଟନାୟକ କଟକ ଆନନ୍ଦ ଭବନର ଶାନ୍ତିପୂର୍ଣ୍ଣ ବାତାବରଣ ଭିତରେ ଯେଉଁ କଥା ଚିନ୍ତା କରୁଥିଲେ ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ପରବର୍ତ୍ତୀ ସମୟରେ ଉଦ୍ୟମ କରି ସଫଳ ହୋଇଥିଲେ ।

ବିଜୁବାବୁ ପରବର୍ତ୍ତୀ ସମୟରେ ଭୁବନେଶ୍ୱରରେ ନବୀନ ନିବାସ ନିର୍ମାଣ କରି ସେଠାରେ ରହୁଥିଲେ ମଧ୍ୟ କଟକର ଆନନ୍ଦ ଭବନକୁ ବରାବର ଆସୁଥିଲେ । ବିଶେଷକରି ଅବିଭକ୍ତ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ସେ ଗସ୍ତ କରି ଫେରିବା ବେଳେ ବିଳମ୍ବ ହେଲେ ଆନନ୍ଦ ଭବନରେ ରାତ୍ରୀଯାପନ କରୁଥିଲେ । ପରଦିନ ସକାଳେ ଏଇଠି ଜଳଖିଆ କରି ସ୍ଥାନୀୟ ଲୋକ ଓ କର୍ମୀଙ୍କୁ ଭେଟିବା ପାଇଁ ସମୟ ରଖୁଥିଲେ । ସେହିପରି ୧୯୮୫ରୁ ୯୦ ପର୍ଯ୍ୟନ୍ତ ଆନନ୍ଦ ଭବନ ଜନତା ପାର୍ଟିର କଟକ ଅଫିସ୍ ଭଳି ବ୍ୟବହାର ହେଉଥିଲା ।

ଲେଖିକା 'ଓଡ଼ିଶାଲାଇଭ୍'ର ନିର୍ଦ୍ଦେଶିକା, ଭୁବନେଶ୍ୱର



FAKIR MOHAN UNIVERSITY



# ବ୍ୟାସସ୍ମୃତି ବ୍ୟାସବିହାର



ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରବେଶପଥ

# ଫୋକସ୍‌ରେ

## ଫକୀରମୋହନ ବିଶ୍ୱବିଦ୍ୟାଳୟ



**ଡକ୍ଟର କୁଞ୍ଜ ବିହାରୀ ଧଳ**

ଫଟୋ ସୌଜନ୍ୟ : ଦୀପକ କୁମାର ମିଶ୍ର, ପ୍ର. ଜୟନ୍ତ ଦାସ

**ଓଡ଼ିଶା ଏବଂ ଓଡ଼ିଶା ବାହାରର କିଛି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର କାହାଣୀ ପ୍ରତିଥର ଆମେ ପରଷି ଦେବୁ ଆପଣମାନଙ୍କୁ 'ଶିକ୍ଷାୟତନ'ରେ । ସେହି କ୍ରମରେ ଏଥର ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର କାହାଣୀ ।**

### ଅନ୍ତୁଡ଼ିର ଓଁକାର

ଅବିଭକ୍ତ ବାଲେଶ୍ୱର ଜିଲ୍ଲାର କେତେଜଣ ବୁଦ୍ଧିଜୀବୀ, ରାଜନେତା, ସାମ୍ବାଦିକ, ଲେଖକ ଓ ଆଇନଜୀବିଙ୍କୁ ନେଇ ଗଠିତ ହୁଏ 'ଶିକ୍ଷା ପରିଷଦ' (Education Foundation) । ସମୟ ଥିଲା, ୧୯୭୭ ମସିହା । ଉଦ୍ଦେଶ୍ୟ ଥିଲା, ଜିଲ୍ଲାରେ ଉଚ୍ଚ ଶିକ୍ଷାର ପରିପ୍ରସାର । ଶିକ୍ଷା ପରିଷଦର ମୂଳହେତୁ ଥିଲେ, ରାଜନେତା ଓ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ର ମୋହନ ଦାସ, ଅବସରପ୍ରାପ୍ତ ଆଇ.ଏ.ଏସ. ମଇମୁଦ୍ଦିନ ଅହମ୍ମଦ ଓ ବରିଷ୍ଠ ଆଇନଜୀବି କୃଷ୍ଣ ଚରଣ ମହାନ୍ତି ।

ବାଲେଶ୍ୱର ଟାଉନହଲ୍‌ରେ ଯେଉଁ ବୈଠକ ଆହୂତ ହେଲା, ଗୋଟିଏ ଶୁଭ ମୁହୂର୍ତ୍ତରେ, ଏକଦା, ସ୍ଥିର ହେଲା ଯେ ବାଲେଶ୍ୱର ସହରରେ ଘରୋଇ ଭାବେ ସ୍ନାତକୋତ୍ତର ଶ୍ରେଣୀ ସମୂହ ଓ ଆଇନ ମହାବିଦ୍ୟାଳୟ ସ୍ଥାପନ କରାଯିବ । ଏହି ସଭାରେ ବିଶିଷ୍ଟ ଗାଳ୍ପିକ ଓ ଅଧ୍ୟାପକ ବସନ୍ତ ଶତପଥି ମତାମତ ଉପସ୍ଥାପନ କରି କହିଥିଲେ କି, ଏବେ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗର ଉଦାର ନୀତି ଯୋଗୁଁ ରାଜ୍ୟ ସରକାର ନିଜ ପାଣ୍ଠିରେ ବିଶ୍ୱବିଦ୍ୟାଳୟ ସୃଷ୍ଟି କରିପାରିବେ । ତିନୋଟି ବିଶ୍ୱବିଦ୍ୟାଳୟ ଯଥାକ୍ରମେ: ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉତ୍ତର ଓଡ଼ିଶା ଠାରୁ ଦୂରବର୍ତ୍ତୀ ଅଞ୍ଚଳମାନଙ୍କରେ ଥିବାରୁ ଶିକ୍ଷା ଗ୍ରହଣ ଓ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଏଠାକାର ବାସିନ୍ଦାମାନଙ୍କ ସକାଶେ ଘୋର ଅସୁବିଧା ସୃଷ୍ଟି କରୁଥିଲା । ଆବଶ୍ୟକତାର ଅନ୍ତରାୟକୁ ଦୃଷ୍ଟିରେ ରଖି ଭଦ୍ରକ-ବାଲେଶ୍ୱର-ମୟୂରଭଞ୍ଜ-କେନ୍ଦୁଝର ବାସୀଙ୍କ ସୁବିଧା ପାଇଁ ସେଦିନର ଆହ୍ୱାନ ଥିଲା, ଉଚ୍ଚଶିକ୍ଷାର ସମୃଦ୍ଧିକରଣ ଅର୍ଥାତ୍ ଏକ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ । ପ୍ରକୃତ ପକ୍ଷରେ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ର ମୋହନ ଦାସ ।

ଯେଉଁମାନଙ୍କର ଆନ୍ଦୋଳନର ହାତ ଓ ମସୀ-ହତିଆର ଏକ ନୂତନ ବିଶ୍ୱବିଦ୍ୟାଳୟକୁ ସାକାର ରୂପ ଦେଇଥିଲା, ସେମାନେ ହେଲେ- ମହେଶ୍ୱର ବାଗ, ମିହିର କୁମାର ଆଚାର୍ଯ୍ୟ, ଅନିରୁଦ୍ଧ ନନ୍ଦ, ବ୍ରଜନାଥ ରଥ, ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ, ବୈଦ୍ୟନାଥ ଷଡ଼ଙ୍ଗୀ, ଅନନ୍ତ ଦାସ (ଏବର ମନ୍ତ୍ରୀ), ସମରେନ୍ଦ୍ର କୁଣ୍ଡୁ, ଗୋପନାରାୟଣ ଦାସ, ସନାତନ ମହାନ୍ତି, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ରାଜ କିଶୋର ମହାନ୍ତି, ପୁରୁଷୋତ୍ତମ ବିଶ୍ୱାଳ, ଶରତ ମହାପାତ୍ର, ଡା. ହରିଶ ଜେନା, ଡା. ରାଧା ମହାନ୍ତି ଓ ଅନେକ ନେତା ଓ ଛାତ୍ରନେତା ।

ଏମାନଙ୍କ ମଧ୍ୟରୁ ଅନେକ ଏ ପୃଥିବୀରୁ ବିଦାୟ ନେଲେଣି । କାଁ ଭାଁ କେତେଜଣ ଜୀବିତ । ଶେଷରେ,୧୯୭୮ ମସିହା, ଅକ୍ଟୋବର ତା୨ରିଖରେ ବାଲେଶ୍ୱର ଟାଉନ୍‌ହଲ୍ (ପୁରୁଣା) ଅବିଭକ୍ତ ବାଲେଶ୍ୱରବାସୀଙ୍କ ସ୍ୱପ୍ନର ନୂତନ ବିଶ୍ୱବିଦ୍ୟାଳୟର ଶୁଭାରମ୍ଭ ହୁଏ । ଓଡ଼ିଶାର ବରପୁତ୍ର ଡ. ହରେକୃଷ୍ଣ ମହତାବ, ପଦ୍ମଶ୍ରୀ ରାଧାନାଥ ରଥ, ଡ. ଶ୍ରୀରାମ ଚନ୍ଦ୍ର ଦାଶ, ବାରିଷ୍ଟର ରଣଜିତ୍ ପଟ୍ଟନାୟକ, ରାଜନେତା ସମରେନ୍ଦ୍ର କୁଣ୍ଡୁ ପ୍ରମୁଖଙ୍କ ହାତରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଲଗାତାର ଦୁଇଦିନ କାଳ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମ ମାଧ୍ୟମରେ, ଉଚ୍ଚଶିକ୍ଷା ନବବୃତ୍ତାନ୍ତର ଇତିହାସ ସେଦିନ ସୃଷ୍ଟି ହେଲା । ପବିତ୍ର ଗାନ୍ଧୀ-ଜୟନ୍ତୀ ଅବସରରେ ସମଗ୍ର ଉତ୍ତର ଓଡ଼ିଶା ପାଇଁ ଏହା ଥିଲା ଉଚ୍ଚଶିକ୍ଷା ସନ୍ଧାନର ନବଦିଗନ୍ତ ।

'ବାଲେଶ୍ୱର ଶିକ୍ଷା ପରିଷଦ' ଆନୁକୂଲ୍ୟରେ ଏହି ବିଶ୍ୱବିଦ୍ୟାଳୟର ନାମ, ପ୍ରଥମରୁ, ଭାରତର ଅନ୍ୟତମ ଶ୍ରେଷ୍ଠ କଥାସମ୍ରାଟ ଫକୀରମୋହନଙ୍କ ନାମରେ 'ବ୍ୟାସକବି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପି.ଜି. ଷ୍ଟଡିଜ୍, ବ୍ୟାସବିହାର, ବାଲେଶ୍ୱର ରଖା ଯାଇଥିଲା ଓ ଉଦ୍ଦେଶ୍ୟ ଥିଲା ଉଚ୍ଚଶିକ୍ଷାର ପ୍ରସାର । ଆଶା ଓ ଆକାଂକ୍ଷା ଥିଲା, ସରକାର ଯଥାଶୀଘ୍ର ଏହାକୁ ସ୍ୱୀକୃତି ପ୍ରଦାନ କରି ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟର ରୂପ ଦେବେ ।

ସମୟ ଗଡ଼ି ଚାଲେ, ବର୍ଷ ପରେ ବର୍ଷ, କେତେ ସରକାର ଗଲେ ଓ ଆସିଲେ, ହେଲେ ପୁରାତନ 'ବ୍ୟାସବିହାର' ଯେଉଁ ତିମିରେକୁ ସେହି ତିମିରେ ରହିଗଲା । ଏଥିପାଇଁ ଆରମ୍ଭ ହେଲା ଉଦ୍‌ଯୋଗ ପର୍ବ । ବାଲେଶ୍ୱର-ଭଦ୍ରକର ଜନସାଧାରଣ, ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଆନ୍ଦୋଳନ, ରାସ୍ତାରୋକୋ, ମନ୍ତ୍ରୀମାନଙ୍କୁ ସାକ୍ଷାତ ଓ ଦାବିପତ୍ର ଦେବା, ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍-ଆଲୋଚନା ଇତ୍ୟାଦି ଜାହିର୍ ରହିଲା । ସେତେବେଳର କଂଗ୍ରେସ ବିଧାୟକ ଗୋପନାରାୟଣ ଦାସ ବିଧାନସଭାରେ ବିବରଣୀ ପ୍ରଦାନ କରିବା ଅବସରରେ ଚେତାବନୀ ଶୁଣାଇ କହିଥିଲେ- "ବାଲେଶ୍ୱରରେ ବିଶ୍ୱବିଦ୍ୟାଳୟ ନହେଲେ ନିଆଁ ଜଳିବ ।" ଏ ଉକ୍ତି ଅନେକ କର୍ମୀଙ୍କ ଭିତରେ ଉତ୍ସାହ ସୃଷ୍ଟି କରିଥିଲା । ଏକଦା ବ୍ୟାସବିହାରର ଛାତ୍ର ବିସ୍ମୟ ମହାନ୍ତି, 'ଆଜିକାଲି' ଦୈନିକ ଖବରକାଗଜ ପ୍ରକାଶ କରିବା ଭିତରେ ଉପରୋକ୍ତ ଉକ୍ତିକୁ ନେଇ ବିଶ୍ୱବିଦ୍ୟାଳୟ ସପକ୍ଷରେ ଅନେକ ବିବୃତି ପ୍ରକାଶ କରିଥିଲେ ।

ବାଲେଶ୍ୱରର ସନ୍ତାନ ମଇମୁଦ୍ଦିନ ଅହମ୍ମଦ କଟକରେ ଅବସ୍ଥାନ ପୂର୍ବକ ସରକାରୀ ସ୍ତରରେ ଦିଲ୍ଲୀ ଠାରୁ ଓଡ଼ିଶା ପର୍ଯ୍ୟନ୍ତ, ନିଜର ବୁଦ୍ଧିମତ୍ତା ଖଟେଇ, ବ୍ୟାସବିହାରକୁ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ କରିବାରେ ପ୍ରାଣପଣେ ଲାଗୁଥା'ନ୍ତି । ଶ୍ରୀଯୁକ୍ତ ରବୀନ୍ଦ୍ର ମୋହନ ଦାସ ଓ ତାଙ୍କର ସାଥୀମାନେ ସରକାରଙ୍କୁ ଦାବିପତ୍ର ଦେବା ସହିତ ବିଭିନ୍ନ ସ୍ଥାନରେ




ବିଭାଗ ବନ୍ଦ ହୋଇଗଲା, ସେ ବିଭାଗରେ ଥିବା ଅଧ୍ୟାପକମାନେ ମଧ୍ୟ ଅନ୍ୟ ଘରୋଇ କଲେଜ୍‌କୁ ଫେରିଗଲେ ।

ଏହା ଭିତରେ ବ୍ୟାସବିହାର ନାମରେ ପଟ୍ଟା ହୋଇଥିବା ଜମିରେ (ରେମୁଣା ଗୋଲେଇ ନିକଟସ୍ଥ, ଏବକାର ପୁରୁଣା କ୍ୟାମ୍ପସ୍) ପକ୍କାଘର ଆରମ୍ଭ ହୋଇଥାଏ । ଆର୍ଥିକ ଅନଟନକୁ ଆଖି ଆଗରେ ରଖି ରବୀନ୍ଦ୍ର ମୋହନ ଦାସ, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଶ୍ରୀ କୃଷ୍ଣ ଚରଣ ମହାନ୍ତି ପ୍ରମୁଖ ନେତୃବୃନ୍ଦ ଆମେରିକାରେ ଅବସ୍ଥାନ କରୁଥିବା ଓଡ଼ିଆ ସୋସାଇଟିର ବଦାନ୍ୟ ବ୍ୟକ୍ତିଙ୍କ ନିକଟକୁ ଯାଇ କିଛି ଅର୍ଥ ସଂଗ୍ରହ କରିଥିଲେ ଓ ତିନିମହଲା ଗୃହ ସକାଶେ ଏହାକୁ ବିନିଯୋଗ କରିଥିଲେ ।

ଦୀର୍ଘ ତେଇଶି ବର୍ଷ ମଧ୍ୟରେ ସଂଖ୍ୟାଧିକ ଛାତ୍ରଛାତ୍ରୀ ବ୍ୟାସବିହାରରୁ ଉତ୍ତୀର୍ଣ୍ଣ ହୋଇ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ହୋଇ ପାରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ଅହେତୁକ ଚାପକୁ ଅନେକାଂଶରେ ବ୍ୟାସବିହାର ଉଣା କରିଥିଲେ ହେଁ, କୌଣସି ସରକାର ଏହାକୁ ସ୍ୱୀକୃତି ଦେବା ବା ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ କରିବା ପାଇଁ ନିଜ ସାମର୍ଥ୍ୟକୁ ଉପଯୋଗ କଲେ ନାହିଁ ।

ସଭାସମିତି କରି ବାଲେଶ୍ୱରରେ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଓ ବ୍ୟାସବିହାରର କାର୍ଯ୍ୟକାରିତା ସମ୍ପର୍କରେ ନିଜର ବକ୍ତବ୍ୟ ରଖି ଆସୁଥାନ୍ତି ।

ଇତିମଧ୍ୟରେ ବାଲେଶ୍ୱର ଆଇନ୍ ମହାବିଦ୍ୟାଳୟ 'ଶିକ୍ଷା ପରିଷଦ'ରୁ ନିଜକୁ ବିଚ୍ଛିନ୍ନ କରାଇ ନେଲା । ପୁଣି ପ୍ରଥମରୁ ଯେଉଁ ଚାରୋଟି ସ୍ନାତକୋତ୍ତର ଶ୍ରେଣୀ ଖୋଲା ଯାଇଥିଲା, ଯଥା: ଓଡ଼ିଆ, ଇଂରାଜୀ, ସାଧାରଣ ପ୍ରଶାସନ ଓ ରାଜନୀତି ବିଜ୍ଞାନ ବିଭାଗ, ସେଥିମଧ୍ୟରୁ ଆର୍ଥିକ ଅନଟନ ଓ ପରିଚାଳନାରେ ଅସୁବିଧା ହେତୁ ଇଂରାଜୀ ଓ ସାଧାରଣ ପ୍ରଶାସନ ବିଭାଗକୁ ବନ୍ଦ କରି ଦିଆଗଲା । ନୂତନ ବିଶ୍ୱବିଦ୍ୟାଳୟରେ ପ୍ରଫେସର୍ ହେବା ଆଶାରେ ଶାନ୍ତି ନିକେତନରୁ ଛୁଟି ନେଇ ଆସିଥିବା ଡ. ନରେନ୍ଦ୍ର ନାଥ ମିଶ୍ର, ସମ୍ବଲପୁରରୁ ଡ. ଅନନ୍ତ ଚରଣ ଶୁକ୍ଲ, ଆନ୍ଧ୍ର କଡ଼ପ୍ପାରୁ ମହମ୍ମଦ ଇସମାଇଲ୍ କ୍ରମେ ନିଜ ସ୍ଥାନକୁ ଫେରିଗଲେ । ଯେଉଁ ଦୁଇଟି

ଏଥିମଧ୍ୟରେ ମୟୂରଭଞ୍ଜବାସୀ ସ୍ୱତନ୍ତ୍ର ଭାବେ ତାଙ୍କର ଏକ ବିଶ୍ୱବିଦ୍ୟାଳୟ ପାଇଁ ଆନ୍ଦୋଳନ ଚଳାଇଲେ । ୧୯୯୯ ମସିହାରେ କଂଗ୍ରେସର ଗମାଙ୍ଗ ସରକାରଙ୍କ ବିଧାନସଭା ଗୃହରେ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି କହିଲେ ଯେ- ଯଦି ମୟୂରଭଞ୍ଜରେ 'ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ' ସ୍ଥାପିତ ହୋଇପାରିଲା, ତେବେ ବରପୁତ୍ର ଫକୀରମୋହନଙ୍କ ନାମରେ କେବଳ ଭଳି ପାଠୁଆ ଅଞ୍ଚଳ ବାଲେଶ୍ୱର-ଭଦ୍ରକ ଠାରେ ଆଉଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇବା ଏକାନ୍ତ ଜରୁରୀ । ଯାହାହେଉ ଗମାଙ୍ଗ-ସରକାରଙ୍କ ସମୟରେ ହିଁ ଏକ ସଙ୍ଗେ ଦୁଇଟି ବିଶ୍ୱବିଦ୍ୟାଳୟ (ଉତ୍ତର ଓଡ଼ିଶା ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ) ଉଦ୍‌ଘାଟିତ ହେଲା ।

ଏଥିପୂର୍ବରୁ ଶିକ୍ଷାମନ୍ତ୍ରୀ ଓ ସେକ୍ରେଟାରୀମାନଙ୍କ ଘନ ଘନ ପରିଦର୍ଶନ ମଧ୍ୟରେ

## କୁଳପତି ପ୍ରଫେସର ମଧୁମିତା ଦାସ ଯାହା କହନ୍ତି...

**● ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ଗ୍ରହଣ ପରେ ଏଠାକାର ପରିବେଶ ଆପଣଙ୍କୁ କିପରି ଲାଗିଛି ?**

●● ମୁଁ ଭୂତତ୍ତ୍ୱ ବିଭାଗର ପ୍ରଫେସର୍ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିଲି । ୨୦୧୭ ଅଗଷ୍ଟ ୨ ତାରିଖରେ ମୁଁ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଆସନ ଗ୍ରହଣ କଲି । ବ୍ୟାସକବି ଫକୀରମୋହନ, କବିବର ରାଧାନାଥ ରାୟ, ଦୀନକୃଷ୍ଣ ଦାସ ଏବଂ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପରି ପୁଣ୍ୟାତ୍ମା, ଯୁଗ ପୁରୁଷମାନଙ୍କ ମାଟିରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଜନ୍ମ । ତେଣୁ ଏଭଳି ଏକ ପୁଣ୍ୟ ମାଟିରେ ପ୍ରତିଷ୍ଠିତ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଥିବାରୁ ମୁଁ ଗର୍ବିତ ।

**● ବିଶ୍ୱବିଦ୍ୟାଳୟଗୁଡ଼ିକ ଗବେଷଣା ଓ ଉଚ୍ଚମାନର ଉଚ୍ଚ-ଶିକ୍ଷା ପ୍ରଦାନ ନିମନ୍ତେ ପ୍ରତିଷ୍ଠିତ । ଆପଣ ଏହାର ଉପଯୋଗ ଅନ୍ୟମାନଙ୍କ ଠାରୁ ଆଉ ନୂଆ ଭାବରେ କରିପାରିବେ ବୋଲି କିଛି ଚିନ୍ତା କରିଛନ୍ତି କି ?**

**●● କୌଣସି ବିଶ୍ୱବିଦ୍ୟାଳୟ ଇଟା, ମାଟି ଓ ସିମେଣ୍ଟରେ ତିଆରି ଗୃହ ନୁହେଁ । ଏହା ଯୁବପିଢ଼ିର ଭବିଷ୍ୟତ ଓ ସ୍ୱପ୍ନକୁ ସାକାର କରିବା ସହ ସେମାନଙ୍କୁ ଗୋଟିଏ ଗୋଟିଏ ଉନ୍ନତ ନାଗରିକ ରୂପେ ଗଢ଼ି ତୋଳିବାର ଏକ ମାଧ୍ୟମ । ଉଚ୍ଚମାନର ଶିକ୍ଷାଦାନ ଏବଂ ଉଚ୍ଚତର ଗବେଷଣାର ଅଭିବୃଦ୍ଧି- ଏହି ଦୁଇ ଦିଗ ପ୍ରତି ମୁଁ ବେଶି ଗୁରୁତ୍ୱ ଦେଉଛି । ନିକଟରେ ବିଶ୍ୱବିଦ୍ୟାଳୟରେ ୧୦ଟି ନୂଆ ବିଭାଗ ଖୋଲାଯିବା ପାଇଁ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହା ମାନ୍ୟବର ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସହଯୋଗ ଓ ସହାନୁଭୂତି ଯୋଗୁଁ ସମ୍ଭବ ହୋଇପାରିଛି । ଏତଦ୍ ବ୍ୟତୀତ ଆମ ବିଶ୍ୱବିଦ୍ୟାଳୟ ତଥା ସହବନ୍ଧିତ ମହାବିଦ୍ୟାଳୟମାନଙ୍କର ଶିକ୍ଷାର ମାନବୃଦ୍ଧି ଓ ଉଚ୍ଚତର ଗବେଷଣା ନିମିତ୍ତ ବିଶ୍ୱବ୍ୟାଙ୍କରୁ**



▲ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି

## ଆଠ ବିଭାଗ

- ଜୀବ ବିଜ୍ଞାନ ଓ ଜୈବ ପ୍ରଯୁକ୍ତି
- ସୂଚନା ଓ ସଂଚାର ପ୍ରଯୁକ୍ତି
- ପରିବେଶ ବିଜ୍ଞାନ
- ବାଣିଜ୍ୟ ପରିଚାଳନା
- ଜନସଂଖ୍ୟା ଅଧ୍ୟୟନ
- ପଦାର୍ଥ ବିଦ୍ୟା ଓ କ୍ଷେପଣାସ୍ତ୍ର ପ୍ରୟୋଗ
- ସାମାଜିକ ବିଜ୍ଞାନ
    - କ. ରାଜନୀତି ବିଜ୍ଞାନ
    - ଖ. ଅର୍ଥନୀତି
    - ଗ. ସମାଜ ଶାସ୍ତ୍ର
- ଭାଷା ଓ ସାହିତ୍ୟ
    - କ. ଓଡ଼ିଆ
    - ଖ. ଉର୍ଦ୍ଦୁ
    - ଗ. ଇଂରାଜୀ

## କୁଳପତିଗଣ



| | | |
|---|---|---|
| ୧. | ପ୍ରଫେସର ଗୋରାଚାନ୍ଦ ପଟ୍ଟନାୟକ | ୧୫.୦୨.୨୦୦୦ ରୁ ୧୪.୦୯.୨୦୦୦ |
| ୨. | ପ୍ରଫେସର କରୁଣା ସାଗର ବେହେରା | ୧୮.୦୯.୨୦୦୦ ରୁ ୧୭.୦୯.୨୦୦୩ |
| ୩. | ପ୍ରଫେସର ଶୁକଦେବ ନନ୍ଦ | ୧୭.୦୯.୨୦୦୩ ରୁ ୧୬.୦୩.୨୦୦୮ |
| ୪. | ପ୍ରଫେସର ସୁକାନ୍ତି ପ୍ରିୟା ପଟ୍ଟନାୟକ | ୧୬.୦୩.୨୦୦୮ ରୁ ୦୫.୦୫.୨୦୧୧ |
| ୫. | ପ୍ରଫେସର କୁମର ବର ଦାସ | ୦୬.୦୫.୨୦୧୧ ରୁ ୦୬.୦୫.୨୦୧୪ |
| ୬. | ପ୍ରଫେସର ଶିବ ପ୍ରସାଦ ଅଧିକାରୀ | ୨୪.୦୫.୨୦୧୪ ରୁ ୦୧.୦୮.୨୦୧୭ |
| ୭. | ପ୍ରଫେସର ମଧୁମିତା ଦାସ | ୦୨.୦୮.୨୦୧୭ ରୁ ଅଦ୍ୟାବଧି |

ବ୍ୟାସବିହାରର ଗୃହ ଓ ଆୟତନକୁ ତନଖି କରି ଏଠାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ଓ ଶିକ୍ଷାଦାନ କରାଯାଇ ପୂର୍ବରୁ ରହିଥିବା ବ୍ୟାସବିହାରର ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଏଠାରେ ସ୍ଥାୟୀ କରାଯିବାର ମତାମତ ରଖିଥିଲେ । କିନ୍ତୁ ଏହାର ରଙ୍ଗ ଓ ଆକାର ବଦଳି ଯାଇଥିଲା । ପରବର୍ତ୍ତୀ ସମୟରେ କର୍ମଚାରୀମାନଙ୍କୁ ପୁନଃନିଯୁକ୍ତି ଦିଆଯାଇ, ଶିକ୍ଷକମାନଙ୍କ କଥା ବିଚାର କରାଯାଇ ନଥିଲା । ଯାହା କିଛି ବିଚାର ନଥିପତ୍ର ଭିତରେ ଥିଲା, ତାହା ସୁପର୍ ସାଇକ୍ଲୋନରେ ମନ୍ତ୍ରୀମଣ୍ଡଳ ସହିତ କୁଆଡ଼େ ଛିନ୍ନଛତ୍ର ହୋଇ ଯାଇଥିଲା । ଦୁର୍ଯୋଗରେ ପଡ଼ି ଯାଇଥିଲେ ଅଧ୍ୟାପକ-ଅଧ୍ୟାପିକା ଗଣ । ଦୀର୍ଘ ଚାରିବର୍ଷ ପରେ ସେମାନଙ୍କ କଥା ବିଚାରକୁ ନିଆଯାଇ କେବଳ କର୍ମଚାରୀର ମୋହର ତାଙ୍କ ଉପରେ ଚପାଇ ଦିଆଗଲା ।

ମହାନ ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ର ମୋହନ ଦାସଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ଘଟିଲା ।

### ପୁରୁଣା ଘରେ ନବଜାତକର କୁଆଁ

ମ ୧ ୯ ୯ ୯ ସିହା ଜୁଲାଇ ୧ ୧ ତାରିଖରେ 'ବ୍ୟାସବିହାର'ର ଭୂମି ଓ ଭିତ୍ତି ଉପରେ ଆଉ ଏକ ନବଜାତକ ଲେଖାଗଲା, ତା'ର ନାମ ରଖାଗଲା 'ଫକୀରମୋହନ ବିଶ୍ୱବିଦ୍ୟାଳୟ' । ବ୍ୟାସକବି ଫକୀରମୋହନଙ୍କ ପ୍ରତି ଏହା ଆଉ ଏକ ଶ୍ରଦ୍ଧାର୍ଘ୍ୟ । ଓଡ଼ିଶା ସରକାରଙ୍କ ସ୍ୱୀକୃତି ପରେ ଏହି ବିଶ୍ୱବିଦ୍ୟାଳୟକୁ ପ୍ରଥମ କରି ଓ.ଏସ୍.ଡି. ଭାବେ ପ୍ରଫେସର୍ ଗୋରାଚାନ୍ଦ ପଟ୍ଟନାୟକ ଯୋଗ ଦିଅନ୍ତି ଓ ପରେ ପରେ ସେ କୁଳପତି ଭାବେ ନିଯୁକ୍ତି ପାଆନ୍ତି । ତାଙ୍କ ପରେ ଐତିହାସିକ ପ୍ରଫେସର କରୁଣା ସାଗର ବେହେରା କୁଳପତି ଭାବେ ନିଯୁକ୍ତ ହେଲେ । ଏହାଙ୍କ କାର୍ଯ୍ୟକାଳ ପରେ

**୧୭.୪କୋଟି ଟଙ୍କା ୫ବର୍ଷ ପାଇଁ ଅନୁଦାନ ରୂପେ ମିଳିଛି । ଏଥିଲାଗି ଆମେ କିଛି ଖସଡ଼ା ଓ ଯୋଜନା ପ୍ରସ୍ତୁତ କରିଛୁ । ତେଣୁ ଭବିଷ୍ୟତରେ ଆମ ବିଶ୍ୱବିଦ୍ୟାଳୟ ଭାରତ ବର୍ଷରେ ଶୀର୍ଷ ସ୍ଥାନ ପାଇବ ବୋଲି ଆଶା ଓ ଦୃଢ଼ ବିଶ୍ୱାସ ରଖୁଛି ।**

● **କେନ୍ଦ୍ର ଅନୁଦାନ ଆୟୋଗକୁ ଛାଡ଼ି ନିଜ ବୁଦ୍ଧିମତ୍ତାରେ ଆଉ କିଛି ନୂତନ ଯୋଜନାର ଆରମ୍ଭ ଆପଣ କରିପାରିବେ ବୋଲି ମନସ୍ଥ କରିଛନ୍ତି କି ?**

●● ବାଲେଶ୍ୱର ଏକ ଶିଳ୍ପ ସମୃଦ୍ଧ ସହର । ଏଥିପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଆମେ ବିଭିନ୍ନ ନିଗମ ତଥା ଶିଳ୍ପାନୁଷ୍ଠାନମାନଙ୍କ ସହ ଯୋଗାଯୋଗ କରିଛୁ । ନିଗମମାନଙ୍କର ସାମାଜିକ ପ୍ରତିବଦ୍ଧତା (Corporate Social Responsiblity) ପାଣ୍ଠିରୁ ବିଭିନ୍ନ ଶିଳ୍ପ ସଂସ୍ଥା ଯଥା ବ୍ରିଟ୍, ଇମାମି, ଇସ୍ପାତ୍ ଆଲଏଜ୍ କମ୍ପାନୀମାନେ ବିଶ୍ୱବିଦ୍ୟାଳୟର ଉନ୍ନତି ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି ।

● **ଆପଣ ସୁଦୃଶ୍ୟ ଗୃହ ଓ ଉପକରଣ ବ୍ୟତିରେକେ ଶିକ୍ଷାଦାନ ଓ ଗବେଷଣାକୁ ମୂଳ ଭାବେ ଗ୍ରହଣ କରିବେ କି ?**

●● ଉନ୍ନତମାନର ଶିକ୍ଷାଦାନ ଓ ଉଚ୍ଚତର ଗବେଷଣା ହିଁ ବିଶ୍ୱବିଦ୍ୟାଳୟର ମାନଦଣ୍ଡ । ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଦ୍ୟାବଧି ଜାତୀୟ ସ୍ତରରେ I.C.A.I, Kolkata ଏବଂ ଆନ୍ତର୍ଜାତୀୟ ସ୍ତରରେ ଦୁଇଗୋଟି ବିଶ୍ୱବିଦ୍ୟାଳୟ ସହିତ ସାଂସ୍କୃତିକ, ବୈଜ୍ଞାନିକ ଏବଂ ଶିକ୍ଷା କ୍ଷେତ୍ରରେ ଗବେଷଣା ନିମନ୍ତେ ବୁଝାମଣା ପତ୍ର ସ୍ୱାକ୍ଷର କରିଅଛି । ସେ ଦୁଇଗୋଟି ବିଶ୍ୱବିଦ୍ୟାଳୟ ହେଲେ: ୧. ଏଲ୍.ଏନ୍.ଗୁମିଲୋଭ୍ ୟୁରାସିଆନ୍ ଜାତୀୟ ବିଶ୍ୱବିଦ୍ୟାଳୟ, ଆସ୍ତାନା, କାଜାକସ୍ଥାନ ଏବଂ ୨. ରୋମ୍ ବିଶ୍ୱବିଦ୍ୟାଳୟ, ଟୋର୍ ଭେର୍ଗଟା, ଇଟାଲି
ଏହି ଅନୁବନ୍ଧିତ ହେବା ଯୋଗୁଁ ଆନ୍ତର୍ଜାତୀୟ ଗବେଷଣା ସ୍ତରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ଥାନ ପାଇଛି । ଏହା ଗୋଟିଏ ବଡ଼ ସଫଳତା । ଏତଦ୍ ବ୍ୟତୀତ ଅନୁଷ୍ଠାନିକ ବୈଠକ ବା ଆଲୋଚନା ସଭା (Convention) ପାଇଁ ସରକାର ୧ ୫ କୋଟି ଟଙ୍କା ଅନୁଦାନ ବିଶ୍ୱବିଦ୍ୟାଳୟ ପାଇଛି । ଶିକ୍ଷାଦାନ ବିଷୟରେ ମୁଁ କହିବାକୁ ଚାହେଁ ଯେ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଉନ୍ନତି ମୂଳରେ ଉନ୍ନତମାନର ଶିକ୍ଷା ଓ ଶିକ୍ଷକ ଆବଶ୍ୟକ । ଭବିଷ୍ୟତରେ NACC ଗ୍ରେଡ୍ ଓ NIRF Ranking ବୃଦ୍ଧି କରିବା ପାଇଁ ସର୍ବଦା ଚେଷ୍ଟିତ ହେବି ।

● **ଜଣେ ବିଜ୍ଞ ନାରୀ ଭାବେ ଆପଣଙ୍କ ସଂକଳ୍ପ ସାଧନାକୁ କିପରି ଫଳବତୀ କରିବାକୁ ଭାବିଛନ୍ତି ?**

●● କୁଳପତି ହିସାବରେ ପ୍ରଥମେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଓ ବିଶ୍ୱବିଦ୍ୟାଳୟର ଉନ୍ନତିକୁ ଆଖି ଆଗରେ ରଖି ମୋର କର୍ତ୍ତବ୍ୟରେ ମୁଁ କେବେ ଅବହେଳା କରିବି ନାହିଁ । ଛାତ୍ରଛାତ୍ରୀମାନଙ୍କ ପ୍ରେରଣାର ଉତ୍ସ ହେବା ସଙ୍ଗେ ସଙ୍ଗେ ଶିକ୍ଷାର ମାନବୃଦ୍ଧି ପାଇଁ Conference, Workshop, NSS Programme, Gender Sensitization ଭଳି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟରେ ସୁଚାରୁ ରୂପେ ତୁଲେଇବା ପାଇଁ ଚେଷ୍ଟା କରିବି । ସର୍ବଶେଷରେ ଜଣେ କୁଳପତି ହିସାବରେ ଆମ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନଙ୍କର ଦୃଷ୍ଟାନ୍ତ ହୋଇ ସେମାନେ କିପରି ସବୁ କ୍ଷେତ୍ରରେ ପାରଦର୍ଶିତା ହାସଲ କରିପାରିବେ ତଥା ଏହି ବିଶ୍ୱବିଦ୍ୟାଳୟ କିପରି ଗୋଟିଏ ସୁନାମଧନ୍ୟ ବିଶ୍ୱବିଦ୍ୟାଳୟର ଫଳକ ପାଇପାରିବ ସେଥି ନିମନ୍ତେ ମୁଁ ସବୁ ଦୃଷ୍ଟିରୁ ଆପ୍ରାଣ ଚେଷ୍ଟା କରିବି ।

କୁଳପତି ଭାବେ ଯୋଗ ଦିଅନ୍ତି ପ୍ରଫେସର୍ ଶୁକଦେବ ନନ୍ଦ । ଏହାଙ୍କ ସମୟରେ ବ୍ୟାସବିହାରର ସୁବର୍ଣ୍ଣ ଯୁଗ ସୃଷ୍ଟି ହୋଇଥିଲା । ନୂଆପାଢ଼ୀ ଠାରେ ପ୍ରାୟତଃ ଚଉଦ ଏକର ପରିମିତ ସ୍ଥାନରେ ନୂଆ କ୍ୟାମ୍ପସ୍‌ର କାର୍ଯ୍ୟ ଆଗେଇ ଚାଲିବା ସହିତ ପ୍ରଥମ କରି ଚାରିଗୋଟି ନୂଆ ବିଭାଗ ଖୋଲାଯାଇ ପାଠ୍ୟଦାନ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହା ପରକୁ ପର ଏଯାବତ୍ କଳା, ବାଣିଜ୍ୟ ଓ ବିଜ୍ଞାନରେ ମୋଟ ନଅଟି ବିଭାଗ ଖୋଲା ଯାଇଛି । ଏ ବିଭାଗ ମଧ୍ୟରୁ କେତେକ ବିଭାଗରେ ସ୍ୱତନ୍ତ୍ରତା ହେଉଛି ଯେ ଗୋଟିଏ ବିଭାଗର ଏକାଧିକ ତୁଳନାତ୍ମକ ପାଠ୍ୟଖସଡ଼ାକୁ ଏକତ୍ର କରାଯାଇଛି । ଯେପରିକି ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ସହିତ ଇଂରାଜୀ ଓ ଉର୍ଦ୍ଦୁ ଭାଷା ଓ ସାହିତ୍ୟକୁ ସ୍ଥାନ ଦିଆଯାଇଛି ।

ପ୍ରଫେସର ନନ୍ଦଙ୍କ ପରେ ପ୍ରଫେସର ସୁକାନ୍ତି ପଟ୍ଟନାୟକ, କୁଳପତି ଭାବେ ଯୋଗ ଦିଅନ୍ତି ଓ ତାଙ୍କରି ତତ୍ତ୍ୱାବଧାନରେ ପୁରୁଣା କ୍ୟାମ୍ପସ୍‌ରୁ ଆଡ଼ମିନିଷ୍ଟ୍ରେଟିଭ୍ ବିଲ୍ଡିଂର କାର୍ଯ୍ୟକୁ ନୂଆ କ୍ୟାମ୍ପସ୍‌କୁ ଉଠାଇ ନିଆ ଯାଇଥିଲା । ଏହାଙ୍କ ପରେ ପ୍ରଫେସର୍ କୁମରବର ଦାସ, ଅରବିନ୍ଦ ଅଗ୍ରୱାଲ୍, ପ୍ରଫେସର୍ ଶିବ ପ୍ରସାଦ ଅଧିକାରୀ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି । ପ୍ରଫେସର୍ ଦାସ ଜଣେ ସାହିତ୍ୟ-ପ୍ରବୃତ୍ତିର ମଣିଷ ଓ ସୁବକ୍ତା ଭାବେ ସୁନାମ ଅର୍ଜନ କରିଥିଲେ । ୨୦୧୭ ମସିହାରୁ ପ୍ରଫେସର୍ ମଧୁମିତା ଦାସ କୁଳପତି ଭାବେ ଯୋଗ ଦେଇଛନ୍ତି । ସିନେଟ୍ ଓ ସିଣ୍ଡିକେଟ୍‌କୁ ସୁଚାରୁ ରୂପେ ଚଳାଇବା ସହ ଶିକ୍ଷକ- କର୍ମଚାରୀ-ଛାତ୍ରଛାତ୍ରୀଙ୍କ ସହ ସୁସମ୍ପର୍କ ସ୍ଥାପନ କରି କ୍ୟାମ୍ପସ୍ ଜୀବନରେ ସମାନତା ଆଣି ପାରିଛନ୍ତି । ମାତ୍ର ଅଳ୍ପଦିନ ତଳେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆହୁରି ଆଠୋଟି ବିଭାଗ ଖୋଲିବାର ପ୍ରତିଶ୍ରୁତି ସରକାରଙ୍କ ଠାରୁ ହାସଲ କରିଛନ୍ତି ।

ଅଳ୍ପଦିନରେ ସୁଖ୍ୟାତି ଓ ଆଦର ଲାଭ କରିଥିବା ପ୍ରଫେସର୍ ମଧୁମିତା ଦାସଙ୍କ ସହିତ ଆଳାପ ଆଲୋଚନାଟି ଏ ଲେଖା ସହ ସ୍ଥାନିତ ।

ନୂଆ ଓ ପୁରୁଣା କ୍ୟାମ୍ପସ୍‌ରେ ପୁସ୍ତକାଗାର ସହିତ ଛାତ୍ରଛାତ୍ରୀଙ୍କ ଖେଳପଡ଼ିଆର ମଧ୍ୟ ସୁବିଧା ଅଛି । ଯାତାୟତ ପାଇଁ ନଅଟି ବସ୍ ଚଳାଚଳ କରୁଛି । ଦୁଇଟି ସ୍ଥାନରେ ଅଲଗା ଅଲଗା କ୍ୟାଣ୍ଟିନ୍ ସହ ଅତିଥିଗୃହ ମଧ୍ୟ ସ୍ଥାପିତ ହୋଇଛି । ପି.ଜି. କାଉନ୍‌ସିଲ୍ ଅଫିସ୍‌କୁ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଛି ।

ରେଗୁଲାର୍ କୋର୍ସ ବ୍ୟତୀତ 'ଦୂରସଞ୍ଚାର ନିରନ୍ତର ପାଠ୍ୟକ୍ରମ' (Distance Education) ଫକୀରମୋହନ ବିଶ୍ୱବିଦ୍ୟାଳୟର ଅନ୍ୟତମ ସ୍ୱତନ୍ତ୍ରତା । ଏହାର କାର୍ଯ୍ୟ ଗୃହକୁ ଭିନ୍ନ ଭାବରେ ପରିଚାଳନା କରାଯାଇ ଓଡ଼ିଶାର ଏକାଧିକ ଅନୁଷ୍ଠାନକୁ କେତୋଟି ଆୟକାରୀ ପାଠ୍ୟକ୍ରମ ଖୋଲିବାର ଅନୁମତି ଦିଆ ଯାଇଛି । ଡିଷ୍ଟାନ୍ସ କୋର୍ସରେ ଅନ୍ୟୂନ- ବିଷୟ ସ୍ଥାନ ପାଇଛି ଓ ଏହା ସୂଚାରୁ ରୂପେ ପରିଚାଳିତ ।

ଏକଦା କୁଳପତି ଶୁକଦେବ ନନ୍ଦଙ୍କ ସମୟରେ (ସେତେବେଳେ ପରୀକ୍ଷା ନିୟନ୍ତ୍ରକ ଥା'ନ୍ତି ମେଜର ଅଭୟ କୁମାର ପଣ୍ଡା) କୁଳପତିମାନଙ୍କ ବୈଠକରେ ତତ୍କାଳୀନ ରାଜ୍ୟପାଳ, ପରୀକ୍ଷା ପରିଚାଳନାରେ ନୂତନତ୍ୱ ଓ ସମୟାନୁବର୍ତ୍ତିତା ଦେଖାଇ ପାରିଥିବା ଏହି ବିଶ୍ୱବିଦ୍ୟାଳୟ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତ ରଖିଥିଲେ ।

ଏବର କୁଳପତିଙ୍କ ତତ୍ତ୍ୱାବଧାନରେ ଗବେଷଣା ଓ ଅଧ୍ୟାପନାକୁ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ବାଗ୍ ବଗିଚାର ନବୀକରଣ ଏବଂ ସ୍ଥାନ ଦୃଷ୍ଟିରୁ କ୍ଷୁଦ୍ର ହେଲେ ମଧ୍ୟ ଷ୍ଟାଡ଼ିୟମ୍, ରାସ୍ତାଘାଟର ସୌନ୍ଦର୍ଯ୍ୟ ଯଥେଷ୍ଟ ବୃଦ୍ଧି ପାଇଛି ।

ଛାତ୍ର ଓ ଛାତ୍ରୀ ନିବାସ ସହିତ ଅନେକ କ୍ୱାର୍ଟର୍‌ର ନିର୍ମାଣ ମାତ୍ର ଅଠର ବର୍ଷର ଏହି ନୂତନ ବିଶ୍ୱବିଦ୍ୟାଳୟକୁ ଅଭିଜ୍ଞ ଓ ବୟସ୍କରେ ପରିଣତ କରିଛି । ଏଥିପାଇଁ ସରକାର ଓ ଅଧିବାସୀମାନଙ୍କର ପ୍ରଚେଷ୍ଟା ଓ ଉଦ୍ୟମ ଦାୟୀ ।

ଅନେକ ବର୍ଷ ପର୍ଯ୍ୟନ୍ତ, ଦୁଃଖ ଓ ଅନୁତାପର ବିଷୟ ଥିଲା ଯେ, ଯେଉଁ ମହାପୁରୁଷଙ୍କ ନାମରେ ଏ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ, ଯିଏକି ଆଧୁନିକ ଓଡ଼ିଆ ଭାଷାର ତ୍ରାଣକର୍ତ୍ତା, ଓଡ଼ିଆ ଭାଷା ସାହିତ୍ୟର ଗୌରବ ଓ ସ୍ୱାଭିମାନ, ସେଇଠି ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା ପାଇ ପାରି ନଥିଲା । କିନ୍ତୁ, ମୂଳରୁ ଅର୍ଥାତ୍ ୧୯୭୮ ମସିହାରୁ ବ୍ୟାସବିହାରରେ ଖୋଲା ଯାଇଥିବା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଯେଉଁଠୁ ଓଡ଼ିଶାର ଅନେକ କୃତବିଦ୍ ସାହିତ୍ୟିକ, ଅଧ୍ୟାପକ ଅନ୍ୟାନ୍ୟ



କେନ୍ଦ୍ରୀୟ ଗ୍ରନ୍ଥାଗାର


ଭାଷା ଓ ସାହିତ୍ୟ ବିଭାଗ



ସ୍ନାତକୋତ୍ତର ଶିକ୍ଷା ପରିଷଦ


ପ୍ରଶାସନିକ ଭବନ

# ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଓ ଅଧ୍ୟାପକ

**▶ ଜୀବ ବିଜ୍ଞାନ ଓ ଜୈବ ପ୍ରଯୁକ୍ତି**

୧. ଡ. ବିଷ୍ଣୁ ପ୍ରସାଦ ଦାଶ
୨. ଡ. ଭବତୋଷ ମିତ୍ର
୩. ଡ. ଭାସ୍କର ବେହେରା
୪. ଡ. ଶୁଭଶ୍ରୀ ମହାଳିକ
୫. ଡ. ପୁନମ କୁମାରୀ

**▶ ସୂଚନା ଓ ସଂଚାର ପ୍ରଯୁକ୍ତି**

୧. ଡ. ସବ୍ୟସାଚୀ ପଟ୍ଟନାୟକ
୨. ଡ. ସଚ୍ଚିଦାନନ୍ଦ ଦେହୁରୀ
୩. ଡ. ଅଶାନ୍ତ ରଞ୍ଜନ ରାଉତରାୟ
୪. ଡ. ମନସ୍ୱିନୀ ପ୍ରଧାନ
୫. ଡ. ମିନତୀ ମିଶ୍ର
୬. ଶ୍ରୀମତୀ ମୋନାଲିସା ଜେନା

**▶ ପରିବେଶ ବିଜ୍ଞାନ**

୧. ଡ. ସୂର୍ଯ୍ୟେନ୍ଦୁ କୁମାର ଦେ
୨. ଡ. ସୁନନ୍ଦ ଚନ୍ଦ୍ର ପ୍ରଧାନ
୩. ଡ. ରଣୀନ୍ଦ୍ର କୁମାର ନାୟକ
୪. ଡ. ପ୍ରକାଶ ଚନ୍ଦ୍ର ମିଶ୍ର
୫. ଡ. ମିହିର ତନୟ ଦାସ

**▶ ବାଣିଜ୍ୟ ପରିଚାଳନା**

୧. ଡ. ଭଗବାନ ଦାସ
୨. ଡ. ଦେବୀ ପ୍ରସାଦ ମିଶ୍ର
୩. ଡ. ପଦ୍ମଲିତା ରାଉତରାୟ
୪. ଡ. ଆର୍ତ୍ତବନ୍ଧୁ ଜେନା
୫. ଡ. ଦେବଦତ୍ତ ଦାସ

**▶ ଜନସଂଖ୍ୟା ଅଧ୍ୟୟନ**

୧. ଡ. ଲକ୍ଷ୍ମୀ ନାରାୟଣ ଦାସ
୨. ଡ. କମଳାକାନ୍ତ ତ୍ରିପାଠୀ
୩. ଡ. ନିହାର ରଂଜନ ରାଉତ
୪. ଡ. ଦିଗମ୍ବର ଅବଜି ଚିମଙ୍କର
୫. ଡ. ଗ୍ରେସ ବାହାଲେନ ମୁଣ୍ଡୁ
୬. ମୋଆତଲା ଆଓ

**▶ ପଦାର୍ଥ ବିଦ୍ୟା ଓ କ୍ଷେପଣାସ୍ତ୍ର ପ୍ରୟୋଗ**

୧. ଡ. ମୁନେଶ ଚନ୍ଦ୍ର ଅଧିକାରୀ
୨. ଡ. ସିଦ୍ଧାର୍ଥ ପଟ୍ଟନାୟକ
୩. ଡ. ସନ୍ତୋଷ କୁମାର ଅଗ୍ରୱାଲ
୪. ଡ. ବିବେକାନନ୍ଦ ନାୟକ
୫. ଡ. ରାଜୀବ ବିଶ୍ୱାଳ

**▶ ସାମାଜିକ ବିଜ୍ଞାନ**

**କ. ରାଜନୀତି ବିଜ୍ଞାନ**

୧. ଡ. ଗୀତାଞ୍ଜଳି ଦାଶ
୨. ଡ. ଅନୀଲ କୁମାର ମହାପାତ୍ର
୩. ଡ. ରାମକୃଷ୍ଣ ପ୍ରଧାନ
୪. ଡ. ରାଜଶ୍ରୀ ଦତ୍ତ

**ଖ. ଅର୍ଥନୀତି**

୧. ଡ. ସୁନିଲ କୁମାର ପାଢ଼ୀ
୨. ଡ. ଗୀତାଞ୍ଜଳି ପଣ୍ଡା
୩. ଡ. ସଞ୍ଜିବ କୁମାର ମାଝି
୪. ଶ୍ରୀ ସଚିତ ନନ୍ଦ ସ

**ଗ. ସମାଜ ଶାସ୍ତ୍ର**

୧. ଡ. ପବିତ୍ର ମୋହନ ନାୟକ
୨. ସୁଶ୍ରୀ ସ୍ମୃତିଶିଖା ଥାପ୍ପା
୩. ଡ. ସିପ୍ରା ସାଗରିକା

**▶ ଭାଷା ଓ ସାହିତ୍ୟ**

**କ. ଓଡ଼ିଆ**

୧. ଡ. ହେମଲତା ବେହେରା
୨. ଡ. ଜୟନ୍ତ କୁମାର ଦାସ
୩. ଡ. ପ୍ରହ୍ଲାଦ ଖିଲ୍ଲ

**ଖ. ଉର୍ଦ୍ଦୁ**

୧. ଡ. ସଦାବ୍ ଆଲାମ୍

**ଗ. ଇଂରାଜୀ**

୧. ଡ. ସୌମ୍ୟା ସଂଗୀତା ସାହୁ



▲ ପୂର୍ବତନ ବିଭାଗୀୟ ମୁଖ୍ୟଙ୍କସହ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ବିଦ୍ୟାର୍ଥୀ





▲ ଦୂର ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

କ୍ଷେତ୍ରରେ ଯଶସ୍ୱୀ ହୋଇଥିବା ବ୍ୟକ୍ତି ସୃଷ୍ଟି ହୋଇଥିଲେ, ତାହା ବନ୍ଦ କରି ଦିଆଯାଇଥିଲା । ଏ ଲେଖକ ପାଳିଆବିନ୍ଧା ମହାବିଦ୍ୟାଳୟରୁ ଆସି ଏହି ବିଭାଗରେ ଶେଷ ପର୍ଯ୍ୟନ୍ତ ବିଭାଗୀୟ ମୁଖ୍ୟ ଭାବେ ଅବସ୍ଥାପିତ ହୋଇଥିଲା । ଅବିଭକ୍ତ ବାଲେଶ୍ୱରବାସୀଙ୍କ ଉଦ୍ୟମ ଓ ବ୍ୟାସବିହାରର କେତେକ କୁଳପତିଙ୍କ ପ୍ରଚେଷ୍ଟା ଫଳରେ ସରକାରଙ୍କ ଚରମ ଉଦାସୀନତାକୁ ଭାଙ୍ଗି ଶେଷରେ ୨୦୧୬ ମସିହାରେ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଖୋଲିବାକୁ ଅନୁମତି ପ୍ରଦାନ କଲେ । ଏହି ବିଭାଗରେ, ପ୍ରଥମ କରି, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଭାଗୀୟ ମୁଖ୍ୟ ଭାବେ ଯୋଗ ଦେଇଥିଲେ ।

ଶିକ୍ଷା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲା ଭାରତର କେରଳ । ଆଧୁନିକ ଶିକ୍ଷା ଜଗତରେ ଏହି ବିଶ୍ୱବିଦ୍ୟାଳୟକୁ ସାମିଲ୍ କରିବାକୁ ହେଲେ ସରକାରୀ ଓ ବେସରକାରୀ ସ୍ତରରେ ଆହୁରି ନିରଳସ ଉଦ୍ୟମର ଆବଶ୍ୟକତା ରହିଛି । ଗୋଟିଏ ପର୍ବରେ ସମୁଦ୍ରତଟ ଓ ଅନ୍ୟପଟରେ ମୁକୁଟ ପରି ଶୋଭାପାଉଛି ନୀଳଗିରି ପର୍ବତ । ପାଣି ଓ ପର୍ବତ ତଥା ଏକଦା ରେମୁଣାର ସୁନାମ ଅର୍ଜନକାରୀ କଂସାବାସନକୁ ନେଇ ଗବେଷଣା ଓ ତତ୍‌ସଂପୃକ୍ତ ବିଭାଗମାନ ଖୋଲା ଯାଇପାରିବ । କପଡ଼ା ତିଆରିରେ ବାନ୍ଧକଳା, ନୃତ୍ୟ-ଗୀତାଦିର ଯେଉଁ ପ୍ରାଚୀନ ଓ ପ୍ରସିଦ୍ଧି ରହିଛି, ତାର ମଧ୍ୟ ଗବେଷଣା ଜରୁରୀ । ଯେଉଁ ଆଦିମ ଅଧିବାସୀମାନଙ୍କର କୁଳ ଓ କୌଳିକ ବେଉସା ବୁଡ଼ି ଯାଉଛି, ତା'ର ସଂରକ୍ଷଣ ଓ ଗବେଷଣା- ଏ ବିଶ୍ୱବିଦ୍ୟାଳୟରେ ସଂଯୁକ୍ତ ହେବା ଉଚିତ୍ । ଗୋଳାବାରୁଦ ସମ୍ପର୍କିତ ପରୀକ୍ଷାଗାର ପ୍ରତିଷ୍ଠା ମଧ୍ୟ, ସମୟର ଡାକରା ଦୃଷ୍ଟିକୋଣରୁ ଏକାନ୍ତ ଜରୁରୀ ।

ଟୀକାକାର ଶ୍ରୀଧର ସ୍ୱାମୀ, ଗୌଡ଼ୀୟ ବୈଷ୍ଣବଧର୍ମର ଇତିହାସ ଫକୀର-ରାଧାନାଥ-ମଧୁସୂଦନ-କାନ୍ତକବିଙ୍କ ଉପରେ ପ୍ରଭାବଶାଳୀ ଗବେଷଣା ଆବଶ୍ୟକତା ରହିଥିବା ସହିତ, ଏହି ମହାମାନବଙ୍କ ନାମରେ 'ଚେୟାର୍' ଖୋଲାଯିବା ଉଚିତ । ରମ୍ୟ ରେମୁଣାକୁ ଆହୁରି ରମଣୀୟ ଓ ଅବିଭକ୍ତ ବାଲେଶ୍ୱରକୁ ଆହୁରି ସ୍ୱଚ୍ଛ ଓ ସୁନ୍ଦର କରିବାକୁ ହେଲେ, ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ଗ୍ରହଣ ଅନସ୍ୱୀକାର୍ଯ୍ୟ ।

# ବାରିପଦାର ବୁଢି



# ଶବ୍ଦ ଓ ଭାବର ଯାଦୁକର



**ମନୋଜ ଦଳବେହେରା**

ପୂର୍ଣ୍ଣ ଶିବାଳୟ, ଫରେଷ୍ଟ କଲୋନୀ,
ବାରିପଦା-୭୫୭୦୦୨
ଫୋନ: ୯୪୩୭୨୯୪୯୪୫

ଫଟୋ ସୌଜନ୍ୟ : ଲେଖକ

**ଗୀତ ଓ କବିତାର ଯୁଗଳବନ୍ଦୀ ସେ । ବାରିପଦାର ବୁଲ୍ବୁଲି । ମୟୂରଭଞ୍ଜ ମାଟିର ମହକ । ନିମାଇଁ ମହାନ୍ତି- କବି, ଗୀତିକାର, ବାଗ୍ମୀ ଓ ଆଇନଜ୍ଞ, ଏସବୁର ମିଳିତ ସ୍ୱର ସେ । ତାଙ୍କୁ ଭେଟିଥିଲେ ଆମ ଅନୁରୋଧ କ୍ରମେ ମନୋଜ ଦଳବେହେରା ।**

ଏପ୍ରିଲ୍‌ର ଏକ ଅପରାହ୍ନ । ଅସହ୍ୟ ତାତି ଓ ଗ୍ରୀଷ୍ମର ଗେରୁଆ ରଙ୍ଗରେ ମ୍ଳାନ ପଡି ଆସୁଥିଲା ପାହାଡ଼ିଆ ମୂଲକ । ବାରୁଣୀର ଅଦୂର ଗଗନରେ ଖରାଛାଇର ଲୁଚକାଳି ଖେଳ । ହୁଏତ କାଳବୈଶାଖୀର ପୂର୍ବାଭାସ ଇଏ ।  ଧଳା ରଙ୍ଗର ଆଲ୍ଟୋଭାରେ ମୁଁ ଧାଇଁ ଚାଲିଥାଏ । ଲକ୍ଷ୍ୟସ୍ଥଳ : ବାରିପଦା ସହର ଠୁ ପାଞ୍ଚ କିଲୋମିଟର ଦୂର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ ଅସ୍ତିଆ ଗ୍ରାମ । ସେଇଠି ହିଁ ନିବାସ ଶବ୍ଦ ଓ ଭାବର ଯାଦୁଗର ନିମାଇଁ ମହାନ୍ତିଙ୍କର । ଭେଟିବା ପାଇଁ ପୂର୍ବରୁ ଦିନ ଧାର୍ଯ୍ୟ ସରିଥିଲା ଅବଶ୍ୟ ।

ବାଲିଡିହା କେନାଲ୍ ପାରେଇ ପଶ୍ଚିମକୁ ସିଧା ଗଡିଗଲା ବେଳେ ଆଖିରେ ପଡ଼େ ଅପରୂପା ଶିମଳିପାଳର ସୌନ୍ଦର୍ଯ୍ୟ । ଅଳ୍ପ ଆଗକୁ ଏକ ଛକ, ସେଇଠୁ ବାମକୁ ବୁଲି ପଡିଲେ ରାସ୍ତାଟେ ଶିରିଶବଣି ଗାଁ ଆଡ଼କୁ ବାଟେଇ ନେବ ଆପଣଙ୍କୁ, ଯେଉଁଠି ଅବସ୍ଥାପିତ ବହୁ ପ୍ରସିଦ୍ଧ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ । ଠିକ୍ ସେହି ଛକରୁ ଡାହାଣକୁ ଅନେଇଲେ ନଜରରେ ପଡେ ସୁଦୃଶ୍ୟ ଫାର୍ମ ହାଉସ୍ ଟିଏ । ସାମ୍ନାରେ ବାଉଁଶ ଗଣ୍ଡିରୁ କଳାତ୍ମକ ଢଙ୍ଗରେ ପ୍ରସ୍ତୁତ ନାଲି ହଳଦୀ ରଙ୍ଗର ମୁଖ୍ୟ ଫାଟକ । ପବନ ସେଠି କ୍ଷଣିକ ଅଟକିଯାଏ ମନଭରି ଆଘ୍ରାଣ କରିନେବ ବୋଲି ଫାଟକ ସେପାଖ ଗୋଲାପର ସୁରଭି । ଗେଟ୍ ଖୋଲି ଭିତରକୁ ପଶିବେ ତ ବିଭୋର୍



▲ କବିଙ୍କ କବିତାର ଅନ୍ତୁଡିଶାଳ

ହେବା ଗ୍ୟାରେଣ୍ଟି । ଗୋଧୂଳି ବେଳାରେ ଏଠି ସ୍ୱପ୍ନରେ ବି ଲାଗି ପାରେ ନିଆଁ । "ତୁମେ ଆଜି ଏକ / ଦୂର ଅପହୁଞ୍ଚ ଗାଆଁ ... / ତୁମେ ଖରା ଲେଉଟାଣି / ଗୋଧୁଳି ଗୋଲାପି-ନିଆଁ ।" କବିଙ୍କର ପ୍ରଥମ ଗୀତିକବିତା ଗ୍ରନ୍ଥ 'ଦୂର ଅପହୁଞ୍ଚ ଗାଆଁ'ର ଏଇ ଧାଡ଼ିମାନ କେତେବେଳେ ଆସି ମୋତେ ପାଛୋଟି ନେଇଗଲେ, ମୁଁ ଜାଣି ପାରିନାହିଁ । ନିମାଇଁ ଭାଇଙ୍କ ଡାକରେ ପ୍ରକୃତିସ୍ଥ ହେଲା ବେଳକୁ ମୋ ସାମ୍ନାରେ ସ୍ୱାଗତ ମୁଦ୍ରାରେ ଓଡ଼ିଆ ଚଳଚ୍ଚିତ୍ରର ବହୁ ଚର୍ଚ୍ଚିତ ଗୀତିକାର ନିମାଇଁ ମହାନ୍ତି ଛିଡ଼ା ହୋଇଥିଲେ । ହଁ, ନିମାଇଁ ମହାନ୍ତି । ବାରିପଦାର ବାଦ୍‌ଶା, ସୁଖ୍ୟାତ ଆଡ୍‌ଭୋକେଟ୍, କବି ଓ ନିଆରା ମଣିଷଟିଏ ଏକ ଭିନ୍ନ ଚେତନାର ।

"ସହରର ବତୀସବୁ ଲିଭିଗଲା ପରେ / ତୁମକୁ ଲେଖୁଛି ଚିଠି ଜହ୍ନ ଆଲୁଅରେ..." (ଚଳଚ୍ଚିତ୍ର : ସାଗର ଗଙ୍ଗା)

"ଶୀତ ଆସି ଗୀତ ଲେଖେ କାଚ ଝରକାରେ /ଟୋପା ଟୋପା ଶିଶିରର ରୂପେଲୀ କାଳିରେ ..."

"ପ୍ରଜାପତି ଜଳିଯାଏ ଫୁଲର ନିଆଁରେ / ମୁଁ ଆଜି ଜଳେ ତୁମ ରୂପର ନିଆଁରେ ..."

ଦେଖୁ ଦେଖୁ ନିମାଇଁ ଭାଇ ମୋ ହାତ ଧରି ଟାଣି ନେଇଗଲେ ତାଙ୍କ ସ୍ୱପ୍ନ ମହଲକୁ । ବାଁ ପାଖରେ ଛୋଟ ଅଥଚ ସୁନ୍ଦର ପଦ୍ମ ପୋଖରୀଟିଏ । ଡାହାଣରେ କିଆରୀ କିଆରୀ ଚାଷ ଜମି । କେଉଁଠି ମୁଗ ତ କେଉଁଠି ପରିବା ଚାଷ ହୋଇଛି । ପୋଖରୀ କୂଳରେ ମନଲୋଭା ପୁଷ୍ପବାଟିକା । ସାମ୍ନାରେ ନତମସ୍ତକ ସୂର୍ଯ୍ୟମୁଖୀର ସ୍ୱାଗତ ସଂଭାଷଣ ।  ଠିକ୍ ପଛକୁ ଫାର୍ମ ହାଉସ୍‌ର ମୁଖ୍ୟ ଆକର୍ଷଣ : ସୁନ୍ଦର ଦ୍ୱିତଳ ପ୍ରାସାଦ, ସତେକି ଆକାଶ ଛାତିରେ ଅଙ୍କା କେଉଁ ଶିଳ୍ପୀର ଚିତ୍ରଟିଏ ଅବା !  ଘର ଓ ପୋଖରୀ ମଧ୍ୟବର୍ତ୍ତୀ ସ୍ଥାନରେ ରଙ୍ଗୀନ ମାର୍ବଲ୍‌ର ଖୋଲା ପ୍ରାଙ୍ଗଣ । ସେଇଠି ପଡିଥିବା ଏକ ଚୌକିରେ ମୋତେ ବସିବାକୁ ଇସାରା ଦେଲେ ସେ । କବି ନିମାଇଁ ମହାନ୍ତିଙ୍କ କଲମ ସ୍ୱତଃ ସୃଜନ-ମୁଖର ହୋଇଉଠେ ଏଇଠି । ଯେମିତି ସୃଜନମନସ୍କ ହେଉଥିଲେ ବିଖ୍ୟାତ ଚିତ୍ରଶିଳ୍ପୀ ହରିଶ ଚନ୍ଦ୍ର ସଂହବାବୁ, ତାଙ୍କ ଅନ୍ତରଙ୍ଗ ବନ୍ଧୁ; ଯିଏକି ଅଧିକାଂଶ ସମୟରେ ଏଇ ଫାର୍ମ ହାଉସ୍‌କୁ ଆସି ସୃଜନ କର୍ମରେ ନିମଗ୍ନ ରହୁଥିଲେ । ସାମ୍ନାରେ ହରିଶ୍ଚନ୍ଦ୍ର ସିଂହବାବୁଙ୍କ ଅପୂର୍ବ କଳାର ନିଦର୍ଶନ, ପ୍ରାଚୀନ ମନ୍ଦିର ସ୍ଥାପତ୍ୟକଳା ଶୈଳୀରେ ନିର୍ମିତ ଏକ ପ୍ରସ୍ତର ଦେବୀ ମୂର୍ତ୍ତୀ । ମନେ ମନେ ପ୍ରଶଂସା ନକରି ରହି ପାରୁନଥିଲି । ଶିଳ୍ପୀ ସିନା ଜୀବନ ହାରିଲେଣି କେବେଠୁଁ, ହେଲେ ଏବେ ବି ଜୀବନ୍ତ ମନେ ହେଉଛି ସେହି ମୂର୍ତ୍ତୀ ।

ତାଙ୍କ ଚିତ୍ରକଳାର ଆହୁରି ଅନେକ ନମୁନା ସଜ୍ଜିତ ହୋଇ ରହିଛି ବୈଠକଖାନାରେ । କବିର କବିତା କେବଳ କଲମରେ ଲେଖି ହୋଇଯାଏ ନାହିଁ । କବିର କବିତା ମଧ୍ୟ ଜୀବନ୍ତ ହୋଇପାରେ ପ୍ରସ୍ତର ଦେହରେ, କେବେ ଫୁଲର ବାସରେ... ପୁଣି ଋତୁର ରାସରେ ... । ଫାର୍ମହାଉସ୍ ଦେଖିଲା ପରେ ମୋର

ସେଇୟା ମନେ ହେଲା । ଫାର୍ମ ହାଉସ୍‌ର କୋଣ ଅନୁକୋଣରେ ଯେମିତି କବିତାର ସ୍ପନ୍ଦନ । ପବନର ପ୍ରତି ଛନ୍ଦରେ ଗୀତିମୟତା ... କବି ନିମାଇଁ ମହାନ୍ତିଙ୍କ ମିଜାଜ୍‌କୁ ଭଲ ଭାବରେ ପଢି ହୁଏ ଏଇଠି ।

ସତରେ ସଉକି ମଣିଷଟାଏ କବି ନିମାଁଇ ମହାନ୍ତି । ବାରିପଦା ସହରରେ ଘର ଥାଇ ବି ଏଭଳି ରମଣୀୟ ପ୍ରାକୃତିକ ପରିବେଶ ଭିତରେ ଗଢି ତୋଳିଛନ୍ତି ନିଜ ସୃଜନ ସାମ୍ରାଜ୍ୟ ।


ମୁଁ ବିମୋହିତ ହୋଇ ପଡିଥିଲି ସେଦିନ ଦୁଇ ଶିଳ୍ପୀଙ୍କ ଅପୂର୍ବ ଯୁଗଳବନ୍ଦୀ ଦେଖି । ମୁଁ ପଚାରିଲି ଅନେକ ପ୍ରଶ୍ନ ସେଦିନ ।

ପ୍ରଥମେ ପଚାରିଲି, "ଆଚ୍ଛା ଭାଇ, ଅନେକ ଦିନରୁ ଗୋଟିଏ କଥା ପଚାରିବାକୁ ଭାରି ଇଚ୍ଛା ହୁଏ । କବି ନିମାଇଁ ମହାନ୍ତି ଆଗ ନା ଗୀତିକାର ନିମାଇଁ ମହାନ୍ତି ? ଯିଏ ଆପଣଙ୍କ 'ଦିନ ଯାଏ ସରିସରି ସଂଜ ଆସେ ନଇଁ / ଜହ୍ନ ଆସି ପଚାରିବ ସାଥି ତୋର କାହିଁ' ଶୁଣି ଆତ୍ମହରା ହୁଏ, ସେ ପୁଣି ରୋମାଞ୍ଚିତ ହୁଏ ପଢି ଆପଣଙ୍କ କବିତା 'ବୁର୍‌ଖା ବାହାରେ ଦେଖିଲି ଦୁଇଟି ହାତ / ଜ୍ୟୋତ୍ସ୍ନା ରଙ୍ଗରେ ଆଉଟା ଦୁଇଟି ହାତ / ରାଜହଂସୀର ପରରେ ତିଆରି ହାତ / ଏ ହାତ କି କେବେ ଛୁଇଁ ପାରିବ ସେ ହାତ ।"

ନିମାଇଁ ଭାଇ ହସିଲେ । କହିଲେ, "ପଢିଲେ କବିତା, ଗାଇଲେ ଗୀତ । ଗୀତ ଭିତରେ ଯଦି କବିତା ନରହିଲା, ତାହା କେବଳ ପଦ୍ୟ ହୋଇଯିବ । ତେଣୁ ମୁଁ ଆଗ କବିତାକୁ ଆପଣେଇ ଥିଲି । ସେହି କବିତାରେ ଛନ୍ଦ, ସ୍ୱର, ତାଳ, ଲୟ ଭରିଦେଇ ଲେଖିଲି ଗୀତ । ମୋର ଦୁଇଟି ପ୍ରେୟସୀ- ଜଣେ କବିତା, ଆଉ ଜଣେ ଗୀତ । ଉଭୟଙ୍କୁ ମୁଁ ସମାନ ଭଲପାଏ ।" ସତରେ ନିମାଇଁ ମହାନ୍ତି ଉଭୟ ଲେଖାରେ ପ୍ରବୀଣ ଓ ସିଦ୍ଧହସ୍ତ ।

"କିଏ ଆପଣଙ୍କୁ କଲମ ଧରିବାକୁ ପ୍ରେରଣା ଦେଇଥିଲା ? ମୋର ପ୍ରଶ୍ନ ।

ସେ ଉତ୍ତର ରଖିଲେ, "ଗୋଟିଏ ସୁନ୍ଦରୀ କୁନି ନଈ, ସତତ ଛଳଛଳ, କୁଳୁକୁଳୁ ଧ୍ୱନି ମୁଖରିତ ଅଙ୍କାବଙ୍କା ନଈ ।"



"ମୟୂରଭଞ୍ଜ ମାଟିର ସ୍ପର୍ଶ ଯିଏ ପାଇଛି, ସେ ବି ବିକଶିତ ହୋଇଛି । ଅତୀତରେ କାଳିନ୍ଦୀଚରଣ ପାଣିଗ୍ରାହୀ, ରାମକୃଷ୍ଣ ନନ୍ଦ, ନନ୍ଦିନୀ ଶତପଥୀ, ଭଞ୍ଜକିଶୋର ପଟ୍ଟନାୟକ, ମହାପାତ୍ର ନୀଳମଣି ସାହୁ, ଚନ୍ଦ୍ରଶେଖର ରଥ, ଶାନ୍ତନୁ ଆଚାର୍ଯ୍ୟ, ବ୍ରଜନାଥ ରଥ ଅନୁପ୍ରାଣିତ ହୋଇଛନ୍ତି ଏଇ ମାଟିର ସ୍ପର୍ଶରେ । ଏମାନଙ୍କ ସଂପର୍କରେ କିଛି କୁହନ୍ତୁ ।" ମୁଁ ଅନୁରୋଧ କଲି ।

ନିମାଇଁ ଭାଇଙ୍କ ଦୃଷ୍ଟି ଏଥର ଫେରିଗଲା ଦିଗ୍‌ବଳୟ ସେପଟକୁ । ସତେକି ଖୋଜୁଥିଲେ ତିକ୍ତମଧୁର ଅନୁଭୂତିର ଖିଅ ।

ସ୍ୱରକୁ ସାମାନ୍ୟ ଧୀମା କରି ସେ କହିଲେ, "ବ୍ୟକ୍ତିଗତ ଭାବରେ ମହାପାତ୍ର ନୀଳମଣି ସାହୁ ଏବଂ ଚନ୍ଦ୍ରଶେଖର ରଥଙ୍କ ସହ ବହୁତ ମିଶିଥିଲି । ସେମାନେ ମୋତେ ନିଜର ପୁଅ ଭଳି ସ୍ନେହ କରୁଥିଲେ । ସେମାନେ ମୋତେ ସାରସ୍ୱତ ସାଧନା ପାଇଁ ପ୍ରବଳ ପ୍ରୋତ୍ସାହିତ କରିଛନ୍ତି । ସେମାନଙ୍କ ନିକଟରେ ମୁଁ ଚିର ଋଣୀ । ସେହିଭଳି ବିଶିଷ୍ଟ କବି ସୌରୀନ୍ଦ୍ର ବାରିକ ମୋ ଜୀବନରେ କମ୍ ପ୍ରଭାବ ପକାଇ ନାହାନ୍ତି । କବି ସୌରୀନ୍ଦ୍ର ବାରିକ ମୋ ଲେଖାକୁ ସଂକଳିତ ତଥା ସଂଯୋଜିତ କରି ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ ଏକ ପ୍ରକାର ପଛରେ ପଡି ଯାଇଥିଲେ । ପୁନଶ୍ଚ ସିଏ ହିଁ ମୋତେ ଗୀତ ସାଥିରେ କବିତା ଲେଖିବାକୁ ପ୍ରୋତ୍ସାହିତ କରିଥିଲେ । ଅନ୍ୟମାନଙ୍କ ବ୍ୟକ୍ତିଗତ ସଂପର୍କରେ ମୁଁ ଆସି ନାହିଁ । ତେବେ ସମସ୍ତଙ୍କ ଜୀବନରେ ମୟୂରଭଞ୍ଜ ଆଲୋକ ବର୍ତ୍ତିକା ସାଜିଛି । ଚନ୍ଦ୍ରଶେଖର ରଥ ବାରିପଦା କଲେଜ୍‌ରେ ଅଧ୍ୟାପନା କଲା ବେଳେ ଜୀବନର ପ୍ରଥମ ଉପନ୍ୟାସ 'ଯନ୍ତ୍ରାରୁଢ଼' ଲେଖିଥିଲେ ।"

"କୁହାଯାଏ କବିତା ଲେଖିବା ପଛରେ ଏକ ବାସ୍ତବ ପ୍ରେମକାହାଣୀ ଛପି ରହିଥାଏ । ଆପଣଙ୍କ କ୍ଷେତ୍ରରେ ବି କ'ଣ ସେଇୟା ସତ ?" ଏତିକି ସିନା ପଚାରିଦେଲି, ହେଲେ ପରବର୍ତ୍ତୀ ସମୟରେ ମୁଁ ଭାବିଲି, ପ୍ରଶ୍ନଟି ବୋଧହୁଏ ତାଙ୍କୁ ଗୋଲକଧନ୍ଦାରେ ପକାଇଦେଲା । କିନ୍ତୁ ନା । ସେ ବେଶ୍ ଚତୁରତାର ସହିତ ଉତ୍ତର ଦେଲେ । କହିଲେ, "ଟୋପାଏ ଅତରକୁ କାଚ ଶିଶିରେ ସାଇତି ରଖିଲେ ଭଲ ଲାଗେ, ହାଣ୍ଡିରେ ନୁହେଁ ।"

"ଆପଣଙ୍କ ମତରେ ପ୍ରେମର ପରିଭାଷା କ'ଣ ?"

"ମୋ ମତରେ ବିବାହ ଓ ପ୍ରେମ ଏକ କଥା ନୁହେଁ । ବିବାହ ଜଣକୁ 'ବାପା' କରାଏ । ମାତ୍ର ପ୍ରେମ କରାଏ କବି । ଦେହାତୀତ ପ୍ରେମରୁ ହିଁ ଯେତେ କଳାର ସୃଷ୍ଟି, କବିତାର ଜନ୍ମ । ମୋ ପାଇଁ ପ୍ରେମ ଦେହସର୍ବସ୍ୱ ନୁହେଁ, ଦେହର ଉତ୍ତରଣରେ ଦେହାତୀତ ।"

"ପ୍ରଥମ ସଂକଳନ 'ଦୂର ଅପହୁଞ୍ଚ ଗାଆଁ'ରୁ 'ଅବାକ୍ ପୃଥିବୀ' ଓ 'ମହମହ ଅନ୍ଧାର' ଯାଏଁ କିଭଳି ମୂଲ୍ୟାୟନ କରନ୍ତି ଆପଣଙ୍କ ସୃଷ୍ଟି ସମୂହକୁ ?"

"ଗୋଲାପକୁ ପ୍ରଶଂସା କଲେ, ଯୁଇ ଫୁଲ ମନ ଦୁଃଖ କରିବନି ? ବଗିଚାର ମାଳି ପାଇଁ ସବୁ ଫୁଲ ସୁନ୍ଦର ପରା !"

ବିଶିଷ୍ଟ କବି ସୌରୀନ୍ଦ୍ର ବାରିକ କହନ୍ତି, "ନିମାଇଁ ମହାନ୍ତିଙ୍କ ଗୀତିକବିତାଗୁଡିକ ନିର୍ଦ୍ଦିଷ୍ଟ ଘଟଣା ଏବଂ ନିର୍ଦ୍ଦିଷ୍ଟ ସ୍ୱରର ହରିକାଠ ପାଇଁ ପ୍ରସ୍ତୁତ ହୁଅନ୍ତି ନାହିଁ । ତାଙ୍କ ଲେଖା ଯେମିତି ଆପେ ଆପେ ସ୍ୱର ଡାକି ଆଣେ । ଯେମିତି ଦୁଃଖ ଡାକିଆଣେ ଦୀର୍ଘଶ୍ୱାସ । ପ୍ରତୀକ୍ଷା ବଢାଇ ଦିଏ ହୃତ୍‌କମ୍ପ । ଭାବ ଏବଂ ଗୀତର ସମନ୍ୱୟ ହିଁ ତାଙ୍କ କବିତାର ପ୍ରାଣ ।"

ସେହିପରି ମହାପାତ୍ର ନୀଳମଣି ସାହୁ କହନ୍ତି, "ଭାଷାର ତରଳ ସରଳତା, ପଦଗୁଡିକର କୋମଳ ସାବଲୀଳତା, ଭାବାବେଗର ସୂକ୍ଷ୍ମ ସୁକୁମାରତା ଏବଂ ଚିତ୍ରକଳ୍ପଗୁଡିକର ଧ୍ୱନି, ବ୍ୟଞ୍ଜନାମୟ ଅଭିବ୍ୟକ୍ତି, ନିମାଇଁ ମହାନ୍ତିଙ୍କ ଗୀତିକବିତା ଗୁଡିକର ସୁବର୍ଣ୍ଣ- ବିଭବ କହିଲେ ଅତ୍ୟୁକ୍ତି ହେବନାହିଁ ।

ନିମାଇଁ ମହାନ୍ତି ଗୀତିକବିତା ପାଇଁ ୧୯୯୩ରେ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ଏବଂ ଚଳଚ୍ଚିତ୍ର ଜଗତ ପକ୍ଷରୁ ୨୦୦୪ରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ, ୨୦୦୫ରେ ପୁନଶ୍ଚ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ଏବଂ ୨୦୧୦ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ  ତଥା ବହୁ ରାଜ୍ୟସ୍ତରୀୟ ପୁରସ୍କାର ତଥା ସମ୍ମାନ ଲାଭ କରିଛନ୍ତି । ଏଥି ସହିତ ମେଗା ସିରିଏଲ 'ଗାୟତ୍ରୀ'ର ଶୀର୍ଷକ ଗୀତ ସହ ଅନ୍ୟ ସମସ୍ତ ଗୀତ ଲେଖି ଗାଁ ଗହଳିରେ ଲୋକପ୍ରିୟ ହୋଇପାରିଛନ୍ତି ।  ପୁରାତନଙ୍କ ଭିତରେ ରାଧାକୃଷ୍ଣ ଭଞ୍ଜ, ଅକ୍ଷୟ ମହାନ୍ତି, ଶାନ୍ତନୁ ମହାପାତ୍ର ଏବଂ ନୂତନଙ୍କ ମଧ୍ୟରେ ଅଭିଜିତ ମଜୁମଦାର, ଗୁଡ଼୍‌ଲି ରଥଙ୍କ ଭଳି ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ କାମ କରିଥିବା ନିମାଇଁ ମହାନ୍ତିଙ୍କ ଗୀତିକାର ଜୀବନ ଆରମ୍ଭ ହୋଇଥିଲା ଆକାଶବାଣୀରୁ ।

ତାଙ୍କ ଆଦ୍ୟ ଜୀବନର କଥା କହିବା ବେଳେ ନିମାଇଁ ଭାଇ ସେଦିନ ଭାବପ୍ରବଣ ହୋଇ ଉଠିଲେ ।

"ସେତେବେଳେ ସଙ୍ଗୀତର ଏକମାତ୍ର ମାଧ୍ୟମ ଥିଲା ଆକାଶବାଣୀ । ସେତେବେଳେ ଆକାଶବାଣୀର ଗୀତିକାର ହେବାର ସୌଭାଗ୍ୟ ପାଇବା ଅର୍ଥ ନୋବେଲ ପୁରସ୍କାର ଭଳି ସମ୍ମାନ ପାଇବା । ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ରାଧାକୃଷ୍ଣ ଭଞ୍ଜଙ୍କ ପ୍ରବଳ ଇଚ୍ଛା ଥାଏ ଯେ, ମୁଁ ଆକାଶବାଣୀର ଗୀତିକାରଟିଏ ହୁଏ । ସେ ମୋ ବାପାଙ୍କ ବନ୍ଧୁ ଥିଲେ ବି ମୋର ବନ୍ଧୁ ଥିଲେ ବେଶୀ । ମୁଁ ତାଙ୍କୁ ଆଦରରେ "ବାବା, ବାବା" ବୋଲି ଡାକୁଥାଏ । ସେ କିନ୍ତୁ ଥିଲେ ଭାରି ଚାଖିଖିଆ ମଣିଷ । ସେ ଖୋଜୁଥିଲେ ପାଖରେ ଜଣେ ଗୀତିକାରଙ୍କୁ , ଯିଏ ତାଙ୍କ ମନ ଜାଣି ଗୀତ ଲେଖି ପାରୁଥିବ ।

ସେତେବେଳେ ମୁଁ ଆକାଶବାଣୀର ମାନ୍ୟତାପ୍ରାପ୍ତ ଗୀତିକାର ହୋଇ ନଥିବାରୁ ଅନ୍ୟ ନାମରେ ମୋର ଗୋଟିଏ ଗୀତ ବାଜିଥାଏ । ଆକାଶବାଣୀର ଗୀତିକାର ହେବା ପାଇଁ ହଜାର ହଜାର ଆବେଦନ ଭିତରେ ମୋ ଆବେଦନ ସହ ୫୦ରୁ ଉର୍ଦ୍ଧ ଗୀତିକବିତା  କର୍ମକର୍ତ୍ତାଙ୍କ ଆନ୍ତରିକତାର ଅଭାବରୁ ବର୍ଷ ବର୍ଷ ଧରି ବିଚାର ନହୋଇ ପଡି ରହିଥାଏ । ଦୈବାତ୍ ଏହି ସମୟରେ ଉମାଶଙ୍କର ପଣ୍ଡା ନାମକ ଜଣେ କବି ସେହି ବିଭାଗରେ ଯୋଗଦେଲେ ଏବଂ ଆସୁ ଆସୁ  ତାଙ୍କ ନଜରରେ ମୋ ଗୀତିକବିତା ପଡିଗଲା । ମୁଁ ସଙ୍ଗେ ସଙ୍ଗେ ଆକାଶବାଣୀର ଗୀତିକାର ଭାବରେ ମାନ୍ୟତା ପାଇଗଲି ।

ରାଧାକୃଷ୍ଣ ଭଞ୍ଜଙ୍କ ପରେ ଯିଏ ମୋର ପ୍ରତିଭାକୁ ଚିହ୍ନି ସୁଯୋଗ ଦେଲେ ସେ ଆଉ କେହି ନୁହନ୍ତି ସୁର ସମ୍ରାଟ ଅକ୍ଷୟ ମହାନ୍ତି । ମୋ ଆଧୁନିକ ଶୈଳୀର ଗୀତକୁ ସୁର ଦେଇ ସେ ମୋତେ ଶିଖରକୁ ନେଇଗଲେ । ମୁଁ  ବି ଖୋକା ଭାଇଙ୍କ ଭଳି ଜଣେ ମହାନ ସୁରକାରଙ୍କୁ ପାଇଗଲି ।

ଥରକର କଥା । ମୋର ଗୋଟିଏ ଗୀତକୁ ଦୂରଦର୍ଶନରେ ଗାଇ ଅକ୍ଷୟ ମହାନ୍ତି ସର୍ବଭାରତୀୟ ସ୍ତରରେ ପ୍ରଥମ ହୋଇଥାନ୍ତି । ସେହି ଗୀତଟି ସେହିଦିନ ଦୂରଦର୍ଶନରେ ସିଧା ପ୍ରସାରିତ ହେଉଥାଏ । ସେତେବେଳେ ବାରିପଦାରେ ଦୂରଦର୍ଶନ କେନ୍ଦ୍ର ହୋଇନଥାଏ । ଶକ୍ତିଶାଳୀ ବୁଷ୍ଟର୍ ଲଗାଇ କିଛି ହାତ ଗଣତି ଧନାଢ୍ୟ ବ୍ୟକ୍ତି କଲିକତା ପ୍ରସାରଣ ଦେଖୁଥାନ୍ତି । ମୁଁ ଏହି ଗୀତର ସିଧା ପ୍ରସାରଣ ଦେଖିବା ପାଇଁ ବେତନଟୀର ବିଶିଷ୍ଟ ବ୍ୟବସାୟୀ କେଲା ଭାଇଙ୍କ ଘରକୁ ବାଇକ୍‌ରେ ଧାଇଁଲି । ପହଞ୍ଚିଲା ବେଳକୁ ଗୀତ ସରିବା ଉପରେ ।

"ଫେରାର୍ ଫଗୁଣ ପୁଣି ଆସିଛି ଫେରି / ସୁଲୁସୁଲୁ ପବନରେ ବଜାଇ ସୁସୁରି / ଫେରିବାଲା ଭଅଁର ତ ଫେରି କରି ବୁଲେ / ଫୁଲର ଦୁଆରେ ସେ ତ ପ୍ରୀତି ଯାଚି ବୁଲେ / କୃଷ୍ଣଚୂଡା ହସିଦିଏ ଫଗୁ ପଡେ ଝରି / ଫେରାର୍ ଫଗୁଣ ପୁଣି ଆସିଛି ଫେରି ... ।"

ସୌଭାଗ୍ୟକୁ ଗୀତର ଶେଷ ଧାଡି ଦେଖିବାର ସୁଯୋଗ ପାଇଲି । ତଥାପି ସେଦିନ ଯେଉଁ ଆନନ୍ଦ ପାଇଲି, ବଡ ବଡ ପୁରସ୍କାର ପାଇଲା ବେଳେ ମଧ୍ୟ ଏଭଳି ଆନନ୍ଦ ପାଇନଥିଲି ।

ଚଳଚ୍ଚିତ୍ରରେ ମୋତେ ପ୍ରଥମ ସୁଯୋଗ ଦେଇଥିଲେ ଅକ୍ଷୟ ମହାନ୍ତି ସୁପରହିଟ୍



▲ ଆଦ୍ୟ ପ୍ରେରଣାଦାତା ମହାପାତ୍ର ନୀଳମଣି ସାହୁଙ୍କ ସହ କବି

'ପରଦେଶୀ ଚଢେଇ' ଚଳଚ୍ଚିତ୍ରରେ । ତା'ପରେ 'ସାଗର ଗଙ୍ଗା', 'ହସିବ ପୁଣି ମୋ ସୁନା ସଂସାର', 'ଗୋପରେ ବଢୁଛି କଳା କହ୍ନେଇ', 'ସମୟ ଖେଳୁଛି ଚକା ଭଉଁରୀ', 'ସହର ଜଳୁଛି', 'କିଏ ପୋଛିଦେବ ମା' ଆଖିର ଲୁହ' ଇତ୍ୟାଦି ପ୍ରାୟ ତିରିଶ ଗୋଟି ଚଳଚ୍ଚିତ୍ର ପାଇଁ ଗୀତ ଲେଖିଛି ।"

"ଏତେ ସବୁ ପରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ସଂପର୍କରେ ଆପଣଙ୍କ ମତାମତ କ'ଣ ?" ମୁଁ  ତତ୍‌କ୍ଷଣାତ୍ ପଚାରି ଦେଲି ।

"ମତାମତ କ'ଣ ଦେବି । ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଅବସ୍ଥା ଏବେ ଭଲ ନୁହେଁ । ଏବେ ଚଳଚ୍ଚିତ୍ରର ସଙ୍ଗୀତ ଏବଂ ଗୀତ ଉଭୟର ମାନ ନିମ୍ନଗାମୀ । ଏବର ଚଳଚ୍ଚିତ୍ର ଯେତେବେଳେ ମୌଳିକତା ହରାଇ ବସିଛି ସେତେବେଳେ ଆଉ କ'ଣ ଆଶା କରିବା । ଏବେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଦୁଇ କର୍ପୋରେଟ୍ ହାଉସ୍ ନିୟନ୍ତ୍ରଣରେ । ନା ସେମାନେ ଭାଷା ବୁଝନ୍ତି, ନା ବୁଝନ୍ତି ସାହିତ୍ୟ । ବିଭିନ୍ନ ଆଞ୍ଚଳିକ ଭାଷାର ଚଳଚ୍ଚତ୍ରକୁ ଫ୍ରେମ୍‌ରୁ ଫ୍ରେମ୍ ନକଲ କରିବା ଛଡା ଏମାନେ କିଛି ଜାଣନ୍ତି ନାହିଁ । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା ସିନା, ଧିରେ ଧିରେ କିନ୍ତୁ ତାକୁ ଧ୍ୱଂସ କରିଦେବ ଓଡ଼ିଆ ଚଳଚ୍ଚିତ୍ର । ଏବେର ଓଡ଼ିଆ ସିନେମା ଗୀତରେ ପ୍ରବଳ ହିନ୍ଦୀ ଓ ଇଂରାଜୀ ଶବ୍ଦର ପ୍ରୟୋଗ ହେଉଛି । ମଧୁର ଭାବପୂର୍ଣ୍ଣ ଓ ରୁଚିପୂର୍ଣ୍ଣ ଗୀତ ଲେଖିବାର ସୁଯୋଗ ନାହିଁ । ତେଣୁ ମୁଁ ଏବେ ଫେରିଛି କବିତା ଓ ସାହିତ୍ୟର ଜଗତକୁ ।"

ଗପିବାକୁ ଇଚ୍ଛା ଥିଲା ଆହୁରି । ଆହୁରି ଅନେକ କିଛି ପଚାରିବାକୁ ବି ଇଚ୍ଛା ଥିଲା । ହେଲେ ଦାଉ ସାଧିଲା କଳାହାଣ୍ଡିଆ ମେଘ । ସେତେବେଳକୁ  ସେ ତା'ର ପ୍ରକୋପ ଦେଖାଇବା ଆରମ୍ଭ କରି ସାରିଥିଲା । ଅଗତ୍ୟା ଉଠିଲି ମୁଁ । ସେ କହିଲେ, "ଭୁଲିବ ନାହିଁ 'ରେବତୀ'କୁ ମୋର ଶୁଭେଚ୍ଛା ଜଣାଇବାକୁ ।"

ଶ୍ରଦ୍ଧେୟ କୃଷ୍ଣକୁମାରଙ୍କ ରୁଚିରମ୍ୟ ସମ୍ପାଦନାରେ ଏ ନବଜାତକଟି ନିଶ୍ଚୟ ଫକୀର ମୋହନଙ୍କ ଗଳ୍ପ 'ରେବତୀ' ପରି କାଳଜୟୀ ହେବ ଓ ନୂତନ ରୂପରସଛନ୍ଦରେ ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି କରିବ, ଏଇୟା କାମନା କରୁଥିବା ବେଳେ ନିମାଇଁ ଭାଇ, ମୁଁ ନମସ୍କାର ଜଣାଇ ଆକ୍ଟିଭା ଷ୍ଟାର୍ଟ କଲି । ସେତେବେଳକୁ ବିଜୁଳି ଆଲୁଅ ଏବଂ ବଜ୍ରପାତ୍ ଆରମ୍ଭ ହୋଇ ସାରିଥାଏ । ଆକାଶକୁ ଢାଙ୍କି ରହିଥିବା କଳାହାଣ୍ଡିଆ ମେଘ ଦେହରୁ  ଝିପି ଝିପି ବର୍ଷା ବି ପଡିବା ଆରମ୍ଭ ହୋଇସାରିଥାଏ । ଥରେ ଫେରି ଚାହିଁଲି ନିମାଇଁ ଭାଇଙ୍କ ସେହି ସ୍ୱପ୍ନର କୁଟୀର ଆଡକୁ । ପବନରେ ଫାର୍ମ ହାଉସ୍‌ର ସୁନ୍ଦର ଗଛଗୁଡିକ ଦୋହଲି ନାଚିବାକୁ ଆରମ୍ଭ କରି ସାରିଥାନ୍ତି । ମୋତେ ଲାଗୁଥାଏ କବି ନିମାଇଁ ମହାନ୍ତି ଯେମିତି ଆସନ୍ନ ମେଘର ମୁହୂର୍ତ୍ତରେ ପାଟି କରି ଗାଉଛନ୍ତି  ମେଘ ମହ୍ଲାର : "ମେଘ ନୁହେଁ ତୁମେ ପ୍ରେମିକା / ପାଦରେ ଘୁଙ୍ଗୁର ବାନ୍ଧି / ଘାସର ଗାଲିଚା ପରେ / ନାଚ ଟିକେ ଝୁମି ଝୁମିକା ।" (ଚଳଚ୍ଚିତ୍ର- କିଏ ପୋଛିବ ମା' ଆଖିର ଲୁହ । କଣ୍ଠ: ସୁରେଶ ୱାଦେକର ଓ ସ୍ୱର : ରାଧାକୃଷ୍ଣ ଭଞ୍ଜ )

# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

**ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ପରଷିଦିଅଛନ୍ତି ନାରୀ ରୋଗର ନାନାବିଧ ନିଦାନ ।**



ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

# କୃଷ୍ଣାଙ୍ଗୀରୁ ସୁନ୍ଦରୀ ପରୀ




**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭


ଫଟୋ ସୌଜନ୍ୟ : ଲେଖିକା



Acanthosis nigricans in PCOS

## ପି.ସି.ଓ.ଏସ୍. କ'ଣ ?

ଶୈଶବରୁ କୈଶୋର, କୈଶୋରରୁ ତାରୁଣ୍ୟ, ତା' ପରେ ଝିଅଟିଏ ବୟସର ସିଢ଼ି ଚଢ଼ି ପାଦ ଦେଇଥାଏ ଯୌବନରେ । ଯୌବନ ହେଉଛି ସୌନ୍ଦର୍ଯ୍ୟର ବୟସ ଏବଂ ବସନ୍ତର ବୟସ । ସବୁ ଝିଅ ଏଇ ବୟସରେ ସ୍ୱପ୍ନ ଦେଖନ୍ତି, ଏକ ରଙ୍ଗିନ୍ ପ୍ରଜାପତି ଭଳି ଇନ୍ଦ୍ରଧନୁର ସପ୍ତରଙ୍ଗରେ ଚିତ୍ରିତ ଡେଣା ନେଇ ଉଡ଼ିବାକୁ ଚାହାନ୍ତି, ଅପରୂପ ସୌନ୍ଦର୍ଯ୍ୟର ଅଧିକାରିଣୀ ହୋଇ କଳ୍ପନାର ତାଜମହଲ ଗଢ଼ି ବସନ୍ତି । ଏହାଛଡ଼ା ଅଧିକାଂଶ ଝିଅ ସାଧାରଣ ସୌନ୍ଦର୍ଯ୍ୟ ସହ ତନୁପାତଳୀ ହୋଇ ସୁନ୍ଦର ଭାବରେ ନିଜ ଓଜନ ଓ ଫିଗରକୁ ନିୟନ୍ତ୍ରିତ କରି ଜୀବନ ନିର୍ବାହ କରବାକୁ ଋହାନ୍ତି । କିନ୍ତୁ ଠାକୁର ବେଳେ ବେଳେ ଜଣଜଣଙ୍କୁ ଗୋଟିଏ ଚାଉଳରେ ଗଢ଼ି ଦିଅନ୍ତି ତ' ଆଉ କାହାକୁ ସେ ଲାବଣ୍ୟରୁ କାଣିଚାଏ ମଧ୍ୟ ଦେବାକୁ କାର୍ପଣ୍ୟ କରି କୁତ୍ସିତ କଦାକାର କରି ଦିଅନ୍ତି । କାହା ମୁହଁକୁ ମସୃଣ କରିଥାନ୍ତି ତ' ଆଉ କାହା ମୁହଁରେ ପୁଅମାନଙ୍କ ମୁହଁ ଭଳି ନିଶ ଦାଢ଼ି ଭରି ଦେଇଥାନ୍ତି ।

ଚିକିତ୍ସା ବିଜ୍ଞାନୀ ବା ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞମାନଙ୍କ ମତରେ ତାହା ହେଉଛି ଡିମ୍ବକୋଷର ଅସନ୍ତୁଳନ ବା ପଲିସିଷ୍ଟିକ୍ ଓଭାରିଆନ୍ ସିଣ୍ଡ୍ରୋମ୍ (ପି.ସି.ଓ.ଏସ୍) ଯାହାକୁ ଆଗରୁ 'ଷ୍ଟିନ୍‌ଲିଭେନ୍ଥାଲ୍ ସିଣ୍ଡ୍ରୋମ୍' ବୋଲି କୁହା ଯାଉଥିଲା । ପି.ସି.ଓ.ଏସ୍. ହେଉଛି ଏକ ଜଟିଳ ଅନ୍ତଃସ୍ରାବୀ ରସର ଅସନ୍ତୁଳନ ଯାହା ସ୍ୱାସ୍ଥ୍ୟ ଉପରେ ଅନେକ କୁପ୍ରଭାବ ପକାଇଥାଏ । ଅତ୍ୟାଧୁନିକ ଜୀବନ ଶୈଳୀ ସହ ଜୀବନ ଦୌଡ଼ରେ ରୀତିମତ ନିଜ ଜୀବିକା ପାଇଁ ସଂଘର୍ଷ କରୁଥିବା କିଶୋରୀ ଓ ଯୁବତୀ ମାନେ ଏହି ରୋଗରେ ଅନିୟମିତ ଋତୁସ୍ରାବ (ଓଲିଗୋମେନୋରିଆ), ଠାରୁ ଆରମ୍ଭ କରି ଆଦୌ ଋତୁସ୍ରାବ ନ ହେବା (ସେକେଣ୍ଡୋରୀ ଆମିନୋରିଆ), ଅନିୟମିତ ଋତୁସ୍ରାବ ପରେ ଅତ୍ୟଧିକ ରକ୍ତସ୍ରାବ ହେବା (ଓଲିଗୋମେନୋରେଜିଆ), ମୋଟା ପଣିଆ (ଓବେସିଟି), ମୁହଁରେ ନିଶଦାଢ଼ି ଉଠି ସାରା ଶରୀରରେ ପୁରୁଷମାନଙ୍କ ଭଳି ରୁକ୍ଷ କେଶ ଉଠିବା ଆଦି ଦେଖା ଦେଇଥାଏ (ହର୍ସୁଟିଜମ୍) । ଏହା ସହ ଦୁଇଟି ଯାକ ଡିମ୍ବକୋଷ ଅତ୍ୟଧିକ ବଢି ଯାଇ ସେଥିରେ ଅନେକ ଗୁଡ଼ିଏ ଫଲିକଲ୍ ହୋଇଯାଇଥାଏ (ପଲିସିଷ୍ଟିକ୍) । ଉପରୋକ୍ତ ସମସ୍ତ ଲକ୍ଷଣ ବା' କୌଣସି ଦୁଇଟି ଲକ୍ଷଣ ଦେଖାଦେଲେ ପି.ସି.ଓ.ଏସ୍. ହୋଇଛି ବୋଲି ଚିହ୍ନଟ କରାଯାଏ । ଏଥିରେ ପୁରୁଷ ହରମୋନ୍ 'ଆଣ୍ଡ୍ରୋଜେନ୍'ର ଆଧିକ୍ୟ ଥାଏ । ସାଧାରଣତଃ ଏଇ ବୟସରେ ଝିଅମାନେ ବେଶୀ ପରିମାଣରେ ଜଙ୍କ୍‌ଫୁଡ୍ ଓ ଫାଷ୍ଟଫୁଡ୍ ଖାଇଥାନ୍ତି ଏବଂ ସମୟ ଅଭାବରୁ ଆଦୌ ବ୍ୟାୟାମ କରିନଥାନ୍ତି ସେଇ ମାନଙ୍କୁ ଏହି ରୋଗ ହୋଇଥାଏ ।

### ବୟସ

ସାଧାରଣତଃ ଆଦ୍ୟଯୌବନରେ ପାଦ ଦେଇଥିବା କିଶୋରୀ ଓ ଯୁବତୀମାନେ ଏ ରୋଗ ବେଶୀ ଭୋଗିଥାନ୍ତି । ଏହାଛଡ଼ା ୨୫ରୁ ୩୫ ବୟସରେ ମହିଳାମାନେ ମଧ୍ୟ ଏ ରୋଗ ଭୋଗିଥାନ୍ତି । ଶତକଡା ୧୦ରୁ ୩୦ଭାଗ ଯୁବତୀଙ୍କ ଠାରେ ଏହା ଦେଖା ଦେଇଥାଏ । ଏହା ବଂଶଗତ ହୋଇପାରେ କିମ୍ବା ବର୍ଦ୍ଧନଶୀଳ ବୟସରେ ଅତିରିକ୍ତ ଫାଷ୍ଟଫୁଡ୍ ଖାଇଲେ ଏହା ଦେଖା ଦେଇଥାଏ ।

### ପି.ସି.ଓ.ଏସ୍.ର ଲକ୍ଷଣ

୧. **ଅନିୟମିତ ଋତୁସ୍ରାବ**: ଶତକଡା ୭୦.୩ ଭାଗ ରୋଗୀଙ୍କ କ୍ଷେତ୍ରରେ ଦେଖା ଦେଇଥାଏ ।

(କ) ସାଧାରଣ ମାସିକ ଋତୁସ୍ରାବ- ୨୯.୭ ପ୍ରତିଶତ

(ଖ) ଅନିୟମିତ ଋତୁସ୍ରାବ- ଶତକଡ଼ା ୪୭ ପ୍ରତିଶତ

(ଗ) ଆଦୌ ଋତୁସ୍ରାବ ନ ହେବା - ଶତକଡ଼ା ୧୯.୨ ପ୍ରତିଶତ (ଓଲିଗୋମେନୋରିଆ)

(ଘ) ବାରମ୍ବାର ଋତୁସ୍ରାବ ହେବା - ଶତକଡା ୨.୭ ପ୍ରତିଶତ (ପଲିମେନୋରିଆ)

(ଙ) ଅତ୍ୟଧିକ ଋତୁସ୍ରାବ- ଶତକଡା ୧.୪ ପ୍ରତିଶତ (ମେନୋରେଜିଆ)

ଋତୁସ୍ରାବରେ ଅନିୟମିତତା ପ୍ରାୟ ଇନ୍‌ସୁଲିନ୍ ରେଜିଷ୍ଟାନ୍‌ସ୍ ପାଇଁ ହୋଇଥାଏ ।

୨. **ଓବେସିଟି** (ଅତ୍ୟଧିକ ମୋଟାପଣ): ଶତକଡ଼ା ୫୦ ପ୍ରତିଶତ ଯୁବତୀଙ୍କ ଠାରେ ଏହା ଦେଖା ଯାଇଥାଏ । ମୋଟାପଣ ଯୋଗୁଁ ପି.ସି.ଏସ୍ ହୋଇଥାଏ ବା’ ପି.ସି.ଓ.ଏସ୍. ପାଇଁ ମୋଟାପଣ ହୁଏ ଏହା କହିବା କଷ୍ଟକର । ଏହି ମୋଟା ମହିଳା ମାନଙ୍କର ପେଟ ବେଶୀ ମୋଟା ହୋଇଥାଏ ଓ ଚର୍ବି ଲାଗିଥାଏ । ଏମାନଙ୍କର ଉଚ୍ଚ ରକ୍ତଚାପ, ମଧୁମେହ ରୋଗ ଏବଂ ରକ୍ତରେ ଚର୍ବି ଅଂଶ ବଢ଼ିବାର ସମ୍ଭାବନା ଥାଏ । ଆସ୍ତେ ଆସ୍ତେ ଅଣ୍ଟା, ପେଟ, ଜଂଘରେ ମଧ୍ୟ ଚର୍ବି ଜମିଯାଏ ।

୩. **ହର୍ସୁଟିଜମ୍ ବା ମୁହଁରେ ନିଶ ଦାଢ଼ି ଉଠିବା:** ଶତକଡା ୭୦.୩ ପ୍ରତିଶତ ମହିଳାଙ୍କର ଦେଖା ଦେଇଥାଏ ।

**ଏହା ମଧ ତିନି ପ୍ରକାରର ହୋଇଥାଏ**

୧. **ହାଇପର୍‌ଟ୍ରିକୋସିସ୍:** ଏଥିରେ ଶିଶୁ ମାନଙ୍କ ଭଳି ସାରା ଦେହ କଅଁଳିଆ ଲୋମରେ ପରିପୂର୍ଣ୍ଣ ହୋଇଥାଏ ।

୨. **ହାଇପର୍ ଆଣ୍ଡ୍ରୋଜେନିଜମ୍:** ଏଥିରେ ପୁରୁଷ ହର୍‌ମୋନ୍‌ର ପ୍ରଭାବରେ ସାରା ଦେହ ଓ ମୁହଁରେ ଟାଆଁସା କେଶ ଉଠିଥାଏ ।

୩. **ଭିରିଲିଜମ୍ :** ଏହାର ପ୍ରଭାବରେ ଟାଆଁସା କେଶ ସହ, ଝିଅମାନଙ୍କର ସ୍ୱର ମୋଟା ଓ ଘାଗଡ଼ା ହୋଇଯାଏ, ମୁଣ୍ଡ ଚନ୍ଦା ହୋଇଯାଏ, ସ୍ତନ ଶୁଖିଯାଏ ଏବଂ ମାସିକ ଋତୁସ୍ରାବ ବନ୍ଦ ହୋଇଯାଏ ।

## ଝିଅମାନଙ୍କ ଦେହରେ ପୁରୁଷ ହର୍‌ମୋନ୍ ଅଧିକ ହୁଏ କାହିଁକି ?

ଝିଅମାନଙ୍କ ଦେହରେ ମଧ ପୁରୁଷ ହର୍‌ମୋନ୍ ଟେଷ୍ଟୋଷ୍ଟେରେନ୍ ଝରିଥାଏ । ତେବେ ଏହାର ପରିମାଣ କମ୍ ଥାଏ, ଯଥା:୦.୨-୦.୩ ମି.ଗ୍ରା. । ଏମାନଙ୍କର ଚର୍ମ, ମାଂସପେଶୀ, ଚର୍ବି, ଯକୃତ, ଫୁସ୍‌ଫୁସ୍, ଆଡ୍ରିନାଲ୍ ଗ୍ଲାଣ୍ଡ୍ ଏବଂ ଡ଼ିମ୍ବକୋଷରୁ ପ୍ରାୟ ସବୁତକ ହର୍‌ମୋନ୍, ଟେଷ୍ଟୋଷ୍ଟେରୋନ୍ ବା ଆଣ୍ଡ୍ରୋଜେନ୍‌କୁ ରୁପାନ୍ତରିତ ହୋଇଯାଏ । ସକ୍ରିୟ ଟେଷ୍ଟୋଷ୍ଟେରୋନ୍ ହେଉଛି ଶତକଡ଼ା୧ ଭାଗ । ଶରୀରର



Laparoscopic view of polycystic changes (PCOS) of the ovary. Multiplesmall peripheral cysts are seen on the ovarian surface



Hirsutism, acne, acanthosis nigricans PCOS

ଝାଳବୁହା ଗ୍ରନ୍ଥି ଓ ଲୋମକୂପଗୁଡ଼ିକ ପୁରୁଷ ହରମୋନ ଟେଷ୍ଟୋଷ୍ଟେରୋନ୍ ପାଇଁ ଅତି ସ୍ପର୍ଶକାତର । ଏହାଦ୍ୱାରା ଝିଅମାନଙ୍କର ପୁଅ ପିଲାଙ୍କ ଭଳି ମୁହଁରେ ବ୍ରଣ ଉଠିଥାଏ । ଏହା କୈଶୋର ସମୟରେ, ଗର୍ଭାବସ୍ଥାରେ ଏବଂ ମାସିକ ଋତୁସ୍ରାବର ବିରତି ପରେ ବେଶୀ ପରିମାଣରେ ଦେଖାଯାଏ ।

### କାରଣ

**ମେଦବୃଦ୍ଧି:** ଯେଉଁମାନେ ବେଶୀ ମୋଟା ହୋଇଯାନ୍ତି ବା ମେଦବୃଦ୍ଧି ଘଟିଥାଏ ସେମାନଙ୍କର ପୁରୁଷ ହର୍‌ମୋନ୍ ବଢ଼ିଯାଏ ।

**ଡ଼ିମ୍ବକୋଷରେ ଅସୁବିଧା, ଯଥା:** ପଲିସିଷ୍ଟିକ୍ ଓଭାରିଆନ୍ ଡ଼ିଜିଜ୍, ହାଇଲସ୍ ସେଲ୍ ଟ୍ୟୁମର, ସର୍ ଟୋଲି ସେଲ୍ ଟ୍ୟୁମର୍ ।

**ଆଡ୍ରିନାଲ୍ ଗ୍ଲାଣ୍ଡ:** ଆଡ୍ରିନାଲ୍ ହାଇପର୍ ପ୍ଲାସିଆ, କୁସିଙ୍ଗ୍‌ସ୍ ସିଣ୍ଡ୍ରୋମ୍ ।

**ଔଷଧ ସେବନ:** ଆଣ୍ଡ୍ରୋଜେନ୍ ହର୍‌ମୋନ୍, ଆନାବଲିକ୍ ଷ୍ଟିରଏଡ୍, ଗର୍ଭନିରୋଧକ ବଟିକା, ପ୍ରୋଜେଷ୍ଟେରୋନ୍, ଡାନାଜୋଲ୍, ଅପସ୍ମାର ପାଇଁ ଔଷଧ ସେବନ, ମାସିକ ଋତୁସ୍ରାବର ବିରତି, ମସ୍ତିଷ୍କ ବା ପିଟୁଇଟାରୀ ଟ୍ୟୁମର, ଗ୍ରୋଥ୍ ହର୍‌ମୋନ୍‌ର ଆଧିକ୍ୟ ।

### ଲକ୍ଷଣ

ଅନିୟମିତ ଋତୁସ୍ରାବ, ମୁହଁରେ କେଶ ବୃଦ୍ଧି(ନିଶ, ଦାଢ଼ି), ବ୍ରଣ ଓ ଶରୀରରେ ଅତ୍ୟଧିକ ମେଦବୃଦ୍ଧି ତଥା ବନ୍ଧ୍ୟାଦୋଷ । ଏହି ରୋଗରେ ଡିମ୍ବ କୋଷରୁ ଡିମ୍ବ ନିର୍ଗତ ହେଉନଥିବାରୁ ଏବଂ ଅନିୟମିତ ଋତୁସ୍ରାବ ହେଉଥିବାରୁ ବନ୍ଧ୍ୟାଦୋଷ ଓ ଅନିୟମିତ ଋତୁସ୍ରାବ ହୋଇଥାଏ ।

### ଚିହ୍ନଟ

ପରିବାରର ମା’ ଓ ଅନ୍ୟ ଭଉଣୀମାନଙ୍କର ମାସିକ ଋତୁସ୍ରାବର ଇତିହାସ ସଂଗ୍ରହ କରିବା ଅତି ଜରୁରୀ । ଏହାଛଡ଼ା ପେଟର ଅଲଟ୍ରା ସାଉଣ୍ଡ୍ କଲେ ପଲିସିଷ୍ଟିକ୍ ଓଭାରିଆନ୍ ସିଣ୍ଡ୍ରୋମ୍ ହୋଇଛି ବୋଲି ଜଣା ପଡିଥାଏ ଏବଂ ଏହାର ଚାରିପଟେ କିଛି ସିଷ୍ଟ୍ ବା’ ଛୋଟ ଟ୍ୟୁମର୍ ଥାଏ ଯାହା ଅଲଟ୍ରାସାଉଣ୍ଡ୍ ପରୀକ୍ଷା ଦ୍ୱାରା ଜଣା ପଡ଼ିଥାଏ ।

୧. ମହିଳା ମାନଙ୍କ ଦେହରେ ପୁରୁଷ ହର୍‌ମୋନ୍ ବଢ଼ିବା ସଙ୍ଗେ ସଙ୍ଗେ ବ୍ରଣ ଉଠିଥାଏ ଏବଂ ମୁହଁ ଝାଲୁଆ ହୋଇଯାଏ । ଏହି ହରମୋନ୍ ଚର୍ମର ତୈଳଗ୍ରନ୍ଥି ଏବଂ ସ୍ୱେଦଗ୍ରନ୍ଥିକୁ ଷ୍ଟିମ୍ୟୁଲେଟ୍ କରିବା ଦ୍ୱାରା ଶରୀରରେ ବ୍ରଣ ଓ କଳାଦାଗ ହୋଇଥାଏ । ବେଳେବେଳେ ପୁରୁଷ ହରମୋନ୍ ର ଆଧିକ୍ୟ ଯୋଗୁଁ ମୁଣ୍ଡରୁ କେଶ

ଉପୁଡିବା, ମୁଣ୍ଡର ସାମ୍ନା ଅଂଶ ଚନ୍ଦା ହୋଇଯିବା ଆଦି ଦେଖା ଦେଇଥାଏ ।

୨. **ଆକାନ୍ଥୋସିସ୍ ନାଇଗ୍ରା:** ଅନେକ ମହିଳାଙ୍କର ବେକ ପଛ ପଟେ, କାଖରେ ଏବଂ ସ୍ତନ ତଳେ ମୋଟାକଳା ଦାଗ ଦେଖା ଦେଇଥାଏ । ତେବେ ଥରେ ଏହି କଳା ଦାଗ ଦେଖା ଦେଲେ ମହିଳା ମାନଙ୍କୁ ମଧୁମେହ ରୋଗ, ଉଚ୍ଚ ରକ୍ତଚାପ ତଥା ରକ୍ତରେ ଚର୍ବିର ଆଧୀକ୍ୟ ହେବାର ଜଟିଳତା ବହୁଗୁଣ ବଢି ଯାଇଥାଏ । ପି.ସି.ଓ.ଏସ୍. ରୋଗୀମାନଙ୍କର ପୁରୁଷ ହରମୋନ୍ ଆଧିକ୍ୟ, ଆଣ୍ଟି ଇନ୍ସୁଲିନ୍ ରେଜିଷ୍ଟାନ୍ସ୍ ଏବଂ ବଡ଼ ବଡ଼ ଡିମ୍ବକୋଷ ଥିଲେ 'ହେୟାର ଆଣ୍ଡ୍ ସିଣ୍ଡ୍ରୋମ' ହୋଇଥାଏ ।

୩. **ବନ୍ଧ୍ୟାଦୋଷ:** ଶତକଡା ୨୪.୮ ପ୍ରତିଶତ କେଶରେ ବନ୍ଧ୍ୟାଦୋଷ ଦେଖା ଦେଇଥାଏ । ଏହା ଶତକଡା ୮୫ରୁ ୯୦ ପ୍ରତିଶତ ଡିମ୍ବ ତିଆରି ନ ହେବା ଦୋଷରୁ ହୋଇଥାଏ ।

୪. **କ୍ରନିକ୍ ଆନୋଭୁଲେସନ୍ :** ଏଥିରେ ବହୁଦିନ ଧରି ଡିମ୍ବ ତିଆରି ହୋଇନଥାଏ । ଏହା ଆନୋଭୁଲେସନ୍ ଯୋଗୁଁ ହୋଇଥାଏ ।

## ଇନ୍ସୁଲିନ୍ ରେଜିଷ୍ଟାନ୍ସ କ'ଣ

ଯେତେବେଳେ ଅଗ୍ନ୍ୟାଶୟରୁ ଝରୁଥିବା ଇନ୍ସୁଲିନ୍ ଓ ଶରୀରରେ ସାଧାରଣ ରକ୍ତ ଶର୍କରା ପରିମାଣ ଠିକ୍ ଭାବରେ ସନ୍ତୁଳିତ ହୋଇ ରହିପାରେ ନାହିଁ ତାକୁ ଇନ୍ସୁଲିନ୍ ରେଜିଷ୍ଟାନ୍ସ କୁହାଯାଏ । କେତେକ କ୍ଷେତ୍ରରେ ଶରୀରର କୋଷମାନେ ଅତ୍ୟଧିକ ପରିମାଣରେ ଇନ୍ସୁଲିନ୍‌କୁ ପ୍ରତିରୋଧ କରିଥାନ୍ତି ତେଣୁ ରକ୍ତରେ ଗ୍ଲୁକୋଜ୍ ବା' ଶର୍କରାର ପରିମାଣ ବଢ଼ି ଯାଇଥାଏ ଏବଂ ମଧୁମେହ ରୋଗ ହୋଇଥାଏ । ଇନ୍ସୁଲିନ୍ ରେଜିଷ୍ଟାନ୍ସ ପି.ସି.ଓ.ଏସ୍. ରୋଗର କାରଣ ଏବଂ ଏହା ହିଁ ବନ୍ଧ୍ୟାତ୍ୱ କରାଇଥାଏ ।

୫. ଏମାନଙ୍କର ମାସିକ ଋତୁସ୍ରାବ ଆଗରୁ ସ୍ତନ ଦରଜ ବା' ତଳିପେଟ ଦରଜର ଲକ୍ଷଣ ଦେଖାଯାଏ ନାହିଁ ।

୬. **ଆଦୌ ଲକ୍ଷଣ ଦେଖାନଯିବା ପ୍ରାୟ:** ଶତକଡା ୨୦ ପ୍ରତିଶତ ମହିଳାଙ୍କ ଠାରେ ହୋଇଥାଏ ।

୭. **ବନ୍ଧ୍ୟାଦୋଷ:** ବହୁମହିଳାଙ୍କ ପି.ସି.ଓ.ଏସ୍. ପାଇଁ ବନ୍ଧ୍ୟା ଦୋଷହୋଇଥାଏ ।

## ଚିହ୍ନଟ

ଅଲଟ୍ରାସାଉଣ୍ଡରେ ରୋଗୀର ଲକ୍ଷଣ ଓ ପରୀକ୍ଷା ସହ ଡିମ୍ବକୋଷର ଆକାର ବଢିଥିବା ଦେଖାଯାଏ (ଦେଢଗୁଣରୁ ୩ଗୁଣ ଯାଏଁ) ପ୍ରାୟ ଏଥିରେ ୧୦-୧୫ଟି ଫଲିକଲ୍ ଥିବାର ଦେଖା ଯାଇଥାଏ । ଜରାୟୁ ଭିତରର ଝିଲ୍ଲୀ (ଏଣ୍ଡୋମେଟ୍ରିୟମ) ମଧ୍ୟ ମୋଟା ହୋଇ ଯାଇଥାଏ ।

## ରକ୍ତ ପରୀକ୍ଷା

ଟେଷ୍ଟୋଷ୍ଟେରୋନ୍ ଓ ଆଣ୍ଡ୍ରୋଷ୍ଟେନେଡିଅନ୍ ତଥା ଡି.ଏଚ୍.ଇ.ଏ.ଏସ୍.ର ମାତ୍ରା ବଢ଼ିଯାଏ, ଖାଲି ପେଟରେ ଇନ୍ସୁଲିନ୍, ପୋଲୋକ୍ଟିନ, ଏଲ୍.ଏଚ୍.,ଏଫ୍.ଏଚ୍.ଏସ୍, ସିରମ ହ୍ୟୁମାନ୍ ବାଇଣ୍ଡି ଗ୍ଲୋବୁଲିନ୍ ଆଦି ବେଶୀ ଥାଏ । ଏହାଛଡ଼ା ଶରୀରରେ ଗ୍ଲୁକୋଜ୍‌ର ପରିମାଣ ମଧ୍ୟ ବଢି ଯାଇଥାଏ । ଇନ୍ସୁଲିନ୍ ରେଜିଷ୍ଟାନ୍ସ ବେଶୀ ହେଲେ ରିସ୍କଫେକ୍ଟର ଗୁଡିକ ହେଉଛି- ପେଟରେ ଚର୍ବିବୃଦ୍ଧି । ମୋଟା ଅଂଶ ୮୮% ସେ.ମି.ରୁ ବେଶୀ ହେଲେ, ରକ୍ତରେ ଚର୍ବି ଅଂଶ ବା ଟ୍ରାଇଗ୍ଲିସେରାଇଡ୍ ୧୫୦ ମିଗ୍ରାରୁ ବେଶୀ ହେଲେ, ଏଚ୍.ଡି.ଏଲ.ବା ଭଲ କୋଲେଷ୍ଟରୋଲ ର ପରିମାଣ କମ୍ ହେଲେ (୫୦ମିଗ୍ରାରୁ କମ୍) ଏବଂ ରକ୍ତ ଚାପ ୧୩୦/୮୫ମି.ମି. ପାରଦରୁ ବେଶୀ ହେଲେ ତଥା ଗ୍ଲୁକୋଜ୍ ଟଲରାନ୍ସ ଟେଷ୍ଟରେ ଖାଲିପେଟରେ ଏବଂ ୭୫ଗ୍ରା. ଗ୍ଲୁକୋଜ୍ ପିଇ ୨ଘ. ପରେ ଟେଷ୍ଟ୍ କଲେ ମଧ୍ୟ ଏହା ବଢ଼ି ଯାଇଥାଏ । ଏହାଛଡ଼ା ଏ.ଏମ୍.ଏଚ୍ ବା 'ଆଣ୍ଟି ମୁଲେରିଆନ୍ ହରମୋନ୍' ପରିମାଣ ମଧ୍ୟ ବଢି ଯାଇଥାଏ ।



Colour Doppler (TV) scan showing numorious small cysts with increased ovarian stroma and vascularity

## ପି.ସି.ଓ.ଏସ୍. ପର ସମୟରେ ଜଟିଳତା

ଅତ୍ୟଧିକ ମୋଟା ମହିଳାମାନଙ୍କର ଇନ୍ସୁଲିନ ରେଜିଷ୍ଟାନ୍ସ ଯୋଗୁଁ ମଧୁମେହ ରୋଗ (ଶତକଡ଼ା ୧୫ଭାଗ) ହୋଇଥାଏ । ଏହା ଛଡ଼ା ଇଷ୍ଟ୍ରୋଜେନ୍ ହରମୋନ୍ ବେଶୀ ଝରୁଥିବାରୁ ଜରାୟୁ କ୍ୟାନସର ଏବଂ ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗ ହେବାର ଭୟ ଥାଏ । ମୋଟା ପଣିଆ ପାଇଁ ରାତିରେ ହଠାତ୍ ନିଦରେ ଶୋଇଥିବା ବେଳେ ନିଶ୍ୱାସ ବନ୍ଦ ହୋଇଯିବାର ଚାନ୍ସ ଥାଏ ।

## ଚିକିତ୍ସା

ପଲିସିଷ୍ଟିକ୍ ଓଭାରିଆନ ସିଣ୍ଡ୍ରୋମ୍ ଥିବା ରୋଗୀ ମାନଙ୍କର ଲକ୍ଷଣ ଅନୁଯାୟୀ ଚିକିତ୍ସା କରିବା ଉଚିତ । ସେମାନେ ମୁଖ୍ୟତଃ ଅନେକ ଗୁଡ଼ିଏ ଲକ୍ଷଣ ନେଇ ଆସିଥାନ୍ତି ଏବଂ ସେମାନଙ୍କର କାରଣ ନେଇ ଚିକିତ୍ସା କରାଯାଇଥାଏ ।

ପ୍ରଥମ- ରକ୍ତପରୀକ୍ଷା । ଏହି ରୋଗୀମାନଙ୍କର ରକ୍ତ ପରୀକ୍ଷାରୁ ନିମ୍ନଲିଖିତ ତଥ୍ୟ ଜଣା ପଡ଼ିଥାଏ ।

୧.ରକ୍ତରେ ପୁରୁଷ ହରମୋନ୍ ଆଣ୍ଡ୍ରୋଜେନ୍‌ର ଆଧୀକ୍ୟ (ହାଇପର୍ ଆଣ୍ଡ୍ରୋଜେନିମିଆ) ।

୨.ରକ୍ତରେ ଇନ୍ସୁଲିନ୍‌ର ଆଧିଃକ୍ୟ (ହାଇପର୍ ଇନ୍ସୁଲିନିମିଆ) ।

୩) ରକ୍ତରେ ଚର୍ବିର ଆଧିକ୍ୟ (ହାଇପର୍ ଲିପିଡିମିଆ) ।

୪) ରକ୍ତରେ ଇଷ୍ଟ୍ରୋଜେନ୍‌ର ଆଧିକ୍ୟ (ହାଇପର୍ ଇଷ୍ଟ୍ରୋଡିଓଲ୍) ।

୫) ରକ୍ତରେ ପ୍ରୋଲୋକ୍ଟିନ୍ ର ଆଧିକ୍ୟ (ହାଇପର୍ ପ୍ରୋଲୋକ୍ଟିନିମିଆ) ।

୬) ରକ୍ତରେ ଏଲ.ଏଚ. ହରମୋନ୍‌ର ଆଧିକ୍ୟ ଏବଂ ରକ୍ତରେ ପ୍ରୋଜେଷ୍ଟେରୋନ୍ ତଥା ଏଫ୍.ଏସ.ଏଚ୍. କମ୍ ଥାଏ ।

ଚିକିତ୍ସାର ମୂଳମନ୍ତ୍ର ହେଉଛି ଓଜନ ନିୟନ୍ତ୍ରଣ । ଓଜନ କମାଇଲେ ଓ ବଡି ମାସ୍ ଇଣ୍ଡେକ୍ସ୍ (ବି.ଏମ୍.ଆଇ.) ୨୫ ରୁ କମ୍ ହେଲେ ମାସିକ ଋତୁସ୍ରାବ ଠିକ୍ ହୋଇଥାଏ । ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍ ଥିବା ବଟିକା ଖାଇଲେ ମାସିକ ଋତୁସ୍ରାବ ନିୟନ୍ତ୍ରିତ ହୋଇଥାଏ । ମୁହଁରେ ନିଶଦାଢି (ହର୍ସୁଟିଜିମ୍) କମାଇବା ପାଇଁ ସାଇପ୍ରୋଟେରୋନ୍ ଏସିଟେଟ୍ ଖାଇବା ଉଚିତ୍ । ଏହାଛଡ଼ା ଇନ୍ସୁଲିନ୍ ରେଜିଷ୍ଟାନ୍ସ କମାଇବା ପାଇଁ ମେଟ୍‌ଫରମିନ୍ ବଟିକା ଖାଇବା ଉଚିତ୍ । ଏହା ଓଜନ ଓ ବି.ଏମ୍.ଆଇ କମାଇବା ସହ ରକ୍ତରେ ଚର୍ବି ଅଂଶ ମଧ୍ୟ କମାଇ ଦେଇଥାଏ । ଯେଉଁ ପି.ସି.ଓ.ଏସ୍ ରୋଗୀଙ୍କର ବନ୍ଧ୍ୟା ଦୋଷ ଥାଏ, ସେମାନେ କ୍ଲୋମିଫିନ୍ ସାଇଟ୍ରେଟ ଖାଇଲେ ଓଭ୍ୟୁଲେସନ୍ ଇଣ୍ଡକ୍ସନ୍ ହୋଇ ଗର୍ଭଧାରଣ ହୋଇଥାଏ । ଆଗରୁ ଡିମ୍ବକୋଷ ପାଇଁ ହେଉଥିବା 'ୱେଜ୍ ରିଜେକ୍ସନ୍' ଆଜିକାଲି ହେଉ ନାହିଁ । ଯେଉଁମାନଙ୍କର ଔଷଧରେ ଓଭ୍ୟୁଲେସନ୍ ହୁଏ ନାହିଁ ସେମାନଙ୍କର ଲାପାରୋସ୍କୋପି ଦ୍ୱାରା ଓଭାରିଆନ୍ ଡ୍ରିଲିଂ କଲେ ଫଳ ଭଲ ହୁଏ । ପଲିସିଷ୍ଟିକ୍ ଓଭାରିଆନ୍ ସିଣ୍ଡ୍ରୋମ୍ ଏକ ଜଟିଳ ଅନ୍ତଃସ୍ରାବୀଜନିତ ରୋଗ, କିନ୍ତୁ ଓଜନର ନିୟନ୍ତ୍ରଣ, ବ୍ୟାୟାମ, ଜୀବନଶୈଳୀର ପରିବର୍ତ୍ତନ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞଙ୍କର ପରାମର୍ଶ ନେଇ ଔଷଧ ସେବନ ନିଶ୍ଚିତ ଭାବରେ ଏ ରୋଗକୁ ଆରୋଗ୍ୟ କରିବାରେ ସାହାଯ୍ୟ କରିବ ଏଥିରେ ସନ୍ଦେହ ନାହିଁ ।

ଏହି ରୋଗ ଭୋଗୁଥିବା ଝିଅମାନେ ଓଜନ କମାଇ ନିୟମିତ ଔଷଧ ସେବନ କଲେ, ମାସିକ ଋତୁସ୍ରାବ ନିୟନ୍ତ୍ରଣ ସହ ମୁହଁରେ ବ୍ରଣ ଓ କେଶ ଉଠିବା କମିଯିବ, ଏବଂ ଏମାନେ ଚେଷ୍ଟା କଲେ ନିଶ୍ଚିତ ଭାବରେ କୃଷ୍ଣାଙ୍ଗୀରୁ ଯେ ସୁନ୍ଦରୀ ପରୀଟିଏ ହୋଇ ପାରିବେ ଏଥିରେ ସନ୍ଦେହର ଅବକାଶ ନାହିଁ ।



# ଉପକାରୀ ପୋଟଳ

ଲତାଗୁଳ୍ମ ଓ ଦ୍ରୁମ-ମହାଦ୍ରୁମ
କ୍ଷେତ୍ରରେ ବିଶେଷ ଗବେଷଣା
କରି ସୁନାମ ଅର୍ଜନ କରିଥିବା ଏବଂ
'ଦ୍ରୁମ-ମହାଦ୍ରୁମ' ପୁସ୍ତକର ସ୍ରଷ୍ଟା
ଦେବଯାନୀ ଦାସ 'ରେବତୀ'ର
ବାଡ଼ିବଗିଚା ବିଭାଗରେ ଆପଣମାନଙ୍କୁ
ବାଢ଼ିଦିଅନ୍ତି ପନିପରିବାର ଉପକାରୀ
ଗୁଣ ଓ ତହିଁରୁ ପ୍ରସ୍ତୁତ
ବ୍ୟଞ୍ଜନର ବାଟ ।





# ପୋଟଳର ଔଷଧୀୟ ଗୁଣ





**ଦେବଯାନୀ ଦାସ**

ଫଟୋ ସୌଜନ୍ୟ : ଲେଖିକା

ଗ୍ରୀଷ୍ମ ଋତୁରେ ଉପଲବ୍ଧ ପନିପରିବାମାନଙ୍କ ମଧ୍ୟକ୍ଷର ପୋଟଳ ଏକ ମୁଖ୍ୟ ପରିବା । ଲୋକେ ଏହାକୁ ତରକାରୀ କରି ଖାଇଥାନ୍ତି । ମାତ୍ର ଏହାର ସେବନ କେତେ ସ୍ୱାସ୍ଥ୍ୟ ଉପଯୋଗୀ ତାହା ସମସ୍ତଙ୍କୁ ଜଣାନଥାଏ ।

ଆସନ୍ତୁ ଜାଣିବା ପୋଟଳ ଆମ ଶରୀର ପ୍ରତି କେତେ ଉପଯୋଗୀ ।

ପୋଟଳରେ ରହିଛି ଭିଟାମିନ 'ଏ', ଭିଟାମିନ ବି$_{୧}$, ବି$_{୧୨}$ ଏବଂ ଭିଟାମିନ 'ସି' । ଏଥିରେ ଥିବା କ୍ୟାଲସିଅମ୍ ଶରୀରରେ ଥିବା କୋଲେଷ୍ଟରେଲ୍ ସ୍ତରକୁ କମ୍ କରିଥାଏ ଏବଂ ଏହା ଏକ କମ କ୍ୟାଲୋରୀଯୁକ୍ତ ପରିବା ହୋଇଥିବାରୁ ଓ ସେଇଭଳି ଗୁଣଯୁକ୍ତ ହୋଇଥିବାରୁ ଏହା ସବୁ ରୋଗରେ ପଥ୍ୟ ରୂପେ ବ୍ୟବହାର କରାଯାଏ ।

- ହଜମ କ୍ରିୟା ତ୍ୱରାନ୍ୱିତ କରିଥାଏ
- ରକ୍ତ ଶର୍କରା ଏବଂ କୋଲେଷ୍ଟରେଲ୍ କମାଇଥାଏ ।
- ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ରକ୍ତ ପରିଷ୍କାର କରିଥାଏ
- ଫ୍ଲୁ ରୋଗରେ ହିତକାରୀ ।
- ବୟସ ବୃଦ୍ଧି କରୁଥିବା କାରକମାନଙ୍କୁ କମ୍ କରିଥାଏ ।
- ଯୌନ ଜୀବନକୁ ଖୁସି ରଖିବାରେ ସାହାଯ୍ୟ କରେ ।

୧୦୦ ଗ୍ରା. ପୋଟଳରୁ ୨୪ କ୍ୟାଲୋରୀ ମିଳିବା ସହ ପ୍ରଚୁର ମାତ୍ରାରେ ଭିଟାମିନ ଏ,ସି, ମ୍ୟାଗ୍ନେସିଅମ୍, ପୋଟାସିଅମ୍, ଫସ୍ଫରସ୍ ଏବଂ ଆହୁରି ଅନେକ ମାଇକ୍ରୋନିଉଟ୍ରିଏଣ୍ଟ୍ ମିଳିଥାଏ । ଆୟୁର୍ବେଦ ଅନୁସାରେ ପୋଟଳର ଏମିତି ଔଷଧୀୟ ଗୁଣ ରହିଛି ଯାହା, ଚର୍ମ ସଂକ୍ରମଣ, ଜ୍ୱର ଓ କୋଷ୍ଠ କାଠିନ୍ୟ ଚିକିତ୍ସାରେ ସହାୟକ ହୋଇଥାଏ ।

ଏହା ଏକ ଲତାଗଛ, ଭୂଇଁରେ ମାଡ଼ି ଲଟେଇ ଥାଏ । ଏହାର ପତ୍ର ଜହ୍ନିପତ୍ର ପ୍ରାୟ ହୋଇ ଆକାରରେ ଛୋଟ ଦିଶେ । ଏହାର ବନସ୍ପତିକ ନାମ Trichosanthes dioica. ଇଂରାଜୀରେ ଏହାକୁ Pointed Gourd । ଓଡ଼ିଆରେ ପୋଟଳ, ବଙ୍ଗଳାରେ ପଟୋଲ୍, ହିନ୍ଦୀରେ ପର୍‌ବଲ୍ ଓ ପଟାର୍, ତେଲୁଗୁରେ ଜିଓମୁପଟୋଳ ଏବଂ ସଂସ୍କୃତରେ ଅମୃତାଫଳ, କୁଷ୍ଠାହ, କାସଭଞ୍ଜୀ, ରାଜେୟ, ପାଣ୍ଡୁକ ଓ ପାଣ୍ଡଫଳ ପ୍ରଭୃତି କୁହାଯାଏ ।



ପୋଟଳ ପତ୍ର ପିତ୍ତନାଶକ । ପିତ୍ତ ଉପଦ୍ରବ ଜନିତ ଜ୍ୱର, ବାନ୍ତି, ମୁଣ୍ଡବ୍ୟଥା ହୋଇ ଅନ୍ୟ କୌଣସି ଉପାୟ ଦ୍ୱାରା ଭଲ ହେଉ ନଥିଲେ ପୋଟଳ ପତ୍ର ରସ ସାଙ୍ଗରେ ବେତକଳା ରସ ମିଶାଇ କେବଳ ମାତ୍ର ତିନିଥର ଖାଇଲେ ଏସବୁ ଦୂର ହୋଇଥାଏ ।

# ପୋଟଳକୁ ନେଇ ବ୍ୟଞ୍ଜନ-୧



## ପୋଟଳ କୁର୍ମା

**ଆବଶ୍ୟକ ସାମଗ୍ରୀ :** ପୋଟଳ- ୨୦୦ଗ୍ରାମ, ଛାଣିବା ପାଇଁ ତେଲ, ଲୁଣ ଓ ହଳଦୀ ଆବଶ୍ୟକ ଅନୁଯାୟୀ ।

**ମସଲା :** ଗୋଟେ ବଡ଼ ପିଆଜ, ରସୁଣ ଦଶ କୋଲା, ଅଦା ଇଞ୍ଚେ, ଗୋଟେ ଶୁଖିଲା ଲଙ୍କା ।

**ଗ୍ରେଭି ପାଇଁ :** କାଜୁ ଆଠଟି, ମଗଜ ଦାନା- ୩ ଟା ଚାମଚ, ଛୋଟ ଖଣ୍ଡେ ଡାଲଚିନି, ଦୁଇଟି ଅଳେଇଚ, ୧/୨ ଟା ଚାମଚ ଗୋଲ ମରିଚ ଗୁଣ୍ଡ ଓ ଗୋଟେ ବଡ଼ ବିଲାତି ।

**ପ୍ରସ୍ତୁତି:** ପୋଟଳର ଉପର ଚୋପା ଚାଞ୍ଛି ଦୁଇଟିରୁ ଅଳ୍ପ ଅଳ୍ପ କାଟି, ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ । ପିଆଜ, ରସୁଣ, ଅଦା ଓ ଲଙ୍କାର ପେଷ୍ଟ ତିଆରି କରନ୍ତୁ । ଗ୍ରେଭି ପାଇଁ ଥିବା ସମସ୍ତ ସାମଗ୍ରୀ ଅଳ୍ପ ପାଣି ମିଶାଇ ଗ୍ରାଇଣ୍ଡ୍ କରି ରଖନ୍ତୁ । ବିଲାତିଟିକୁ ମଧ୍ୟ ଗ୍ରାଇଣ୍ଡ୍ କରି ଅଲଗା ରଖନ୍ତୁ । ଏବେ କରେଇରେ ତେଲ ଗରମ କରି ପୋଟଳ ଗୁଡ଼ିକୁ ଛାଣି ଆଣନ୍ତୁ । ବଳକା ତେଲରେ ପିଆଜ ରସୁଣ ଅଦା ଲଙ୍କାର ପେଷ୍ଟ ପକାଇ କଷନ୍ତୁ । କଷି ଆସିଲେ ବିଲାତି ପେଷ୍ଟ ପକାଇ କିଛି ସମୟ ଗୋଳାନ୍ତୁ । ଏବେ ଗ୍ରେଭି ପାଇଁ ଥିବା ସାମଗ୍ରୀ ପକାଇ କଷନ୍ତୁ । ଟିକେ ଟିକେ ପାଣି ଢାଳି ଧିମା ଆଞ୍ଚରେ କଷି ଚାଲନ୍ତୁ । ପରେ ପୋଟଳ ପକାଇ କଷନ୍ତୁ । ଏଥିରେ ଗୋଲମରିଚ ଗୁଣ୍ଡ ପକାଇ ଅଳ୍ପ ପାଣି ଦେଇ ଘୋଡ଼େଇ ଦିଅନ୍ତୁ । ପାଞ୍ଚ ମିନିଟ୍ ପରେ ଘୋଡ଼ଣି ଖୋଲି ଗ୍ୟାସ୍ ବନ୍ଦ କରନ୍ତୁ । ପ୍ରସ୍ତୁତ ହେଇଗଲା ପୋଟଳ କୁର୍ମା ।

# ପୋଟଳକୁ ନେଇ ବ୍ୟଞ୍ଜନ-୨



## ପୁରଦିଆ ପୋଟଳ ତରକାରୀ

(ବିନା ପିଆଜ ରସୁଣରେ)

**ଆବଶ୍ୟକ ସାମଗ୍ରୀ:** ପୋଟଳ ଆଠଟି, କଳାଜିରା ୧ଚାମଚ, ଭୁର୍ସଙ୍ଗ ପତ୍ର, କଞ୍ଚାଲଙ୍କା ୧ଟା, ଛାଣିବା ପାଇଁ ତେଲ, କଟା ବିଲାତି ଗୋଟେ, ପୁର ପାଇଁ ୧କପ୍ ନଡ଼ିଆ କୋରା, ସୋରିଷ ଅଧା ଚା ଚାମଚ, ଗୋଟେ କଞ୍ଚାଲଙ୍କା, ଗୁଣ୍ଡ ଚିନି ଅଳ୍ପ । ତରକାରୀ ମସଲା ପାଇଁ ପୋସ୍ତ ଅଧା ଚା ଚାମଚ, ସୋରିଷ ଅଧା ଚାମଚ ।

**ପୁର ପ୍ରସ୍ତୁତି ପ୍ରଣାଳୀ :** ପୋଟଳକୁ ଚାଞ୍ଛି, ତା ପେଟ ପାଖରୁ କାଟି, ଚାମଚ ସାହାଯ୍ୟରେ ଭିତରୁ ମଞ୍ଜି ବାହାର କରି ଦିଅନ୍ତୁ । ବାହାର କଲା ପରେ ପୋଟଳ ଗୁଡ଼ିକୁ ଲୁଣରେ ଗୋଳାଇ ରଖି ଦିଅନ୍ତୁ । ପୁର ପାଇଁ ଥିବା ସାମଗ୍ରୀ ସହିତ ପୋଟଳ ମଞ୍ଜି, ଅଳ୍ପ ଲୁଣ ପକାଇ ଗ୍ରାଇଣ୍ଡ୍ କରି ରଖନ୍ତୁ, ତରକାରୀ ମସଲା ପାଇଁ ଥିବା ସାମଗ୍ରୀକୁ ମଧ୍ୟ ଗ୍ରାଇଣ୍ଡ୍ କରି ରଖନ୍ତୁ । ଏବେ ଗ୍ୟାସ୍‌ରେ କରେଇ ବସେଇ ୨ ଟେବୁଲ୍ ଚାମଚ ତେଲ ଗରମ କରି ସେଥିରେ କଳାଜିରା ଫୁଟାନ୍ତୁ, ଭୁର୍ସଙ୍ଗ ପତ୍ର ପକେଇ ଟିକେ ଭାଜିବା ପରେ ପୁର ସାମଗ୍ରୀକୁ କଷନ୍ତୁ । ଏଥିରେ ଅଳ୍ପ ଲୁଣ ଓ ଗୁଣ୍ଡ ଚିନି ମିଶାଇ କଷି ଆଣନ୍ତୁ ।

ଏହି ପୁରକୁ ପୋଟଳ ପେଟରେ ଭର୍ତ୍ତି କରି ଦେଇ ଅଳ୍ପ ତେଲରେ ଭାଜି ଆଣନ୍ତୁ । ଏହି ପୋଟଳକୁ ଖାଲି ଖାଇ ପାରିବା ବା ତରକାରୀ କରି ଖାଇ ହେବ । ତରକାରୀ ପାଇଁ କରେଇରେ ତେଲ ଗରମ କରି କଳାଜିରା, ଭୁର୍ସଙ୍ଗପତ୍ର ଓ ଫାଳ କରାଯାଇଥିବା କଞ୍ଚାଲଙ୍କା ଫୁଟାନ୍ତୁ । ଏଥିରେ ଗ୍ରାଇଣ୍ଡ୍ କରାଯାଇଥିବା ମସଲାକୁ ଅଳ୍ପ ପାଣି ଦେଇ କଷନ୍ତୁ । କଷିଗଲା ପରେ ଭାଜି ରଖିଥିବା ପୋଟଳକୁ ଏଥିରେ ପକାଇ ଗୋଳେଇ ଦିଅନ୍ତୁ । ଟିକେ କଷିବା ପରେ ଅଳ୍ପ ପାଣି ଦେଇ ଘୋଡ଼େଇ ଦିଅନ୍ତୁ । ୨ଟି ମିନିଟ୍ ପରେ ଢାଙ୍କୁଣି ଖୋଲି, ଗ୍ୟାସ୍ ବନ୍ଦ କରନ୍ତୁ ଓ ପରଷି ଦିଅନ୍ତୁ ।

* ପାଚନ କ୍ରିୟା ଠିକ ରଖେ: ଏଥିରେ ପର୍ଯ୍ୟାପ୍ତ ମାତ୍ରାରେ ଫାଇବର୍ ଥିବା ହେତୁ ଏହା ଆମର ପାଚନତନ୍ତ୍ର ଓ ପାଚନ ପ୍ରକ୍ରିୟାକୁ ଠିକ୍ ରଖିଥାଏ । ଏଥିସହିତ ପାକସ୍ଥଳୀ ଓ ଲିଭର୍‌ର କେତେକ ସମସ୍ୟା ମଧ୍ୟ ଦୂର କରିଥାଏ ।

କୋଷ୍ଠ କାଠିନ୍ୟ ଦୂର କରେ: ଏହାର ମଞ୍ଜିରେ ଏମିତି କିଛି ପୋଷକ ତତ୍ତ୍ୱ ରହିଛି ଯାହା କୋଷ୍ଠ କାଠିନ୍ୟ ଦୂର କରିଥାଏ । ଯେହେତୁ ଏହା ପାଚନ ତନ୍ତ୍ର ଉପରେ ସୁପ୍ରଭାବ ପକାଇଥାଏ, ତେଣୁ ପେଟ ଓ କୋଷ୍ଠକାଠିନ୍ୟ ଜନିତ ସମସ୍ୟା ଥିଲେ ଏହାକୁ ମଞ୍ଜି ସହ ପ୍ରଚୁର ମାତ୍ରାରେ ସେବନ କରିବା ଉଚିତ୍ ।

ରକ୍ତ ଶର୍କରା ଓ କୋଲେଷ୍ଟେରୋଲକୁ ପୋଟଳ ନିୟନ୍ତ୍ରିତ କରିଥାଏ । ପୋଟଳ ଖାଇବା ସମୟରେ ମଞ୍ଜି ସହିତ ହିଁ ଖାଆନ୍ତୁ ।

*ଓଜନ ହ୍ରାସ: ଯଦି ଭୋକ ବେଶୀ ଲାଗୁଥାଏ ତେବେ ଏହି କମ କ୍ୟାଲୋରୀଯୁକ୍ତ ପୋଟଳ ଖାଆନ୍ତୁ । ଭୋକ ଲାଗିବା କମ୍ କରିବ, ଓଜନ କମ୍ କରିବାରେ ସାହାଯ୍ୟ କରିବ ।

ରକ୍ତ ଶୋଧକ: ଆୟୁର୍ବେଦ ଅନୁସାରେ ପୋଟଳ କଫନାଶକ ଅଟେ ଓ ପ୍ରତିଦିନ ପୋଟଳ ସେବନ ଦ୍ୱାରା ରକ୍ତ ଶୋଧନ ହୋଇଥାଏ ।

ବୟସ ବୃଦ୍ଧି ପ୍ରକ୍ରିୟାକୁ କମ୍ କରିବାର ଗୁଣ ରଖିଥାଏ ପୋଟଳ । ଯୋଉ ରେଡ଼ିକାଲସ୍ ସବୁ ବୟସ ତୁଳନାରେ ବୃଦ୍ଧି ଦେଖାଇଥାଏ, ତା ବିରୁଦ୍ଧରେ ଯୁଦ୍ଧ କରେ ପୋଟଳରେ ଥିବା ଗୁଣସବୁ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ, ଭିଟାମିନ୍ ଏ, ସି ଦ୍ୱାରାରେ ଚମକ ଆଣି ବୟସ ବୃଦ୍ଧିକୁ ରୋକିଥାଏ ।

ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ : ପ୍ରତିଦିନ ପୋଟଳ ଖାଇଲେ ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତି ବୃଦ୍ଧି ଘଟିଥାଏ । ଗଳା ସଂକ୍ରମଣ, ଦେହରେ ଅଧିକ ଜ୍ୱର ଓ ଥଣ୍ଡା ଜନିତ ସଂକ୍ରମଣରେ ପୋଟଳ ସେବନ କରିବା ବିଧେୟ ।

ପୋଟଳକୁ ସ୍ୱାସ୍ଥ୍ୟ ଉପଯୋଗୀ କରିବା ପାଇଁ ହେଲେ ଏହାକୁ ବେଶୀ ମସଲାଯୁକ୍ତ ନକରି, ଭଜା, ପୋଡ଼ା ବା ସିଝା ଚଟଣୀ କରି ଖାଇବା ବିଧେୟ । ପୋଟଳ ପୋଡ଼ାରେ କଞ୍ଚାପିଆଜ, କଞ୍ଚାଲଙ୍କା ଓ ଶୋରିଷ ତେଲ ମିଶେଇ ଚଟଣୀ କଲେ ପାଟି ସୁଆଦିଆ ହେବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ ପକ୍ଷେ ଖୁବ୍ ହିତକର ।



# ପଶ୍ଚିମଓଡ଼ିଶାର ଖାଦ୍ୟ

ଓଡ଼ିଆମାନେ ସର୍ବଦା ନୂଆ ନୂଆ ଖାଦ୍ୟ ଖୋଜିଥାନ୍ତି । ଓଡ଼ିଶାରେ ତଦନୁସାରେ ରହିଛି ଖାଦ୍ୟର ଏକ ଉନ୍ନତ ପରମ୍ପରା । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଖାଦ୍ୟର ସ୍ୱାଦ ନିଆରା । ଯେଉଁମାନେ ଖାଦ୍ୟପ୍ରିୟ ସେମାନଙ୍କ ପାଇଁ ଏହି ପୃଷ୍ଠାରେ ରହିବ ଓଡ଼ିଶାର ବିଭିନ୍ନ ଅଞ୍ଚଳର ବଛା ବଛା କିଛି ନିଆରା ଖାଦ୍ୟ ଓ ତା'ର ପ୍ରସ୍ତୁତି ପ୍ରଣାଳୀ ।



ଲେଖିକା : ରଞ୍ଜିତା ପଣ୍ଡା

# ରୋଷେଇ



**ରଞ୍ଜିତା ପଣ୍ଡା**

ଫଟୋ ସୌଜନ୍ୟ : ଲେଖିକା



## ଆମ୍ବିଳ

**ଆବଶ୍ୟକୀୟ ସାମଗ୍ରୀ**

ଆବଶ୍ୟକତା ଅନୁଯାୟୀ ପରିବା ଯଥା: ଭେଣ୍ଡି, କଖାରୁ, ମୂଳା, ବାଇଗଣ । ହଳଦୀଗୁଣ୍ଡ ଅଳ୍ପ, ତେଲ ୧୦୦ ଗ୍ରାମ୍, ଧନିଆ ପତ୍ର, ଭୃର୍ଷଙ୍ଗ ପତ୍ର, ରସୁଣ, ପଞ୍ଚଫୁଟଣ, ଶୁଖିଲା ଲଙ୍କା ୫, ୬ ଖଣ୍ଡ, ଲୁଣ ଆବଶ୍ୟକତା ଅନୁଯାୟୀ, ବେସନ୍ ୫୦ଗ୍ରାମ୍, ଦହି ୨୫୦ଗ୍ରାମ୍, ଟମାଟୋ ୨୫୦ଗ୍ରାମ୍ ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ରନ୍ଧନ ପାତ୍ରରେ ପାଣିଢାଳି ଫୁଟାନ୍ତୁ । ପାଣି ଫୁଟିଲା ପରେ କଖାରୁ ଓ ମୂଳାକୁ ବଡ଼ବଡ଼ ଖଣ୍ଡ କରି କାଟି ପାଣିରେ ଶିଝିବାକୁ ଦିଅନ୍ତୁ । ଅନ୍ୟ ଏକ ପ୍ୟାନ୍‌ରେ ଭେଣ୍ଡିକୁ ଭାଜି ନିଅନ୍ତୁ ଅଳ୍ପ କିଛି ତେଲରେ । କଖାରୁ ଓ ମୂଳା ଶିଝିଲା ପରେ ଭେଣ୍ଡି ଓ କଟା ବାଇଗଣକୁ ପକେଇ ଦିଅନ୍ତୁ । ସବୁ ପନିପରିବା ଗୁଡ଼ିକ ପାଣିରେ ଫୁଟିଫୁଟି ଶିଝିଲା ପରେ ଦହି ଓ ବେସନ୍‌ର ଘୋଳ ତିଆରି କରି ଭଲ ଭାବେ ମିଶେଇ ପାତ୍ରରେ ପକେଇ ପୁଣି ଫୁଟିବାକୁ ଦିଅନ୍ତୁ । ଲୁଣ ପକେଇ ଟିକେ ବହଳିଆ ହୋଇଗଲେ ଚୁଲିରୁ ଓହ୍ଲେଇ ଦିଅନ୍ତୁ ।

ଆମ୍ବିଳର ପ୍ରକୃତ ସ୍ୱାଦ ତାର ଛୁଙ୍କରୁ ହିଁ ମିଳେ । ତେଣୁ ଗୋଟେ ବଢ଼ିଆ ଛୁଙ୍କ ପାଇଁ ପ୍ରଥମେ ପ୍ୟାନ୍‌ରେ ତେଲ ଢାଳନ୍ତୁ । ତେଲ ଗରମ ହୋଇଗଲା ପରେ ସେଥିରେ ପଞ୍ଚଫୁଟଣ ପକେଇ ଦିଅନ୍ତୁ । ରସୁଣ, ଶୁଖିଲା ଲଙ୍କା ଆଉ ଭୃର୍ଷଙ୍ଗପତ୍ର ତେଲରେ ପକେଇ ଭାଜନ୍ତୁ । ତା'ପରେ ଅଳ୍ପ ହଳଦୀ ଗୁଣ୍ଡ ପକେଇ କଟା ଟମାଟୋକୁ ପ୍ୟାନ୍‌ରେ ଢାଳି ଶିଝିବାକୁ ଦିଅନ୍ତୁ । ଟମାଟୋ ପୁରା ଶିଝି ସାରିଲା ପରେ ପ୍ୟାନ୍‌କୁ ଓହ୍ଲେଇ ଆଣି ପୂର୍ବରୁ ପ୍ରସ୍ତୁତ ହୋଇଥିବା ଆମ୍ବିଳରେ ଛୁଙ୍କକୁ ପକାନ୍ତୁ । ତା'ପରେ କଟା ଧନିଆପତ୍ରକୁ ପକେଇ ଦେଖନ୍ତୁ ଆମ୍ବିଳର ସ୍ୱାଦ କେମିତି । ଗରମ ଗରମ ପରଷନ୍ତୁ ଆଉ ଆମ୍ବିଳର ମଜା ନିଅନ୍ତୁ ।



## ଫୁଟା ମଣ୍ଡା

**ଆବଶ୍ୟକ ସାମଗ୍ରୀ**

ଅରୁଆ ଚାଉଳ ୨୫୦ ଗ୍ରାମ୍, ଲୁଣ ୧ଚାମଚ, ନଡ଼ିଆ ୧ଟା, ଚିନି ୪/୫ଚାମଚ, ଗୁଜୁରାତି ଗୁଣ୍ଡ ଅଳ୍ପ ।

**ପ୍ରସ୍ତୁତି ପ୍ରଣାଳୀ**

ଅରୁଆ ଚାଉଳକୁ ୨/୩ ଘଣ୍ଟା ବତୁରାଇ ଦିଅନ୍ତୁ । ତା'ପରେ ତାକୁ ଚିକ୍କଣ କରି ବାଟି ଗୋଟେ ପାତ୍ରରେ ରଖନ୍ତୁ । ଅଳ୍ପ ଲୁଣ ଦେଇ ମାପ ଅନୁସାରେ ପାଣି ସହିତ ଚାଉଳବଟାକୁ ଭଲ ଭାବେ ମିଶେଇ ଦିଅନ୍ତୁ ।

ଗ୍ୟାସ୍ ଜାଳନ୍ତୁ । ଗୋଟେ ରନ୍ଧନ ପାତ୍ରକୁ ଚୁଲାରେ ବସେଇ ଗରମ ହେବା ପରେ ଉପରୋକ୍ତ ମିଶ୍ରଣକୁ ଢାଳନ୍ତୁ । ଖଳିଦଣ୍ଡ ସାହାଯ୍ୟରେ ମିଶ୍ରଣକୁ ସଠିକ ଆଞ୍ଚରେ ଘାଣ୍ଟନ୍ତୁ । ଦଶ ମିନିଟ୍ ପର୍ଯ୍ୟନ୍ତ ପିଠା ପାଇଁ ଖଳି ହେବା ପର୍ଯ୍ୟନ୍ତ ଘାଣ୍ଟି ଚାଲନ୍ତୁ । ଖଳି ପ୍ରସ୍ତୁତ ହୋଇଗଲେ ଓହ୍ଲାଇ ଆଣି ଢାଙ୍କି ରଖନ୍ତୁ ।

ପୂର୍ବରୁ କୋରା ଯାଇଥିବା ନଡ଼ିଆକୁ କମ୍ ଆଞ୍ଚରେ ଗ୍ୟାସ୍ ଜାଳି ଗୋଟେ କଢ଼େଇରେ ଢାଳି ଦିଅନ୍ତୁ । ନଡ଼ିଆ କୋରାରେ ଆବଶ୍ୟକ ପରିମାଣରେ ଚିନି ଏବଂ ଗୁଜୁରାତି ଗୁଣ୍ଡ ମିଶେଇ ଭଲଭାବେ ଭାଜନ୍ତୁ । ବାଦାମୀ ରଙ୍ଗ ହୋଇ ଆସିଲା ପରେ ନଡ଼ିଆ କୋରାକୁ ଗୋଟେ ତାଟିଆରେ ଢାଳନ୍ତୁ ।

ଗରମ ଖଳିକୁ ଚିକ୍କଣ କରି ପେଷନ୍ତୁ ଏବଂ ମଣ୍ଡା ଆକାର କରି ଗଢ଼ନ୍ତୁ । ତା'ଭିତରେ ପୁର ଦେଇ ଭଲ ଭାବେ ଗୋଲେଇ କରନ୍ତୁ ଏବଂ ଗୋଟେ ଥାଳିରେ ରଖନ୍ତୁ । ଏବେ ପ୍ରସ୍ତୁତ ହେଇଗଲା ଆପଣଙ୍କ ପାଇଁ ଫୁଟାମଣ୍ଡା ।

ବିଶେଷତ୍ୱ : ପଶ୍ଚିମ ଓଡ଼ିଶାର ଏହା ଏମିତି ଏକ ଖାଦ୍ୟ ଯାହା ଅନେକ ପର୍ବପର୍ବାଣିରେ ପ୍ରସ୍ତୁତ କରାଯାଏ । ଅଳ୍ପ ସମୟରେ ଏବଂ ବିନା ତେଲ ଛଣାରେ ପ୍ରସ୍ତୁତ ହେଉଥିବାରୁ ଏହା ଏକ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ । ଅଳ୍ପ ମୂଲ୍ୟରେ ଏହା ସ୍ୱାଦ ଓ ସ୍ୱାସ୍ଥ୍ୟ ଦେଇ ପାରୁଥିବାରୁ ଏହା ଗରୀବରୁ ଧନୀ ଯାଏ ସମସ୍ତଙ୍କର ରନ୍ଧାଶାଳର ପ୍ରଥମ ପସନ୍ଦ ହୋଇପାରିଛି ।

**ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନାଇକେନ୍‌ପାଲି, ନାରାୟଣପୁର, ସୋନପୁର, ଫୋନ୍ : ୯୪୩୯୯୮୭୧୪୦**





# ତ୍ୱଚା ପରିଚର୍ଯ୍ୟା

ତ୍ୱଚାକୁ ନେଇ ପ୍ରତ୍ୟେକ ନାରୀ ମନରେ ଥାଏ ନିଜସ୍ୱ ଏକ ସ୍ୱାଭିମାନ । ପୁଣି ସେଇ ତ୍ୱଚାକୁ ନେଇ ଥାଏ ବି ଅନେକାନେକ ଆଶଙ୍କା । ସୁତରାଂ ତ୍ୱଚାର ପରିଚର୍ଯ୍ୟା ପାଇଁ ବେଶ୍ ତତ୍ପର ଥାଆନ୍ତି ସେମାନେ । ଆମର ଏହି ପୃଷ୍ଠା ସେଇସବୁ ନାରୀମାନଙ୍କୁ କହିବ ତ୍ୱଚାର ନାନା ପରିଚର୍ଯ୍ୟା ଓ ଚିକିତ୍ସାର ସୂତ୍ର । ପ୍ରତ୍ୟାଶା ପ୍ରିୟମ୍ବଦାଙ୍କ ଟିପ୍ସ୍ ।







ପ୍ରତ୍ୟାଶା ପ୍ରିୟମ୍ବଦା

ଫଟୋ ସୌଜନ୍ୟ : ଗୁଗୁଲ୍

## ତ୍ୱଚା ଅନୁଯାୟୀ ଗାଜର ମାସ୍କ

**ତ୍ୱଚାର ଚମକ ପାଇଁ ଗାଜର ମାସ୍କ:** ଗାଜରରେ ଭିଟାମିନ୍ ଏ ଥିବାରୁ ଏହା ତ୍ୱଚା ପାଇଁ ଉପକାରୀ । ଗାଜର ମାସ୍କ ସବୁଦିନ ଲଗାଇବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ । ଗାଜରର ଚୋପା ଛଡ଼ାଇ ସିଝାଇ ତାକୁ ଚକଟି ଦିଅନ୍ତୁ । ସେଥିରେ ୧ ଚାମଚ ଲେମ୍ବୁ ରସ, ୨ ଚାମଚ ମହୁ ଓ ୧ଚାମଚ ଅଲିଭ ତେଲ ମିଶାଇ ଦିଅନ୍ତୁ । ମୁହଁକୁ ପ୍ରଥମେ ପରିଷ୍କାର କରି ଏହି ମାସ୍କ ଲଗାଇ ୩୦ମିନିଟ୍ ଛାଡ଼ିଦିଅନ୍ତୁ । ୩୦ ମିନିଟ୍ ପରେ ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ ।

**ଶୁଷ୍କ ତ୍ୱଚା ପାଇଁ ଗାଜର କାକୁଡ଼ି ମାସ୍କ:** ଯଦି ଆପଣଙ୍କ ତ୍ୱଚା ଶୁଷ୍କ ତା'ହେଲେ ଆପଣ ଏହି ଫେସ୍ ମାସ୍କ ବ୍ୟବହାର କଲେ ତ୍ୱଚା କୋମଳ ଓ ଚିକ୍କଣ ହୋଇଥାଏ । ୨-୩ ଚାମଚ ଗାଜର ରସ, ୧ ଚାମଚ ବଟରମିଲ୍କ, ୨ ଚାମଚବେସନ ଓ ୧ ଚାମଚ ଲେମ୍ବୁ ରସ ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଗୋଳାଇ ମୁହଁରେ ଲଗାଇ ୩୦ ମିନିଟ୍ ରଖନ୍ତୁ । ୩୦ ମିନିଟ୍ ପରେ ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ । ଏକ ସପ୍ତାହରେ ୧-୩ ଥର ବ୍ୟବହାର କରିପାରିବେ । ତୈଳାକ୍ତ ତ୍ୱଚା ପାଇଁ ଏହି ଫେସ୍ ମାସ୍କ ଲଗାଇବା ଦରକାର । ଯଦି ଆପଣଙ୍କ ତ୍ୱଚା ଶୁଷ୍କ ତା'ହେଲେ ଆପଣ ବିନା ଲେମ୍ବୁ ରସରେ ବ୍ୟବହାର କରିପାରିବେ ।

**ଉଜ୍ଜ୍ୱଳ ତ୍ୱଚା ପାଇଁ ଗାଜର ଅଣ୍ଡା ମାସ୍କ:** ଏହି ଫେସ୍‌ଟି ଅଧିକ ଫଳପ୍ରଦ । ଏହି ମାସ୍କ ବ୍ୟବହାର କରିବା ଦ୍ୱାରା ତ୍ୱଚାର ରଙ୍ଗରେ ପରିବର୍ତ୍ତନ ଆସିଥାଏ ଏବଂ ତ୍ୱଚାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଇଥାଏ । ଖୁବଶୀଘ୍ର ତ୍ୱଚାରେ ସୁନ୍ଦରତା ଆଣିଥାଏ । ୧ ଚାମଚ ରସ, ୧ ଚାମଚ ଅଣ୍ଡାର ଧଳା ଅଂଶ ଓ ୧ ଚାମଚ ଦହି ବା କ୍ଷୀର ନେଇ ଏକାଠି ମିଶାଇ ଦିଅନ୍ତୁ । ତା'ପରେ ମୁହଁରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ୨୦ ମିନିଟ୍ ପରେ ଉଷୁମ ପାଣିରେ ଧୋଇଦିଅନ୍ତୁ । ଏହାଦ୍ୱାରା ତ୍ୱଚାରେ ଚମକ ଆସେ ଓ ତ୍ୱଚାକୁ ଖରାପ ହେବାରେ ରକ୍ଷାକରେ ।




## ସୌନ୍ଦର୍ଯ୍ୟ ବଢ଼ାଇପାରେ ଅଣ୍ଡା ଖୋଳପା

ଆମେ ସବୁବେଳେ ଭାବିଥାଉ ଯେ ସୌନ୍ଦର୍ଯ୍ୟ ପାଇଁ କେବଳ ଅଣ୍ଡାର ବ୍ୟବହାର ହୋଇଥାଏ ଏବଂ ଅଣ୍ଡାର ଖୋଳପାକୁ ଅଦରକାରୀ ବୋଲି ଭାବି ଫିଙ୍ଗିଦେଉ । ଆପଣ କେବେ ଭାବି ନଥିବେ ଯେ ଅଣ୍ଡାର ଖୋଳପା ବି କିଛି କାମରେ ଆସିପାରେ । ସୌନ୍ଦର୍ଯ୍ୟ ଓ ତ୍ୱଚାର ଯତ୍ନ ପାଇଁ ଅନେକ ଅଣ୍ଡାଖୋଳପାକୁ ବ୍ୟବହାର କରିଥାନ୍ତି । ଆସନ୍ତୁ ଜାଣିବା ଅଣ୍ଡା ଖୋଳପାର କିଛି ଉପକାରିତା ।

**ମୁହଁରେ ଚମକ ଆଣେ :** ତ୍ୱଚାର ଚମକ ପାଇଁ ଅନେକ ଅଣ୍ଡା ଖୋଳପା ବ୍ୟବହାର କରିଥାନ୍ତି । କିଛି ଅଣ୍ଡାଖୋଳକୁ ନେଇ ଭଲ ଭାବେ ଧୋଇ ଗୁଣ୍ଡ କରିଦିଅନ୍ତୁ । ସେହି ଗୁଣ୍ଡକୁ ଅଣ୍ଡାର ଧଳା ଅଂଶ ସହ ମିଶାଇ ମୁହଁରେ ପେକ୍ ଭାବରେ ବ୍ୟବହାର କରନ୍ତୁ । ଏହି ପେକକୁ ସପ୍ତାହରେ ତିନିଥର ଲଗାନ୍ତୁ ଏବଂ ତ୍ୱଚାରେ ପାଆନ୍ତୁ ପ୍ରାକୃତିକ ଚମକ ।

**ଦାନ୍ତକୁ ସଫା କରେ :** ଅଣ୍ଡା ଖୋଳପାକୁ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ । ସେହି ଗୁଣ୍ଡକୁ ପ୍ରତିଦିନ ସକାଳେ ଦାନ୍ତରେ ଘଷନ୍ତୁ । ଏହା ଦ୍ୱାରା ଖୋଳପାରେ ଥିବା କାଲ୍ସିଅମ୍ ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ଦାନ୍ତମାଢ଼ିକୁ ମଜଭୁତ୍ କରିବା ସହ ଦାନ୍ତକୁ ଚିକ୍ ଚିକ୍ ମଧ୍ୟ କରିଥାଏ । ପରିମାଣସ୍ୱରୂପ ଦାନ୍ତକୁ କ୍ୟାବିଟିକରୁ ରକ୍ଷା କରିଥାଏ ।

**ତ୍ୱଚାକୁ କୋମଳ କରେ :** ସୂକ୍ଷ୍ମ ତ୍ୱଚା ପାଇଁ ଅନେକ ଏହାକୁ ପ୍ରାକୃତିକ ଦ୍ରବ୍ୟ ଭାବରେ କରନ୍ତି ।



ଶରୀରରେ ପ୍ରଜ୍ୱଳନ, ଚର୍ମରୋଗ ଏବଂ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଆପଣ ଏହାକୁ ବ୍ୟବହାର କରିପାରିବେ । ଅଣ୍ଡାଖୋଳପାକୁ ଗୁଣ୍ଡ କରି ଏକ ପାତ୍ରରେ ରଖନ୍ତୁ ଏବଂ ସେହି ଗୁଣ୍ଡରେ ସେଓ ରସର ଭିନେଗାର ମିଶାଇ ୫ ଦିନ ପାଇଁ ଭିଜିବାକୁ ଛାଡ଼ିଦିଅନ୍ତୁ । ତାପରେ ତୁଳା ସାହାଯ୍ୟରେ ସେହି ପେକକୁ ଶରୀରରେ ଯେଉଁଠି ଆବଶ୍ୟକ ସେଇଠି ଲଗାନ୍ତୁ । ଅଳ୍ପ ସମୟ ପାଇଁ ଛାଡ଼ି ସଫା ପାଣିରେ ଧୋଇ ଦିଅନ୍ତୁ । କିଛି ଦିନ ଭିତରେ ଆପଣ ଏହାର ଫଳାଫଳ ଜାଣିପାରିବେ ।





### ତ୍ୱଚାକୁ ସୁସ୍ଥ ରଖିବା ପାଇଁ ଆଠଟି ଟିପ୍‌ସ୍

- ସୁଷମ ଓ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ । ଅତ୍ୟଧିକ ତୈଳାକ୍ତ ଖାଦ୍ୟ ଓ ବଜାରରେ ମିଳୁଥିବା ଫାଷ୍ଟଫୁଡ୍‌ରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ ।
- ପ୍ରତିଦିନ ରାତିରେ ଅତି କମ୍‌ରେ ସାତ ରୁ ଆଠ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ ।
- ତ୍ୱଚାକୁ ସତେଜ ରଖିବା ପାଇଁ ଦିନକୁ ଅତି କମ୍‌ରେ ସାତ-ଆଠ ଗ୍ଲାସ୍ ପାଣି ପିଅନ୍ତୁ । ଏକାବେଳକେ ପ୍ରଚୁର ପାଣି ପିଇବା ବଦଳରେ ଅଳ୍ପ ଅଳ୍ପ କରି ଦିନସାରା ଯଥାସମ୍ଭବ ଅଧିକ ପାଣି ପିଅନ୍ତୁ ।
- ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ । ବ୍ୟାୟାମ କରିବା ଫଳରେ ଶରୀରରୁ ବର୍ଜ୍ୟବସ୍ତୁ ଝାଳ ଆକାରରେ ବାହାରିଯାଏ । ଯାହାଫଳରେ ତ୍ୱଚା ସୁସ୍ଥ ଓ ସତେଜ ରହେ ।
- ମୁକ୍ତ ଓ ସ୍ୱଚ୍ଛ ବାୟୁ ଗ୍ରହଣ କରିବାକୁ ଚେଷ୍ଟା କରନ୍ତୁ ।
- ଅତ୍ୟଧିକ ସୂର୍ଯ୍ୟ କିରଣରୁ ଦୂରେଇ ରୁହନ୍ତୁ । କାରଣ ପ୍ରଖର ସୂର୍ଯ୍ୟ ରଶ୍ମୀରେ ଥିବା ଅତିବାଇଗଣି ରଶ୍ମୀ ତ୍ୱଚାକୁ କ୍ଷତି ପହଞ୍ଚାଇଥାଏ ।
- ଖରାରେ ବାହାରକୁ ଯିବା ପୂର୍ବରୁ ସନସ୍କ୍ରିନ୍ ଲୋସନ୍ ଲଗାନ୍ତୁ ଓ ସନ୍‌ଗ୍ଲାସ୍ ପିନ୍ଧି ବାହାରକୁ ବାହାରନ୍ତୁ ।
- ତ୍ୱଚାରୁ ମୃତକୋଷ ବାହାର କରିବା ପାଇଁ ସପ୍ତାହରେ ଦୁଇଥର ତ୍ୱଚାକୁ ଏକ୍ସଫୋଲିଏଟ୍ କରନ୍ତୁ । ଗୋଟିଏ ସ୍କ୍ରବର୍‌ରେ ମୁହଁକୁ ହାଲୁକା ଭାବେ ଘସି ଘସି ପରିଷ୍କାର କରନ୍ତୁ ।



ପ୍ରଚ୍ଛଦପଟ୍ଟ ଗାୟିକା : ଅନ୍ତରା ଚକ୍ରବର୍ତ୍ତୀ

# ଅନ୍ତହୀନ ଅନ୍ତରା

ସୁରର ସାଗରରେ ସେ ଏକ ଶିଶିର ଭିଜା ଶିହରଣ । ସ୍ୱପ୍ନଠୁଁ ସତ ତାଙ୍କ ସୁରେଲୀ ସଂଗୀତର ସଂସାର । ଦୁର୍ଗାପୂଜା ଦିନ ଜନ୍ମଗ୍ରହଣ କରିଥିବା ଏହି ପ୍ରଚ୍ଛଦପଟ୍ଟ ଗାୟିକା ଜଣକ ହେଲେ କଟକର ଝାଞ୍ଜିରିମଙ୍ଗଳା ନିବାସୀ ମୋହିତ ଚକ୍ରବର୍ତ୍ତୀଙ୍କ କନ୍ୟା : ଅନ୍ତରା । ୫୦ରୁ ଅଧିକ ଚଳଚ୍ଚିତ୍ରରେ ସଂଗୀତ ଗାଇ ସାରିଥିବା ଅନ୍ତରା ଆଶା ଭୋଁସଲେଙ୍କ ସହିତ ବଙ୍ଗଳା ଚଳଚ୍ଚିତ୍ର ‘ଏକ୍ ମୁଠୋ ରୋଦ୍ଦୁର୍’ରେ ସଂଗୀତ ପରିବେଷଣ କରିବା ସହ ବଲିଉଡ୍ ଚଳଚ୍ଚିତ୍ର ‘ପୁଷ୍କର ଲଜ୍’ ଓ ‘ପ୍ୟାର୍ ମେଁ ଜରା ସମ୍ଭାଲ୍‌ନା’ ପାଇଁ କଣ୍ଠଦାନ କରିଛନ୍ତି । ହଁ, ଆମେ ଏବେ ଅନ୍ତରାଙ୍କ କାହାଣୀ ପରଷି ଦେଉଛୁ ତାଙ୍କ ବାପାଙ୍କ ଶବ୍ଦରେ, ଝିଅର ଝରକାରେ ।



▲ ବଲିଉଡ୍ ପ୍ରସିଦ୍ଧ ଗାୟକ ଅନୁ ମଲ୍ଲିକଙ୍କ ସହ ଅନ୍ତରା

# ଅନ୍ତରା ପାଇଁ ପଦେ ମୁଖଡ଼ା




**ମୋହିତ ଚକ୍ରବର୍ତ୍ତୀ**

ଫଟୋ ସୌଜନ୍ୟ : ଲେଖକ


ନିଜର ସାହିତ୍ୟ ସୃଷ୍ଟି ବିଷୟରେ ମତାମତ ଦେଇ ଲେଖିବା ଯେତିକି କଷ୍ଟକର କଥା, ନିଜର ସନ୍ତାନ ସମ୍ପର୍କରେ ବାପା ହିସାବରେ କିଛି ଲେଖିବା ମଧ୍ୟ ସେତିକି ।

ତେବେ 'ରେବତୀ' ପାଇଁ ଏମିତି ଏକ ଲେଖା ଲେଖିଦେବା ଅନୁରୋଧ ପାଇବା ପରେ ମୁଁ ଯେତେବେଳେ ମୋ ଝିଅ 'ଅନ୍ତରା' ବିଷୟରେ କିଛି ଲେଖି ବସିଲି, ସେତେବେଳେ ମୋ ସାମ୍ନାରେ ଅନ୍ତରାର ଦୁଇଟି ଚରିତ୍ର ଆସି ଉଭା ହେଲା । ଗୋଟିଏ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ଓ ଦ୍ୱିତୀୟଟି ମୋହିତ୍ ଚକ୍ରବର୍ତ୍ତୀର ଝିଅ ଅନ୍ତରା ଚକ୍ରବର୍ତ୍ତୀ । ଗାୟିକା ହିସାବରେ ଅନ୍ତରା ଓଡ଼ିଶାରେ ନିଜର ପରିଚୟ ସୃଷ୍ଟି କରି ସାରିଥିବାରୁ ମୁଁ ଭାବିଲି ମୋ ଝିଅ ହିସାବରେ ତା' ସମ୍ପର୍କରେ କିଛି କଥା ଲେଖିବା ଅଧିକ ସମୀଚୀନ ହେବ ।



ମୋତେ ଯଦି କେହି ପଚାରେ, ମୋ ଜୀବନର ସବୁଠୁ ଖୁସିର ମୁହୂର୍ତ୍ତ କେଉଁଟି, ଟୋପେ ବି ଛଳନା ନରଖି ମୁଁ ତତ୍କାଳ କହିବି : ଅନ୍ତରାର ଜନ୍ମଦିନ ।

ସେଦିନ ଥିଲା ମହାଳୟା । ପାର୍ବଣର ଋତୁ ଆରମ୍ଭ । ଚାରିଆଡ଼େ ମାଆ ଦୁର୍ଗାଙ୍କ ଆଗମନୀର ଉତ୍ସବ । ଏପରି ଏକ ସମୟରେ ଅନ୍ତରା ଭୂମିଷ୍ଠ ହୋଇଥିଲା ମୋ ଝିଅ ହୋଇ । ମୋ ପାଇଁ ସେଇଟି ଥିଲା ଗୋଟେ ଭାବପ୍ରବଣର ମୁହୂର୍ତ୍ତ ।

ଦୁର୍ଗାପୂଜା ଅବସରରେ ଜନ୍ମ ହୋଇଥିବାରୁ ପ୍ରଥମେ ପ୍ରଥମେ ତାର ଗୁଡ଼େ ନାଁ ଥିଲା, ଯେମିତି ପୂଜା, ଦୁର୍ଗା, ଶ୍ରୀଜୟା, ଦେବୀ, ଗୁନ୍‌ଗୁନ୍, ବୁଲ୍‌ଟି ଇତ୍ୟାଦି । ମୋର ଜଣେ ଦାଦା ତାକୁ ଶେଷ ପର୍ଯ୍ୟନ୍ତ 'କାତ୍ତାୟନୀ' ବୋଲି ହିଁ ଡାକୁଥିଲେ । ହେଲେ ସେ 'ଅନ୍ତରା'ରେ ପରିବର୍ତ୍ତିତ ହେବାରେ ସଙ୍ଗୀତ ସହିତ କୌଣସି ସମ୍ପର୍କ ନଥିଲା । ସବୁ ବାପାମାଆଙ୍କ ପରି ଆମେ ମଧ୍ୟ ଜାଣି ନଥିଲୁ ଯେ ସେ ଭବିଷ୍ୟତରେ ଗାୟିକାଟିଏ ହେବ । ତେବେ ଜଣେ ଗୀତିକାର ଭାବରେ ମୁଁ ଜାଣେ ଯେ, ଆମେ ଗୀତ ଲେଖିବା ବେଳେ ଗୀତର 'ମୁଖଡ଼ା' ପରେ 'ଅନ୍ତରା' ଲେଖୁ । ଏଇ 'ଅନ୍ତରା' ଶବ୍ଦଟି ଥିଲା ମୋର ସବୁଠାରୁ ପ୍ରିୟ ଶବ୍ଦ । ମୋତେ ଲାଗିଲା ମୋ ଝିଅର ନାଁଟି 'ଅନ୍ତରା ହେଇଗଲେ ମୋ ପ୍ରିୟ ଶବ୍ଦ ଓ ମୋ ଝିଅ, ଦୁହେଁ ମୋ ପାଖେ ପାଖେ ରହିବେ । ତ ଝିଅର ନାଁ ରହିଲା 'ଅନ୍ତରା' । ତେବେ ସେ ସଙ୍ଗୀତ ସହିତ ଯୋଡ଼ି ହୋଇଗଲା ବହୁ ପରେ, ଯଦିଓ ଆମମାନଙ୍କର ପରିବାରରେ ସଙ୍ଗୀତ ଶିକ୍ଷା ଠିକ୍ ସ୍ୱାଭାବିକ ଶିକ୍ଷା ପରି ଯୋଡ଼ି ହୋଇ ରହିଥାଏ । ଦୁର୍ଗାପୂଜା ଅବସରରେ ଆମର ଦୁର୍ଗାବାଡ଼ିରେ ଯେଉଁ ସଙ୍ଗୀତ ଅନୁଷ୍ଠାନର ଆସର ହୁଏ, ସେଠି ମୁଁ ତାକୁ ମଞ୍ଚ ଉପରେ ଠିଆ କରେଇ ବଡ଼ ବଡ଼ ଅକ୍ଷରରେ ଗୋଟିଏ ଗୀତ

ଲେଖି ଧରେଇ ଦେଇ କହିଥିଲି ଗାଇବାକୁ । ସେତେବେଳେ ତା'ର ବୟସ ତିନି ବର୍ଷ । ଠିକ୍‌ରେ କଥା କହିପାରୁ ନଥିଲେ ବି ସେ ସ୍ୱରରେ ସେଇ ଗୀତଟିକୁ ଗାଇଥିଲା । ଏଇଟି ଥିଲା ତାର ମଞ୍ଚ ଉପରେ ପ୍ରଥମ ସଙ୍ଗୀତ ପରିବେଷଣ । ସ୍କୁଲ୍‌ରେ ପଢ଼ିବା ବେଳେ ତା'ର ଶିକ୍ଷକମାନେ ତାକୁ ବାର୍ଷିକ ଉତ୍ସବରେ ପ୍ରଥମ ଗୀତଟି ଗାଇବାକୁ କହୁଥିଲେ । ପରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯେତେବେଳେ ସେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କଲା ସେତେବେଳେ ସ୍ୱରୂପା ଚକ୍ରବର୍ତ୍ତୀ ଓ ପଦ୍ମାଳୟା ଗରାବଡୁ ମୋତେ ଅନୁରୋଧ କଲେ ଝିଅକୁ ବିଧିବଦ୍ଧ ଭାବରେ ସଙ୍ଗୀତ ଶିକ୍ଷା ଦେବାକୁ । ଆଉ ସେଇ ମୁହୂର୍ତ୍ତରେ ମୁଁ ତା' ଭିତରେ ଆବିଷ୍କାର କଲା ଏକ କଣ୍ଠଶିଳ୍ପୀକୁ ।

ଯେହେତୁ ଜଣେ ଗୀତିକାର ହିସାବରେ ମୁଁ ସିନେମା ଓ ସଙ୍ଗୀତ ସହିତ ଜଡ଼ିତ ଥିଲି, ସୁତରାଂ ଅନ୍ତରା ପ୍ରାୟ ମୋ ସହିତ ଷ୍ଟୁଡ଼ିଓ ଯାଉଥିଲା ଓ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କୁ ଗାଇବା ଦେଖି ଦେଖି ବଡ଼ ହେଲା । ଧୀରେ ଧୀରେ ଯେତେବେଳେ ତାର ଗାୟିକା ଜୀବନ ଆରମ୍ଭ ହେଲା ମୁଁ ତା' ପାଇଁ ଦୁଇଟି ଗାଇଡ୍ ଲାଇନ୍ ତିଆରି କରିଦେଇଥିଲି । ପ୍ରଥମେ ସେ କୌଣସି 'ରିଅଲିଟି ସୋ'ରେ ଭାଗ ନେବ ନାହିଁ ଓ ଦ୍ୱିତୀୟଟି ସେ କୌଣସି ଶସ୍ତା ମେଲୋଡ଼ି ପ୍ରୋଗ୍ରାମ୍ କରିବ ନାହିଁ । ଜଣେ ବାପା ହିସାବରେ ମୁଁ ତାକୁ ସତର୍କ କରି ଦେଇଥିଲି ଯେ ସଙ୍ଗୀତକୁ ନେଇ ବହୁତ ଅବାଞ୍ଛିତ ଘଟଣା ଘଟିପାରେ । ସେ କେବଳ ନିଜର ମର୍ଯ୍ୟାଦା ଭିତରେ ରହି ସଙ୍ଗୀତର ସାଧନା କରିବ । ସେ ସେପରି ହିଁ କରିଛି ଆଜିଯାଏଁ ।

ଅନ୍ତରା ଜଣେ ମେଧାବୀ ଛାତ୍ରୀ । ମାଟ୍ରିକ୍‌ରୁ ପି.ଜି. ପର୍ଯ୍ୟନ୍ତ ତା'ର କ୍ୟାରିଅର୍ ଫାଷ୍ଟ୍‌କ୍ଲାସ୍ । ତେବେ ଏଇଠି କହିରଖେ, ମୋର କିଛି ବନ୍ଧୁ ମୋତେ ପରାମର୍ଶ ଦେଇଥିଲେ ଯେ ଅନ୍ତରା ତା'ର ପାଠପଢ଼ାରେ ସମୟ ନଷ୍ଟ ନକରି ସଙ୍ଗୀତ ଜଗତରେ ବେଶୀ ଧ୍ୟାନ ଦେଉ । ହେଲେ ଜଣେ ବାପା ହିସାବରେ ମୁଁ ଭାବୁଥିଲି ଜଣେ ଝିଅର ସବୁଠାରୁ ବଡ଼ ସଂପଦ ହେଉଛି ତା'ର ଶିକ୍ଷା । ଶିକ୍ଷା ହିଁ ଗୋଟେ ନାରୀକୁ ସୁଦୃଢ଼ ଓ ସଂଭ୍ରାନ୍ତ କରେ । ଆଜି ଯେତେବେଳେ ଅନ୍ତରା ଗୀତ ଗାଇବାକୁ କୌଣସି ଷ୍ଟୁଡ଼ିଓକୁ ଯାଏ ଓ ପ୍ରଯୋଜକ ବା ସଙ୍ଗୀତ ନିର୍ଦ୍ଦେଶକ ଯେତେବେଳେ ଜାଣନ୍ତି ସେ ରେଭେନ୍ସାରେ ପି.ଜି. କରିବା ପରେ ଏବେ ବମ୍ବେ ୟୁନିଭର୍ସିଟିରେ ଏମ.ଫିଲ୍. କରୁଛି ସେତେବେଳେ ଅଚାନକ ସେମାନଙ୍କ ଅନ୍ତରା ପ୍ରତି ଦୃଷ୍ଟିଭଙ୍ଗୀ ବଦଳି ଯାଏ । ଜଣେ ଗାୟିକାର ଏଇ ସଂଭ୍ରାନ୍ତ ଚେହେରାଟି ଜଣେ ବାପା ହିସାବରେ ମୋତେ ଗର୍ବିତ କରେ ।

ଅନ୍ତରା ଅତି ଈଶ୍ୱର ବିଶ୍ୱାସୀ । ଜୀବନର ପ୍ରତିଟି ପ୍ରତିକୂଳ ଅବସ୍ଥାକୁ ସେ ଅତି ସହଜ ଭାବରେ ଗ୍ରହଣ



ବିଶିଷ୍ଟ ହିନ୍ଦୀ ଗାୟକ ଉଦିତ୍ ନାରାୟଣଙ୍କ ସହ ଅନ୍ତରା



ବିଶିଷ୍ଟ ଲେଖିକା ପ୍ରତିଭା ରାୟ ଓ ବିଶିଷ୍ଟ ଲେଖକ ଦେବଦାସ ଛୋଟରାୟଙ୍କ ସହ ଅନ୍ତରା



ବମ୍ବେର ପ୍ରସିଦ୍ଧ ଗାୟକ ମହମ୍ମଦ ଅଜିଜ୍‌ଙ୍କ ସହିତ ଅନ୍ତରା

କରିପାରେ ଓ ଅତିକ୍ରମି ପାରେ ବି । ଏତେ କମ୍ ବୟସରେ ତା' ଭିତରେ ଆଧ୍ୟାତ୍ମିକ ଚିନ୍ତାଧାରା ମୋତେ ବିସ୍ମିତ କରେ । ସେ ସାଇ ଚେତନା ଦ୍ୱାରା ଉଦ୍‌ବୁଦ୍ଧ । ସାଇ, ସଙ୍ଗୀତ ଓ ଶିକ୍ଷା- ଏଇ ତିନୋଟି 'ସ'ର ସମ୍ମିଶ୍ରଣ ହିଁ ତା'ର ଜୀବନଶୈଳୀ । ସଙ୍ଗୀତ ଦୁନିଆରେ ସେ ପ୍ରତିଯୋଗୀତାକୁ ଭଲପାଏ ନାହିଁ । ତା' ଭିତରେ ଥିବା ଏକ ନିରୀହ ଓ ସରଳପଣ, ତାର ସଙ୍ଗୀତକୁ ବେଶୀ ସୁରିଲା କରେ ।

ତା ପାଇଁ ବଡ଼ ଉତ୍କଣ୍ଠାର ଦିନ ଥିଲା ୨୦୧୫ ମସିହା । ଯେତେବେଳେ ସେ ଆମେରିକା ଯାଇଥିଲା । ତାକୁ ଛାଡ଼ି ଦଶ ଦିନ ରହିବା ବଡ଼ ଯନ୍ତ୍ରଣାଦାୟକ ଥିଲା ମୋ ପାଇଁ । ଯଦିଓ ସେ ଏହା ଭିତରେ ତିନିଥର ଆମେରିକା ଓ ରୁଷିଆ ଭ୍ରମଣ କରି ସାରିଛି । ସେ ସତୁରୀରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ କଣ୍ଠଦାନ କରିବା ସହ ମର୍ଯ୍ୟାଦା ଜନକ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଛି । ହେଲେ ମୁଁ ଲକ୍ଷ୍ୟ କରିଛି ଏସବୁ ତା'ର ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଇ ପାରିନାହିଁ । ସେ ଯେମିତି ସରଳ, ସେମିତି ନିରୀହ ସବୁବେଳେ । ତା ସରଳତା ତା'ର ସ୍ୱର-ଲୟ-ତାଳ । ମୋତେ ତା' ଭିତରର ଶିଶୁ ସୁଲଭତା ଆନନ୍ଦ ଦିଏ ।

ଅନ୍ତରାର ବେଶୀ କେହି ସାଙ୍ଗ ନାହାନ୍ତି । ତା'ର ସ୍କୁଲ୍ ବେଳର ସାଙ୍ଗମାନେ ଆଜି ବି ତା'ର ବେଷ୍ଟ୍‌ଫ୍ରେଣ୍ଡ୍ । ଆଉ ମୋର ସବୁଠାରୁ ବେଷ୍ଟ୍‌ଫ୍ରେଣ୍ଡ୍ ହେଲା ସେ । ଅନ୍ତରା । ସେ ମୋ ସହିତ ସାଙ୍ଗ ପରି ମିଶେ ।



ଅନ୍ତରା ଏବେ ଏବେ ବମ୍ବେରେ ଦୁଇଟି ହିନ୍ଦୀ ସିନେମା 'ପୁଷ୍କର୍ ଲଜ୍' ଓ 'ପ୍ୟାର୍ ମେ ଜରା ସମ୍ଭଲ୍‌ନା'ରେ କଣ୍ଠଦାନ କରିଛି । ତେବେ ଏଥିରେ ତା' ସହିତ କଣ୍ଠଦାନ କରିଛନ୍ତି ଶାନ୍, ଅଭିଜିତ୍ ଭଟ୍ଟାଚାର୍ଯ୍ୟ, ଆଶା ଭୋଁସ୍‌ଲେଙ୍କ ପରି କିମ୍ବଦନ୍ତୀ କଣ୍ଠଶିଳ୍ପୀମାନେ । ଅନ୍ତରା ଯେତେବେଳେ 'ଶାନ୍'ଙ୍କ ସହିତ ଡୁଏଟ୍ ଗାଉଥିଲା ସେତେବେଳେ ବମ୍ବେର ପ୍ରଡ୍ୟୁସର୍ ଜଣକ ମୋତେ କୁଣ୍ଢେଇ ପକେଇ କହିଲେ, "ଅନ୍ତରା ଇଜ୍ ଏ ଗିଫ୍‌ଟେଡ୍ ସିଙ୍ଗର୍" । ଅନ୍ତରାର ଗାୟିକୀରେ ସେ ଏତେ ପ୍ରଭାବିତ ହୋଇଗଲେ ଯେ ଶ୍ରେୟା ଘୋଷାଲ୍ ପାଇଁ ଥିବା ଗୀତଟିକୁ ଅନ୍ତରାକୁ ନେଇ ବୋଲାଇଲେ । ସେଇ ସମୟରେ ବମ୍ବେର ଝଲ୍‌ମଲ୍ ସନ୍ଧ୍ୟା ମୋତେ ଅଲୌକିକ ଲାଗିଲା । ଆଉ ମୁଁ ସେତେବେଳେ ଭାବୁଥିଲି : ତା' ନାଁ ଅନ୍ତରା ଦେବା ବୋଧେ ବିଧିନିର୍ଦ୍ଦିଷ୍ଟ ଥିଲା !

ଝାଞ୍ଜିରି ମଙ୍ଗଳା, କଟକ-୭୫୩୦୦୯
ଫୋନ-୯୪୩୭୧୨୪୮୭୬



ନିଜ ମାଆ ଅରୁନ୍ଧତୀଙ୍କ ସହ ଅନ୍ତରା




ବାପା ମୋହିତ ଚକ୍ରବର୍ତ୍ତୀଙ୍କ ସହ ସାନ ବେଳର ଅନ୍ତରା

## ବହି ବିଚାର




●ପୁସ୍ତକର ନାମ: **ତୁମ ଗାଁ ବର୍ଷା** ●ସ୍ରଷ୍ଟାଙ୍କ ନାମ : **ଧନଞ୍ଜୟ ସ୍ୱାଇଁ**
●ପ୍ରକାଶକଙ୍କ ନାମ : **ପଶ୍ଚିମା ପବ୍ଲିକେଶନ୍ସ୍,** ଭୁବନେଶ୍ୱର ●ମୂଲ୍ୟ : **୧୦୦/-**

**ସାରୁପତ୍ରରେ ପ୍ରେମର ଚୁନା ଚୁନା ଦାନା ରଖି ସାରା ବର୍ଷାଋତୁ ଅପେକ୍ଷା କରେ ସେ, ଦେଖାହେଲେ ଦେଇଦେବ ବୋଲି । ପ୍ରିୟା କ'ଣ ଆସେ କେବେ ତା' ଗାଁରୁ ଏ ସହରକୁ ! ଆସେ ଖାଲି ହାତଲେଖା ଚିଠି । ପ୍ରିୟତମର 'ଅପେକ୍ଷା' ଓଦାମାଟିର ବାସ୍ନା ପରି ମିଳେଇଯାଏ ପବନରେ । ପ୍ରେମ ଓ ପ୍ରଣୟର ପରିଚ୍ଛନ୍ନ ବିଭୋରପଣ ହିଁ କବି ଧନଞ୍ଜୟ ସ୍ୱାଇଁଙ୍କ ପୁଞ୍ଜି । ଆବେଗର ରସରେ ଜୁଡୁବୁଡୁ ଶବ୍ଦ ଓ ଭାବକୁ ନେଇ ସେ ସର୍ଜନା କରିପାରନ୍ତି ମୁଠା ମୁଠା କାବ୍ୟକବିତା । ରୋମାଣ୍ଟିକତାର ନଇତୁଠ ତାଙ୍କ ପାଇଁ ତପସ୍ୟାର ତୀର୍ଥ । 'ତୁମ ଗାଁ ବର୍ଷା' ତେଣୁ ବର୍ଷା ନୁହେଁ, ଯୌବନର ପିଣ୍ଡୁଲାଏ ନିଆଁ, କିନ୍ତୁ ଲୋଭନୀୟ ଓ କମନୀୟ ।**



# ଲୋଭନୀୟା

# ଲେସ୍ଲୀ



# ଆରମ୍ଭରୁ ଜାଣିଥିଲି ମୁଁ ଷ୍ଟାର ହେବି

# ଲେସ୍‌ଲି




ସାକ୍ଷାତ୍ :

**କୃଷ୍ଣ କୁମାର ମହାନ୍ତି**

ଫଟୋ ସୌଜନ୍ୟ : ଲେସ୍‌ଲୀ






ଅଭିନେତ୍ରୀ ଭାବେ **ଲେସ୍‌ଲି ତ୍ରିପାଠୀ** (ଲେଜ୍‌ଲି ତ୍ରିପାଠୀ ଭାବେ ମଧ୍ୟ ପରିଚିତା) ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ ୨୦୧୪ ମସିହାରେ, ବଲିଉଡ୍ ଫିଲ୍ମ **'W'** ମାଧ୍ୟମରେ । ତରୁଣ ମଦନ ଚୋପ୍ରାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ତାଙ୍କୁ ଦେଇଥିଲା ବିଶେଷ ଖ୍ୟାତି । ଇଂଲିଶ୍ ପ୍ରଫେସର୍ ଡକ୍ଟର ଶୈଳେନ୍ଦ୍ର ନାରାୟଣ ତ୍ରିପାଠୀ ଏବଂ ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପିକା ଅଶୋକା ତ୍ରିପାଠୀଙ୍କ ଝିଅ ଲେସ୍‌ଲି ବଲିଉଡ୍‌କୁ ଆସିବାର ବହୁପୂର୍ବରୁ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ଚଳଚଞ୍ଚଳ ଥିଲେ । କେନ୍ଦ୍ରାପଡ଼ାରେ ଜନ୍ମଗ୍ରହଣ କରିଥିବା ଏହି ଭାରତୀୟ ଅଭିନେତ୍ରୀ ଜଣକ ଇଂଲିଶ୍‌ରେ ଲେଖନ୍ତି କବିତା । ପୁଣି କେବେ କେବେ ସାମ୍ବାଦିକତା ବି । ମହିଳା ଅଧିକାର ପାଇଁ କାର୍ଯ୍ୟ କରୁଥିବା ଲେସ୍‌ଲି ବିଦେଶରୁ ଶିକ୍ଷା ଲାଭ କରିବା ସହ ଚେନ୍ନାଇର ଏସିଆନ୍ କଲେଜ ଅଫ୍ ଜର୍ଣ୍ଣାଲିଜିମ୍‌ରୁ ସାମ୍ବାଦିକତାର କୋର୍ସ ସମାପ୍ତ କରିଛନ୍ତି । ସମ୍ପ୍ରତି ମହାନଦୀ ସୁରକ୍ଷା ଯୋଜନାର 'ୟୁଥ୍ ଆମ୍ବାସୋଡ଼ର୍' ଥିବା ଲେସ୍‌ଲି ତାମିଲ୍, ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରି ସମେତ ଛତିଶଗଡ଼ି ଚଳଚ୍ଚିତ୍ରରେ ଫୁଲ୍‌ଦମ୍ କାମ କରୁଛନ୍ତି । ସୁଟିଂ ବ୍ୟସ୍ତତାରୁ ସମୟ ବାହାର କରି **'ରେବତୀ'** ପାଇଁ ସାକ୍ଷାତକାର ଦେବାବେଳେ ସେ ସେଇ ପୂର୍ବର ଚୁଲ୍‌ବୁଲୀ ଲେସ୍‌ଲି ଲାଗୁଥିଲେ ।



● **ପିଲାଦିନ ଆପଣଙ୍କର କେଉଁଠି କଟିଛି ଓ କେମିତି କଟିଛି ?**

■ ପିଲାଦିନଟି ମୋର ବେଶି ଭାଗ ବୁଲାବୁଲିରେ କଟିଛି । ପ୍ରଚୁର ବୁଲିଛି ମୁଁ । ତେବେ ମୋର ପ୍ରିୟ ସ୍ମୃତିଗୁଡ଼ିକ ଏବେବି ଯାହା ଖୁଣ୍ଟୁବୁଛୁ ହୁଏ, ସେସବୁ ସ୍ମୃତି ମୁଁ ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ କେନ୍ଦ୍ରାପଡ଼ାରେ କାଟିଥିବା ସମୟ ସହ ଜଡ଼ିତ । ପିଲାଦିନ ସବୁ ଏହିସବୁ ସ୍ଥାନମାନଙ୍କରେ କଟିଛି । ଅଭୁଲା ସ୍ମୃତି ସେସବୁ ।

● **କେବେ ଭାବିଥିଲେ ଅଭିନେତ୍ରୀ ହେବେ ? କେମିତି ଏ ଅଭିନୟ ଜଗତକୁ ଆସିଲେ ?**

■ ଭାବିବି କ'ଣ, ମୁଁ ଆରମ୍ଭରୁ ଜାଣିଥିଲି ଯେ ମୋ ଭିତରେ 'ତାରକା' ହେବାର ଏକ 'ସ୍ପାର୍କ' ଅଛି ବୋଲି । ମୁଁ ସର୍ବଦା ଚାହୁଁଥିଲି ଲୋକଙ୍କର ହୃଦୟରେ ରାଜ୍ କରିବାକୁ । ସ୍କୁଲ୍‌ରେ ପଢ଼ିବା ବେଳେ ତେଣୁ ମୋତେ କୁହାଯାଉଥିଲା 'ସ୍ୱପ୍ନସୁନ୍ଦରୀ' ବା 'ଡ୍ରିମ୍‌ଗାର୍ଲ' । ଏପରିକି ମୋ ବାପାଙ୍କ ଛାତ୍ରଛାତ୍ରୀମାନେ ବି ମୋତେ ସେମାନଙ୍କର 'କ୍ୟୁଟ୍ କ୍ରସ୍' ବୋଲି କହୁଥିଲେ । ସେତେବେଳେ ଲୋକେ ଡ୍ରିମ୍‌ଗାର୍ଲ ଗୀତକୁ ମୋତେ ଉତ୍ସର୍ଗ କରୁଥିଲେ । ଧିରେ ଧିରେ, ମୁଁ ଭାବୁଛି, ଫିଲ୍ମ ଇଣ୍ଡଷ୍ଟ୍ରି ସହ ସଂପୃକ୍ତ ବ୍ୟକ୍ତିମାନେ ମୋତେ ଜାଣିଲେ ଏବଂ ମୁଁ ଗୋଟେ ଇଂଲିଶ୍ ଫିଲ୍ମରେ ଅଭିନୟର ଅଫର୍ ପାଇଲି । ସେ ଫିଲ୍ମର ନାମ ଥିଲା 'ୱିମେନ୍' । ଏ ଅଫର୍ ଆସିଥିଲା ଜର୍ଜିଆରୁ । ତା' ପରେ ପରେ ମୁଁ ଓଡ଼ିଆ ଆଡ୍ ଫିଲ୍ମରେ ଅଭିନୟ କଲି । ତା' ସହିତ ମଡେଲିଂ ମଧ୍ୟ କଲି ।

● **ପ୍ରଥମ କେଉଁ ଫିଲ୍ମ ମାଧ୍ୟମରେ ଆପଣ ପ୍ରବେଶ କରିଥିଲେ ? ସେ ଫିଲ୍ମର ଅଫର୍ କେମିତି ଆସିଲା ?**

■ ମୋର ପ୍ରଥମ ଅଭିନୀତ ଫିଲ୍ମଟି ଥିଲା ଇଂରାଜୀ ଭାଷାର ଏକ ଚଳଚ୍ଚିତ୍ର 'ଏ ୱିମେନ୍ ଫ୍ରମ୍ ଜର୍ଜିଆ' । ଏ ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଅଭିନୟ ପାଇଁ ଝିଅଟିଏ ଖୋଜିବାକୁ ଭାରତ ଆସିଥିଲେ ଏହାର ନିର୍ମାତା । ସେମାନେ ଭଲ ଇଂରାଜି କହିପାରୁଥିବା ଝିଅ ଖୋଜୁଥିଲେ । ମୁଁ ଅଡିସନ୍ ଦେଲି ଓ ସିଲେକ୍ଟ ହେଲି । ଏହାପରେ ହିନ୍ଦୀ ଚଳଚ୍ଚିତ୍ର 'W' ମାଧ୍ୟମରେ ବଲିଉଡ୍‌କୁ ପ୍ରଥମ ପ୍ରବେଶ ହେଲା ମୋର । ମୁଁ ଏହି ଚଳଚ୍ଚିତ୍ରରେ ଜଣେ ମୁସ୍‌ଲିମ୍ ଝିଅ ରୁହୀ ମଲିକ୍ ଭୂମିକାରେ ଅଭିନୟ କରିଥିଲି ଏବଂ ଏଥିରେ ଅଭିନୟ କରି ମୁଁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଥିଲି ମଧ୍ୟ ।

● **ପ୍ରଥମ ଫିଲ୍ମର ପହିଲି ଅନୁଭବ କେମିତି ଥିଲା ? ଭୟ, ନର୍ଭସ୍ ବା ଅତି ଆନନ୍ଦ- କ'ଣ ଲାଗୁଥିଲା ?**

■ ମୋର ପ୍ରଥମ ଫିଲ୍ମ 'W' ପାଇଁ ମୁଁ ଖୁବ୍ ଉତ୍କଣ୍ଠିତ ଥିଲି । କାରଣ ତାହା ଥିଲା ମୋର ଡେବ୍ୟୁ ଫିଲ୍ମ ବଲିଉଡ୍ ପାଇଁ । ମୁଁ ଚାହୁଁଥିଲି ସାରା ବିଶ୍ୱ ଦେଖୁ ମୋର ଯନ୍ତ୍ରଣା, ଆନନ୍ଦ ଓ ନୃତ୍ୟ । ମୋ ଭାଇ ଶେକ୍ସପିଅର୍ ହିଁ ମୋତେ ଏ ଚଳଚ୍ଚିତ୍ର ପାଇଁ ଅଡିସନ୍ ଦେବାକୁ କହିଥିଲା । ସେ ବଲିଉଡ୍ ଓ ହଲିଉଡ୍‌ର ଜଣେ ଆକ୍ଟର୍ ।

● **ଆଜିର ସମୟରେ ଆପଣ ଭୋଜ୍‌ପୁରୀ ଫିଲ୍ମ ଦୁନିଆ ସହ ଜଡ଼ିତ ! ଏଠି ଆପଣଙ୍କୁ ନେଇ ରେସ୍‌ପୋନ୍ସ କେମିତି ?**


■ ସତ କହିଲେ, ମୋ ଚଳଚ୍ଚିତ୍ର ଗୁଡ଼ିକ ଭୋଜପୁରୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ସୁପରହିଟ୍ ହେଉଥିବା ହେତୁ ମୋର ଏଠି ଡିମାଣ୍ଡ ରହିଛି । ମୋ ଫିଲ୍ମ ଗୁଡ଼ିକ ଛତିଶଗଡ଼ ସମେତ ଟଲିଉଡ୍, କଲିଉଡ୍‌ରେ ଭଲ ଚାଲୁଥିବାରୁ ମୁଁ ବହୁତ ଖୁସି ଅନୁଭବ କରୁଛି । 'ରଙ୍ଗରସିଆ, ଦି ଜେଣ୍ଟେଲ୍ ମ୍ୟାନ୍' ଚଳଚ୍ଚିତ୍ରଟି ତ ବ୍ଲକ୍‌ବଷ୍ଟର୍ ଛତିଶଗଡ଼ରେ ଏବଂ ଏହା ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ଲାଭ କରିଛି । ମୁଁ ଅତ୍ୟନ୍ତ ଆନନ୍ଦିତ ଯେ, ଏଠାକାର ଦର୍ଶକଙ୍କ ଭଲପାଇବା ଯୋଗୁଁ ମୁଁ ସଫଳ ହେବା ସହ ମୋ ଓଡ଼ିଶାର ନାଁ ଗୌରବ ମଣ୍ଡିତ କରିପାରୁଛି ।

● **ଓଡ଼ିଶାର ଚଳଚ୍ଚିତ୍ର ଜଗତ ଆପଣଙ୍କ ପାଇଁ ଉପଯୁକ୍ତ ସ୍ଥାନ ନୁହେଁ ବୋଲି ଭାବୁଛନ୍ତି କି ?**

■ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ ପାଇଁ ଭଲ କାହାଣୀ ଓ ଭଲ ସ୍କ୍ରିପ୍ଟ ମିଳିଲେ ମୁଁ ନିଶ୍ଚୟ କାମ କରିବି । ଗୋଟେ ଅଭିନେତ୍ରୀ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ କିଛି ନାହିଁ ।

● **କେତୋଟି ଓଡ଼ିଆ ଫିଲ୍ମରେ କାମ କରିଛନ୍ତି ଓ କ'ଣ କଣ ସେସବୁ, କହିବେ କି ?**

■ ନା, ମୁଁ କୌଣସି ଗୋଟିଏ ବି ଓଡ଼ିଆ ଫିଲ୍ମରେ ଅଭିନୟ କରିନାହିଁ ।



**● ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରି ସହ ମଧ୍ୟ କାମ କରିଛନ୍ତି । କେଉଁ ଫିଲ୍ମ ଓ କେମିତି ଥିଲା ଅଭିଜ୍ଞତା ?**

■ ମୁଁ ତେଲୁଗୁ ଓ ତାମିଲ୍ ଚଳଚ୍ଚିତ୍ରରେ ଅଭିନୟ କରିଛି । ତେଲୁଗୁ ଫିଲ୍ମ 'ଚୁସିନୋଡ଼ିକି ଚୁସିନାଆ'ରେ ମୁଁ ଅଭିନୟ କରିଛି । ସେହିପରି ମୋ ତାମିଲ୍ ଫିଲ୍ମର ନାମ ହେଲା 'ଇଦ୍ଧୁ ଭେଡାଲାମ୍ ସଲ୍ଲୁମ୍ କାଥାଇ' ।

**● ଜଣେ ବହୁମୁଖୀ ଅଭିନେତ୍ରୀ ହେବାକୁ ଇଚ୍ଛା ଅଛି ନା କେବଳ ନାୟିକା ଭାବେ ନିଜକୁ ତିଆରି କରିବେ ?**

■ କେବଳ ଅଭିନୟ ନୁହେଁ, ଏତଦ୍‌ଭିନ୍ନ ଅନେକ ପ୍ରକାର କାର୍ଯ୍ୟ କରିଥାଏ ମୁଁ । ନାରୀ ଶିକ୍ଷା ଓ ନାରୀ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ଜାଗୃତି ମିଡ଼ିଆ ଫାଉଣ୍ଡେସନର 'ନାରୀ ଶକ୍ତି'ର ମୁଁ ମୁଖ୍ୟ ଭାବେ ରହିଛି । 'ବିକଜ୍ ଆଇ ଆମ୍ ଏ ଗାର୍ଲ' ନାମକ ମୁଁ ଗୋଟିଏ ବହିର ସ୍ରଷ୍ଟା । ମୋର ପ୍ରଶଂସକ ଏବଂ କଲେଜ ଲାଇବ୍ରେରୀମାନେ ମୋ ବହି କିଣିଥାନ୍ତି । ମୁଁ ଏସିଆ ମହାଦେଶର ଏକ ଟପ୍ କଲେଜରୁ ଜର୍ଣ୍ଣାଲିଜିମ୍ କରିଛି । ମୋ ପାଖରେ ଅଭିନୟର ବ୍ୟସ୍ତତା ନଥିଲେ ମୁଁ ସାମ୍ବାଦିକତାରେ ଧ୍ୟାନ ଦିଏ ଏବଂ ସାମାଜିକ କାର୍ଯ୍ୟରେ ମନ ଦେଇଥାଏ । ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡ଼ିକ ଉପରେ ସଚେତନତା ସୃଷ୍ଟି କରିବା ସହ ଲୋକଙ୍କ ଜୀବନଯାପନର ଉନ୍ନତି ଦିଗରେ ସାହାଯ୍ୟ କରେ । ମହାନଦୀ ସୁରକ୍ଷା ଅଭିଯାନର ମୁଁ ଏକ ଅଂଶ, ବୃକ୍ଷରୋପଣ ମଧ୍ୟ ମୋର ଆଉ ଏକ କାର୍ଯ୍ୟ । ମୁଁ ଅନେକ ଗୁଡ଼ିଏ ବ୍ରାଣ୍ଡ୍‌ର 'ବ୍ରାଣ୍ଡ୍ ଆମ୍ବାସୋଡ଼ର୍' ହେବା ସହ ମୁମ୍ବାଇର ବସ୍ତି ପିଲାଙ୍କୁ ଇଂଲିଶ ପଢ଼ାଏ । ଉଫ୍‌ଫ୍...ମୋ ପାଖରେ କେତେ କାମ ! ଭର୍ସାଟିଲିଟୀ ମୋର ପସନ୍ଦ ।

**● ଆପଣଙ୍କ ବାପା ଜଣେ ଲେଖକ । ଆପଣ ବି ଜଣେ କବି । ଲେଖକ ପରିବାରରୁ ଆସିଥିବାରୁ ଆପଣଙ୍କ ଭିତରେ କିଛି ଆବେଗ ରହିଛି । ଏହା କ୍ଷତି କରାଏ କି ?**

■ ହଁ, ମୁଁ ଖୁବ୍ ଭାବପ୍ରବଣ ଝିଅ । ମୁଁ ସହଜରେ କାନ୍ଦି ପକାଏ । ମୋ ଚାରିପାଖର ଲୋକମାନଙ୍କ ପାଇଁ ମୁଁ ବେଶ୍ ସମ୍ବେଦନଶୀଳ । ଯଦିଓ ଏହା ମୋତେ ଅଭିନୟରେ ସାହାଯ୍ୟ କରେ । ମୁଁ ଫିଲ୍ମରେ କାନ୍ଦିବା ପାଇଁ ଗ୍ଲିସେରିନ୍ ବ୍ୟବହାର କରେନି । ତେଣୁ ଆବେଗ ପ୍ରବଣତା ମୋର କୌଣସି କ୍ଷତି କରେନାହିଁ, ଅଧିକନ୍ତୁ ମୁଁ ଲାଭାନ୍ୱିତ ।

### ଲେସ୍‌ଲୀ : ଜଣାଅଜଣା

- ପ୍ରିୟ ଖାଦ୍ୟ : ପୁରୀର ଅବଢ଼ା, ଛେନାପୋଡ଼
- ଆଦର୍ଶ ମଣିଷ : ମୋ ବାପା ଓ ମାଆ
- ପ୍ରିୟ ହବି : ଫିଲ୍ମରେ ଅଭିନୟ
- ପ୍ରିୟ ରଙ୍ଗ : ହଳଦିଆ
- ପ୍ରିୟ ପୁସ୍ତକ : ମୋ ବାପାଙ୍କ ରଚିତ ସବୁ ପୁସ୍ତକ । ଏହାଛଡ଼ା ଜେ.ଡି. ସାଲିଙ୍ଗର୍ ଓ ବାରାକ୍ ଓବାମାଙ୍କ ବହି
- ଭାଇଟାଲ୍ ଷ୍ଟାଟସ୍ : ୩୬-୨୮-୩୬
- ଦେବତାଙ୍କୁ ପୂଜା କରନ୍ତି : ହଁ । ଦେବତା ମୋର ପ୍ରିୟ ବନ୍ଧୁ । ପୃଥିବୀରେ ମୋର ଦେବତା ମୋ ବାପା ଓ ବଡ଼ମାନେ ।
- ପ୍ରିୟ ଦେବତା : ଶ୍ରୀଜଗନ୍ନାଥ, ମହାବୀର ହନୁମାନ ଓ ଶ୍ରୀଗଣେଶ
- ପ୍ରିୟ ଶବ୍ଦ : ପ୍ରେମ । ତେବେ ଗୋଗୋଲ୍ ମୋର ଡାକ ନାମ ହୋଇଥିବାରୁ ଏ ଶବ୍ଦଟି ବି ମୋର ପ୍ରିୟ ।
- ପ୍ରିୟ ଦିବସ : ଜୁନ୍ ୨୬, ମୋ ଜନ୍ମଦିନ
- କେତେବେଳେ କାନ୍ଦ ଆସେ : ଯେତେବେଳେ ଲୋକେ ମୋତେ ବୁଝନ୍ତି ଓ ମୋ ପ୍ରତି ସେମାନଙ୍କର ଭଲ ପାଇବା ଦେଖାନ୍ତି, ସେତେବେଳେ ଆବେଗରେ କାନ୍ଦି ପକାଏ ।



▲ସୁପରଷ୍ଟାର୍ ଶିବାଜୀଙ୍କ ସହ ତେଲୁଗୁ ଫିଲ୍ମ 'ଚୁଷିନୋଡ଼ିକି ଭୁସିନାନ୍ଟୁ'ରେ ଲେସ୍‌ଲି



▲ଲେସ୍‌ଲି ଓ ଶିବାଜୀ ତେଲୁଗୁ ଫିଲ୍ମ 'ଚୁଷିନୋଡ଼ିକି ଭୁସିନାନ୍ଟୁ'ରେ



▲'ଚୁଷିନୋଡ଼ିକି ଭୁସିନାନ୍ଟୁ'ର ମ୍ୟୁଜିକ୍ ଲଞ୍ଚିଂରେ ଲେସ୍‌ଲି (ମଝି)


▲ହେମାମାଳିନୀଙ୍କ ସହ ଏକ ଆଡ୍ ଫିଲ୍ମରେ ଲେସ୍‌ଲି

# FORM I
# FORM OF DECLARATION
## (see rule 3)

I, **Mrs Subasini Jena** declare that I am the printer and publisher of the magazine entitled **Rebati Ama Matira Swara** to be printed and published at **Balasore** and that particulars in respect of the said magazine given hereunder are true to the best of my knowledge and belief.

| | | |
|---|---|---|
| **1. Title of the magazine** | : | **REBATI AMA MATIRA SWARA** |
| **2. Language in which it is (to be), published** | : | **ODIA (ORIYA)** |
| **3. Periodicity of its publication** | : | **MONTHLY** |
| **4. Retail selling price per copy** | : | **RS 30/-** |
| **5. Publisher's name** | : | **MRS SUBASINI JENA** |
| • Nationality | : | **INDIAN** |
| • Address | : | **MANSINGH BAZAR, P.O - MOTIGANJ, DIST - BALASORE ODISHA, PIN CODE: 756001** |
| **6. Place of publication** | : | **BALASORE** |
| (please give the complete postal address) | : | **MANSINGH BAZAR, P.O - MOTIGANJ, DIST - BALASORE ODISHA, PIN CODE: 756001** |
| **7. Printer's name** | : | **MRS SUBASINI JENA** |
| • Nationality | : | **INDIAN** |
| • Address | : | **MANSINGH BAZAR, P.O - MOTIGANJ, DIST-BALASORE ODISHA, PIN CODE: 756001** |
| **8.** Name(s) of the printing press where the magazine is actually printed and the true and precise description of the premises on which the press is installed. | : | **Print-Tech Offset Pvt Ltd., Plot No : F66/1 & F66/2 Chandaka Industrial Area, P.O. : KIIT, Near Shailashree Vihar Jagannath Temple Bhubaneswar-751024, Odisha** |
| **9. Editor's name** | : | **MRS SUBASINI JENA** |
| • Nationality | : | **INDIAN** |
| • Address | : | **MANSINGH BAZAR, P.O - MOTIGANJ, DIST - BALASORE ODISHA, PIN CODE: 756001** |
| **10. Owner's name (s)** | : | **MRS SUBASINI JENA** |
| (a) Please state the particulars of individual(s) or of the Joint Stock Company, which owns the magazine | : | **Owner of Rebati Media House Pvt Ltd which Owns the magazine Rebati Ama Matira Swara** |
| (b) Please state whether the owner owns any other newspaper, and, if so, its name, periodicity, language and place of publication. | : | **N.A.** |
| **11.** Please state whether the declaration is in respect of (a) a new newspaper, or (b) an existing newspaper, (c) in case the declaration falls under item (b), the reason for filing the fresh declaration. | : | **A new magazine** |

**S/d**
**SUBASINI JENA**
**Publisher**
**Rebati Ama Matira Swara**

# ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ
# ବିଶେଷ ସୂଚନା




❖ ବିଦ୍ୟୁତ୍ ଦେୟ ପୈଠ ପାଇଁ ଉପଲବ୍ଧ ବିଭିନ୍ନ ବ୍ୟବସ୍ଥା / ସୁବିଧା ମାଧ୍ୟମରେ ନିଜର ବିଦ୍ୟୁତ୍ ଦେୟ ସଂପୂର୍ଣ୍ଣ ବକେୟା ସହିତ ଯଥାସମୟରେ ପୈଠ କରନ୍ତୁ ।

❖ ଅସାଧୁ ଉପାୟରେ ବିଦ୍ୟୁତ୍ ବ୍ୟବହାର କରନ୍ତୁ ନାହିଁ । ଏହା ଏକ ଧର୍ତ୍ତବ୍ୟ ଓ ଦଣ୍ଡନୀୟ ଅପରାଧ ଅଟେ ।

❖ ସର୍ବଦା ଆଇନ୍‌ସମ୍ମତ ବିଦ୍ୟୁତ୍ ବ୍ୟବହାର କରନ୍ତୁ ।

❖ ଶକ୍ତି ସଂରକ୍ଷଣ ଓ ଏହାର ସୁରକ୍ଷିତ ବ୍ୟବହାର ଦିଗରେ ସର୍ବଦା ସଚେତନ ରୁହନ୍ତୁ ।

❖ ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ସୁନିଶ୍ଚିତ କରିବା ଦିଗରେ ଗ୍ରୀଡ୍‌କୋ କର୍ତ୍ତୃପକ୍ଷ ଆପଣଙ୍କର ସହଯୋଗ କାମନା କରୁଛନ୍ତି ।

GRIDCO
Empowering Odisha

## ଗ୍ରୀଡ୍‌କୋ ଲିମିଟେଡ୍

ପଞ୍ଜୀକୃତ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର - ୭୫୧୦୨୨
www.gridco.co.in, CIN : L40109OR1995SGC003960

The **REBATI AMA MATIRA SWARA** • October 2018 Vol - 1 Issue - 1 • R.N.I. Title Code : ODIODI 07916 • Rs. 30
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**